# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୧୫/୨୦୧୮ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, September 15 / 2018 (Career & Appointment) ★★★★★★

୪୪ଶ ଭାଗ ୨୯୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




## ଶୁଟର ବିଜୟବୀରଙ୍କୁ ସ୍ୱର୍ଣ୍ଣ

ଆଇଏସ୍ଏସ୍ଏଫ୍ ବିଶ୍ୱ ଚାମ୍ପିୟନଶିପ୍ ୨୫ ମିଟର ଷ୍ଟାଣ୍ଡାର୍ଡ ପିସ୍ତଲ ଇଭେଣ୍ଟରେ ଭାରତର ବିଜୟବୀର ସିଦ୍ଧୁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ।

୧୮

୧୫

## ହୃଦୟ ସହ ଭଲପାଏ ଗଣେଶ ଉତ୍ସବ: ସୋନାଲି

ନ୍ୟୁୟର୍କରେ ଚିକିତ୍ସାଧୀନ ତଥା ମେଟାଷ୍ଟାଟିକ୍ କ୍ୟାନ୍ସରରେ ପୀଡିତ ବଲିଉଡ୍ ଅଭିନେତ୍ରୀ ସୋନାଲି ବେନ୍ଦ୍ରେ ଗଣେଶ ପୂଜା ସହ କିପରି ଜଡ଼ିତ ସେ ବିଷୟ ଟୁଇଟର୍‌ରେ ଶେୟାର କରିଛନ୍ତି।



### ଜମ୍ମୁ-କଶ୍ମୀରରେ ଦୁର୍ଘଟଣା

# ଖାତକୁ ଖସିଲା ବସ୍: ୧୭ ମୃତ



ଦୁର୍ଘଟଣାଗ୍ରସ୍ତ ବସ୍।

କିସ୍ତୱାର, ୧୪।୯(ପି.ଟି.)

ଜମ୍ମୁ-କଶ୍ମୀରର କିସ୍ତୱାର ଜିଲାରେ ଶୁକ୍ରବାର ଏକ ବସ୍ ଦୁର୍ଘଟଣା ଘଟି ୧୭ ଜଣ ପ୍ରାଣ ହରାଇଛନ୍ତି। ସକାଳେ ମିନିବସ୍‌ଟି କେଶୱାନ ଅଞ୍ଚଳରୁ କିସ୍ତୱାର ଅଭିମୁଖେ ଯାତ୍ରା କରୁଥିଲା। ଥକରାଇ ନିକଟସ୍ଥ ଦନ୍ଦରାନ୍ ଦେଇ ଯାଉଥିବାବେଳେ ଯାନ ଉପରୁ ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ତାହା ୩୦୦ ଫୁଟ ଉପରୁ ଖାତକୁ ଖସିପଡ଼ିଥିଲା। ଏହି ଘଟଣାରେ ଅନ୍ୟ ୧୬ ଜଣ ମଧ୍ୟ ଆହତ ହୋଇଥିବା ସୂଚନା ମିଳିଛି।

କିସ୍ତୱାର ଜିଲା ବିକାଶ କମିଶନର ଅଙ୍ଗ୍ରେଜ ସିଂ ରାଣାଙ୍କ ସୂଚନା ମୁତାବକ ଦୁର୍ଘଟଣାଗ୍ରସ୍ତ ବସ୍‌ଟି ଚେନାବ୍ ନଦୀକୂଳରେ ପଡ଼ିବା ପରେ ସେନା, ☞ପୃଷ୍ଠା-୪

# ମୁହଁ ମୋଡୁଛି କେନ୍ଦ୍ର

ଭୁବନେଶ୍ୱର, ୧୪।୯(ବ୍ୟୁରୋ)

**ଓଡ଼ିଶାକୁ ଅଣଦେଖା**

- ବିପତ୍ତି, କେନ୍ଦ୍ରୀୟ ଯୋଜନାରୁ ମିଳୁନାହିଁ ସହାୟତା
- ପିଏମ୍ଏୱାଇ-ଜି, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବନ୍ଦ ହେବା ଆଶଙ୍କା

ପ୍ରାକୃତିକ ବିପର୍ଯ୍ୟୟ ଘେରରେ ଓଡିଶା। କେତେବେଳେ ବନ୍ୟା ତ ପୁଣି କେତେବେଳେ ବାତ୍ୟା, ମରୁଡ଼ି, ଅଦିନିଆ ବର୍ଷା ରାଜ୍ୟକୁ ବିପର୍ଯ୍ୟୟ ମୁହଁକୁ ଠେଲି ଦେଉଛି। ପ୍ରତିବର୍ଷ କିଛି ନା କିଛି ବିପତ୍ତି ରାଜ୍ୟର ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଉଛି। ଗତ ୫ ବର୍ଷ ମଧ୍ୟରେ ରାଜ୍ୟ ଅନେକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଗୋଟିଏ ପଟେ ପ୍ରାକୃତିକ ବିପତ୍ତି ରାଜ୍ୟକୁ ଦୋହଲାଇ ଦେଉଥିବା ବେଳେ ସହାୟତା ବଦଳରେ କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ଦାଉ ସାଧୁଛି । କେବଳ ପ୍ରାକୃତିକ ବିପତ୍ତି ନୁହେଁ କେନ୍ଦ୍ରୀୟ ଅନୁଦାନରେ ମଧ୍ୟ କେନ୍ଦ୍ର ସରକାରଙ୍କ ଟାଳଟୁଳ ନୀତି ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି।

ଗତ ୫ ବର୍ଷର କେନ୍ଦ୍ରୀୟ ସହାୟତାକୁ ଦେଖିଲେ ତାହା ଜଳଜଳ ହୋଇ ଦେଖାଯାଉଛି। ଏହି ସମୟ ମଧ୍ୟରେ ରାଜ୍ୟ ବାତ୍ୟା, ବନ୍ୟା, ମରୁଡ଼ି, ଅଦିନିଆ ବର୍ଷା, ରୋଗପୋକ ଆକ୍ରମଣ ଭଳି ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୨୦୧୩-୧୪ରୁ ୨୦୧୭-୧୮ ମଧ୍ୟରେ ରାଜ୍ୟ ସରକାର ପ୍ରାକୃତିକ ବିପତ୍ତିର ମୁକାବିଲା ପାଇଁ କେନ୍ଦ୍ର ସରକାରଙ୍କଠାରୁ ୮,୯୫୪.୬୧ କୋଟି ଟଙ୍କା ସହାୟତା ମାଗିଥିଲେ । କେନ୍ଦ୍ରୀୟ ସହାୟତା ୪ ଭାଗରୁ କମ୍ ମିଳିଛି, ଅର୍ଥାତ ୧୭୫୦.୫୨ କୋଟି ଟଙ୍କା।

୨୦୧୩ ଅକ୍ଟୋବର ୧୨ରେ ଫାଇଲିନ ବାତ୍ୟା ଗଞ୍ଜାମ ଉପକୂଳ ଦେଇ ଓଡିଶାକୁ ପ୍ରବେଶ କରିଥିଲା। ଏଥିରେ ୧୮ଟି ଜିଲାର ୧୭୧ଟି ବ୍ଲକର ୧୮ ହଜାର ୩୭୦ ଗ୍ରାମ ପ୍ରଭାବିତ ହୋଇଥିଲା। ୧୩ ନିୟୁତ ଲୋକ ପ୍ରଭାବିତ ହେବା ସହ ୪୪ ଜଣଙ୍କର ମୃତ୍ୟୁ ଘଟିଥିଲା। ୨ ଲକ୍ଷ ୫୬ ହଜାର ୬୦୦ ଘର ପ୍ରଭାବିତ ହୋଇଥିଲା। ରାଜ୍ୟ ସରକାର ଏହି ବାତ୍ୟାରେ ☞ପୃଷ୍ଠା-୪

# 'ଅଲିଭିଆ ହୋକ୍ସ'କୁ ନେଇ ଚିନ୍ତା

- ସତର୍କତା ଜାରି କଲା କ୍ରାଇମବ୍ରାଞ୍ଚ

କଟକ ଅଫିସ୍, ୧୪।୯

ଅନଲାଇନ ଗେମ୍ ବ୍ଲୁ ହ୍ୱେଲ, ମୋମୋ ଚ୍ୟାଲେଞ୍ଜର ଆତଙ୍କ ପରେ ଆଉ ଏକ ସମସ୍ୟା ସୃଷ୍ଟି କରିଛି 'ଅଲିଭିଆ ହୋକ୍ସ' । ଏହା ହେଉଛି ଏକ ଛଳନାତ୍ମକ ମେସେଜ୍, ଯାହା ସୋସିଆଲ ମିଡିଆ 'ହ୍ୱାଟ୍ସ ଆପ୍'ରେ ଆସୁଛି। କିଛି ଅସାମାଜିକ ବ୍ୟକ୍ତି ସୋସିଆଲ ମିଡିଆକୁ ଦୁରୁପଯୋଗ କରି ଯୁବପିଢ଼ିଙ୍କୁ ପ୍ରଥଭ୍ରଷ୍ଟ କରିବା ଲକ୍ଷ୍ୟରେ ଏସବୁ କରୁଛନ୍ତି। ବିଶେଷ କରି ସ୍କୁଲ, କଲେଜ ଯାଉଥିବା ପିଲାମାନଙ୍କୁ ଟାର୍ଗେଟ୍ କରାଯାଉଛି। ପିଲାମାନଙ୍କୁ ଏକ ଅଜଣା ନମ୍ବରରେ ହ୍ୱାଟ୍ସଆପ୍‌ରେ ମେସେଜ୍ ଆସୁଛି। ସେଥିରେ ଜଣେ କେହି ନିଜର ନାମ 'ଅଲିଭିଆ' ବୋଲି ଦର୍ଶାଉଛି। ଫୋନ ନମ୍ବର ବଦଳିଥିବା ଏବଂ ନୂଆ ନମ୍ବର ସେଭ୍ କରି ପୁରୁଣା ନମ୍ବର ଡିଲିଟ୍ କରିବାକୁ ଦର୍ଶାଉଛି। ☞ପୃଷ୍ଠା-୪


Crime Branch, Odisha Police
@CIDOdisha
Follow

New WhatsApp spam named Olivia Hoax is targeting young children by befriending them.
#Olivia
Parents are advised to keenly watch on children's online activity.
Dont accept any message from unknown or suspicious looking no.
#SayNOtoCyberStrangers



**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

ଦୁର୍ନୀତିବିରୋଧୀ ଯୋଗୀ

**ଆଜିର ମନ୍ତବ୍ୟ**

“ ସରକାରୀ କଲ୍ୟାଣ ଯୋଜନାର କାର୍ଯ୍ୟକାରିତା ପାଇଁ ଭାଷା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ ।

– ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି

# ଆନନ୍ଦବଜାରରେ ଭକ୍ତଙ୍କୁ ମାଡ଼

ପୁରୀ ଅଫିସ, ୧୪।୯

ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାର ମାମଲା ସୁପ୍ରିମ୍‌କୋର୍ଟରେ ବିଚାରାଧୀନ ରହିଛି। ବାରମ୍ବାର ଭକ୍ତଙ୍କୁ ମାଡ଼ ଏବଂ ଅସଦାଚରଣ ଭଳି ସଙ୍ଗିନ ଅଭିଯୋଗ ଉଠିବାରୁ ସର୍ବୋଚ୍ଚ ନ୍ୟାୟାଳୟ କେତେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଏହାର କାର୍ଯ୍ୟକାରିତାକୁ ନେଇ ହଟଚମଟ ଚାଲିଥିବା ବେଳେ ତଥାପି ଶ୍ରୀମନ୍ଦିରରେ ଦୈନନ୍ଦିନ କାର୍ଯ୍ୟରତ କେତେଜଣଙ୍କ ଚେତା ପଶୁନି। ଆଚରଣ ଓ ଉଚ୍ଚାରଣରେ ସେମାନେ ସୁଧାର ଆଣୁନାହାନ୍ତି। ଶୁକ୍ରବାର ପୁଣି ଆନନ୍ଦବଜାରରେ ଭକ୍ତଙ୍କୁ ମାଡ଼ ହୋଇଛି। ଜଣେ ବୋଝିଆ କୁଡୁଆରେ ଜଣେ ବୃଦ୍ଧ ଶ୍ରଦ୍ଧାଳୁଙ୍କ ମୁଣ୍ଡକୁ ପିଟି ଦେଇଥିବା ବେଳେ ମହିଳାଙ୍କ ହାତକୁ ଝିଙ୍କି ଦେଇଛନ୍ତି। ☞ପୃଷ୍ଠା-୪

# ଭଡାଘରୁ ମହିଳା ଡାକ୍ତରଙ୍କ ମୃତଦେହ ଜବତ

ଭୁବନେଶ୍ୱର, ୧୪।୯(ବ୍ୟୁରୋ)



ମନସ୍ୱିନୀ

- ପାଖରେ ପଡ଼ିଥିଲା ସିରିଞ୍ଜ, ମେଡିସିନ
- ହତ୍ୟା ଅଭିଯୋଗ ଆଣିଲେ ପରିବାର

ଚନ୍ଦ୍ରଶେଖରପୁର ଥାନା ଶ୍ରୀବିହାର ଅଞ୍ଚଳରେ ଥିବା ଏକ ଭଡାଘରୁ ପୋଲିସ ଜଣେ ମହିଳା ଡାକ୍ତରଙ୍କ ମୃତଦେହକୁ ଜବତ କରିଛି। ସେ ହେଲେ ବରଗଡ ଜିଲା ମେଲଛାମୁଣ୍ଡା ଅଞ୍ଚଳର ମନସ୍ୱିନୀ ବାରିକ(୩୦)। ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା(୬୪/୧୮) ରୁଜୁ କରି ଘଟଣାର ତଦନ୍ତ କରୁଛି। ମୃତଦେହ ନିକଟରୁ ପୋଲିସ ଏକ ସିରିଞ୍ଜ, ମେଡିସିନ ଏବଂ ଏକ ଡାଏରୀ ଜବତ କରିଛି। ମନସ୍ୱିନୀ ସିରିଞ୍ଜ ଦ୍ୱାରା ବିଷ ଇଞ୍ଜେକ୍ସନ ନେଇ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଅନ୍ୟପଟେ ମନସ୍ୱିନୀଙ୍କ ଆତ୍ମହତ୍ୟାକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସେମାନେ ଅଭିଯୋଗ କରିଛନ୍ତି। ☞ପୃଷ୍ଠା-୪

**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷ ଜୁଲାଇରେ ଦେଶର ପାଇକାରୀ ମୁଦ୍ରାସ୍ଫୀତି ୫.୦୯% ଥିବା ବେଳେ ଅଗଷ୍ଟରେ ଏହା ୪.୫୩%କୁ ହ୍ରାସ ପାଇଛି। –ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ


NATIONAL EGG CO-ORDINATION COMMITTEE 14.09.2018 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 54 | 98 | 108 |
| CTC | 54 | 98 | 108 |
| DKL | 54 | 98 | 108 |
| BDK | 56 | 101 | 111 |
| BLS | 56 | 101 | 111 |
| ANG | 56 | 101 | 111 |

*Conditions Apply

Eggs Retail Price- 46/-Dozen
Issued in the Interest of Consumers







# ପାଣି ଭାବି ଡିଜେଲ୍ ପିଇ ବାଳକଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ୍, ୧୪।୯

ପାଣି ଭାବି ପ୍ଲାଷ୍ଟିକ ବୋତଲରେ ଥିବା ଡିଜେଲ ପିଇ ଦେବାରୁ ଜଣେ ୫ ବର୍ଷୀୟ ବାଳକଙ୍କ ମୃତ୍ୟୁ ଘଟିଛି। ଗଞ୍ଜାମ ଜିଲା ଶେରଗଡ଼ ପଞ୍ଚାୟତ ରାମକୃଷ୍ଣପୁର ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତ ବାଳକ ହେଲେ କବିସୂର୍ଯ୍ୟନଗର ନିକଟସ୍ଥ ପଥରା ଗ୍ରାମର ଜି.ବିଦ୍ୟାଧର ରେଡ୍ଡୀଙ୍କ ପୁଅ ଅମିତ। ଅମିତ ୩ ଦିନ ତଳେ ରାମକୃଷ୍ଣପୁରସ୍ଥିତ ମାମୁ ଘରକୁ ଯାଇଥିଲେ। ଗୁରୁବାର ପୂର୍ବାହ୍ନରେ ସେ ଜଳଖିଆ ଖାଇସାରି ପାଣି ପିଇବାକୁ ଚାହିଁଥିଲେ। ସେ କାହାକୁ କିଛି ନ ପଚାରି ଘରେ ଏକ ପ୍ଲାଷ୍ଟିକ ବୋତଲରେ ଥିବା ଡିଜେଲକୁ ପାଣି ଭାବି ପିଇ ଦେଇଥିଲେ। କିଛି ସମୟ ପରେ ସେ ଅସୁସ୍ଥ ହୋଇ ପଡ଼ିବାରୁ ମାମୁଘର ଲୋକେ ତାଙ୍କୁ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ଅମିତଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଥିଲା। ବଡ଼ ମେଡିକାଲ ଫାଣ୍ଡିପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ବୈଦ୍ୟନାଥପୁର ଥାନାରେ ନଂ.୪୫୯/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପଥରାରେ ଅମିତଙ୍କ ମୃତଦେହକୁ ସଂସ୍କାର କରାଯାଇଛି।




ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୫ ସେପ୍ଟେମ୍ବର, ୨୦୧୮



‘ବସୁଧୈବ କୁଟୁମ୍ବକମ୍’ ନୀତି ଯୋଗୁ ଭାରତକୁ ଅନ୍ୟ ରାଷ୍ଟ୍ର ତୁଳନାରେ ଏକ ସ୍ୱତନ୍ତ୍ର ପରିଚୟ ମିଳିଛି। ଦାଉଦି ବୋହରା ମୁସଲମାନ ସମ୍ପ୍ରଦାୟର ଲୋକେ ସଚ୍ଚୋଟ ଉପାୟରେ ବାଣିଜ୍ୟ କାରବାର କରି ଏହାକୁ ବିଶ୍ୱ ବିଦିତ କରିଛନ୍ତି।
- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



## ସଂକ୍ଷେପରେ

### ପଚୌରିଙ୍କ ବିରୋଧରେ ହେବ ଚାର୍ଜଫ୍ରେମ୍



**ନୂଆଦିଲ୍ଲୀ,୧୪।୯(ପି.ଟି.):** ସହକର୍ମୀଙ୍କୁ ଅସଦାଚରଣ ମାମଲାରେ ଦ ଏନର୍ଜି ଆଣ୍ଡ ରିସୋର୍ସ ଇନ୍ଷ୍ଟିଚ୍ୟୁଟ୍ (ତେରି)ର ପୂର୍ବତନର ମୁଖ୍ୟ ଆର.କେ. ପଚୌରିଙ୍କ ଅଡୁଆ ବଢ଼ିଲା। ତାଙ୍କ ବିରୋଧରେ ଚାର୍ଜଫ୍ରେମ୍ ପାଇଁ ଶୁକ୍ରବାର ଦିଲ୍ଲୀର ଏକ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ ଚାରୁ ଗୁପ୍ତା କହିଛନ୍ତି ଭାରତୀୟ ଦଣ୍ଡ ସଂହିତା(ଆଇପିସିର)ର ଦଫା ୩୫୪, ୩୫୪କ ଏବଂ ୫୦୯ ଆଧାରରେ ମାମଲା ଚାଲିବ। କୋର୍ଟ ତାଙ୍କ ଉପରୁ କିଛି ଦଫାକୁ ହଟାଇ ଦେଇଛନ୍ତି। ଅକ୍ଟୋବର ୨୦ରେ ଏହି ମାମଲାର ଶୁଣାଣି ହେବ। ଉଲ୍ଲେଖଯୋଗ୍ୟ ଯେ ୨୦୧୫ ଫେବୃୟାରୀ ୧୩ରେ ପଚୌରିଙ୍କ ବିରୋଧରେ ଅସଦାଚରଣ ମାମଲା ରୁଜୁ କରାଯାଇଥିଲା। ଏହି ମାମଲାରେ ମଧ ତାଙ୍କୁ ମାର୍ଚ୍ଚ ୨୧ରେ ଅଗ୍ରିମ ଜାମିନ୍ ମିଳିଥିଲା। ୨୦୧୬ ମାର୍ଚ୍ଚ ୧ରେ ତାଙ୍କ ବିରୋଧରେ ପୋଲିସ ୧୪୦୦ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିଥିଲା। ଏହା ସହ କୁହାଯାଇଥିଲା ତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ନେଇ ସମସ୍ତ ପ୍ରମାଣ ରହିଛି।

### ସିକିମ୍, ଦାର୍ଜିଲିଂରେ ଭୂସ୍ଖଳନ

**ଗାଙ୍ଗଟକ୍,୧୪।୯(ପି.ଟି.):** ଲଗାତାର ଭାବରେ ଗତ କିଛି ଦିନ ହେବ ସିକିମ୍ ଓ ଦାର୍ଜିଲିଂରେ ବର୍ଷା ଓ ଭୂସ୍ଖଳନ ଜାରି ରହିଛି, ଯାହାଫଳରେ ରାସ୍ତାଘାଟ ସବୁ ବନ୍ଦ ରହିଛି। ଡୋଙ୍ଗୁ, ମଙ୍ଗାନ, ଲାଚିନ୍ ଏବଂ ମାଙ୍ଗଶିଲାର ରାସ୍ତା ବନ୍ଦ ରହିଛି। କେବଳ ସେତିକି ନୁହେଁ ସେଠାରେ ଥିବା ୫୦ ଘର ମଧ ଭାଙ୍ଗିଯାଇଛି। ବିଶେଷ କରି ମୋବାଇଲ ସେବା ବାଧାପ୍ରାପ୍ତ ହୋଇଛି।

### ୯ ଏଆଇସିସି ସମ୍ପାଦକ ନିଯୁକ୍ତ

ନୂଆଦିଲ୍ଲୀ, ୧୪।୯ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ଶୁକ୍ରବାର ଏଆଇସିସିର ୯ ନୂଆ ସମ୍ପାଦକଙ୍କୁ ନିଯୁକ୍ତ କରିଛନ୍ତି। ନିର୍ବାଚନ ଅଭିମୁଖୀ ତେଲେଙ୍ଗାନାର ସ୍କ୍ରିନିଂ କମିଟି ଗଠନ କରିଛନ୍ତି। ବରିଷ୍ଠ କଂଗ୍ରେସ ନେତା ଭକ୍ତଚରଣ ଦାସଙ୍କୁ ତେଲେଙ୍ଗାନା ସ୍କ୍ରିନିଂ କମିଟିର ଚେୟାରପର୍ସନ କରାଯାଇଥିବାବେଳେ ଜ୍ୟୋତିମଣି ସେନ୍ନିମାଲାଇ ଏବଂ ଶର୍ମିଷ୍ଠା ମୁଖାର୍ଜୀଙ୍କୁ ପ୍ୟାନେଲ୍ ସଦସ୍ୟ ନିଯୁକ୍ତ କରାଯାଇଛି। ପୂର୍ବତନ ସାଂସଦ ନାନା ପାଟୋଲ୍ଙ୍କୁ କିଷାନ କ୍ଷେତ ମଜଦୁର କଂଗ୍ରେସର ଅଧକ୍ଷ ଭାବରେ ନିଯୁକ୍ତି ଦିଆଯାଇଛି।

### ଜେଏନ୍ୟୁରେ ଏବିଭିପିର ବିବାଦୀୟ ପୋଷ୍ଟର

**ନୂଆଦିଲ୍ଲୀ,୧୪।୯(ପି.ଟି):** ଜେଏନ୍ୟୁରେ ଏବିଭିପିର ପୋଷ୍ଟରକୁ ନେଇ ଖୁବ୍ ଚର୍ଚ୍ଚା। ଛାତ୍ରସଂସଦ ନିର୍ବାଚନ ବେଳେ ଏବିଭିପିର ଏହି ପୋଷ୍ଟର ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଯୌନଶୋଷଣ ଏବଂ ଅସଦାଚରଣକୁ ରୋକିବା ପାଇଁ ସେଣ୍ଟ୍ରାଲ ଲାଇବ୍ରେରିକୁ ଝିଅମାନଙ୍କ ରାତିରେ ନଯିବା ଏବଂ ଛୋଟ ଛୋଟ ପୋଷାକ ପିନ୍ଧିବା ନିଷିଦ୍ଧ କରିବା ସହ ରାତିରେ ଛାତ୍ରଙ୍କ ହଷ୍ଟେଲକୁ ନଯିବା ଏବଂ ଜନ୍ମଦିନ ପାଳନ କରା ନ ଯିବା ନେଇ ପୋଷ୍ଟରରେ ଉଲ୍ଲେଖ କରାଯାଇଛି। ଏହା ସହ କ୍ୟାମ୍ପସରେ ଆମିଷ ପରସା ଯିବ ନାହିଁ ବୋଲି ଦର୍ଶାଯାଇଛି। ବାମଦଳ ଏଭଳି ଅପପ୍ରଚାର କରୁଛି ବୋଲି ଏନେଇ ଏବିଭିପିର ସୌରଭ ଶର୍ମା କହିଛନ୍ତି।

# ଯୌତୁକ ନିର୍ଯାତନା ମାମଲା: ପୋଲିସର କ୍ଷମତା ଫେରିଲା



## ରାୟରେ ପରିବର୍ତ୍ତନ ଆଣିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୪।୯**

ଯୌତୁକ ନିର୍ଯାତନା ମାମଲାରେ ବଧୂଙ୍କ ସ୍ୱାମୀ ଓ ଶ୍ୱଶୁର ଘର ଲୋକଙ୍କୁ ତ୍ୱରିତ୍ ଗିରଫଦାରିରୁ ରକ୍ଷା କରିବା ଲାଗି ଦେଇଥିବା ରାୟରେ ପରିବର୍ତ୍ତନ ଆଣିଛନ୍ତି ସୁପ୍ରିମକୋର୍ଟ। ଏଣିକି ଆଇପିସିର ଦଫା ୪୯୮-କ ଅନୁଯାୟୀ ଯୌତୁକ ନିର୍ଯାତନା ମାମଲା ହେଲେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ଏବଂ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିପାରିବ। କିନ୍ତୁ ଏହା ପୂର୍ବରୁ ଯଥୋଚିତ ତଦନ୍ତ ହେବା ଜରୁରୀ। ସମସ୍ତ ପକ୍ଷଙ୍କୁ ସମାନ ନ୍ୟାୟ ଦେବା ଲାଗି ଅଭିଯୋଗର ସତ୍ୟତା ପରଖିବା ମଧ ପୋଲିସର ଦାୟିତ୍ୱ ବୋଲି ପ୍ରଧାନ ବିଚାରପତି ଦୀପକ ମିଶ୍ର ଅଧକ୍ଷତା କରୁଥିବା ତିନିଜଣିଆ ଖଣ୍ଡପୀଠ କହିଛନ୍ତି।

ଆଇପିସିର ଦଫା ୪୯୮-କ’ର ଫାଇଦା ଉଠାଇ ଅନେକେ ବୋହୂ ମିଥ୍ୟା ଯୌତୁକ ନିର୍ଯାତନା ଅଭିଯୋଗ ଆଣୁଛନ୍ତି। ଏଭଳି କେତେକ ଘଟଣା ସାମ୍ନାକୁ ଆସିଛି। ଯୌତୁକ ନିରୋଧୀ ଆଇନର ଅପବ୍ୟବହାର ହେଉଥିବାରୁ ସୁପ୍ରିମକୋର୍ଟ ଚିନ୍ତାବ୍ୟକ୍ତ କରିବା ସହ ୨୦୧୭ ଜୁଲାଇ ୨୭ରେ ସାନି ନିର୍ଦ୍ଦେଶନାମା ଜାରି କରିଥିଲେ। ଏଥି ଅନୁଯାୟୀ ଯୌତୁକ ନିର୍ଯାତନା ଅଭିଯୋଗ ଆସିଲେ ପ୍ରଥମେ ପରିବାର କଲ୍ୟାଣ କମିଟି ତର୍ଜମା କରିବେ ଏବଂ ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ବୋଲି ଦୁଇଜଣିଆ ଖଣ୍ଡପୀଠ କହିଥିଲେ। କିନ୍ତୁ ଏହା ନିର୍ଯାତନାର



ଶିକାର ହେଉଥିବା ବିବାହିତା ମହିଳାଙ୍କ ପାଇଁ ଅଡୁଆ ସୃଷ୍ଟି କରିଛି। ତେଣୁ ସବୁ ପକ୍ଷକୁ ସମାନ ସୁଯୋଗ ଦେବା ପାଇଁ ପୂର୍ବର ରାୟକୁ ବଦଳାଇବାକୁ ଏକାଧିକ ଆବେଦନ ହୋଇଥିଲା। ପୀଡ଼ିତା ମହିଳାଙ୍କ ପାଇଁ ସହାୟକ ହେଉଥିବା ଯୌତୁକ ନିରୋଧୀ ଆଇନ ମୂଲ୍ୟହୀନ ହୋଇପଡ଼ିଥିବାରୁ ଆଇପିସିର ଦଫା ୪୯୮-କ’କୁ ଅଧିକ କଡ଼ାକଡ଼ି କରାଯାଉ ବୋଲି ଏନ୍‌ଜିଓ ‘ନ୍ୟାୟଧର’ ଅନୁରୋଧ କରିଥିଲା। ଏସବୁର ଶୁଣାଣି ଶେଷକରି ଏପ୍ରିଲ ୨୩ରେ ସୁପ୍ରିମକୋର୍ଟ ରାୟ ସଂରକ୍ଷିତ ରଖିଥିଲେ।

ଶୁକ୍ରବାର ଜଷ୍ଟିସ୍ ଦୀପକ ମିଶ୍ରଙ୍କ ଖଣ୍ଡପୀଠ ରାୟପ୍ରକାଶ କରିଛନ୍ତି। ପୂର୍ବରୁ ଦୁଇଜଣିଆ ଖଣ୍ଡପୀଠ ଦେଇଥିବା ରାୟରେ ପରିବର୍ତ୍ତନ ଆଣିଛନ୍ତି କୋର୍ଟ। ପୂର୍ବତନ ଖଣ୍ଡପୀଠ କହିଥିଲେ ଯେ, ଯୌତୁକ ନିର୍ଯାତନା ଅଭିଯୋଗରେ ସ୍ୱାମୀ ଓ ଶ୍ୱଶୁର ଘର ଲୋକଙ୍କୁ ତୁରନ୍ତ ଗିରଫ କରାଗଲେ ସମାଧାନର ରାସ୍ତା ବନ୍ଦ ହୋଇଯାଉଥିବାର ନଜିର ରହିଛି। କିନ୍ତୁ ସାନି ରାୟରେ ଜଷ୍ଟିସ୍ ଦୀପକ ମିଶ୍ରଙ୍କ ଖଣ୍ଡପୀଠ ପୋଲିସକୁ ଗିରଫ କ୍ଷମତା ପ୍ରଦାନ କରିଛନ୍ତି। ତେବେ ଯୌତୁକ ମାମଲାରେ ତଦନ୍ତ ଅଧିକାରୀମାନେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ଜରୁରୀ। ଏଭଳି ମାମଲାରେ ଦୋଷୀଙ୍କୁ ୭ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡାଦେଶ ଦିଆଯିବାର ବ୍ୟବସ୍ଥା ରହିଥିବାରୁ ପୋଲିସ ଭଲଭାବେ ତଦନ୍ତ କରି ପ୍ରମାଣ ଆଧାରରେ ଅଭିଯୁକ୍ତଙ୍କୁ ଗିରଫ କରୁ ବୋଲି କୋର୍ଟ କହିଛନ୍ତି। ସେହିପରି ବାରମ୍ବାର ନିର୍ଯାତନା ଦେବା କିମ୍ବା ପ୍ରମାଣ ନଷ୍ଟ କରିବା ଭଳି ସମ୍ଭାବନା ଥିଲେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିପାରିବ। ତେବେ ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ନ୍ୟାୟ ସମାନ ହେବା ଉଚିତ। ମହିଳାଙ୍କୁ ଯୌତୁକ ନିର୍ଯାତନାରୁ ସୁରକ୍ଷା ଦେବା ସହିତ ପୁରୁଷଙ୍କୁ ବଞ୍ଚିବା ଅଧିକାର ଓ ବ୍ୟକ୍ତିଗତ ସ୍ୱାଧୀନତା ଦିଆଯିବା ଉଚିତ ବୋଲି ଖଣ୍ଡପୀଠ କହିଛନ୍ତି।

## ଇସ୍ରୋ ତଥ୍ୟ ଲିକ୍ ମାମଲା

# ନ୍ୟାୟ ପାଇଲେ ନାରାୟଣନ୍

**ନୂଆଦିଲ୍ଲୀ, ୧୪।୯(ପି.ଟି.)**

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ରେ ଗୁପ୍ତଚରଗିରି କରି ପାକିସ୍ତାନ ଓ ଅନ୍ୟ ରାଷ୍ଟ୍ରକୁ ତଥ୍ୟ ଦେବା ଅଭିଯୋଗରେ ଫସିଥିବା ପୂର୍ବତନ ବୈଜ୍ଞାନିକ ନମ୍ବି ନାରାୟଣନ୍‌ଙ୍କୁ ବଡ଼ଧରଣର ଆଶ୍ୱସ୍ତି ମିଳିଛି। ୧୯୯୪ ତଥ୍ୟ ଲିକ୍ ମାମଲାରେ ନାରାୟଣନ୍‌ଙ୍କ ଗିରଫଦାରି ଅନାବଶ୍ୟକ ଥିଲା ବୋଲି ଶୁକ୍ରବାର ସୁପ୍ରିମକୋର୍ଟ କହିଛନ୍ତି। ଏହି ବୈଜ୍ଞାନିକଙ୍କୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ପ୍ରଧାନବିଚାରପତି ଦୀପକ ମିଶ୍ରଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ୭୬ ବର୍ଷୀୟ ନାରାୟଣନ୍‌ଙ୍କୁ କେରଳ ପୋଲିସ୍ ମାନସିକ ନିର୍ଯାତନା ଦେବା ସହ କ୍ରୁର ଆଚରଣ ପ୍ରଦର୍ଶନ କରିଛି। ତେଣୁ ରାଜ୍ୟର ପୋଲିସ ଅଫିସରଙ୍କ ଭୂମିକା ଉପରେ ପ୍ରଶ୍ନ ଉଠୁଛି ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ନାରାୟଣନ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ପୋଲିସ ବାବୁଙ୍କ ବିରୋଧରେ ତଦନ୍ତ ହେବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଗୁପ୍ତଚରଗିରି ମାମଲାରେ ଛନ୍ଦି ହେବା ପରେ ନାରାୟଣନ୍ କେରଳ ପୋଲିସର ଭୂମିକାକୁ ନେଇ ସନ୍ଦେହ ପ୍ରକାଶ କରି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ କେରଳ ହାଇକୋର୍ଟ ତାଙ୍କୁ ନିରାଶ କରିଥିଲେ। ପୂର୍ବତନ ଡିଜିପି ସିବି ମାଥ୍ୟୁସ୍ ଏବଂ ଦୁଇ ଅବସରପ୍ରାପ୍ତ ଏସ୍‌ପି କେ.କେ. ଯୋଶୁଆ ଏବଂ ଏସ୍. ବିଜୟନ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ନାହିଁ ବୋଲି ହାଇକୋର୍ଟ କହିଲେ। ତେବେ ଏହି ପୋଲିସ

**ସୁପ୍ରିମକୋର୍ଟଙ୍କ ରାୟ**

- ବୈଜ୍ଞାନିକଙ୍କ ଗିରଫଦାରି ନିରାଧାର
- ମାନସିକ ନିର୍ଯାତନା ଦେଇଛି କେରଳ ପୋଲିସ
- ମିଳିବ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ
- ପୋଲିସ ବାବୁଙ୍କ ବିରୋଧରେ ହେବ ତଦନ୍ତ



ବାବୁମାନେ ବୈଜ୍ଞାନିକଙ୍କୁ ବେଆଇନ ଭାବେ ଗିରଫ କରିଥିବା ପରେ ସିବିଆଇ କହିଥିଲା। କେରଳ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ନାରାୟଣନ୍ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଏହାପରେ ତଥ୍ୟ ଲିକ୍ ମାମଲାରେ ନାରାୟଣନ୍‌ଙ୍କ ସମ୍ପୃକ୍ତି ଅଭିଯୋଗର ସତ୍ୟତା ଅନୁସନ୍ଧାନ ଲାଗି ପ୍ରଧାନ ବିଚାରପତି ଦୀପକ ମିଶ୍ର, ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର ଏବଂ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ତିନିଜଣିଆ କମିଟି ଗଠନ କରିଥିଲେ। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଡି.କେ. ଜୈନ ଏହାର ଅଧକ୍ଷତା କରୁଥିଲେ। ଉକ୍ତ କମିଟିର ରିପୋର୍ଟକୁ ତର୍ଜମା କରି ଶୁକ୍ରବାର ଖଣ୍ଡପୀଠ ଉପରୋକ୍ତ ରାୟ ଦେବା ସହ ନିର୍ଦ୍ଦୋଷ ନାରାୟଣନ୍‌ଙ୍କୁ ୮ ସପ୍ତାହ ମଧ୍ୟରେ କ୍ଷତିପୂରଣ ଦେବା ଲାଗି କେରଳ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କେରଳ ପୋଲିସ ମାମଲାରେ ଫସାଇଥିଲେ ସୁଦ୍ଧା ସୁପ୍ରିମକୋର୍ଟଙ୍କ ରାୟ ପରେ ନାରାୟଣନ୍‌ଙ୍କୁ ନ୍ୟାୟ ମିଳିଛି। ତେଣୁ ରାୟକୁ ସେ ସ୍ୱାଗତ କରିଛନ୍ତି। ଯେଉଁ ଟେକ୍ନୋଲୋଜିକୁ ଚୋରି କରି ପାକିସ୍ତାନକୁ ବିକ୍ରି କରିଥିବା ତାଙ୍କ ନାଁରେ ଅଭିଯୋଗ ହୋଇଥିଲା, ସେତେବେଳେ ତାହାର ଅସ୍ତିତ୍ୱ ନ ଥିଲା। ତଥାପି ମିଛ ମାମଲା ଭିତରକୁ ଟାଣି ତାଙ୍କୁ ଅନେକ ମାନସିକ ନିର୍ଯାତନା ଦିଆଯାଇଛି। ବିଳମ୍ବ ହେଉ ପଛେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିବାରୁ ବେଶ୍ ଖୁସି ବୋଲି ନାରାୟଣନ୍ କହିଛନ୍ତି।

### କ’ଣ ଏହି ମାମଲା

ଭାରତୀୟ ମହାକାଶ ଗବେଷଣା ସମ୍ପର୍କିତ ଗୁପ୍ତ ତଥ୍ୟ ଲିକ୍ ହୋଇଥିବା ୧୯୯୪ରେ ପ୍ରଘଟ ହୋଇଥିଲା। ସେତେବେଳେ ଏହା ଖବରର ଶିରୋନାମା ପାଲଟିଥିଲା। ନମ୍ବି ନାରାୟଣନ୍‌ଙ୍କ ସମେତ ଦୁଇ ବୈଜ୍ଞାନିକ ଏବଂ ଅନ୍ୟ ଚାରି ଜଣ (ମାଳଦ୍ୱୀପର ଦୁଇ ମହିଳା ସାମିଲ) ଇସ୍ରୋର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଚୋରି କରି ବିଦେଶ ରାଷ୍ଟ୍ରକୁ ବିକ୍ରି କରିଥିବା ଅଭିଯୋଗ ହୋଇଥିଲା। ପ୍ରଥମେ ଏହି ମାମଲାର ତଦନ୍ତ କଲା କେରଳ ପୋଲିସ। ପରେ ମାମଲା ସିବିଆଇକୁ ହସ୍ତାନ୍ତର କରାଯାଇଥିଲା। କିନ୍ତୁ କୌଣସି ତଥ୍ୟ ଲିକ୍ ହୋଇ ନ ଥିବା ସିବିଆଇ ରିପୋର୍ଟରେ ଦର୍ଶାଇଥିଲା। ଏହି ଦୁର୍ନୀତି ମାମଲାକୁ ନେଇ ସେତେବେଳେ ରାଜନୈତିକ ଝଡ଼ ସୃଷ୍ଟି ହୋଇଥିଲା, ଯାହାକି କଂଗ୍ରେସ ପାଇଁ ମହଙ୍ଗା ସାବ୍ୟସ୍ତ ହେଲା। ବିରୋଧୀଙ୍କ ଘନ ଘନ ଆକ୍ରମଣ ପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ କେ. କରୁଣାକରନ୍ ଇସ୍ତଫା ଦେବାକୁ ବାଧ ହୋଇଥିଲେ। ୧୯୯୮ରେ ସୁପ୍ରିମକୋର୍ଟ ନାରାୟଣନ୍‌ଙ୍କୁ ଦୋଷମୁକ୍ତ କରିଥିଲେ। ମିଛ ମାମଲାରେ ଫସାଇଥିବାରୁ ତାଙ୍କୁ ୧ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କେରଳ ସରକାରଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାନସିକ ନିର୍ଯାତନା ଓ ଅନ୍ୟାନ୍ୟ ଯନ୍ତ୍ରଣା ପାଇଁ ରାଜ୍ୟ ସରକାର ଅଧିକ କ୍ଷତିପୂରଣ ଦିଅନ୍ତୁ ବୋଲି ଦାବି କରି ସେ ଜାତୀୟ ମାନବିକ ଅଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଭୟ ପକ୍ଷର ଯୁକ୍ତି ଶୁଣିବା ସହ ସୁପ୍ରିମକୋର୍ଟଙ୍କ ରାୟକୁ ଦୃଷ୍ଟିରେ ରଖି ଏନ୍‌ଏଚ୍‌ଆର୍‌ସି ୨୦୦୧ରେ ନାରାୟଣନ୍‌ଙ୍କ ସପକ୍ଷରେ ମତ ଦେଇଥିଲେ। ତାଙ୍କୁ ମଧ୍ୟବର୍ତ୍ତିକାଳୀନ ଆଶ୍ୱସ୍ତି ସ୍ୱରୂପ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବ ବୋଲି କମିଶନ କହିଥିଲେ।

# ରାଫେଲ୍ ଚୁକ୍ତି ପ୍ରସଙ୍ଗରୁ ଦୂରେଇ ରୁହନ୍ତୁ ବିରୋଧୀ

**ନୂଆଦିଲ୍ଲୀ, ୧୪।୯(ପି.ଟି.)**



ବହୁକୋଟି ଡଲାର ମୂଲ୍ୟର ରାଫେଲ ଯୁଦ୍ଧବିମାନ କ୍ରୟ ସଂକ୍ରାନ୍ତ ଚୁକ୍ତି ପ୍ରସଙ୍ଗରୁ ବିରୋଧୀ ଦଳ ଦୂରେଇ ରୁହନ୍ତୁ। ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନ୍ ଏହି ପରାମର୍ଶ ଦେଇଛନ୍ତି। ଭାରତର ପ୍ରତିରକ୍ଷା ପ୍ରସ୍ତୁତି ସହ ଜଡିତ ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ଗୋଳିଆ କରିଦେବା ପରେ ସେମାନେ ଏଥିରେ ଆଉ ସମ୍ପୃକ୍ତ ରହିବା ଉଚିତ ନୁହେଁ ବୋଲି ସୀତାରମଣ କହିଛନ୍ତି।

ଚାଇନା ଓ ପାକିସ୍ତାନ ଷ୍ଟିଲ୍‌ଥ ଫାଇଟର ଜେଟ୍ ସେମାନଙ୍କ ବାୟୁସେନାର ସାମିଲ କରି ନିଜର କ୍ଷମତା ବଢ଼ାଉଥିବା ବେଳେ ବର୍ତ୍ତମାନ ଭାରତ ଦୁଇଟି ସ୍କ୍ୱାଡ୍ରନ୍ ରାଫେଲ୍ ଜେଟ୍ ସଂଗ୍ରହ କରିବା ଜରୁରୀ ହୋଇପଡିଛି। ତେବେ ରାଫେଲ୍ ଜେଟ୍ କିଣିବାରେ ଦୁର୍ନୀତି ହେଉଥିବା ନେଇ କଂଗ୍ରେସ କରୁଥିବା ଅଭିଯୋଗକୁ ସୀଥାରାମନ୍ ଖଣ୍ଡନ କରିଛନ୍ତି। ଏହାଦ୍ୱାରା ବିରୋଧୀ ଦେଶବାସୀଙ୍କୁ ବିପଥଗାମୀ କରାଉଛନ୍ତି ଏବଂ ବାୟୁସେନାର ପ୍ରସ୍ତୁତିକୁ ସମ୍ପୂର୍ଣ୍ଣ ଅଣଦେଖା କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ଦଳଗୁଡିକ ରାଫେଲ୍ ପ୍ରସଙ୍ଗ ଉପରେ ସରକାରଙ୍କୁ କଡା ସମାଲୋଚନା କରିଆସୁଛନ୍ତି। ସେମାନଙ୍କ କହିବା କଥା ଭାରତ ସରକାର ଅତ୍ୟନ୍ତ ଉଚ୍ଚ ଦରରେ ଫ୍ରାନ୍ସ ଠାରୁ ୩୬ଟି ରାଫେଲ୍ ଜେଟ୍ କିଣୁଛନ୍ତି। ୟୁପିଏ ସରକାର ଅମଳରେ ପ୍ରତି ରାଫେଲ ଫାଇଟର ପିଛା ୫୨୬କୋଟି ଦରରେ ୧୨୬ଟି ଜେଟ୍ କିଣିବା ପାଇଁ ଚୁକ୍ତି ଚୂଡ଼ାନ୍ତ ହୋଇଥିଲା। କିନ୍ତୁ ବର୍ତ୍ତମାନର ସରକାର ପ୍ରତି ଏୟାରକ୍ରାଫ୍ଟ ୧୬୭୦କୋଟି ଟଙ୍କାରେ କ୍ରୟ କରୁଥିବା ବିରୋଧୀ ଅଭିଯୋଗ କରି ଆସୁଛନ୍ତି।

# ଅରୁଣାଚଳ ପ୍ରଦେଶରେ ବନ୍ୟା: ୬ ମୃତ

**ଇଟାନଗର, ୧୪।୯**

ଅରୁଣାଚଳପ୍ରଦେଶରେ ବାଦଲଫଟା ବର୍ଷା ଯୋଗୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବିଭିନ୍ନ ସ୍ଥାନରେ ବର୍ଷାଜନିତ ଦୁର୍ଘଟଣା ଘଟି ୬ ଜଣଙ୍କ ମୃତ୍ୟୁ ହୋଇଛି। ଇଟାନଗରରେ ଶୁକ୍ରବାର ସକାଳେ ୨ ଜଣ ବନ୍ୟାପାଣିରେ ନିଖୋଜ ହୋଇଯାଇଛନ୍ତି। ସେମାନଙ୍କୁ ଖୋଜିବା ଲାଗି ଉଦ୍ଧାରକାର୍ଯ୍ୟ ଜାରି ରହିଛି। ବନ୍ୟା ଯୋଗୁ ବିଭିନ୍ନ ସ୍ଥାନରେ ମଧ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। ୧୦୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଯିବା ସହ କେତେକ ସ୍ଥାନରେ ରାସ୍ତାଘାଟ ଧୋଇହୋଇଯାଇଛି। ବନ୍ୟା ଯୋଗୁ ଲୋକେ ପ୍ରାଣ ହରାଇଥିବାରୁ ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁ ଶୋକବ୍ୟକ୍ତ କରିଛନ୍ତି। ଇଟାନଗର ଓ ନାହାରଲାଗୁନ୍‌ରେ ବନ୍ୟାର ପ୍ରଭାବ ଅଧିକ ଦେଖିବାକୁ ମିଳିଛି।



# ଲ୍ୟାଣ୍ଡଫଲ୍ କଲା ଫ୍ଲୋରେନ୍ସ ଝଡ଼

**ୱିଲିଙ୍ଗଟନ୍,୧୪।୯(ଏଫପି):**

ଆମେରିକାରେ ଆତଙ୍କ ସୃଷ୍ଟି କରିଥିବା ଫ୍ଲୋରେନ୍ସ ଝଡ଼ ଶୁକ୍ରବାର ସ୍ଥଳ ଭାଗ ଛୁଇଁଛି। ସ୍ଥାନୀୟ ସମୟ ସକାଳ ୭ଟା୧୫ ମିନିଟ୍‌ରେ ନର୍ଥ କାରୋଲିନାରେ ଫ୍ଲୋରେନ୍ସ ଝଡ଼ ଲ୍ୟାଣ୍ଡ ଫଲ୍ କରିଛି ବୋଲି ନ୍ୟାସନାଲ ହରିକେନ୍ ସେଣ୍ଟର ପକ୍ଷରୁ କୁହାଯାଇଛି। ଏହା ସ୍ଥଳଭାଗ ଛୁଇଁବାର କିଛି ସମୟ ପୂର୍ବରୁ ଏନ୍‌ଏଚ୍‌ସି ନିର୍ଦ୍ଦେଶକ କେନ୍ ଗ୍ରାହମ ଫେସବୁକ୍‌ରେ ଲାଇଭ୍ ଭିଡିଓ ପୋଷ୍ଟ କରିଛନ୍ତି। ସ୍ଥଳଭାଗ ଛୁଇଁବା ପରେ କାଟାଗୋରୀ-୧କୁ ପରିବର୍ତ୍ତିତ ହୋଇଯାଇଥିବାରୁ ଯଦିଓ ଏହା ଅଳ୍ପ ଦୁର୍ବଳ ହୋଇଛି କିନ୍ତୁ ଏହାର ପ୍ରଭାବରେ ପ୍ରବଳ ବର୍ଷା ଓ ପବନ ଆରମ୍ଭ ହୋଇଯାଇଛି। ନର୍ଥ କାରୋଲିନାରେ ବନ୍ୟା ଆଶଙ୍କା ବଢ଼ିଯାଇଛି।

# ବଳାତ୍କାରୀ ବାବା ଗିରଫ

**ନୂଆଦିଲ୍ଲୀ, ୧୪।୯(ପି.ଟି.)**



ଜଣେ ମହିଳା ଓ ତାଙ୍କ ଝିଅଙ୍କୁ ବଳାତ୍କାର କରିବା ଅଭିଯୋଗରେ ଗିରଫ ହୋଇଛନ୍ତି ଆତ୍ମଘୋଷିତ ବାବା ଆଶୁ ମହାରାଜ। ଦିଲ୍ଲୀସ୍ଥିତ ଆଶ୍ରମରେ ସେ ଏହି କେଳେଙ୍କାରୀ ଘଟାଇଛନ୍ତି। ଅଭିଯୋଗ ଆସିବା ପରେ ଗୁରୁବାର ରାତିରେ ତାଙ୍କୁ କ୍ରାଇମ୍ ବ୍ରାଞ୍ଚ ପୋଲିସ ଗିରଫ କରିଥିଲା। ଆଶୁ ମହାରାଜଙ୍କ ପୁଅ ସମର ଖାନ୍‌ଙ୍କୁ ମଧ ପୋଲିସ ଅଟକ ରଖିଥିବା ଶୁକ୍ରବାର ଅତିରିକ୍ତ ପୋଲିସ କମିଶନର (କ୍ରାଇମ୍) ରାଜୀବ ରଞ୍ଜନ କହିଛନ୍ତି। ବଳାତ୍କାର ଅଭିଯୋଗ ସମ୍ପର୍କରେ ଉଭୟ ବାପା ଓ ପୁଅଙ୍କୁ ବେଶ୍ କିଛି ଘଣ୍ଟା ଜେରା କରାଯାଇଛି।

## ମହିଳାଙ୍କୁ ଅକଥନୀୟ ନିର୍ଯାତନା: ଭିଡିଓ ଭାଇରାଲ

# ପୋଲିସ ବାବୁଙ୍କ ପୁଅ ଗିରଫ

**ନୂଆଦିଲ୍ଲୀ, ୧୪।୯(ପି.ଟି.)**

ମହିଳାଙ୍କୁ ଅତି ନୃଶଂସ ଭାବେ ଅସଦାଚରଣ କରିଥିବା ଦିଲ୍ଲୀ ପୋଲିସର ଜଣେ ଆସିଷ୍ଟାଣ୍ଟ ସବ୍-ଇନ୍‌ସପେକ୍ଟର (ଏଏସ୍‌ଆଇ)ଙ୍କ ପୁଅ ଶୁକ୍ରବାର ଗିରଫ ହୋଇଛନ୍ତି। ବର୍ବର କାଣ୍ଡର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ରୋହିତ କୁମାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇଛି। ତାଙ୍କ ନାଁରେ ବଳାତ୍କାର ଏବଂ ଧମକ ନେଇ ଦୁଇଟି ପୃଥକ୍ ମାମଲା ହୋଇଛି।

୨୧ ବର୍ଷୀୟ ରୋହିତ୍ ମହିଳାଙ୍କୁ ନିର୍ଯାତନା ଦେଉଥିବାବେଳର ଭିଡିଓ ପ୍ରସାର ହେବା ପରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂଙ୍କ ଦୃଷ୍ଟିଗୋଚରକୁ ଆସିଥିଲା। ଟୁଇଟରରେ ଏହି ଘଟଣାକୁ ସେ ତୀବ୍ର ନିନ୍ଦା କରିଥିଲେ। ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଦିଲ୍ଲୀ ପୋଲିସ କମିଶନର ଅମୂଲ୍ୟ ପଟ୍ଟନାୟକଙ୍କୁ ରାଜନାଥ ନିର୍ଦ୍ଦେଶ ଦେଇଥିଲେ। ରାଜନାଥଙ୍କ ହସ୍ତକ୍ଷେପ ପରେ ଏଏସ୍‌ଆଇ ଅଶୋକ କୁମାର ତୋମାରଙ୍କ ପୁଅ ରୋହିତ୍‌ଙ୍କୁ ହାତକଡ଼ି ପିନ୍ଧାଗଲା। ତାଙ୍କ ବିରୋଧରେ ଦୁଇ ମହିଳା ବୟାନ ଦେବା ପରେ ମାମଲା ରୁଜୁ ହୋଇଛି। ଗୁରୁବାର ପଶ୍ଚିମ ଦିଲ୍ଲୀ ତିଲକ୍ ନଗର ଥାନାରେ ପ୍ରଥମ ମାମଲା ଦାଏର ହୋଇଥିଲା। ଜଣେ ମହିଳାଙ୍କୁ ଅସଦାଚରଣ କରି ଭିଡିଓ ରେକର୍ଡିଂ କରି ରଖିଥିଲେ ରୋହିତ। ତାଙ୍କର ଜଣେ ବାନ୍ଧବୀଙ୍କୁ ଏହି ଭିଡିଓ ଦେଖାଇଥିଲେ। ତାଙ୍କ କଥା ନ ମାନିଲେ ଉକ୍ତ ମହିଳାଙ୍କ ଭଳି ସମଦଶା ଭୋଗିବାକୁ ପଡ଼ିବ ବୋଲି ରୋହିତ୍ ବାନ୍ଧବୀଙ୍କୁ ଧମକ ଦେଇଥିଲେ। ଏହାପରେ ତାଙ୍କ ବାନ୍ଧବୀ ଥାନାରେ ଅଭିଯୋଗ କରିଥିଲେ। ସେହିପରି ଉତ୍ତମ ନଗର ଥାନାରେ ରୋହିତ୍‌ଙ୍କ ନାଁରେ ଶୁକ୍ରବାର ଆଉ ଏକ ମାମଲା ହୋଇଛି। ଭିଡିଓରେ ନିର୍ଯାତନାର ଶିକାର ହୋଇଥିବା ମହିଳା ଜଣକ ଅଭିଯୋଗ କରିଛନ୍ତି। ସେପ୍ଟେମ୍ବର ୨ରେ ରୋହିତ୍ ଉତ୍ତମ ନଗରସ୍ଥିତ ନିଜ ବନ୍ଧୁଙ୍କ କାର୍ଯ୍ୟାଳୟକୁ ଡାକି ତାଙ୍କୁ ବଳାତ୍କାର କରିଥିବା ସେ ଏତଲାରେ ଦର୍ଶାଇଛନ୍ତି।

- ବଳାତ୍କାର, ଧମକ ନେଇ ମାମଲା ରୁଜୁ
- ରାଜନାଥଙ୍କ ହସ୍ତକ୍ଷେପ ପରେ କାର୍ଯ୍ୟାନୁଷ୍ଠାନ



# ସିବିଏସ୍‌ଇ ଟପ୍ପରଙ୍କୁ ଗଣବଳାତ୍କାର

**ଚଣ୍ଡିଗଡ଼, ୧୪।୯(ପି.ଟି.)**

ସିବିଏସ୍‌ଇ ପରୀକ୍ଷାରେ ପୂର୍ବରୁ ଟପ୍ପର ହୋଇଥିବା ଜଣେ ୧୯ ବର୍ଷୀୟା କଲେଜ ଛାତ୍ରୀ ଗଣବଳାତ୍କାରର ଶିକାର ହୋଇଛନ୍ତି। ହରିୟାଣାର ମହେନ୍ଦ୍ରଗଡ଼ ଜିଲା ଅନ୍ତର୍ଗତ କାନିନା ସହରରେ ଘଟିଛି ଏହି ଲଜ୍ଜାଜନକ ଘଟଣା। ଅପହରଣ ପରେ ଯୁବତୀଙ୍କୁ ତିନି ବ୍ୟକ୍ତି ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଫେରାର ଅଭିଯୁକ୍ତଙ୍କୁ ଧରିବା ଲାଗି ପୋଲିସ ତନାଘନା ଚଳାଇଛି। ଏହି ଘଟଣାରେ ଅଧିକ ଲୋକଙ୍କ ସମ୍ପୃକ୍ତି ରହିଥିବା ପୀଡ଼ିତାଙ୍କ ମା’ କହିଛନ୍ତି। ଏହି ଘଟଣାକୁ ନେଇ ରାଜ୍ୟ ରାଜନୀତି ଜୋର ଧରିଛି।

ହରିୟାଣା ପୋଲିସ ସୂଚନା ମୁତାବକ, ଗତ ବୁଧବାର ଛାତ୍ରୀ ଜଣକ କୋଚିଂ ସେଣ୍ଟରକୁ ଯାଇଥିଲେ। କାନିନା ବସ୍‌ଷ୍ଟପ୍ ନିକଟରେ ଛିଡ଼ା ହୋଇଥିବାବେଳେ ଅଭିଯୁକ୍ତମାନେ ଏକ କାରରେ ଆସି

**ହରିୟାଣାରେ ଲଜ୍ଜା**

- କୋଚିଂ କ୍ଲାସ୍ ଯିବାବେଳେ ଛାତ୍ରୀଙ୍କୁ ଅପହରଣ
- ନିଶା ଦେଇ ଗଣବଳାତ୍କାର, ୩ ଅଭିଯୁକ୍ତ ଫେରାର
- ଖଟ୍ଟାର ସରକାରଙ୍କୁ ଟାର୍ଗେଟ କଲା କଂଗ୍ରେସ



ତାଙ୍କୁ ଅପହରଣ କରିନେଇଥିଲେ। ଝାଗରରେ ଥିବା ଏକ ଫାର୍ମକୁ ନେଇ ତାଙ୍କୁ ଜବରଦସ୍ତି ନିଶାଦ୍ରବ୍ୟ ସେବନ କରାଇବା ପରେ ସେମାନେ ବଳାତ୍କାର କରିଥିଲେ। ପୂର୍ବରୁ ସେଠାରେ ଉପସ୍ଥିତ ଥିବା ଅନ୍ୟ କେତେଜଣ ମଧ ତାଙ୍କୁ ବଳାତ୍କାର କରିଥିଲେ। ଗଣବଳାତ୍କାର ପରେ ଅଭିଯୁକ୍ତମାନେ ତାଙ୍କୁ ଅଚେତ ଅବସ୍ଥାରେ କାନିନା ବସ୍‌ଷ୍ଟପ୍ ନିକଟରେ ଫିଙ୍ଗିଯାଇଥିଲେ। ପରିବାର ଲୋକେ ଖବର ପାଇବା ପରେ ଝିଅକୁ ସେଠାରୁ ଉଦ୍ଧାର କରି ଆଣିଥିଲେ। ନିକଟସ୍ଥ ଥାନାରେ ଅଭିଯୋଗ କରିବା ପରେ ଜିରୋ ଏଫ୍‌ଆଇଆର୍ ଦାଏର ହୋଇଛି। ସମସ୍ତ ଅଭିଯୁକ୍ତ ପୀଡ଼ିତାଙ୍କ ଗ୍ରାମର ବାସିନ୍ଦା ଏବଂ ସେମାନଙ୍କ ବୟସ ୨୦ରୁ ୨୫ ବର୍ଷ ହେବ ବୋଲି କାନିନା ଥାନାର ଭାରପ୍ରାପ୍ତ ଅଧିକାରୀ ଇନ୍‌ସପେକ୍ଟର ଅନିରୁଦ୍ଧ କହିଛନ୍ତି।

ପୀଡ଼ିତାଙ୍କ ମା’ କହିଛନ୍ତି, ତାଙ୍କ ଝିଅ ସିବିଏସ୍‌ଇ ବୋର୍ଡ ପରୀକ୍ଷାରେ ଟପ୍ପର ହୋଇ ସମ୍ମାନିତ ହୋଇଛନ୍ତି। କିନ୍ତୁ ଏବେ ଗଣବଳାତ୍କାରର ଶିକାର ହୋଇ ସେ ମାନସିକ ସ୍ତରରେ ଭାଙ୍ଗିପଡ଼ିଛନ୍ତି। ସେପଟେ ବଳାତ୍କାରୀମାନେ ଖୋଲାରେ ବିଚରଣ କରୁଛନ୍ତି। ସରକାର ‘ବେଟି ବଚାଓ-ବେଟି ପଢ଼ାଓ’ ସ୍ଲୋଗାନ ଦେଉଛନ୍ତି। କିନ୍ତୁ ଝିଅକୁ ପାଠ ପଢ଼ାଇବାକୁ ଯାଇ ଜଣଙ୍କୁ କ’ଣ ଏଭଳି ମୂଲ୍ୟ ଦେବାକୁ ପଡ଼ିବ ବୋଲି ସେ ପ୍ରଶ୍ନ କରିଛନ୍ତି।

ଏହି ଲଜ୍ଜାଜନକ ଘଟଣାକୁ ନେଇ ରାଜ୍ୟର ଭାଜପା ସରକାରଙ୍କୁ ଟାର୍ଗେଟ କରିଛି କଂଗ୍ରେସ। ଏନ୍‌ସିଆର୍‌ବି ତଥ୍ୟ ଅନୁଯାୟୀ ହରିୟାଣାରେ ଗଣବଳାତ୍କାର ଘଟଣା ସବୁଠୁ ଅଧିକ ଘଟୁଛି। ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟାରଙ୍କ ଶାସନ କାଳରେ ରାଜ୍ୟର ଏବେ ଆଉ ଜଣେ ଝିଅଙ୍କୁ ଗଣବଳାତ୍କାର କରାଯାଇଛି ବୋଲି କଂଗ୍ରେସ ନେତା ରଣଦୀପ୍ ସିଂ ସୁର୍ଜେୱାଲା କହିଛନ୍ତି।



କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଗିରିଆ-କୋଠସାହି ଗ୍ରାମସ୍ଥିତ ବହୁ ପ୍ରାଚୀନ ରାଧାକାନ୍ତ ମନ୍ଦିରରୁ ଚୋରି ହୋଇଥିବା ମୂର୍ତ୍ତି ଶୁକ୍ରବାର ରାଜକନିକାସ୍ଥିତ କାଜୁ ଜଙ୍ଗଲରୁ ଉଦ୍ଧାର କରାଯାଇଛି। ଏଥିରେ ରାଧାକାନ୍ତ ଜୀଉଙ୍କ ଅଷ୍ଟଧାତୁ ଯୁଗଳ ମୂର୍ତ୍ତି ସହିତ ଅନ୍ୟ ଚାରୋଟି ମୂର୍ତ୍ତି ରହିଛି।




# ସମଲେଇଙ୍କୁ ଲାଗି ହେଲା ନବାନ୍ନ



ସମଲେଇ ମନ୍ଦିରରେ ପାର୍ଶ୍ୱ ଦେବଦେବୀଙ୍କୁ ନବାନ୍ନ ଲାଗି କରାଯାଉଛି।

**ସମ୍ବଲପୁର, ୧୪।୯ (ବ୍ୟୁରୋ)**

ସମ୍ବଲପୁରର ଇଷ୍ଟଦେବୀ ମା' ସମଲେଇଙ୍କୁ ଧାର୍ଯ୍ୟ ଲଗ୍ନ, ରୀତିନୀତି ଓ ପରମ୍ପରା ସହ ଶୁକ୍ରବାର ନବାନ୍ନ ଲାଗି ହୋଇଛି। ଏହାପରେ ଝାରସୁଗୁଡ଼ାର ଇଷ୍ଟଦେବୀ ସମଲେଶ୍ୱରୀ, ସୁନ୍ଦରଗଡର ମା' ସମଲେଇ ଓ ଶିଖରବାସିନୀ, ବୌଦ୍ଧର ଭୈରବୀ, ବରଗଡର ସମଲେଇ, ନୂଆପଡା ଜିଲାର ଟାନ୍‌ୱାଟ୍ କଣାଭଇରା, ବଲାଙ୍ଗୀରର ପାଟଣେଶ୍ୱରୀ, ସୋନପୁରର ସୁରେଶ୍ୱରୀ ପୀଠରେ ମଧ୍ୟ ରୀତିନୀତି ଓ ପରମ୍ପରାରେ ନବାନ୍ନ ଭୋଗ ଲାଗିଛି। ଦେବୀ ପୀଠରେ ନୂଆଁ ଲାଗିବା ପରେ ଲୋକେ ନିଜ ଘରେ ଇଷ୍ଟଦେବୀଙ୍କୁ ନବାନ୍ନ ଭୋଗ ଅର୍ପଣ କରିଥିଲେ। ଏଥିସହ ପଶ୍ଚିମଓଡିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି।

ପୂର୍ବାହ୍ନ ୮ଟା ୧୦ମିନିଟରୁ ୮ଟା ୪୦ମିନିଟ ମଧ୍ୟେ ପ୍ରଶସ୍ତ ତୁଳା ଲଗ୍ନେ ଅମୃତ ସମୟେ ଅଧିଷ୍ଠାତ୍ରୀ ଦେବୀ ସମଲେଇଙ୍କ ପୀଠରେ ନବାନ୍ନ ଭୋଗ ଲାଗିଥିଲା। ପ୍ରାତଃ ୪ଟାରୁ ସମଲେଇଗୁଡିରେ ରୁଦ୍ଧଦ୍ୱାର ନୀତି ହୋଇଥିଲା। ନୂଆ ସମ୍ବଲପୁରୀ ପାଟବସ୍ତ୍ର, ସୁନା ରୌପ୍ୟ ଅଳଙ୍କାରରେ ଦେବୀଙ୍କୁ ସଜ୍ଜିତ କରାଯାଇଥିଲା। ସକାଳ ୭ଟାରେ ୧୧୫ଟି ସ୍ଥାନରେ ପୂଜକମାନେ ବନା(ଝୋଟି) ପକାଇଥିଲେ। କ୍ଷତ୍ରୀୟ ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ଘରୁ ସକାଳ ୭ଟା ୪୦ରେ ଘଣ୍ଟ,ଶଙ୍ଖ ସହ ନବାନ୍ନ ଭୋଗ ମନ୍ଦିର ଗମ୍ଭୀରାକୁ ନିଆଯାଇଥିଲା। ଏହାପରେ କ୍ରମାନ୍ୱୟରେ ଗଙ୍ଗାଧର ରାୟ, କୃଷ୍ଣଚନ୍ଦ୍ର ରାୟ, ପ୍ରଶାନ୍ତ ରାୟଙ୍କ ଘରୁ ନବାନ୍ନ ଭୋଗ ଦେବୀଙ୍କ ପାଖକୁ ନିଆଯାଇଥିଲା। ପରମ୍ପରାନୁସାରେ ପୂର୍ବାହ୍ନ ୭ଟା ୪୫ ମିନିଟରେ ଝାଡୁଆପଡା ବେହେରା ପରିବାର ନୂଆଖାଇ ଭୋଗ, ନୂଆ ଚାଉଳ, ପିଠା, ସାରୁ ଶାଗ, କାକରା, ଉଖୁଡା, ଖିରି ଆଦି ଧରି ମନ୍ଦିରକୁ ଆସିଥିଲା। ପୂର୍ବାହ୍ନ ୮ଟା ୫ମିନିଟରେ ଦେବୀଙ୍କ ଦ୍ୱାର ବନ୍ଦ ହୋଇଥିଲା। ଏହାପରେ ଶଙ୍ଖ ନାଦ ଓ ଦୁଲଦୁଲି ବାଦ୍ୟ ହୋଇଥିଲା। ୧୫ଜଣ ବିବାହିତ କ୍ଷତ୍ରୀୟ ପୂଜକମାନେ ଭୁବନେଶ୍ୱରୀଙ୍କ ବୀଜମନ୍ତ୍ର ଉଚ୍ଚାରଣ କରିଥିଲେ। ମନ୍ତ୍ର ସହ ଇଷ୍ଟଦେବୀ ମା' ସମଲେଇଙ୍କୁ ନବାନ୍ନ ଭୋଗ ଅର୍ପଣ କରାଯାଇଥିଲା।

# ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ନୂଆଁଖାଇ ଶୁଭେଚ୍ଛା

**ଭୁବନେଶ୍ୱର,୧୪।୯(ବ୍ୟୁରୋ)**

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀ ଗଣ ଶୁଭେଚ୍ଛା ଜଣାଇଛନ୍ତି। ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଜରିଆରେ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଓଡ଼ିଆରେ ଟୁଇଟ୍ କରି ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ଯେ, ପବିତ୍ର ନୂଆଖାଇ ଅବସରରେ ଓଡ଼ିଶାର ମୋର ପ୍ରିୟ ଭାଇ ଓ ଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭକାମନା। ଏହି ଉତ୍ସବ ଆମ ସମାଜରେ ଆନନ୍ଦ, ପ୍ରଗତି ଆଣିଦେଉ। ଏଥିପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା। ନୂଆଖାଇ ଜୁହାର। ଅନୁରୂପ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ସମ୍ବଲପୁରୀ ଭାଷାରେ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି ଯେ, ନୂଆଁ ଧାନ୍ ସାଙ୍ଗେ ନୂଆଁ ଆଶା ନେଇକରି ପାଳନ କରୁନ୍ ଇ ଭାଇଚାରାର ପରବ୍ ନୂଆଁଖାଇ। ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛେଁ। ସଭିଙ୍କୁ ମୋର ନୂଆଁଖାଇ ଜୁହାର। ଅନ୍ୟ ପ୍ରମୁଖ ବ୍ୟକ୍ତିବିଶେଷମାନଙ୍କ ମଧ୍ୟରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ରାଜ୍ୟବାସୀଙ୍କୁ ନୂଆଖାଇର ଅଭିନନ୍ଦନ ଜଣାଇଛନ୍ତି। ମନ୍ତ୍ରୀ ପ୍ରଧାନଙ୍କର ନୂଆଖାଇ ପର୍ବ ଉପରେ ଏକ ଭିଡିଓ ବାର୍ତ୍ତା ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ଗୁଡିକରେ ମଧ୍ୟ ଦେଖିବାକୁ ମିଳିଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଓ ରାଜ୍ୟ ଭାଜପା ନେତା କେ.ଭି. ସିଂଦେଓ ମଧ୍ୟ ନୂଆଖାଇର ଶୁଭେଚ୍ଛା ଟୁଇଟ୍ କରି ଜଣାଇଛନ୍ତି।

# ପୁଣି ବଢିଲା ତୈଳ ଦର

**ଭୁବନେଶ୍ୱର, ୧୪।୯(ବ୍ୟୁରୋ):** ପେଟ୍ରୋଲ ଏବଂ ଡିଜେଲ ଦର ବୃଦ୍ଧି ଜନସାଧାରଣଙ୍କୁ ଅତିଷ୍ଠ କରିସାରିଲାଣି। ସ୍ଥାନୀୟ ସୂତ୍ରରୁ ମିଳିଥିବା ଖବର ଅନୁସାରେ ଶନିବାର ସକାଳୁ ରାଜଧାନୀ ଭୁବନେଶ୍ୱରରେ ଯେଉଁ ସଂଶୋଧିତ ଦର ଲାଗୁ ହେବ ସେଥିରେ ପୁଣି ବୃଦ୍ଧି ଘଟିଛି। ପେଟ୍ରୋଲ ଲିଟର ପିଛା ଦର ୩୪ ପଇସା ବଢିଥିବା ବେଳେ ଡିଜେଲ ଲିଟର ପିଛା ଦର ୨୬ ପଇସା ବୃଦ୍ଧି ପାଇଛି। ଫଳରେ ଶୁକ୍ରବାର ପେଟ୍ରୋଲ ଦର ୮୦. ୧୩ ଟଙ୍କାରୁ ୮୦.୪୭ ଟଙ୍କାକୁ ବୃଦ୍ଧି ପାଇଛି। ସେହିଭଳି ଡିଜେଲ ଦର ୭୮.୬୫ରୁ ୭୮.୯୧ଟଙ୍କାକୁ ବଢ଼ିଛି। ସୂଚନାଯୋଗ୍ୟ ବିରୋଧୀଦଳ ଗୁଡ଼ିକ ସେପ୍ଟେମ୍ବର ୧୦ରେ ଦେଶବ୍ୟାପୀ ଏହାକୁ ନେଇ ଆନ୍ଦୋଳନ କରିଥିବା ବେଳେ ଏ ପର୍ଯ୍ୟନ୍ତ କୌଣସି ଆଖିଦୃଶିଆ ସଫଳତା ମିଳିନାହିଁ।

Jiten By Jiten Certified Experts

Vaastu Camp

16th Sep (Sunday) at Bhubaneshwar

Do you know? Vaastu correct house can attract more peace, prosperity and happiness in your life! Bring your house plan in this FREE Camp and check vaastu of your house or office from our qualified vaastu experts. Entry FREE, you will get 15 minutes to interact with expert. Bring your plan with directions. Time: 10 to 5 pm

FREE ENTRY Call: 8984044345, 7008144717

JIVA AYURVEDA CLINIC



Dr. Partap Chauhan

କାରଣ ଆପଣଙ୍କ ସ୍ୱାସ୍ଥ୍ୟ ସର୍ବପ୍ରଥମ

ଜୀବା ହେଲ୍‌ଥ ୱିକ୍

15th - 24th ସେପ୍ଟେମ୍ବର, 2018

FREE Consultation + UPTO 15% OFF* Wellness Products + FREE Paramayu Magazine

*15% off on wellness products worth ₹ 799 and 10% off on wellness products worth ₹ 599

ନିମ୍ନଲିଖିତ ସମସ୍ତ ରୋଗର ଚିକିତ୍ସା ଆମ ନିକଟରେ ଉପଲବ୍ଧ

ବାତ • ମଧୁମେହ • ଚର୍ମ ରୋଗ • ଆଲର୍ଜି
ସ୍ପଣ୍ଡିଲାଇଟିସ୍ • ଋତୁସ୍ରାବ ସମସ୍ୟା • ଶ୍ୱାସ ରୋଗ • କିଡ୍‌ନୀ ରୋଗ • ମାଇଗ୍ରେନ୍ • କେଶ ହାନି • ହଜମ ଓ ଗ୍ୟାସ୍ ସମସ୍ୟା
ପୃଥୁଳତା ଇତ୍ୟାଦି

ଆଜି ହିଁ ନିଜ ପାଇଁ ମାଗଣା ପରାମର୍ଶ ବୁକ୍ କରନ୍ତୁ

Bhubaneswar-8527 934 449

Shop No. 2, First Floor, Deendayal Bhawan, Near UCO Bank & PNB Circle Office, Outside Railway Station, Bhubaneswar 751009.

T&C* Apply

clinics@jiva.com www.jiva.com www.facebook.com/jivaayurveda




ATDC

ପ୍ରବେଶ ସୂଚନା

NSFDC

ଆପାରେଲ୍ ଟ୍ରେନିଂ ଆଣ୍ଡ ଡିଜାଇନ୍ ସେଣ୍ଟର୍

ଓଡ଼ିଶାର ଅନୁସୂଚିତ ଜାତିର ପ୍ରାର୍ଥୀମାନଙ୍କ ନିମନ୍ତେ ବସ୍ତ୍ର ଉଦ୍ୟୋଗ ସନ୍ଦର୍ଭରେ କୌଶଳ ବିକାଶ ପ୍ରଶିକ୍ଷଣ ର ସ୍ୱର୍ଣ୍ଣିମ ଅବସର।

ଜାତୀୟ ଅନୁସୂଚୀତ ଜାତି ବିତ୍ତ ଏବଂ ବିକାଶ ନିଗମ ( NSFDC )ସହଯୋଗରେ ଆପାରେଲ୍ ଟ୍ରେନିଂ ଏବଂ ଡ଼ିଜାଇନ୍ ସେଣ୍ଟରରେ ଓଡ଼ିଶାର ବିଭିନ୍ନ ଶାଖାରେ ଅନୁସୂଚିତ ଜାତିର ବେକାର ଯୁବକ/ଯୁବତୀ ମାନଙ୍କୁ ବସ୍ତ୍ର ନିର୍ମାଣ ସମ୍ବନ୍ଧୀୟ ମାଗଣାରେ ନିମ୍ନଲିଖିତ ରୋଜଗାରକ୍ଷମ ପାଠ୍ୟକ୍ରମ ପ୍ରଦାନ କରିବାକୁ ଯାଉଛି।

| ପାଠ୍ୟକ୍ରମର ନାମ | ଯୋଗ୍ୟତା | ଅବଧି | ସିଟ୍ ସଂଖ୍ୟା | ତାଲିମ୍ କେନ୍ଦ୍ର | ଚୟନ ତାରିଖ |
|---|---|---|---|---|---|
| SEWING MACHINE OPERATOR AMH/Q22301 | ୫ମ ପାସ୍ (୧୮ରୁ ୫୦ ବର୍ଷ) | ୩ ମାସ ୩୦୦ ଘଣ୍ଟା | ୮୦ | ଆପାରେଲ୍ ଟ୍ରେନିଂ ଆଣ୍ଡ ଡିଜାଇନ୍ ସେଣ୍ଟର, ସରକାରୀ ପଲିଟେକ୍‌ନିକ, ୟୁସିପି ଇଂଜିନିୟରିଂ ସ୍କୁଲ ପଛ, ବ୍ରହ୍ମପୁର, ଫୋ: 0680-2292816, 7853863402<br>ଆପାରେଲ୍ ଟ୍ରେନିଂ ଆଣ୍ଡ ଡିଜାଇନ୍ ସେଣ୍ଟର, ସ୍ଥାନ: ପିସିଆଇଟିଆଇ, ଷ୍ଟେସନ ବଜାର, ବାରିପଦା, ଫୋ: 0679-255650,9938129968,9439371830<br>ଆପାରେଲ୍ ଟ୍ରେନିଂ ଆଣ୍ଡ ଡିଜାଇନ୍ ସେଣ୍ଟର, ସ୍ଥାନ: ଆଇଟିଟି, ଇଷ୍ଟ ବ୍ଲକ, ଗ୍ରାଉଣ୍ଡ ଫ୍ଲୋର, ଚୌଦ୍ୱାର,କଟକ, ଫୋ: 0671-2394400, 8270343670,9439371830<br>ଆପାରେଲ୍ ଟ୍ରେନିଂ ଆଣ୍ଡ ଡିଜାଇନ୍ ସେଣ୍ଟର, ସ୍ଥାନ: ଇସ୍ପାତ ଲୋୟର ସେକେଣ୍ଡାରୀ ସ୍କୁଲ, ସେକ୍ଟର-୮,ଡି-ଟାଇପ୍ ମାର୍କେଟ ପଛ,ରାଉରକେଲା, ଫୋ:0661-2602499, 9437734429, 7381149145 | ୨୫.୦୯.୨୦୧୮ |
| Sampling Coordinator/ GCT (AMH/Q1801) | ୮ମ ପାସ୍ (୧୮ରୁ ୫୦ ବର୍ଷ) | ୪ ମାସ ୪୦୦ ଘଣ୍ଟା | ୩୦ | ଆପାରେଲ୍ ଟ୍ରେନିଂ ଆଣ୍ଡ ଡିଜାଇନ୍ ସେଣ୍ଟର, ସ୍ଥାନ: ମେଜର ସେଟେଲମେଣ୍ଟ ଅଫିସ୍ କ୍ୟାମ୍ପସ୍, ଜେଲ୍ ଛକ,ସମ୍ବଲପୁର, ଫୋ: 0663-2410354,9338757513,9861087018<br>ଆପାରେଲ୍ ଟ୍ରେନିଂ ଆଣ୍ଡ ଡିଜାଇନ୍ ସେଣ୍ଟର, ସ୍ଥାନ: ନାଲ୍‌କୋ କମ୍ୟୁନିଟି ସେଣ୍ଟର, ନାଲ୍‌କୋ ଟାଉନ୍‌ସିପ୍, ଦାମନଯୋଡି,କୋରାପୁଟ, ଫୋ: 9338757513,9861087018<br>ଆପାରେଲ୍ ଟ୍ରେନିଂ ଆଣ୍ଡ ଡିଜାଇନ୍ ସେଣ୍ଟର, ସ୍ଥାନ: ଏମ୍.ଆଇ. ବିଲ୍ଡିଙ୍ଗ , ଷ୍ଟେଟ୍ ବ୍ୟାଙ୍କ୍ ପାଖ , କେ. ନୂଆ ଗାଁ,କନ୍ଧମାଳ-୭୬୨୧୦୨, ଫୋ: 9937903659 | |

୧. ମନୋନୟନ ନିମନ୍ତେ ଅନ୍ୟ ନିର୍ଦ୍ଧାରିତ ଯୋଗ୍ୟତା ମାନଦଣ୍ଡ :
(କ) ଆବେଦନକାରୀଙ୍କ ବୟସ ୧୮ରୁ ୫୦ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ।
(ଖ) ବାର୍ଷିକ ଆୟ ର ପ୍ରମାଣ ପତ୍ର।
(ଗ) ୯୦% ଉପସ୍ଥାନ ସହ ପ୍ରଶିକ୍ଷଣ ଶେଷ ହେବା ପରେ ପ୍ରତ୍ୟେକ ଛାତ୍ରଙ୍କୁ ଟ.୧,୫୦୦/- ଲେଖାଏଁ ଛାତ୍ରବୃତ୍ତି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି।
(ଘ) ଅନୁସୂଚିତ ଜାତିଗତ ପ୍ରମାଣପତ୍ର ଓଡ଼ିଶା ସରକାରଙ୍କ ଦ୍ୱାରା ଜାରି ହୋଇଥିବା ଆବଶ୍ୟକ।
୨. ସଫଳତାର ସହ ପ୍ରଶିକ୍ଷଣ ନେବା ପରେ ତାଲିମପ୍ରାପ୍ତଙ୍କୁ ଏଏମ୍‌ଏଚ୍ ଏସ୍‌ସି ( ସେକ୍ଟର ସ୍କିଲ୍ କାଉନ୍‌ସିଲ୍ )ତରଫରୁ ପ୍ରମାଣପତ୍ର ପ୍ରଦାନ କରାଯିବ।
୩. ସାକ୍ଷାତ୍‌କାରରେ ଯୋଗଦେବା ନିମନ୍ତେ କୌଣସି ପ୍ରକାର ଯାତ୍ରା କିମ୍ବା ଭତ୍ତା ପ୍ରଦାନ କରାଯିବ ନାହିଁ।
୪. ସାକ୍ଷାତ୍‌କାର ନିମନ୍ତେ ପ୍ରାର୍ଥୀ ନିଜର ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର, ଆୟ ପ୍ରମାଣପତ୍ର ଏବଂ ଆଧାର କାର୍ଡର ସତ୍ୟାପିତ ନକଲ, ଦୁଇଗୋଟି ଫଟୋଗ୍ରାଫ୍ ଏବଂ ଆଧାର କାର୍ଡର ସତ୍ୟାପିତ ନକଲ, ଦୁଇଗୋଟି ଫଟୋଗ୍ରାଫ୍ ଏବଂ ନିମ୍ନ ଫର୍ମାଟରେ ଦରଖାସ୍ତ ସହିତ ଉପସ୍ଥିତ ହେବେ।

ଦରଖାସ୍ତ ଫର୍ମ
(୧) ଆବେଦନକାରୀଙ୍କ ନାମ : ,(୨) ପିତା/ସ୍ୱାମୀଙ୍କ ନାମ : ,(୩) ସ୍ଥାୟୀ ଏବଂ ବର୍ତ୍ତମାନ ଠିକଣା,ପିନ କୋଡ୍ ତଥା ଟେଲିଫୋନ୍ ନମ୍ବର (ଯଦି ଥାଏ), :
(୪) ଜାତି : .(୫) ବାର୍ଷିକ ଆୟ, : ,(୬) ଜନ୍ମ ତାରିଖ, : ,(୭) ଶିକ୍ଷାଗତ ଯୋଗ୍ୟତା : ,(୮) ଏତଦ୍ୱାରା ମୁଁ ଘୋଷଣା କରୁଅଛି କି ମୁଁ ଏଥି ପୂର୍ବରୁ କୌଣସି ଟ୍ରେଡ୍‌ରେ ପ୍ରଶିକ୍ଷଣ ପାଇନାହିଁ।
ନିଜର ପାସପୋର୍ଟ ସାଇଜ୍‌ର ଫଟୋ ଲଗାନ୍ତୁ
ଦ୍ରଷ୍ଟବ୍ୟ - ସମସ୍ତ ପ୍ରମାଣ ପତ୍ରର ସତ୍ୟାପିତ ନକଲ ସଂଲଗ୍ନ କରାଯିବା ଆବଶ୍ୟକ ତଥା ମୂଳ ପ୍ରମାଣପତ୍ର ସାକ୍ଷାତ୍‌କାର ସମୟରେ ସାଙ୍ଗରେ ଆଣିବାକୁ ହେବ।

AICTE | AMH-SSC | Skill India | DGT | ATDC B.Voc. Bachelor Degree Programmes for Apparel and Fashion

See Career Appointment on every Wednesday & Saturday



ଭ୍ରମାତ୍ମକ ଫୋନ କଲ୍/ଇମେଲ୍ ଏବଂ ମିଛ/ଶଠ ଅଫର୍ ପ୍ରତି ସାବଧାନ। ଆଇଆରଡିଏଆଇ ସର୍ବସାଧାରଣଙ୍କୁ ସ୍ପଷ୍ଟ କରୁଛି ଯେ - ଆଇଆରଡିଏଆଇ ବା ଏହାର କେହି ଅଧିକାରୀ କୌଣସି ପ୍ରକାରର ବୀମା ବା ଫାଇନାନ୍ସିଆଲ୍ ଉତ୍ପାଦ ବିକ୍ରି ଅଥବା ପ୍ରିମିୟମ୍ ବିନିଯୋଗ କରିବା ପରି କାର୍ଯ୍ୟକଳାପ କରନ୍ତି ନାହିଁ। ଆଇଆରଡିଏଆଇ ବୋନସ ଘୋଷଣା କରେ ନାହିଁ। ଏଭଳି ଫୋନ୍ କଲ୍ ପାଉଥିବା ବ୍ୟକ୍ତି ଉକ୍ତ ଫୋନ କଲ୍ ନମ୍ବର ସହିତ ପୋଲିସରେ ଅଭିଯୋଗ ଦାଏର କରିବାକୁ ଅନୁରୋଧ।



ପଶ୍ଚିମବଙ୍ଗ ପୋଲିସର ୟୁନିଫର୍ମ ରଙ୍ଗ ପରିବର୍ତ୍ତନ ହେବାକୁ ଯାଉଛି। ଏବେ ଖାକିରୁ ହେବ ଧଳା ରଙ୍ଗର ୟୁନିଫର୍ମ। କନଷ୍ଟେବଲଙ୍କ ଠାରୁ ଇନ୍ସପେକ୍ଟର ର୍‍ୟାଙ୍କ ପର୍ଯ୍ୟନ୍ତ ପୋଲିସ କର୍ମଚାରୀଙ୍କ ପାଇଁ ଏଭଳି ୟୁନିଫର୍ମ ରହିବ। ଏହା ସହ ଟ୍ରାଫିକ ପୋଲିସଙ୍କର ୟୁନିଫର୍ମ ରଙ୍ଗ ମଧ୍ୟ ପରିବର୍ତ୍ତନ ହେଉଛି ବୋଲି ଗୃହ ବିଭାଗର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏହି ପ୍ରସ୍ତାବକୁ ଗୃହ ବିଭାଗ ଗୁରୁବାର ମଞ୍ଜୁରୀ ପ୍ରଦାନ କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................



ରୁଦ୍ରନାରାୟଣ
ପରିବାରବର୍ଗ



ଚନ୍ଦ୍ରଜିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




## SALE

Book duplex (ready to move) Tankapani road, near BJEM-2 school, Ranga bazar. Cost-55 lakhs with bank finance. 8917360040, 7077074156. D-64153

Immediate ready for construction land at Rasulgarh near Hitech Square (NH-5). 16,20,000/-. 9938771877. D-64307

1300, 2500, 4500 sqft. individual boundary wall residential plot at Canal Road, Hanspal. Owner: 9437033320. D-64308

3000 sft. homestead land immediately for sale Chandrasekharpur, Bhubaneswar. Genuine buyer directly contact Deepak. 9937329999. D-61498

ମୋର ନିଜସ୍ୱ ସ୍ଥିତିବାନ plot ଜାମୁକୋଳି ମୌଜାରେ 4270 sqft. ସୁନ୍ଦରପଦା ଜଟଣୀ ରୋଡ Lingaraj Railway Stationଠାରୁ 7km. ବିକ୍ରିହେବ। 9238896887, 8249821200. D-62126

4BHK duplex at Balianta (land- 1400 & construction- 2100) @ 50 lakh. 9861022055, 9938219397. D-8318

**Bhubaneswar Hanspal** ସୁଧାନନ୍ଦ କଲେଜଠାରେ ଘରବାରି **boundary plot 80'** ପିଚୁରୋଡ୍‌କୁ ଲାଗି ବିକ୍ରିହେବ। **9437003399, 9437240295.** D-64317

ଭୁବନେଶ୍ୱର ହଂସପାଳ ପାଖାପାଖି ଘରବାରି boundary 30ft. road ଥାଇ ପ୍ଲଟ ମିଳୁଛି। 9668194157. D-63493

Booking simplex 2BHK 1200 sqft. Tankapani road Sai Temple 26,19,000/- 7735738102. D-8375

Readymade new 3BHK flat at BJB Nagar, No tax 9439716901 (Broker not allowed). D-64158

ମୋର ନିଜ ନାମରେ ଘାଟିକିଆରେ ପ୍ଲଟ୍ ଅଛି। କେବଳ କିଣିବା ଲୋକ ଯୋଗାଯୋଗ କରନ୍ତୁ। ଫୋନ୍: 9937273159. D-8372

4BHK duplex at Balianta (land-1400, construction-2100) @ 50 lakh. Residential gharabari land at Patrapada @ 2100, Malipada @ 1050, Nuagaon @ 800/ 1400, Hanspal @ 1700. Contact: M-Planets. 9861022055, 9938219397. D-8378

BDAର ଅରଗୁଳଠାରେ ନିର୍ମିତ IITକୁ ଲାଗି ପିଚୁ ରାସ୍ତାର ସୁବିଧାଥାଇ ଘରବାରି plot ମିଳୁଅଛି। 9777342153. D-64316

3150 sqft. land near Station Square, Cuttack road for godown or semi commercial purpose for immediate sale. 9861887069. D-63094

**2/3BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs. 30 lakhs Contact: 9937059891, 8908312315, 8908292617.** D-8388




**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & Architect Plan- SMPL: 9439483779.** D-8389

## GENERAL

## SALE

Furnished AC restaurant, Lewis road, Ravi Talkies Square, Bhubaneswar. 9437283845. D-63369




3BHK flat, garage, first floor, NC Gita Apartment, N1, Swapneswar Mandir front, IRC Village. 9437015191. D-61499




Fully refreshed/ relaxed body massage by expert therapist, Shastrinagar. 7377984773. D-64116

Rejuvenate and Ayurvedic full body massage by smart therapist. 9114402304. D-64118

Pamper yourself this Mansoon profesional massage. Contact Purple Orchid. 9776598888. D-64117

Newly opening ayurvedic body massage in joint pains, smart therapist. 9776383819. D-64150

Opening newly ayurvedic full body massage ladies, gents. 7609923705, 7438851534. D-38530

Newly opening ayurvedic body massage smart therapist, Shree Herbal. 7750020754. D-64151

Newly opening ayurvedic full body massage by expert lady therapist. 9583125024. D-63090

Newly open herbal full body massage with refreshment well trained therapist. 7381239385. D-63091

G.S Spa herbal full body massage ladies/ gents. 9078429117, 7683840853. D-63092

Experience full body massage with us by experts. Enquiry: 7377048581. D-64156

ଫୁଲ ବଡି ମସାଜ (ଦେଶୀ ମୋବାଇଲ) only gents @ 250/-. 9583978590, 7064653554. D-63495

Herbal full body massage by smart/ expert therapist. Contact: 8338067247. D-64152

Bangkok spa special offer 50% off on all 1hrs any full body massage. 9861688844, 8018739084. D-64310

All type of massage and good therapy full body massage Sai herbal spa. 7609005923. D-64202




Business project registration opens for NGO, SHG. Contact for new registration of NGO. 9428744117, 9438804164. Rashtriya NGO Munch. D-8370

Textile stitching project contract for 5 years. Registration opens. Free distributorship. Contact Gujarat Textile. 7978852917. D-8371

## Birthday Wish



(Sid)

**Mohit Pattnaik**

Wish you many many happy returns of the day. Lots and lots of love. Best wishes for you on your birthday. Wishes from: Papa, Mama and family. D-8383

## Birthday Wish



**Aditya Sai**

Plot No. 44/98, Kalinga Vihar

***Happy Birthday***

Best Wishes from: Mama, Papa, Jeje, Bou & all family members. D-8374

**Happy Birthday**



(Papal)

**Swastik Mohapatra**

Sahebzada Bazar, Chandini Chowk, Cuttack

On this auspicious day of your 19th birth anniversary, we pray before the Almighty to bless you. Your path will filled with flowers. Achieve all success in your life without any hurdles. Your lovingly Papa- Srikant Ku. Mohapatra, Mama- Rajlaxmi Dash. D-8387

## Birthday Wish



**Asish Kumar Das**
**Cuttack**

It was great day when you were born but it is a great day to be alive. So live Happy Birthday to you Asish... Best Wishes from: Family and friends. D-8322

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ପ୍ରଥମ ପୃଷ୍ଠାରୁ...

## ମୁହଁ ମୋଡୁଛି ...

୫୮୩୨.୫୦ କୋଟି ଟଙ୍କାର କ୍ଷୟକ୍ଷତି ଆକଳନ କରି କେନ୍ଦ୍ର ନିକଟକୁ ସହାୟତା ପାଇଁ ପଠାଇଥିଲେ। କେନ୍ଦ୍ରୀୟ ଟିମ୍ ଯାଞ୍ଚ କରିବା ପରେ କେନ୍ଦ୍ର ସରକାର ଦୁଇଟି ପର୍ଯ୍ୟାୟରେ ମାତ୍ର ୧୧୪୯.୮୩ କୋଟି ଟଙ୍କା ସହାୟତା ଦେଇ ନିଜର କର୍ତ୍ତବ୍ୟ ସାରି ଦେଇଥିଲେ । ଏହାର ବର୍ଷେ ନ ପୂରୁଣୁ ପୁଣି ୨୦୧୪ ଅକ୍ଟୋବର ୧୩ରେ ବାତ୍ୟା ହୁଡ୍‌ହୁଡ୍ ଓଡିଶାରେ ପିଟିହେଲା। ଏଥିରେ ମାଲକାନଗିରି, ନବରଙ୍ଗପୁର, କୋରାପୁଟ, ଗଜପତି, କଳାହାଣ୍ଡି, ଗଞ୍ଜାମ ଓ କନ୍ଧମାଳ ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟିଲା। ସରକାର କ୍ଷତି ଆକଳନ କରି କେନ୍ଦ୍ର ସରକାରଙ୍କୁ ୭୭୭.୧୨ କୋଟି ଟଙ୍କାର ସହାୟତା ରିପୋର୍ଟ ଦେଲେ। ୨୦୧୫ରେ ରାଜ୍ୟର ୨୦ଟି ଜିଲାରେ ମରୁଡି ପରିସ୍ଥିତି ସୃଷ୍ଟି ହେଲା। ରାଜ୍ୟ ସରକାର ଏ ନେଇ ୨୩୪୪.୯୯କୋଟି ଟଙ୍କାର ସହାୟତା ମାଗିଥିଲେ। ବାତ୍ୟା ଓ ମରୁଡି ପାଇଁ କେନ୍ଦ୍ର ସରକାର ଦୁଇଟି ପର୍ଯ୍ୟାୟରେ ମାତ୍ର ୬୦୦.୫୨ କୋଟି ପ୍ରଦାନ କଲେ। ଏହାଛଡା ୨୦୧୩ରୁ ୨୦୧୭-୧୮ ମଧ୍ୟରେ କେନ୍ଦ୍ର ସରକାର ବିପର୍ଯ୍ୟୟ ପ୍ରଶମନ ସହାୟତା ପାଣ୍ଠିକୁ କେନ୍ଦ୍ର ସରକାର ନିଜ ଅଂଶଧନ ବାବଦରେ ୨୭୬୩.୯୭ କୋଟି ପ୍ରଦାନ କରିଛନ୍ତି, ଯାହାକି ସମୁଦ୍ରକୁ ଶଙ୍ଖେ ।

କେବଳ ପ୍ରାକୃତିକ ବିପତ୍ତି ନୁହେଁ, କେନ୍ଦ୍ରୀୟ ଯୋଜନାରେ ରାଜ୍ୟରେ ତଣ୍ଟି ଚିପିବାକୁ ଉଦ୍ୟମ କରାଯାଉଛି। ବିଭିନ୍ନ ଯୋଜନାରେ ଅନୁଦାନକୁ ମଧ୍ୟ କାଟଛାଣ୍ଟ କରାଯାଉଛି। ୭ଟି କେନ୍ଦ୍ରୀୟ ଯୋଜନା ଉଚ୍ଛେଦ କରାଯାଇଥିବା ବେଳେ ୩୨ଟି ଯୋଜନାରେ ଅନୁଦାନ ୬୦:୪୦କୁ ହ୍ରାସ କରାଯାଇଛି। ସବୁଠୁ ଆଶ୍ଚର୍ଯ୍ୟର କଥା ଯେ ଗରିବ, ଦିନ ମଜୁରିଆଙ୍କ ପାଇଁ ଉଦ୍ଦିଷ୍ଟ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନଆରଇଜିଏସ)ରୁ ମଧ୍ୟ କେନ୍ଦ୍ର ସରକାର ମୁହଁ ମୋଡିବା ଆରମ୍ଭ କଲେଣି। ପଞ୍ଚାୟତିରାଜ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ କେନ୍ଦ୍ର ସରକାର ୨୦୧୮-୧୯ ପାଇଁ ୨୭୬୬.୮୭ କୋଟି ଟଙ୍କା ଦେବାକୁ ଥିବା ବେଳେ ଏ ପର୍ଯ୍ୟନ୍ତ ମାତ୍ର ୧୬୧୮ କୋଟି ଟଙ୍କା ପ୍ରଦାନ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ(ପିଏମ୍‌ଏୱାଇ-ଜି)ରେ ମଧ୍ୟ କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷ ପାଇଁ ଟଙ୍କାଟିଏ ଦେଇ ନ ଥିବା ଜଣାପଡିଛି। ଫଳରେ ଏହି ଯୋଜନାକୁ ନେଇ ରାଜ୍ୟ ସରକାରଙ୍କ ମୁଣ୍ଡବ୍ୟଥା ବଢିଯାଇଛି। ୫ ମାସ ବିତିବାକୁ ବସିଥିଲେ ସୁଦ୍ଧା ପ୍ରଥମ କିସ୍ତି ମିଳି ନାହିଁ। ଚଳିତ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ସରକାର ପିଏମ୍‌ଏୱାଇ-ଜିରେ ୨ ଲକ୍ଷ ୫୬ ହଜାର ଘର ନିର୍ମାଣ କରିବାକୁ ଓଡିଶା ସରକାରଙ୍କୁ ଟାର୍ଗେଟ ଦେଇଛନ୍ତି। ଏହାକୁ ମିଶାଇ ରାଜ୍ୟ ସରକାର ଅନ୍ୟାନ୍ୟ ଯୋଜନାରେ ଚଳିତ ବର୍ଷ ୭ ଲକ୍ଷ ଗୃହ ନିର୍ମାଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଏ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ୫ ଲକ୍ଷ ୬୫ ହଜାର ଘର କିସ୍ତି ଅଭାବରୁ ଅଧା ପନ୍ତରିଆ ହୋଇ ରହିଛି। କେନ୍ଦ୍ର ସରକାର ୨୦୧୮-୧୯ ପାଇଁ ପିଏମ୍‌ଏୱାଇ-ଜି ଲାଗି ନିଜ ଅଂଶଧନ ୬୦ ପ୍ରତିଶତ ହିସାବରେ ଗତ ଏପ୍ରିଲ ମାସ ସୁଦ୍ଧା ୯୭୨ କୋଟି ଟଙ୍କା ପ୍ରଦାନ କରିବା କଥା। ଅନ୍ୟ ରାଜ୍ୟଗୁଡିକୁ ପ୍ରଥମ କିସ୍ତି ୫ ମାସ ପୂର୍ବରୁ କେନ୍ଦ୍ର ସରକାର ଦେଇ ସାରିଥିବା ବେଳେ ଓଡିଶାକୁ ଜାଣିଶୁଣି ଅବହେଳା କରାଯାଉଛି। ରାଜ୍ୟ ସରକାର ଏ ନେଇ ବାରମ୍ବାର କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟକୁ ଚିଠି ଲେଖିଥିଲେ ମଧ୍ୟ କୌଣସି ଉତ୍ତର ମିଳୁ ନାହିଁ। ବାତ୍ୟା, ବନ୍ୟା, ମରୁଡି ଭଳି ପ୍ରାକୃତିକ ବିପତ୍ତି ଓଡିଶାବାସୀଙ୍କୁ ଦୟନୀୟ ସ୍ଥିତିରେ ପକାଇଥିବା ବେଳେ କେନ୍ଦ୍ର ସରକାରଙ୍କ ଏଭଳି ମନୋଭାବ ରାଜ୍ୟବାସୀଙ୍କୁ ମର୍ମାହତ କରିଛି।

## ଭଡାଘରୁ ମହିଳା ଡାକ୍ତରଙ୍କ...

ମନସ୍ୱିନୀଙ୍କ ବାପା ସୂର୍ଯ୍ୟମଣି ନାୟକ କହିଛନ୍ତି, ତାଙ୍କ ଝିଅ ମାନସିକ ସ୍ତରରେ ବେଶ୍ ସୁଦୃଢ଼। ସେ ଆତ୍ମହତ୍ୟା କରିବାର ପ୍ରଶ୍ନ ଉଠୁନାହିଁ। ପୋଲିସ ଏହାର ଠିକ୍ ତଦନ୍ତ କଲେ ପ୍ରକୃତ ଘଟଣା ପଦାକୁ ଆସିବ।

ସୂଚନା ଅନୁଯାୟୀ, ମନସ୍ୱିନୀ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ଡାକ୍ତରଭାବେ ଜେନେରାଲ ଆଇସିୟୁରେ କାର୍ଯ୍ୟ କରୁଥିଲେ। ସେ ଗତ କିଛିଦିନ ହେବ ଶ୍ରୀବିହାର ଅଞ୍ଚଳରେ ଘର ଭଡା ନେଇ ଭାଇଙ୍କ ସହ ରହୁଥିଲେ। ନୂଆଖାଇ ପାଇଁ ତାଙ୍କ ଭାଇ ଘରକୁ ଯାଇଥିବାବେଳେ ସେ ଏଠାରେ ଏକା ଥିଲେ। ଗୁରୁବାର ରାତି ପ୍ରାୟ ୧୨ଟାରେ ତାଙ୍କ ଭାଇ ମନସ୍ୱିନୀଙ୍କୁ ଫୋନ କରିଥିଲେ। ହେଲେ ସେ ଫୋନ୍‌ର ଉତ୍ତର ଦେଇ ନ ଥିଲେ। ବାରମ୍ବାର ଫୋନ କରିବା ସତ୍ତ୍ୱେ ସେ ନ ଉଠାଇବାରୁ ଭାଇଙ୍କର ସନ୍ଦେହ ହୋଇଥିଲା। ସେ ତାଙ୍କ ବନ୍ଧୁଙ୍କୁ ଭଡ଼ାଘରକୁ ପଠାଇ କ'ଣ ହୋଇଛି ଦେଖିବା ପାଇଁ କହିଥିଲେ। ୩ଜଣ ବନ୍ଧୁ ସେଠାକୁ ଯିବା ପରେ ମନସ୍ୱିନୀ ଥିବା ରୁମ୍‌ର ଭିତରପଟୁ ବନ୍ଦ ଥିବା ଦେଖିବାକୁ ପାଇଥିଲେ। ସେମାନେ କବାଟ ବାଡେଇଥିଲେ ମଧ୍ୟ ସେ ଖୋଲି ନ ଥିଲେ। ଶେଷରେ ସେମାନେ କବାଟ ଭାଙ୍ଗି ଦେଇଥିଲେ। ଖଟ ଉପରେ ମନସ୍ୱିନୀ ନିସ୍ତେଜ ଅବସ୍ଥାରେ ପଡିଥିଲେ। ନିକଟରେ ଏକ ସିରିଞ୍ଜ ଓ ମେଡିସିନ ପଡିଥିଲା। ତାଙ୍କୁ ସେମାନେ ତୁରନ୍ତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କେତେଜଣ ପଡୋଶୀଙ୍କ କହିବା ଅନୁଯାୟୀ, ବିଳମ୍ବିତ ରାତି ପର୍ଯ୍ୟନ୍ତ ମନସ୍ୱିନୀ କାହା ସହ ଫୋନ୍‌ରେ ଝଗଡା କରୁଥିବା ଶୁଣିଥିଲେ। ବାରମ୍ବାର ସେ କହୁଥିଲେ ତମେ ମୋ କଥା ରଖିବ କି ନାହିଁ। ତେଣୁ ହସ୍ପିଟାଲରେ କିଛି ସମସ୍ୟା ହୋଇଥିବା ଭାବିଥିଲେ। କିନ୍ତୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରର ବାହାର ଲାଇଟ୍ ଜଳିବା ସହ ବାହାର କବାଟ ଖୋଲା ରହିଥିଲା। ଏହା ଏକ ଆତ୍ମହତ୍ୟା ବୋଲି ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ଦୀପକ ମିଶ୍ର କହିଛନ୍ତି। ସୂଚନାଯୋଗ୍ୟ, କଟକରେ ଡାକ୍ତରୀ ପଢିବା ସମୟରେ ମନସ୍ୱିନୀ ଜଣେ ଡାକ୍ତରଙ୍କୁ ଭଲପାଇ ବିବାହ କରିଥିଲେ। ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ହେବାରୁ ୨୦୧୭ ଡିସେମ୍ବରରେ ସେମାନେ ଅଲଗା ହୋଇଯାଇଥିଲେ।

## ଆନନ୍ଦବଜାରରେ ଭକ୍ତଙ୍କୁ ...

ଫଳରେ ତାଙ୍କ ଚୁଡ଼ି ଭାଙ୍ଗିଯାଇଛି। ଏ ନେଇ ସମ୍ପୃକ୍ତା ମହିଳା ସିଂହଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଜଣଙ୍କୁ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ବୋଝିଆ ଫେରାର ହୋଇଯାଇଛନ୍ତି। ସିଂହଦ୍ୱାର ଥାନା ଆଇଆଇସି ଗୋକୁଳ ରଞ୍ଜନ ଦାଶ କହିଛନ୍ତି, ଖୋର୍ଦ୍ଧା ବାଣପୁରର ସୁଷମା ବିଶ୍ୱାଳ ସପରିବାର ଶ୍ରୀମନ୍ଦିରକୁ ଆସିଥିଲେ। ଦର୍ଶନ ସାରି ଅପରାହ୍ନ ପ୍ରାୟ ୨ଟା ବେଳେ ସେମାନେ ଆନନ୍ଦବଜାରରେ ମହାପ୍ରସାଦ କିଣି ଖାଇଥିଲେ। ହାତ ଧୋଇବାକୁ ନେଇ ଅନ୍ୟ ଏକ ମହାପ୍ରସାଦ ଦୋକାନ ଜଗିଥିବା ବୋଝିଆ ସଦର ଥାନା ଅନ୍ତର୍ଗତ ପାଇକସାହିର ସୁମନ୍ତ ବାରିକଙ୍କ ସହ ସେମାନଙ୍କର ଯୁକ୍ତିତର୍କ ହୋଇଥିଲା। ସେଠାରେ ହାତ ନ ଧୋଇବାକୁ ସୁମନ୍ତ କହିଥିଲେ। ଏହି ଯୁକ୍ତିତର୍କରୁ ସୁମନ୍ତ ସୁଷମାଙ୍କ ବାମହାତକୁ ଝିଙ୍କି ଦେଇଥିଲେ। ସୁଷମାଙ୍କ ଗୋଟିଏ ଚୁଡ଼ି ଭାଙ୍ଗିଯାଇଥିଲା। ପୁଣି କଥା କଟାକଟି ଭିତରେ ସୁମନ୍ତ ସୁଷମାଙ୍କ ବାପା ବ୍ରଜବନ୍ଧୁଙ୍କ ମୁଣ୍ଡକୁ ଏକ ଭଙ୍ଗା କୁଡୁଆରେ ପିଟି ଦେଇଥିଲେ। ବ୍ରଜବନ୍ଧୁଙ୍କ ମୁଣ୍ଡରେ ଆଘାତ ଲାଗିଛି। ଏହାପରେ ସମ୍ପୃକ୍ତ ପରିବାର ସଦସ୍ୟ ଶ୍ରୀମନ୍ଦିର ଶାଖା କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଯାଇଥିଲେ। ଏହି ସମୟରେ ସମ୍ପୃକ୍ତ ମହାପ୍ରସାଦ ଦୋକାନର ସେଲ୍‌ସମ୍ୟାନ ବିକାଶ ମହାପାତ୍ର ସୁମନ୍ତଙ୍କୁ ସେଠାରୁ ପଠାଇ ଦେଇଥିଲେ। ଶାଖା କାର୍ଯ୍ୟାଳୟର କର୍ମଚାରୀ ପହଞ୍ଚି ଘଟଣା ବିଷୟରେ ବିକାଶଙ୍କୁ ପଚାରିଥିଲେ। ସୁମନ୍ତଙ୍କୁ ବିକାଶ ଖସାଇଦେଇଥିବା ସମ୍ପୃକ୍ତ ପରିବାର ଲୋକେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ବିକାଶଙ୍କୁ ଥାନାକୁ ଧରି ଆଣିଥିଲା। ଅଭିଯୁକ୍ତ ସୁମନ୍ତଙ୍କୁ ଖସାଇଦେବା ଅଭିଯୋଗରେ ସେଲ୍‌ସମ୍ୟାନ ବିକାଶଙ୍କୁ ଗିରଫ କରାଯାଇଛି ବୋଲି ଆଇଆଇସି ଦାଶ କହିଛନ୍ତି। ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୭୬/୧୮) ରୁଜୁ କରାଯାଇଛି। ଅଭିଯୁକ୍ତ ସୁମନ୍ତଙ୍କୁ ଧରିବା ପାଇଁ ଚଢାଉ ଚାଲିଛି ବୋଲି ଆଇଆଇସି କହିଛନ୍ତି।

## 'ଅଲିଭିଆ ହୋକ୍ସ'କୁ ...

ଏପରି କି ସେ ବନ୍ଧୁତାର କଥା ଉଠାଇ ଏକ ଫଟୋ ପଠାଇବାକୁ ଦର୍ଶାଉଛି, ଯେଉଁ ଫଟୋରେ ଆମେ ସମସ୍ତେ ରହିଛେ ବୋଲି ଦାବି କରୁଛି। ଏହାପରେ ସେ ଏକ ଲିଙ୍କ୍ ପଠାଉଛି। କିନ୍ତୁ ତାହାକୁ କ୍ଲିକ୍ କଲେ ଅଶ୍ଳୀଳ ୱେବ୍‌ସାଇଟ୍ ଖୋଲିଯାଉଛି। ଏଭଳି ମାଧ୍ୟମରେ ପିଲାମାନଙ୍କୁ ପଥଭ୍ରଷ୍ଟ କରିବାକୁ ଉଦ୍ୟମ କରାଯାଉଛି। ଏହା ଚିନ୍ତାଜନକ ବିଷୟ ହୋଇଥିବାବେଳେ ଓଡ଼ିଶାର କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଟୁଇଟର ମାଧ୍ୟମରେ ଅଭିଭାବକମାନଙ୍କୁ ସତର୍କତା ଜାରି କରାଯାଇଛି। ମୋବାଇଲ ଫୋନ ଧରୁଥିବା ପିଲାମାନଙ୍କ ଅନଲାଇନ ଗତିବିଧି ଉପରେ ନଜର ରଖିବାକୁ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ପରାମର୍ଶ ଦିଆଯାଇଛି। କୌଣସି ଅଜଣା ଓ ସନ୍ଦେହଜନକ ଫୋନ ନମ୍ବରରୁ ଆସୁଥିବା ମେସେଜ୍ ଗ୍ରହଣ ନ କରିବାକୁ କ୍ରାଇମ୍‌ବ୍ରାଞ୍ଚ ପରାମର୍ଶ ଦେଇଛି।

## ଖାତକୁ ଖସିଲା...

ପୋଲିସ ଏବଂ ସ୍ଥାନୀୟ ଲୋକେ ଉଦ୍ଧାର କାର୍ଯ୍ୟରେ ଲାଗିପଡ଼ିଥିଲେ। ଘଟଣାସ୍ଥଳରେ ଅଧିକାଂଶ ଲୋକ ପ୍ରାଣ ହରାଇଥିଲେ। ଶେଷ ଖବର ସୁଦ୍ଧା ମୃତ୍ୟୁସଂଖ୍ୟା ୧୭ ଛୁଇଁଥିଲା। ମୃତକଙ୍କ ମଧ୍ୟରେ ଡ୍ରାଇଭର ଅଶ୍ରଫ୍ ହୁସେନ୍ ଏବଂ ତିନି ମହିଳା ଅଛନ୍ତି। ଯାତ୍ରୀଙ୍କୁ ଓଭରଲୋଡ୍ କରିନେବା ଯୋଗୁ ଗୁରୁବାର ଟ୍ରାଫିକ୍ ପୋଲିସ ହୁସେନଙ୍କଠାରୁ ଜରିମାନା ଆଦାୟ କରିଥିଲେ। ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୁରୁତର ଆହତ ହୋଇଥିବା ୮ଜଣଙ୍କୁ କିସ୍ତୱାରରୁ ଜମ୍ମୁକୁ ନେବା ଲାଗି ଭାରତୀୟ ବାୟୁସେନାର ଏମ୍‌ଆଇ-ଭି୫ ହେଲିକପ୍ଟର ବ୍ୟବହାର କରାଯାଇଥିଲା। ଅନ୍ୟ ତିନିଜଣଙ୍କୁ ପୱନ୍‌ହଂସ ହେଲିକପ୍ଟର ଜରିଆରେ ନିଆଯାଇଥିଲା।

ଦୁର୍ଘଟଣା ସମ୍ପର୍କରେ ଖବର ପାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଜମ୍ମୁ-କଶ୍ମୀର ରାଜ୍ୟପାଳ ସତ୍ୟପାଲ ମଲିକ ଶୋକବ୍ୟକ୍ତ କରିଛନ୍ତି। ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବ ବୋଲି ସେ ଘୋଷଣା କରିଛନ୍ତି। ସେହିପରି ଆହତଙ୍କୁ ମଧ୍ୟ ୫୦,୦୦୦ ଟଙ୍କା ଲେଖାଏ ଦିଆଯିବ ବୋଲି ରାଜ୍ୟପାଳ ପ୍ରକାଶ କରିଛନ୍ତି।

## ମନେ ପଡ଼ନ୍ତି

### ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ରବିନାରାୟଣ ମହାନ୍ତି**

ମିଶ୍ର ସାହି, ପୁରୀ
ଜନ୍ମ: ତା୨୩।୦୯।୧୯୪୫
ତିରୋଧାନ: ତା ୦୬।୦୯।୨୦୧୮

ଆପଣଙ୍କ ହସହସ ମୁହଁ, ସ୍ପଷ୍ଟବାଦିତା, ସତ୍ୟନିଷ୍ଠା, ଅନାବିଳ ସ୍ନେହ, ଭଲପାଇବା, ଉପଦେଶ, କର୍ତ୍ତବ୍ୟପରାୟଣତା ଓ ଈଶ୍ୱରଙ୍କ ପ୍ରତି ଅଗାଧ ଭକ୍ତି ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଏତିକି ପ୍ରାର୍ଥନା। ଅଭାଗିନୀ ପତ୍ନୀ-ଲକ୍ଷ୍ମୀପ୍ରିୟା, ପୁତ୍ର, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ। ଧ-୮୩୭୩

### ପ୍ରଥମ ଶ୍ରାଦ୍ଧବାର୍ଷିକ



**ସ୍ୱର୍ଗତା ବିଳାସିନୀ ପ୍ରଧାନ**

ପାପସରା, ହଣ୍ଡପା, ଅନୁଗୋଳ

ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ସ୍ୱାମୀ-ଦେବରଞ୍ଜନ ପ୍ରଧାନ, ଝିଅ-ମୀନାକ୍ଷୀ, ମଳୟ, ସୋନାଲି ଓ ପରିବାରବର୍ଗ। ଧ-୮୩୮୬

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଅଷ୍ଟମସ୍ଥ ଚନ୍ଦ୍ର ନୀଚରାଶିରେ ରହି ବୃଥା ଚିନ୍ତା ଓ ଦୁର୍ଭାବନାଜନିତ ମାନସିକ ଅସ୍ଥିରତା ସୃଷ୍ଟି କରିପାରନ୍ତି। କେତେକ କ୍ଷେତ୍ରରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ଅଚାନକ ଶୁଭ ଖବର ଶୁଣି ଖୁସି ହେବେ। କଚେରି ମାମଲାରେ ପ୍ରତିପକ୍ଷ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବେ।

**ବୃଷ** ରାଶ୍ୟାଧିପତି ଷଷ୍ଠସ୍ଥ ହେତୁ ଦୃଢ଼ ପଦକ୍ଷେପ ନେଇ କାର୍ଯ୍ୟ ହାସଲ କରିବେ। ପ୍ରତିଯୋଗିତାରେ ସଫଳତା ଲାଭ କରିବେ। କଳା,ସାହିତ୍ୟ ଓ କ୍ରୀଡ଼ା ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ବ୍ୟବସାୟିକ ଦିଗରୁ ଦିନଟି ମନ୍ଦ ନୁହେଁ, ଫଳତଃ ମାନସିକ ସ୍ଥିତି ବହୁତ ଭଲ ରହିବ। ଅଫିସ୍‌ରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ।

**ମିଥୁନ** ଚତୁର୍ଥସ୍ଥ ବୁଧାଦିତ୍ୟ ଯୋଗ ପାରିବାରିକ ଜୀବନ ଓ କର୍ମକ୍ଷେତ୍ରରେ ସୁଖ, ସମ୍ମାନ ପ୍ରଦାନ କରିବ। ମାତ୍ର କେତେକ କ୍ଷେତ୍ରରେ ଚାପର ବଶବର୍ତ୍ତୀ ହୋଇ ଅନେକ କାମ କରିବାକୁ ବାଧ୍ୟ ହେବେ। ପଡ଼ୋଶୀମାନେ ଈର୍ଷାନ୍ୱିତ ହୋଇ ଭିନ୍ନ ମନ୍ତବ୍ୟ ଦେଇପାରନ୍ତି। ବ୍ୟବସାୟ,ପରିବହନ ଓ ବାଣିଜ୍ୟରେ ସ୍ଥିତି ମାନ୍ଦା ହେବନାହିଁ।

**କର୍କଟ** ପ୍ରତ୍ୟେକ ଦିଗରୁ ଦିନଟି ଖୁସ ଓ ଆନନ୍ଦରେ ଅତିବାହିତ ହେବ। ବନ୍ଧୁମାନଙ୍କ ପ୍ରେରଣା ଲାଭକରି ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। ପୂର୍ବ କଳ୍ପିତ ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହେବେ। ନିର୍ମାଣ, ପରିବହନ, ସଭାସମିତି,ସାମ୍ବାଦିକତା ପ୍ରଭୃତି କ୍ଷେତ୍ରରେ ସମସ୍ୟା ଦୂରହେବ।

**ସିଂହ** ଦୀର୍ଘଦିନରୁ ଯାହା ଆଜିଯାଏଁ ଚାହୁଁଛନ୍ତି ତାହା ପାଇବା ସକାଶେ ଅନୁକୂଳ ଦିନଟିଏ। ମଘା ନକ୍ଷତ୍ରର ଆକସ୍ମିକ କାରଣକୁ ନେଇ ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇପାରେ। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ଭୁଲ୍ ବୁଝାମଣାରୁ ପାରିବାରିକ ଶାନ୍ତି ଓ ସୁସ୍ଥତା ବ୍ୟାହତ ହୋଇପାରେ।

**କନ୍ୟା** ନିଜର କୌଣସି ତ୍ରୁଟି ନ ଥାଇ ମଧ୍ୟ ବାରମ୍ବାର ସମସ୍ୟା ବୃଦ୍ଧି ପାଉଥିବାରୁ ଅନ୍ୟମାନଙ୍କ ପ୍ରତି ଭଲ ଧାରଣା କ୍ରମଶଃ ହ୍ରାସ ପାଇପାରେ। ପାରିବାରିକ ଆବଶ୍ୟକତା ପୂରଣ କରିବା ସକାଶେ ଧାରସୂତ୍ରରେ ଅର୍ଥ ଆଣିବେ। ଅଫିସ୍ କାମରେ ପ୍ରତିକୂଳ ପରିସ୍ଥିତିରେ ଚାପ କ୍ରମଶଃ ବଢ଼ିଯିବ। ଆଜିର ଯାତ୍ରା, ବାଣିଜ୍ୟ, ଗମନାଗମନ ପାଇଁ କୌଣସି ଅସୁବିଧା ହେବନାହିଁ।

**ତୁଳା** ଆଜି ଯେଉଁ କାମରେ ହାତଦେବେ ସେଥିରେ ସଫଳତା ଅବଶ୍ୟମ୍ଭାବୀ। ଖଳଲୋକମାନଙ୍କ ଦ୍ୱାରା ସୁନିୟନ୍ତ୍ରିତ କାର୍ଯ୍ୟ ଲାଗି କର୍ମକ୍ଷେତ୍ରରେ ଅପମାନଜନକ ସ୍ଥିତିରୁ ରକ୍ଷା ମିଳିବ। ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ। ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ ପାଇପାରନ୍ତି। ଆତ୍ମୀୟସ୍ୱଜନମାନେ ବିରୁଦ୍ଧାଚରଣ କରିପାରନ୍ତି।

**ବିଚ୍ଛା** ବିଗତ ଦିନରୁ ରହିଆସିଥିବା ଆଶା ପୂରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବାରେ ନିକଟ ସମ୍ପର୍କୀୟଙ୍କ ଅବଦାନକୁ ଭୁଲିପାରିବେ ନାହିଁ। ନିଜ ଖର୍ଚ୍ଚରେ ମୂଲ୍ୟବାନ୍ ଜିନିଷ କ୍ରୟ କରିବାରେ ଖୁସି ହେବେ। ରାଜନୈତିକ ସ୍ତରରେ ନେତୃତ୍ୱ ନେଇ ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି। ପରକଥାକୁ ପ୍ରାଧାନ୍ୟ ଦେଲେ ପାରିବାରିକ କ୍ଷେତ୍ରରେ ଅଶାନ୍ତି ଆସିବ।

**ଧନୁ** କର୍ମକ୍ଷେତ୍ରରେ ବନ୍ଧୁମାନଙ୍କ ସାହାଯ୍ୟ ଓ ସଦିଚ୍ଛା ଲାଭ କରି ଖୁସି ରହିବେ। ଅଫିସରେ ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରହନ୍ତୁ, ନଚେତ୍ ଅଯଥା ଅଶାନ୍ତି ସୃଷ୍ଟି ହେବା ଆଶଙ୍କା ରହିଛି। ଅଜଣା ବ୍ୟକ୍ତିଙ୍କ ଦ୍ୱାରା ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ବ୍ୟବସାୟ ଓ ପରିବହନରେ ଲାଭର ଯୋଗ ରହିଛି।

**ମକର** ବୃହସ୍ପତିଙ୍କ ଦୋଷରୁ ପରିବାରରେ ଭୁଲ୍ ବୁଝାମଣା କାରଣରୁ କଳହ ଦେଖାଦେଇପାରେ। ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିପାରିଲେ ନିଶ୍ଚିତ ସଫଳତା ହାସଲ କରିବେ। ମାଲିମକଦ୍ଦମା ତଥା ବିବାଦୀୟ କ୍ଷେତ୍ରରେ ପରିସ୍ଥିତି ଭିନ୍ନରୂପ ନେଇପାରେ। ବନ୍ଧୁଙ୍କ ଜରିଆରେ ଅପରାହ୍ନେ ଆଶା କରୁଥିବା ଜିନିଷଟି ପାଇ ଖୁସି ହୋଇଯିବେ।

**କୁମ୍ଭ** ପରିବାରରେ ଅଯଥା ସନ୍ଦେହଜନିତ କାରଣରୁ ଘରୋଇ କଳହ ବଢ଼ି ବଢ଼ି ମନ ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ମଧ୍ୟ ଯୋଜନାଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକାରୀ କରିବା କଷ୍ଟକର ହୋଇପାରେ। ବନ୍ଧୁଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ଭାବବିହ୍ୱଳ ହୋଇ କାମ କରିବେ। ଆଜିର ଯାତ୍ରା, ବାଣିଜ୍ୟ, ଚଳଚ୍ଚିତ୍ରରେ ଥିବା ସମସ୍ୟାର ସମାଧାନ ହୋଇଯିବ।

**ମୀନ** ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ବନ୍ଧୁମିଳନ ପ୍ରୀତିପ୍ରଦ ରହିବ। ସମସ୍ୟା ବିଜଡ଼ିତ ପରିସ୍ଥିତିରେ ବନ୍ଧୁଙ୍କ ସହାନୁଭୂତି ଲାଭକରି କାମ ହାସଲ କରିବେ। ଭାଗ୍ୟ ସ୍ଥାନରେ ଚନ୍ଦ୍ର ହେତୁ ସାମାଜିକ ସ୍ତରରେ ଜନହିତକର କାର୍ଯ୍ୟରେ ନିଜକୁ ଲିପ୍ତ ରଖିବେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବା ହେତୁ ବ୍ୟସ୍ତତା ଅନୁଭବ କରିପାରନ୍ତି।

ଆଜି ଷଠୀଓଷା, ଷଷ୍ଠୀଦେବୀ ପୂଜା, ସୋମନାଥ ବ୍ରତାରମ୍ଭ, ଲଳିତା ସପ୍ତମୀ ଓ କୁକ୍କୁଟୀବ୍ରତ, ଶ୍ରୀମନ୍ଦିରରେ ବିମ୍ବାସୁର ଓ କେକେଶୀବଧ ପ୍ରସ୍ତାବ, ସେପ୍ଟେମ୍ବର ୧୫ ତାରିଖ ଶନିବାର, ଅଭିଯନ୍ତା ଦିବସ,ରାଶି ନକ୍ଷତ୍ର ଅନୁରାଧା/ବିଛା, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ୧୧ ।୫୦ମି. ଗତେ, ଘ୧ ।୩୦ମି. ମଧ୍ୟେ, ଘ୩।୦୩ମି. ଗତେ, ଘ୪ ।୪୦ମି. ମଧ୍ୟେ ଅମୃତବେଳା। ସକାଳ ଘ୬ ।୫୫ମି. ଗତେ, ଘ୮ ।୩୨ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୮ ।୪୦ମି. ଗତେ ଘ୧୦ ।୧୧ମି. ମଧ୍ୟେ ରାହୁକାଳ ।








# ମାନବ ବିକାଶ ସୂଚକାଙ୍କ: ଭାରତର ର୍‍ୟାଙ୍କ୍ ୧୩୦

**ନୂଆଦିଲ୍ଲୀ:** ଜାତିସଂଘ ଉନ୍ନୟନ କାର୍ଯ୍ୟକ୍ରମ ଦ୍ୱାରା ପ୍ରକାଶିତ ମାନବ ବିକାଶ ସୂଚକାଙ୍କ(ଏଚ୍‌ଡିଆଇ)ରେ ୧୮୯ଟି ଦେଶ ମଧ୍ୟରେ ଭାରତ ୧୩୦ତମ ସ୍ଥାନରେ ରହିଛି। ଦକ୍ଷିଣ ଏସିଆରେ ଭାରତର ମାନବ ଉନ୍ନୟନ ସୂଚକାଙ୍କ ମୂଲ୍ୟ ଉକ୍ତ ଅଞ୍ଚଳ ପାଇଁ ଉଦ୍ଦିଷ୍ଟ ହାରାହାରି ୦.୬୩୮ଠାରୁ ଅଧିକ ରହିଛି। ବାଂଲାଦେଶ ଓ ପାକିସ୍ତାନର ପାଖାପାଖି ସମାନ ଲୋକସଂଖ୍ୟା ଥାଇ ୧୩୬ ଓ ୧୫୦ତମ ସ୍ଥାନରେ ରହିଛନ୍ତି। ୨୦୧୬ରେ ଭାରତର ଏଚ୍‌ଡିଆଇ ଭାଲ୍ୟୁ ୦.୬୨୪ ଥାଇ ଏହାକୁ ୧୩୧ ର୍‍ୟାଙ୍କ୍ ଦେଇଥିଲା। ଏଚ୍‌ଡିଆଇ ହେଉଛି ମାନବ ଉନ୍ନୟନ ନିମିତ୍ତ ୩ଟି ମୌଳିକ କ୍ଷେତ୍ରରେ ଦୀର୍ଘସୂତ୍ରୀ ପ୍ରଗତି। ସେହିସବୁ କ୍ଷେତ୍ର ହେଲା- ଦୀର୍ଘ ଓ ସୁସ୍ଥ ଜୀବନ, ଜ୍ଞାନ ଆହରଣ ଏବଂ ଏକ ସୁନ୍ଦର ଜୀବନ ଯାପନ। ଭାରତର ଏଚ୍‌ଡିଆଇ



ମୂଲ୍ୟ ୨୦୧୭ରେ ୦.୬୪୦। ୧୯୯୦ରୁ ୨୦୧୭ ମଧ୍ୟରେ ଭାରତର ଏଚଡିଆଇ ମୂଲ୍ୟ ୦.୪୨୭ରୁ ବୃଦ୍ଧିପାଇ ୦.୬୪୦ରେ ପହଞ୍ଚିପାରିଛି। ଦେଶର ଦାରିଦ୍ର୍ୟ ଦୂର ସହିତ ଲକ୍ଷଲକ୍ଷ ଲୋକ ଉଲ୍ଲେଖନୀୟ ପ୍ରଗତି ହାସଲ କରିଥିବା ସୂଚନା ମିଳୁଛି। ନର୍‌ୱେ, ସୁଇଜରଲାଣ୍ଡ, ଅଷ୍ଟ୍ରେଲିଆ, ଆୟର୍ଲାଣ୍ଡ ଏବଂ ଜର୍ମାନୀ ତାଲିକାର ଶୀର୍ଷରେ ରହିଥିବା ବେଳେ ନାଇଜର, ଦି ସେଣ୍ଟ୍ରାଲ ଆଫ୍ରିକାନ୍ ରିପବ୍ଲିକ୍, ସାଉଥ ସୁଦାନ, ଚାଦ ଏବଂ ବୁରୁଣ୍ଡି ନିମ୍ନରେ ରହିଛନ୍ତି।

# ମୋଦିଙ୍କ ଜନ୍ମଦିନକୁ ଭାଜପା ପାଳିବ ସେବା ଦିବସ

**ନୂଆଦିଲ୍ଲୀ,୧୪।୯:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନକୁ ଭାଜପା ସେବା ଦିବସ ଭାବରେ ସମ୍ପୂର୍ଣ୍ଣ ଦେଶରେ ପାଳନ କରିବ ବୋଲି ଜଣାପଡ଼ିଛି। ଏହି ଅବସରରେ ଭାଜପା ପକ୍ଷରୁ ବିଭିନ୍ନ ସ୍ଥାନରେ ଜନମଙ୍ଗଳକାରୀ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏପରିକି ସ୍ୱଚ୍ଛ ଭାରତ ଅଭିଯାନ ଏବଂ ରକ୍ତଦାନ କେନ୍ଦ୍ର ଖୋଲାଯିବ। ୧୭ ତାରିଖରେ ମୋଦିଙ୍କ ୬୮ତମ ଜନ୍ମଦିନ ଥିବା ବେଳେ ସେ ଏହାକୁ ଉତ୍ତରପ୍ରଦେଶର ବାରାଣସୀରେ ପାଳନ କରିବେ। ମୋଦି ତାଙ୍କର ଜନ୍ମଦିନକୁ ଛୋଟ ଛୋଟ ପିଲାଙ୍କ ସହ କଟାଇବେ। ଏହି ସମୟରେ ସେ ଏକାଧିକ ଯୋଜନାର ଶୁଭାରମ୍ଭ କରିବେ।

# ନାଟ୍ୟକାର ନାରାୟଣ ଶତପଥୀଙ୍କ ପରଲୋକ

ଭୁବନେଶ୍ୱର,୧୪।୯(ବ୍ୟୁରୋ)



ବିଶିଷ୍ଟ ଶିକ୍ଷାବିତ୍ ତଥା ଜଣାଶୁଣା ନାଟ୍ୟ ବ୍ୟକ୍ତିତ୍ୱ ପ୍ରଫେସର ନାରାୟଣ ଶତପଥୀଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ଗତ କିଛିଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିବା ଶତପଥୀ ଅପରାହ୍ଣ ପ୍ରାୟ ୩ଟା ସମୟରେ ଭୁବନେଶ୍ୱରସ୍ଥିତ ତାଙ୍କ ବାସଭବନରେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୮୬ବର୍ଷ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ସମସ୍ତ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଶତପଥୀଙ୍କ ପରଲୋକ ଖବର ପ୍ରସାରିତ ହେବା ପରେ ଓଡ଼ିଶା ନାଟ୍ୟ ଜଗତରେ ଶୋକର ଛାୟା ଖେଳିଯାଇଛି।

୧୯୩୩ ମସିହାରେ ଖୋର୍ଦ୍ଧା ଜିଲା ଜଟଣୀ ବଡ଼ ନୂଆଗାଁରେ ଜନ୍ମଗ୍ରହଣ କରିଥିଲେ ପ୍ରଫେସର ଶତପଥୀ। ପିଲାବେଳୁ ଅଭିନୟରେ ରୁଚି ରଖିଥିବା ଶତପଥୀ ଜଣେ ଉଚ୍ଚକୋଟୀର ଅଭିନେତା ମଧ୍ୟ ଥିଲେ। ଜଟଣୀର ବହୁ ପୁରାତନ ଉତ୍ତରାୟଣୀ କ୍ଲବର ସେ ଆଜୀବନ ସଦସ୍ୟ ରହିଥିଲେ। ବ୍ୟୋମକେଶ ତ୍ରିପାଠୀଙ୍କ ସହ ମିଶି ସେଠାରୁ ସେ ଅଭିନୟ ଜୀବନ ଆରମ୍ଭ କରିଥିଲେ। ଏହାସହ ଜଣେ ଶିକ୍ଷାବିତ୍ ଭାବେ ମଧ୍ୟ ତାଙ୍କର ଖ୍ୟାତି ରହିଥିଲା। ରେଭେନ୍‌ଶା କଲେଜରେ ପ୍ରଫେସର ଭାବେ ଦୀର୍ଘବର୍ଷ ଧରି କାର୍ଯ୍ୟ କରିବା ସହ ଖଲ୍ଲିକୋଟ କଲେଜ ଏବଂ ସାମନ୍ତ ଚନ୍ଦ୍ରଶେଖର କଲେଜର ଅଧ୍ୟକ୍ଷ ଭାବେ ସେ ଦାୟିତ୍ୱ ତୁଲାଇଥିଲେ। ପ୍ରଫେସର ଶତପଥୀ ନିଜ ଜୀବନକାଳ ମଧ୍ୟରେ ଅନେକ ନାଟକ, ପ୍ରବନ୍ଧ ଓ କବିତା ପୁସ୍ତକ ରଚନା କରିଛନ୍ତି। ଏହାସହ ବହୁ ପୁସ୍ତକର ଅନୁବାଦ ମଧ୍ୟ କରିଛନ୍ତି। 'କଣ୍ଟକାଚ', 'ଜଳତରଙ୍ଗ', 'ତମକୁ ମିଛ ମୋତେ ସତ' ଭଳି ପ୍ରାୟ ୧୫ଟି ନାଟକ ସେ ରଚନା କରିବା ସହ ଏକାଧିକ ନାଟକର ନାଟ୍ୟ ନିର୍ଦ୍ଦେଶନା ଦେଇଥିଲେ। ଗଳ୍ପଗୁଚ୍ଛ ଓ କାବ୍ୟଗୁଚ୍ଛ ତାଙ୍କର ଲୋକପ୍ରିୟ ପ୍ରବନ୍ଧ ପୁସ୍ତକ।

## ଓଡ଼ିଶାକୁ ମୌସୁମୀ କୃପା

# ସ୍ୱାଭାବିକଠାରୁ ଅଧିକ ହୋଇଛି ବର୍ଷା

## ୧୮ରେ ଆଉ ଏକ ଲଘୁଚାପ

**ଭୁବନେଶ୍ୱର,୧୪।୯(ବ୍ୟୁରୋ):** ଦକ୍ଷିଣ-ପଶ୍ଚିମ ମୌସୁମୀ ଓଡିଶାକୁ କୃପା କରିଛି। ଓଡିଶା ଦେଶର ଏକମାତ୍ର ରାଜ୍ୟ ମୌସୁମୀ ବର୍ଷାର ଭରପୂର ଫାଇଦା ଉଠାଇଛି। ବର୍ଷା ସ୍ୱାଭାବିକ ରହିଛି। ଚାଷ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହୋଇଛି। ପ୍ରବଳ ବର୍ଷା ଯୋଗୁ ରାଜ୍ୟରେ ବନ୍ୟା ହୋଇ ନାହିଁ କିମ୍ବା ସ୍ୱଳ୍ପ ବୃଷ୍ଟି ଯୋଗୁ ମରୁଡି ପରିସ୍ଥିତି ଉପୁଜି ନାହିଁ। ସ୍କାଏମେଟ୍ ନାମକ ପାଣିପାଗ ଅନୁମାନକାରୀ ସଂସ୍ଥା ଏଭଳି ସୂଚନା ଦେଇଛି।

ଚଳିତ ବର୍ଷ ମୌସୁମୀ ୧୭ ଦିନ ବିଳମ୍ବରେ ଓଡିଶାକୁ ପ୍ରବେଶ କରିଥିଲା। ଜୁନ ୧୦ ତାରିଖରେ ଏହା ଓଡିଶା ଛୁଇଁବ ବୋଲି ଅନୁମାନ କରାଯାଇଥିଲା। ବିଳମ୍ବ ଯୋଗୁ ଜୁନରେ ୨୭ ପ୍ରତିଶତ ବର୍ଷା କମିଗଲା। ପରବର୍ତ୍ତୀ ସମୟରେ ବଙ୍ଗୋପସାଗରରେ ଲଗାତର ଲଘୁଚାପ ସୃଷ୍ଟି ମୌସୁମୀକୁ ଅଧିକ କ୍ରିୟାଶୀଳ କରି ପାରିଥିଲା। ଫଳରେ ଜୁଲାଇ ଦ୍ୱିତୀୟ ସପ୍ତାହ ବେଳକୁ ବର୍ଷାଭାବ ପରିମାଣ ୧୫ ପ୍ରତିଶତକୁ ଖସି ଆସିଥିଲା। ତେବେ ଏହା ପରଠାରୁ ରାଜ୍ୟରେ କ୍ରମାଗତ ବର୍ଷା ଲାଗି ରହିଥିଲା। ଜୁଲାଇ ୧୭ ତାରିଖ ବେଳକୁ ବର୍ଷା ଅଭାବ ପରିମାଣ ୩ ପ୍ରତିଶତକୁ ଖସି ଯାଇଥିଲା। ଜୁଲାଇ ଶେଷ ବେଳକୁ ବର୍ଷା ପରିମାଣ ବୃଦ୍ଧି ପାଇ ସ୍ୱାଭାବିକଠାରୁ ୬ ପ୍ରତିଶତ ଅଧିକ ହୋଇ ଯାଇଥିଲା।

ଅଗଷ୍ଟରେ ମଧ୍ୟ ମୌସୁମୀ ବର୍ଷା ଭଲ ରହିଥିଲା। ସ୍ୱାଭାବିକ ଠାରୁ ୧୦ ପ୍ରତିଶତ ଅଧିକ ହୋଇଛି। ଜୁନ ପହିଲାରୁ ସେପ୍ଟେମ୍ବର ୧୧ ପର୍ଯ୍ୟନ୍ତ ରାଜ୍ୟକୁ ସ୍ୱାଭାବିକଠାରୁ ୧୩ ପ୍ରତିଶତ ଅଧିକ ବର୍ଷା ମିଳିଛି। ଏହି ସମୟରେ ସ୍ୱାଭାବିକ ଭାବେ ୧୧୫୫.୫ ମିଲିମିଟର ବର୍ଷା ହେବାକୁ ଥିବା ବେଳେ ହୋଇଛି ୧୯୨୨.୭ ମିଲିମିଟର । ବଲାଙ୍ଗୀର ଜିଲାରେ କେବଳ ସ୍ୱାଭାବିକ ଠାରୁ ୨୧ ପ୍ରତିଶତ କମ ବର୍ଷା ହୋଇଥିବା ବେଳେ ୨୯ ଜିଲାରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇଛି। ପୁରୀ ଜିଲାରେ ସର୍ବାଧିକ ୬୨ ପ୍ରତିଶତ ଅଧିକ ବର୍ଷା ରେକର୍ଡ କରାଯାଇଛି।

ରାଜ୍ୟରେ ଗତ କିଛିଦିନ ହେବ ବର୍ଷା ପରିମାଣ ହ୍ରାସ ପାଇଛି। ମୌସୁମୀ ଦୁର୍ବଳ ରହିଥିବାରୁ ବର୍ଷା କମିଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଳ୍ପ କେତେକ ସ୍ଥାନରେ ବର୍ଷା ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ପାରାଦୀପରେ ସର୍ବାଧିକ ୬୦ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଗୋପାଳପୁର ୦.୯ ଏବଂ କେନ୍ଦୁଝରରେ ୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ଓଡିଶାର ଅଧିକାଂଶ ସ୍ଥାନ ଓ ଦକ୍ଷିଣ ଓଡିଶାର ଅଳ୍ପ କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୧୮ ତାରିଖରେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହା ସକ୍ରିୟ ହେଲେ ଉପକୂଳ ସମେତ ଆଭ୍ୟନ୍ତରୀଣ ଓଡିଶାରେ ବର୍ଷା ହେବ। ରାଜ୍ୟରେ ଏବେ ସୁଦ୍ଧା ସ୍ୱାଭାବିକ ଠାରୁ ୧୦ ପ୍ରତିଶତ ଅଧିକ ବର୍ଷା ହୋଇଥିବା ପାଣିପାଗ ବିଭାଗ ସୂଚନା ଦେଇଛି।










> ଯେଉଁମାନେ ଧନାକାଂକ୍ଷୀ ବା ଧନର ରକ୍ଷକ –ସେମାନେ ପ୍ରାୟ ଯେତେ ଧନର ଅଧିକାରୀ ନୁହନ୍ତି–ଧନ ହିଁ ସେତେ ସେମାନଙ୍କୁ ଅଧିକାର କରିରଖିଥାଏ। ଅସୁରମାନେ ଦୀର୍ଘକାଳ ଧନକୁ ସେମାନଙ୍କ କବଳରେ ରଖି ଆସିଛନ୍ତି – ଅପବ୍ୟବହାର କରି ଚାଲିଛନ୍ତି। ତା'ଫଳରେ ଧନ ଉପରେ ଯେଉଁ ଦୂଷିତ ପ୍ରଭାବର ଛାଗ ରହିଛି ସେଥିରୁ ଖୁବ୍ ଅଳ୍ପ ଲୋକ ହିଁ ନିଜକୁ ପୂର୍ଣ୍ଣଭାବରେ ରକ୍ଷା କରିପାରିଛନ୍ତି। –ଶ୍ରୀଅରବିନ୍ଦ

# ଦୁର୍ନୀତିବିରୋଧୀ ଯୋଗୀ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଦୁର୍ନୀତିବିରୋଧୀ ଅଭିଯାନ ଚଳାଇଥିବା ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦୁର୍ନୀତି ମାମଲାରେ ଜଡ଼ିତ ଥିବା ଶତାଧିକ ଆଇଏଏସ୍, ଆଇପିଏସ୍ ଓ ରାଜ୍ୟ ସେବା ଅଫିସରଙ୍କ ରେକର୍ଡ ମାଗିଥିବା ଜଣାପଡ଼ିଛି। ପ୍ରାପ୍ତ ସୂଚନା ଅନୁସାରେ, ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ତଥା ଆର୍ଥିକ ଅନିୟମିତତା ଅଭିଯୋଗ ଥିବା ଅନ୍ୟୂନ ୩୦୦ ଅଫିସର ଓ କର୍ମଚାରୀ ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ସ୍କାନରରେ ଅଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏକ ବୈଠକ ବସିଥିଲା। ଏଥିରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁପ ଚନ୍ଦ୍ର ପାଣ୍ଡେ, ଗୃହ ବିଭାଗର ପ୍ରମୁଖ ସଚିବ ଅରବିନ୍ଦ କୁମାର ଏବଂ ପୋଲିସ ମହାନିର୍ଦ୍ଦେଶକ ଓ.ପି. ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ଯେଉଁସବୁ ଦୁର୍ନୀତି ବର୍ତ୍ତମାନ ଘଟିଛି ଓ ଯେଉଁଗୁଡ଼ିକ ପୂର୍ବତନ ମୁଖ୍ୟମନ୍ତ୍ରୀମାନଙ୍କ ଅମଳରେ ଘଟିଛି, ତାହାର ତଦନ୍ତ କରି ଦୁର୍ନୀତିଗ୍ରସ୍ତ ବାବୁମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସେଥିପାଇଁ ଯୋଗୀ ଆଦିତ୍ୟନାଥ ବର୍ତ୍ତମାନ ତଥା ପୂର୍ବତନ ଏସ୍‌ପି ଓ ବିଏସ୍‌ପି ଶାସନ ଅମଳରେ ଦାଏର କରାଯାଇଥିବା ମାମଲାଗୁଡ଼ିକର ଫାଇଲ ମାଗିଛନ୍ତି। ଏହା ଜାଣିବା ପରେ ଉତ୍ତରପ୍ରଦେଶର ଦୁର୍ନୀତିଗ୍ରସ୍ତ ବାବୁମାନଙ୍କ ମଧ୍ୟରେ ଦୁଶ୍ଚିନ୍ତା ପ୍ରକାଶ ପାଇଛି।

### କ୍ୟାଡର ଆବଣ୍ଟନ

ଫାଉଣ୍ଡେଶନ କୋର୍ସରେ ପ୍ରଦର୍ଶନ ଭିତ୍ତିରେ ନୂତନ ଆଇଏଏସ୍ ବାବୁମାନଙ୍କୁ କ୍ୟାଡର ଆବଣ୍ଟନ କରାଯିବା ପ୍ରସ୍ତାବକୁ କେନ୍ଦ୍ର ସରକାର ସ୍ଥଗିତ ରଖିଛନ୍ତି। ତେଣୁ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ଗତବର୍ଷ ସିଭିଲ ସର୍ଭିସ ପରୀକ୍ଷା (ସିଏସ୍‌ଇ) ଦେଇଥିବା ୮୪୮ ଜଣ ପ୍ରାର୍ଥୀଙ୍କୁ ବର୍ତ୍ତମାନର ମାନଦଣ୍ଡ ଅନୁସାରେ କ୍ୟାଡର ଆବଣ୍ଟନ କରିଛି। ବିଭିନ୍ନ ସେବାର କ୍ୟାଡର ନିୟନ୍ତ୍ରଣକାରୀ ମନ୍ତ୍ରଣାଳୟଗୁଡ଼ିକ ମଧ୍ୟରେ ମତୈକ୍ୟ ପ୍ରତିଷ୍ଠା ହୋଇ ନ ପାରିବାକୁ ଏହାର କାରଣ ଭାବେ ଦର୍ଶାଯାଇଛି। ସେବା ଆବଣ୍ଟନ ମାନଦଣ୍ଡରେ ପରିବର୍ତ୍ତନ ପ୍ରସ୍ତାବ ମଧ୍ୟ ରାଜନୈତିକ ଅଡୁଆ ଭିତରକୁ ଟାଣି ହୋଇଯାଇଛି। ତେବେ ୧୯୭୦ ଦଶକରେ ଡି.ଏସ୍. କୋଠାରୀ କମିଟି ଯେଉଁ ପ୍ରସ୍ତାବ ଦେଇଥିଲେ, ତାହାକୁ ସରକାର ବାତିଲ କରିବାକୁ ଚାହୁଁଛନ୍ତି କି ନା ତାହା ଜଣାପଡ଼ି ନାହିଁ। ବର୍ତ୍ତମାନ ଉକ୍ତ ପ୍ରସ୍ତାବକୁ କାର୍ଯ୍ୟକାରୀ ନ କରିବା ପାଇଁ ଯେଉଁ ନିଷ୍ପତ୍ତି ନିଆଯାଇଛି, ତାହା କେବଳ ଚଳିତବର୍ଷ ପାଇଁ। ତାହାଦ୍ୱାରା ୟୁପିଏସ୍‌ସିକୁ ପ୍ରକ୍ରିୟାରେ ସାମିଲ କରିବା ଲାଗି ସରକାରଙ୍କୁ ସମୟ ମିଳିବ। କାରଣ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ଲାଗି ସମସ୍ତ ପ୍ରଶାସନିକ ସେବା ପରୀକ୍ଷା ପଦ୍ଧତିରେ ଉନ୍ନତି ଆଣିବାର ଆବଶ୍ୟକତା ରହିଛି।

### ଆଇଏଏସ୍‌ଙ୍କ ପ୍ରଭାବ କମୁଛି

ଜଣେ ଆଇଏଏସ୍ ଅଫିସର ହେବା ମୋଦି ସରକାରରେ ଆଉ କୋଉ ବଡ଼ କଥା ହୋଇ ରହିନାହିଁ। ସରକାର ଯୁଗ୍ମ ସଚିବସ୍ତରୀୟ ପଦବୀ ଲାଗି ଅନ୍ୟ ଭାରତୀୟ ସେବା ଅଫିସରଙ୍କ ଉପରେ ଅଧିକରୁ ଅଧିକ ବିଶ୍ୱାସ କରିବାରେ ଲାଗିଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ, ଏ ସରକାର କ୍ଷମତାକୁ ଆସିବା ପରେ ଯୁଗ୍ମ ସଚିବସ୍ତରୀୟ ପଦବୀ ଲାଗି ୨୦୧୪ରେ ୮୭ ଜଣଙ୍କ ନାମ ତାଲିକାଭୁକ୍ତ କରିଥିବା ବେଳେ ଏ ବର୍ଷ ମାତ୍ର ୧୧ ଜଣ ଆଇଏଏସ୍ ଅଫିସରଙ୍କ ନାମ ତାଲିକାରେ ରଖିଛନ୍ତି। ଅନ୍ୟପକ୍ଷରେ ଏ ବର୍ଷ ସରକାର ଉକ୍ତ ପଦଗୁଡ଼ିକ ଲାଗି ୪୫ ଜଣ ଭାରତୀୟ ବନସେବା ଅଧିକାରୀ (ଆଇଏଫ୍‌ଓଏସ୍), ୫୬ ଜଣ ଭାରତୀୟ ରାଜସ୍ୱ ସେବା ଅଧିକାରୀ (ଆଇଆର୍‌ଏସ୍) ଏବଂ ୭୦ ଜଣ ଭାରତୀୟ ପୋଲିସ ସେବା ଅଧିକାରୀ (ଆଇପିଏସ୍)ଙ୍କ ନାମ ତାଲିକାଭୁକ୍ତ କରିଛନ୍ତି। ତା'ହେଲେ କେନ୍ଦ୍ର ସରକାର କ'ଣ କେନ୍ଦ୍ରୀୟ ଡେପୁଟେଶନର ଭୂମିରୂପ ବଦଳାଇ ଦେଇ ଆଇଏଏସ୍ ବାବୁମାନଙ୍କ ପ୍ରଭାବ କ୍ଷୁଣ୍ଣ କରିବାକୁ ଚାହୁଁଛନ୍ତି, ନା ରାଜ୍ୟଗୁଡ଼ିକରୁ ବାବୁମାନେ ଦିଲ୍ଲୀ ଯାଇ ମୋଦି ସରକାରଙ୍କ ଅଧୀନରେ କାମ କରିବାକୁ ଚାହୁଁ ନ ଥିବାରୁ କେନ୍ଦ୍ରରେ ବାବୁମାନଙ୍କର ଅଭାବ ଦୂର କରିବା ପାଇଁ ସରକାର ଏଭଳି ପଦକ୍ଷେପ ଗ୍ରହଣ କରୁଛନ୍ତି ? ତେବେ ଏହା ସତ୍ୟ ଯେ, ବର୍ତ୍ତମାନର ସରକାରଙ୍କ ନୀତି ଅଣ–ଆଇଏଏସ୍ ବାବୁମାନଙ୍କ ଲାଗି ବରଦାନ ସଦୃଶ ହୋଇଛି, କାରଣ ସେମାନେ ଯେଉଁସବୁ ପଦବୀରେ ନିଯୁକ୍ତି ପାଇପାରୁଛନ୍ତି, ସେଥିରେ ଆଗରୁ କେବଳ ଆଇଏଏସ୍ ବାବୁମାନେ ହିଁ ନିଯୁକ୍ତି ପାଉଥିଲେ। ସର୍ବୋପରି ଆଗରୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତି ଲାଗି ନାମ ତାଲିକାଭୁକ୍ତ କରିବାର ଯେଉଁ ନିୟମ ଥିଲା, ତାହା ଆଇଏଏସ୍‌ମାନଙ୍କ ସପକ୍ଷରେ ଯାଉଥିଲା ଏବଂ ସେଥିରେ ଅନ୍ୟମାନେ ପାତରଅନ୍ତରର ସମ୍ମୁଖୀନ ହେଉଥିବା ନେଇ ଅଭିଯୋଗ କରିଆସୁଥିଲେ। ସମ୍ଭବତଃ ଦକ୍ଷତା ଓ ମେଧା ଯେ କେବଳ ଆଇଏଏସ୍‌ମାନଙ୍କଠାରେ ଅଛି ଓ ଅନ୍ୟମାନଙ୍କଠାରେ ନାହିଁ ବୋଲି ଯେଉଁ ଧାରଣା ରହିଛି ତାହା ଭୁଲ୍ ବୋଲି ମୋଦି ଜଣାଇଦେବାକୁ ଚାହାନ୍ତି। ପୁନଶ୍ଚ ଘରୋଇ କ୍ଷେତ୍ରରୁ ବିଶେଷଜ୍ଞମାନଙ୍କୁ ଆଣି ଅମଲାତନ୍ତ୍ରର ବରିଷ୍ଠ ପଦପଦବୀରେ ନିଯୁକ୍ତି ଦେବା ବା ପାର୍ଶ୍ୱପ୍ରବେଶର ଯେଉଁ ପରମ୍ପରା ମୋଦି ଆରମ୍ଭ କରିଛନ୍ତି, ତାହା ଆଇଏଏସ୍ ବାବୁମାନଙ୍କ ପାଦତଳୁ ମାଟି ଖସିଯିବା ପରି ଅନୁଭବ ଆଣିବା ଲାଗି ଯଥେଷ୍ଟ।

Email: dilipcherian@gmail.com

# ଶିଶୁ ସହଭାଗିତା ନାମକୁ ମାତ୍ର



ରାଜୀବ କର୍ମୀ

ୟୁନିସେଫ୍ ସହିତ ଶିଶୁ ଅଧିକାର ପାଇଁ କାର୍ଯ୍ୟ କରୁଥିବା ଅନ୍ୟାନ୍ୟ ଆନ୍ତର୍ଜାତିକ ସଂସ୍ଥାଗୁଡ଼ିକ ଲାଗି ଶିଶୁ ସହଭାଗିତା ବର୍ତ୍ତମାନର ଏକ ପ୍ରମୁଖ ବିଷୟ। ୧୯୮୯ରେ ମିଳିତ ଜାତିସଂଘର ଶିଶୁ ଅଧିକାର ସମ୍ପର୍କିତ ସମ୍ମିଳନୀ ପରେ ପରେ ସରକାରୀ ସ୍ତରରେ ମଧ୍ୟ ବିଭିନ୍ନ ଦେଶରେ ଶିଶୁମାନଙ୍କର ସହଭାଗିତାକୁ ବିଶେଷ ଗୁରୁତ୍ୱ ଦିଆଯାଇ ଆସୁଛି, ଯେଉଁଥିରେ ଶିଶୁଙ୍କୁ ପ୍ରଭାବିତ କରୁଥିବା କାର୍ଯ୍ୟକ୍ରମରେ ତାଙ୍କର ଅଂଶଗ୍ରହଣକୁ ଅଧିକାରର ମାନ୍ୟତା ଦିଆଯାଇଛି। ଲକ୍ଷ୍ୟ ରହିଛି– ଉପରୋକ୍ତ ସମ୍ମିଳନୀରେ ସ୍ୱାକ୍ଷର କରିଥିବା ଦେଶସମୂହ ଶିଶୁମାନଙ୍କୁ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ସୃଷ୍ଟି କରିବେ। ମାତ୍ର ବିଗତ ତିନି ଦଶନ୍ଧି ମଧ୍ୟରେ ଶିଶୁମାନଙ୍କୁ ନିଜସ୍ୱ ମତାମତ ପାଇଁ ସୁଯୋଗ ଦେବାରେ ଆମ ସରକାରମାନେ ବିଫଳ ହୋଇଛନ୍ତି। ଶିଶୁଙ୍କ ମତାମତ ନେଇ ଶିଶୁଙ୍କ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତି କରିବା ଦ୍ୱାରା ଶିଶୁଙ୍କ ସମସ୍ୟା ସମାଧାନ ସହଜ ହୋଇଥାଏ। ଶିଶୁ ନିଜର ଆବଶ୍ୟକତା ନିଜେ ହିଁ ବେଶି ଜାଣେ। ଅନେକ ସମୟରେ ବୟସ୍କମାନେ ଶିଶୁର କଥାକୁ ଗୁରୁତ୍ୱ ଦିଅନ୍ତି ନାହିଁ। ଭାବନ୍ତି, ଆମେ ଯାହା କରୁଛୁ ତାହା ପିଲାଙ୍କ ପାଇଁ ଠିକ୍। ଫଳରେ ପରୋକ୍ଷରେ ପିଲାଟିର କ୍ଷତି ହୋଇଥାଏ। ସାମ୍ପ୍ରତିକ ସମାଜରେ ଏହା କେବଳ ପରିବାରର ସମସ୍ୟା ନୁହେଁ ବରଂ ଏକ ବିଶ୍ୱସ୍ତରୀୟ ସମସ୍ୟା।

ଶିଶୁଙ୍କୁ ସହଭାଗିତାର ସୁଯୋଗ ଦେବା, ଦୟା ନୁହେଁ ଅଧିକାର। ଏଣୁ ମିଳିତ ଜାତିସଂଘର ଶିଶୁମାନଙ୍କ ପାଇଁ ଥିବା ଘୋଷଣାନାମାରେ ଶିଶୁମାନଙ୍କ ଅଂଶଗ୍ରହଣ ବା ମତାମତ ଦେବାକୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି। ଏହାର ଧାରା ୧୨, ୧୩, ୧୪, ୧୫ ଏବଂ ୧୭ରେ ସେମାନଙ୍କର ଅଂଶଗ୍ରହଣ, ସୂଚନା ପାଇବା ଏବଂ ସଙ୍ଗଠନ ତିଆରି କରିବାର ଅଧିକାର ବିଷୟରେ କୁହାଯାଇଛି, ଯେଉଁଥିରେ ଶିଶୁମାନେ ନିଜସ୍ୱ ସଙ୍ଗଠନ ତିଆରି, ପରିଚାଳନା, ତାଙ୍କୁ ପ୍ରଭାବିତ କରୁଥିବା ସୂଚନା ପାଇବା ସହିତ ଏଥିରେ ତାଙ୍କର ମତାମତ ଦେବାର ଅଧିକାର ରହିବ। ଏଥିପାଇଁ ସରକାର ଶିଶୁମାନଙ୍କ ପାଇଁ ନିଷ୍ପତ୍ତି ନେବା ସମୟରେ ବୟସ ଏବଂ ଆବଶ୍ୟକତା ଅନୁସାରେ ସେମାନଙ୍କୁ ମତାମତ ଦେବା ପାଇଁ ସୁଯୋଗ ସୃଷ୍ଟି କରିବେ। ଏହାକୁ ଆୟୁଧ କରି ଉପରୋକ୍ତ ଘୋଷଣାନାମାରେ ସ୍ୱାକ୍ଷର କରିଥିବା ଦେଶମାନେ ନିଜ ନିଜର ଆଇନରେ ପରିବର୍ତ୍ତନ କରୁଛନ୍ତି। ଆମ ଦେଶରେ ଶିଶୁମାନଙ୍କ କଥାକୁ ଶୁଣିବା ପାଇଁ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନରେ ସୁଯୋଗ ସୃଷ୍ଟି କରାଯାଇଛି। ଫଳତଃ ବିଦ୍ୟାଳୟରେ ଥିବା ପ୍ରତ୍ୟେକ ଶିକ୍ଷା ପରିଚାଳନା କମିଟିରେ ଶିଶୁମାନଙ୍କୁ ସଦସ୍ୟ ଭାବରେ ସ୍ୱୀକୃତି ଦିଆଯାଇଛି। ଏହାଛଡ଼ା ସମନ୍ୱିତ ଶିଶୁ ସୁରକ୍ଷା ଯୋଜନାରେ ବିଭିନ୍ନ ସ୍ତରରେ ଥିବା ଶିଶୁ ସୁରକ୍ଷା ସମିତିରେ ଶିଶୁମାନଙ୍କୁ ସଦସ୍ୟ ଭାବରେ ସାମିଲ କରାଯାଇ ତାଙ୍କୁ ମତାମତ ଦେବାର ବ୍ୟବସ୍ଥା କରାଯାଇଛି।

ବିଗତ କିଛି ବର୍ଷର ଅଭିଜ୍ଞତାକୁ ଦେଖିଲେ ସରକାରଙ୍କ ଅପେକ୍ଷା ବେସରକାରୀ ଅନୁଷ୍ଠାନଗୁଡ଼ିକ ଶିଶୁ ସହଭାଗିତାକୁ ଆଗକୁ ନେବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି। ଶିଶୁ ଅଂଶଗ୍ରହଣ ଏକ କାର୍ଯ୍ୟକ୍ରମ ନୁହେଁ, ବରଂ ଏକ ନିରନ୍ତର ପ୍ରକ୍ରିୟା। ଏଥିପାଇଁ ଶିଶୁ ଅଧିକାର ସଂଗଠନଗୁଡ଼ିକ ବିଭିନ୍ନ ଉପାୟ ଅବଲମ୍ବନ କରିଥାନ୍ତି। ଶିଶୁ ଅଧିକାର କର୍ମୀଙ୍କ ମତରେ ଶିଶୁ ଅଂଶଗ୍ରହଣର ଅର୍ଥ, ସେ ନିଜ ପାଇଁ କରାଯାଉଥିବା କାର୍ଯ୍ୟକ୍ରମର ପ୍ରତ୍ୟେକ ସ୍ତରରେ ଅଂଶଗ୍ରହଣ କରିବ। କାର୍ଯ୍ୟ ଯୋଜନା ପ୍ରସ୍ତୁତି, ରୂପାୟନ ଏବଂ ସମୀକ୍ଷା ସମୟରେ ଶିଶୁଟି ନିଜର ମତାମତ ଦେବ ଏବଂ ବୟସ୍କମାନେ ତାହା ପାଳନ କରିବେ। ଶିଶୁ ସହଭାଗିତାର କେତୋଟି ପରିସୀମା ଆନ୍ତର୍ଜାତିକ ସ୍ତରରେ ସ୍ୱୀକୃତି ପାଇଛି।

ସମାଜବିଜ୍ଞାନୀ ରୋଜର ହାର୍ଟଙ୍କ ଅନୁସାରେ ଶିଶୁଙ୍କ ସହଭାଗିତାର ସାତୋଟି ସ୍ତର ରହିଛି। ଅନେକ ସମୟରେ ବୟସ୍କମାନେ ଶିଶୁମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ବ୍ୟବହାର କରିଥାନ୍ତି। ବୟସ୍କମାନେ ନିଜେ କରନ୍ତି ଅଥଚ ପିଲାମାନେ କରିଛନ୍ତି ବୋଲି ବାହାନା କରନ୍ତି। ଏହା ହେଉଛି ପ୍ରଥମ ସ୍ତର। ଏହା ଭଣ୍ଡେଇବା ଛଡ଼ା ଅନ୍ୟ କିଛି ନୁହେଁ। ବିଭିନ୍ନ କାର୍ଯ୍ୟକ୍ରମରେ ପିଲାମାନେ ଫୁଲତୋଡ଼ା ଅତିଥିମାନଙ୍କୁ ଦେବା କିମ୍ବା ସଭାର ପ୍ରାରମ୍ଭରେ ସଙ୍ଗୀତ ପରିବେଷଣ କରିବା ଆମେ ଦେଖିଥାଉ। ଏଥିରେ ପିଲାମାନଙ୍କର ଭୂମିକା କେବଳ ସେତିକିରେ ସୀମିତ। ସେମାନଙ୍କୁ କେବଳ ସାଜସଜ୍ଜା ପାଇଁ ବ୍ୟବହାର କରାଯାଏ। ଏହା ହେଉଛି ଅଂଶଗ୍ରହଣରେ ଦ୍ୱିତୀୟ ସ୍ତର। ଅନେକ ସମୟରେ ଶିଶୁମାନଙ୍କୁ ବିଭିନ୍ନ ବୈଠକ ଏବଂ କାର୍ଯ୍ୟକ୍ରମରେ ବସିଥିବାର ଆମେ ଦେଖୁ। ମାତ୍ର କାର୍ଯ୍ୟକ୍ରମ ବିଷୟରେ ତାଙ୍କ ପାଖରେ କିଛି ସୂଚନା ନ ଥାଏ। ତାହା ହେଉଛି ତୃତୀୟ ସ୍ତର। ଯାହାକୁ ଆମେ ବୟସ୍କ ପ୍ରାୟୋଜିତ କହି ପାରିବା। ଉଦାହରଣ ସ୍ୱରୂପ, ବେଳେ ବେଳେ ପିଲାମାନଙ୍କୁ କ୍ୟାଣ୍ଡେଲ ରାଲିରେ ଚାଲୁଥିବାର ଆମେ ଦେଖିଥାଉ। ବୟସ୍କମାନଙ୍କ ପ୍ରରୋଚନାରେ ସେମାନେ ଭାଗନିଅନ୍ତି କିନ୍ତୁ ତା' ବିଷୟରେ ବେଶି କିଛି ଜାଣି ନ ଥାନ୍ତି।

ଆଉ କେତେକ କ୍ଷେତ୍ରରେ ବୟସ୍କମାନେ ପିଲାମାନଙ୍କୁ ଜଣାଇ କାମ କରାଇଥାନ୍ତି। ଯେଉଁଥିରେ ସେମାନେ ପିଲାମାନଙ୍କୁ ମାର୍ଗଦର୍ଶନ ଦେଇଥାନ୍ତି। ଏହାହିଁ ଚତୁର୍ଥ ସ୍ତର। ଶିଶୁ ଅଂଶଗ୍ରହଣର ପଞ୍ଚମ ସ୍ତରରେ ଶିଶୁମାନେ ନିଜ ପାଇଁ ହେଉଥିବା କାର୍ଯ୍ୟକ୍ରମରେ ମତାମତ ଦେଇଥାନ୍ତି ଏବଂ ବୟସ୍କମାନେ ତାହାକୁ ପାଳନ କରିଥାନ୍ତି। ଅର୍ଥାତ୍ ଶିଶୁମାନଙ୍କ ସହ ଆଲୋଚନା ଏବଂ ଅନୁମତି ଅନୁସାରେ କାମ ହୋଇଥାଏ। ଷଷ୍ଠ ସ୍ତରରେ ବୟସ୍କ ମାନେ କାମ ଆରମ୍ଭ କରନ୍ତି ଏବଂ ଚୂଡ଼ାନ୍ତ ନିଷ୍ପତ୍ତିକୁ ଶିଶୁମାନଙ୍କୁ ଜଣାଇ ଦିଅନ୍ତି। ଯେଉଁଥିରେ ଶିଶୁମାନଙ୍କର ମତାମତ ଦେବାର ସୁଯୋଗ ନ ଥାଏ। ସପ୍ତମ ସ୍ତରରେ ଶିଶୁ ମାନେ କୌଣସି କାମକୁ ଆରମ୍ଭ କରନ୍ତି ଏବଂ ନିଜର ନିଷ୍ପତ୍ତିକୁ ବୟସ୍କମାନଙ୍କୁ ଜଣାନ୍ତି। ବୟସ୍କମାନେ କେବଳ ଏଥିରେ ସହଯୋଗୀର ଭୂମିକା ନିଅନ୍ତି। ଅଷ୍ଟମ ବା ଶେଷ ସ୍ତର ହେଉଛି ଗୁରୁତ୍ୱପୂର୍ଣ୍ଣ। ଏହି ସ୍ତରରେ ଶିଶୁମାନେ କୌଣସି କାମକୁ ଆରମ୍ଭ କରନ୍ତି, ବୟସ୍କ ମାନଙ୍କୁ ନିଜର ନିଷ୍ପତ୍ତି ଜଣାନ୍ତି ଏବଂ ଉଭୟଙ୍କର ସହଯୋଗରେ କାର୍ଯ୍ୟକ୍ରମ କରାଯାଏ। ଯେଉଁଥିରେ ଶିଶୁମାନେ ବୟସ୍କମାନଙ୍କ ଅଭିଜ୍ଞତାରୁ ଶିଖିବାର ସୁଯୋଗ ପାଆନ୍ତି।

ଶିଶୁ ଅଧିକାରକର୍ମୀଙ୍କ ମତରେ ଅଷ୍ଟମ ସ୍ତର ହେଉଛି ସର୍ବୋତ୍କୃଷ୍ଟ। ଯେଉଁଠାରେ ଶିଶୁ ସହଭାଗିତା ସଫଳ ହେଲା ବୋଲି ଆମେ କହିପାରିବା। ଏହି ଆଧାରରେ ବର୍ତ୍ତମାନ ସ୍ଥିତିକୁ ଦେଖିଲେ ଜାଣିପାରିବା ଆମ ଶିଶୁମାନଙ୍କ ସହଭାଗିତା କେଉଁ ସ୍ତରରେ ପହଞ୍ଚିଛି। ସରକାର ପିଲାମାନଙ୍କ ସହଭାଗିତା ପାଇଁ ବ୍ୟବସ୍ଥା କରିଥିବା ବିଦ୍ୟାଳୟ ପରିଚାଳନା କମିଟି ଏବଂ ଶିଶୁ ସୁରକ୍ଷା ସମିତି ଆଜି ସ୍ଥାଣୁ। ବିଦ୍ୟାଳୟ ପରିଚାଳନା କମିଟିରେ ଶିଶୁ ଅଂଶଗ୍ରହଣର ସ୍ଥିତି ସମସ୍ତଙ୍କୁ ଜଣା। ଅନେକ କମିଟିରେ ପିଲାମାନଙ୍କୁ ବୈଠକକୁ ଡକାଯାଏ ନାହିଁ। ଆସିଲେ ବି ତାଙ୍କର ଦାୟିତ୍ୱ କେବଳ ଅନ୍ୟ ସଦସ୍ୟଙ୍କୁ ବୈଠକକୁ ଡାକିବା ଭିତରେ ସୀମିତ। ଶତକଡ଼ା ୯୯ ଭାଗରୁ ଅଧିକ ବିଦ୍ୟାଳୟର ସ୍ଥିତି ଏହିପରି। ଶିଶୁ ସୁରକ୍ଷା ସମିତି କଥା ନ କହିଲେ ଭଲ। ପିଲାମାନେ ନିଜେ ଜାଣିନାହାନ୍ତି ସେମାନେ ସଦସ୍ୟ ଅଛନ୍ତି କି ନାହିଁ। ଅଧିକାଂଶ ସ୍ଥାନରେ ଆଜି ପର୍ଯ୍ୟନ୍ତ ଶିଶୁ ସୁରକ୍ଷା ସମିତି ଗଠନ କରାଯାଇ ନାହିଁ। ଏହା କେବଳ ତୃଣମୂଳ ସ୍ତରର ନୁହେଁ, ରାଜ୍ୟ ଏବଂ ଜାତୀୟ ସ୍ତରର ସ୍ଥିତି ମଧ୍ୟ ଏଇଆ।

ବେସରକାରୀ ସ୍ତରରେ ଏହାର ସ୍ଥିତି ଟିକିଏ ଭିନ୍ନ। ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ଶିଶୁ ସହଭାଗିତା ଉପରେ ଅନେକ ଉଦାହରଣ ସୃଷ୍ଟି କରିଛନ୍ତି। ନିଜସ୍ୱ ସମ୍ବଳରେ ଶିଶୁ ସଂଗଠନ ତିଆରି, ସେମାନଙ୍କ ତାଲିମ୍, ଶିଶୁ ସାମ୍ବାଦିକତା ସୃଷ୍ଟି, ଶିଶୁମାନଙ୍କ ଦ୍ୱାରା ଶିଶୁ ପତ୍ରିକାର ପ୍ରକାଶନ, ଶିଶୁଙ୍କ ମାଧ୍ୟମରେ ନମୁନା ବିଧାନସଭାର ଆୟୋଜନ ଇତ୍ୟାଦି କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ମାତ୍ର ଏହା କିଛି ଅଞ୍ଚଳରେ ସୀମିତ। ଉଭୟ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନର ମିଳିତ ପ୍ରୟାସରେ ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇପାରିବ।

ଶଗଡ଼ା, ବୌଦ୍ଧ, ମୋ–୯୧୭୮୫୪୫୭୯୮

# ଜୀବନ ରକ୍ଷାକାରୀ ଓଜୋନ ସ୍ତର



ବିଭୁପ୍ରସାଦ ମହାପାତ୍ର

କୁହାଯାଏ– "Earth without ozone is like a house without roof." ଆଜିକାଲି ଓଜୋନ୍ ସ୍ତରର କ୍ଷୟ ଏକ ଆତଙ୍କର କାରଣ ହୋଇଛି। ସ୍ୱନାମଧନ୍ୟ ସାହିତ୍ୟିକ, ଜର୍ମାନ୍ ଔପନ୍ୟାସିକ ଓ ଗାଳ୍ପିକ ଫ୍ରାଞ୍ଜ୍ କାଫ୍‌କା(୧୮୮୩–୧୯୨୪)ଙ୍କ ପ୍ରତୀକସ୍ୱରୂପ ମୂଷା ପରି ତଥାକଥିତ ସଭ୍ୟ ଓ ଶିକ୍ଷିତ ମନୁଷ୍ୟର ଅବସ୍ଥା ବି ସଙ୍କଟାପନ୍ନ। ପ୍ରବେଶପଥ ପ୍ରଶସ୍ତ ଥାଇ ଦୁଇ ଉଚ୍ଚା କାନ୍ଥ ମଝିରେ ବିଚରା ମୂଷାଟି ଆନନ୍ଦରେ ଡେଇଁ ଡେଇଁ ଯାଇ ହଠାତ୍ ସମ୍ମୁଖସ୍ଥ ଯନ୍ତାକୁ ଦେଖି ହଡବଡେଇ ଯାଇଛି। ପଛକୁ ଫେରିବାର ସୁଯୋଗ ପାଇପାରିନାହିଁ। ଏକବିଂଶ ଶତାବ୍ଦୀର ଅଦୂରଦର୍ଶୀ ତଥା ଆତ୍ମଘୋଷିତ ସଭ୍ୟ ମାନବଙ୍କ ଅବସ୍ଥା ଏହାଠାରୁ କିଛି ଭିନ୍ନ ନୁହେଁ। କେତେ ଆଲୋକବର୍ଷ ଦୂରରେ ଥିବା କାଳ୍ପନିକ ସେପ୍‌ଟାନିଆ ଗ୍ରହରେ ଯଦି ବୁଦ୍ଧିମାନ୍ ପ୍ରାଣୀମାନେ ବିଚରଣ କରୁଥାନ୍ତି, ତେବେ ଆମମାନଙ୍କ ହତାଶାଭାବ ଦେଖି ସେମାନେ ହାସ୍ୟ ସମ୍ବରଣ କରି ରହିପାରୁ ନ ଥିବେ।

ଆଧୁନିକ ବିଜ୍ଞାନ ଯୁଗର ସୁସଂସ୍କୃତ ମନୁଷ୍ୟର ଚିନ୍ତା ଓ ଚେତନାର ପରିପ୍ରକାଶ ହିଁ କାର୍ଯ୍ୟରେ ରୂପାନ୍ତର ହୋଇଥାଏ। ଦାର୍ଶନିକ ଏକ୍‌ହାର୍ଟ ଟୋଲେଙ୍କ ମତରେ– "The pollution of the planet is only an outward reflection of an inner psychic pollution. Millions of unconscious individuals not taking responsibility for their inner space." ଉନ୍ନତ ଓ ସଭ୍ୟ ସମାଜର ସଭ୍ୟତାର ରୂପାନ୍ତର ଘଟିଛି 'ଆତ୍ମଘାତୀ ସଭ୍ୟତା' ରୂପେ। ଭସ୍ମାସୁର ସାଜି 'ଆ ବଳଦ ମୋତେ ବିନ୍ଧ' ପରି ନିଜର ଦୁର୍ଗତିକୁ ନିଜ ଆଡକୁ ଟଣାଚାଲିଛି। ଫଳରେ ଓଜୋନ୍ କ୍ଷୟ ପରି ପ୍ରମୁଖ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି।

ଅତିବାଇଗଣୀ ରଶ୍ମି ପରି କେତେକ କ୍ଷତିକାରକ ବିକିରଣ ସୂର୍ଯ୍ୟପୃଷ୍ଠରୁ ନିର୍ଗତ ହୋଇଥାଏ। ପୃଥିବୀପୃଷ୍ଠକୁ ଘେରି ରହିଥିବା ବାୟୁମଣ୍ଡଳ ଉକ୍ତ ରଶ୍ମିକୁ ପ୍ରତିରୋଧ ତଥା ଅବଶୋଷଣ କରି ପୃଥିବୀବାସୀଙ୍କୁ ସମ୍ଭାବ୍ୟ ବିପଦରୁ ରକ୍ଷା କରିଥାଏ। ପୃଥିବୀ ଉପରେ ରହିଥିବା ବାୟୁର ପତଳା ଆସ୍ତରଣକୁ ବାୟୁମଣ୍ଡଳ କୁହାଯାଏ। ପୃଥିବୀ ପୃଷ୍ଠରୁ ପ୍ରାୟ ୯୦୦ କି.ମି. ଉଚ୍ଚତା ଯାଏ ବିଭିନ୍ନ ଅନୁପାତରେ ବିଭିନ୍ନ ଗ୍ୟାସ୍ ଦେଖିବାକୁ ମିଳେ। ଭିନ୍ନ ଭିନ୍ନ ଉଚ୍ଚତା ଅନୁଯାୟୀ ବାୟୁମଣ୍ଡଳର ସ୍ତରକୁ ଭିନ୍ନ ଭିନ୍ନ ନାମକରଣ କରାଯାଇଛି। ଯଥା– କ୍ଷୋଭ ମଣ୍ଡଳ, ସମୋଷ୍ଣ ମଣ୍ଡଳ, ମଧ୍ୟ ମଣ୍ଡଳ, ଆୟନ ମଣ୍ଡଳ ଏବଂ ବହିଃମଣ୍ଡଳ। କ୍ଷୋଭ ମଣ୍ଡଳ (ଟ୍ରପୋସ୍ଫିୟର) ସୀମା ପାଖରେ ଓଜୋନ୍ ସ୍ତର ସମୋଷ୍ଣ ମଣ୍ଡଳ

### ୧୬।୯ ବିଶ୍ୱ ଓଜୋନ ଦିବସ ଉପଲକ୍ଷେ

(ଷ୍ଟ୍ରାଟୋସ୍ଫିୟର)କୁ କେତେ କି.ମି. ଯାଏ ବ୍ୟାପିଥାଏ। ପୃଥିବୀପୃଷ୍ଠରୁ ଉପରକୁ ୧୫ରୁ ୪୦ କି.ମି. ପର୍ଯ୍ୟନ୍ତ ବ୍ୟାପିଥିବା ଏହି ସ୍ତରକୁ ଜୀବଜଗତର ରକ୍ଷା କବଚ କହିଲେ ଅତ୍ୟୁକ୍ତି ହେବନାହିଁ। ଏହାକୁ ପୃଥିବୀ ମା'ର ପ୍ରାକୃତିକ ପରଦା (Natural sunscreen) ବୋଲି ମଧ୍ୟ କୁହାଯାଏ। ଅମ୍ଳଜାନ ($O_2$)ର ପରିବର୍ତ୍ତିତ ରୂପ ଓଜୋନ୍ ($O_3$) ବାଷ୍ପର ଏକ କଟୁ ଗନ୍ଧ ରହିଥିବାରୁ ଗ୍ରୀକ୍ ଶବ୍ଦ 'Ozein' (Smell) ଅନୁସାରେ ଏହା ନାମିତ ହୋଇଛି। ୩ଟି ଅମ୍ଳଜାନ ପରମାଣୁରେ ଗଠିତ ହୋଇଥିବାରୁ ଜେକ୍‌ସ ଲୁଇ ସୋରେଟ୍ ନାମକ ବୈଜ୍ଞାନିକ ଏହାର ସଂକେତକୁ '$O_3$' ଭାବେ ଲେଖିଥିଲେ। ସମୋଷ୍ଣ ମଣ୍ଡଳର ତଳଭାଗରେ ଥିବା ଅମ୍ଳଜାନ ସୂର୍ଯ୍ୟଙ୍କ ଅତିବାଇଗଣୀ ରଶ୍ମିର ସମ୍ମୁଖୀନ ହୋଇ ଓଜୋନ୍‌କୁ ରୂପାନ୍ତରିତ ହୁଏ। ପୁନଶ୍ଚ ବିଶ୍ଳେଷିତ ହୋଇ ଅମ୍ଳଜାନରେ ପରିଣତ ହୋଇଥାଏ। ଉଭୟ ପ୍ରକ୍ରିୟା ପ୍ରାକୃତିକ ଉପାୟରେ କ୍ରମାଗତ ଲାଗିରହେ। ଏହିପରି ଭାବେ କ୍ଷତିକାରକ ଅତିବାଇଗଣୀ ରଶ୍ମି ବିଶୋଷିତ ହୋଇଯାଏ ଏବଂ ପୃଥିବୀପୃଷ୍ଠକୁ ଆସିପାରେ ନାହିଁ।

କିନ୍ତୁ କଳକାରଖାନା ଓ ଯାନବାହନ ଇତ୍ୟାଦିରୁ ନିର୍ଗତ ନାନାପ୍ରକାର ବାଷ୍ପ ଏହି ଓଜୋନ୍ ବାଷ୍ପକୁ ନଷ୍ଟ କରୁଛି। ପ୍ରଧାନ ଓଜୋନ୍ କ୍ଷୟକାରୀ ପଦାର୍ଥଗୁଡିକ ହେଲା– କ୍ଲୋରୋଫ୍ଲୋରୋକାର୍ବନ୍ (CFC), ହାଇଡ୍ରୋ କ୍ଲୋରୋଫ୍ଲୋରୋ କାର୍ବନ୍ (HCFC), କାର୍ବନ୍‌ଟେଟ୍ରାକ୍ଲୋରାଇଡ୍ ($CCL_4$), ଟ୍ରାଇକ୍ଲୋରୋ ଇଥେନ୍, ହାଲୋନ୍, ଯବକ୍ଷାରଜାନ ଅକ୍‌ସାଇଡ୍ ଏବଂ ଗନ୍ଧକ ଅକ୍‌ସାଇଡ୍ ଇତ୍ୟାଦି। ଶୀତତାପ ନିୟନ୍ତ୍ରଣ, ରେଫ୍ରିଜରେଟର, ଫୋମ୍ ରବର ଶିଳ୍ପରୁ CFC ଏବଂ ଯାନବାହନ ଓ ଜେଟ୍ ବିମାନରୁ ଗନ୍ଧକ ଅକ୍‌ସାଇଡ୍ ଓ ଯବକ୍ଷାରଜାନ ଅକ୍‌ସାଇଡ୍ ନିର୍ଗତ ହୁଏ।

ଓଜୋନ୍ ସ୍ତରଟି ଧୀରେ ଧୀରେ ପତଳା ହେବା ସହ କେତେକ ସ୍ଥାନରେ ସମ୍ପୂର୍ଣ୍ଣ କ୍ଷୟ ହୋଇଯାଉଛି। ଏହାକୁ ଓଜୋନ୍ ଗର୍ତ୍ତ ବୋଲି କୁହାଯାଏ। 'ନେଚର୍' ପତ୍ରିକାର ମେ' ୧୯୮୫ ସଂଖ୍ୟାରେ ଫାରମ୍ୟାନ୍, ଗାର୍ଡିନର ଏବଂ ଶାଙ୍କଲିନ୍ ପ୍ରଥମେ ଉକ୍ତ ଗର୍ତ୍ତ ବିଷୟରେ ଉଲ୍ଲେଖ କରିଥିଲେ। ଓଜୋନ୍ ସ୍ତରକୁ ରକ୍ଷାକରିବା ନିମନ୍ତେ ୧୯୮୭ ସେପ୍ଟେମ୍ବର ୧୬ରେ କାନାଡାର ମଣ୍ଟ୍ରିଲ ସହରରେ ୨୪ଟି ଦେଶ ଏକ ଚୁକ୍ତି କରିଥିଲେ। ଓଜୋନ୍ କ୍ଷୟ ଫଳରେ ଦେଖାଦେଉଥିବା ଚର୍ମ କର୍କଟ ଓ ଚକ୍ଷୁରୋଗ କମାଇବା, ଓଜୋନ୍ କ୍ଷୟକାରୀ ବାଷ୍ପର ନିର୍ଗମନ କମାଇବା ଏବଂ ଏହାର ବିକଳ୍ପର ସନ୍ଧାନ କରିବା ଏହି ଚୁକ୍ତିର ଅଭିପ୍ରାୟ ଥିଲା। ମିଳିତ ଜାତିସଂଘର ସାଧାରଣ ସଭାର ୪୯/୧୧୪ ପ୍ରସ୍ତାବ (୨୩ ଜାନୁୟାରୀ ୧୯୯୫) ଅନୁସାରେ ସେପ୍ଟେମ୍ବର ୧୬କୁ 'ଅନ୍ତର୍ଜାତୀୟ ଓଜୋନ୍ ଦିବସ' ରୂପେ ପାଳନ କରାଯାଉଛି।

ଭୋଗଡା, ଖୋର୍ଦ୍ଧା, ମୋ–୮୨୭୦୦୮୩୬୫୩

## ଏଇ ଭାରତରେ

'କନ୍ୟା ରତ୍ନ କର ଯତ୍ନ' ସ୍ଲୋଗାନକୁ ଲୋକେ ଭୁଲିଗଲେଣି। ପରିବାରରେ କନ୍ୟାସନ୍ତାନ ଜନ୍ମିଲେ ଆଜିକାଲି ବାପାଙ୍କ ମନ ଫିକା ପଡିଯାଉଛି। ସ୍ଥଳବିଶେଷରେ କନ୍ୟା ସନ୍ତାନକୁ ହତ୍ୟାକରିବାକୁ ପଛଘୁଞ୍ଚା ଦେଉନାହାନ୍ତି। ନିକଟରେ ଏପରି ଏକ ଘଟଣା ଘଟିଛି ଉତ୍ତରପ୍ରଦେଶର ବରେଲିଠାରେ। ପରିବାରରେ ଗୋଟିଏ ସନ୍ତାନ ଜନ୍ମ ହୋଇଥିବାରୁ ମନକୁ ବୁଝେଇ ଚଳିହେଉଥିଲା। କିନ୍ତୁ ଏହାପରେ ଆଉ ଏକ କନ୍ୟାସନ୍ତାନ ଜନ୍ମ ହେବାରୁ ପିତା ପ୍ରଥମ କନ୍ୟାକୁ ଛାତ ଉପରୁ ତଳକୁ ଫୋପାଡି ଦେବା ଘଟଣା ଅତ୍ୟନ୍ତ ଅମାନୁଷିକ। ପୁତ୍ରସନ୍ତାନ ପାଇଁ ଆଶା ରଖିଥିବା ପିତା ଆଉ ଏକ କନ୍ୟାସନ୍ତାନ ଜନ୍ମ ହେବାରୁ ୧୮ ମାସର ପ୍ରଥମ କନ୍ୟାକୁ ଛାତରୁ ତଳକୁ ଫୋପାଡି ଦେଇଥିଲେ। ସିବି ଗଞ୍ଜ୍ ପୋଲିସ ଷ୍ଟେଶନ୍ ଅଧୀନ ପାର୍ଧୋଲି ଗାଁର କାବ୍ୟା ନାମକ ଏହି କନ୍ୟାକୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ପିତା ଅରବିନ୍ଦ ଗଙ୍ଗୱାରଙ୍କୁ ଗିରଫ କରାଯାଇଛି। ଗ୍ରାମବାସୀଙ୍କ କହିବାନୁଯାୟୀ, ପାଞ୍ଚଦିନ ତଳେ ଅରବିନ୍ଦଙ୍କ ପତ୍ନୀ ଦ୍ୱିତୀୟ ବାର ଝିଅ ଜନ୍ମ କରିବାରୁ ତାଙ୍କ ଘରେ ଉତ୍ତେଜନା ଲାଗି ରହିଥିଲା। ପୁଅ ନ ପାଇ ନିରାଶ ହୋଇପଡ଼ିଥିବା ଅରବିନ୍ଦ ଗୁରୁବାର ଝିଅକୁ ଛାତ ଉପରକୁ ନେଇ ତଳକୁ ଖସାଇଦେଇଥିଲେ। ଏପରି ନିର୍ଦ୍ଦୟ କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳବାସୀ ନିନ୍ଦା କରିଛନ୍ତି।

## ଚିରନ୍ତନୀ

ଆଜି, ମୋତେ ଛାଡ଼ି ମୁଁ ଯେ ଭୁବନେ ଆସିଛି
ପିଇଛି ସ୍ୱପନ–ସୁଧା
ଘର ଛାଡ଼ି ମୁଁ ଯେ ଘର ସଜାଡ଼ିଛି–
ମୁକତ ମହା ବସୁଧା।
(ବିଶ୍ୱର ଆହ୍ୱାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୫ ସେପ୍ଟେମ୍ବର ୧୯୯୩

- ଆନ୍ତର୍ଜାତିକ ସ୍ତରରେ ଜଙ୍ଗଲର ବିକାଶ, ସଂରକ୍ଷଣ ପାଇଁ ଭାରତ ଓ ବ୍ରିଟେନ ମଧ୍ୟରେ ଏକ ବନୀକରଣ ଚୁକ୍ତି ସ୍ୱାକ୍ଷରିତ।
- ବିହାରରେ ଏକ ବସ୍ ଦୁର୍ଘଟଣାରେ ୪୦ ମୃତ।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | 0 | | | | | | | | | |
| | | | 6 | | 5 | | C | A | | 8 | 1 | | | |
| A | 6 | | 4 | 7 | | | 5 | | | 3 | | E | | 2 |
| | C | 7 | | | | 9 | | B | | | | | | 4 |
| 3 | 0 | | A | 8 | | | 6 | 2 | 4 | | B | | D | 7 |
| | 7 | | | 9 | | B | | | | | | | | |
| | 2 | 0 | | | 6 | | | 9 | | | | | C | |
| | E | C | | | | D | | 4 | | 0 | | | | |
| | 9 | | 2 | E | | | | | 3 | | | 6 | | 8 |
| 1 | | 5 | | 0 | 4 | | | | | 7 | | | A | 9 |
| | D | 4 | 8 | | | | | | | | | 5 | | |
| | | | 5 | | E | | | | | | | 8 | | |
| | | | 1 | | | 0 | | 7 | | | | 2 | E | B |
| 8 | | | | | | | B | D | 6 | C | | | | 1 |
| | | | 7 | | | E | A | 6 | D | B | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | E | D | 4 | C | 3 | 0 | A | 2 | 9 | 8 | 7 | B | 6 | 5 |
| 6 | 5 | A | 0 | D | 7 | B | 8 | 4 | E | C | 2 | 1 | 3 | 9 |
| C | 4 | B | 1 | 2 | A | 3 | 9 | 7 | 5 | 0 | 6 | 8 | E | D |
| 8 | 3 | 0 | 9 | E | 5 | C | 6 | 1 | B | A | D | 7 | 4 | 2 |
| 2 | 9 | 7 | 8 | 6 | B | E | 5 | D | 1 | 3 | 4 | A | 0 | C |
| A | 7 | 1 | 6 | 0 | C | 8 | 3 | 5 | 2 | E | B | D | 9 | 4 |
| 4 | 0 | 5 | D | 3 | 8 | 7 | E | B | C | 9 | A | 6 | 2 | 1 |
| 3 | C | 6 | 7 | 1 | 9 | 2 | D | A | 0 | 4 | 8 | E | 5 | B |
| 9 | D | 2 | A | B | E | 1 | 4 | 6 | 3 | 7 | 5 | C | 8 | 0 |
| E | B | 8 | 2 | 5 | 4 | 9 | C | 0 | D | 6 | 1 | 3 | 7 | A |
| 0 | 8 | E | B | 4 | 6 | 5 | 2 | 3 | A | 1 | C | 9 | D | 7 |
| B | A | 4 | C | 9 | 0 | D | 7 | 8 | 6 | 5 | 3 | 2 | 1 | E |
| 7 | 1 | 9 | 5 | A | D | 6 | B | E | 8 | 2 | 0 | 4 | C | 3 |
| 5 | 6 | C | 3 | 7 | 2 | A | 1 | 9 | 4 | D | E | 0 | B | 8 |
| D | 2 | 3 | E | 8 | 1 | 4 | 0 | C | 7 | B | 9 | 5 | A | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଛାଡ଼ପତ୍ର ମାମଲା ଓ ଦ୍ୱିତୀୟ ବିବାହ

ମହାଶୟ,

ପୂର୍ବରୁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଥିଲେ ଯେ ଛାଡ଼ପତ୍ର ମକଦ୍ଦମା ବିଚାର ଫଇସଲା ନ ହେବା ପର୍ଯ୍ୟନ୍ତ ପୁଅ କିମ୍ବା ଝିଅ ଦ୍ୱିତୀୟ ବିବାହ କରିପାରିବେ ନାହିଁ। ମାତ୍ର ଅଧିକାଂଶ ସ୍ଥଳେ କେସ୍ ଫଇସଲା ହେବା ପାଇଁ ଚାରି କିମ୍ବା ପାଞ୍ଚ ବର୍ଷ ବା ତା'ଠାରୁ ବେଶି ସମୟ ଲାଗିଯାଉଛି। ଫଳରେ ପୁଅ କିମ୍ବା ଝିଅଙ୍କର ଦ୍ୱିତୀୟ ବିବାହ ପାଇଁ ବୟସ ଗଡ଼ିଯାଉଛି ଓ ତା'ଦ୍ୱାରା ବହୁତ ସାମାଜିକ ବିଭ୍ରାଟ ଦେଖାଦେଉଛି। ତେଣୁ ସୁପ୍ରିମ୍‌କୋର୍ଟ ମାମଲା ଫଇସଲା ପାଇଁ ଏକ ସ୍ୱଳ୍ପ ସମୟସୀମା ଧାର୍ଯ୍ୟ କରନ୍ତୁ ଓ ଏହି ସମୟ ମଧ୍ୟରେ ମକଦ୍ଦମା ଫଇସଲା ହେବା ଫଳରେ ବହୁ ଝିଅପୁଅଙ୍କର ଜୀବନଯାତ୍ରା ପୁଣି ଥରେ ସୁଗମ ହୋଇପାରିବ।

ରଘୁନାଥ ସାହୁ, ପୁରୀ

### ଖାଦ୍ୟର ମାନ ଯାଞ୍ଚ କରାଯାଉ

ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ଖୁଚୁରା ବ୍ୟବସାୟୀମାନେ ବିକ୍ରୟ କରୁଥିବା ଖାଦ୍ୟର ମାନ ନିୟମିତ ବ୍ୟବଧାନରେ ଯାଞ୍ଚ କରାଯିବା ନିହାତି ଆବଶ୍ୟକ। ଯଦି ଖାଦ୍ୟର ମାନ ଖରାପ ପ୍ରମାଣିତ ହୁଏ, ତେବେ ତାହା ନଷ୍ଟ କରାଯାଇଥାଏ ଏବଂ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରିବାର ସରକାରୀ ନିୟମ ରହିଛି। କିନ୍ତୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁ ଖାଦ୍ୟର ମାନ ନିୟମିତ ବ୍ୟବଧାନରେ ପରଖିବା ସମ୍ଭବପର ହେଉନାହିଁ। ଖାଦ୍ୟ ଇନ୍ସପେକ୍ଟର ଥିଲେ ମଧ୍ୟ ବିଭିନ୍ନ ହୋଟେଲର ତଥା ରାସ୍ତାକଡ଼ ଦୋକାନଗୁଡ଼ିକର ଖାଦ୍ୟ ଯାଞ୍ଚ କରାଯାଉ ନାହିଁ। ବିଭିନ୍ନ ପ୍ୟାକେଟ୍‌ରେ ବିକ୍ରି ହେଉଥିବା ଖାଦ୍ୟର ମାନ ତଥା ତେଲ, ଡାଲି ପ୍ରଭୃତିର ଅପମିଶ୍ରଣ ସମ୍ବନ୍ଧରେ ମଧ୍ୟ ନିୟମିତ ଭାବେ ଯାଞ୍ଚ କରାଯାଉ ନାହିଁ। ତେଣୁ ପ୍ରଚଳିତ ଆଇନ କଡ଼ାକଡ଼ି କରାଗଲେ ଜନସାଧାରଣ ସ୍ୱାସ୍ଥ୍ୟକର ତଥା ରୁଚିକର ଖାଦ୍ୟ ପାଇପାରନ୍ତେ।

ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର

### ଗଧରୁ ମଣିଷ

ଡ. ଛାୟାକାନ୍ତ ବାବୁଙ୍କ ପ୍ରବନ୍ଧ 'ଗଧରୁ ମଣିଷ' ପଢି ମୁଗ୍ଧ ହେଲି। ନିର୍ବାକ୍ ଶିଶୁକୁ ଅ–ଆ ଶିଖେଇ ମାଟିରୁ ସୁନା କରିଥିବା ପ୍ରାଥମିକ ଶିକ୍ଷକଙ୍କୁ ପ୍ରାୟ ସମସ୍ତେ ହତାଦର କରନ୍ତି। କିନ୍ତୁ ମନେ ରଖିବାକୁ ହେବ ଶଙ୍ଖ ମଲମଲ ତାଜମହଲକୁ ଧରି ରଖିଛି କଳା ମୁଗୁନିପଥରର ମୂଳଦୁଆ। ନିଜ ନାଁ ପଛରେ ଇଂଲିଶ ବର୍ଣ୍ଣମାଳାରୁ ଦି, ଚାରିଟା ଅକ୍ଷର ଲଗାଇ ଆମେ ନିଜକୁ ବଡ଼ ମନେକରୁଛେ। କିନ୍ତୁ ସତରେ ଏସବୁର ପ୍ରମୁଖ ବିନ୍ଧାଣି ଶିକ୍ଷକଟିଏ। ତାଙ୍କର ସମ୍ମାନ ହିଁ ଆମର ସମ୍ମାନ।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁମନ୍ଦିର, ବୁର୍ଲା, ସମ୍ବଲପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ପଧାନପଡ଼ା ନିକଟରେ ବେଙ୍ଗା ନଦୀର ନାଉବାଙ୍କ-ଗହୀରାପାଳ ବନ୍ଧ ରାସ୍ତା ୧୦୦ଫୁଟ ଧସି ଯାଇଛି। ବୈତରଣୀ ନଦୀରେ ବନ୍ୟାଜଳ ଭରପୂର ହୋଇ ରହିଥିବାରୁ ଏଠାରେ ଘାଇ ହେବାର ଆଶଙ୍କା ପ୍ରକାଶ ପାଇଛି।

## ସଂକ୍ଷେପରେ

### ତେଲେଙ୍ଗାନା କଂଗ୍ରେସର ସ୍କ୍ରିନିଂ କମିଟି ଅଧ୍ୟକ୍ଷ ହେଲେ ଭକ୍ତ ଦାସ



**ଭୁବନେଶ୍ୱର, ୧୪ା୯(ବ୍ୟୁରୋ):** କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଶୁକ୍ରବାର ତେଲେଙ୍ଗାନା ସ୍କ୍ରିନିଂ କମିଟି ସଦସ୍ୟ ଭାବେ ୩ଜଣଙ୍କୁ ନିଯୁକ୍ତ କରିଛନ୍ତି। ଏହି କମିଟିର ଅଧ୍ୟକ୍ଷ ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଓଡିଶାର ବରିଷ୍ଠ ନେତା ଭକ୍ତଚରଣ ଦାସଙ୍କୁ ନିଯୁକ୍ତ କରାଯାଇଛି। ନିଯୁକ୍ତି ପାଇଥିବା ଅନ୍ୟ ଦୁଇଜଣ ସଦସ୍ୟ ହେଉଛନ୍ତି, ଶର୍ମିଷ୍ଠା ମୁଖାର୍ଜୀ ଏବଂ ଜ୍ୟୋଥିମାନି ସେନିମାଲାଇ। ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ସାଧାରଣ ସମ୍ପାଦକ ଅଶୋକ ଗେହଲଟ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହି ସୂଚନା ଦେଇଛନ୍ତି।

### ଦଳୀୟ ଟିକେଟ ନୁହେଁ, କର୍ମୀ ବଡ଼

**କୁଜଙ୍ଗ,୧୪ା୯(ସ୍ୱ.ପ୍ର.):** ଦୁଇଦିନ ତଳେ ବିଜେଡିରୁ ବହିଷ୍କୃତ ହୋଇଥିବା ବରିଷ୍ଠ ବିଧାୟକ ଦାମୋଦର ରାଉତ ଶୁକ୍ରବାର ସନ୍ଧ୍ୟାରେ କୁଜଙ୍ଗରେ ନିଜ ଅନୁଗତ ଓ କର୍ମୀମାନଙ୍କୁ ଭେଟିଛନ୍ତି। କୁଜଙ୍ଗ ପଞ୍ଚାୟତ ସଭା ଗୃହରେ ବ୍ଲକ୍ ବିଜେଡି ସଭାପତି ଚିତ୍ତ ମିଶ୍ରଙ୍କ ପୌରୋହିତ୍ୟରେ ହୋଇଥିବା ଏକ ସମାବେଶରେ ବିଧାୟକ ରାଉତ ଯୋଗଦେଇ କହିଲେ ଯେ ତାଙ୍କ ପାଇଁ ଦଳୀୟ ଟିକେଟ୍ ବଡ଼ ନୁହେଁ, କର୍ମୀଙ୍କ ସହ ରହି ନିଜ ଅଞ୍ଚଳବାସୀଙ୍କ ସେବା କରିବା ବଡ଼ କଥା। ଲୋକଙ୍କ ସହ ରହି ରାଜ୍ୟରେ ଭ୍ରାଷ୍ଟାଚାର ଓ ଦୁର୍ନୀତିର ମୁଳୋତ୍ପାଟନ ପାଇଁ ସେ ଚେଷ୍ଟା କରିବେ। ପ୍ରତିକୂଳ ପାଗ ସତ୍ତ୍ୱେ ପ୍ରତି ପଞ୍ଚାୟତର ଶତାଧିକ ଛାମୁଆଁ କର୍ମୀ ଓ ନେତା ଏହି ସମାବେଶରେ ଯୋଗ ଦେଇଥିଲେ। ପରବର୍ତ୍ତୀ ସମୟରେ ଦିନ ଧାର୍ଯ୍ୟ କରି ସମସ୍ତ ଅନୁଗତ ତଥା କର୍ମୀଙ୍କୁ ଡକାଇ ଏକ ମୁକ୍ତସଭା କରିବେ ବୋଲି ଦାମ ସୂଚନା ଦେଇଛନ୍ତି। ଉକ୍ତ ସଭାରେ କର୍ମୀମାନେ ଯାହା ନିଷ୍ପତ୍ତି ନେବେ ତାହାକୁ ସେ ପାଳନ କରିବେ ବୋଲି କହିଥିଲେ। ସେ ଆହୁରି ମଧ କହିଲେ ଯେ ଏହି ନିର୍ବାଚନମଣ୍ଡଳୀରୁ ତାଙ୍କ ଦଳୀୟ ଟିକେଟ୍ କାଟି ଦେବାଶିଷ ସାମନ୍ତରାୟଙ୍କୁ ଦେବା ପାଇଁ ବହୁ ପୂର୍ବରୁ ଷଡଯନ୍ତ୍ର ହୋଇଥିଲା। ଏହି ଅବସରେ ସେ ନିଜର ଚିରାଚରିତ ଦୁଇ ବିରୋଧୀ ଯୁବନେତାଙ୍କୁ ମଧ୍ୟ ସମାଲୋଚନା କରିଥିଲେ। କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷ ସ୍ମିତିରଞ୍ଜନ ବେହେରା, ଉପାଧ୍ୟକ୍ଷ ପୁଷ୍ପଲତା ବେହେରା, ବିଜୁ ଜନତା ଦଳର ବ୍ଲକ ସଭାପତି ଚିତରଞ୍ଜନ ମିଶ୍ର, କୁଜଙ୍ଗ ସରପଞ୍ଚ ଭାରତଭୂଷଣ ନାୟକଙ୍କ ସହ ବହୁ କର୍ମୀ ଓ ଅନୁଗତ ଦାମଙ୍କୁ ନୈତିକ ସମର୍ଥନ ଜଣାଇଥିଲେ।

# ଶୀର୍ଷରେ ଦାମ-ବିଷ୍ଣୁ କଳି

**ଜଗତ୍‌ସିଂହପୁର ଅଫିସ, ୧୪ା୯**



ଦାମୋଦର ରାଉତ

- ସୋମନାଥ ହାଟରେ ଗୁଲୁଗୁଲା ଖାଉଥିଲେ ବିଷ୍ଣୁ : ଦାମ
- ୧୯୭୪ରେ ଦୁର୍ନୀତିରେ ଫସିଥିଲେ ଦାମ: ବିଷ୍ଣୁ



ବିଷ୍ଣୁ ଚରଣ ଦାସ

ଜଗତ୍‌ସିଂହପୁର ରାଜନୀତିର ୨ ବରିଷ୍ଠ ନେତା ଡା.ଦାମୋଦର ରାଉତ ଏବଂ ବିଷ୍ଣୁ ଚରଣ ଦାସ। ଏକାଦଳର ହୋଇଥିଲେ ହେଁ ପରସ୍ପର ମଧ୍ୟରେ ଥିବା ରାଜନୈତିକ ବିବାଦ ୨ ଜଣଙ୍କୁ ଚର୍ଚ୍ଚିତ କରିଆସିଛି। ଘଟଣାକ୍ରମରେ ପାରାଦୀପ ବିଧାୟକ ଦାମୋଦର ବିଜେଡିରୁ ବହିଷ୍କୃତ। ଏହା ବିଷ୍ଣୁଙ୍କୁ ସର୍ବାଧିକ ଖୁସି କରିଥିବା ଆଲୋଚନା ହେଉଛି। ସେହି ନ୍ୟାୟରେ ଶୁକ୍ରବାର ଡ. ରାଉତଙ୍କୁ ଜଣେ ଦୁର୍ନୀତିଗ୍ରସ୍ତ ନେତା ଭାବେ ଚିତ୍ରଣ କରିବା ପାଇଁ ବିଷ୍ଣୁ କୌଣସି ସୁଯୋଗ ହାତଛଡା କରିନାହାନ୍ତି। ଗଣମାଧ୍ୟମରେ ଦାମଙ୍କ ସମ୍ପର୍କରେ ପ୍ରତିକ୍ରିୟା ଦେଇ ମନଇଚ୍ଛା ବର୍ଷିଛନ୍ତି। ସେ କହିଛନ୍ତି ଯେ, ଦାମବାବୁଙ୍କ କ୍ୟାରିୟର ଦୁର୍ନୀତିରୁ ଆରମ୍ଭ। ୧୯୭୪ ମସିହାରେ ପ୍ରାଣୀ ଡାକ୍ତର ଥିବାବେଳେ ଦୁର୍ନୀତିରେ ସମ୍ପୃକ୍ତ ଥିଲେ। ଷ୍ଟୋର ଦାୟିତ୍ୱରେ ଥିବାବେଳେ ସିମେନ୍ ଦୁର୍ନୀତିରେ ଫସିଥିଲେ।

ପ୍ରତାପ ମହାନ୍ତିଙ୍କ ଜରିଆରେ ବିଜୁବାବୁଙ୍କୁ ଭେଟି ଦଳରେ ମିଶିଥିଲେ। ଏବେ କହୁଛନ୍ତି କ'ଣ ନା ଆନ୍ନାଙ୍କ ଭଳି ବୁଲିବେ। ଆନ୍ନା କେଉଁଠି, ଇଏ କେଉଁଠି। ଆନ୍ନା କ'ଣ ଦୁର୍ନୀତି କରୁଥିଲେ। ଆନ୍ନା କାହିଁକି ଜୟପ୍ରକାଶଙ୍କ ନାଁ ନେଉନାହାନ୍ତି ବୋଲି ବିଷ୍ଣୁ କହିଛନ୍ତି।

ବିଷ୍ଣୁଙ୍କ ଏଭଳି ଆରୋପ ଉପରେ ପ୍ରତିକ୍ରିୟା ରଖିଛନ୍ତି ଡା. ରାଉତ। ଦାମ କହିଛନ୍ତି, ବିଷ୍ଣୁ କ'ଣ ସେତେବେଳେ ଭିଜିଲାନ୍ସ ଡାଇରେକ୍ଟର ଥିଲେ କି ? ୧୯୭୪ ମସିହାରେ ତାଙ୍କର ନାବାଳକ ଦୋଷ ଫିଟି ନ ଥିବ। ସେ କ'ଣ କହିବେ। ମୁଁ ୧୯୬୮ରେ ପାସ୍ କରି ୬ ବର୍ଷ ଇନ୍‌ଫର୍ମେଶନ୍ ଅଫିସର ଥିଲି। ମୁଁ ୧୯୭୭ରେ ବିଧାୟକ ହୋଇଥିଲି। ୧୯୭୪ରେ ଦୁର୍ନୀତି କରିଥିଲି ବୋଲି ସେ କେମିତି ଜାଣିଲେ ବୋଲି କହି ଦାମ ବିଷ୍ଣୁଙ୍କୁ କଟାକ୍ଷ କରିଛନ୍ତି। ସେହିପରି ୧୯୮୫ରେ ବିଷ୍ଣୁ ଜଗତ୍‌ସିଂହପୁର ସୋମନାଥ ହାଟରେ ବସି ଗୁଲୁଗୁଲା ଖାଉଥିଲେ। ସେ ତାଙ୍କୁ ସେଠୁ ଡାକି ଆଣି ଟିକେଟ ଦେବାର ବ୍ୟବସ୍ଥା କରାଇଥିଲି। ବୟସରେ କି ଅଭିଜ୍ଞତାରେ ବିଷ୍ଣୁ ତାଙ୍କ ସହ ସମକକ୍ଷ ନୁହନ୍ତି। ୬ ମାସ ମନ୍ତ୍ରୀ ଥିଲେ, ଭଲ କାମ କରି ପୁରସ୍କାର ପାଇଥିଲେ। ପୁଅର ମାଟ୍ରିକ ନମ୍ବର ବୃଦ୍ଧିନେଇ ବିଷ୍ଣୁ ଚର୍ଚ୍ଚାରେ ଥିଲେ। ଉକ୍ତ ଘଟଣାରେ ଗଣଶିକ୍ଷା ମନ୍ତ୍ରୀ ପଦରୁ ବିଦା ହୋଇଥିଲେ। ତେଣୁ ବିଷ୍ଣୁଙ୍କ ଭଳି ଦୁର୍ନୀତିମୁକ୍ତ ନେତା ଜଗତ୍‌ସିଂହପୁର କାହିଁକି ସାରା ଦୁନିଆରେ ନ ଥିବେ ବୋଲି କହି ଦାମ ତାଚ୍ଛଲ୍ୟ କରିଛନ୍ତି।

## ନୂଆ ରାଜନୈତିକ ବିକଳ୍ପ ପାଇଁ ଦାମଙ୍କ ସୂଚନା

**ଭୁବନେଶ୍ୱର,୧୪ା୯(ବ୍ୟୁରୋ)**

ରାଜ୍ୟ ରାଜନୀତିର ନୂତନ ଆଞ୍ଚଳିକ ବିକଳ୍ପ ଗଠନ ନେଇ ବରିଷ୍ଠ ନେତା ଦାମୋଦର ରାଉତ ପରୋକ୍ଷ ସୂଚନା ଦେଇଛନ୍ତି। ୨୦୧୯ରେ ଲୋକ ସଭା ସାଙ୍ଗରେ ବିଧାନସଭା ନିର୍ବାଚନ ହେବ। ଏହା ପୂର୍ବରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଅନୁଗାମୀଙ୍କୁ ନେଇ ଏଭଳି ଏକ ବିକଳ୍ପ ଦଳ ଗଠନ ପାଇଁ ମସୁଧା ଚାଲିଛି। ଦାମୋଦରଙ୍କ ସହ ବ୍ରଜ କିଶୋର ତ୍ରିପାଠୀ, ପଞ୍ଚାନନ କାନୁନଗୋ, ବିଜୟ ମହାପାତ୍ର, ଦିଲ୍ଲୀପ ରାୟ, ଜୟରାମ ପାଙ୍ଗୀ, ପ୍ରଫୁଲ୍ଲ ଘଡାଇ ଏବଂ ବୈଜୟନ୍ତ ପଣ୍ଡାଙ୍କୁ ନେଇ ଏହି ବିକଳ୍ପ କଥା ଚିନ୍ତା କରାଯାଉଛି।

ଦାମ ରାଉତ କହିଛନ୍ତି ଯେ, ବିଜୁଙ୍କ ନାଁରେ ଗଠିତ ହୋଇଥିବା ଦଳ ପ୍ରଶାସକଙ୍କ ଦ୍ୱାରା ଚାଲୁଛି। ଦୀର୍ଘ ୧୮ ବର୍ଷରେ ନବୀନ ପ୍ରାୟ ୪୦ ନେତା ଓ ମନ୍ତ୍ରୀଙ୍କୁ ବିଭିନ୍ନ କାରଣ ଦର୍ଶାଇ ବିଦା କରିଛନ୍ତି। ବର୍ତ୍ତମାନ ଦୁର୍ନୀତିଖୋରଙ୍କୁ ପ୍ରଶ୍ରୟ ଦେଉଛନ୍ତି। ତେଣୁ ବିଜୁବାବୁଙ୍କ ଆଦର୍ଶକୁ ନେଇ ସେ ଲଢିବେ ଏବଂ ରାଜନୀତି କରିବେ ବୋଲି ଦାମ କହିଛନ୍ତି।

ଦାମଙ୍କ ଏପରି ଦମ୍ଭୋକ୍ତିକୁ କଟାକ୍ଷ କରିଛନ୍ତି ବିଜେଡି ନେତା ଦେବୀ ପ୍ରସାଦ ମିଶ୍ର। ସେ କହିଛନ୍ତି ଯେ, ବିଜୁଙ୍କ ଆଦର୍ଶରେ ବିଜେଡି ପରିଚାଳିତ। ତାଙ୍କ ରାଜନୈତିକ ଲିଗାସି ହେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଦୀର୍ଘ ଦୁଇ ଦଶନ୍ଧି ଧରି ଓଡ଼ିଶାବାସୀ ଏହାକୁ ଗ୍ରହଣ କରି ସାରିଛନ୍ତି, ଏଣୁ ବିଜୁଙ୍କ ଆଦର୍ଶରେ ଅନ୍ୟ କୌଣସି ଦଳର ଆବଶ୍ୟକତା ନାହିଁ।

# ପାରାଦୀପରେ ପାଖ ମାଡ଼ିଲେନି ନିଜ ଲୋକ

**ପାରାଦୀପ,୧୪ା୯(ସ୍ୱ.ପ୍ର.)**

- ଆସିଲେନି ବସନ୍ତ, ସୁମନ୍ତ
- ୧୬ କାଉନ୍‌ସିଲରଙ୍କ ମଧ୍ୟରୁ ଦେଖାକଲେ ୩ ଜଣ
- ଦାମ ଶାନ୍ତି ସେନାର ବାଇକ୍ ଶୋଭାଯାତ୍ରା

ବିଜେଡିରୁ ବହିଷ୍କାର ହେବା ପରେ ବିଧାୟକ ଦାମୋଦର ରାଉତ ଶୁକ୍ରବାର ସନ୍ଧ୍ୟାରେ ଆସି ନିଜ ନିର୍ବାଚନମଣ୍ଡଳି ପାରାଦୀପରେ ପହଞ୍ଚିଥିଲେ। ଏଠାରେ ସେ ନିଜ ସମର୍ଥକ ଓ ଅନୁଗତଙ୍କୁ ଭେଟି ଯେଉଁ ମନୋବଳ ବୃଦ୍ଧି କରିବାକୁ ଚାହୁଁଥିଲେ, ତାହା ଆଶାନୁରୂପ ହୋଇପାରିନାହିଁ। ପାରାଦୀପ ନୂଆ ବଜାରସ୍ଥିତ ବିଜୁ ମେମୋରିଆଲ ଟ୍ରଷ୍ଟ ଘରେ ପହଞ୍ଚିବା ପରେ ଦାମଙ୍କ ମୁଖ ମଣ୍ଡଳ ସମ୍ପୂର୍ଣ୍ଣ ରୂପେ ବଦଳି ଯାଇଥିଲା। କାରଣ ପାରାଦୀପ ବିଜେଡିର ଛାମୁଆ କର୍ମୀ ତଥା ଦାମଙ୍କ ଅନୁଗତ ଭାବେ ଜଣାଶୁଣା ବହୁ ଲୋକ ଏଠାରେ ଅନୁପସ୍ଥିତ ଥିଲେ। ତେଣୁ ହାତଗଣତି କେତେକ ଲୋକଙ୍କ ସହ ସେ ଭାବବିନିମୟ କରିଥିଲେ। ସୂଚନାଯୋଗ୍ୟ ପାରାଦୀପ ପୌରାଞ୍ଚଳର ବିଜେଡି ସଭାପତି ସୁମନ୍ତ କୁମାର ବିଶ୍ୱାଳ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ସମେତ ୧୬ ଜଣ ବିଜେଡି କାଉନ୍‌ସିଲର, ଛାତ୍ର, ଯୁବ, ମହିଳା ବିଜେଡିର କର୍ମକର୍ତ୍ତାମାନେ ସବୁବେଳେ ଦାମଙ୍କ ପାଖେ ପାଖେ ରହୁଥିଲେ। ସେହି କର୍ମୀଙ୍କ ମଧ୍ୟରୁ କେହି ଶୁକ୍ରବାର ଦାମଙ୍କ ପାଖ ମାଡି ନ ଥିଲେ। କେବଳ ଦାମଙ୍କ ସମ୍ପର୍କୀୟ ପୁତୁରା ତଥା ୧୬ ନଂ. ୱାର୍ଡର କାଉନ୍‌ସିଲର ଚିତ୍ତରଞ୍ଜନ ରାଉତରାୟ, ୧୭ନଂ. କାଉନ୍‌ସିଲର ଜଗନ୍ନାଥ ରାଓ ଓ ପୌର ଉପାଧକ୍ଷା ପ୍ରଭାତି ନାୟକ ଉପସ୍ଥିତ ଥିଲେ। ସବୁବେଳେ ଦାମଙ୍କ ପାଖରେ ବସୁଥିବା ପ୍ରଭାତି ଶୁକ୍ରବାର ଆଜି ଏକପାଖିଆ ହୋଇ କିଛି ଦୂରରେ ବସି ସମ୍ମାନ ପୂର୍ବକ ନମସ୍କାର ହୋଇ ଫେରିଥିଲେ। ବିଧାୟକଙ୍କ ପ୍ରତିନିଧି ଉଲ୍ଲାସ ବିଶ୍ୱାଳ, ବିଜେଡି ଯୁବ ନଗର ସଭାପତି ଆଲୋକ ମହାପାତ୍ର ଉପସ୍ଥିତ ଥିଲେ। ଦାମଙ୍କୁ କର୍ମୀଙ୍କ ଅନୁପସ୍ଥିତି ପ୍ରସଙ୍ଗରେ ପଚାରିବାରେ ସେ କହିଲେ ଯେ ସେମାନେ ସମସ୍ତେ ମୋ ସହ ଅଛନ୍ତି। କୌଣସି କାରଣବସତଃ ବାହାରକୁ ଯାଇଥାଇପାରନ୍ତି। ସେମାନେ ଆସିବେ ବୋଲି ଅପେକ୍ଷାକୃତ ନରମ ସ୍ୱରରେ କହିଥିଲେ ଦାମ। ଏ ସମ୍ପର୍କରେ ନଗର ସଭାପତି ସୁମନ୍ତଙ୍କୁ ପଚାରିବାରେ ସେ କହିଲେ ଦାମବାବୁ ଆସିବା ସମ୍ପର୍କରେ ସେ ଜାଣି ନାହାନ୍ତି। ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଗଣମାଧ୍ୟମଠାରୁ ଦୂରେଇ ରହିବାକୁ ଫୋନ୍ ବନ୍ଦ କରିଦେଇଛନ୍ତି। ଦାମବାବୁ ବିଗତ ଦିନରେ କର୍ମୀଙ୍କ ମଧ୍ୟରେ ବିଭାଜନ ରାଜନୀତି ଖେଳି ଆସିଛନ୍ତି। ଏହି କ୍ରମରେ ପାରାଦୀପରେ ୪ଟି ବିଜେଡି ସଂଗଠନ ଚାଲୁଛି। ସେଥିରୁ ଦାମଙ୍କର ୩ଟି ଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଜିଲା ବିଜେଡି ସଭାପତି ବିଷ୍ଣୁ ଦାସଙ୍କର ଗୋଟିଏ। ଦାମଙ୍କ କର୍ମୀ ସଂଗଠନର ଗୋଟିଏ ଗୋଷ୍ଠୀ ହେଉଛି ଦାମ ଶାନ୍ତି ସେନା, ଯାହାକୁ ତାଙ୍କ ପୁତ୍ର ସମ୍ବିତ ରାଉତରାୟ ଗଢିଛନ୍ତି। ଶୁକ୍ରବାର ଦାମ ଏଠାରେ ପହଞ୍ଚିବା ପରେ ଦାମ ଶାନ୍ତି ସେନାର ପ୍ରାୟ ୫୦ ଯୁବକ ତାଙ୍କୁ ଥାନା ଛକରୁ ଟ୍ରଷ୍ଟ ପର୍ଯ୍ୟନ୍ତ ବାଇକ୍ ଶୋଭାଯାତ୍ରାରେ ନେଇଥିଲେ।

## ଏସ୍‌ଟିଏଫ୍ ସ୍କାନରରେ ଦାମ

**ପାରାଦୀପ,୧୪ା୯(ସ୍ୱ.ପ୍ର.)**

ବିଜେଡିରେ ରହିଥିବାବେଳେ ଅନେକ ବିବାଦୀୟ ମନ୍ତବ୍ୟ ଦେଇ ବିଧାୟକ ଦାମୋଦର ରାଉତ ସରକାରଙ୍କୁ ଅଡୁଆରେ ପକାଉଥିଲେ। ତେଣୁ ଏବେ ଦଳରୁ ବହିଷ୍କାର ହେବା ପରେ ସେ ବିପର୍ଯ୍ୟୟ ସୃଷ୍ଟି କରିବାର ଆଶଙ୍କା ରହିଛି। ତେଣୁ ସେଭଳି କିଛି ଘଟିବା ପୂର୍ବରୁ କ୍ରାଇମବ୍ରାଞ୍ଚ ଏସଟିଏଫ୍ ଜରିଆରେ ଦାମଙ୍କ ତୁଣ୍ଡରେ ତୁଣ୍ଡି ଭିଡ଼ିବାକୁ ଯୋଜନା ହେଲାଣି। ସେଥିପାଇଁ ଏସ୍‌ଟିଏଫ୍‌ର ଜଣେ ବରିଷ୍ଠ ଅଧିକାରୀ ତଥ୍ୟ ଯୋଗାଡ଼ କରୁଥିବା ମଧ ସୂଚନା ମିଳିଛି। ସୂଚନା ଅନୁଯାୟୀ, ୮ଦିନ ତଳେ ଗ୍ୟାଙ୍ଗଷ୍ଟର ଟିଟୋ ଲିଙ୍କରେ ପାରାଦୀପରେ ଏସଟିଏଫ୍ ଦାମଙ୍କ ସମ୍ପର୍କରେ ଖୋଳତାଡ଼ କରୁଥିଲା। ଏବେ ସେହି ତଦନ୍ତ ପ୍ରକ୍ରିୟା ଆହୁରି ତ୍ୱରାନ୍ୱିତ ହେବାକୁଯାଉଛି। ୨୦୧୪ ଫେବୃୟାରୀ ୨୨ରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଥିବାବେଳେ ଦାମ ସେହି ବିଭାଗର ଅତିରିକ୍ତ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ରାଉରକେଲାରୁ ପାରାଦୀପ ଆଣିଥିଲେ। ସେହି ଅଫିସ ମଧୁବନ ହାଉସିଂବୋର୍ଡଠାରେ ଦାମଙ୍କ ପରିବାର ମାଲିକାନାରେ ଥିବା ଘରେ ଚାଲିଥିଲା। ଏ ବାବଦରେ କି ପ୍ରକାର ଆର୍ଥିକ କାରବାର ହୋଇଥିଲା ତାହାର ତଦନ୍ତ କରାଯାଇପାରେ। ପୌରାଞ୍ଚଳରେ ଶିକ୍ଷୟିତ୍ରୀ ଶିକ୍ଷକ ବଦଳି, ଅବକାରୀ ମନ୍ତ୍ରୀ ଥିବାବେଳେ କେତେଜଣଙ୍କୁ ମଦ ଦୋକାନ ପାଇଁ ଲାଇସେନ୍ସ ଦିଆଯାଇଛି ଆଦି ଏସ୍‌ଟିଏଫ୍ ଖୋଳତାଡ କରିବାକୁ ଯାଉଛି। ଇଫ୍‌କୋ, ଏସାର ଷ୍ଟିଲ, ପିପିଏଲରେ ତାଙ୍କ ଆତ୍ମୀୟଙ୍କ ନାଁରେ ଚାଲୁଥିବା ବ୍ୟବସାୟିକ କାରବାରର ମଧ ଖୋଳତାଡ ହୋଇପାରେ।

# ଉଠିଥିବା ଦୁର୍ନୀତିର ସିବିଆଇ ତଦନ୍ତ କରାଯାଉ: ଭାଜପା



ଖବରଦାତା ସମ୍ମିଳନୀରେ ଭାଜପା ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ (ବାମରୁ ଦ୍ୱିତୀୟ)ସରକାରଙ୍କୁ ଟାର୍ଗେଟ୍ କରୁଛନ୍ତି।

**ଭୁବନେଶ୍ୱର, ୧୪ା୯(ବ୍ୟୁରୋ)**

ବିଜେଡିରୁ ବହିଷ୍କୃତ ବରିଷ୍ଠ ନେତା ଦାମୋଦର ରାଉତ ବିଭିନ୍ନ ବିଭାଗର ଦୁର୍ନୀତି ଅଭିଯୋଗ ଆଣିଥିଲେ। ଚାରା ଦୁର୍ନୀତି, ସମବାୟ ଘୋଟାଲା ଏବଂ ଓମ୍‌ଫେଡ୍ ଦୁର୍ନୀତି ଉଠାଇ ଦାମ ବାରମ୍ବାର ରାଜ୍ୟ ସରକାରଙ୍କୁ କାଠଗଡ଼ାରେ ଠିଆ କରିଥିଲେ, ଏହାକୁ ନେଇ ଏବେ ବିରୋଧୀ ସରକାରଙ୍କୁ ଟାର୍ଗେଟ୍ କରୁଛନ୍ତି। ଦାମବାବୁ ଆଣିଥିବା ଦୁର୍ନୀତି ଅଭିଯୋଗଗୁଡିକର ସିବିଆଇ ତଦନ୍ତ କରାଇବା ଲାଗି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଅପରପକ୍ଷରେ ବିଜେଡି ଏହାର କଡା ପ୍ରତିକ୍ରିୟା ପ୍ରକାଶ କରିଛି। କଂଗ୍ରେସ ମଧ ଏହାକୁ ସମାଲୋଚନା କରାଯାଇଛି। ଅପରପକ୍ଷରେ ବିଜେଡି ଏହାର କଡା ପ୍ରତିକ୍ରିୟା ପ୍ରକାଶ କରିଛି।

ଶୁକ୍ରବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱଚ୍ଛତାର ଡିଣ୍ଡିମ ପିଟୁଛନ୍ତି, ମାତ୍ର ସେ ନିଜେ ଦୁର୍ନୀତିରେ ବୁଡି ରହିଛନ୍ତି। ରାଜ୍ୟରେ ହୋଇଥିବା ଚାରା, ଓମ୍‌ଫେଡ ଏବଂ ସମବାୟ ମହାଦୁର୍ନୀତି ସରକାରଙ୍କ ଅସଲ ଚେହେରାକୁ ପଦାରେ ପକାଇ ଦେଇଛି। ମୁଖ୍ୟମନ୍ତ୍ରୀଙ୍କର ଯଦି ସତ୍‌ସାହସ ଅଛି ତେବେ ଏସବୁ ଦୁର୍ନୀତିର ତଦନ୍ତ ସିବିଆଇକୁ ଦିଅନ୍ତୁ। ଯଦି ମୁଖ୍ୟମନ୍ତ୍ରୀ ସିବିଆଇ ତଦନ୍ତର ନିର୍ଦ୍ଦେଶ ନ ଦିଅନ୍ତି ତେବେ ଏହା ବିରୋଧରେ ରାଜ୍ୟବ୍ୟାପୀ ଆନ୍ଦୋଳନ ହେବ ଏବଂ ଆଇନର ଆଶ୍ରୟ ମଧ ନିଆଯିବ। ସମବାୟରେ ୭ଶହ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ଦିଲ୍ଲୀରୁ ଫେରି ସେ ନେଇ ପଦୁଟିଏ କହିଲେ ନାହିଁ। ବିଭିନ୍ନ ପ୍ରସଙ୍ଗରେ ଖାଲି କମିଶନ ବସାଇଥାଆନ୍ତି, କିନ୍ତୁ ଫଳ ଶୂନ ହେଉଛି। ଦାମ ରାଉତ ଉଠାଇଥିବା ଦୁର୍ନୀତି ପ୍ରସଙ୍ଗକୁ ବିଧାନସଭାରେ କୃଷିମନ୍ତ୍ରୀ ସ୍ୱୀକାର କରିଛନ୍ତି। ମାତ୍ର ମୁଖ୍ୟମନ୍ତ୍ରୀ ଏନେଇ କିଛି କହି ନାହାନ୍ତି। ରାଜ୍ୟବାସୀଙ୍କ ମନକୁ ଏହିସବୁ ପ୍ରସଙ୍ଗ ଆନ୍ଦୋଳିତ କରୁଛି, ତେଣୁ ମୁଖ୍ୟମନ୍ତ୍ରୀ ଏହାର ଜବାବ୍ ରଖିବା ସହ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦିଅନ୍ତୁ ବୋଲି ପୀତାମ୍ବର ଦାବି କରିଛନ୍ତି।

ଅନ୍ୟପଟେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ଦାମ ବାବୁ ଯେଉଁସବୁ ଦୁର୍ନୀତି ପ୍ରସଙ୍ଗ ଉଠାଇଛନ୍ତି ତାକୁ ବିଧାନସଭାରେ ମନ୍ତ୍ରୀମାନେ ସ୍ୱୀକାର କରିଛନ୍ତି। ଏହାପରେ ମୁଖ୍ୟମନ୍ତ୍ରୀ ଘଟଣାକୁ ହାସ୍ୟାସ୍ପଦ କହିବା ରାଜ୍ୟବାସୀଙ୍କ ପାଇଁ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି।

ଭାଜପା ଉଠାଇଥିବା ଦାବି ଉପରେ ବିଜେଡି ମୁଖପାତ୍ର ସମୀର ଦାସ କହିଛନ୍ତି ଯେ, ଯେଉଁ ଦୁର୍ନୀତି ପ୍ରସଙ୍ଗ ଉଠିଛି ସେସବୁର ତଦନ୍ତ ନିଶ୍ଚିତ ହେବ। ମୁଖ୍ୟମନ୍ତ୍ରୀ କେବେହେଲେ ଦୁର୍ନୀତିକୁ ପ୍ରଶ୍ରୟ ଦିଅନ୍ତି ନାହିଁ ବୋଲି ରାଜ୍ୟବାସୀ ଭଲ ଭାବେ ଜାଣିଛନ୍ତି। ରାଜ୍ୟ ସରକାରଙ୍କୁ ଭାଜପାର ସାର୍ଟିଫିକେଟର ଆବଶ୍ୟକତା ନାହିଁ। ସେମାନେ କେବଳ କ୍ଷମତା ଦଖଲ ପାଇଁ ଦିନରେ ସ୍ୱପ୍ନ ଦେଖୁଛନ୍ତି। ମୁଖ୍ୟମନ୍ତ୍ରୀ ଠିକ୍ ସମୟରେ ଉଚିତ ନିଷ୍ପତ୍ତି ନେବାର ବହୁତ ନଜିର ରହିଥିବା ସେ କହିଛନ୍ତି।

# ୧୦ ଜିଲାର ୯୬ ଗାଁକୁ ନେଇ ଲାଗି ରହିଛି ସୀମା ବିବାଦ

**ଭୁବନେଶ୍ୱର,୧୪ା୯(ବ୍ୟୁରୋ)**

- କେବଳ କୋଟିଆକୁ ଗୁରୁତ୍ୱ
- ସମାଧାନ ପାଇଁ ଆନ୍ତରିକତା ଅଭାବ

ରାଜ୍ୟର ୧୦ଟି ଜିଲାର ୯୬ଟି ଗ୍ରାମର ପଡୋଶୀ ରାଜ୍ୟ ସହ ସୀମା ବିବାଦ ରହିଛି। କୋରାପୁଟ କୋଟିଆ ଘଟଣା ଜୋର ଧରିବା ପରେ ଏପରି ତଥ୍ୟ ସାମ୍ନାକୁ ଆସିଛି। କୋଟିଆ ବିବାଦରେ ଅପଦସ୍ଥ ହୋଇଥିବା ରାଜସ୍ୱ ବିଭାଗ ଯେନତେନ ପ୍ରକାରେ କୋଟିଆରେ କାର୍ଯ୍ୟ ଜାରି ରଖିଛି। ହେଲେ ଦୀର୍ଘଦିନ ଧରି ବିବାଦରେ ଥିବା ଶହେ ପାଖାପାଖି ଗାଁର ସୀମା ବିବାଦ ସମାଧାନ ପାଇଁ ଆଖିଦୃଶିଆ ସମାଧାନ ପନ୍ଥା ଗ୍ରହଣ କରୁ ନ ଥିବା ମନେ ହେଉଛି।

ରାଜସ୍ୱ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ କୋରାପୁଟ ଜିଲାର କୋଟିଆକୁ ବାଦ୍ ଦେଇ ଅନ୍ୟ ୨୦ଟି ଗାଁ ସହ ସୀମା ବିବାଦ ରହିଛି। ଉକ୍ତ ଗ୍ରାମଗୁଡିକ ହେଉଛି-ଗଞ୍ଜେଇପଦର, ପୋନିକି, ସିଥିଭିଲସା, ରଣାସିଙ୍ଗା, ସାମାଓଗଡା, ନଳୀଭଲସା, ଅର୍ଜୁ ଭଲସା, ତାଡିଭଲସା, ଭୋଳିପଦର, ତଳସେମ୍ବି, ଉପରସେମ୍ବି, ବରଣପାଦୁ୍ୟ, କାହ୍ନାଡୋରା, ଶାଳୀପଗୁଡା, ହରମଣ୍ଡି ଗାଁ, ମହିପାଣି, ହାଟସୁନାରୀ, ଫଗୁ ସୁନାରୀ, ଡୋଳି ଆମ୍ବ ଏବଂ ମଦାକର। ଏହାଛଡା ବୋରାମୁଥା ଓ ଏହାର ୧୨ଟିପଡା ଗ୍ରାମକୁ ନେଇ ସୀମା ବିବାଦ ରହିଛି। ସେହିପରି ଗଞ୍ଜାମ ଜିଲାର ପୁରିଆସାହି, ସୁନ୍ଦରାବାଡ, କୁଳାସାହି, ଗଉଡୁଣୀ, ଶାସନ ସମେତ ଗାଁଗୁଡିକର ଆନ୍ଧ୍ର ସହ ମିଳିତ ସ୍କେଚରେ ଆନ୍ଧ୍ର ରାଜ୍ୟ ଅଧିକାରୀଙ୍କ ଦସ୍ତଖତ ହୋଇଥିବାରୁ ସୀମା ବିବାଦ ଜାରି ରହିଛି। ବିଭିନ୍ନ ସମୟରେ ପଡୋଶୀ ରାଜ୍ୟର ଅସହଯୋଗ ପାଇଁ ଯୁଗ୍ମ ତଦନ୍ତ ବାକି ରହିଛି। ଗଜପତି ଜିଲାର ୧୬ଟି ଗାଁ ସୀମା ବିବାଦରେ ରହିଛି। ରାୟଗଡାର ୫ଟି ଗାଁର ସୀମା ବିବାଦୀୟ ବୋଲି ରାଜସ୍ୱ ବିଭାଗ ସ୍ୱୀକାର କରିଛି। ହେଲେ ଆରଡିସି ପାଖରେ ଏନେଇ ତଥ୍ୟ ନାହିଁ।

ଆନ୍ଧ୍ର ପରି ପଡୋଶୀ ପଶ୍ଚିମବଙ୍ଗ ସହ ମଧ ସୀମା ବିବାଦ ରହିଛି। ସାହାବାଜପୁର, ଶଙ୍ଖଭଙ୍ଗା, ବିଳାସପୁର, ମାଙ୍କଡିଆ, ଶଙ୍ଖମେଦି ଏବଂ ଉଦୟପୁର ଅଞ୍ଚଳଗୁଡିକର ପଶ୍ଚିମବଙ୍ଗ ସହ ବିବାଦ ଲାଗି ରହିଛି। ମୟୂରଭଞ୍ଜ ଜିଲାର ହାତୀବାରି, କଖାରୁସୁଳ, ହାଣ୍ଡିଭଙ୍ଗା, ଉଗୁଡାକଟା, ପୁରୁଣାପାଣି, ଭୁରୁଷାପାଣି,ନୂଆମାଳିଆ ଏବଂ ବାଙ୍କ ନଳା ଗ୍ରାମର ସୀମା ବିବାଦ ଲାଗି ରହିଛି। ପଡୋଶୀ ଝାଡଖଣ୍ଡ ସହ ମୟୂରଭଞ୍ଜ ଜିଲାର ୨ଟି ଗ୍ରାମର ସୀମା ବିବାଦ ରହିଛି। କେନ୍ଦୁଝର ଜିଲାର ଚମ୍ପୁଆ, କଙ୍କଡାପାଟ, ଜଗନ୍ନାଥପୁର, ଲିମିଚୁର, ପୁରୁଷୋତ୍ତମପୁର ଗ୍ରାମର ଝାଡଖଣ୍ଡ ସହ ସୀମା ବିବାଦ ରହିଛି। ଅନୁରୂପ ଭାବେ ବୁଢାପାହାଡ, ଚୋପଡିହ,ଲଙ୍ଗଳକଣ୍ଟା, ମହୁପଦା ଏବଂ କୋରଡା ପ୍ରଭୃତି ଗାଁର ଝାଡଖଣ୍ଡ ସହ ସୀମା ବିବାଦ ରହିଛି। ମହାନଦୀକୁ ନେଇ ଛତିଶଗଡ ସହ ବିବାଦ ଜୋର ଧରିଛି, ସମାନ ଭାବେ ଛତିଶଗଡ ସହ ସୀମା ବିବାଦ ମଧ କିଛି କମ୍ ନୁହେଁ। ରାଜସ୍ୱ ବିଭାଗୀୟ ତଥ୍ୟ ଅନୁଯାୟୀ ନବରଙ୍ଗପୁର ଜିଲା ଭାସ୍କେଲ ନଦୀର ଗତି ପରିବର୍ତ୍ତନ ହେତୁ ଘାଟବାସୁଲି, ଉଦୟପୁର ଅଞ୍ଚଳରେ ସୀମା ବିବାଦ ରହିଛି। ଓଡେଣ୍ଡା ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ଆନ୍ତଃରାଜ୍ୟ ସୀମାଖୁଣ୍ଟ ଉପୁଡା ଯାଇ ନାଳ ଖୋଳିବା ଯୋଗୁ ସୀମା ବିବାଦ ସୃଷ୍ଟି ହୋଇଛି। ଝାରସୁଗୁଡା ଝାରଙ୍ଗାଠାରେ ପଡୋଶୀ ଛତିଶଗଡ ଖାତ ଖୋଳିବା ପରେ ସୀମା ବିବାଦ ଦେଖାଦେଇଛି।

ସୀମା ବିବାଦଗୁଡିକର ସ୍ଥାୟୀ ସମାଧାନ ପାଇଁ ବିଭାଗୀୟ ମନ୍ତ୍ରୀ ମହେଶ୍ୱର ମହାନ୍ତି ବିଧାନସଭାରେ ଉତ୍ତର ମଧ ରଖିଥିଲେ। ଉତ୍ତରରେ ସେ କହିଛନ୍ତି ଯେ, ବିବାଦର ସମାଧାନ ପାଇଁ ୨ଟି ମାମଲା ରହିଛି। ସୁପ୍ରିମକୋର୍ଟଙ୍କ ଆଦେଶକ୍ରମେ ସ୍ଥିତାବସ୍ଥା ଜାରି ରହିଛି। ନିକଟରେ ସୀମା ବିବାଦ ସଂକ୍ରାନ୍ତରେ ବୈଠକ ହୋଇଥିଲେ ମଧ କେବଳ କୋଟିଆ ସମ୍ପର୍କିତ ବିଷୟରେ ଆଲୋଚନାକୁ ଗୁରୁତ୍ୱ ଦିଆଯାଇଥିବା ମନ୍ତ୍ରୀ କହିଛନ୍ତି। ଷଢେଇକଳା, ଖରସୁଆଁ ବିବାଦ ଆଜି ବି ଓଡ଼ିଶାଙ୍କୁ ବ୍ୟଥିତ କରେ। ସେହି ନ୍ୟାୟରେ ଯଦି ସୀମା ବିବାଦଗୁଡିକର ସମାଧାନ ନ ହୁଏ, ତେବେ ରାଜ୍ୟର ଅନେକ ଗାଁ ଆଇନର ଦସ୍ତାବିଜ୍‌ରେ ହଜିଯିବ। ସେଠାକାର ଲୋକେ ଓଡ଼ିଆ କହୁଥିବେ, ଯାନିଯାତ୍ରା ପାଳୁଥିବେ ହେଲେ ପ୍ରଶାସନିକ ଅପାରଗତା କାରଣରୁ ସେମାନେ ଓଡ଼ିଶାର ବୋଲି ଦାବି କରି ପାରୁ ନ ଥିବେ।

# ବିଜୁ ଯୁବ ବାହିନୀକୁ ଦଳୀୟ ଭିତ୍ତିରେ ବ୍ୟବହାର କରୁଛି ବିଜେଡି: ନିରଞ୍ଜନ

**ଭୁବନେଶ୍ୱର, ୧୪ା୯(ବ୍ୟୁରୋ)**



- ନିରଞ୍ଜନବାବୁ ଜଣେ ଅଭ୍ୟାସଗତ ଅଭିଯୋଗକାରୀ: ମାଝି

ରାଜ୍ୟ ସରକାରଙ୍କ ପକ୍ଷରୁ ଗଠନ କରାଯାଇଥିବା ବିଜୁ ଯୁବ ବାହିନୀକୁ ନେଇ ଭାଜପା ଏବଂ କଂଗ୍ରେସ ପକ୍ଷରୁ ଲଗାତର ଅଭିଯୋଗ ଉଠାଯାଉଛି। ନିକଟରେ ଶାସକ ଦଳର ଦୁଇ ଜଣ ବିଧାୟକ ବିଜୁ ଯୁବ ବାହିନୀକୁ ଦଳୀୟ ଭିତ୍ତିରେ ନିୟୋଜିତ କରୁଥିବା ଭାଜପା ଅଭିଯୋଗ ଆଣିଥିଲା। କଂଗ୍ରେସ ମଧ ଶୁକ୍ରବାର ସମାନ ଅଭିଯୋଗ ଆଣିଛି। ଏହାସହ ଏହି ଯୋଜନାରେ ଆଦିବାସୀ ଓ ହରିଜନମାନଙ୍କୁ ଉପେକ୍ଷା କରାଯାଇଥିବା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଅଭିଯୋଗ ଉଠାଇଛନ୍ତି।

କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନିରଞ୍ଜନ କହିଛନ୍ତି ଯେ, ବିଜୁବାବୁଙ୍କ ନାଁକୁ ବିକ୍ରି କରି ବିଜେଡି ଫାଇଦା ଉଠାଇବାର ପ୍ରୟାସ କରୁଛି। ଏହା ବିଜୁବାବୁଙ୍କ ପ୍ରତି ଅସମ୍ମାନ। ରାଜ୍ୟ ସରକାରଙ୍କ ପକ୍ଷରୁ ଗଠନ କରାଯାଇଥିବା ବିଜୁ ଯୁବ ବାହିନୀ ଦ୍ୱାରା ଓଡିଶାର ଯୁବକମାନଙ୍କୁ ପ୍ରତାରିତ କରାଯାଉଛି। ବିଜେଡି ନିଜର ଦଳୀୟ କାର୍ଯ୍ୟରେ ନିୟୋଜିତ କରିବା ଲାଗି ବିଜୁ ଯୁବ ବାହିନୀ ଗଠନ କରିଛି। ସରକାରୀସ୍ତରରେ ୧ଲକ୍ଷ ୮୦ହଜାର ପଦବୀ ଖାଲି ରହିଛି। ଏହାକୁ ସରକାର ପୂରଣ କରୁ ନାହାନ୍ତି। ବିଜୁ ଯୁବ ବାହିନୀ ନାମରେ ଓଡିଶା ଯୁବକଙ୍କୁ ପ୍ରଲୋଭନ ଦେଖାଇ ସେମାନଙ୍କୁ ଜିଲାରୁ ବ୍ଲକସ୍ତର ପର୍ଯ୍ୟନ୍ତ ବିଜେଡି କାର୍ଯ୍ୟରେ ନିୟୋଜିତ କରୁଛି। ୩ବର୍ଷ ପାଇଁ ସରକାର ୮ହଜାର ଯୁବକଙ୍କୁ ଏହି ଯୋଜନାରେ ନିୟୋଜିତ କରିବେ। ଏଥିରୁ ହଜାରେ ଯୁବକଙ୍କୁ ନିଯୁକ୍ତି ଦିଆଯାଇଛି। ଲୋକମାନଙ୍କ ଅର୍ଥକୁ ଦଳୀୟ ଭିତ୍ତିରେ ଖର୍ଚ୍ଚ କରାଯାଉଛି। ସବୁଠାରୁ ବଡ କଥା ହେଉଛି ଏହି ଯୋଜନାରେ ସଂରକ୍ଷଣ ବ୍ୟବସ୍ଥା ନାହିଁ। ରାଜ୍ୟରେ ୪୦ପ୍ରତିଶତ ଆଦିବାସୀ ଓ ହରିଜନ ଅଛନ୍ତି। ସେମାନଙ୍କ ଉନ୍ନତି ଓ ବିକାଶ ପାଇଁ ସାରା ଦେଶ ଚିନ୍ତିତ ଥିବାବେଳେ ରାଜ୍ୟ ସରକାର ଭିନ୍ନ ରାସ୍ତାରେ ଯାଉଛନ୍ତି। ଏହି ବିଜୁ ଯୁବ ବାହିନୀ ଯୋଜନାରେ ୪୦ପ୍ରତିଶତ ଆଦିବାସୀ ଓ ହରିଜନ ଯୁବକଙ୍କୁ ସରକାର ଉପେକ୍ଷା କରିଛନ୍ତି। ଏହି ଯୋଜନାରେ ସରକାର ୩ବର୍ଷରେ ୪୬୦କୋଟି ଟଙ୍କା ଖର୍ଚ୍ଚ କରିବା ପାଇଁ ବ୍ୟୟ ବରାଦ କରିଛନ୍ତି। ଚଳିତବର୍ଷ ପାଇଁ ୧୫୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ହେଲେ ଏହି ଅର୍ଥ ବିଜେଡି ନିଜର ରାଜନୈତିକ ସ୍ୱାର୍ଥରେ ବ୍ୟବହାର କରୁଛି। ଅନ୍ୟପଟେ ଆଦିବାସୀ ଓ ହରିଜନଙ୍କୁ ଏ ଯୋଜନାରେ ସାମିଲ କରି ନାହିଁ। ଏନେଇ ଏସ୍‌ସି/ଏସ୍‌ଟି କମିଶନଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ଏ ବାବଦରେ ୧୫ଦିନ ମଧ୍ୟରେ ଉତ୍ତର ଦେବାକୁ କମିଶନଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ ଚିଠି ଦିଆଯାଇଛି ବୋଲି ସେ କହିଛନ୍ତି। ଏହାଦ୍ୱାରା ରାଜ୍ୟ ସରକାର ସମ୍ବିଧାନର ଧାରା ୩୩୮କୁ ଉଲ୍ଲଂଘନ କରିଥିବା ନିରଞ୍ଜନ ଅଭିଯୋଗ ଉଠାଇଛନ୍ତି।

ରାଜ୍ୟ ଅନୁସୂଚିତଜାତି ଓ ଜନଜାତି ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି କହିଛନ୍ତି ଯେ, ବିଜୁ ଯୁବ ବାହିନୀରେ ରାଜ୍ୟ ସରକାର ଯୁବତୀ, ଯୁବକଙ୍କୁ ନିଯୁକ୍ତି ଦେଉନାହାନ୍ତି। ଯେଉଁମାନେ ଅନ୍‌ଲାଇନ ଜରିଆରେ ଆବେଦନ କରିବେ ସେମାନଙ୍କୁ ବିଜୁ ଯୁବ ବାହିନୀରେ ନିୟୋଜିତ କରାଯିବ। ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେବା ନ ହେବା ନେଇ କୌଣସି ବ୍ୟବସ୍ଥା ନାହିଁ। ରାଜ୍ୟର ଆଦିବାସୀ, ହରିଜନଙ୍କ ଉନ୍ନତି ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବହୁତ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି। ବିଜୁ ଯୁବ ବାହିନୀରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରା ନ ଯିବା ନେଇ ଏସ୍‌ସି/ଏସ୍‌ଟି କମିଶନ ଦେଇଥିବା ଚିଠି ଆମ ପାଖରେ ପହଞ୍ଚି ନାହିଁ। କମିଶନଙ୍କ ଚିଠି ମିଳିବା ପରେ ତାକୁ ଅନୁଧ୍ୟାନ କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ। ବିଜୁ ଯୁବ ବାହିନୀକୁ କୌଣସି ପ୍ରକାରେ ଦଳୀୟ ଭିତ୍ତିରେ ନିୟୋଜିତ କରାଯାଉ ନାହିଁ। ନିରଞ୍ଜନବାବୁ ଜଣେ ଅଭ୍ୟାସଗତ ଅଭିଯୋଗକାରୀ ବୋଲି ମାଝି କହିଛନ୍ତି।



"ଯେତେ ବିପଦ କାଳ ଉପସ୍ଥିତ ହେଲେ ମଧ ଅସତ୍, ଅନ୍ୟାୟ ଆଚରଣ କରିବା ଅନୁଚିତ।
- ଅଭିରାମ ପରମହଂସ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସ୍ୱାମୀ ଶ୍ରୀଚିଦାନନ୍ଦ ସରସ୍ୱତୀଙ୍କ ଦଶମ ପୁଣ୍ୟତିଥି ଆରାଧନା ଦିବସ ପାଳନ, ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର, ଅଶୋକନଗର, ସକାଳ ୬ଟାରୁ ଆରମ୍ଭ। ସନ୍ଧ୍ୟା ଅଧିବେଶନ, ସନ୍ଧ୍ୟା ୬ଟା।
- ଓଡ଼ିଶା ବିପିଯୁଟି ଛାତ୍ର ସଂଘ ପକ୍ଷରୁ ଇଞ୍ଜିନିୟର୍ସ ଦିବସ ପାଳନ ଅବସରରେ ବିଶାଳ ରକ୍ତଦାନ ଶିବିର, ବିଜୁ ଜନତା ଦଳ ରାଜ୍ୟ କାର୍ଯ୍ୟାଳୟ, ୟୁନିଟ୍-୬, ପୂର୍ବାହ୍ନ ୧୦ଟା।
- କଟନଫାବ୍, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- ସ୍ୱାସ୍ଥ୍ୟ ଏବଂ ମଧୁମେହ ଉପରେ ସଚେତନତା କାର୍ଯ୍ୟକ୍ରମ, ରେଡ୍‌କ୍ରସ ଭବନ, ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୩୫ତମ ପ୍ରତିଷ୍ଠା ଦିବସ ଉତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ପଣ୍ଡିତ ରଘୁନାଥଙ୍କ ଶ୍ରାଦ୍ଧୋତ୍ସବ, ପଣ୍ଡିତ ରଘୁନାଥ ସ୍କୁଲ ପରିସର, ଯମେଶ୍ୱର ପାଟଣା, ପୁରୁଣା ଭୁବନେଶ୍ୱର, ପୂର୍ବାହ୍ନ ୧୧ଟା।
- ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ, ଓଡ଼ିଶା ପକ୍ଷରୁ ୭ମ ଆଧ୍ୟାତ୍ମିକ ପୁସ୍ତକ ମହୋତ୍ସବର ଦ୍ୱିତୀୟ ଦିବସ, ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୧ଟା।
- ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଅନ୍ତର୍ଗତ ଭାରତୀୟ ଜନଜାତୀୟ ସମବାୟ ବିପଣନ ବିକାଶ ସଂଘ ପକ୍ଷରୁ 'ଟ୍ରାଇବ୍ସ ଇଣ୍ଡିଆ' ଶୋ'ରୁମ୍ ଉଦ୍‌ଘାଟନ, ପ୍ଲଟ୍ ନଂ. ୩/ଏ, ସତ୍ୟନଗର, ଅପରାହ୍ନ ୪ଟା।
- ଓଡ଼ିଶୀ ନୃତ୍ୟ ମହୋତ୍ସବ, ଭଞ୍ଜ କଳାମଣ୍ଡପ, ଅପରାହ୍ନ ୫ଟାରୁ ରାତି ୯ଟା।
- ଏଭର୍ ଗ୍ରୀନ୍ ଫୋରମ୍ ପକ୍ଷରୁ ଓଡ଼ିଶା ଟେକ୍ନୋଲଜିକାଲ୍ କନ୍‌କ୍ଲେଭ, ସୂଚନା ଭବନ, ଅପରାହ୍ନ ୫ଟା ୧୫। ରାଜ୍ୟ ସ୍ତରୀୟ ପ୍ରକଳ୍ପ ପ୍ରଦର୍ଶନୀ, ଅପରାହ୍ନ ୨ଟା ୩୦।
- ଦି ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟର୍ସ, ଓଡ଼ିଶା ଷ୍ଟେଟ୍ ସେଣ୍ଟର ପକ୍ଷରୁ ୫୧ତମ ଇଞ୍ଜିନିୟର୍ସ ଦିବସ ପାଳନ, ସେଣ୍ଟର ପରିସର, ସଚିବାଳୟ ମାର୍ଗ, ୟୁନିଟ୍-୪, ଅପରାହ୍ନ ୫ଟା ୩୦।
- ବ୍ରାଇଟ୍ ଷ୍ଟାର୍ ୟୁଥ୍ ଆସୋସିଏଶନ ପକ୍ଷରୁ ଗଣେଶ ପୂଜା ଅବସରରେ ସାଂସ୍କୃତିକ ସନ୍ଧ୍ୟା, ବଡ଼ଗଡ଼ ପୂଜା ପେଣ୍ଡାଲ, ସନ୍ଧ୍ୟା ୬ଟା।
- ମାସିକ ମହିଳା ପତ୍ରିକା 'ସୁଧନ୍ୟା'ର ୩୨ତମ ସ୍ୱନକ୍ଷତ୍ର ଏବଂ ସମ୍ମାନ ପ୍ରଦାନ ଉତ୍ସବ, ଲୋହିଆ ଏକାଡେମୀ, ସନ୍ଧ୍ୟା ୬ଟା ୩୦।
- ମା' କୋଟିଲେଇ ହାଟ ବ୍ୟବସାୟୀ ସଂଘ ପକ୍ଷରୁ ଶ୍ରୀଶ୍ରୀ ଗଣପତିଙ୍କ ପୂଜା ଉତ୍ସବ ଅବସରରେ ବାଦୀପାଲା ପରିବେଷଣ, ମା' କୋଟିଲେଇ ହାଟ ଗଣେଶ ମଣ୍ଡପ, ରସୁଲଗଡ଼, ରାତି ୭ଟା।
- ୱିନର ଆସୋସିଏଶନ ପକ୍ଷରୁ ଗଣେଶ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଆସୋସିଏଶନ ପରିସର, ଇନ୍ଦିରା ପାର୍କ ପଛ, ଶହୀଦନଗର, ରାତି ୭ଟା।
- ମା' ଜାଗେଶ୍ୱରୀ ଯୁବକ ସଂଘ ପକ୍ଷରୁ ଗଣେଶ ପୂଜା ଅବସରରେ ମେଲୋଡି କାର୍ଯ୍ୟକ୍ରମ, ରଙ୍ଗମାଟିଆ, ରାତି ୭ଟା।

**କଟକ**

- କଟକ ସିଟି ଇଞ୍ଜିନିୟର୍ସ କ୍ଲବ ପକ୍ଷରୁ ୫୧ତମ ଇଞ୍ଜିନିୟର୍ସ ଦିବସ ପାଳନ, ଶ୍ରୀରାମଚନ୍ଦ୍ର ଭବନ, ଟାଉନ ହଲ୍ ରୋଡ୍, ପୂର୍ବାହ୍ନ ୧୦ଟା।
- ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଇଞ୍ଜିନିୟର୍ସ ଦିବସ ପାଳନ, ଗାନ୍ଧୀଭବନ, ବାଖରାବାଦ, ପୂର୍ବାହ୍ନ ୧୧ଟା ୩୦।
- ଦି ଓଡ଼ିଶା ଇଞ୍ଜିନିୟର୍ସ ଫୋରମ୍ ପକ୍ଷରୁ ୫୧ତମ ଇଞ୍ଜିନିୟର୍ସ ଦିବସ ପାଳନ, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସନ୍ଧ୍ୟା ୬ଟା ୩୦।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# କଟକରେ ସମବାୟ ଜାଲିଆତି

**କଟକ ଅଫିସ, ୧୪।୯**

**୧୦.୮ ଲକ୍ଷ ଟଙ୍କାର ଦୁର୍ନୀତିକୁ ନେଇ ଚାଲିଛି ମାମଲା**

ସମ୍ପ୍ରତି ରାଜ୍ୟରେ ସମବାୟ ଦୁର୍ନୀତିକୁ ନେଇ ରାଜନୀତି ଜୋର ଧରିଛି। ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ ଏହି ଦୁର୍ନୀତି ପ୍ରସଙ୍ଗ ସାମ୍ନାକୁ ଆଣିବା ପରେ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ଘେରିଛନ୍ତି। ଏ ସବୁ ଭିତରେ କଟକ ଜିଲାରେ ୧୦ ଲକ୍ଷ ୮୧ହଜାର ୨୪୮ ଟଙ୍କାର ଏକ ସମବାୟ ଦୁର୍ନୀତି ସମସ୍ତଙ୍କ ନଜର ଆଢୁଆଳରେ ରହିଯାଇଛି। ଉକ୍ତ ଦୁର୍ନୀତି ସମ୍ପର୍କରେ ଭିଜିଲାନ୍ସରେ ୨୦୧୦ରୁ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଭିଜିଲାନ୍ସ ଗିରଫଦାରିରୁ ବର୍ତ୍ତିବା ପାଇଁ ହାଇକୋର୍ଟରୁ ଆଗୁଆ ଜାମିନରେ ଆସିଥିବା ବେଳେ ମାମଲାଟି ଭିଜିଲାନ୍ସ କୋର୍ଟରେ ବିଚାରାଧୀନ ଅଛି। ଦୁର୍ନୀତିଟି କଟକ ଅର୍ବାନ କୋଅପରେଟିଭ ବ୍ୟାଙ୍କରେ ହୋଇଛି। ଅଭିଯୁକ୍ତ ଜଣକ ହେଉଛନ୍ତି ଜଣେ ଭାଜପା ନେତା। ରାଜ୍ୟରେ ବିଜେଡି-ଭାଜପା ମେଣ୍ଟ ସରକାର ସମୟରେ ସମ୍ପୃକ୍ତ ନେତା ଜଣକ ସରକାରଙ୍କ ଦ୍ୱାରା ମନୋନୀତ ହୋଇ ଉକ୍ତ ବ୍ୟାଙ୍କର ସଭାପତି ଥିବା ସମୟରେ ଏହି ଦୁର୍ନୀତିଟି ହୋଇଥିଲା।

ସୂଚନାଥାଉକି, ୧୯୮୯ ଅଗଷ୍ଟ ୧୨ରେ କଟକ ଝାଞ୍ଜିରିମଙ୍ଗଳା ଅଞ୍ଚଳରେ ଥିବା ଆର.କେ. ପ୍ରିଣ୍ଟର୍ସ ନାମକ ଏକ ସଂସ୍ଥାକୁ ବ୍ୟାଙ୍କରୁ ୨ଲକ୍ଷ ଟଙ୍କା ଋଣ ଆକାରରେ ମଞ୍ଜୁର କରାଯାଇଥିଲା। ମାତ୍ର ଋଣ ପରିମାଣକୁ ୨ରୁ ୩ଲକ୍ଷ ଟଙ୍କା କରିବା ପାଇଁ ଋଣଗ୍ରହୀତା ଜଣକ ବ୍ୟାଙ୍କରେ ଆବେଦନ କରିବା ପରେ ୧୯୮୯ ଡିସେମ୍ବର ୧୯ରେ ତାଙ୍କୁ ୩ଲକ୍ଷ ଟଙ୍କାର ଋଣ ଦିଆଯାଇଥିଲା। ପୂର୍ବ ଋଣକୁ ନ ଶୁଝି ସେ ପୁନର୍ବାର ୧୯୯୦ ଅଗଷ୍ଟ ୪ରେ ବ୍ୟାଙ୍କରୁ ଦେଢଲକ୍ଷ ଟଙ୍କାର ଋଣ ନେଇଥିଲେ। ଏହିପରି ୩ଟି ପର୍ଯ୍ୟାୟରେ ସେ ୬ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଋଣ ନେଇଥିଲା। ହେଲେ ସେ ଋଣ ପରିଶୋଧ କରିବା ପାଇଁ ବ୍ୟାଙ୍କକୁ ଧରାଛୁଆଁ ଦେଇ ନ ଥିଲେ। ଫଳରେ ବ୍ୟାଙ୍କ ପକ୍ଷରୁ ତାଙ୍କ ବିରୋଧରେ ଏକ ଡିସ୍‌ପୁଟ କେସ୍ (ନଂ.୨୮/୯୪)ରୁଜୁ କରାଯାଇଥିଲା। ସୁଧମୂଳ ମିଶାଇ ତାଙ୍କ ଉପରେ ୧୦ଲକ୍ଷ ୮୧ହଜାର ୨୪୮ ଟଙ୍କା ହୋଇଥିଲା। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଖିଲାପୀଙ୍କଠାରୁ ଋଣ ଆଦାୟ କରିବା ପରିବର୍ତ୍ତେ ବ୍ୟାଙ୍କ ପକ୍ଷରୁ ଋଣଛାଡ କରାଯାଇଥିଲା। ଋଣଛାଡ କରିବା ପଛରେ ସେ ସମୟର ବ୍ୟାଙ୍କ ପରିଚାଳନା କମିଟିର ସଭାପତି ତଥା ଭାଜପା ନେତା ମୁଖ୍ୟ ସୂତ୍ରଧର ସାଜିଥିଲେ ବୋଲି ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ତଦନୁଯାୟୀ କଟକ ଭିଜିଲାନ୍ସ ଥାନାରେ ୨୦୧୦ ମାର୍ଚ୍ଚ ୨୫ରେ ୧୫/୨୦୧୦ନମ୍ବରରେ ଏକ ମାମଲା ରୁଜୁ ହୋଇଥିଲା। ମାମଲାରେ ବ୍ୟାଙ୍କର ତତ୍କାଳୀନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରଙ୍ଗାଧର ଦୁରିଆ, ଆର.କେ. ପ୍ରିଣ୍ଟର୍ସର ମାଲିକ ଓ ତତ୍କାଳୀନ ବ୍ୟାଙ୍କ ପରିଚାଳନା କମିଟିର ସଭାପତିଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ୨୦୧୦ ମାର୍ଚ୍ଚ ୨୭ରେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଦୁରିଆ ଓ ଆର.କେ. ପ୍ରିଣ୍ଟର୍ସର ମାଲିକଙ୍କୁ ଭିଜିଲାନ୍ସ ଗିରଫ କରିଥିଲା। ଭିଜିଲାନ୍ସ ଗିରଫଦାରିରୁ ବର୍ତ୍ତିବା ପାଇଁ ପରିଚାଳନା ପରିଷଦର ସଭାପତି ତଥା ଭାଜପା ନେତା ଜଣକ ହାଇକୋର୍ଟରୁ ଆଗୁଆ ଜାମିନରେ ଆସିଥିଲେ। ଜାଲିଆତି, ଆପରାଧିକ ଷଡଯନ୍ତ୍ର ଓ ଅନୁକମ୍ପା ଯୋଗୁ ବ୍ୟାଙ୍କର ଏହି ଆର୍ଥିକ କ୍ଷତି ହୋଇଥିବା ଭିଜିଲାନ୍ସ ତଦନ୍ତରେ ଦର୍ଶାଇଥିଲା। ୨୦୧୩ ଜୁନ୍ ୧୨ରେ ଭିଜିଲାନ୍ସ ଏ ସମ୍ପର୍କରେ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲା। ତେବେ ଭିଜିଲାନ୍ସ ଚାର୍ଜଶିଟରେ ୧୦ଲକ୍ଷ ୮୧ହଜାର ୨୪୮ ଟଙ୍କାର କ୍ଷତି ଦର୍ଶାଇଛି। କାରଣ ଋଣର ସୁଧମୂଳ ହିସାବ ପରେ ଏହି ପରିମାଣ ଦର୍ଶାଯାଇଥିବା ଭିଜିଲାନ୍ସର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସମ୍ପୃକ୍ତ ଅଧିକାରୀଙ୍କ କହିବାନୁଯାୟୀ, ଋଣ ଦେବା ସମୟରେ କୌଣସି ନୀତି ନିୟମ ଅନୁପାଳନ କରାଯାଇନାହିଁ। ଜାଲ୍ ରେକର୍ଡ ମାଧ୍ୟମରେ ଏହି ଋଣ ଦିଆଯାଇଥିବା ଭିଜିଲାନ୍ସ ତଦନ୍ତରୁ ଜଣାପଡିଛି। ତେବେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁରିଆଙ୍କ ଇତିମଧ୍ୟରେ ମୃତ୍ୟୁ ଘଟିଥିବା ବେଳେ ଭାଜପା ନେତାଙ୍କ ସମେତ ବାକି ଦୁଇଜଣଙ୍କ ବିରୋଧରେ ମାମଲା କୋର୍ଟଙ୍କ ବିଚାରାଧୀନ ରହିଛି।



## ଆଇସିସିଆର୍‌ର 'ହରାଇଜନ୍ ସିରିଜ୍'

**ଭୁବନେଶ୍ୱର, ୧୪।୯(ବ୍ୟୁରୋ)**

ଜ୍ଞାନ, ବୁଦ୍ଧି, ସଙ୍ଗୀତ ଓ କଳାର ଅଧିଷ୍ଠାତ୍ରୀ ଦେବୀ ସରସ୍ୱତୀଙ୍କ ବନ୍ଦନାରୁ ଆରମ୍ଭ ହୋଇଥିଲା ସାଂସ୍କୃତିକ ସନ୍ଧ୍ୟା। ତାଳ ଚମ୍ପା ଓ ରାଗ କେଦାରରେ ନୃତ୍ୟଶିଳ୍ପୀ ସ୍ୱପ୍ନାରାଣୀ ସିହ୍ନା, ଅନୀଷା ସିହ୍ନା ଓ ତମନ୍ନା ପାତ୍ର ମା' ସରସ୍ୱତୀଙ୍କୁ ଅର୍ପଣ ପୂର୍ବକ ମଙ୍ଗଳାଚରଣ ନୃତ୍ୟ ପରିବେଷଣ କରିଥିଲେ। ଅବସର ଥିଲା ଭାରତୀୟ ସାଂସ୍କୃତିକ ସମ୍ବନ୍ଧ ପରିଷଦ ଓ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ 'ହରାଇଜନ୍ ସିରିଜ୍' ସନ୍ଧ୍ୟା। ଏହି ଅବସରରେ ଚକ୍ରବାକ ପଲ୍ଲବୀ, ସୂର୍ଯ୍ୟସ୍ତୁତି ଉପରେ ଆଧାରିତ ସୂର୍ଯ୍ୟାଷ୍ଟକ ଓ ଶିବଶଙ୍କର ଉପାସନାକୁ ନୃତ୍ୟଶିଳ୍ପୀମାନେ ଶିବ ଷଡ଼ାକ୍ଷର ସ୍ତୋତ୍ର ନୃତ୍ୟାଭିନୟ ମାଧ୍ୟମରେ ଅତି ଚମତ୍କାର ଭାବେ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଏନ୍‌ଟିପିସିର ସହାକରୀ ମୁଖ୍ୟ ପରିଚାଳକ ସୋମନାଥ ଦାସ, ଗୁରୁ ଦୁର୍ଗାଚରଣ ରଣବୀର, ପରିଷଦର ଆଞ୍ଚଳିକ ଅଧିକାରୀ ବଳବୀର ସିଂ ନେଗି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିଲେ।

# ପରିବାରର ଆର୍ଥିକ ସ୍ଥିତି ଆତ୍ମନିର୍ଭରଶୀଳ ହେବାକୁ ବାଟ ଦେଖାଇଥିଲା

**ବାରଙ୍ଗ, ୧୪।୯(ଡି.ଏନ୍.ଏ.)**

**ଦିନକର କାହାଣୀ**



ଫାଷ୍ଟଫୁଡ ଦୋକାନୀ ଦୀପକ ନାୟକ

ତ୍ରିଶୂଳିଆ ବଜାର ଉପରେ ରହିଛି ଦୀପୁ ଫାଷ୍ଟଫୁଡ ଦୋକାନ। ସନ୍ଧ୍ୟା ହେବା କ୍ଷଣି ଏଠାରେ ଲାଗେ ଗ୍ରାହକଙ୍କ ଲମ୍ବା ଲାଇନ୍। ଦୀପୁଙ୍କ ହାତ ତିଆରି ସ୍ପେଶାଲ ଦମ୍ ବିରିୟାନୀର ଚାହିଦା ଏତେ ଯେ, କେବଳ ତ୍ରିଶୂଳିଆ ନୁହେଁ, ବାରଙ୍ଗ ଓ ଏହା ଆଖାପାଖ ଅଞ୍ଚଳରୁ ମଧ ସ୍ୱତନ୍ତ୍ର ଅର୍ଡର ଆସେ। ସେହିଭଳି ରୋଲ୍, ଚାଓମିନ୍, ଏ ସବୁର ବି ଢେର୍ ଚାହିଦା ରହିଛି। ସବୁଠାରୁ ବଡ଼ କଥା ହେଲା, ଦୀପୁଙ୍କ ଦୋକାନର ସ୍ପେଶାଲ ଦମ୍ ବିରିୟାନୀର ସ୍ୱାଦ ଯେମିତି, ଦାମ୍ ମଧ ଠିକ୍ ଗ୍ରାହକଙ୍କୁ ସୁହାଇଲା ଭଳି। ଖାସ୍ ଏଥିପାଇଁ ଏହି ଫାଷ୍ଟଫୁଡ ଦୋକାନର ରହିଛି ସ୍ୱତନ୍ତ୍ର ପରିଚୟ। ଦୀପୁଙ୍କ ପୂରାନାମ ଦୀପକ ନାୟକ, ଘର ସ୍ଥାନୀୟ ମଧୁପୁର ଗାଁରେ। ବୟସ ୨୬ ହେବ। ପରିବାର କହିଲେ, ଘରେ ମାଆ, ବାପା, ଭାଉଜ ଓ ଭାଇ। ଯୁକ୍ତ୨ରେ ପଢୁଥିବା ବେଳେ ବ୍ୟବସାୟ କରିବାକୁ ମନ ବଳାଇଥିଲେ। ସେତେବେଳର ପରିବାରର ଆର୍ଥିକ ସ୍ଥିତି ତାଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ବାଟ ଦେଖାଇଥିଲା।

ନିତିଦିନର କର୍ମମୟ ଜୀବନରେ ଦୀପୁ ବେଶ୍ ଚଳଚଞ୍ଚଳ। ପ୍ରତ୍ୟହ ଭୋର୍‌ରୁ ଉଠି ନିଜର ନିତ୍ୟକର୍ମ ସାରି ସକାଳ ସାଢ଼େ ୫ଟାରୁ ମର୍ନିଂୱାର୍କରେ ବାହାରିଯାଆନ୍ତି। ୭ଟା ସୁଦ୍ଧା ଘରେ ପହଞ୍ଚି କିଛି ସମୟ ବିଶ୍ରାମ ନିଅନ୍ତି। ଏହାପରେ ଠାକୁର ପୂଜା ସାରି ସକାଳ ଜଳଖିଆ କରନ୍ତି। ଦୀପୁଙ୍କର ଫାଷ୍ଟଫୁଡ ଦୋକାନ ବ୍ୟତୀତ ବାରଙ୍ଗ କଲେଜ ଛକରେ ମଧ ଏକ ଚପଲ ଦୋକାନ ରହିଛି। ସେଠାରେ ସକାଳ ୮ଟା ସୁଦ୍ଧା ପହଞ୍ଚନ୍ତି। ପାଖ ଦୋକାନରେ ଚା' ପିଇସାରି ଖବରକାଗଜ ପଢ଼ନ୍ତି। ୮ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଚପଲ ଦୋକାନରେ ରୁହନ୍ତି। ୧୨ଟାରେ ଦୋକାନ ବନ୍ଦ କରି ଘରକୁ ଫେରନ୍ତି। ଘରେ ଭାଉଜଙ୍କ ହାତରନ୍ଧା ମଧ୍ୟାହ୍ନଭୋଜନ କରି ଫାଷ୍ଟଫୁଡ ଦୋକାନ ପାଇଁ ପ୍ରସ୍ତୁତ ହୁଅନ୍ତି। ଦରକାର ପଡ଼ିଲେ, ଏଥିପାଇଁ ପରିବାର ସଦସ୍ୟଙ୍କ ସାହାଯ୍ୟ ମାଗିଥାଆନ୍ତି। ଅପରାହ୍ନ ୧ଟାରୁ ୨ଟା ଭିତରେ ଦୀପୁ ଫାଷ୍ଟଫୁଡ ଦୋକାନକୁ ଯାଆନ୍ତି। ୪ଟାରୁ ବ୍ୟବସାୟ ଆରମ୍ଭ କରି ରାତି ୧୦ଟା ପର୍ଯ୍ୟନ୍ତ ଦୋକାନ ଚଲାନ୍ତି। ଗ୍ରାହକ ଯିବା ପରେ ଦୋକାନ ବନ୍ଦ କରି ୧୨ଟା ସୁଦ୍ଧା ଘରେ ଆସି ପହଞ୍ଚିଥାଆନ୍ତି। ଦୀପୁ ୫ଜଣ ଯୁବକଙ୍କୁ ପାଖରେ ରହି ସେମାନଙ୍କୁ ମଧ ରୋଜଗାରର ବାଟ ଦେଖାଇଛନ୍ତି। ଦୋକାନ ଆରମ୍ଭରୁ ଭଲ ବ୍ୟବସାୟ ହେଉ ନ ଥିବା ବେଳେ ପରେ ମୂଲ୍ୟରେ ରିହାତି, ସ୍ୱାଦିଷ୍ଟ ଖାଦ୍ୟ ସାଙ୍ଗକୁ ଉତ୍ତମ ବ୍ୟବହାର ଗ୍ରାହକଙ୍କୁ ଆକୃଷ୍ଟ କରିବାରେ ବେଶ୍ ସହାୟକ ହୋଇପାରିଛି।

ଦୀପୁ କୁହନ୍ତି, କଲେଜରେ ପଢ଼ିଲା ବେଳେ ଚାକିରି ପଛରେ ନ ଗୋଡ଼େଇ ନିଜେ କିଛି କରିବାକୁ ମନ ବଳାଇଥିଲି। ଏବେ ମୁଁ ଦୁଇଟି ଦୋକାନ ଖୋଲି ଆତ୍ମନିର୍ଭରଶୀଳ ହୋଇପାରିଛି। ଫାଷ୍ଟଫୁଡ ବ୍ୟବସାୟରୁ ଦୈନିକ ପାଖାପାଖି ୫ ହଜାର ଟଙ୍କା ରୋଜଗାର ହେଉଛି। କର୍ମଚାରୀଙ୍କ ପାରିଶ୍ରମିକ ଓ ଅନ୍ୟାନ୍ୟ ଖର୍ଚ୍ଚ ପରେ ୧ ହଜାର ଟଙ୍କା ବଞ୍ଚୁଛି। ଜଣେ ବ୍ୟବସାୟ କଲେ, ଖୁସିରେ ନିଜେ ବଞ୍ଚି ପରିବାରକୁ ଚଳାଇବାରେ କୌଣସି ଅସୁବିଧା ହେବନାହିଁ ବୋଲି ଦୀପୁ କହିଛନ୍ତି।

### ସମସ୍ତ ଏସ୍‌ପି, ଡିସିପିଙ୍କୁ ଡିଜିପିଙ୍କ ନିର୍ଦ୍ଦେଶ

# ଶକ୍ତିପୀଠରେ ପଶୁବଳି ବନ୍ଦ କର

**କଟକ ଅଫିସ୍, ୧୪।୯**

**ପୂଜା ପାଇଁ ତତ୍ପରତା**

- ଗିରଫ ହେବେ ଏନ୍‌ବିଡବ୍ଲ୍ୟୁ ପାଇଥିବା ଅଭିଯୁକ୍ତ
- ନଜରରେ ରହିବ ମଦ କାରବାର
- ଗୋଟିଏ ଦିନରେ ମୂର୍ତ୍ତି ବିସର୍ଜନ ଉପରେ ଗୁରୁତ୍ୱ

ପୂଜାରତ୍ତୁ ଆରମ୍ଭ ହୋଇସାରିଛି। ଏହା କିଭଳି ସୁରୁଖୁରୁରେ ପରିଚାଳିତ ହେବ ସେଥିପ୍ରତି ତତ୍ପରତା ଦେଖାଇଛି ପୋଲିସ ବିଭାଗ। ଏନେଇ ଶୁକ୍ରବାର ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ସମସ୍ତ ଏସ୍‌ପି ଏବଂ କମିଶନରେଟ ପୋଲିସର ଡିସିପିଙ୍କୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ହେବାକୁ ଥିବା ସମସ୍ତ ପୂଜା ଉପରେ ନଜର ରଖିବାକୁ କୁହାଯାଇଛି। ଯେଉଁ ଶକ୍ତିପୀଠରେ ପଶୁବଳି ଦିଆଯାଉଛି ତାହା ରୋକିବାକୁ ସମସ୍ତ ଏସ୍‌ପି ଓ ଡିସିପିଙ୍କୁ କୁହାଯାଇଛି। ଏହାଛଡ଼ା ପୂଜାସ୍ଥଳ ଏବଂ ଭସାଣି ଉତ୍ସବରେ ଯେପରି ଆବଶ୍ୟକତା ଠାରୁ ଅଧିକ ଶବ୍ଦରେ ଡାକବାଜି ଯନ୍ତ୍ର ବଜା ନ ଯାଏ, ତାହା ଉପରେ ଧ୍ୟାନ ଦେବାକୁ କୁହାଯାଇଛି।

ଅକ୍ଟୋବର ୨୧ରେ ମୁସଲିମ୍ ସମ୍ପ୍ରଦାୟ ପକ୍ଷରୁ ମହରମ ପର୍ବ ପାଳନ କରାଯିବ। ସେହିପରି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍) ଅକ୍ଟୋବର ୧୯ରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ତା'ର ପ୍ରତିଷ୍ଠା ଦିବସ ପାଳନ କରିବ। ଏସବୁ ଉତ୍ସବ ଓ କାର୍ଯ୍ୟକ୍ରମ ସରିବା ପର୍ଯ୍ୟନ୍ତ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହୁଏ ସେଥିପ୍ରତି ନଜର ରଖିବାକୁ ସ୍ୱତନ୍ତ୍ର ଭାବେ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନଙ୍କ ନାମରେ କୋର୍ଟ ଜାମିନବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ଜାରି କରିଛନ୍ତି ସେମାନଙ୍କୁ ଯଥାଶୀଘ୍ର ଗିରଫ କରିବା ପାଇଁ ସମସ୍ତ ଥାନା ଅଧିକାରୀଙ୍କୁ କୁହାଯାଇଛି। ଏଥିସହିତ ଯେଉଁମାନଙ୍କ ନାମରେ ଏକରୁ ଅଧିକ ଆପରାଧିକ ମାମଲା ରହିଛି, ସେମାନଙ୍କୁ ଆଇପିସି ୧୧୦, ୧୦୭ ଦଫା ଅନୁଯାୟୀ ଗିରଫ କରିବାକୁ କୁହାଯାଇଛି। ପୂଜା ପାଇଁ ବେଆଇନ ମଦ ବେପାର ବୃଦ୍ଧି ପାଉଥିବାରୁ ଏଭଳି କାରବାର ଚାଲୁଥିବା ସ୍ଥାନ ଗୁଡିକରେ ଚଢାଉ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଗୋଟିଏ ଦିନରେ ଯେପରି ସମସ୍ତ ମୂର୍ତ୍ତି ବିସର୍ଜନ କରାଯିବ ସେଥିପାଇଁ ପଦକ୍ଷେପ ନେବାକୁ ସମସ୍ତ ଏସ୍‌ପି ଏବଂ ଡିସିପିଙ୍କୁ କୁହାଯାଇଛି। ପୂଜାରେ ଯେପରି କୌଣସି ବିଶୃଙ୍ଖଳା ଦେଖା ନ ଯାଏ ସେଥିପାଇଁ ପୂଜା ପୂର୍ବରୁ ସ୍ଥାନୀୟ ପୂଜା କମିଟି ଅବା ଶାନ୍ତି କମିଟି ସହ ଆଲୋଚନା କରିବାକୁ ସମସ୍ତ ଥାନା ଅଧିକାରୀମାନଙ୍କୁ କୁହାଯାଇଛି। ମୂର୍ତ୍ତିରେ ଯେପରି କୌଣସି ଧାରୁଆ ଅସ୍ତ୍ର ବ୍ୟବହୃତ ନ ହୁଏ ତାହା ଉପରେ ନଜର ରଖିବାକୁ କୁହାଯାଇଛି। ଗୋଇନ୍ଦା ବିଭାଗକୁ ମଧ ଅଧିକ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ପୂଜା ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚିବାକୁ ଏସ୍‌ପି ଓ ଡିସିପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଚିକିତ୍ସା ଅବହେଳାରୁ ଶିଶୁ ମୃତ୍ୟୁ ଅଭିଯୋଗ

**ପୁରୀ ଅଫିସ, ୧୪।୯**

**ଏମ୍‌ସିଏଚରେ ଉତ୍ତେଜନା**

ଚିକିତ୍ସା ଅବହେଳାରୁ ଜଣେ ଶିଶୁର ମୃତ୍ୟୁ ଘଟିଥିବା ଅଭିଯୋଗରେ ଶୁକ୍ରବାର ପ୍ରସୂତି ଓ ଶିଶୁ ଯତ୍ନ କେନ୍ଦ୍ର(ଏମସିଏଚ)ରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶିଶୁଙ୍କୁ ଚିକିତ୍ସାରେ ଅବହେଳା କରାଯାଉଥିବା ନେଇ ଅନ୍ୟ ରୋଗୀଙ୍କ ସମ୍ପର୍କୀୟ ମାନେ ହୋହଲ୍ଲା କରିଥିଲେ। କର୍ତ୍ତବ୍ୟରେ ଅବହେଳା କରିଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ଏମସିଏଚରେ ବିଭିନ୍ନ ସମସ୍ୟା ନେଇ ଶତାଧିକ ରୋଗୀଙ୍କ ସମ୍ପର୍କୀୟ ଏବଂ ମୃତକଙ୍କ ପରିବାର ସିଡିଏମଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ।

ଘଟଣାରୁ ପ୍ରକାଶ, ଶୁକ୍ରବାର ସକାଳ ସାଢେ ୬ଟା ସମୟରେ ବାଲିଘାଟ ଅଞ୍ଚଳର ଗିରିଜାଶଙ୍କର ସାହୁ ତାଙ୍କ ୩ମାସ ଶିଶୁ ପୁତ୍ରକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଓପିଡିରେ ଥିବା ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଶିଶୁ ବିଭାଗକୁ ନେବାକୁ ପରାମର୍ଶ ଦେଇଥିଲେ। ପରିବାର ଲୋକେ ଶିଶୁକୁ ଏମସିଏଚକୁ ନେଇଥିଲେ। ସେହି ସମୟରେ ଶିଶୁ ୱାର୍ଡରେ କେହି ଡାକ୍ତର ନ ଥିଲେ। ଡାକ୍ତର ଆସିବାରେ ବିଳମ୍ବ ଘଟିଥିଲା। ପରେ ଚିକିତ୍ସାଧୀନ ଅବସ୍ଥାରେ ଶିଶୁର ମୃତ୍ୟୁ ଘଟିଥିଲା। ସିଡିଏମଓ ଭାସ୍କର ସାମନ୍ତରାୟଙ୍କ ପ୍ରତିଶ୍ରୁତି ପରେ ଧାରଣା ହଟିଥିଲା।

## କୂଅରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ଭୁବନେଶ୍ୱର, ୧୪।୯(ବ୍ୟୁରୋ):** ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀବିହାର ସରସ୍ୱତୀ ବସ୍ତିରେ ଥିବା ଏକ କୂଅରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅନ୍ତର୍ଗତ ମାଟିଆଭଞ୍ଜ ଗ୍ରାମର ଦୀପକ ମୁର୍ମୁ(୩୫)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବସ୍ତି ଲୋକଙ୍କ ପାନୀୟଜଳର ସୁବିଧା ପାଇଁ ଉକ୍ତ ଅଞ୍ଚଳରେ କୂଅଟେ ଖୋଳାଯାଇଥିଲା। ବର୍ଷା ଦିନ ଥିବାରୁ କୂଅରେ ପାଣି ଭର୍ତ୍ତି ହୋଇ ରହିଥିଲା। ଶୁକ୍ରବାର ସକାଳେ ଦୀପକ ଓ ତାଙ୍କ ସ୍ତ୍ରୀ ଉକ୍ତ କୂଅ ନିକଟକୁ ଗାଧୋଇବାକୁ ଯାଇଥିଲେ। କୂଅରୁ ପାଣି କାଢିବା ସମୟରେ ଅସାବଧାନତା ବଶତଃ ଦୀପକ କୂଅ ଭିତରକୁ ଖସି ପଡିଥିଲେ। ସେ ପହଁରା ଶିଖି ନ ଥିବାରୁ କୂଅ ପାଣିରେ ବୁଡ଼ି ଯାଇଥିଲେ। ଦୀପକଙ୍କ ସ୍ତ୍ରୀ ଚିତ୍କାର କରି ପଡୋଶୀଙ୍କୁ ଡାକିଥିଲେ। ପଡୋଶୀ ଆସି ପୋଲିସକୁ ଖବର ଦେବା ସହିତ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି କୂଅରୁ ଦୀପକଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ପୁରୀ ରେଳ ଷ୍ଟେଶନର ଆଧୁନିକୀକରଣ କାର୍ଯ୍ୟ ଆରମ୍ଭ

**ପୁରୀ ଅଫିସ, ୧୪।୯**



**୧୨ ଯୋଡ଼ା ଏକ୍ସପ୍ରେସ ଓ ୪ ଯୋଡ଼ା ପାସେଞ୍ଜର ଟ୍ରେନ ବାତିଲ**

ପୁରୀ ରେଳଷ୍ଟେଶନର ଆଧୁନିକୀକରଣ ଉଦ୍ଦେଶ୍ୟରେ ନବୀକରଣ ଓ ପୁନଃନିର୍ମାଣ କାର୍ଯ୍ୟ ଶନିବାରଠାରୁ ଆରମ୍ଭ ହୋଇଛି। ଏଥିରେ ୟାର୍ଡ ସମ୍ପ୍ରସାରଣ ମଧ କରାଯାଉଛି। ୧୧ଦିନ ଧରି ଅର୍ଥାତ୍ ଆସନ୍ତା ୨୫ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟ ଚାଲିବ। ଅତ୍ୟାଧୁନିକ ମେଶିନ ସହାୟତାରେ ୟାର୍ଡକୁ ସମ୍ପ୍ରସାରଣ କରାଯାଉଛି। ରେଲୱେର ଦୁଇଜଣ ବରିଷ୍ଠ ଇଞ୍ଜିନିୟରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ କରାଯାଉଛି। ଏହି ଆଧୁନିକୀକରଣ ଫଳରେ ପୁରୀ ରେଳଷ୍ଟେଶନରେ ଟ୍ରେନ ରହଣି କ୍ଷମତା ବୃଦ୍ଧି ପାଇବ। ପୂର୍ବରୁ ୨୭ ଯୋଡ଼ା ଅର୍ଥାତ୍ ୫୪ଟି ଟ୍ରେନ ଦୈନନ୍ଦିନ ଚଳାଚଳ କରୁଥିବା ବେଳେ ୧୦ହଜାର ଯାତ୍ରୀ ଯାତାୟାତ କରିଥାନ୍ତି। ଷ୍ଟେଶନରେ ୮ଟି ପ୍ଲାଟଫର୍ମ ଏବଂ ୨୬ଟି ରେଳ ଟ୍ରାକ ରହିଛି। ଏହି ଆଧୁନିକୀକରଣ ଫଳରେ ଟ୍ରାକ ସଂଖ୍ୟା ବଢିବା ସହିତ ପ୍ଲାଟଫର୍ମର ଲମ୍ବା ମଧ ବଢିବ। ବିଶେଷ ଭାବେ ୭ ଏବଂ ୮ ନମ୍ବର ପ୍ଲାଟଫର୍ମରେ ଆଗରୁ ୧୮ରୁ ୨୨ଟି କୋଚ ରହିବାର ବ୍ୟବସ୍ଥା ଥିଲା। ଏହି ସମ୍ପ୍ରସାରଣ ଫଳରେ ୨୬ଟି କୋଚ ରହିପାରିବ। ଇଞ୍ଜିନଗୁଡିକୁ ସହଜରେ ଟ୍ରେନରେ ସଂଯୋଗ କରାଯାଇପାରିବ। ଯାହାଫଳରେ ସମୟ ଅପଚୟକୁ ରୋକାଯାଇପାରିବ। ପୂର୍ବରୁ ୪ଟି ପିଟ୍ ଲାଇନ ରହିଥିବା ବେଳେ ବର୍ତ୍ତମାନ ୫ ପିଟ୍ ଲାଇନ କରାଯିବ। ଯେଉଁଥିରେ ଟ୍ରେନଗୁଡିକ ଠିକ୍‌ଭାବେ ଶଣ୍ଟିଂ ହୋଇପାରିବ। ଶଣ୍ଟିଂ ନେକ୍ ନିର୍ମାଣ କରାଯିବ। ଏହାଦ୍ୱାରା ସିଦ୍ଧ ମହାବୀର ଲେଭଲ କ୍ରସିଂ ପର୍ଯ୍ୟନ୍ତ ଟ୍ରେନକୁ ନେବାକୁ ପଡିବ ନାହିଁ। ତେଣୁ ଆଉ ଅଧିକ ସମୟ ଲେଭଲ କ୍ରସିଙ୍ଗ ଗେଟ ପକାଇବାକୁ ପଡିବ ନାହିଁ। ଅତ୍ୟାଧୁନିକ ସିଗ୍‌ନାଲ କଣ୍ଟ୍ରୋଲ ବ୍ୟବସ୍ଥା କରାଯିବାର ଯୋଜନା ମଧ ରହିଛି। ଏହି ଆଧୁନିକୀକରଣ ବ୍ୟବସ୍ଥା ହେଲେ ଅଧିକ ୮ଟି ଟ୍ରେନ ପୁରୀ ରେଳଷ୍ଟେଶନରେ ରହିପାରିବ। ଆଧୁନିକୀକରଣ କାର୍ଯ୍ୟ ଲାଗି ୧୨ ଯୋଡ଼ା ଏକ୍ସପ୍ରେସ ଟ୍ରେନ ଓ ୪ ଯୋଡ଼ା ଲୋକାଲ ପାସେଞ୍ଜର ଟ୍ରେନକୁ ବାତିଲ କରାଯାଇଛି। ସେହିପରି ୭ ଯୋଡ଼ା ଏକ୍ସପ୍ରେସ ଟ୍ରେନକୁ ଆଂଶିକ ବାତିଲ କରାଯାଇଛି। ଉକ୍ତ ଟ୍ରେନ ପୁରୀ ପରିବର୍ତ୍ତେ ଖୋର୍ଦ୍ଧା ଏବଂ ଭୁବନେଶ୍ୱର ଷ୍ଟେଶନରୁ ଛାଡିବ ବୋଲି ଜଣାପଡିଛି।

### ଆରମ୍ଭ ହେଲା ମାଗଣା ବସ୍ ସେବା

ପୁରୀ ରେଳଷ୍ଟେଶନର ମରାମତି କାର୍ଯ୍ୟ ଯୋଗୁ ଭୁବନେଶ୍ୱର-ପୁରୀ ଏବଂ ଖୋର୍ଦ୍ଧା-ପୁରୀ ରେଳସେବା ଏକରକମ ବ୍ୟାହତ ହୋଇଛି। ପୂର୍ବତଟ ରେଳପଥ ପକ୍ଷରୁ ରେଳଯାତ୍ରୀଙ୍କ ସୁବିଧା ପାଇଁ ମାଗଣା ବସ ସେବା ବ୍ୟବସ୍ଥା କରାଯାଇଛି। ପୁରୀ ରେଳଷ୍ଟେଶନରୁ ଭୁବନେଶ୍ୱର ରେଳଷ୍ଟେଶନ ମଧ୍ୟରେ ୮ଟି ବସ ଏବଂ ପୁରୀ ଷ୍ଟେଶନରୁ ଖୋର୍ଦ୍ଧା ରୋଡ ୨ଟି ବସ ଚଳାଚଳ ଆରମ୍ଭ କରିଛି। ଏହି ମାଗଣା ସେବା ୨୫ତାରିଖ ଯାଏ ଚାଲିବ। ପୁରୀ-ହାଓଡା-ପୁରୀ ଧଉଳି ଏକ୍ସପ୍ରେସ, ପୁରୀ-ସମ୍ବଲପୁର-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ, ପୁରୀ-ହାଓଡା-ପୁରୀ ଶତାବ୍ଦୀ ଏକ୍ସପ୍ରେସ, ପୁରୀ-ତିରୁପତି-ପୁରୀ ଏକ୍ସପ୍ରେସ ଯାତ୍ରୀଙ୍କ ଲାଗି ଏହି ବସ ସେବା ଉଦ୍ଦିଷ୍ଟ ରହିଛି। ପୁରୀ ରେଳଷ୍ଟେଶନରେ ଯାତ୍ରୀଙ୍କ ପାଇଁ ସହାୟତା କେନ୍ଦ୍ର ମଧ ଖୋଲାଯାଇଛି।



ଥରେ ମିଛ କହିବାର ବିପଦ ହେଉଛି ଆଉଥରେ ସତ କହିଲେ ମଧ ଅନ୍ୟମାନେ ବିଶ୍ୱାସ କରିବେ ନାହିଁ।
- ଆରିଷ୍ଟଟଲ

## ସଂକ୍ଷେପରେ

### ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ, ୩ ଗିରଫ

**ଭୁବନେଶ୍ୱର,୧୪।୯(ବ୍ୟୁରୋ):** ନୟାପଲ୍ଲୀ ଥାନା ଅଧୀନ ଭୋଇ ସାହିରେ ଏକ କାଠଗୋଲାରେ ପଶି ଭଙ୍ଗାରୁଜା କରିବା ସହ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନୟାପଲ୍ଲୀ ଥାନା ଅଧୀନ ବେହେରା ସାହି ବସ୍ତିର ଦୀପକ ବେହେରା, ଭୋଇ ସାହିର ସୋନୁ ଦାସ ଓ ଦୀପକ ବେହେରା। ଜନ୍ମେଜୟ ମହାନ୍ତିଙ୍କର ଭୋଇ ସାହିରେ ଏକ କାଠ ଗୋଲା ରହିଛି। ଗୁରୁବାର ଅପରାହ୍ନରେ ତିନି ଜଣ ଅଭିଯୁକ୍ତ ମଦ୍ୟପାନ କରି ଗୋଲାରେ ହଙ୍ଗାମା କରିଥିଲେ। କାଠ ଗୋଲାରେ ବସିଥିବା ସେଲ୍ସମ୍ୟାନଙ୍କୁ ମାଲିକ ବିଷୟରେ ପଚାରିବାରୁ ସେ ଜଣି ନ ଥିବା କହିଥିଲେ। ଏତିକିରେ ଅଭିଯୁକ୍ତମାନେ ଉତ୍ତେଜିତ ହେବା ସହ ସେଠାରେ ଦାଦାଗିରି ଆରମ୍ଭ କରିଦେଇଥିଲେ। କାଠ ଗୋଲାର କବାଟ ଓ ଝରକାକୁ ପଥରରେ ଛେଚି ଭାଙ୍ଗିଦେବା ସହ ସେଲ୍ସମ୍ୟାନଙ୍କ ମୁଣ୍ଡକୁ ଇଟାରେ ଆକ୍ରମଣ କରିଥିଲେ। ଏ ନେଇ ଜନ୍ମେଜୟ ଥାନରେ ଅଭିଯୋଗ କରିବା ପରେ ପୋଲିସ ୪୧୦/୧୮ରେ ଏକ ମାମଲା ରୁଜୁ କରି ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ ଥିଲା। ଶୁକ୍ରବାର ତିନି ଜଣ ଅଭିଯୁକ୍ତଙ୍କୁ ପଚରାଉଚରା ପରେ ଦଫା ୩୫୨, ୩୪୧, ୩୨୩, ୪୨୭,୫୦୬ ଅନୁଯାୟୀ କୋର୍ଟ ଚାଲାଣ କରାଯାଇଛି।

### ରାସ୍ତା ନିର୍ମାଣକୁ ବିରୋଧ କରି ୮ ଗିରଫ

**ଖୋର୍ଦ୍ଧା ଅଫିସ,୧୪।୯:** ସାରୁଅ ଶିଳ୍ପାଞ୍ଚଳରୁ ଜୟମଙ୍ଗଳ ଶିଳ୍ପାଞ୍ଚଳକୁ ନିର୍ମାଣ ହେବାକୁ ଥିବା ରାସ୍ତା କାର୍ଯ୍ୟକୁ ବିରୋଧ କରି ସାରୁଅ ଗାଁର ୮ଜଣ ଗିରଫ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ଜୟମଙ୍ଗଳ ଗ୍ରାମବାସୀ ସରକାରୀ ଜମିକୁ ଶିଳ୍ପାଞ୍ଚଳ ରାସ୍ତା କାର୍ଯ୍ୟରେ ବ୍ୟବହାର କରିବାକୁ ବିରୋଧ କରୁଛନ୍ତି। ତେବେ ପୋଲିସ ଉପସ୍ଥିତିରେ ଶୁକ୍ରବାର ରାସ୍ତା ନିର୍ମାଣ ହେବାକୁ ଜମି ଚିହ୍ନଟ ହୋଇଥିଲା। ଗ୍ରାମବାସୀ ବିରୋଧ କରିବାରୁ ଜୟମଙ୍ଗଳ ଗାଁର ବାଇନ ମହାପାତ୍ର, ଲକ୍ଷ୍ମଣ ବଡଜେନା, ରାଜା ହରିଚନ୍ଦନ, ବିଜୟ ଜେନା, ରମେଶ ହରିଚନ୍ଦନ, ଗଙ୍ଗାଧର ବରାଳ, ବ୍ରଜ ମହାପାତ୍ର, ରଣଜିତ କର ପ୍ରମୁଖ ଗିରଫ ହୋଇଛନ୍ତି। ଏହି ଘଟଣାରେ ଇଫ୍‌କୋ ପକ୍ଷରୁ ଅଭିଯୋଗ ହେବା ପରେ ଦଫା ୩୯୪, ୩୫୩, ୫୦୬, ୩୪ ଆଇପିସିରେ ନଂ. ୩୫୮/୧୮ରେ ୧୪ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି।

### ଟାଙ୍ଗେଣୀ ପାହାଡରେ ସିରିଜ ବୋମାମାଡ଼
#### ବର୍ତ୍ତିଗଲେ ସରପଞ୍ଚଙ୍କ ସ୍ୱାମୀ

**ଖୋର୍ଦ୍ଧା ଅଫିସ,୧୪।୯:** ଖୋର୍ଦ୍ଧା ତହସିଲ ଟାଙ୍ଗେଣୀ ପାହାଡରେ ଶୁକ୍ରବାର ରାତି ପ୍ରାୟ ସାଢ଼େ ୮ଟାରେ ସିରିଜ ବୋମାମାଡ ହୋଇଛି। ଗ୍ରାମବାସୀଙ୍କ ଉପରକୁ ଫୋପଡା ଯାଇଥିବା ଏହି ବୋମାରେ କାଇପଦର ସରପଞ୍ଚଙ୍କ ସ୍ୱାମୀଙ୍କ ସମେତ ୧୫ଜଣ ଅଳ୍ପକେ ରକ୍ଷା ପାଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ଟାଙ୍ଗେଣୀ ପାହାଡରେ ବେଆଇନ ବିସ୍ଫୋରଣକୁ ଗ୍ରାମବାସୀ ପ୍ରତିବାଦ କରିଛନ୍ତି। ଏ ନେଇ ଗ୍ରାମସଭାର ନିଷ୍ପତ୍ତି ମୁତାବକ ଗାଁଲୋକ ପାହାଡକୁ ସୁରକ୍ଷା ଦେଉଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ବିସ୍ଫୋରଣ କରାଯିବାର ପ୍ରସ୍ତୁତି ଚାଲିଥିଲା। ଖବରପାଇ ସରପଞ୍ଚ ରାଜଶ୍ରୀ ଚମ୍ପତିରାୟଙ୍କ ସ୍ୱାମୀ ସୁଧାଂଶୁଙ୍କ ନେତୃତ୍ୱରେ ଏକ ୧୫ ଜଣିଆ ଦଳ ଘଟଣାସ୍ଥଳକୁ ଯାଇ ଯାଞ୍ଚ କରିଥିଲେ। ଏଭଳିସ୍ଥଳେ ମାଫିଆମାନେ ଗ୍ରାମବାସୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ସିରିଜ ବୋମାମାଡ କରିଥିଲେ।

# ଭୁବନେଶ୍ୱର ଉପରେ ନଜର ରଖିବ ଡ୍ରୋନ୍

- ପ୍ରଥମ ପର୍ଯ୍ୟାୟରେ ୨ଟି ଆସିବ
- ଅନ୍ୟଟି ଗୁରୁପ୍ରିୟା ସେତୁ ଜଗିବ



ଭୁବନେଶ୍ୱର, ୧୪।୯(ବ୍ୟୁରୋ)

ଆକାଶ ମାର୍ଗରୁ ମାଓବାଦୀ ଏବଂ ଅନ୍ୟାନ୍ୟ ଆପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ଓଡିଶା ପୋଲିସ ଡ୍ରୋନ୍‌ର ସାହାରା ନେବ। ପ୍ରଥମ ପର୍ଯ୍ୟାୟରେ ୨ଟି ଡ୍ରୋନ୍ ଓଡିଶାକୁ ଅଣାଯିବ। ଗୋଟିଏ ଡ୍ରୋନ ଗୁରୁପ୍ରିୟା ସେତୁ ଉପରେ ପଇଁତରା ମାରିବା ସହ ଅନ୍ୟ ଏକ ଭୁବନେଶ୍ୱରର ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ବୁଲିବ। ଏଥିଲାଗି ଏକ ବିଦେଶୀ କମ୍ପାନୀ ସହ ୧୫ ଲକ୍ଷ ଟଙ୍କାର ଚୁକ୍ତି ହୋଇଥିବା ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ସୂଚନା ଦେଇଛନ୍ତି।

ଭୁବନେଶ୍ୱରରେ ଦିନକୁ ଦିନ ଆପରାଧିକ କାର୍ଯ୍ୟ ବଢ଼ିବାରେ ଲାଗିଛି। ମୁଖ୍ୟତଃ ଲୁଟେରା ଏବଂ ଡକାୟତଙ୍କ ଉତ୍ପାତ ଜନସାଧାରଣଙ୍କୁ ଅତିଷ୍ଠ କରିଛି। ସହରବାସୀଙ୍କୁ ସୁରକ୍ଷା ଯୋଗାଇଦେବା କମିଶନରେଟ ପୋଲିସ ପାଇଁ ଏକ ପ୍ରକାର ଚ୍ୟାଲେଞ୍ଜ ହୋଇଛି। ତେଣୁ ଏହାକୁ ରୋକିବା ପାଇଁ ପଦକ୍ଷେପ ନେବା ଲାଗି ପୋଲିସ ଡ୍ରୋନର ସହାୟତା ନେବ ବୋଲି କୁହାଯାଉଛି।

ଡିଜିପି ଶର୍ମା କହିଛନ୍ତି, ଏହି ଦୁଇ ଡ୍ରୋନ୍‌ର ଗୋଟିଏ କଣ୍ଟ୍ରୋଲ ରୁମ୍ ରହିବ। କଣ୍ଟ୍ରୋଲ ରୁମ୍ ଜରିଆରେ ତୀକ୍ଷ୍ଣ ନଜର ରଖାଯିବ। ଯଦି କୌଣସି ଆପରାଧିକ କାର୍ଯ୍ୟକଳାପ ଦୃଶ୍ୟମାନ ହେଲା କଣ୍ଟ୍ରୋଲ ରୁମ୍‌ରେ ଥିବା ଅଫିସର ସୁରକ୍ଷା କର୍ମଚାରୀଙ୍କୁ ତୁରନ୍ତ ଖବର ଦେବେ। ସେ ଆହୁରି କହିଛନ୍ତି, ଗୁରୁପ୍ରିୟା ସେତୁ ଉଦ୍‌ଘାଟନ ପରେ ପ୍ରତିଦିନ ବହୁ ଲୋକ ଯାତାୟାତ କରୁଛନ୍ତି। ଓଡିଶା ପାର୍ଶ୍ୱ ଅଞ୍ଚଳରେ ଏତେଟା ଅପରେଶନ ହୋଇପାରୁ ନ ଥିଲା। ଆଉ କିଛି ଜାଗାରେ ରାସ୍ତାର ଆବଶ୍ୟକତା ରହିଛି। କିଛି ଜାଗାରେ ଆର ଆଣ୍ଡ୍ ବି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି। ପୂର୍ବରୁ ଅପରେଶନ ସମୟରେ ଯାହା ଅସୁବିଧା ହେଉଥିଲା ତାହା ଏବେ ହେଉନାହିଁ। ବିଚ୍ଛିନ୍ନାଞ୍ଚଳର ସମ୍ପୂର୍ଣ୍ଣ ଅଞ୍ଚଳରେ ଅପରେଶନ କରିବା ସହ ମାଓବାଦୀ କାର୍ଯ୍ୟକଳାପକୁ ଦମନ କରିବା ଆମର ଉଦ୍ଦେଶ୍ୟ ବୋଲି ସେ କହିଥିଲେ।

ଗତ ବୁଧବାର ଡିଜିପିଙ୍କ କ୍ୟାମ୍ପ ଅଫିସରେ ଡ୍ରୋନ୍ କ୍ୟାମେରାକୁ ନେଇ ଏକ ବୈଠକ ବସିଥିଲା। ଏଥିରେ ଆଣ୍ଟି ଡ୍ରୋନ୍ ସିଷ୍ଟମ ସମ୍ପର୍କରେ ଆଲୋଚନା କରାଯିବା ସହ ବିଭିନ୍ନ କମ୍ପାନୀ ଦ୍ୱାରା ନିର୍ମିତ ଡ୍ରୋନର ଡେମୋ ପ୍ରଦର୍ଶନ କରାଯାଇଥିଲା। ଏହାସହ ପୋଲିସର ବିନା ଅନୁମତିରେ କୌଣସି ସାଧାରଣ ଲୋକ ଡ୍ରୋନ୍ କ୍ୟାମେରା ଉଡାଇପାରିବେ ନାହିଁ। ଏଥିପାଇଁ ଡିସିପି ଏବଂ ସବୁ ଜିଲାର ଏସ୍‌ପିଙ୍କ ନିକଟରେ ପଞ୍ଜୀକରଣ କରିବା ବାଧ୍ୟତାମୂଳକ ବୋଲି ଡିଜିପି ବୈଠକରେ କହିଥିଲେ। ଖୁବ୍‌ଶୀଘ୍ର ଏହି ନିୟମ କାର୍ଯ୍ୟକାରୀ ହେବ। ଡ୍ରୋନ୍ କ୍ୟାମେରା ଉପରେ ଅଙ୍କୁଶ ଲାଗିବା ପରେ ଆପରାଧିକ କାର୍ଯ୍ୟକଳାପ କିଛି ମାତ୍ରାରେ କମିବ ବୋଲି ଆଶା କରାଯାଉଥିବା ଡିଜିପି କହିଛନ୍ତି।



ରଷି ପଞ୍ଚମୀ ବ୍ରତ ପାଳନ କରି ମାର୍କଣ୍ଡେଶ୍ୱର ଓ ମହାଲକ୍ଷ୍ମୀ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରୁଛନ୍ତି।

## ମହାଲକ୍ଷ୍ମୀ ପାଳିଲେ ରଷି ପଞ୍ଚମୀ ବ୍ରତ

ପୁରୀ ଅଫିସ, ୧୪।୯

ଶୁକ୍ରବାର ଭାଦ୍ରବ ଶୁକ୍ଳ ପଞ୍ଚମୀ ତଥା ରଷି ପଞ୍ଚମୀ। ଶ୍ରୀଦେବୀ (ମହାଲକ୍ଷ୍ମୀ) ମାର୍କଣ୍ଡ ରଷିଙ୍କ ଆଶ୍ରମକୁ ଯାଇ ରଷି ପଞ୍ଚମୀ ବ୍ରତ ପାଳନ କରିଛନ୍ତି। ସକାଳ ଧୂପ ବଢ଼ିବା ପରେ ମହାଲକ୍ଷ୍ମୀ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ସାତପାହାଚଠାରେ ଥିବା ପାଲଙ୍କିରେ ବିଜେ ହୋଇଥିଲେ। ବିମାନ ବଡୁମାନେ ତାଙ୍କୁ ପାଲଙ୍କିରେ ନେଇ ମାର୍କଣ୍ଡଙ୍କ ଭିତର ଗମ୍ଭୀରାରେ ବିଜେ କରାଇଥିଲେ। ସେଠାରେ ମାଜଣା, ବନକଲାଗି ସରିବା ପରେ ପୂଜାପଣ୍ଡାମାନେ ରଷି ପଞ୍ଚମୀ ବ୍ରତ କଥା ପାଠ କରିଥିଲେ। ଏହାପରେ ଶୀତଳ ଭୋଗ ବନ୍ଦାପନା ବଢ଼ି ମହାଲକ୍ଷ୍ମୀ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

ଏ ସମ୍ପର୍କରେ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ରଜସ୍ୱଳା ସମୟରେ ନାରୀମାନେ ସ୍ୱତନ୍ତ୍ର ନିୟମରେ ରହିଥାନ୍ତି। କିନ୍ତୁ ଏହି ସମୟରେ ଅଜ୍ଞାତରେ ହୋଇଥିବା ଦୋଷରୁ ମୁକ୍ତି ଲାଗି ସପ୍ତରଷିଙ୍କୁ ଆରାଧନା କରିବାର ପରମ୍ପରା ରହିଛି। ତାହାକୁ ରଷି ପଞ୍ଚମୀ ବ୍ରତ କୁହାଯାଏ। ସେହି ପରମ୍ପରା ଆଧାରରେ ମହାଲକ୍ଷ୍ମୀ ମାର୍କଣ୍ଡ ରଷିଙ୍କ ଆଶ୍ରମକୁ ଯାଇ ରଷି ପଞ୍ଚମୀ ବ୍ରତ ପାଳନ କରିଥାନ୍ତି। ଏହି ଦିନ ସ୍ୱୟଂ ମହାଲକ୍ଷ୍ମୀ ଠାକୁରାଣୀ ମାନବୀୟ ଲୀଳାକ୍ରମେ ପୂଜାପଣ୍ଡାଙ୍କୁ ଛଞ୍ଚା ଦେଇଥାନ୍ତି।

## ଅଗ୍ନିଙ୍କୁ ଶାନ୍ତ କରି ଗାଈପଲଙ୍କୁ ଉଦ୍ଧାର କଲେ ଶ୍ରୀକୃଷ୍ଣ

ପୁରୀ ଅଫିସ,୧୪।୯

**ଶ୍ରୀମନ୍ଦିରରେ ଦାହଲୀଳା**

ଶୁକ୍ରବାର ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ବଢ଼ିବା ପରେ ଦକ୍ଷିଣୀ ଘରୁ ମଦନମୋହନ ବିଜେ ହୋଇ ଆଜ୍ଞାମାଳ ପାଇ ନାଟପା ମଣ୍ଡପ ଖଟ ଉପରେ ବିଜେ ହୋଇଥିଲେ। ସେଠାରେ ଦାହଲୀଳା ପ୍ରସ୍ତାବ ଆଗତ ହୋଇଥିଲା। ପରେ ଶୀତଳ ଭୋଗ ବନ୍ଦାପନା ହୋଇ ଠାକୁର ବାହୁଡ଼ା ବିଜେ କରିଥିଲେ।

ଭଗବାନ ଶ୍ରୀକୃଷ୍ଣ ବୃନ୍ଦାବନରେ ଗୋପାଳ ବାଳକମାନଙ୍କ ସହିତ ଗୋଚାରଣ କରୁଥିବା ବେଳେ ଏକଦା ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ହୋଇଥିଲା। ଏହି ସମୟରେ ଗାଈପଲ ନିକଟରେ ଥିବା ସର (ଏକ ପ୍ରକାର ଗୁଳ୍ମ) ବନ ମଧ୍ୟକୁ ପ୍ରବେଶ କରିଥିଲେ। ଭଗବାନ ଶ୍ରୀକୃଷ୍ଣ ଗୋପାଳ ବାଳକଙ୍କ ସହିତ ଗାଈପଲଙ୍କୁ ଆଣିବାକୁ ଯିବା ସମୟରେ ହଠାତ୍ ପ୍ରଚଣ୍ଡ ବେଗରେ ବନରେ ନିଆଁ ଲାଗି ଯାଇଥିଲା। ନିଆଁ ଏତେ ଭୟଙ୍କର ଥିଲା ଯେ, ସେ ସମୟରେ ଗାଈପଲଙ୍କୁ ଉଦ୍ଧାର କରିବା ଅସମ୍ଭବ ହୋଇପଡିଥିଲା। ଗୋପାଳ ପିଲାମାନେ ଗାଈପଲଙ୍କୁ ଉଦ୍ଧାର କରିବା ଲାଗି ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କରିଥିଲେ। ଶ୍ରୀକୃଷ୍ଣ କହିଲେ ତୁମ୍ଭେମାନେ ଆଖି ବନ୍ଦ କର, ମୁଁ ଅଗ୍ନିଜ୍ୱାଳାକୁ ଶାନ୍ତ କରିଦେବି। ଗୋପାଳ ବାଳକମାନେ ଆଖି ବନ୍ଦ କରିବା ପରେ ଶ୍ରୀକୃଷ୍ଣ ସମସ୍ତ ଅଗ୍ନିଙ୍କୁ ଶାନ୍ତ କରିଦେଇଥିଲେ। ଏହାକୁ ଦାହଲୀଳା କୁହାଯାଏ। ଏହି ସ୍ମୃତି ଶ୍ରୀମନ୍ଦିରରେ କୃଷ୍ଣଲୀଳା କ୍ରମରେ ଦାହଲୀଳା ପାଳିତ ହେଉଛି।

## ଆଜିଠୁ ସକ୍ରିୟ ହେବ କ୍ୟୁଏଟି
### ଦାୟିତ୍ୱ ନେବେ ଜଣେ ଏସ୍‌ଆଇ

ଭୁବନେଶ୍ୱର, ୧୪।୯(ବ୍ୟୁରୋ)

ଦୀର୍ଘଦିନ ଧରି ଖାଲିପଡ଼ିଥିବା କ୍ୟୁଏଟି (କୁଇକ୍ ଆକ୍ସନ ଟିମ୍) ଅଧିକାରୀ ପାଇଁ ଚୟନ ପ୍ରକ୍ରିୟା ଶେଷ ହୋଇଛି। ପୋଲିସ କମିଶନର ସତ୍ୟଜିତ ମହାନ୍ତି ନିଜେ ୫ଟି ଥାନାର ୫ଜଣ ଏସ୍‌ଆଇଙ୍କ ସାକ୍ଷାତକାର ନେଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣକୁ ଚୟନ କରାଯାଇଛି। ଶନିବାର ତାଙ୍କ ନାମ ଘୋଷଣା କରାଯିବ ବୋଲି ସିପି କହିଛନ୍ତି। ସେ ଆହୁରି ମଧ କହିଛନ୍ତି, ଦୀର୍ଘଦିନ ହେବ ଏହି ପଦବୀ ଖାଲି ପଡିଥିବା ବେଳେ ଅପରାଧୀଙ୍କୁ ବେଶ ସୁହାଉଥିଲା। ତେଣୁ ମୁଁ ଏଥିପାଇଁ ଶୀଘ୍ର ଚୟନ ପ୍ରକ୍ରିୟା ଶେଷ କରିଛି। ଇନ୍‌ଫୋସିଟି ଥାନାର ଅସିତ ବଳବନ୍ତରାୟ, ଚନ୍ଦ୍ରଶେଖରପୁର ଥାନାର ଅରୁଣ ଖିଲାର, ତମାଣ୍ଡୋ ଥାନାର ଚିତ୍ତ ରାଉତ, କ୍ୟାପିଟାଲ ଥାନାର ଶୁଭେନ୍ଦୁ ସାହୁ ଓ ଶହୀଦନଗର ଥାନାର ଅନ୍ୟ ଜଣେ ଏସ୍‌ଆଇ ସାକ୍ଷାତକାର ଦେବାକୁ ଯାଇଥିଲେ ବୋଲି ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ କ୍ୟାପିଟାଲ ଥାନାର ଏସ୍‌ଆଇ ଶୁଭେନ୍ଦୁ ସାହୁଙ୍କୁ ଏଥିଲାଗି ମନୋନୀତ କରାଯାଇଥିବା ଆଲୋଚନା ହେଉଛି। ଆଗକୁ ପାର୍ବଣ ଆସୁଥିବାରୁ ଏହି ଟିମ୍ ବେଶ୍ ସକ୍ରିୟ ହୋଇ କାମ କରିବ ବୋଲି ପୋଲିସ କମିଶନର ଆଶା ରଖିଛନ୍ତି।

ଦୁଇ ମାସ ହେଲା ଏହି ପଦବୀ ଫାଙ୍କା ପଡ଼ିଥିବାରୁ ରାଜଧାନୀରେ ଅପରାଧ ବଢିଛି। ନିଶା ମାଫିଆମାନେ ଖୁଲମଖୁଲା ମଦ ବିକ୍ରି କରୁଥିଲେ ମଧ ଟଙ୍କା ନେଇ ସ୍ଥାନୀୟ ପୋଲିସ ହାତ ବାନ୍ଧି ବସିଛି। ତେଣୁ ଏହି ଟିମ୍ ଗଠନ ହେବା ପରେ ଏହି ନିଶା ମାଫିଆଙ୍କୁ ସାବାଡ କରିବ ବୋଲି ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ଦକ୍ଷ ପୋଲିସ ଏସ୍‌ଆଇ ଭାବେ ଦୀପକ ଲେଙ୍କା ପୁରସ୍କାର ପାଇବା ପରେ କମିଶନରେଟ ପୋଲିସରେ ଚର୍ଚ୍ଚାରେ ରହିଥିଲେ। ତେଣୁ ତାଙ୍କୁ କ୍ୟୁଏଟି ଅଧିକାରୀଭାବେ ଦାୟିତ୍ୱ ଦିଆଯାଇଥିଲା। ମାତ୍ର ସେ ନିଶା ମାଫିଆଙ୍କୁ ଅନୁକମ୍ପା ଦେଖାଇବା ସହ ଚଢାଉ ନାଁରେ ଅର୍ଥ ଲୁଟ କରିଥିବା ପୋଲିସ କମିଶନରଙ୍କ ନିକଟରେ ଅଭିଯୋଗ ହୋଇଥିଲା। କମିଶନର ଉକ୍ତ ଅଭିଯୋଗ ଆଧାରରେ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ପରେ ଅଭିଯୋଗର ସତ୍ୟାସତ୍ୟ ଜଣାପଡିବା ପରେ ଦୀପକଙ୍କୁ ନିଲମ୍ବିତ କରାଯାଇଥିଲା।

## 'ସୁନ୍ଦରୀ'କୁ ନେଇ ଅଡୁଆ

ଭୁବନେଶ୍ୱର, ୧୪।୯(ବ୍ୟୁରୋ)

ସାତକୋଶିଆର 'ସୁନ୍ଦରୀ' ବାଘୁଣୀକୁ ନେଇ ଏବେ ଅଡୁଆରେ ରାଜ୍ୟ ସରକାର। ମଣିଷ ମାରିବା ପରେ ବାଘୁଣୀ ସାତକୋଶିଆରେ ରହିବ ନା ମଧ୍ୟପ୍ରଦେଶର ବାନ୍ଧବଗଡ଼ ଅଭୟାରଣ୍ୟକୁ ଫେରିଯିବ ତାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଯାଇଛି ବନ ବିଭାଗ। ଶୁକ୍ରବାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ କହିଛନ୍ତି, ବାଘୁଣୀକୁ ଫେରାଇ ଦିଆଯିବ କି ନାହିଁ ତାହା ନିଷ୍ପତ୍ତି ହୋଇନାହିଁ। ବାଘ ବିଷୟରେ ୱାଇଲ୍ଡଲାଇଫ୍ ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ(ଡବ୍ଲ୍ୟୁଆଇଆଇ) ନିଷ୍ପତ୍ତି ନିଏ। ତେଣୁ ତାଙ୍କୁ ଆମେ ଜଣାଇଦେଇଛୁ। ଏହାଛଡ଼ା ବାଘୁଣୀ ମଣିଷ ମାରିବା କଥା ଏଯାବତ୍ ସ୍ପଷ୍ଟ ହୋଇପାରି ନାହିଁ। ଆମେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛୁ। ସବିଶେଷ ତଦନ୍ତ ରିପୋର୍ଟ ଆସିବା ପରେ ଏ ସମ୍ପର୍କରେ ଜଣାପଡ଼ିବ ବୋଲି ମନ୍ତ୍ରୀ କହିଛନ୍ତି।

ସେପଟେ ଏନ୍‌ଟିସିଏ(ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ) ଏସ୍‌ଓପି କହୁଛି ଯେ, ବନ୍ୟପ୍ରାଣୀ(ସଂରକ୍ଷଣ) ଆଇନ ୧୯୭୨ ଅନୁଯାୟୀ ବାଘ ବିଷୟରେ ନିର୍ଣ୍ଣୟ ନେବାର ଅଧିକାର କେବଳ ରାଜ୍ୟର ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କର ରହିଛି। ଏସ୍‌ଓପିରେ ଆହୁରି ମଧ ଲେଖାଯାଇଛି ଯେ, ଯଦି ବାଘ ମଣିଷ ମାରିବା ପ୍ରମାଣ ମିଳେ, ତେବେ ତା'କୁ ଆଉ ଜଙ୍ଗଲରେ ଖୋଲା ଛଡ଼ାଯାଇ ପାରିବ ନାହିଁ। ତା'କୁ ଯେକୌଣସି ଅନୁମୋଦିତ ଉପାୟରେ ଧରାଯାଇ ନିକଟ ଚିଡ଼ିଆଖାନାକୁ ହସ୍ତାନ୍ତର କରାଯିବ। ତେଣୁ ନିୟମାନୁସାରେ ଏ କ୍ଷେତ୍ରରେ ସୁନ୍ଦରୀକୁ ନନ୍ଦନକାନନକୁ ପଠାଇବାର ବ୍ୟବସ୍ଥା କରାଯିବା ଉଚିତ।

ବାଘୁଣୀକୁ ଧରିବା ପାଇଁ ମଧ୍ୟପ୍ରଦେଶରୁ ଏକ ଟିମ୍ ଆସି ଓଡ଼ିଶାରେ ପହଞ୍ଚିଛି। ଟିମ୍ ସୁନ୍ଦରୀକୁ ଟ୍ରାଙ୍କୁଲାଇଜ କରି ଧରିବ। ଯଦିଓ ଓଡ଼ିଶାରେ ୫୦ଟି ଟ୍ରାଙ୍କୁଲାଇଜର ବନ୍ଧୁକ ଅଛି ଏବଂ ୧୦୦୦ରୁ ଉର୍ଦ୍ଧ୍ୱ

**ଡବ୍ଲ୍ୟୁଆଇଆଇ ନିଷ୍ପତ୍ତି ନେବ: ମନ୍ତ୍ରୀ**



ବନ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି, କିନ୍ତୁ ପ୍ରକୃତ କଥା ହେଲା ଜଙ୍ଗଲୀ ମହାବଳ ବାଘକୁ ଟ୍ରାଙ୍କୁଲାଇଜ କରିବାର ଅଭିଜ୍ଞତା ଓଡ଼ିଶାରେ କାହାରି ପାଖରେ ନାହିଁ। ଟ୍ରାଙ୍କୁଲାଇଜ କରିବା ପାଇଁ ମଧ୍ୟପ୍ରଦେଶରୁ ଟିମ୍ ଆସିବା ଓଡ଼ିଶା ବନ ବିଭାଗର ଅପାରଗତାକୁ ଦର୍ଶାଉଛି ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ କହୁଛନ୍ତି।

ଅନ୍ୟପଟେ ମୃତଦେହ ବ୍ୟବଚ୍ଛେଦ ପରେ ମହିଳାଙ୍କ ମୃତ୍ୟୁ କୌଣସି ବାଘର ଆଘାତ ଦ୍ୱାରା ହୋଇଛି କି ନାହିଁ ତାହା ଜଣାପଡ଼ିବ। କିନ୍ତୁ ସୁନ୍ଦରୀ ଯେ ତାଙ୍କୁ ମାରିଛି ତାହା ନିର୍ଣ୍ଣୟ କରିବା ଅସମ୍ଭବ। ସୁନ୍ଦରୀ ତାଙ୍କୁ ମାରିଛି ବା ଖାଇଛି ତାହା ଡିଏନ୍‌ଏ ଫୋରେନ୍‌ସିକ୍ ଆନାଲିସିସ୍ କଲେ ସ୍ପଷ୍ଟ ହୋଇଯିବ ବୋଲି ଖୋର୍ଦ୍ଧା ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି। ତାଙ୍କ ମତରେ ସୁନ୍ଦରୀର ନମୁନା ଓ ମୃତା ମହିଳାଙ୍କ ଶରୀରର କ୍ଷତ ସ୍ଥାନରୁ ନମୁନା ଆଣି ତାହାର ଡିଏନ୍‌ଏ ଆନାଲିସିସ କରି ସୁନ୍ଦରୀର ଡିଏନ୍‌ଏ ସହ ମ୍ୟାଚ୍ କଲେ ସବୁ ସ୍ପଷ୍ଟ ହୋଇପାରିବ। ଯଦି ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ କର୍ତ୍ତୃପକ୍ଷ ସୁନ୍ଦରୀର ଡିଏନ୍‌ଏ ଆନାଲିସିସ ପାଇଁ ନମୁନା ରଖି ନ ଥିବେ, ତେବେ ସୁନ୍ଦରୀ ଯେଉଁ ସ୍ଥାନରୁ ଆସିଥିଲା ସେଠିକାର କର୍ତ୍ତୃପକ୍ଷଙ୍କ ସାହାଯ୍ୟ ଲୋଡ଼ା ଯାଇପାରେ ବୋଲି ଶୁଭେନ୍ଦୁ କହିଛନ୍ତି।

ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ କହିବା ଅନୁସାରେ, ସରକାର ୨୫କୋଟି ଟଙ୍କା ବ୍ୟୟ କରି ବ୍ୟାଘ୍ର ପୁନର୍ବାସ ପ୍ରକଳ୍ପକୁ ତରବରିଆ ଭାବେ କାର୍ଯ୍ୟକାରୀ କରିବା ଲାଗି ପଦକ୍ଷେପ ନେବା ଉଚିତ ନୁହେଁ। ସାତକୋଶିଆରେ ସବୁ ଲୋକଙ୍କୁ ସ୍ଥାନାନ୍ତର ନ କରି ଏଭଳି ପଦକ୍ଷେପ ନେବା ଅନୁଚିତ। ବନ ବିଭାଗର ଖାମଖିଆଲି ପଦକ୍ଷେପ ଯୋଗୁ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ବନ୍ୟପ୍ରାଣ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି କୁହନ୍ତି, ବାଘ ଆଣିବା ପୂର୍ବରୁ ସ୍ଥାନୀୟ ଲୋକଙ୍କ ସହିତ ସରକାର ଆଲୋଚନା କରିବା ଉଚିତ ଥିଲା। କିନ୍ତୁ ତାହା କରିନାହାନ୍ତି। ବର୍ତ୍ତମାନ ବାଘ ମଧ୍ୟପ୍ରଦେଶ ଯିବ କି ସାତକୋଶିଆରେ ରହିବ ତାହା ଓଡ଼ିଶା ସରକାର ନିଷ୍ପତ୍ତି ନେବା ଆବଶ୍ୟକ। ଏଥିରେ ଡବ୍ଲ୍ୟୁଆଇଆଇର କୌଣସି ଭୂମିକା ନାହିଁ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଲବରେ ସାମିଲ ହୁଅନ୍ତୁ।








@ ରୁଦ୍ର



@ ମାନସ



@ ରାକେଶ



@ ଓମ୍କାର



@ କାମିଲ



@ ସଂଗ୍ରାମ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ**
metroselfie@gmail.com
(ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୫ ସେପ୍ଟେମ୍ବର, ୨୦୧୮




ଅନ୍ୟମାନଙ୍କ ଭଲକାମ ଦେଖି ପ୍ରଶଂସା କଲେ, ଆମ ନିଜ ମନର ଉନ୍ନତି ହୁଏ।
- ଭଲଟାୟାର



## ସଂକ୍ଷେପରେ

### ୩୦ଦିନରେ ଶିକ୍ଷକଙ୍କ ଅହୋରାତ୍ର ଆନ୍ଦୋଳନ

### ସୋମବାରରୁ ପଞ୍ଚାୟତରେ ପଦଯାତ୍ରା



**ଭୁବନେଶ୍ୱର,୧୪।୯(ବ୍ୟୁରୋ):** ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଅହୋରାତ୍ର ଧାରଣା ଶୁକ୍ରବାର ୩୦ଦିନରେ ପହଞ୍ଚିଛି। ଶୁକ୍ରବାର ନୂଆଖାଇ ଥିବାରୁ ଧାରଣାଗତ ଶିକ୍ଷକ, ଅଧାପକ ଏବଂ କର୍ମଚାରୀମାନେ ଆନ୍ଦୋଳନ ସ୍ଥଳୀରେ ନୂଆଖାଇ ପାଳନ କରିଥିଲେ। ଗତ ସପ୍ତାହ ବ୍ୟାପୀ ରାଜ୍ୟର ୩୧୪ଟି ବ୍ଲକରେ ପ୍ରତିବାଦ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ ସରକାର ଏଥିରେ କୌଣସି ପଦକ୍ଷେପ ନେଲେ ନାହିଁ। ତେଣୁ ଆସନ୍ତା ସୋମବାରଠାରୁ ଶିକ୍ଷକ ଓ କର୍ମଚାରୀମାନେ ପ୍ରତ୍ୟେକ ପଞ୍ଚାୟତରେ ପଦଯାତ୍ରା କରିବେ। ଏଥି ସହିତ ସାଧାରଣ ଲୋକ ଓ ବୁଦ୍ଧିଜୀବୀମାନଙ୍କୁ ନେଇ ପଞ୍ଚାୟତ ସ୍ତରରେ ସଭା କରାଯିବା ସହ ପ୍ରଚାର ପତ୍ର ମାଧମରେ ଜନସାଧାରଣାଙ୍କୁ ଶିକ୍ଷା ଶିକ୍ଷକର ସମସ୍ୟା ବାବଦରେ ଅବଗତ କରାଇବା ପାଇଁ ମିଳିତମଞ୍ଚର ଆବାହକ ମଣ୍ଡଳୀ ସଦସ୍ୟ ପବିତ୍ର ମହାଲା, ଗୋଲକ ନାୟକ ଓ ପ୍ରକାଶ ଚନ୍ଦ୍ର ମହାନ୍ତି କହିଛନ୍ତି। ଏହାଛଡ଼ା ଲୋୟର ପିଏମ୍‌ଜିରେ ଚାଲିଥିବା ଧାରଣା ପୂର୍ବଭଳି ଜାରି ରହିବ ବୋଲି ଷ୍ଟିୟରିଂ କମିଟି ପକ୍ଷରୁ କୁହାଯାଇଛି।



ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଚାଲିଥିବା 'ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି ପୁରୀ ସୁରଜମଲ୍ଲ ଶାହା କଲେଜର ଛାତ୍ରୀଛାତ୍ର, ଅଧାପିକାଅଧାପକ ଓ ଅନ୍ୟ କର୍ମଚାରୀମାନେ ।

# ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା ଅଭିଯାନ




ଖୋର୍ଦ୍ଧା ପ୍ରାଣନାଥ କଲେଜର ଏନ୍‌ସିସି କ୍ୟାଡେଟ୍‌ଙ୍କ ପକ୍ଷରୁ ବାହାରିଥିବା 'ପଲିଥିନ୍‌କୁ ନାଁ' ସଚେତନତା ଶୋଭାଯାତ୍ରା।



ପୁରୀ ଏସ୍‌ସିଏସ୍ କଲେଜ ସ୍ନାତକୋତ୍ତର ଇଂଲିଶ ବିଭାଗର ଛାତ୍ରୀମାନେ 'ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି।

### ନାବାଳକ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

# ଲାଞ୍ଚ ପାଇଁ ୧୨ ଘଣ୍ଟା ପଡ଼ି ରହିଲା ମୃତଦେହ

**ବେଗୁନିଆ,୧୪।୯ (ଡି.ଏନ.ଏ.)**

ପୋଲିସ ଲାଞ୍ଚ ପାଇଁ ନିଜର ମାନବିକତାକୁ ଜଳାଞ୍ଜଳି ଦେବାକୁ ପଛାଉ ନାହିଁ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଞ୍ଚଳରେ। ଥାନା ଅଞ୍ଚଳ ପରିଛଳ ଗ୍ରାମରୁ ଜଣେ ନାବାଳକ ଛାତ୍ରଙ୍କ ଝୁଲନ୍ତା ମୃତଦେହକୁ ଶୁକ୍ରବାର ପୋଲିସ ଲାଞ୍ଚ ପାଇଁ ୧୨ ଘଣ୍ଟା ପକାଇ ରଖିବା ପରେ ଉଦ୍ଧାର କରିଛି। ନାବାଳକଙ୍କ ମୃତ୍ୟୁକୁ ନେଇ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ଯାହା ଜଣାପଡୁଛି ନାବାଳକଙ୍କୁ ହତ୍ୟା କରାଯାଇ ଝୁଲାଇ ଦିଆଯାଇଛି। ମୃତ ନାବାଳକଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଥିବାବେଳେ ତାଙ୍କ ଗୋଡ ତଳେ ଲାଗିଥିଲା। ଜମିବାଡି ମାମଲାକୁ ନେଇ ପୂର୍ବରୁ ଶତ୍ରୁତା ଥିବା ଲୋକେ ମୋ ପୁଅକୁ ମାରି ଦେଇଛନ୍ତି ବୋଲି ନାବାଳକଙ୍କ ବାପା ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି। ମାତ୍ର ପୋଲିସ ତାହାକୁ ଗୁରୁତର ଭାବେ ଗ୍ରହଣ କରି ନ ଥିଲା। ଯଦି ଏହି ଘଟଣାକୁ ପୋଲିସ ପ୍ରାଧାନ୍ୟ ଦେବ ତାହା ହେଲେ ୧୫ ହଜାର ଟଙ୍କା ଲାଞ୍ଚ ଦେବାକୁ ପଡିବ ବୋଲି ମୃତକଙ୍କ ମାଆଙ୍କୁ ଲାଞ୍ଚ ମଗାଯାଇଥିଲା। ଲାଞ୍ଚ କାରବାର ଲୋକଲୋଚନକୁ ଆସିଥିଲା। ଫଳରେ ଘଟଣାସ୍ଥଳରେ ଅପ୍ରିତିକର ପରିସ୍ଥିତି ଉପୁଜିଥିଲା। ଏପରି କି ଉତ୍ତେଜିତ ଲୋକେ ଘଟଣାସ୍ଥଳରେ ପୋଲିସକୁ ଠେଲାପେଲା, ଗାଡି ଭଙ୍ଗାରୁଜା କରିବା ସହ ସବ୍‌ଇନ୍ସପେକ୍ଟରଙ୍କୁ ଅଟକ ରଖିଥିଲେ। ଏଥିସହ ପରିଛଳରୁ ଭାୟା ଡାଳତୋଳା ଦେଇ ଖୋର୍ଦ୍ଧାକୁ ସଂଯୋଗ କରୁଥିବା ଆରଡି ରାସ୍ତାକୁ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଏପରି କି ଭିଡିଓ ରେକର୍ଡିଂ କରାଯାଇ ମୃତଦେହ ବ୍ୟବଚ୍ଛେଦ କରାଯାଉ, ସାଇଣ୍ଟିଫିକ୍ ଟିମ ଦ୍ୱାରା ଘଟଣାର ତଦନ୍ତ କରାଯାଉ, ପ୍ରକୃତ ଦୋଷୀକୁ ଆଇନ ଅନୁଯାୟୀ ଦଣ୍ଡିତ କରାଯାଉ, ଲାଞ୍ଚ ମାଗୁଥିବା ସବଇନ୍ସପେକ୍ଟରଙ୍କୁ ତୁରନ୍ତ ନିଲମ୍ବନ କରାଯାଉ ଆଦି ବିଭିନ୍ନ ଦାବି ଗ୍ରାମବାସୀ କରିଥିଲେ। ପରିସ୍ଥିତି ଉତ୍ତେଜନା ପୂର୍ଣ୍ଣ ରହିବା ସହ ଅଟକ ସବ୍‌ଇନ୍ସପେକ୍ଟରଙ୍କୁ ଉଦ୍ଧାର କରିବାକୁ ଘଟଣାସ୍ଥଳରେ ଖୋର୍ଦ୍ଧା ଏସ୍‌ଡିପିଓ ଯୁଗଳ କିଶୋର ଦାସ ଏବଂ ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ପହଞ୍ଚିଥିଲେ। ସେମାନେ ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିବା ସହ ସମସ୍ତ ଦାବିକୁ ଆଇନତଃ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।



ଗ୍ରାମବାସୀଙ୍କ ଦ୍ୱାରା ଅଟକ ଥିବା ଏସ୍‌ଆଇ।



ଭଙ୍ଗାରୁଜା ହୋଇଥିବା ପୋଲିସ ଜିପ୍।

- ବାପା ଆଣିଲେ ହତ୍ୟା ଅଭିଯୋଗ
- ପୋଲିସ ନାଁରେ ଲାଞ୍ଚ ମାଗିବା ଅଭିଯୋଗ
- ସବ୍‌ଇନ୍ସପେକ୍ଟରଙ୍କୁ ଅଟକ ରଖି ମାଡ଼, ଜିପ୍ ଭଙ୍ଗାରୁଜା
- ଟାୟାର ଜାଳି ରାସ୍ତାରୋକୋ

ପ୍ରକାଶଥାଉ କି ପରିଛଳ ଗ୍ରାମର ସାରଙ୍ଗଧର ସାହୁଙ୍କ ପରିବାର ଲୋକେ ଭୁବନେଶ୍ୱରରେ ରହି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି। ମାତ୍ର ତାଙ୍କ ପୁଅ ସରୋଜ(୧୬) ଗଣେଶ ପୂଜା ପାଳନ କରିବାକୁ ନିଜ ଗ୍ରାମକୁ ବୁଧବାରଠାରୁ ଆସିଥିଲେ। ମାତ୍ର ଗୁରୁବାର ସାଙ୍ଗମାନଙ୍କ ସହିତ ପୂଜା ପାଳନ କରିଥିଲେ। ରାତି ପ୍ରାୟ ୧୧ଟା ପର୍ଯ୍ୟନ୍ତ ସେ ଘରକୁ ଆସି ତାଙ୍କ ଖୁଡୀଙ୍କ ଘରେ ଖାଇ ପିଇ ପୁଣି ପୂଜା ପେଣ୍ଡାଲ ଆଡକୁ ଯାଇଥିଲେ। ମାତ୍ର ଶୁକ୍ରବାର ଭୋରରୁ ସରୋଜ ତାଙ୍କ ବାସଗୃହ ପରିସରରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ମାତ୍ର ପୋଲିସ ଘଟଣାସ୍ଥଳରେ ପହଞ୍ଚି ନ ଥିଲା। ପରେ ଲାଞ୍ଚ ମନବୃତ୍ତି ନେଇ ଦିନତମାମ ଥରକୁଥର ପୋଲିସ ଯାଇ ଘଟଣାସ୍ଥଳରେ ପଇଁତରା ମାରି ଫେରି ଆସୁଥିଲା। ହେଲେ ଝୁଲନ୍ତା ଶବକୁ କାଢି ନ ଥିଲା। ପୋଲିସ ନିଜର ମାନବିକତା ହଜାଇ ଦେଇଥିଲା। ଲାଞ୍ଚ ନେବ ବୋଲି ପୋଲିସ ସୁଯୋଗ ଖୋଜୁଥିଲା। ପ୍ରାୟ ୧୨ ଘଣ୍ଟା ପରେ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଉଥିଲା। ଡାଳତୋଳା ଓ ପରିଛଳ ରାସ୍ତାର ନିଛାଟିଆ ସ୍ଥାନରେ ଶବ ବୋଝେଇ ଗାଡିରେ ମୃତ ସରୋଜଙ୍କ ମାଆ ବିଦ୍ୟୁଲତାଙ୍କୁ ୧୫ ହଜାର ଟଙ୍କା ସବ୍‌ଇନ୍ସପେକ୍ଟର ଲାଞ୍ଚ ମାଗିଥିଲେ। ହେଲେ ବିଦ୍ୟୁଲତା ଗ୍ରାମର ଲୋକଙ୍କୁ ଫୋନ ଯୋଗେ ଏହା ଜଣାଇଥିଲେ। ଘଟଣାସ୍ଥଳରେ ଲୋକେ ପହଞ୍ଚି ତଦନ୍ତ କରୁଥିବା ସବଇନ୍ସପେକ୍ଟରଙ୍କୁ ପଚରାଉଚୁରା କରିବା ସହ ଠେଲାପେଲା, ଗାଡି ଭଙ୍ଗାରୁଜା ଆଦି କରିଥିଲେ। ସୂଚନାଥାଉ କି ସରୋଜ ବୋଲଗଡ ବ୍ଲକ ଅଧୀନ ଦେଉଳୀ ମହାବିଦ୍ୟାଳୟରେ ଯୁକ୍ତ ୨ର ପ୍ରଥମବର୍ଷର ଛାତ୍ର ଭାବେ ଅଧ୍ୟୟନ କରୁଥିଲେ।

### ଏନ୍‌ସିଆର୍‌ବିର ସ୍ୱତନ୍ତ୍ର ଟ୍ରେନିଂ

# ଅପରାଧ ରୋକିବା ପାଇଁ ଡିଡିପିପି ଫର୍ମୁଲା

**କଟକ ଅଫିସ,୧୪।୯**

ଅପରାଧ ଦମନ ପାଇଁ ନ୍ୟାଶନାଲ କ୍ରାଇମ ରେକର୍ଡ ବ୍ୟୁରୋର ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ। ଡାଟା କଲେକ୍ସନ- ଡାଟା ଆନାଲିସିସ-ପ୍ରେଡିକସନ-ପ୍ରେସ୍କ୍ରିପ୍‌ଶନ (ଡିଡିପିପି) ଢାଞ୍ଚାରେ ଅପରାଧ ଘଟଣାର ତଦନ୍ତ କଲେ ସଫଳତା ମିଳିବା ସହ ଅପରାଧୀଙ୍କ ମାନସିକତାକୁ ମଧ କିଛି ମାତ୍ରାରେ ତଦନ୍ତକାରୀ ଅଧିକାରୀ ପଢିପାରିବେ। ଦିଲ୍ଲୀ ମହିପାଲପୁରଠାରେ ୧୧ ସେପ୍ଟେମ୍ବରରୁ ୧୩ ସେପ୍ଟେମ୍ବର ଅନୁଷ୍ଠିତ ଏହି ତାଲିମ କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର ପାଖାପାଖି ୩୫ ଜଣ ତଦନ୍ତକାରୀ ଅଧିକାରୀ ଯୋଗ ଦେଇଥିଲେ। ଏହି ତାଲିମ ଶିବିରରେ ଯୋଗଦେଇଥିବା ଓଡ଼ିଶାର ଜଣେ ତଦନ୍ତକାରୀ ଅଧିକାରୀ ଉପରୋକ୍ତ ସୂଚନା ଦେଇଛନ୍ତି। ଓଡ଼ିଶା କ୍ରାଇମବ୍ରାଞ୍ଚ ଓ ଏସ୍‌ଟିଏଫର ଦୁଇଜଣ ଅଧିକାରୀ ଏହି ତାଲିମ ଶିବିରରେ ଯୋଗ ଦେଇଥିଲେ। ଅପରାଧ ରୋକିବାଠାରୁ ଅଧିକ ଜରୁରୀ ଅପରାଧୀର ମାନସିକତାକୁ ପଢ଼ିବା। ଏଥିପାଇଁ ପ୍ରଥମେ ଘଟିଯାଇଥିବା ଅପରାଧଗୁଡ଼ିକର ଡାଟା ସଂଗ୍ରହ କରି ଏହାକୁ ଆନାଲିସିସ କରିବା ଦରକାର। ଏହି ଆନାଲିସିସ ସମୟରେ ଅପରାଧ ଘଟିବାର ସମୟ, ଯୋଜନା, ଘଟଣାସ୍ଥଳରୁ ଅପରାଧୀ ଫେରାର ହେବାର ବାଟ ଏହିଭଳି ଅନେକ ଦିଗକୁ ନେଇ ଅପରାଧୀର ମାନସିକତାକୁ ପ୍ରେଡିକ୍‌ସନ କରାଯାଇପାରିବ। ଏହାଦ୍ୱାରା ପରବର୍ତ୍ତୀ ସମୟରେ ସେହିଭଳି ଅପରାଧକୁ ରୋକିବା ଦିଗରେ ତଦନ୍ତକାରୀ ଅଧିକାରୀ ପ୍ରେସ୍କ୍ରିପ୍‌ଶନ ବା ଆକ୍ସନ ନେଇପାରିବେ। ଭଦ୍ରକ ଜିଲାର ପୂର୍ବତନ ଏସ୍‌ପି ସୁରେନ୍ଦ୍ର ପନୱାର ଏବଂ ବର୍ତ୍ତମାନର ଏନସିଆରବିର ଯୁଗ୍ମ ନିର୍ଦ୍ଦେଶକ ଶିବରରେ ଏଭଳି ବହୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଥିଲେ। ଯଦି କୌଣସି ରାଜ୍ୟରେ ଘଟିଥିବା କୌଣସି ବଡ଼ଧରଣର ଅପରାଧରେ ତଦନ୍ତକାରୀ ଅଧିକାରୀ ସଫଳତା ପାଉଛନ୍ତି ତେବେ ସେହି ଘଟଣାର ତଦନ୍ତ ସମୟର ସବୁକିଛି ତଥ୍ୟ ରେକର୍ଡ ଆକାରରେ ଏନସିଆରବିରେ ରହିବ। ଏହାଦ୍ୱାରା ଉକ୍ତ ତଦନ୍ତ ଶୈଳୀ ବିଷୟରେ ଅନ୍ୟ ରାଜ୍ୟର ତଦନ୍ତକାରୀ ଅଧିକାରୀ ଜାଣିପାରି ତାହାକୁ କାମରେ ବ୍ୟବହାର କରିପାରିବେ।



ଭୁବନେଶ୍ୱର ମେ'ଫେୟାର ହୋଟେଲରେ ଶୁକ୍ରବାର ଅନୁଷ୍ଠିତ ମିଲାଞ୍ଜ ଏକ୍‌ଜିବିଶନରେ ତିନି ମହିଳା ଶାଢ଼ି ଦେଖୁଛନ୍ତି।



୬ଦଫା ଦାବି ନେଇ ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଗଣଧାରଣା ଅବସରରେ ନୂଆଖାଇ ପର୍ବ ପାଳନ କରାଯାଉଛି।

# ଆରମ୍ଭ ହେଲା 'ଆଧ୍ୟାତ୍ମିକ ପୁସ୍ତକ ମେଳା'

**ଭୁବନେଶ୍ୱର,୧୪।୯(ବ୍ୟୁରୋ):** ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ଆନୁକୂଲ୍ୟରେ ପ୍ରଦର୍ଶନୀ ପଡ଼ିଆଠାରେ ସପ୍ତମ ଆଧ୍ୟାତ୍ମିକ ପୁସ୍ତକମେଳା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମେଳାକୁ ଯମୁନୋତ୍ରୀ, ହରିଦ୍ୱାରର ସନ୍ଥ ସଖାନନ୍ଦ ଦାସଜୀ ଉଦ୍‌ଘାଟନ କରି ଆଧ୍ୟାତ୍ମିକତା ହିଁ ସୁସ୍ଥ ସମାଜ ଗଠନର ମୂଳମନ୍ତ୍ର ବୋଲି କହିଥିଲେ। ଭାରତୀୟ ଦର୍ଶନଧାରା ଓ ସନାତନ ସଂସ୍କୃତିର ମାନବିକ ଚେତନାର ଉତ୍‌ଥାନ ଏହି ଅଧ୍ୟାତ୍ମିକତାରୁ ସୃଷ୍ଟି ହୋଇଛି। ଆଧ୍ୟାତ୍ମିକତା ବିନା ମନୁଷ୍ୟ ପଶୁ ତୁଲ୍ୟ ବୋଲି ସେ ମତ ଦେଇଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଡ. ମୁରଲୀ ମନୋହର ଶର୍ମା ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଡ. ରବିନାରାୟଣ ସେନାପତି ଯୋଗଦେଇ ପ୍ରାକ୍‌ବୈଦିକ ସଭ୍ୟତା କାଳରୁ ଭାରତୀୟ ସଂସ୍କୃତିର ମହନୀୟତା ମୁନିଋଷିମାନଙ୍କର ଲେଖନୀ ମୁନରେ ପ୍ରତିଫଳିତ ହୋଇଥିବା କହିଥିଲେ। ଟ୍ରଷ୍ଟ ଅଧକ୍ଷ ଡ. ଭାଗିରଥୀ ବେହେରା ଆଧ୍ୟାତ୍ମିକ ପୁସ୍ତକମେଳାର ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା କରି ଧର୍ମ ପୁସ୍ତକ ହିଁ ସମାଜର ମାର୍ଗଦର୍ଶକ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଟ୍ରଷ୍ଟ ଉପଦେଷ୍ଟା ଅଶ୍ୱିନୀ କୁମାର ଦାସ, ଉପାଧକ୍ଷ ବିନୋଦ କୁମାର ପଣ୍ଡା, ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ପତ୍ରିକାର କାର୍ଯ୍ୟନିର୍ବାହୀ ସମ୍ପାଦକ, ଗବେଷକ ମଦନ ମୋହନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପୁସ୍ତକମେଳାରେ ଚଳିତବର୍ଷ ୫୫ଟି ଆଧ୍ୟାତ୍ମିକ ସଂସ୍ଥା ଭାଗ ନେଇଛନ୍ତି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୫ ସେପ୍ଟେମ୍ବର, ୨୦୧୮



ଅନ୍ୟର ଅନିଷ୍ଟ ଚିନ୍ତା କଲେ ନିଜର କ୍ଷତି ହୁଏ,
ସମୟ ସମୟରେ ପ୍ରାଣ ବି ଯାଇପାରେ।
- ବିନୋବା ଭାବେ



## ସଂକ୍ଷେପରେ

### ମାଡ଼ ମାରି ଯୁବକଙ୍କ ଟଙ୍କା, ଅଳଙ୍କାର ଲୁଟ୍ କାର୍ ଭଙ୍ଗାରୁଜା କଲେ ଦୁର୍ବୃତ୍ତ

**କଟକରୋଡ୍,୧୪।୯(ଡି.ଏନ୍.ଏ.):** ଗୁରୁବାର ରାତିରେ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଜଣେ ଯୁବକଙ୍କୁ ମାଡ଼ ମାରି କେତେଜଣ ଦୁର୍ବୃତ୍ତ ଟଙ୍କା ଓ ସୁନା ଅଳଙ୍କାର ଲୁଟି ନେଇଛନ୍ତି। ସୂଚନା ଅନୁଯାୟୀ, କ୍ୟାପିଟାଲ ଥାନା ଅଧୀନ ଅଶୋକ ନଗରରେ ରହୁଥିବା ଅଶୋକ ମଲ୍ଲିକ ରାତି ପ୍ରାୟ ୧୧ଟାରେ କାର୍ ଯୋଗେ ନିଜଘରକୁ ଫେରୁଥିବା ବେଳେ ୩ରୁ ଊର୍ଦ୍ଧ୍ୱ ଯୁବକ ବୁଦ୍ଧନଗର ଅଞ୍ଚଳରେ ଅଶୋକଙ୍କ ଗାଡିକୁ ଅଟକାଇ ଥିଲେ। ପରେ ତାଙ୍କୁ ଛୁରି ବେଣ୍ଟରେ ମାଡ଼ ମାରି କାର ଭଙ୍ଗାରୁଜା କରିବା ସହ ୨୦ହଜାର ଟଙ୍କା, ଏକ ସୁନା ଚେନ ଓ ମୁଦି ଲୁଟି ନେଇଥିଲେ। ଖବର ପାଇ ପିସିଆର୍ ଭ୍ୟାନ କର୍ମଚାରୀ ଅଶୋକଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇ ଥିଲେ। ଘଟଣା ପରେ ଫେରାର ଥିବା ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ଯୁବକଙ୍କୁ ବୁଦ୍ଧନଗର ଅଞ୍ଚଳର ଏକ ବସ୍ତିରୁ ପୋଲିସ ଧରିଥିଲା। ଏନେଇ ଥାନାରେ ଅଶୋକଙ୍କ ଅଭିଯୋଗକ୍ରମେ ମାମଲା ନଂ ୨୪୫।୧୮ ରୁଜୁ ହୋଇଛି। ଲୁଟ ଘଟଣାରେ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଇଥିବାବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଖୋଜା ଚାଲିଛି ବୋଲି ପୋଲିସ କହିଛି।

### ସଂସ୍କୃତି ସୁରକ୍ଷା ସମିତିର ବାର୍ଷିକ ଉତ୍ସବ

**ଭୁବନେଶ୍ୱର, ୧୪।୯(ବ୍ୟୁରୋ):** ପବିତ୍ର ଗଣେଶ ଚତୁର୍ଥୀ ଅବସରରେ ସଂସ୍କୃତି ସୁରକ୍ଷା ସମିତିର ବାର୍ଷିକ ଉତ୍ସବ ଭୁବନେଶ୍ୱର ଡମଣାସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମିତିର ଅଧକ୍ଷ ଡା.ସଞ୍ଜିତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ଉତ୍ସବ ପାଳନ କରାଯାଇଥିଲା। ଦିନରେ ଗଣପତିଙ୍କୁ ଆବାହନ କରାଯିବା ସହ ପୁଷ୍ପାଞ୍ଜଳି, ଆରତି ଏବଂ ନୈବେଦ୍ୟ ଅର୍ପଣ କରାଯାଇଥିଲା। ସନ୍ଧ୍ୟାରେ କୋଷାଧକ୍ଷ ନାରାୟଣ ବାରିକ ଓ ସହସମ୍ପାଦକ ଅସିତ୍‌ବରଣ ମହାପାତ୍ରଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହାସହ ସାମୂହିକ ପ୍ରସାଦ ସେବନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ଦିପ୍ତୀମାନ ମହାନ୍ତି ଓ ସଂଗଠନ ସମ୍ପାଦକ ଅସିତ୍ କୁମାର ସାହୁ ଉପସ୍ଥିତ ଥିଲେ। ସମିତିର ସମସ୍ତ ସଦସ୍ୟ ଉପସ୍ଥିତ ରହିବା ସହ ଭୁବନେଶ୍ୱରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

### ହରପାର୍ବତୀଙ୍କ ପୂଜା ଲାଗି ମାଟି ଅନୁକୂଳ

**କଟକରୋଡ୍,୧୪।୯(ଡି.ଏନ୍.ଏ.):** ଦୁର୍ଗାପୂଜା ସମୟରେ ବଡ଼ଗଡ଼ରେ ଅନୁଷ୍ଠିତ ହେଉଥିବା ହରପାର୍ବତୀଙ୍କ ପୂଜା ପାଇଁ ଶୁକ୍ରବାର ମାଟି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ନେତାଜୀ ଯୁବକ ସଂଘ ପକ୍ଷରୁ କୁଆଖାଇ ନଦୀପଠାରେ ଥିବା ବାଲୁଙ୍କେଶ୍ୱର ମନ୍ଦିର ନିକଟରେ ପୂଜାର୍ଚ୍ଚନା କରାଯାଉଛି। ସଂଘ ପରିସରରେ ହେଉଥିବା ଏକ କାର୍ଯ୍ୟକ୍ରମରେ ସଂଘର ସଭାପତି ସନ୍ତୋଷ କୁମାର ସିଂ, ସମ୍ପାଦକ ବୃନ୍ଦାବନ ଦାସ, କୋଷାଧକ୍ଷ ଦୀପକ କୁମାର ବେହେରାଙ୍କ ସହ ସମସ୍ତ କର୍ମକର୍ତ୍ତା ଓ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# ପଙ୍ଗୁ ପାଲଟିଛି ଥାନା ହେଲ୍‌ପ ଡେସ୍କ

- ହଇରାଣ ହେଉଛନ୍ତି ଅଭିଯୋଗକାରୀ
- କମିଶନରଙ୍କ ନୂଆ ଯୋଜନାକୁ ନେଇ ପ୍ରଶ୍ନବାଚୀ

(ତ୍ରିନାଥ ମହାନ୍ତି)
**ଭୁବନେଶ୍ୱର, ୧୪।୯(ବ୍ୟୁରୋ)**

୨୦୦୮ରେ ରାଜ୍ୟର ବିଭିନ୍ନ ଥାନାରେ ହେଲ୍‌ପ ଡେସ୍କ ପ୍ରତିଷ୍ଠା କରାଯାଇଥିଲା। ଉଦ୍ଦେଶ୍ୟ ଥିଲା ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କୁ ସହାୟତା ଯୋଗାଇଦେବା। ଏହାଦ୍ୱାରା ପୋଲିସ ଜନସାଧାରଣଙ୍କ ନିକଟତର ହୋଇପାରିବ ଏବଂ ପୋଲିସ ଉପରେ ଲୋକଙ୍କ ଆସ୍ଥା ବଢ଼ିବ। ହେଲେ ରାଜଧାନୀର କମିଶନରେଟ ପୋଲିସ ଅଧୀନ ଅଧିକାଂଶ ଥାନାରେ ଏହି ହେଲ୍‌ପ ଡେସ୍କ ଏବେ ପଙ୍ଗୁ ପାଲଟିଯାଇଛି। ଏହାକୁ ଠିକ୍‌ଭାବେ କାର୍ଯ୍ୟକ୍ଷମ କରିବା ପାଇଁ ଥାନା ବାବୁମାନେ ଗୁରୁତ୍ୱ ଦେଉନାହାନ୍ତି। ସବୁ ସମୟରେ ହେଲ୍‌ପ ଡେସ୍କ ଖାଲି ପଡୁଛି। ଅଭିଯୋଗକାରୀମାନେ ଥାନାକୁ ଆସି ବିଭିନ୍ନ ପ୍ରକାର ହଇରାଣ ହରକତ ହେଉଛନ୍ତି।

ହେଲ୍‌ପ ଡେସ୍କର ନିୟମ ଅନୁସାରେ, ଥାନାକୁ କେହି ଅଭିଯୋଗ କରିବାକୁ ଆସିଲେ ହେଲ୍‌ପ ଡେସ୍କରେ ବସୁଥିବା କର୍ମଚାରୀ ତାଙ୍କୁ ମାଗଣାରେ ସାଦା କାଗଜ ଯୋଗାଇଦେବ। ଅଭିଯୋଗକାରୀ ଯଦି ଏଫଆଇଆର ଲେଖିବାରେ ଅସମର୍ଥ, ତେବେ ତାଙ୍କୁ ଲେଖିବା ପାଇଁ ମଧ୍ୟ ସହଯୋଗ କରିବେ। ଥାନାକୁ ଯେଉଁମାନେ ଆସୁଛନ୍ତି ସେମାନଙ୍କ ଆସିବାର କାରଣ ବୁଝିବା ସହ ସେମାନଙ୍କ ଅଭିଯୋଗ ମଧ୍ୟ ଦେଖିବେ। କେଉଁ ଅଫିସରଙ୍କ ନିକଟରେ ଅଭିଯୋଗ କରିବେ ତାହା ମଧ୍ୟ ସେମାନଙ୍କୁ ଜଣାଇଦେବେ। ଏତଲା ଗ୍ରହଣ ପରେ ଅଭିଯୋଗକାରୀ କାହାଠୁ ଏତଲା କପି ନେବେ ଏବଂ କିପରି ନେବେ ତାହା ମଧ୍ୟ ହେଲ୍‌ପ ଡେସ୍କ କର୍ମଚାରୀ ଅବଗତ କରାଇବେ। ଆହୁରି ମଧ୍ୟ ଯଦି କାହାକୁ ଫୋନ୍ କରି ଥାନାକୁ ଡକାଇବାର ଅଛି, ହେଲ୍‌ପ ଡେସ୍କ କର୍ମଚାରୀ ତାହା କରିବେ। ହେଲ୍‌ପ ଡେସ୍କରେ ଏସବୁ କାମ




ନୟାପଲ୍ଲୀ ଥାନା ହେଲ୍ପ ଡେସ୍କରେ ଖାଲିପଡ଼ିଥିବା ଚୌକି।

କରାଗଲେ ଥାନାର ଡିସିଓ(ଡାଏରୀ ଚାର୍ଜ ଅଫିସର)ଙ୍କ ଉପରୁ କାର୍ଯ୍ୟଭାର କମିଯିବ। କିନ୍ତୁ ଅଧିକାଂଶ ହେଲ୍‌ପ ଡେସ୍କ ଅଚଳ ହୋଇପଡ଼ିଛି। ନୟାପଲ୍ଲୀ, ଶହୀଦନଗର, ମଞ୍ଚେଶ୍ୱର, ଖାରବେଳନଗର, ଖଣ୍ଡଗିରି, ଲିଙ୍ଗରାଜ, ତମାଣ୍ଡୋ, ଧଉଳି, ଲକ୍ଷ୍ମୀସାଗର, ବଡ଼ଗଡ଼ ଓ କ୍ୟାପିଟାଲ ଥାନା ସମେତ ଆଉ କିଛି ଥାନାରେ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ଫଳରେ ଅଭିଯୋଗକାରୀମାନେ ଥାନାକୁ ଆସିବା ପରେ ଡିସିଓଙ୍କ ନିକଟରେ ଗହଳି ଜମୁଛି। ଡିସିଓଙ୍କ କାର୍ଯ୍ୟଭାର ବଢୁଥିବାରୁ ସେ ବିରକ୍ତ ହୋଇ ଅଭିଯୋଗକାରୀଙ୍କୁ ଗାଳିଗୁଲଜ କରୁଥିବା ଅଭିଯୋଗ ଶୁଣିବାକୁ ମିଳୁଛି। ଅନ୍ୟପଟେ ଯେଉଁ କେତେକ ଥାନାରେ ହେଲ୍‌ପ ଡେସ୍କରେ କୌଣସି କର୍ମଚାରୀ ବସୁଛନ୍ତି, ସେମାନେ ଅଭିଯୋଗକାରୀଙ୍କୁ ଗୁରୁତ୍ୱ ଦେଉନାହାନ୍ତି। ଉଚ୍ଚ ଅଧିକାରୀ ମଧ୍ୟ ସେମାନଙ୍କୁ ତାଗିଦ୍ କରୁନାହାନ୍ତି।

ପୋଲିସ କମିଶନର ଭାବେ ସତ୍ୟଜିତ୍ ମହାନ୍ତି ଯୋଗଦେବା ପରେ ଖୁବ୍‌ଶୀଘ୍ର ନୂଆ ଯୋଜନା କରି ହେଲ୍‌ପ ଡେସ୍କଗୁଡ଼ିକୁ କାର୍ଯ୍ୟକ୍ଷମ କରାଯିବ ବୋଲି କହିଥିଲେ। ମୋବାଇଲ୍ ଓ ବାଇକ୍ ଚୋରି ଭଳି ଅଭିଯୋଗଗୁଡିକୁ ହେଲ୍‌ପ ଡେସ୍କ କର୍ମଚାରୀ ତଦାରଖ କରିବେ। ଅଭିଯୋଗ ଆଧାରରେ ମାମଲା ହେଲା କି ନାହିଁ, ଷ୍ଟେଶନ ଡାଏରୀ କରାଗଲା କି ନାହିଁ ସେନେଇ ଅଭିଯୋଗକାରୀଙ୍କ ମୋବାଇଲ୍‌କୁ ମେସେଜ ପଠାଇବେ। କିନ୍ତୁ ଏଯାଏ ତାହା ଠିକ୍ ଢଙ୍ଗରେ ହୋଇପାରି ନାହିଁ। ବିଭିନ୍ନ ଥାନାରେ କର୍ମଚାରୀ ଅଭାବ ଥିବାବେଳେ ପ୍ରତି ହେଲ୍‌ପ ଡେସ୍କରେ ଶିଫ୍ଟ ଅନୁସାରେ ୩ ଜଣ ଲେଖାଏ କର୍ମଚାରୀଙ୍କୁ କେଉଁଠୁ ଆଣି ରଖିବେ ତାହାକୁ ନେଇ କମିଶନର ଦ୍ୱନ୍ଦ୍ୱରେ ପଡ଼ିଛନ୍ତି।

ନିକଟରେ ଖଣ୍ଡଗିରି ଥାନାକୁ ଅଭିଯୋଗ କରିବାକୁ ଆସିଥିବା କାଜଲ ବିଶ୍ୱାଳ ନାମ୍ନୀ ଯୁବତୀ କୁହନ୍ତି, ଏକ ଗଣ୍ଡଗୋଳ ଘଟଣାରେ ମୁଁ ଥାନାକୁ ଅଭିଯୋଗ କରିବା ପାଇଁ ଆସିଥିଲି। କେଉଁଠି ଅଭିଯୋଗ ଦେବି ତାହା ଜାଣି ନ ପାରିବାରୁ ଜଣେ କର୍ମଚାରୀଙ୍କୁ ପଚାରିଲି। ସେ ମୋ ଉପରେ ବିରକ୍ତ ହେଲେ। ଏତଲା କିପରି ଲେଖା ହୁଏ ତାହା ଜାଣି ନ ଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଲି। ଥାନାରେ ହେଲ୍‌ପ ଡେସ୍କ କାର୍ଯ୍ୟକାରୀ ହେବା ନିହାତି ଜରୁରୀ। ପୂର୍ବତନ ପୋଲିସ ଡିଜି ବିପିନ ବିହାରୀ ମିଶ୍ର କହିଛନ୍ତି, ମାନବ ସମ୍ବଳ ସମସ୍ୟା ଦୂର ପାଇଁ ଯେଉଁ



ମଞ୍ଚେଶ୍ୱର ଥାନା ହେଲ୍ପ ଡେସ୍କ।

ପୋଲିସ ଅଫିସରମାନେ ଚାକିରିରୁ ଅବସର ନେଉଛନ୍ତି ସେମାନଙ୍କୁ ପୁନଃ ଚୁକ୍ତିଭିତ୍ତିକଭାବେ ଆଉ କିଛି ଦିନ ନିଯୁକ୍ତି ଦିଆଯାଉ। ଆର୍ମିର ଯେଭଳି ଏନ୍‌ସିସି ୱିଙ୍ଗ୍ ଅଛି ସେହିଭଳି ପୋଲିସ କ୍ୟାଡେଟ୍ ବ୍ୟବସ୍ଥା କରିବା ଦରକାର। ଏହାଦ୍ୱାରା ପ୍ରତି ଜିଲାର ସ୍କୁଲ, କଲେଜ ପିଲାଙ୍କୁ ଟ୍ରେନିଂ ଦିଆଯାଇ ବିଭିନ୍ନ ଥାନାରେ କାର୍ଯ୍ୟ କରିବାର ସୁଯୋଗ ଦେଲେ କର୍ମଚାରୀ ଅଭାବ ସମସ୍ୟା ଦୂର ହୋଇପାରିବ। ସମ୍ପୃକ୍ତ ଛାତ୍ରୀଛାତ୍ରମାନେ ହେଲ୍‌ପ ଡେସ୍କରେ କାର୍ଯ୍ୟ କରିପାରିବେ।

ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ କହିଥିଲି। ଏହା କାର୍ଯ୍ୟକାରୀ କରାଯାଇନାହିଁ। ପ୍ରତି ଥାନାରେ ମାନବ ସମ୍ବଳର ଅଭାବ ରହିଛି। ଏହା ଉପରେ ବିଚାରବିମର୍ଶ କରିବା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।



ଭୁବନେଶ୍ୱର ସୌଭାଗ୍ୟନଗର ଶିରିପୁର ପୂଜା କମିଟି ପକ୍ଷରୁ ଅନୁଷ୍ଠିତ ଗଣେଶ ପୂଜା।



ଗୋପବନ୍ଧୁ ଛକ ରାଜଭବନ କ୍ଲବ୍ ପକ୍ଷରୁ ପୂଜା ପାଉଥିବା ଗଣେଶ ମୂର୍ତ୍ତି।



ପଳାଶୁଣୀ ମା' ତାରିଣୀ କ୍ଲବ ପକ୍ଷରୁ ଆୟୋଜିତ ଗଣେଶ ପୂଜା।



ବିଏମ୍‌ସି ପକ୍ଷରୁ କୁଆଖାଇ ନଦୀ କୂଳରେ ଖୋଳାଯାଇଥିବା ଅସ୍ଥାୟୀ ପୋଖରୀ।

# ମୂର୍ତ୍ତି ବିସର୍ଜନ ପାଇଁ ବିଏମ୍‌ସି ଖୋଳିଲା ୩ ପୋଖରୀ

**ଭୁବନେଶ୍ୱର, ୧୪।୯(ବ୍ୟୁରୋ)**

ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ବିଏମ୍‌ସି ଶୁକ୍ରବାର ୩ଟି ଅସ୍ଥାୟୀ ପୋଖରୀ ଖୋଳିଛି। ନଦୀଜଳକୁ ପ୍ରଦୂଷଣମୁକ୍ତ କରିବା ପାଇଁ ବିଏମ୍‌ସି ପ୍ରତିବର୍ଷ ପାର୍ବଣ ଋତୁରେ ଏଭଳି ଅସ୍ଥାୟୀ ପୋଖରୀ ଖୋଳିଥାଏ। ଚଳିତବର୍ଷ ବିଏମ୍‌ସି କୁଆଖାଇ ନଦୀ କୂଳରେ ୨ଟି ପୋଖରୀ ଖୋଳିଥିବାବେଳେ ଦୟାନଦୀ କୂଳରେ ଗୋଟିଏ ଖୋଳିଛି।

କୁଆଖାଇ ନଦୀର ପାଣ୍ଡରା ଏବଂ ଟଙ୍କପାଣି ରୋଡଠାରେ ପୋଖରୀ ଖୋଳାଯାଇଥିବାବେଳେ ଲିଙ୍ଗିପୁରଠାରେ ଦୟାନଦୀ କୂଳରେ ଆଉ ଗୋଟିଏ ପୋଖରୀ ବିଏମ୍‌ସି ଖୋଳିଛି। ଏ ନେଇ ବିଏମ୍‌ସିର ସିଟି ଇଞ୍ଜିନିୟର ଦେବସୁନ୍ଦର ମହାପାତ୍ର କୁହନ୍ତି, ବିଭିନ୍ନ ପୂଜାକୁ ଲକ୍ଷ୍ୟ କରି ପୋଖରୀ ଖୋଳା ଯାଇଥାଏ। ଗଣେଶ ପୂଜା ପାଇଁ ୩ଟି ଛୋଟ ଆକାର ପୋଖରୀ ଖୋଳାଯାଇଛି। ଆଗକୁ ଦଶହରା ଆସୁଛି। ଦୁର୍ଗାଙ୍କ ମୂର୍ତ୍ତି ବିସର୍ଜନ ପାଇଁ ୧୦୦ ପୋଖରୀ ଖୋଳାଯିବ। ସୂଚନାଯୋଗ୍ୟ, ନଦୀରେ ମୂର୍ତ୍ତି ବିସର୍ଜନ କଲେ ମୂର୍ତ୍ତିରେ ଲଗାଯାଇଥିବା ରସାୟନିକ ରଙ୍ଗ ନଦୀ ପାଣିକୁ ଦୂଷିତ କରିଥାଏ। ନଦୀଜଳକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ଏହି ପୋଖରୀ ଖୋଳାଯାଉଛି।

### ଯୁବକଙ୍କୁ ଖଣ୍ଡାରେ ହାଣିବା ଘଟଣା: ଅଭିଯୁକ୍ତ ଗିରଫ

**ପୁରୁଣା ଭୁବନେଶ୍ୱର, ୧୪।୯(ଡି.ଏନ.ଏ.)**

ଲିଙ୍ଗରାଜ ଥାନା ହରଚଣ୍ଡୀ ସାହି ବାରିକ ସାହିର ସଦୀପ ସ୍ୱାଇଁ(ପପୁ)ଙ୍କୁ ଗୁରୁବାର ରାତିରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ଶୁକ୍ରବାର ପୋଲିସ ସେହି ସାହିର ଅଭିଯୁକ୍ତ ସତ୍ୟବ୍ରତ ବାରିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଥାନାରେ ୧୭୯/୧୮ରେ ଏକ ମାମଲା ରୁଜୁ କରିଛି। ସୂଚନାଥାଉ କି ଉଭୟ ଅଭିଯୁକ୍ତ ଏବଂ ଅଭିଯୋଗକାରୀ ବାରିକ ସାହିର। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସତ୍ୟବ୍ରତ ବୁଧବାର ପପୁ ଏକୁଟିଆ ଥିବାବେଳେ ଏକ ଖଣ୍ଡାରେ ହାଣି ପକାଇଥିଲା। ଏଥିରେ ପପୁଙ୍କ ଶରୀରର ବିଭିନ୍ନ ଅଂଶରେ କ୍ଷତ ସହ ପ୍ରବଳ ରକ୍ତସ୍ରାବ ହୋଇଥିଲା। ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଓ ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

### ଗଣେଶ ମୂର୍ତ୍ତି ବିସର୍ଜନ ବେଳେ କୁଶଭଦ୍ରା ନଦୀରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

**ବାଲକାଟୀ,୧୪।୯(ଡି.ଏନ୍.ଏ.):** ବାଲିଅନ୍ତା ଥାନା ଭିଙ୍ଗାରପୁର ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମ ନିକଟ କୁଶଭଦ୍ରା ନଦୀରେ ଶୁକ୍ରବାର ପୂର୍ବାହ୍ନରେ ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ପାଣିରେ ବୁଡ଼ି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ବାବୁଲି ବେହେରାଙ୍କ ପୁଅ କାଳନ୍ଦୀ(୧୧)। ସେ ସ୍ଥାନୀୟ ଏକ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀ ଛାତ୍ର ଥିଲେ। ପୋଲିସ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୦ଟାରେ କାଳନ୍ଦୀ ସାଙ୍ଗମାନଙ୍କ ସହ ମିଶି କୁଶଭଦ୍ରା ନଦୀକୁ ଗଣେଶ ମୂର୍ତ୍ତି ବିସର୍ଜନ କରିବାକୁ ଯାଇଥିଲେ। ମୂର୍ତ୍ତି ବିସର୍ଜନ ବେଳେ ଅସାବଧାନତା ବଶତଃ ସେ ପାଣିରେ ବୁଡ଼ି ନିଖୋଜ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ବହୁ ଖୋଜାଖୋଜି କରିବା ପରେ ପୂର୍ବାହ୍ନ ପ୍ରାୟ ୧୧ଟାରେ ତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ନଦୀରୁ ଉଦ୍ଧାର କରିଥିଲେ। ଏହାପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର କାଳନ୍ଦୀଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ନଂ. ୧୮/୧୮ରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଅଭିଯୋଗକାରୀଙ୍କୁ ଏଏସ୍‌ଆଇଙ୍କ ଦୁର୍ବ୍ୟବହାର

**ଭୁବନେଶ୍ୱର, ୧୪।୯(ବ୍ୟୁରୋ)**

କମିଶନରେଟ ପୋଲିସ ଅଞ୍ଚଳରେ କେତେଜଣ କିନ୍ନରଙ୍କୁ ଅସାମାଜିକମାନେ ହାତବାରିସି କରିଛନ୍ତି। ଯୋଜନା ମୁତାବକ ରାତିରେ ଲୋକଙ୍କୁ ଅଟକାଇ ମରଣାନ୍ତକ ଆକ୍ରମଣ କରି ଲୁଟପାଟ କରାଯାଉଛି। ଏ ନେଇ ଲୁଟର ଶିକାର ହେଉଥିବା ଲୋକମାନେ ଥାନାକୁ ଗଲେ ପୋଲିସ ଅଭିଯୋଗ ଗ୍ରହଣ କରୁନାହିଁ। ଯଦି କେହି ଏତଲା କପି ମାଗୁଛନ୍ତି, ତେବେ ତଦନ୍ତକାରୀ ଅଫିସର କୌଣସି ଅଭିଯୋଗପତ୍ର ପାଇ ନ ଥିବା କହି ବିଦା କରିଦେଉଛନ୍ତି। ଏପରି କି ଅଭିଯୋଗକାରୀଙ୍କୁ ସର୍ବସମ୍ମୁଖରେ ଦୁର୍ବ୍ୟବହାର କରୁଛନ୍ତି। ଶୁକ୍ରବାର ଖଣ୍ଡଗିରି ଥାନାରେ ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଥିଲା। ଅଭିଯୋଗ କରିବାକୁ ଯାଇଥିବା ଯୁବକଙ୍କୁ ଜଣେ ଏଏସ୍‌ଆଇ ଦୁର୍ବ୍ୟବହାର କରିଥିଲେ।

ଡୁମ୍‌ଡୁମା ଅଞ୍ଚଳରେ ରହୁଥିବା ଧୀରେନ୍ଦ୍ର ମିଶ୍ର ମଧୁମେହ ରୋଗରେ ପୀଡିତ ଥିବାବେଳେ ଦେହ ଖରାପ ହେବାରୁ ଗତ ୬ ତାରିଖ ରାତି ପ୍ରାୟ ୧ଟା ୩୦ରେ ଏକ ଘରୋଇ ହସ୍ପିଟାଲକୁ ଚିକିତ୍ସା ପାଇଁ ଯାଇଥିଲେ। ଭରତପୁର ଷ୍ଟୁଡିଓ ଛକ ନିକଟରେ କେତେଜଣ କିନ୍ନର ତାଙ୍କୁ ଅଟକାଇଥିଲେ। ଏହି ସମୟରେ ହଠାତ୍ ୩ ଜଣ ଯୁବକ ତାଙ୍କୁ ଓ ତାଙ୍କ ଡ୍ରାଇଭରଙ୍କୁ ଆକ୍ରମଣ କରିଥିଲେ। ପରେ ତାଙ୍କଠାରୁ ମୋବାଇଲ ଫୋନ ଏବଂ ପର୍ସରେ ଥିବା ଏଟିଏମ, ୧୦ ହଜାର ଟଙ୍କା ଛଡାଇ ଫେରାର ହୋଇଯାଇଥିଲେ। ଏ ନେଇ ଧୀରେନ୍ଦ୍ର ଥାନାରେ ଅଭିଯୋଗ କରିବାକୁ ଆସିଥିବାବେଳେ ପୋଲିସ ତାହାକୁ ଗ୍ରହଣ କରି ନ ଥିଲା। ଓଲଟି ଜଣେ ଏଏସ୍‌ଆଇ ତାଙ୍କୁ କାହିଁକି କିନ୍ନରଙ୍କ ନିକଟରେ ଅଟକିଥିଲ ବୋଲି କହି ବିଦା କରିଦେଇଥିଲେ। ଧୀରେନ୍ଦ୍ର ପରଦିନ



ଅଭିଯୋଗ କରିବାକୁ ଆସିଥିବା ଧୀରେନ୍ଦ୍ର।

ଯିବାରୁ ମେଡିକାଲ ସାର୍ଟିଫିକେଟ ଓ ମୋବାଇଲ ଫୋନର ଆଇଏମ୍‌ଇଆଇ ନମ୍ବର ଦେବାକୁ କହିଥିଲେ। ସେ ସମସ୍ତ ତଥ୍ୟ ଦେଇଥିଲେ। ଶୁକ୍ରବାର ଏତଲା କପି ପାଇଁ ସେ ଥାନାକୁ ଯାଇଥିବାବେଳେ ତଦନ୍ତକାରୀ ଅଧିକାରୀ ତଥା ଜଣେ ଏଏସ୍‌ଆଇ ତାଙ୍କ ଉପରେ ବିରକ୍ତ ହେବା ସହିତ ମୋବାଇଲ ହଜିଯାଇଥିବା ନେଇ ଅଭିଯୋଗ କରିବାକୁ କହିଥିଲେ। ମୋବାଇଲ ଲୁଟ ଅଭିଯୋଗ ରଖିବା ପାଇଁ ଥାନା ଅଧିକାରୀ ତାଙ୍କୁ ମନା କରିଥିବା ଏଏସ୍‌ଆଇ ଜଣକ କହିବା ସହିତ ଥାନା ଅଧିକାରୀଙ୍କ ସହ କଥା ହେବାକୁ କହିଥିଲେ। ଫଳରେ ଧୀରେନ୍ଦ୍ର ଥାନା ଅଧିକାରୀଙ୍କୁ ଦେଖା କରିବା ପାଇଁ ଅନେକ ସମୟ ଅପେକ୍ଷା କରିଥିଲେ ମଧ୍ୟ ତାଙ୍କର ଦେଖା ମିଳି ନ ଥିଲା। ଥାନାରେ ଉପସ୍ଥିତ ଧୀରେନ୍ଦ୍ର ସମ୍ପୂର୍ଣ୍ଣ ଘଟଣାର ଭିଡିଓ ରେକର୍ଡିଂ କରି କମିଶନରଙ୍କ ନିକଟକୁ ପଠାଇବାକୁ ଗଣମାଧ୍ୟମକୁ ନିବେଦନ କରିଥିଲେ। ଏହାର ତଦନ୍ତ କରାଯିବା ସହ ଲୁଟରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ ଉଠାଇ ନ ଥିଲେ।

# ୟୁନିୟନ ବ୍ୟାଙ୍କ ପକ୍ଷରୁ ସ୍ୱଚ୍ଛତା ପକ୍ଷ




**ଭୁବନେଶ୍ୱର,୧୪।୯**

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ବ୍ୟାଙ୍କର ଉପମହାପ୍ରବନ୍ଧକ ଆର୍.ଏଲ୍.ମିନାଙ୍କ ନେତୃତ୍ୱରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୫୦ ଜଣ କର୍ମଚାରୀ ଯୋଗ ଦେଇଥିଲେ। ବ୍ୟାଙ୍କର 'ଦେଶ ବନାଏଙ୍ଗେ ସ୍ୱଚ୍ଛ ହମାରା' ସ୍ଲୋଗାନ ଲୋକମାନଙ୍କୁ ବେଶ୍ ଆକର୍ଷିତ କରିଥିଲା। ଭୁବନେଶ୍ୱର ମୁଖ୍ୟ ଶାଖାର ସହାୟକ ମହାପ୍ରବନ୍ଧକ ଜି.ବି.ମିଶ୍ର, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ସହାୟକ ମହାପ୍ରବନ୍ଧକ ବିନୟ କୁମାର ଦାସ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।



"ଅଳ୍ପରେ କହୁଥିବା କଳାକୁ ଯିଏ ଆୟତ୍ତ କରିଛି, ସେ ଅନ୍ୟ ଉପରେ ଯଥାର୍ଥ ପ୍ରଭାବ ପକାଇପାରେ।"

-ଜେ. ଏଡ୍‌ୱାର୍ଡସ

## ସଂକ୍ଷେପରେ

### ଏସ୍‌ସିବି ମେଡିକାଲ ସମ୍ମୁଖ ରାସ୍ତାରେ ଅସହାୟ ରୋଗୀ

କଟକ ଅଫିସ, ୧୪।୯

ଏସ୍‌ସିବି ମେଡିକାଲ ଆଉଟଡୋର ସମ୍ମୁଖ ରାସ୍ତାରେ ଗଡୁଛନ୍ତି ଜଣେ ଅସହାୟ ରୋଗୀ। ତାଙ୍କ ଡାହାଣ ଗୋଡ଼ରେ ବଡ଼ କ୍ଷତ ଚିହ୍ନ ରହିଥିବାବେଳେ ବୟସ ୪୦ରୁ ୫୦ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ଏହି ରୋଗୀଙ୍କ ଶରୀରରେ କେତେଖଣ୍ଡ ହାଡ଼ ରହିଛି ତାହା ଗଣିହେବା ପରି ମନେହେଉଛି। ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରୋଗୀ ଜଣକ ଖାଇବାକୁ ପିଇବାକୁ ନ ପାଇ ସେଠାରେ ପଡ଼ିଥିଲେ। ଖବରପାଇ ନ୍ୟାଶନାଲ ହ୍ୟୁମାନ ରାଇଟ୍‌ସ କାଉନସିଲ ଅଫ ଇଣ୍ଡିଆର କଟକ ଶାଖା ସଭାପତି କଳ୍ପତରୁ ଖୁଣ୍ଟିଆ, ରାଜ୍ୟ ସମ୍ପାଦକ ଅବଦୁଲ ବାରି, ଜିଲା ସଂଯୋଜକ ଶ୍ରୀମନ୍ତ ଆଚାର୍ଯ୍ୟ ଓ ରାଜଦୀପ ପରିଜା ପ୍ରମୁଖ ଶୁକ୍ରବାର ସମ୍ପୃକ୍ତ ରୋଗୀଙ୍କ ପାଖରେ ପହଞ୍ଚିଥିଲେ। ତେବେ ରୋଗୀ ଜଣଙ୍କ ନିଜର ଘର ଠିକଣା କିମ୍ବା ପରିଚୟ ଦେଇପାରୁନାହାନ୍ତି। ସେଠାରୁ ତାଙ୍କୁ ଉଦ୍ଧାର କରି କାଜୁଆଲ୍‌ଟିରେ ଭର୍ତ୍ତି କରିବା ସହ ଘଟଣା ସମ୍ପର୍କରେ କଟକ ଜିଲାପାଳ ଓ କେନ୍ଦ୍ରାଞ୍ଚଳ ଆର୍‌ଡିସିଙ୍କୁ ଅବଗତ କରାଇଥିଲେ। ସୂଚନାଥାଉ କି, ଏସ୍‌ସିବିରେ ଅପରିଚିତ ଓ ଅସହାୟ ରୋଗୀଙ୍କୁ ନେଇ ଅତୀତରେ ଅନେକ ଘଟଣା ଘଟିଛି। ଏପରି କି ଓଡ଼ିଶା ମାନବାଧିକାର କମିଶନ ଅଧ୍ୟକ୍ଷ ନିଜେ ମେଡିକାଲ ପରିଦର୍ଶନରେ ଆସି ଏହି ରୋଗୀମାନଙ୍କ ଦୁର୍ଦ୍ଦଶାକୁ ଦେଖିବା ପରେ ସରକାର ଓ ମେଡିକାଲ ପ୍ରଶାସନକୁ ଅନେକଗୁଡ଼ିଏ ନିର୍ଦ୍ଦେଶ ଦେଇଛନ୍ତି। ତଥାପି ପରିସ୍ଥିତିରେ କୌଣସି ସୁଧାର ଆସିପାରୁନାହିଁ। ଏ ସମ୍ପର୍କରେ ମେଡିକାଲ ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା କୁହନ୍ତି, ରୋଗୀଙ୍କ ସମ୍ପର୍କରେ ମୋ' ପାଖରେ କୌଣସି ଖବର ନାହିଁ। ତେବେ ମୁଁ ତୁରନ୍ତ ବୁଝୁଛି।

### ଅପହୃତା ନାବାଳିକା ଉଦ୍ଧାର

**କଟକ ସଦର, ୧୪।୯ (ଡି.ଏନ୍.ଏ.):** କିଶୋର ନଗର ଥାନା ଅଞ୍ଚଳରୁ ଅପହରଣ କରି ନିଆଯାଇଥିବା ନାବାଳିକାଙ୍କୁ ପୋଲିସ ଗୁରୁବାର ରାତିରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁରରୁ ଉଦ୍ଧାର କରିଥିଲା। ଏହି ନାବାଳିକା ରହୁଥିବା ଘରର ମାଲିକଙ୍କୁ ପଚରାଉଚରା କରିବା ପାଇଁ ପୋଲିସ ଥାନାରେ ଅଟକ ରଖିଛି। ଶୁକ୍ରବାର ନାବାଳିକାଙ୍କୁ କଟକ ବଡ ଡାକ୍ତରଖାନାରେ ଡାକ୍ତରୀମାଇନା କରାଯିବା ସହ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ହାଜର କରାଯାଇ ବୟାନ ରେକର୍ଡ କରାଯାଇଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୧୧୨/୧୮) ରୁଜୁ ହୋଇଥିଲା। ପୋଲିସ ସୂତ୍ରରୁ ପ୍ରକାଶ, ଗତ ୫ ତାରିଖରେ ନାବାଳିକା ଜଣକ ଘରକୁ ଫେରିବାବେଳେ ୨ ଜଣ ଯୁବକ ତାଙ୍କୁ ଜୋରଜବରଦସ୍ତି ଅପହରଣ କରି ଗାଡିରେ ନେଇଯାଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପରେ ପୋଲିସ ଚଢାଉବେଳେ ଅଭିଯୁକ୍ତ ଦ୍ୱୟ ଖସି ପଳାଇଥିଲେ।

### ବିଘ୍ନରାଜଙ୍କ ଭସାଣି

କୃଷ୍ଣପ୍ରସାଦ,୧୪।୯(ଡି.ଏନ୍.ଏ.)-ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ଶ୍ରୀଗଣେଶ ଭସାଣି ଯାତ୍ରା ଅନୁଷ୍ଠିତ ହୋଇଛି । ଗଣେଶ ଚତୁର୍ଥୀ ପାଳନ ପରେ ଶୁକ୍ରବାର ବିଭିନ୍ନ ଅଞ୍ଚଳରେ ବିଘ୍ନରାଜଙ୍କର ଭସାଣି ଉତ୍ସବ ଆନନ୍ଦ ଓ ଉଲ୍ଲାସରେ ପାଳନ କରାଯାଇଛି। ଡିଆକୁଦା ଯୁବକ ସଂଘ ଶ୍ରୀଗଣେଶଙ୍କୁ ଡିଆକୁଦା, ସାହାବାଜପୁର, ମଲେଶ୍ୱରୀ ଏବଂ ମାଲୁଦ ଆଦି ଅଞ୍ଚଳକୁ ସୁସଜ୍ଜିତ ଗାଡ଼ିରେ ପରିକ୍ରମା କରାଇଥିଲେ। ବିଭିନ୍ନ ସ୍ଥାନରେ ଭସାଣି ବେଳେ ଶ୍ରଦ୍ଧାଳୁମାନେ ଗଣପତିଙ୍କୁ ଦର୍ଶନ କରିବା ପରେ ଚିଲିକାରେ ବିସର୍ଜନ କରାଯାଇଥିଲା।

■ ଫାଷ୍ଟଫୁଡ୍ ଦୋକାନୀଙ୍କୁ ଗୁଳିମାଡ଼ ଘଟଣା

# ଅଭିଯୁକ୍ତ ଚିହ୍ନଟ, ଚଢ଼ାଉ ଜୋରଦାର

**ଘଟଣାସ୍ଥଳ ଦେଖିଲେ ପୋଲିସ କମିଶନର**

ଭୁବନେଶ୍ୱର, ୧୪।୯(ବ୍ୟୁରୋ)

ପକୋଡା କିଣାକୁ କେନ୍ଦ୍ରକରି ଖଣ୍ଡଗିରି ଥାନା ତାଳବସ୍ତ ଛକରେ ଥିବା ଫାଷ୍ଟଫୁଡ୍ ଦୋକାନୀ ସ୍ମୃତିରଞ୍ଜନ ଧଳ ଓରଫ ନିଲୁଙ୍କୁ ଗୁରୁବାର ଦୁଇଜଣ ଦୁର୍ବୃତ୍ତ ଗୁଳି ମାଡ଼ କରିଥିଲେ। ଏଥିରେ ନିଲୁ ଆହତ ହୋଇଥିଲେ। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ରହିଛି। ଶୁକ୍ରବାର ସକାଳେ ପୋଲିସ ନିଲୁଙ୍କ ବୟାନ ରେକର୍ଡ କରିଛି। ଏହାସହ ପୋଲିସ କମିଶନର ସତ୍ୟଜିତ ମହାନ୍ତି ମଧ୍ୟ ଏହି ଘଟଣାକୁ ଗୁରୁତର ସହ ନେଇଛନ୍ତି। ମହାନ୍ତି ଶୁକ୍ରବାର ସକାଳେ ଉକ୍ତ ଫାଷ୍ଟଫୁଡ୍ ଦୋକାନକୁ ଯାଇ ଅନୁଧ୍ୟାନ କରିବା ସହ ସ୍ଥାନୀୟ ଲୋକଙ୍କୁ ପଚରାଉଚୁରା କରିଥିଲେ। ଗୁଳିମାଡ଼ କରିଥିବା ଯୁବକ ସ୍ଥାନୀୟ ଅଞ୍ଚଳର ବୋଲି ଜଣାପଡିଛି। ସେମାନଙ୍କୁ ମଧ୍ୟ ଚିହ୍ନଟ କରାଯାଇଛି। ଖୁବ୍ ଶୀଘ୍ର ଗିରଫ କରାଯିବ ପୋଲିସ କମିଶନର କହିଛନ୍ତି।

ଅନ୍ୟପକ୍ଷରେ ପୋଲିସ ଉକ୍ତ ଯୁବକଙ୍କ ଘରେ ଚଢାଉ କରିଥିଲେ ମଧ୍ୟ ସେମାନେ ଫେରାର ଅଛନ୍ତି। ସେମାନଙ୍କୁ ଧରିବା ପାଇଁ ପୋଲିସ ରାଜଧାନୀ ଉପକଣ୍ଠରେ ଚଢାଉ ଜୋରଦାର କରୁଛି। ଗୁଳିମାଡ଼ କରିଥିବା ଦୁଇ ଯୁବକଙ୍କ ନାମରେ ଖଣ୍ଡଗିରି ଥାନାରେ ଏକାଧିକ ମାମଲା ରହିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଏହି ଘଟଣା ପରେ ଉକ୍ତ ଅଞ୍ଚଳରେ ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି। ନିକଟରେ ମଦ ଦୋକାନ ଥିବାରୁ ମଦ୍ୟପଙ୍କ ପାଇଁ ଏହି ଫାଷ୍ଟଫୁଡ୍ ଦୋକାନ ନିକଟରେ ଆସର ଜମୁଛି। ତେଣୁ ଯେଉଁମାନେ ମଦ ଆଣି ଉକ୍ତ ଫାଷ୍ଟଫୁଡ ଦୋକାନରେ ପିଉଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ମଦ ଦୋକାନ ମାଲିକଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ କହିଛନ୍ତି।

ସୂଚନାଯୋଗ୍ୟ, ଗୁରୁବାର ରାତି ପ୍ରାୟ ୯ଟାରେ ଦୁଇଜଣ ଯୁବକ ନିକଟସ୍ଥ ମଦ ଦୋକାନରୁ ମଦ କିଣିବା ପରେ ଉକ୍ତ ଫାଷ୍ଟଫୁଡ୍ ଦୋକାନକୁ ଯାଇଥିଲେ। ସେଠାରେ ଚିକେନ ପକୋଡ଼ା କିଣି ଖାଇଥିଲେ। ପରେ ସେମାନେ କଣ୍ଟା ଚିକେନ ଦେଖି ଦେବାକୁ କହିଥିଲେ। ସେଭଳି ଚିକେନ ପକୋଡ଼ା ନ ଥିବା ନିଲୁ କହିବାରୁ ସେମାନେ ତାଙ୍କୁ ଗାଳିଗୁଲଜ କରିବା ସହ ଦୋକାନରେ ଭଙ୍ଗାରୁଜା କରିଥିଲେ। ପରେ ଜଣେ ଯୁବକ ବନ୍ଧୁକ ବାହାର କରି ନିଲୁଙ୍କୁ ଗୁଳି ମାରିଥିଲେ। ପ୍ରଥମ ଗୁଳି ତାଙ୍କ ଦେହରେ ବାଜି ନ ଥିବା ବେଳେ ଦ୍ୱିତୀୟ ଗୁଳି ତାଙ୍କ ଡାହାଣ ହାତ କହୁଣିରେ ବାଜିଥିଲା।



ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ର ।

## ଲିଟିଲ୍‌ଷ୍ଟାର ଗ୍ରୁପ ପକ୍ଷରୁ ଦକ୍ଷତାବିକାଶ କର୍ମଶାଳା

ନିମାପଡ଼ା,୧୪।୯(ଡି.ଏନ୍.ଏ.)

ନିମାପଡ଼ା ସ୍ଥିତ ଶିଶୁ ବିକାଶ ଅନୁଷ୍ଠାନ ଲିଟିଲ୍ ଷ୍ଟାର ଗ୍ରୁପ ପକ୍ଷରୁ ଶୁକ୍ରବାର ଏକ ଦକ୍ଷତାବିକାଶ କର୍ମଶାଳା ଓ ପୁରସ୍କାର ବିତରଣ ସମାରୋହ ସିଦ୍ଧାର୍ଥ ଏକାଡେମୀଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ନିମାପଡ଼ା କଲେଜର ଅଧ୍ୟାପକ ଡ.ପ୍ରଣବ ସ୍ୱାଇଁ, ମାନସ ସ୍ୱାଇଁ, ସୁବ୍ରତ ମହାନ୍ତ, ମଙ୍ଗଳା କଲେଜର ପରିଚାଳନା ନିର୍ଦ୍ଦେଶକ ଚିନ୍ତାମଣି ବରାଳ, ଲିଟିଲ ଷ୍ଟାର ଗ୍ରୁପର ସମ୍ପାଦକ ସୁମନ୍ତ ମହାରଣା ପ୍ରମୁଖ ଯୋଗଦେଇ ସ୍କୁଲ କଲେଜ ଛାତ୍ରୀଛାତ୍ରମାନଙ୍କୁ ଦକ୍ଷତା ବିକାଶ ଓ ଉତ୍ତମ ଚରିତ୍ର ଗଠନ ଦିଗରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଯୁବ ପ୍ରଶାସକ କଲ୍ୟାଣ ସୌରଭ ଦାଶ, ସଂଗୀତଗୁରୁ ଅଶୋକ ବେହେରା, କବି ରଶ୍ମିରଞ୍ଜନ ସାହୁଙ୍କ ସମେତ ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଛାତ୍ରୀଛାତ୍ର ମୋନାଲିସା ପ୍ରଧାନ, ସ୍ୱର୍ଣ୍ଣଲତା ଓଝା, ଅଙ୍କିତା ଆଚାର୍ଯ୍ୟ, ବିଜୟଲକ୍ଷ୍ମୀ ମହାରଣା, ରାକେଶ ପରିଡ଼ା, ସ୍ମୃତିରଞ୍ଜନ ତ୍ରିପାଠୀଙ୍କ ସମେତ ୧୮ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ଗ୍ରୁପ ପକ୍ଷରୁ ପୁରସ୍କାର, ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ବହୁ ଶିକ୍ଷାବିତ୍, ଅଧ୍ୟାପକ, ଶିକ୍ଷକ, ଛାତ୍ରୀଛାତ୍ରମାନେ ଯୋଗଦେଇ ଥିଲେ। ଲିଟିଲ ଷ୍ଟାର ଗ୍ରୁପର ଏହି କାର୍ଯ୍ୟକ୍ରମକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ।

## ଚୋରା ମଦ ବିକ୍ରି ଅଭିଯୋଗରେ ଜଣେ ଗିରଫ

ଗୋପ, ୧୪।୯(ଡି.ଏନ୍.ଏ.)

ନୟାହାଟ ଫାଣ୍ଡି ସ୍ଥିତ ଦୁର୍ଗେଶ୍ୱର ଗ୍ରାମର ପ୍ରହଲ୍ଲାଦ ଖୁଣ୍ଟିଆ ନାମକ ଜଣେ ବ୍ୟକ୍ତି ଚୋରା ମଦ ବିକୁଥିବା ଅଭିଯୋଗରେ ଗିରଫ ହୋଇଛି। କୌଣସି ସୂତ୍ରରୁ ଖବର ପାଇ ଗୋପ ଥାନା ଏସ୍‌ଆଇ ସ୍ୱର୍ଣ୍ଣପ୍ରଭା ଜେନା, ନୟାହାଟ ଫାଣ୍ଡି ଏଏସ୍‌ଆଇ ଗଙ୍ଗାଧର ସାହୁ ସଦଳବଳ ଘଟଣାସ୍ଥଳେ ପହଞ୍ଚି ଅଭିଯୁକ୍ତ ଖୁଣ୍ଟିଆଙ୍କୁ ଗିରଫ କରିଥିଲେ। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ନୟାହାଟ ଫାଣ୍ଡି ପାଖରେ ଖୁଲମ୍‌ଖୁଲା ବେଆଇନ୍ ଭାବରେ ଦେଶୀ ମଦ ବିକ୍ରୟ କରାଯାଉଥିବାବେଳେ ଫାଣ୍ଡି ଅଧିକାରୀ ନୀରବ ରହିବା ଭଳି ଅଭିଯୋଗ ହୋଇଛି। ଏସ୍‌ପି ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରାଯାଇଛି।

■ଚକନାଳୀରେ ପ୍ରୋଜେକ୍ଟକୁ ରାସ୍ତା ନେଲେ ବିଲଡ଼ର

# କାର୍ଯ୍ୟାନୁଷ୍ଠାନ ନ ନେଲେ ରାଜରାସ୍ତାକୁ ଓହ୍ଲାଇବୁ

ପୁରୁଣା ଭୁବନେଶ୍ୱର, (ଡି.ଏନ.ଏ) ୧୪।୯

ରାଜଧାନୀ ପରେ ଏବେ ଉପକଣ୍ଠ ସବୁଜ ଉର୍ବର ଜମି ଉପରେ ବିଲଡ଼ରଙ୍କ ଆଖି। ବର୍ଷକ ତଳେ ମଧୁର ଜଳ ମତ୍ସ୍ୟ ଗବେଷଣା କେନ୍ଦ୍ର (ସିଫା) ନିକଟ ଦିନଓଦ୍ଧାରଣ ଜେନା ସାହି ମୌଜାର ଚାଷ ଜମି କିଣାବିକା କରି ସେଠାରେ କଂକ୍ରିଟ ଗୃହ ନିର୍ମାଣ ସରିଛି। ଏବେ ନିକଟସ୍ଥ ଲକ୍ଷ୍ମୀନାରାୟଣପୁର ମୌଜା ଚାଷ ଜମିରେ ଲୋଲୁପ ଦୃଷ୍ଟି ପଡ଼ିଛି। ୬ ମାସ ପୂର୍ବରୁ ଆରମ୍ଭ ହୋଇଥିବା ଚାଷ ଜମିର ପ୍ରାୟ ୧୨ ଏକର କିଣାବିକା ସରିଲାଣି। ପ୍ରଥମେ ଗ୍ରୀନ୍ ଜୋନ୍‌ରେ ୟେଲୋ ଜୋନ ପ୍ରୋଜେକ୍ଟ ପ୍ରଶ୍ନବାଚୀ। ଦ୍ୱିତୀୟ ପ୍ରୋଜେକ୍ଟର ଆଶ୍ରୟ ନେଇଛନ୍ତି। ୮ ଫୁଟ ଓସାର ଥିବା ଚକନାଳୀ ଉପରେ ରାସ୍ତା ନିର୍ମାଣ ସହ ଲୋକଙ୍କୁ ଭୂତାଇବା ପାଇଁ ୨ଟି କଂକ୍ରିଟ ନଳ ନାମକୁ ମାତ୍ର ପୋତି କାମ ଆଗେଇଛନ୍ତି। କିଛିଦିନ ପରେ ଏଠାରେ ଜାଗା କିଣି ଘର ନିର୍ମାଣ କରିବାକୁ ଥିବା ବ୍ୟକ୍ତି ଗ୍ରାମର ଚାଷ ଉପରେ ନିର୍ଭର କରୁଥିବା ଚାଷୀଙ୍କ ମଧ୍ୟରେ ହେବ ମାରପିଟ୍। ସେତେବେଳେ ପୋଲିସ ପ୍ରଶାସନ ଚୁପ୍ ହୋଇ ନାଟ ଦେଖିବାଟା ସାର ହେବ। ଏଭଳି କାର୍ଯ୍ୟକଳାପକୁ ବିରୋଧ କରିବାକୁ ଗ୍ରାମବାସୀ ଅଣ୍ଟା ଭିଡ଼ିଛନ୍ତି। ପୂର୍ବରୁ ଏଭଳି ପ୍ରୋଜେକ୍ଟ ଏଠାରେ ଦୀର୍ଘସ୍ଥାୟୀ ହେଲେ ଜଳ ନିଷ୍କାସିତ ହୋଇ ନ ପାରି ଗାଁ ବୁଡ଼ିବା ନିଶ୍ଚୟ। ଗ୍ରାମବାସୀ ଏ ନେଇ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳଙ୍କୁ ପତ୍ର ମାଧ୍ୟମରେ ଜଣାଇଥିଲେ। ହେଲେ ଫଳ ଶୁନ। କାହା ପ୍ରରୋଚନାରେ ବିଲ୍‌ଡ଼ର ଉର୍ବର ଜମିରେ ପ୍ରୋଜେକ୍ଟ କରୁଛନ୍ତି ତାହା ସନ୍ଦେହ ଘେରରେ ରହିଛି। ଏପଟେ ଚକନାଳୀକୁ ପୋତି ରାସ୍ତା ନେବା ପରେ ଗ୍ରାମବାସୀ ପ୍ରଶାସନଠାରୁ ଆସ୍ଥା ହରାଇଛନ୍ତି। ୫୦ ଏକର ଜମିରେ ଜଳ ପ୍ଲାବିତ କରିବାକୁ ଏଠାରେ ବସା ଯାଇଥିବା ଏଲଆଇ ପଏଣ୍ଟର କ୍ଷତିପୂରଣ ଦେବ କିଏ। ଏଠାରେ କାର୍ଯ୍ୟ କରୁଥିବା ବାଲିକପିଳନାଥ ପାଣି ପଞ୍ଚାୟତ ସମିତି ସମ୍ପାଦକ ଗୋବର୍ଦ୍ଧନ ମଲିକ କୁହନ୍ତି, କିଏ କ'ଣ କରୁଛନ୍ତି ଆମର ଯା ଆସ ନାହିଁ। ତେବେ ଚକନାଳୀରେ କୌଣସି କଂକ୍ରିଟ ରାସ୍ତା କରିବାକୁ ଆମେ ଦେବୁନାହିଁ। ଏହାର ଘୋର ବିରୋଧ କରାଯିବ। ସ୍ଥାନୀୟ ସରପଞ୍ଚ ଶୁଭାଶିଷ ରଥ କୁହନ୍ତି, ଚକନଳୀ ଉପରେ ରାସ୍ତା ନିର୍ମାଣ ଚାଷୀଙ୍କ ସ୍ୱାର୍ଥହାନୀ । ତେବେ ଏ ନେଇ ଖବର ନ ଥିଲେ ହେଁ ସତ୍ୟାସତ୍ୟ ହେଲେ ବିରୋଧ ହେବ। ପୁରୀ ଉପଜିଲାପାଳ ଭବତାରଣ ସାହୁ କୁହନ୍ତି, ଏ ନେଇ ଆମ ପାଖରେ ଅଭିଯୋଗ ନାହିଁ। ବିଡ଼ିଓଙ୍କୁ ଯୋଗାଯୋଗ କରନ୍ତୁ। ସମସ୍ୟାର ସମାଧାନ ନ ହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



ଚକନାଳି ଉପରେ ରାସ୍ତା ନିର୍ମାଣ ଚାଲିଛି ।

## ଗୋପବନ୍ଧୁଙ୍କ ଜନ୍ମପୀଠରେ ସାଇକେଲ ଶୋଭାଯାତ୍ରୀଙ୍କୁ ସମ୍ବର୍ଦ୍ଧନା




ଗୋପବନ୍ଧୁ ପୀଠରେ ପହଞ୍ଚିଥିବା ସାଇକେଲ ଶୋଭାଯାତ୍ରା ଦଳ ।

ସାକ୍ଷୀଗୋପାଳ, ୧୪।୯(ଡି.ଏନ୍.ଏ.)

ମଦମୁକ୍ତ ଓଡ଼ିଶା ଗଠନ, ମା' ମାଟି ଓ ମାତୃଭାଷାର ସୁରକ୍ଷା ସଚେତନତା ବାର୍ତ୍ତାନେଇ ବାଲେଶ୍ୱର ଜିଲାର ବାଲିଆପାଳ ବାଘାଯତୀନ ସ୍ମୃତି ପରିଷଦର ୮୦ ଜଣ ସ୍ୱେଚ୍ଛାସେବୀ ଗତ ୧୦ ତାରିଖରୁ ସାଇକେଲ ଶୋଭାଯାତ୍ରାରେ ବାହାରି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଜନ୍ମପୀଠ ସୁଆଣ୍ଡୋ ଗ୍ରାମରେ ଗୁରୁବାର ପହଞ୍ଚିଥିଲେ। ସେଠାରେ ଗୋପବନ୍ଧୁ ସ୍ମୃତି ପରିଷଦର ସଭାପତି ଧୀରେନ୍ଦ୍ର ନାଥ ଦାସ ଶୋଭାଯାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ବାଘାଯତୀନ ପରିଷଦର ସଭାପତି ଅରବିନ୍ଦ ବେହେରାଙ୍କୁ ଏହି ଅବସରରେ ଉତ୍ତରୀୟ, ଗୋପବନ୍ଧୁଙ୍କ ଫଟୋଚିତ୍ର ଓ କାରା କବିତା ପୁସ୍ତକ ପ୍ରଦାନ କରାଯାଇଥିଲା। ଷଠୀଘରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ସେମାନେ ଅନ୍ୟତମ ସ୍ୱାଧୀନତା ସଂଗ୍ରାମୀ ବକ୍ସି ଜଗବନ୍ଧୁଙ୍କ ଜନ୍ମପୀଠ ବ୍ରହ୍ମଗିରୀ ବ୍ଲକର ଗଡରୋଡଙ୍ଗ ଗ୍ରାମକୁ ଯାତ୍ରା କରିଥିଲେ। ଗତ ଚାରିବର୍ଷ ଧରି ଏହି ଅନୁଷ୍ଠାନ ଓଡିଶାର ବିଭିନ୍ନ ସ୍ଥାନରେ ରହିଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ପୀଠ ସତ୍ୟବାଦୀ, ଇଞ୍ଚୁଡି, ଇରମ, ତୁଡି ଗାଡିଆ ଓ କୁସୁମିତ ଆଦି ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ କରିଥିବା ସଭାପତି ବେହେରା କହିଛନ୍ତି।

## ବାଲିଗୁଆଲିରେ ସ୍ୱାସ୍ଥ୍ୟ ଶିବିର

ପୁରୀ ଅଫିସ,୧୪।୯:

ପୁରୀ ସଦର ବାଲିଗୁଆଲି ସ୍ଥିତ ମଧୁସୂଦନ ଯୁବକ ସଂଘ ପକ୍ଷରୁ ଗଣପତି ଉତ୍ସବ ଅବସରରେ ଶୁକ୍ରବାର ପୂଜା ମଣ୍ଡପ ନିକଟରେ ଏକ ଦୁଇ ଦିନିଆ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଜ୍ୟୋତି ପ୍ରକାଶ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉପଜିଲାପାଳ ଭବତାରଣ ସାହୁ, ହାଇଟେକ କଲେଜ ଉପାଧ୍ୟକ୍ଷ ସବିର ଅଲ୍ଲୀ, ପ୍ରିୟଙ୍କା ଦେବୀ ସେବିତା କଲେଜର ଅଧ୍ୟକ୍ଷା ଦୁଃଖ ଦେଇ, ବାଲିଗୁଆଲି ଗ୍ରାମର ସଭାପତି ପର୍ଶୁରାମ ପ୍ରଧାନ, ସଂଘ ସଭାପତି ଅକ୍ଷୟ ପ୍ରଧାନ, ଆଇନଜୀବୀ ଚିନ୍ମୟ ଦାଶ ଓ ସୁଧାଂଶୁ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଶିବିରରେ ଶତାଧିକ ଲୋକଙ୍କ ବିଭିନ୍ନ ରୋଗର ଚିକିତ୍ସା କରାଯାଇଥିଲା।



ସ୍ୱାସ୍ଥ୍ୟ ଶିବିରରେ ଜଣେ ମହିଳା ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି ।

## ଗୋଷ୍ଠୀ ସଂଘର୍ଷ ଘଟଣାରେ ଜଣେ ଗିରଫ

ଖୋର୍ଦ୍ଧା ଅଫିସ,୧୪।୯:

ଖୋର୍ଦ୍ଧା ଟାଉନ ଥାନା ଜାଗୁଲେଇପାଟଣାରେ ଗୁରୁବାର ରାତିରେ ଘଟିଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ପୋଲିସ ଦୁର୍ଗାମାଧବ ପ୍ରଧାନ(୨୮) ନାମକ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଜାମିନି ନାମଞ୍ଜୁର ହେବାରୁ ଦୁର୍ଗାମାଧବ ଖୋର୍ଦ୍ଧା ସବ ଜେଲକୁ ଯାଇଛନ୍ତି। ଗୁରୁବାର ରାତି ପ୍ରାୟ ସାଢ଼େ ୧୦ଟାରେ ଗୋଷ୍ଠୀ ସଂଘର୍ଷ ଘଟି ଉଭୟ ଦଳର ୧୦ଜଣ ଆହତ ହୋଇଥିଲେ। ଏମାନଙ୍କ ମଧ୍ୟରୁ ୨ଜଣ ଗୁରୁତର ହୋଇ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିଲେ। ଗାଁର ମହେନ୍ଦ୍ର ପାଲଟାସିଂଙ୍କ ଅଭିଯୋଗକ୍ରମେ ପୋଲିସ ଦଫା ୩୪୧, ୩୨୩, ୩୨୪, ୫୦୬, ୩୦୭, ୩୯୪, ୩୪ ଆଇପିସିରେ ନଂ. ୩୫୬/୧୮ରେ ୧୪ଜଣଙ୍କ ନାରେ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ଦୁର୍ଗାମାଧବ ଗିରଫ ହୋଇଛନ୍ତି। ତେବେ ଗୁନ ପ୍ରଧାନଙ୍କ ପାଲଟା ଅଭିଯୋଗକ୍ରମେ ପୋଲିସ ନଂ. ୩୫୭/୧୮ରେ ୧୭ ଜଣଙ୍କ ନାରେ ଅନୁରୂପ ମାମଲା ରୁଜୁ କରିଛି।

## ବ୍ରହ୍ମଗିରିରେ ବୃଦ୍ଧିପାଉଛି ନିଶା କାରବାର

ବ୍ରହ୍ମଗିରି, ୧୪।୯(ଡି.ଏନ୍.ଏ.)– ବ୍ରହ୍ମଗିରି ଥାନା ଅଞ୍ଚଳରେ ବ୍ୟାପକ ଚୋରା ମଦ ଓ ଗଞ୍ଜେଇ କାରବାର ବୃଦ୍ଧିପାଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଛି। ଗାଁ ଗହଳି ଠାରୁ ଆରମ୍ଭ କରି ବଜାର ପର୍ଯ୍ୟନ୍ତ ଖୁଲମ ଖୁଲ୍ଲା ଚାଲିଛି ମଦ ଓ ଗଞ୍ଜେଇ କାରବାର। ଏପରି କି ପାନ ଦୋକାନ ଏବଂ ଜଳଖିଆ ଦୋକାନରେ ମଧ୍ୟ ଚାଲିଛି ବେଆଇନ୍ ଗଞ୍ଜେଇ ବେପାର । ୫ଟଙ୍କାରେ ମିଳୁଛି ହାତ ପ୍ରସ୍ତୁତ ଗଞ୍ଜେଇ ସିଗାରେଟ୍। ସଞ୍ଜ ନଇଁଲେ ମଦୁଆଙ୍କ ଆଡ୍ଡା ଜମୁଛି । ରାସ୍ତାରେ ସୁରକ୍ଷାରେ ଯାତାୟାତ କରିବା ପାଇଁ ଲୋକମାନେ ଉଚିତ ମଣୁନାହାନ୍ତି। ପୋଲିସ ଚଢାଉ କରି ଅନେକ ସମୟରେ ବେଆଇନ ମଦ କାରବାର ରୋକିବାକୁ କାର୍ଯ୍ୟାନୁଷ୍ଠାନ ନେଉଥିବା ବେଳେ ଅବକାରୀ ବିଭାଗ କାଁ ଭାଁ ଲୋକ ଦେଖାଣିଆ ଚଢାଉ କରୁଥିବା ସାଧାରଣରେ ଆଲୋଚନା ହେଉଛି।

## 'ଶିକ୍ଷକ ସମନ୍ୱୟ ସମିତିକୁ ସୁଦୃଢ଼ କରାଯିବ'

ଗୋପ, ୧୪।୯(ଡି.ଏନ୍.ଏ.)

ଗ୍ରାମାଞ୍ଚଳରେ ଗୁଣାତ୍ମକ ଶିକ୍ଷାକୁ କିପରି ଆଗକୁ ନିଆଯିବ ଏବଂ ଶିକ୍ଷକ ସଂଗଠନକୁ ସୁଦୃଢ଼ କରାଯିବ ସେ ନେଇ ଶୁକ୍ରବାର ଗୋପ ବ୍ଲକରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତିର ସଭାପତି ଶିବଦତ୍ତ ନାୟକ ସଭାପତିତ୍ୱ କରି ଉପସ୍ଥିତ ଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଏହି ବାର୍ତ୍ତା ଦେଇଥିଲେ। ଷୋଳପୁର ସ୍ଥିତ ମା'ଚର୍ଚ୍ଚିକାୟୀଙ୍କ ପୀଠରେ ଏହି ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପୁରୀ ଜିଲା ନିମ୍ନମାଧ୍ୟମିକ ଶିକ୍ଷକ ସଂଘର ସଭାପତି ସୁଶାନ୍ତ କୁମାର ନାୟକ ଅତିଥି ଭାବେ ଯୋଗ ଦେଇଥିବାବେଳେ ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତି ସାଧାରଣ ସମ୍ପାଦକ ସତ୍ୟନାରାୟଣ ସାହୁ, କାର୍ଯ୍ୟକାରୀ ସଭାପତି ଗୋପବନ୍ଧୁ ପଣ୍ଡା, ସେକ୍ ମକସୁଦ୍ ହୁସେନ୍, ଉପଦେଷ୍ଟା ଯୁବରାଜ ବିଶ୍ୱାଳ, ଦୟାନିଧି ବେହେରା, ଜୟଦେବ ବେହେରା, ଯୁଗ୍ମ ସମ୍ପାଦକ ସୁଦର୍ଶନ ମିଶ୍ର, ଉପସଭାପତି ରାଜକିଶୋର ଜେନା ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକମାନଙ୍କର ଥିବା ବିଭିନ୍ନ ସମସ୍ୟା ଯଥା ଏମ୍‌ଏସ୍‌ପି, ଭବିଷ୍ୟନିଧି ପାଣ୍ଠି, ୨ପ୍ରତିଶତ ମହଙ୍ଗା ଭତ୍ତା ସମେତ ବକେୟା ଥିବା ପାଉଣା, ଅନ୍ୟାନ୍ୟ ଭତ୍ତା ନୂତନ ପେନ୍‌ସନ୍ ଯୋଜନା ସମେତ ବିଭିନ୍ନ ବର୍ଗର ଶିକ୍ଷକମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହାର ସମାଧାନ ଦିଗରେ କି କି ପଦକ୍ଷେପ ନିଆଯାଇ ପାରିବ ସେ ସମ୍ପର୍କରେ ଉପସ୍ଥିତ ଥିବା ଶିକ୍ଷକମାନଙ୍କ ମତାମତ ନିଆଯାଇଥିଲା। ଏଥି ସହ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ଉପରେ ବିଶଦ୍ ଭାବେ ଆଲୋଚନା କରାଯିବା ସହ ଉନ୍ନତମାନର ଶିକ୍ଷାଦାନ କରି ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ରୂପେ ଗଢ଼ି ତୋଳିବାକୁ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ପୁରୀ ଜିଲା ସଭାପତି ନାୟକ ପରାମର୍ଶ ଦେଇଥିଲେ। ଏମ୍‌ଏସ୍‌ପି କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଅନ୍ୟାନ୍ୟ ସମସ୍ୟାଗୁଡ଼ିକ ଖୁବ୍‌ଶୀଘ୍ର ସମାଧାନ ପାଇଁ ସଂଘ ପକ୍ଷରୁ ବ୍ଲକ ଶିକ୍ଷାଧିକାରୀଙ୍କ ସହ ଆଲୋଚନା କରାଯିବ ବୋଲି ସଭାପତି ନାୟକ କହିଥିଲେ। ଏହି କାର୍ଯ୍ୟକ୍ରମରେ ୨ଶହରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଦେଇଥିଲେ।

■ ଛାତ ଉପରେ ବେଆଇନ ହୋର୍ଡିଂ

# ୧୭ ସଂସ୍ଥାକୁ ୧୩.୬ ଲକ୍ଷ ଦେୟ ଦାବି

**୭ଦିନରେ ଟଙ୍କା ଦାଖଲ କରିବାକୁ ନିର୍ଦ୍ଦେଶ**

ଭୁବନେଶ୍ୱର, ୧୪।୯(ବ୍ୟୁରୋ)

ଛାତ ଉପରେ ବେଆଇନ୍ ଭାବେ ବିଜ୍ଞାପନ ହୋର୍ଡିଂ ମାରିଥିବା ୧୭ ସଂସ୍ଥାକୁ ବିଏମ୍‌ସି ୧୩.୬ ଲକ୍ଷ ଟଙ୍କାର ଡିମାଣ୍ଡ ନୋଟ୍(ଦେୟ ଦାବି) କରିଛି। ୭ଦିନ ଭିତରେ ଉକ୍ତ ସଂସ୍ଥାଗୁଡିକ ବିଏମ୍‌ସି ନିକଟରେ ଟଙ୍କା ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଧାରିତ ସମୟରେ ଟଙ୍କା ଦାଖଲ ନ କଲେ ଓଡ଼ିଶା ପବ୍ଲିକ୍ ଡିମାଣ୍ଡ ରିକଭରି (ଓପିଡିଆର) ଆକ୍ଟ–୧୯୬୨ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଏମ୍‌ସି ଚେତାଇ ଦେଇଛି।

ବିଏମ୍‌ସି ଡିମାଣ୍ଡ ନୋଟ ଜାରି କରିଥିବା ୧୭ ସଂସ୍ଥା ହେଲେ ଜାଭା ଟେକ୍ନୋକ୍ରାଟ୍, ସିପ୍ରା ଏକାଡେମୀ, କଳିଙ୍ଗ ଏକାଡେମୀ, ଅରିହନ୍ତ ଏକାଡେମୀ, ଆଇବିଟି, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଆବାକସ୍, ବେଟା, ଷ୍ଟୁଡିଓ–୧୧, ପ୍ରଜ୍ଞା, ଚାଣକ୍ୟ, ଦିଶା, କେନ୍‌ସଫ୍ଟ, ଡିଏଭି ପବ୍ଲିକ୍ ସ୍କୁଲ ପଳାଶପଲ୍ଲୀ, ଏନ୍‌ଆଇସିଇଟି, କମ୍ପିଟିଭ୍ ପଏଣ୍ଟ ଏବଂ ଏଣ୍ଡିଏଭର। ବିଏମ୍‌ସି ରାଜସ୍ୱ ଅତିରିକ୍ତ ଡେପୁଟି କମିଶନର ଶ୍ରୀମନ୍ତ ମିଶ୍ର କୁହନ୍ତି, ମୁଖ୍ୟତଃ ହକି ବିଶ୍ୱ କପ୍‌କୁ ଲକ୍ଷ୍ୟ କରି ବିଏମସି ୪୦ କି.ମି. ରାସ୍ତା ପାର୍ଶ୍ୱରେ ଥିବା ଛାତଘର ଉପରୁ ବେଆଇନ୍ ହୋର୍ଡିଂ କାଢିବ। ସହରରେ ମାଳମାଳ ହୋର୍ଡିଂ ଲଗାଯିବା ଦ୍ୱାରା ଆକାଶର ଶୋଭା ବିଖଣ୍ଡିତ ହେଉଛି। ସୂଚନାଯୋଗ୍ୟ, ବିଏମ୍‌ସି ଆଡ୍‌ଭର୍ଟାଇଜମେଣ୍ଟ ରେଗୁଲେଶନ– ୨୦୦୬ ଅନୁସାରେ ୧୦୦ ବର୍ଗଫୁଟ (ଲମ୍ବ ଏବଂ ଓସାର)ର ବିଜ୍ଞାପନ ହୋର୍ଡିଂକୁ ବିଏମ୍‌ସି କର୍ମଚାରୀ ହଟାଇଲେ ୫୦୦୦ ଟଙ୍କା ଏବଂ ତା'ଠାରୁ ବଡ଼ ହୋର୍ଡିଂ ହଟାଇଲେ ୭୦୦୦ ଟଙ୍କା ନିଆଯିବ।



ବେଆଇନ ହୋର୍ଡିଂ ଉଚ୍ଛେଦ କରାଯାଉଛି ।



"ଆତ୍ମସଂଯମ, ସାଧନା ଓ ସେବା ଦ୍ୱାରା ହିଁ ମାନବ ସମାଜରେ ଶାନ୍ତି ଓ ଆନନ୍ଦ ଆସିଥାଏ।
-ସ୍ୱାମୀ ଚିଦାନନ୍ଦ



**ସଂକ୍ଷେପରେ**

## ନଦୀରେ ବୁଡ଼ି ୩ ବର୍ଷର ଶିଶୁ ମୃତ

**ରଘୁନାଥପୁର, ୧୪ ।୯( ଡି.ଏନ.ଏ.):** ରଘୁନାଥପୁର ଥାନା ତଅଁରା ପଞ୍ଚାୟତସ୍ଥିତ କାଠଯୋଡ଼ି ନଦୀରେ ବୁଡ଼ି ଏକ ୩ ବର୍ଷ ଶିଶୁର ଶୁକ୍ରବାର ମୃତ୍ୟୁ ଘଟିଛି। ମୃତ ଶିଶୁ ହେଲେ ଅମିୟ ଭଞ୍ଜଙ୍କ ପୁଅ ଚନ୍ଦ୍ରଶେଖର ଓରଫ ସିପୁନ। ସକାଳ ୮ଟାରେ ସିପୁନ୍ ଖେଳୁଥିବା ବେଳେ ଅଜାଣତରେ ଘର ପାର୍ଶ୍ୱରେ ଥିବା ମୃତ କାଠଯୋଡ଼ି ନଦୀରେ ଖସି ପଡ଼ିଥିଲା। ତେବେ ଘରଲୋକ ଖୋଜାଖୋଜି କରିବା ସମୟରେ ଗୋଡ ବାଜିବାରୁ ସିପୁନ୍‌କୁ ପାଣି ଭିତରୁ ଟେକି ଆଣିଥିଲେ। ତାଙ୍କୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇ ଯାଇଥିଲେ। ସେଠାରେ ଡାକ୍ତର ସିପୁନକୁ ମୃତ ଘୋଷଣା କରିଥିଲେ। ଅମିୟ ମଜୁରି ଲାଗି ପରିବାର ଚଳାଇଥାନ୍ତି। ଦୁଇଟି ପୁଅ ମଧ୍ୟରୁ ସିପୁନ ସାନପୁଅ।

### ରାସ୍ତାରୁ ମୃତଦେହ ଉଦ୍ଧାର ଘଟଣା

# ବାପା ଆଣିଲେ ହତ୍ୟା ଅଭିଯୋଗ

**ଖୁଣ୍ଟୁଣୀ,୧୪।୯(ଡି.ଏନ୍.ଏ.)**

- ମୃତକଙ୍କ ପରିଚୟ ମିଳିଲା
- ମୃତଦେହ ଚିହ୍ନଟ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର

ଖୁଣ୍ଟୁଣୀ ଥାନା ନିକଟସ୍ଥ ଜାତୀୟ ରାଜପଥରୁ ଗତ ବୁଧବାର ସକାଳେ ଉଦ୍ଧାର କରାଯାଇଥିବା ମୃତ ଯୁବକଙ୍କ ପରିଚୟ ମିଳିଛି। ସେ ହେଲେ ଚୌଦ୍ୱାର ମୁସଲିମ୍ ବସ୍ତିର ସେକ୍ ହନିଫ୍(୩୨)। ଶୁକ୍ରବାର ହନିଫ୍‌ଙ୍କ ବାପା ସେକ୍ ସହିଦ୍ କୌଣସି ସୂତ୍ରରୁ ଖବରପାଇ ଥାନାରେ ଏତଲା ଦେବାପରେ ପୋଲିସ ତାଙ୍କୁ କଟକ ବଡ଼ ମେଡିକାଲର ଶବ ସଂରକ୍ଷିତ ଗୃହକୁ ନେଇଥିଲା। ସେଠାରେ ଥିବା ମୃତଦେହ ତାଙ୍କ ପୁଅର ବୋଲି ସେ ଚିହ୍ନଟ କରିଥିଲେ। ପରେ ମୃତଦେହକୁ ତାଙ୍କ ପରିବାର ଲୋକକୁ ହସ୍ତାନ୍ତର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଜାତୀୟ ରାଜପଥ ଉପରୁ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଅଜଣା ଗାଡ଼ି ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ସ୍ଥାନୀୟ ଲୋକେ ପୋଲିସକୁ କହିଥିଲେ। ହେଲେ ମୃତବ୍ୟକ୍ତିଙ୍କ କୌଣସି ପରିଚୟ ନ ମିଳିବାରୁ ମୃତଦେହକୁ ପୋଲିସ ଏସ୍‌ସିବିର ଶବ ସଂରକ୍ଷିତ ଗୃହରେ ରଖିଥିଲା। ହନିଫଙ୍କୁ କେହି ଦୁର୍ବୃତ୍ତ ହତ୍ୟା କରି ରାଜପଥ ଉପରେ ଫିଙ୍ଗି ଦେଇଥିବା ସହିଦ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଖୁଣ୍ଟୁଣୀ ଥାନାଧିକାରୀ ସତ୍ୟବ୍ରତ ଲେଙ୍କା କୁହନ୍ତି, ହନିଫ୍ ନାଲ୍‌କୋରେ ଏକ ହୋଟେଲରେ କାମ କରୁଥିଲେ। ସେ କିଛିଦିନ ପୂର୍ବେ ତାଙ୍କ ଘରକୁ ଆସିଥିଲେ। ଗତ ୧୧ ତାରିଖ ରାତିରେ ସେ ନାଲ୍‌କୋକୁ ବସ୍‌ରେ ଯିବାବେଳେ ବାଟରେ ଖୁଣ୍ଟୁଣୀଠାରେ ଏକ ଢାବାରେ ଖାଇଥିଲେ। ହେଲେ ସେଠାରେ ଟଙ୍କା ଦିଆନିଆ ନେଇ ଗଣ୍ଡଗୋଳ ଘଟିଥିଲା। ୧୨ ତାରିଖ ସକାଳେ ରାଜପଥ ଉପରେ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ଖୁଣ୍ଟୁଣୀ ପୋଲିସକୁ ଖବର ଦେଇଥିଲେ। ପରେ ପୋଲିସ ମୃତଦେହ ଜବତ କରି ଏକ ଦୁର୍ଘଟଣାଜନିତ ମାମଲା(ନଂ.୧୦୯/୧୮) ରୁଜୁ କରିଥିଲା। ଦୁର୍ଘଟଣା ଜନିତ ମାମଲାକୁ ହତ୍ୟା ମାମଲାରେ ରୂପାନ୍ତରିତ କରାଯାଇଛି। ଅଧିକ ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ସତ ପଦାକୁ ଆସିବ ବୋଲି ଥାନାଧିକାରୀ ଲେଙ୍କା କହିଛନ୍ତି।




ଭୁବନେଶ୍ୱର ସୂଚନାଭବନରେ ଶୁକ୍ରବାର ଅନୁଷ୍ଠିତ ଭାଦ୍ରବ ସତ୍‌ସଙ୍ଗ ପରିକ୍ରମା କାର୍ଯ୍ୟକ୍ରମରେ ଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।



କଟକ ସାରଳା ଭବନରେ ଶୁକ୍ରବାର ସାରଳା ସାହିତ୍ୟ ସଂସଦ ପକ୍ଷରୁ ଅନୁଷ୍ଠିତ ଜଷ୍ଟିସ୍ ରଙ୍ଗନାଥ ମିଶ୍ର ସ୍ମୃତିସଭାକୁ ସାହିତ୍ୟିକା ମନୋରମା ମହାପାତ୍ର ଉଦ୍‌ଘାଟନ କରୁଛନ୍ତି।

# ବିପ୍ରଡିହରେ ୩ ଗୋରୁଙ୍କୁ ମାରିଲା 'ସୁନ୍ଦରୀ'

**ବଇଣ୍ଡା,୧୪।୯ (ଡି.ଏନ.ଏ.)**

ସାତକୋଶିଆକୁ ଆସିଥିବା ମଧ୍ୟପ୍ରଦେଶ ବାଘୁଣୀ 'ସୁନ୍ଦରୀ' ଶୁକ୍ରବାର ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜ ବିପ୍ରଡିହ ଗ୍ରାମର ଗ୍ରାମର ପ୍ରକାଶ ପ୍ରଧାନଙ୍କ ଏକ ଗାଇ ଓ ବାଛୁରୀ ଏବଂ ବୃନ୍ଦାବନ ପ୍ରଧାନଙ୍କ ଏକ ଗାଇକୁ ମାରି ଦେଇଛି। ଏହାକୁ ନେଇ ଉତ୍ତ୍ୟକ୍ତ ଲୋକେ ଗ୍ରାମରେ ଥିବା ବିଟ୍ ହାଉସ୍‌କୁ ପୋଡ଼ି ଦେଇଛନ୍ତି।

ଅପରାହ୍ନ ପ୍ରାୟ ୫ଟାରେ ବାଘୁଣୀ ଧଣ୍ଡାତୋପା ରେଞ୍ଜକୁ ପଳାଇଆସି ବିପ୍ରଡିହ ଗ୍ରାମ ନିକଟ ଏକ ବିଲରେ ଚରୁଥିବା ୨ ଗାଇ ଓ ବାଛୁରୀକୁ ଘୋଷାଡ଼ି ନେଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଗୋରୁଙ୍କ ବୋବାଳି ଶୁଣି ଗାଈ ଚରାଳିମାନେ ଭୟରେ ଗ୍ରାମ ଭିତରକୁ ଚାଲିଆସିଥିଲେ। ଏହା ଜଣାପଡିବା ପରେ ଗ୍ରାମରେ ଉତ୍ତେଜନା ଦେଖା ଦେଇଥିଲା। ଗ୍ରାମବାସୀ ଗ୍ରାମରେ ଥିବା ବିଟ୍ ହାଉସରେ ନିଆଁ ଲଗାଇ ଦେଇଥିଲେ। ଖବରପାଇ ଠାକୁରଗଡ଼ ଆଇଆଇସି ବବାକ୍ଷ ନାୟକ, ଧଣ୍ଡାତୋପା ରେଞ୍ଜର ରାହସ ସାହୁ ଘଟଣାସ୍ଥଳରେ ପହଞ୍ଚିବା ସହ ଗ୍ରାମରେ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ବାଘୁଣୀ ଭୟରେ ନିକଟସ୍ଥ ଗ୍ରାମ କଂସାବ, କୋରାବ, କେଞ୍ଜୁଆନାଳୀ, ମଇମୁରା ଗ୍ରାମବାସୀ ଠେଙ୍ଗାବାଡ଼ି ଧରି ଜଗି ବସିଛନ୍ତି। ସପ୍ତାହେ ତଳେ ବାଘୁଣୀ ବିପ୍ରଡିହ ଗ୍ରାମକୁ ଆସି ଏକ ବାଛୁରୀ ମାରିଥିବାବେଳେ ଏବେ ପୁଣି ଗ୍ରାମ ନିକଟକୁ ଆସିଥିବାରୁ ଲୋକେ ଆତଙ୍କିତ ହୋଇପଡିଛନ୍ତି। ତୁରନ୍ତ ବାଘୁଣୀକୁ ସ୍ଥାନାନ୍ତର କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ଧଣ୍ଡାତୋପା ରେଞ୍ଜର ରାହସ ସାହୁ କହିଛନ୍ତି, ବାଘୁଣୀ ଉକ୍ତ ଗ୍ରାମକୁ ଆସିଥିବା ଖବର ପାଇଛୁ। ବନ ବିଭାଗ ପକ୍ଷରୁ ଏକ ଟିମ ଉକ୍ତ ଗ୍ରାମକୁ ଯାଇ ତଦନ୍ତ କରୁଛନ୍ତି।

# ୪ ଆନ୍ତଃ ଜିଲା ଡକାୟତ ଗିରଫ

**ମାହାଙ୍ଗା,୧୪।୯(ସ୍ୱ.ପ୍ର.)**

ମାହାଙ୍ଗା ଥାନା ପୋଲିସ ଏକ ଆନ୍ତଃ ଜିଲା ଡକାୟତ ଦଳର ୪ଜଣଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହ ସେମାନଙ୍କ ନିକଟରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ସାଲେପୁର ଏସ୍‌ଡିପିଓ ପ୍ରଦ୍ୟୁମ୍ନ କୁମାର ଜେନା କହିଛନ୍ତି।

ପ୍ରକାଶଯୋଗ୍ୟ, ମାହାଙ୍ଗା ଥାନା ଅଧୀନ ଗୌଡ଼ଗୋପବଜାରର ବୈରାଗୀ ଚରଣ ସାମଲଙ୍କ ତେଜରାତି ଦୋକାନରୁ ଗତ ସୋମବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ତାଲା ଭାଙ୍ଗି ଚୋରି କରୁଥିଲେ। ଏହି ସମୟରେ ବୈରାଗୀ ଓ ଗ୍ରାମବାସୀ ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କୁ କାବୁ କରିଥିଲେ। ତେବେ ସେମାନେ ଖସି ଯାଉଥିବାବେଳେ ଖବର ପାଇ ମାହାଙ୍ଗା ପୋଲିସ ଆସି କାବୁ କରିଥିଲା। ପରେ ସେମାନଙ୍କୁ ଅଟକ ରଖି ପୋଲିସ ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ କାବୁ କରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଚଢ଼ାଉବେଳେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଅଞ୍ଚଳରୁ ଗୁରୁବାର ୨ ଜଣଙ୍କୁ କାବୁ କରାଯାଇଥିଲା। ଗିରଫ ଅଭିଯୁକ୍ତ ହେଲେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ପରିଅଙ୍ଗ ଗ୍ରାମର ସୁଜିତ କୁମାର ସାମଲ(୨୫), ନବଦିଆ ଗ୍ରାମର ଜ୍ଞାନ ରଞ୍ଜନ ସ୍ୱାଇଁ(୨୫), କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ବେଲାରି ନୂଆଗାଁର ସୂର୍ଯ୍ୟମଣି ଜେନା(୩୭) ଓ କଟକ ଜିଲା ନରସିଂହପୁର ଥାନା ଗିଳିଣ୍ଡା ଗ୍ରାମର ସଞ୍ଜୟ ଦେହୁରୀ (୪୦)। ଏମାନଙ୍କ ନିକଟରୁ ଲକ୍ଷାଧିକ ଟଙ୍କାର ମ୍ୟୁଜିକାଲ ଇନ୍‌ଷ୍ଟ୍ରୁମେଣ୍ଟ ଓ ତେଜରାତି ସାମଗ୍ରୀ ଜବତ କରାଯାଇଛି। ଏଥି ମଧ୍ୟରେ ୧୦୦୦ ୱାଟ୍‌ର ୨ଟି ଆହୁଜା ଆମ୍ପଲିଫାୟାର, ୭୦୦ ୱାଟ୍‌ର ୨ଟି ଆମ୍ପଲିଫାୟାର, ସାରପି ଲାଇଟା ୨ଟି, ଅରଗାନ ୧ଟି, ଡିଜେ ମେଶିନ ୨ଟି, ପ୍ୟାଡ ୧ଟି, ଏସପି/ଡିଏସ.ପି-୨ଟି, କଡଲେସ ମାଇକ ସେଟ ୧ଟି, ରିଲେ ମେଶିନ ୧ଟି ଓ ହୋମ ଥିଏଟର ୧ଟି ସମେତ ବହୁ ତେଜରାତି ସାମଗ୍ରୀ ରହିଛି। ସେମାନେ ଯେଉଁ ଗାଡ଼ି ବ୍ୟବହାର କରୁଥିଲେ ସେ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ। ଗିରଫ ଅଭିଯୁକ୍ତଙ୍କ ନାମରେ କଟକ, ଜଗତ୍‌ସିଂହପୁର, ଯାଜପୁର ଓ କେନ୍ଦ୍ରାପଡା ଜିଲାର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ମାହାଙ୍ଗା ଥାନା ପୋଲିସ ମାମଲା ନଂ-୧୪୮, ୧୭୩ ଓ ୧୪୨/୧୮ ରୁଜୁ କରି ଏମାନଙ୍କୁ କୋର୍ଟଚାଲାଣ କରିଛି। ଏମାନେ ସାଧାରଣତଃ ତେଜରାତି ଦୋକାନ ଓ ମ୍ୟୁଜିକାଲ ଇନ୍‌ଷ୍ଟ୍ରମେଣ୍ଟକୁ ଗୁଡିକୁ ବିଳମ୍ବିତ ରାତିରେ ଦୋକାନ ତାଲା ଭାଙ୍ଗି ଚୋରି କରିଥାନ୍ତି। ପରେ ଏକ ୪ ଚକିଆ ଗାଡ଼ିରେ ଲଦି ନେଇଥାନ୍ତି। ଏମାନଙ୍କୁ ଧରିବା ପାଇଁ ମାହାଙ୍ଗା ଥାନା ଆଇଆଇସି ଯୁଗଳ କିଶୋର ଦାସଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇଥିଲା। ଏଥିରେ ଏସଆଇ ଶୁଭ୍ରାନ୍ତ କୁମାର ଜେନା, ଭଦ୍ରେଶ୍ୱର ଫାଣ୍ଡି ଅଧିକାରୀ ପବିତ୍ର ମହାରଣା, ଏଏସଆଇ ମନୋରଞ୍ଜନ ସାମଲ ଓ ହାପିଜ ଖାଁ ପ୍ରମୁଖ ଥିଲେ। ଜଗତ୍‌ସିଂହପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଚୋରି ସାମଗ୍ରୀ ଜବତ କରାଯାଇଛି। ମାହାଙ୍ଗା ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀରେ ଏସଡିପିଓ ଜେନା ଏହି ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଶୁଭାଂଶୁ ଶେଖର ପରିଡା ଓ ମାହାଙ୍ଗା ଥାନା ଆଇଆଇସି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

- ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜବତ
- ବିଳମ୍ବିତ ରାତିରେ କରୁଥିଲେ ଚୋରି
- ବିଭିନ୍ନ ଥାନାରେ ରହିଛି ଏକାଧିକ ମାମଲା



ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

# ଜଟଣୀର ପ୍ରସିଦ୍ଧ ଗଣେଶ ପୂଜା



ଜଟଣୀ ସୀତାରାମ ଛକ ଗଣେଶ ମୂର୍ତ୍ତି।



ଗୋପବନ୍ଧୁ ବଜାର।



ଥାନା ଛକ।



ରାଜା ବଜାର।

# ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ ମନ ମୋହିଲା

**ଜଟଣୀ,୧୪।୯(ଡି.ଏନ.ଏ)**

ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ଉତ୍ସବର ଶୁକ୍ରବାର ଦ୍ୱିତୀୟ ଦିନରେ ବହୁ ଜନସମାଗମ ହୋଇଥିଲା। ବିଭିନ୍ନ ପୂଜା ପେଣ୍ଡାଲଗୁଡ଼ିକରେ ଗହଳି ପରିଲକ୍ଷିତ ହୋଇଥିଲା। ସ୍ଥାନୀୟ ଶରତ ପାଇକରାୟ ଷ୍ଟାଡିୟମ ପରିସରରେ କଳିଙ୍ଗ ଯୁବ ପରିଷଦ ପକ୍ଷରୁ ଆୟୋଜିତ ଜଟଣୀ ଗଣେଶ ମହୋତ୍ସବ ପେଣ୍ଡାଲରେ ବିଭିନ୍ନ ପାରମ୍ପରିକ ନୃତ୍ୟ ପରିବେଷିତ ହୋଇଥିଲା। ଦ୍ୱିତୀୟ ଦିନ ଉତ୍ସବରେ ମହିଳା ଶିଶୁକଲ୍ୟାଣ ବିଭାଗର ଜଏଣ୍ଟ ସେକ୍ରେଟାରୀ ଧରଣୀଧର ନନ୍ଦ, ହାସ୍ୟ ଅଭିନେତା ଜୀବନ ପଣ୍ଡା, ମଧୁଲିକା ପତ୍ରିକାର ସମ୍ପାଦିକା ମଧୁମିତା ପରିଡ଼ା, ସାମାଜିକ କର୍ମୀ ପ୍ରୀତିଛନ୍ଦା ଧଳ, ସୁରଜ ପାଇକରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ନୃତ୍ୟଶ୍ରୀ ଓ ବିଶ୍ୱରୂପା ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ଲୋକଙ୍କ ମନ ଛୁଇଁ ନେଇଥିଲା। ଏଠାରେ ହୋଇଥିବା ମିନାବଜାର, ସର୍କସ, ବିଭିନ୍ନ ମନୋରଞ୍ଜନ ଧର୍ମୀ ଖେଳ ନିକଟରେ ପ୍ରବଳ ଗହଳି ହୋଇଥିଲା। ସେହିପରି ଖୁଡୁପୁର ଛକରେ ହୋଇଥିବା ମହୋତ୍ସବ ପରିସରରେ ଅନେକ ଜନସମାଗମ ହୋଇଥିଲା। ପୋଲିସ କମିଶନର ସତ୍ୟଜିତ ମହାନ୍ତି ବିଭିନ୍ନ ପୂଜା ପେଣ୍ଡାଲ ବୁଲି ରାତିରେ ଶାନ୍ତି ଶୃଙ୍ଖଳା ପରିସ୍ଥିତିର ତଦାରଖ କରିଥିଲେ।



ଜଟଣୀ ଗଣେଶ ମହୋତ୍ସବରେ ମଞ୍ଚାସୀନ ଅତିଥି।



ମହୋତ୍ସବରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।



"କଳାତ୍ମକ ପ୍ରଦର୍ଶନ ପାଇଁ କଳାକାରଙ୍କୁ ବିଚାର କରାଯାଉଥିବା ବେଳେ ମୁଁ ଚରିତ୍ରର ଭୂମିକା ଉପରେ ଗୁରୁତ୍ୱ ଦେଇଥାଏ ।
-ପଙ୍କଜ ତ୍ରିପାଠୀ, ବଲିଉଡ୍ ଅଭିନେତା

# ଚନ୍ଦ୍ରକୁ ଯାତ୍ରା କରିବେ ପର୍ଯ୍ୟଟକ




**ଲସ୍ ଏଞ୍ଜେଲସ୍:** ପର୍ଯ୍ୟଟକଙ୍କୁ ଚନ୍ଦ୍ରଯାତ୍ରାର ଅନୁଭୂତି ପ୍ରଦାନ ଲାଗି ସ୍ପେସେକ୍ସ କମ୍ପାନୀ ଗୁରୁବାର ଏକ ନୂଆ ଯୋଜନା ଘୋଷଣା କରିଛି। ଏଥିପାଇଁ ଏହାର ବିଗ୍ ଫାଲକନ୍ ରକେଟ୍ (ବିଏଫ୍ଆର) ବ୍ୟବହାର କରାଯିବ। ଏହା ଏକ ବୃହତ୍ ଲଞ୍ଚ୍ ଭେଇକିଲ୍। ମହାକାଶକୁ ଯାତ୍ରୀଙ୍କୁ ପରିବହନ କରିନେବା ଲାଗି ଏହାର ଡିଜାଇନ୍ ପ୍ରସ୍ତୁତ କରାଯାଇଛି। ମହାକାଶ ଯାତ୍ରା ଲାଗି ଜନସାଧାରଣଙ୍କ ସ୍ୱପ୍ନ ପୂରଣ ହେବାକୁ ଯାଉଛି। ସ୍ପେସେକ୍ସ ଏଥିପାଇଁ ବିଶ୍ୱର ସର୍ବପ୍ରଥମ ଯାତ୍ରୀବାହୀ ରକେଟ୍ ଲଞ୍ଚ୍ କରିବ। ମହାକାଶ ଯାତ୍ରା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କମ୍ପାନୀ ପକ୍ଷରୁ ଟୁଇଟରରେ ପ୍ରକାଶ କରାଯାଇଛି। ତେବେ ଏ ସମ୍ପର୍କରେ ବିସ୍ତୃତ ବିବରଣୀ ମିଳିପାରିନାହିଁ। ୨୦୧୮ ଶେଷଭାଗରେ ପ୍ରଥମକରି ପୃଥିବୀରୁ ଦୁଇଜଣ ପର୍ଯ୍ୟଟକଙ୍କୁ ଚନ୍ଦ୍ରକୁ ପଠାଇବା ପାଇଁ ସ୍ପେସେକ୍ସ ୨୦୧୭ ଫେବୃୟାରୀରେ ଘୋଷଣା କରିଥିଲା। ଦୁଇ ପର୍ଯ୍ୟଟକଙ୍କ ପରିଚୟ ଏବଂ ସେମାନେ ଏଥିପାଇଁ କେତେ ପାଉଣା ଦେବେ ସେ ବିଷୟ ପ୍ରକାଶ କରାଯାଇ ନାହିଁ। କିନ୍ତୁ ଏ ସମ୍ପର୍କିତ ବିସ୍ତୃତ ରିପୋର୍ଟ ସୋମବାର ପ୍ରକାଶ ପାଇବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ୧୯୭୨ ଆପୋଲୋ ମିଶନ୍ ପରେ ଏ ଯାଏ ମଣିଷର ପାଦ ଚନ୍ଦ୍ରପୃଷ୍ଠରେ ପଡିନାହିଁ। ଆମେରିକୀୟ ମହାକାଶଚାରୀ ନିଲ୍ ଆର୍ମଷ୍ଟ୍ରଙ୍ଗ୍ ଏବଂ ବଜ୍ ଆଲଡ୍ରିନ୍ ୧୯୬୯ରେ ପ୍ରଥମେ ଚନ୍ଦ୍ରପୃଷ୍ଠରେ ପାଦ ଥାପିଥିଲେ। ସେହି ସମୟରେ ବିଶ୍ୱବାସୀଙ୍କୁ ଆର୍ମଷ୍ଟ୍ରଙ୍ଗ ଘୋଷଣା କରି ଜଣାଇଥିଲେ–'ମଣିଷ ପାଇଁ ଏହା ଏକ ଛୋଟ ପଦପାତ ହୋଇପାରେ କିନ୍ତୁ ମାନବ ଜଗତ ପାଇଁ ଏକ ବଡ଼ ସଫଳତା।' ଏ ପର୍ଯ୍ୟନ୍ତ ବିଶ୍ୱର ୨୪ଜଣ ବ୍ୟକ୍ତି ଚନ୍ଦ୍ରପୃଷ୍ଠରେ ପାଦ ଥାପି ସାରିଲେଣି।

## ହୃଦୟ ସହ ଭଲପାଏ ଗଣେଶ ଉତ୍ସବ




**ମୁମ୍ବାଇ:** ବର୍ତ୍ତମାନ ନ୍ୟୁୟର୍କରେ ଚିକିତ୍ସାଧୀନ ଥିବା ବଲିଉଡ୍ ଅଭିନେତ୍ରୀ ସୋନାଲି ବେନ୍ଦ୍ରେ ମୁମ୍ବାଇରେ ଗଣେଶ ଚତୁର୍ଥୀ ଉତ୍ସବ ପାଳନ କରିବାର ସୁଯୋଗ ହରାଇଥିବାରୁ ଦୁଃଖ ପ୍ରକାଶ କରିଛନ୍ତି। ସେ ମେଟାଷ୍ଟାଟିକ୍ କ୍ୟାନ୍ସରରେ ପୀଡିତ ଅଛନ୍ତି। ଗଣେଶ ପୂଜା ତାଙ୍କ ହୃଦୟ ସହ କିପରି ଜଡ଼ିତ ସେ ବିଷୟ ନିଜ ଟୁଇଟର ଆକାଉଣ୍ଟରେ ଶେୟାର କରିଛନ୍ତି। ସେ ତାଙ୍କ ସ୍ୱାମୀ ଗୋଲ୍ଡି ବେଲ୍ ଏବଂ ପୁତ୍ର ରଣବୀର ବେଲ୍‌ଙ୍କ ସହିତ ଭଗବାନ୍ ଗଣେଶଙ୍କୁ ପ୍ରାର୍ଥନା କରୁଥିବାର ଫଟୋ ଟୁଇଟରରେ ପୋଷ୍ଟ କରିଛନ୍ତି। 'ଗଣେଶ ଚତୁର୍ଥୀ ସହିତ ମୁଁ ଗଭୀର ଭାବରେ ଜଡ଼ିତ ରହିଆସିଛି। ମୁମ୍ବାଇରେ ଉତ୍ସବ ପାଳନକୁ ହରାଇଛି। କିନ୍ତୁ ଭଗବାନଙ୍କ ଆଶୀର୍ବାଦ ପାଇବା ଭଳି ମନେହେଉଛି।' ଜୀବନ ପ୍ରତି ସୋନାଲିଙ୍କ ସକାରାତ୍ମକ ମନୋଭାବ ଆମକୁ ପ୍ରେରଣା ଦିଏ ଏବଂ ପରିସ୍ଥିତି ଯାହା ହେଉନା କାହିଁକି ହସହସ ମୁହଁରେ ବଞ୍ଚିବା ପାଇଁ ଶିକ୍ଷାଦିଏ। ସୋନାଲିଙ୍କ ପରି ଜଣେ ଅଭିନେତ୍ରୀଙ୍କ ଉତ୍ସାହକୁ ଆମେ ପ୍ରଶଂସା କରିବା ସହିତ ତାଙ୍କର ଆଶୁ ଆରୋଗ୍ୟ କାମନା କରୁ। ସୋନାଲିଙ୍କ ସ୍ୱାସ୍ଥ୍ୟ ସମସ୍ୟା ନେଇ ପ୍ରଶଂସକ ଏବଂ ବଲିଉଡ୍ ସହ ଜଡ଼ିତ ବନ୍ଧୁମାନେ ଖୁବ୍ ମ୍ରିୟମାଣ ହୋଇପଡିଛନ୍ତି। ଅନେକ ସେଲିବ୍ରିଟି ତାଙ୍କୁ ସମର୍ଥନ ଜଣାଇ ତାଙ୍କର ଆଶୁ ଆରୋଗ୍ୟ କାମନା କରି ଟୁଇଟର/ଇନ୍‌ଷ୍ଟାଗ୍ରାମ୍‌ରେ ମେସେଜ୍ ଦେଇଛନ୍ତି। ସୋନାଲି ମଧ୍ୟ ନିୟମିତ ତାଙ୍କର ସ୍ୱାସ୍ଥ୍ୟ ସମ୍ପର୍କରେ ଅପଡେଟ୍ ଖବର, ଫଟୋ ଏବଂ ଭିଡିଓ ସୋସିଆଲ୍ ମିଡିଆରେ ପୋଷ୍ଟ କରନ୍ତି। ସେ କ୍ୟାନସରରେ ପୀଡିତ ଥାଇ ସୁଦ୍ଧା ନିଜର ଦୃଢ଼ ମନୋବଳ ଯୋଗୁ ଅଟଳ ବ୍ୟକ୍ତିତ୍ୱର ପରିଚୟ ଦିଅନ୍ତି।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ହେବା ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୫ | ୨୫.୮ |
| ଚାନ୍ଦବାଲି | ୩୪.୧ | ୨୬.୯ |
| କଟକ | ୩୪.୦ | ୨୫.୫ |
| ପାରାଦ୍ୱୀପ | ୩୩.୮ | ୨୮.୩ |
| ଭୁବନେଶ୍ୱର | ୩୪.୫ | ୨୬.୦ |
| ଗୋପାଳପୁର | ୩୪.୫ | ୨୭.୦ |
| ପୁରୀ | ୩୫.୬ | ୨୭.୪ |
| ଅନୁଗୋଳ | ୩୪.୭ | ୨୩.୬ |
| ବାରିପଦା | ୩୪.୫ | ୨୭.୨ |
| ଝାରସୁଗୁଡ଼ା | ୩୪.୧ | ୨୫.୬ |
| କେନ୍ଦୁଝର | ୩୧.୭ | ୨୪.୨ |
| ସମ୍ବଲପୁର | ୩୪.୮ | ୨୩.୬ |
| ସୁନ୍ଦରଗଡ଼ | ୩୩.୦ | ୨୨.୫ |
| ହୀରାକୁଦ | ୩୪.୬ | ୨୫.୧ |
| ତାଳଚେର | ୩୪.୫ | ୨୬.୦ |
| ଭବାନୀପାଟଣା | --- | ୨୪.୫ |
| ବଲାଙ୍ଗୀର | ୩୪.୩ | ୨୪.୫ |
| କୋରାପୁଟ | ୨୯.୬ | ୨୦.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୨୩.୫ |
| ମାଲକାନଗିରି | ୩୪.୨ | --- |
| ସୋନପୁର | ୩୫.୦ | ୨୩.୪ |
| ଦାରିଙ୍ଗିବାଡ଼ି | ୨୯.୦ | ୨୦.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ଇତିହାସର ଆଇନାରେ

### ସେପ୍ଟେମ୍ବର ୧୫ର ପ୍ରମୁଖ ଘଟଣା

୧୯୭୪ ସେପ୍ଟେମ୍ବର ୧୫ରେ ଏୟାର ଭିଏତନାମର ବିମାନ–୭୦୬କୁ ଜଣେ ଆତତାୟୀ ଅପହରଣ କରି ନେଇଥିଲେ। ହାତରେ ଦୁଇଟି ଗ୍ରେନେଡ୍ ଧରି ଆତତାୟୀ ଜଣକ ଉତ୍ତର ଭିଏତନାମାକୁ ବିମାନ ନେବାକୁ ଧମକ ଦେଇଥିଲେ। ତେବେ ଏହା ଅବତରଣ କରିବା ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବିମାନରେ ଥିବା ୭୫ ଜଣ ଯାତ୍ରୀଙ୍କର ମୃତ୍ୟୁ ହୋଇଥିଲା।

୧୯୬୬ ସେପ୍ଟେମ୍ବର ୧୫ରେ ଅଷ୍ଟିନରେ ଥିବା ଟେକ୍ସାସ୍ ବିଶ୍ୱବିଦ୍ୟାଳୟରେ ସ୍ନିପର ଆକ୍ରମଣ ଘଟଣା ନେଇ ଆମେରିକାର ରାଷ୍ଟ୍ରପତି ଲିଣ୍ଡନ ବେଇନ୍ସ ଜନ୍‌ସନ୍ କଂଗ୍ରେସକୁ ବନ୍ଧୁକ ନିୟନ୍ତ୍ରଣ ଆଇନ ଲାଗୁ କରିବା ନେଇ ଚିଠି ଲେଖିଥିଲେ। ଚାର୍ଲି ଯୋସେଫ୍ ହ୍ୱାଇଟମ୍ୟାନ୍ ନାମକ ଜଣେ ଆମେରିକୀୟ ଏହି ଗୁଳିକାଣ୍ଡ ଘଟଣାରେ ସମ୍ପୃକ୍ତ ଥିଲେ।

# ମହାତ୍ମାଙ୍କ ଜନ୍ମବାର୍ଷିକୀରେ 'ଦି ଲ୍ୟାଣ୍ଡ ଅଫ୍ ଗାନ୍ଧୀ' ଲୋଗୋ




**ନୂଆଦିଲ୍ଲୀ:** ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ସ୍ମାରକୀ ସ୍ୱରୂପ ପର୍ଯ୍ୟଟନ ମନ୍ତ୍ରଣାଳୟ 'ଦି ଲ୍ୟାଣ୍ଡ ଅଫ୍ ଗାନ୍ଧୀ' ନାମରେ ଏକ ଲୋଗୋ ଉନ୍ମୋଚନ କରିବାକୁ ଯାଉଛି। ମନ୍ତ୍ରଣାଳୟ ସଚିବ ରଶ୍ମି ବର୍ମାଙ୍କ କହିବାନୁଯାୟୀ, ଅକ୍ଟୋବର ୨, ୨୦୧୮ରୁ ମାର୍ଚ୍ଚ ୩୦, ୨୦୧୯ ମଧ୍ୟରେ ଭାରତରେ ଏବଂ ଭାରତ ବାହାରେ ଗାନ୍ଧୀଙ୍କ ଜୀବନୀ ଉପରେ ବିଭିନ୍ନ ଉତ୍ସବ ପାଳନ କରାଯିବ। ଏଥିପାଇଁ ସବୁ ମନ୍ତ୍ରଣାଳୟକୁ ସେମାନଙ୍କ ଯୋଜନା ପ୍ରସ୍ତୁତ କରିବାକୁ କୁହାଯାଇଛି। 'ଦି ଲ୍ୟାଣ୍ଡ ଅଫ୍ ଗାନ୍ଧୀ' ଲୋଗୋ ଉନ୍ମୋଚନ କରାଯାଇ ଏହାକୁ ପ୍ରାଧାନ୍ୟ ଦେଇ ପ୍ରଦର୍ଶନ କରାଯିବ। ମନ୍ତ୍ରଣାଳୟର ବିଦେଶରେ ଥିବା କାର୍ଯ୍ୟାଳୟଗୁଡିକ ଗାନ୍ଧୀଙ୍କ ଜୀବନୀ ଉପରେ ଲିଟରେଚର ବଣ୍ଟନ କରିବେ। ଗାନ୍ଧୀଙ୍କ ଜୀବନୀ ଉପରେ ଶିକ୍ଷଣୀୟ ବିଷୟବସ୍ତୁର ପ୍ରଚାର ଓ ପ୍ରସାର ଲାଗି କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯିବା ସହିତ ତାଙ୍କ ଜୀବନୀ ଉପରେ ସଚେତନତା ସୃଷ୍ଟି କରାଯିବ। ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ମନ୍ତ୍ରଣାଳୟ ୱେବ୍‌ସାଇଟ୍‌ରେ ଏକ ସ୍ୱତନ୍ତ୍ର ପୃଷ୍ଠା ରହିବ। ସୂଚନାଯୋଗ୍ୟ ଯେ, ଗାନ୍ଧୀ ଜୟନ୍ତୀ ଉତ୍ସବ ପାଳନ ପାଇଁ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ତାଙ୍କ ବଜେଟ୍ ଅଭିଭାଷଣରେ ୧୫୦ କୋଟି ଟଙ୍କା ବ୍ୟୟବରାଦ କରିଥିଲେ।

## ଅନ୍ୟାନ୍ୟ ଖବର

# ୨୧ ସୁଦ୍ଧା ଗିରଫ ହେବେ ନାଇଡୁ

**ନୂଆଦିଲ୍ଲୀ, ୧୪।୯(ଆଇଏଏନ୍‌ଏସ୍)**

ବେଆଇନ ବିକ୍ଷୋଭ ପ୍ରଦର୍ଶନ ମାମଲାରେ ମହାରାଷ୍ଟ୍ରର ଏକ କୋର୍ଟ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ନାଁରେ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରିଛନ୍ତି। ମାମଲାର ଅନ୍ୟ ୧୫ ଅଭିଯୁକ୍ତଙ୍କ ବିରୋଧରେ ମଧ୍ୟ ୱାରେଣ୍ଟ ହୋଇଛି। ନନ୍ଦେଡ୍ ଜିଲା ଅନ୍ତର୍ଗତ ଧର୍ମବାଦର ବିଚାରବିଭାଗୀୟ ମାଜିଷ୍ଟ୍ରେଟ (ପ୍ରଥମ ଶ୍ରେଣୀ) ଏନ୍.ଆର୍. ଗଜଭିୟେ ଏହି ନିର୍ଦ୍ଦେଶ ଦେଇଛନ୍ତି। ନାଇଡୁଙ୍କ ସମେତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି ସେପ୍ଟେମ୍ବର ୨୧ ସୁଦ୍ଧା କୋର୍ଟରେ ହାଜର କରିବାକୁ ବିଚାରପତି କହିଛନ୍ତି। ତେବେ ଏନ୍‌ବିଡବ୍ଲ୍ୟୁକୁ ତାଙ୍କର ଭୟନାହିଁ ବୋଲି ନାଇଡୁ କହିଛନ୍ତି।

ଅବିଭାଜିତ ଆନ୍ଧ୍ରପ୍ରଦେଶର ବିରୋଧୀ ଦଳ ନେତା ଥିବାବେଳେ ନାଇଡୁ ଗୋଦାବରୀ ନଦୀ ଉପରେ ନିର୍ମାଣ ହୋଇଥିବା ବାବ୍‌ଲି ପ୍ରକଳ୍ପକୁ ବିରୋଧ କରି ୨୦୧୦ରେ ବଡ଼ଧରଣର ବିକ୍ଷୋଭ କରିଥିଲେ। ୪୦ ବିଧାୟକ ଓ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି)ର ସମର୍ଥକଙ୍କୁ ନେଇ ସେ ମହାରାଷ୍ଟ୍ର ଅଭିମୁଖେ ଶୋଭାଯାତ୍ରା କରିଥିଲେ। ପୋଲିସ ସେମାନଙ୍କୁ ଗିରଫ କରିବା ସହ ମାମଲା ରୁଜୁ କରିଥିଲା। ତେବେ ଜାମିନ ଆବେଦନ ନ କରି ସୁଦ୍ଧା ସେମାନେ ମୁକୁଳିଯାଇଥିଲେ। ଏହି ମାମଲାର ପେଡ଼ି ଖୋଲିବା ପାଇଁ ନିକଟରେ ଜଣେ ଆବେଦନକାରୀ ଧର୍ମବାଦ କୋର୍ଟରେ ପିଟିଶନ ଦାଏର କରିଥିଲେ। ଏହାପରେ କୋର୍ଟ ନାଇଡୁ ଓ ଅନ୍ୟ ଅଭିଯୁକ୍ତଙ୍କ ଗିରଫଦାରି ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟାନୁଷ୍ଠାନ ପଛରେ ଭାଜପା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଷଡ଼ଯନ୍ତ୍ର ରହିଛି ବୋଲି ନାଇଡୁଙ୍କ ଦଳ ଟିଡିପି କହିଛି। ଏହା ବିରୋଧରେ ସ୍ୱର ଉଠାଇ ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରେ ଆନ୍ଦୋଳନ କରିବ ବୋଲି ଟିଡିପି ପକ୍ଷରୁ ଘୋଷଣା କରାଯାଇଛି। ନାଇଡୁଙ୍କ ପୁଅ ତଥା ଆନ୍ଧ୍ରପ୍ରଦେଶର ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଏନ୍. ଲୋକେଶ କହିଛନ୍ତି, ତାଙ୍କ ବାପା ଓ ଅନ୍ୟ ଟିଡିପି ନେତାମାନେ କୋର୍ଟରେ ହାଜର ହେବେ। ଲୋକଙ୍କ ସ୍ୱାର୍ଥ ପାଇଁ ନାଇଡୁ ଲଢ଼ିଥିଲେ। ତେଣୁ ସେ ଗିରଫ ହେବା ପରେ ଜାମିନ ଆବେଦନ ମଧ୍ୟ କଲେ ନାହିଁ ବୋଲି ଲୋକେଶ କହିଛନ୍ତି।

### ଟିଡିପିର ଆନ୍ଦୋଳନ ଧମକ



## ୟୁପିରେ ଚାଷୀ ଆତ୍ମହତ୍ୟା

**ମୁଜାଫରନଗର, ୧୪।୯(ପି.ଟି.)**

ଉତ୍ତରପ୍ରଦେଶ (ୟୁପି)ର ମୁଜାଫରନଗର ଜିଲା ଅନ୍ତର୍ଗତ ରାଜପୁର ଗ୍ରାମରେ ଜଣେ ଚାଷୀ ଆତ୍ମହତ୍ୟା କରିଛନ୍ତି। ଋଣଭାର ଯୋଗୁ ରବିନ୍ଦର କୁମାର (୪୮) ଚିନ୍ତିତ ଥିଲେ। ଋଣ ପରିଶୋଧ କରି ନ ପାରିବାରୁ ଗୁରୁବାର ସେ ଜୀବନ ହାରିଛନ୍ତି। ଏନେଇ ଶୁକ୍ରବାର ପୋଲିସ ସୂଚନା ଦେଇଛି।

# ଭାରତର ୬ ବିମାନବନ୍ଦରକୁ ଅନ୍ତର୍ଜାତୀୟ ପୁରସ୍କାର

ନୂଆଦିଲ୍ଲୀ, ୧୪।୯– ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆର ୬ଟି ବିମାନବନ୍ଦରକୁ ଅନ୍ତର୍ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି। ଏୟାରପୋର୍ଟ ସର୍ଭିସ କ୍ୱାଲିଟି (ଏଏସ୍‌କ୍ୟୁ) ଆୱାର୍ଡ୍‌ସ–୨୦୧୭ କାନାଡାର ହାଲିଫାକ୍ସସ୍ଥିତ କଷ୍ଟମର ଏକ୍‌ସେଲେନ୍ସ ଗ୍ଲୋବାଲ ସମିତିଠାରେ ଏୟାରପୋର୍ଟସ କାଉନସିଲ୍ ଇଣ୍ଟରନ୍ୟାଶନାଲ(ଏସିଆଇ) ଦ୍ୱାରା ପ୍ରଦାନ କରାଯାଇଛି। ଏୟାରପୋର୍ଟସ ଅଥରିଟି ଅଫ୍ ଇଣ୍ଡିଆ (ଏଏଆଇ)ର ୬ଟି ବିମାନବନ୍ଦରକୁ ବିଭିନ୍ନ କାଟେଗୋରିରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏଗୁଡ଼ିକ ହେଲା ଲକ୍ଷ୍ନୌ, ଇନ୍ଦୋର, ଅହମ୍ମଦାବାଦ୍, ଚେନ୍ନାଇ, କୋଲକାତା ଏବଂ ପୁନେ ଏୟାରପୋର୍ଟ।

# ଆଇବିବିୱାଇରେ ଓଡ଼ିଆ ଲେଖକଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୧୪।୯(ବ୍ୟୁରୋ)**



ରମେନ୍ଦ୍ର କୁମାର

ଓଡ଼ିଶାର ଜଣାଶୁଣା ଶିଶୁ ସାହିତ୍ୟିକ ରମେନ୍ଦ୍ର କୁମାରଙ୍କୁ ୩୬ତମ ଇଣ୍ଟରନ୍ୟାଶନାଲ ବୋର୍ଡ ଅନ୍ ବୁକ୍ସ ଫର୍ ୟଙ୍ଗ୍ ପିପୁଲ(ଆଇବିବିୱାଇ) କଂଗ୍ରେସରେ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଛି। ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ଗ୍ରୀସ୍‌ର ଏଥେନ୍ସ ସହରରେ ଅନୁଷ୍ଠିତ ଏହି ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମରେ ଏକମାତ୍ର ଭାରତୀୟ ଲେଖକ ଭାବେ ରମେନ୍ଦ୍ର ଏହି ସମ୍ମାନ ପାଇଛନ୍ତି। ଶିଶୁ ସାହିତ୍ୟ ଉପରେ ପର୍ଯ୍ୟବସିତ ୩ ଦିନିଆ ଆଇବିବିୱାଇ କଂଗ୍ରେସ ଚଳିତବର୍ଷ ୭୦ଟି ଦେଶର ୪୫୦ରୁ ଊର୍ଦ୍ଧ୍ୱ ପ୍ରତିନିଧିଙ୍କୁ ନେଇ ଆୟୋଜିତ ହୋଇଥିଲା। ଏଥିରେ ରମେନ୍ଦ୍ର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଅଧିବେଶନରେ ଅଧ୍ୟକ୍ଷତା କରିବା ସହ 'ଦି ବ୍ରେଭ୍ ନ୍ୟୁ ୱାର୍ଲଡ ଅଫ୍ ଇଣ୍ଡିଆନ୍ ଚିଲ୍‌ଡ୍ରେନ୍ସ ଲିଟରେଚର' ବିଷୟବସ୍ତୁ ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହାସହ ଆଇବିବିୱାଇ ମଞ୍ଚରେ ସେ ଜଗନ୍ନାଥ ସଂସ୍କୃତିର ପ୍ରାଚୁର୍ଯ୍ୟତା ଓ ମହାନତା ସମ୍ପର୍କରେ କହିଥିଲେ। ଜଣେ ଶିଶୁ ସାହିତ୍ୟିକ ଭାବେ ପ୍ରାୟ ୩୩ଟି ପୁସ୍ତକ ରଚନା କରିଥିବା ରମେନ୍ଦ୍ର ଚିଲ୍‌ଡ୍ରେନ୍ସ ବୁକ୍ ଟ୍ରଷ୍ଟ(ସିବିଟି) ପକ୍ଷରୁ ୩୦ରୁ ଊର୍ଦ୍ଧ୍ୱ ସମ୍ମାନର ଅଧିକାରୀ ହୋଇଛନ୍ତି। ତାଙ୍କ ପୁସ୍ତକଗୁଡ଼ିକ ୨୮ଟି ଭାରତୀୟ ଏବଂ ବିଦେଶୀ ଭାଷାରେ ଅନୁବାଦ ହୋଇଛି। ତାଙ୍କର ୬ଟି ପୁସ୍ତକ ସିବିଏସ୍‌ଇ ସପ୍ଲିମେଣ୍ଟାରୀ ପରୀକ୍ଷାର୍ଥୀଙ୍କ ପାଇଁ ଚୟନ ହୋଇଥିବା ବେଳେ ୧୧ଟି ଗପ ସିବିଏସ୍‌ଇ ଟେକ୍ସଟ୍ ବୁକ୍‌ରେ ସ୍ଥାନ ପାଇଛି।

# ୨ ଭଉଣୀଙ୍କ ସଲିଳ ସମାଧି

**ଛେଣ୍ଡିପଦା,୧୪।୯ (ଡି.ଏନ.ଏ.)/(ନି.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଜରପଡ଼ା ଥାନା ଓଗୀ ପଞ୍ଚାୟତ ଲେମ୍ବୁଡଇଳା ଗ୍ରାମ ନିକଟସ୍ଥ ଏକ ନାଳରେ ବୁଡ଼ି ଶୁକ୍ରବାର ଦୁଇ ଭଉଣୀଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ପୀତାମ୍ବର ସାହୁଙ୍କ ଦୁଇ ଝିଅ ଝୁନୁବାଳା ସାହୁ(୧୪) ଏବଂ ରୁନୁବାଳା ସାହୁ(୧୨)। ଏ ନେଇ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। ପ୍ରକାଶ ଯେ, ସକାଳେ ଘର ପାଖ ନାଳକୁ ୨ ଭଉଣୀ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ଯାଇଥିଲେ। ପରେ ସ୍ଥାନୀୟ ଲୋକେ ପାଣିରୁ ଉଭୟଙ୍କ ମୃତଦେହ ଉଦ୍ଧାର କରିଥିଲେ। ଜରପଡା ପୋଲିସ ସେଠାରେ ପହଞ୍ଚି ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ନେଇ ନଂ. ୯/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଝୁନୁବାଳା ଅନ୍ତୁଳିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଓ ରୁନୁବାଳା ଷଷ୍ଠ ଶ୍ରେଣୀରେ ପଢୁଥିଲେ।


idco Your power to grow | ODISHA NEW OPPORTUNITIES
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022
OFFICE OF THE CHIEF GENERAL MANAGER (CIVIL) IDCO, IDCO TOWER, BHUBANESWAR.
Tender Call Notice No. EST- 38 / 2018 -19 / 19042 Dt. 11.09.2018
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

| Sl. No. | Name of the Work | Procurement Officer | Bid Identification No. | Period of Completion | Value of Work | Availability of Tender on-Line for Bidding | |
|---|---|---|---|---|---|---|---|
| | | | | | | From | To |
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of Entry Gate of Government College of Engineering at Keonjhar | CGM (Civil), IDCO, IDCO Tower, Janpath, Bhubaneswar | Bid ID. No. Civil - EST - E - 38/ 2018-19 | 06 (Six) Calendar Months | Rs.86,35,326.00 | 18.00 Hours of 18.09.2018 | 17.00 Hours of 03.10.2018 |

Further details can be seen from the e-procurement portal. www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.
Sd/-
Chief General Manager (Civil), I/C
IDCO, Bhubaneswar



ଭୁବନେଶ୍ୱର ମହାନଗର ନିଗମ
ସଂଖ୍ୟା.୩୦୬୬୬ ତା.୧୩.୦୯.୨୦୧୮
ବିଜ୍ଞାପନ
ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଥିବା ସମସ୍ତ ଦୋକାନ ମାଲିକ ଏବଂ ବ୍ୟବସାୟ ପ୍ରତିଷ୍ଠାନମାନେ ନିଜ ପ୍ରତିଷ୍ଠାନର ନାମକୁ ସ୍ପଷ୍ଟ ଓଡିଆରେ ଲେଖି ପ୍ରତିଷ୍ଠାନ ସମ୍ମୁଖରେ ଫଳକ ମାରିବାକୁ ଜଣାଇଦିଆଯାଉଅଛି । ଆବଶ୍ୟକ ସ୍ଥଳେ ଓଡିଆ ସହିତ ଅନ୍ୟ ଭାଷାର ଫଳକ ମଧ୍ୟ ମାରିପାରିବେ । ଏହା ଓଡିଶା ସରକାରଙ୍କ ଦ୍ୱାରା ପ୍ରଣୀତ **"ଓଡିଶା ଦୋକାନ ଏବଂ ବ୍ୟବସାୟ ପ୍ରତିଷ୍ଠାନ (ସଂଶୋଧନ) ଆଇନ୍ ୨୦୧୮"** ଭିତ୍ତିରେ କରାଯାଇଛି,ଯାହାକି ଓଡିଶା ସରକାରଙ୍କ ରାଜପତ୍ର ସଂଖ୍ୟା - ୮୨୪ ରେ ୩୦ ମଇ ୨୦୧୮ ରେ ପ୍ରକାଶିତ ହୋଇଛି ।
ତେଣୁ ବିଏମ୍‌ସି ସୀମା ଭିତିରେ ଥିବା ପ୍ରତ୍ୟେକ ଦୋକାନ ଏବଂ ବ୍ୟବସାୟ ପ୍ରତିଷ୍ଠାନ ସମ୍ମୁଖରେ ପ୍ରତିଷ୍ଠାନର ନାମକୁ ସ୍ପଷ୍ଟ ଭାବେ ଓଡିଆରେ ଲେଖି ଏହି ବିଜ୍ଞାପନ ପ୍ରକାଶିତ ହେବାର **୧୫ ଦିନ** ମଧ୍ୟରେ ଲଗାନ୍ତୁ । ଏଥିରେ କୌଣସି ପ୍ରକାର ତ୍ରୁଟି ପରିଲକ୍ଷିତ ହେଲେ ପ୍ରଥମ ଥର ତ୍ରୁଟି ପାଇଁ ଆର୍ଥିକ ଜୋରିମାନା ଅନ୍ୟୁନ ୧୦୦୦ଟଙ୍କା ଆଦାୟ କରାଯିବ ଏବଂ ଏହି ପରିମାଣକୁ ୫୦୦୦ଟଙ୍କା ଯାଏଁ ବୃଦ୍ଧି କରାଯାଇପାରିବ । ଦ୍ୱିତୀୟ ଥର ଓ ପରବର୍ତ୍ତି ପରିଲକ୍ଷିତ ତ୍ରୁଟି ପାଇଁ ଆର୍ଥିକ ଜୋରିମାନା ଅନ୍ୟୁନ ୨୦୦୦ ଟଙ୍କା ଆଦାୟ କରାଯିବ, ଯାହାକୁ ୨୫୦୦ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ ।
କମିଶନର
ଭୁବନେଶ୍ୱର ମହାନଗର ନିଗମ
ଭାଗିଦାରୀ ମାଧ୍ୟମରେ ପ୍ରଗତି– ଏକ ସୁନ୍ଦର ଭୁବନେଶ୍ୱର ପାଇଁ



PARADIP PORT TRUST
e-TCN No.EM/IOHP-70/2018
Name of the work **"Replacement of Wagon Tippler-150"**. Estimated cost: **Rs. 15,81,69,375/-**. Last Date & Time of Submission of bid: **dt. 28.09.2018 up to 16.00 Hrs.** Refer our website for details, **https://eprocure.gov.in/eprocure/app**.
Executive Engineer ( M)
Iron Ore Handling Plant
PPT/PR/328/18-19 Dt.14.09.2018



GOVERNMENT OF ODISHA
"e" PROCUREMENT NOTICE
Bid Identification No.18 of 2018-19
No.757-O
01. Name of the Work :- Execution of different civil works in the district of Balangir. (Refer DTCN available in the website :-tendersorissa.gov.in)
02. Total No of work :- 09 Nos.
03. Estimated Cost :- Rs. 52.22 Lakh to Rs. 288.56 Lakh
04. Eligible Class of Contractor :- "B & A Class " Contractor
05. Period of Completion :- 06 Months to 12 Months (Refer DTCN available in the website :- tendersorissa.gov.in)
06. Other Details

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer, RWSS Division, Balangir | 18 of 2017-18 | Dt. 17.09.2018 at. 10.00 hrs | Dt. 03.10.2018 upto 17.00 hrs |

Further details can be seen from the website **www.tendersorissa.gov.in**.
Corrigendum, if any, will be uploaded in website only.
Sd./- Executive Enginner
RWS&S Division, Balangir
25033/11/0014/1819



GOVT. OF ODISHA No.496-A
OFFICE OF THE ENGINEER-IN-CHIEF
WATER RESOURCES
ODISHA, BHUBANESWAR
'E' PROCUREMENT NOTICE NO.CELMB 33 OF 2018-19
1. Name of the work : Raising & strengthening with slope protection work by providing launching apron & packing of Jharling Belanga saline embankment from RD 00 to 29.100 Km (working RD 00 to 8.00 Km) under NABARD Assistance RIDF-XXIV.
2. Amount put to Tender : Rs.28,95,37,059.00
3. Bid Document Cost : Rs.10,000.00 (online)
4. E.M.D : Rs.28,95,400.00 (online)
5. Class of Contractor : Super Class
6. Period of Completion : 24 calendar months (730 Days)
7. Other details are as follows.

| Procurement Officer | Bid Identification No. | Availability of Tender On- line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer FC & Basin Manager, LMB, Bhubaneswar | CELMB NMPD 07 OF 2018-19 | 17.09.2018 10.00hrs | 06.10.2018 17.00hrs | 09.10.2018 11.00 hrs |

8. E-MAIL ID : CELMBBBSR@YAHOO.CO.IN
FURTHER DETAIL CONDITIONS CAN BE SEEN FROM THE GOVT. WEBSITE WWW.TENDERSORISSA.GOV.IN.
Chief Engineer, FC & Basin Manager
Lower Mahanadi Basin
32252/11/0041/1819

# ଅଟୋମୋବାଇଲ୍ ଶିଳ୍ପରେ କ୍ୟାରିୟର

ମଣିଷ ଆଜି ପକ୍ଷୀ ପରି ଉଡ଼ି ପାରୁଛି। ମାଛ ପରି ପହଁରି ପାରୁଛି ଏବଂ ଘୋଡ଼ା ପରି ଦୌଡ଼ି ପାରୁଛି। ହଜାର ହଜାର ବର୍ଷ ପୂର୍ବେ ମଣିଷ ହୁଏତ କେବେ କଳ୍ପନା ବି ସୁଦ୍ଧା କରି ନ ଥିବ ଯେ, ଗୋଟେ ସମୟ ଆସିବ ଯେତେବେଳେ ନିଜ ଜ୍ଞାନବଳରେ ଏତେ ସବୁ ସିଦ୍ଧ କରିପାରିବ।

କେଉଁ ମହୂର୍ତ୍ତରେ ମଣିଷ ଦୂର ସ୍ଥାନକୁ ସହଜରେ ଆଉ ଶୀଘ୍ର ଯାତ୍ରା କରିବା ପାଇଁ ଉପାୟ ଖୋଜିଥିଲା ତାହା ଆଜି ଜଣାନାହିଁ। କିନ୍ତୁ ବିଶ୍ୱ ଇତିହାସର ପୃଷ୍ଠା କୁହେ ଖ୍ରୀଷ୍ଟପୂର୍ବ ୩୫୦୦ ବେଳକୁ ମେସୋପୋଟାମିଆ ସଭ୍ୟତା ପ୍ରଥମ ଥର ପାଇଁ ଚକ ଉଦ୍ଭାବନ କରିଥିଲା।

ଏହାକୁ କ୍ରମବିକାଶ କୁହାଯାଇ ପାରେ ଅଥବା ବିବର୍ତ୍ତନ । ଫଳ ସ୍ୱରୂପ ଆଜି ମଣିଷ ଶଗଡ଼ ଗାଡ଼ିଠାରୁ ଆରମ୍ଭ କରି ବସ୍, ଟ୍ରକ୍, କାର୍, ମୋଟରସାଇକେଲ ଆଦି ବିଭିନ୍ନ ଯାନ ସବୁ ତିଆରି କରି ପାରିଛି। ଏହାଦ୍ୱାରା ଆଜି ଅଟୋମୋବାଇଲ୍ ଶିଳ୍ପ ଗଢ଼ି ଉଠିବା ସହିତ ପରିବ୍ୟାପ୍ତ ମଧ୍ୟ ହୋଇଛି।



ଏହି ଶିଳ୍ପ ଲକ୍ଷ ଲକ୍ଷ ଯୁବତୀଯୁବକଙ୍କ ପାଇଁ ନିଯୁକ୍ତିର ଏକ ସୁଯୋଗ ସୃଷ୍ଟି କରିଛି। ଏ କ୍ଷେତ୍ରରେ ଯେଉଁମାନେ କ୍ୟାରିୟର ଗଢିବାକୁ ଚାହୁଁଛନ୍ତି ହୁଏତ ଏହା ସେମାନଙ୍କ ପାଇଁ ଏକ ବିସ୍ତୃତ କ୍ଷେତ୍ର ବୋଲି କୁହାଯାଇ ପାରେ...

ପୂର୍ବରୁ ଯେଉଁ ଯାନ ସବୁ ବଜାରକୁ ଆସୁଥିଲା ତାହା ପରିବେଶ ଅନୁକୂଳ ନ ଥିଲା। ଅତିମାତ୍ରାରେ ଅଙ୍ଗାରକାମ୍ଳ ବାଷ୍ପ ନିର୍ଗତ କରୁଥିଲା। ଫଳରେ ପର୍ଯ୍ୟାୟ କ୍ରମେ କେନ୍ଦ୍ର ସରକାର ଏହି ମାନରେ ଉନ୍ନତି ଆଣିବାକୁ ଚେଷ୍ଟା ଚଳାଇଛନ୍ତି। ବର୍ତ୍ତମାନ ଦେଶରେ କେବଳ ବିଏସ୍ ୪ ଯାନ ବିକ୍ରି ହେବାର ନିୟମ ରହିଛି। କୌଣସି ଅଟୋମୋବାଇଲ୍ ମାନୁଫାକ୍ଚରର ଏଣିକି ବିଏସ୍ ୩ ଯାନ ଉତ୍ପାଦନ କରି ପାରିବେ ନାହିଁ। ଖାଲି ସେତିକି ନୁହେଁ ୨୦୨୦ ବେଳକୁ ସରକାର ବିଏସ୍ ୫ କଥା ଚିନ୍ତା ନ କରି ବିଏସ୍ ୬ ମାନର ଅଧିକ ପରିବେଶ ଅନୁକୂଳ ଯାନ ପାଇଁ ବ୍ୟବସ୍ଥା କରିବେ ବୋଲି ପୂର୍ବରୁ ସୂଚନା ଦେଇଛନ୍ତି।

ଅନ୍ୟ ପକ୍ଷରେ ଭାରତ ଭଳି ଦେଶରେ ଦୈନିକ ଯେତେ ପରିମାଣର ତୈଳଜାତ ପଦାର୍ଥ ଆବଶ୍ୟକ ପଡୁଛି ତାହାର ପାଖାପାଖି ୮୦% ବିଦେଶରୁ ଆମଦାନୀ କରାଯାଉଛି। ଏଭଳି ସ୍ଥଳେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧିପାଇଲେ ଭାରତ ଉପରେ ଏହା ଭାରି ପଡୁଛି। ତେଣୁ ସରକାର ଏବେ ବିଦ୍ୟୁତଚାଳିତ ଯାନର ବିକାଶ ପାଇଁ ଆଗଭର ହେଉଛନ୍ତି।

ଅନ୍ୟ ପକ୍ଷରେ ନିକଟରେ ସଡକ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଯେଉଁ ସୂଚନା ମିଳିଛି ସେ ଅନୁସାରେ, ଆସନ୍ତା ୫ ବର୍ଷ ମଧ୍ୟରେ ଦେଶରେ ପ୍ରତି ୧୦୦ଟି ଯାନରୁ ୧୫ଟି ବିଦ୍ୟୁତଚାଳିତ ଯାନ ଦେଖିବାକୁ ମିଳିବ।

ଏ ସମସ୍ତ କଥାକୁ ଚିନ୍ତା କଲେ ଭାରତ ଭଳି ଏକ ଜନବହୁଳ ରାଷ୍ଟ୍ରରେ ଅଟୋମୋବାଇଲର ଆବଶ୍ୟକତା ଓ ଚାହିଦା ଦୃଷ୍ଟିରୁ ଏଠାରେ ଶିଳ୍ପସମୃଦ୍ଧ ହେଉଛି ବୋଲି କୁହାଯାଇ ପାରେ। ସେହିପରି ପ୍ରତିବର୍ଷ ଅଭିବୃଦ୍ଧି ହାସଲ କରିବା ସହିତ ନିଯୁକ୍ତି ସୁଯୋଗକୁ ମଧ୍ୟ ସମ୍ପ୍ରସାରିତ କରୁଛି।

## ଅଟୋମୋବାଇଲ ଶିଳ୍ପର ଅଭିବୃଦ୍ଧି

ଅଟୋମୋବାଇଲ ଶିଳ୍ପ ସୂତ୍ରର ସୂଚନା ଅନୁସାରେ ୨୦୧୫-୧୬ ଆର୍ଥିକ ବର୍ଷରେ ସାରା ବିଶ୍ୱରେ ଅଟୋମୋବାଇଲ୍ ମାନୁଫେକ୍ଚରିଂ କ୍ଷେତ୍ରରେ ଯେଉଁ କେତୋଟି ରାଷ୍ଟ୍ର ଆଗ ଧାଡ଼ିରେ ଥିଲେ ସେଥିରେ ଭାରତ ପ୍ରମୁଖ ସ୍ଥାନ ହାସଲ କରିଥିଲା। ଏହି ସମୟରେ ଭାରତରେ ପାଖାପାଖି ୨ କୋଟି ୩୯ ଲକ୍ଷ ୬୦ ହଜାର ୟୁନିଟ୍ ଯାନ ଉତ୍ପାଦନ ହୋଇଥିଲା। ଏହା ୨୦୧୪-୧୫ ଆର୍ଥିକ ବର୍ଷ ତୁଳନାରେ ପ୍ରାୟ ୨.୫୭% ଅଧିକ। ସେହିପରି ଏହି ଦେଶର ମୋଟ ଘୋରଇ ଉତ୍ପାଦ(ଜିଡିପି)କୁ ଏହାର ପ୍ରାୟ ୭% ଅବଦାନ ରହିଛି। ଶିଳ୍ପର ଆକଳନ ଅନୁସାରେ ୨୦୨୬ ବେଳକୁ ସମଗ୍ର ଅଟୋ ମୋବାଇଲ୍ ଶିଳ୍ପ ୧୬.୧୬ ରୁ ୧୮.୧୮ ଟ୍ରିଲିୟନ ମୂଲ୍ୟର ଶିଳ୍ପରେ ପରିଣତ ହୋଇଯିବ।

## ଅଟୋମୋବାଇଲ୍ ଇଞ୍ଜିନିୟରିଂ

ବିଶେଷ କରି ଅଟୋମୋବାଇଲ୍ ଶିଳ୍ପରେ ପ୍ରବେଶ କରିବାକୁ ଚାହୁଁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଅଟୋମୋବାଇଲ୍ ଇଞ୍ଜିନିୟରିଂରେ ପାଠ ପଢିବାର ସୁଯୋଗ ରହିଛି। ଏଥିରେ ଅଟୋମୋବାଇଲ୍‌ର ଡିଜାଇନିଂ, ମାନୁଫାକ୍ଚରିଂ ତଥା ଅପରେଟିଂ ଆଦି କ୍ଷେତ୍ରରେ ଶିକ୍ଷା ଗ୍ରହଣ କରାଯାଇ ପାରିବ।

## ନିଯୁକ୍ତି ବିକଳ୍ପ

ଏ କ୍ଷେତ୍ରରେ ବିଭିନ୍ନ ସ୍ତର ରହିଛି। ମାନୁଫାକ୍ଚରିଂଠାରୁ ଆରମ୍ଭ କରି ଡିଷ୍ଟ୍ରିବ୍ୟୁଶନ ପର୍ଯ୍ୟନ୍ତ । ଅଟୋ ଡିଜାଇନିଂ, ଡେଭ୍‌ଲପିଂ, ମାର୍କେଟିଂ ଭଳି ବିଭିନ୍ନ ସ୍ତର ରହିଛି ଯେଉଁ କ୍ଷେତ୍ରରେ କି ଯୁବବର୍ଗ ନିଜ ପସନ୍ଦିତ ସ୍ଥାନ ବାଛିପାରିବେ। ଖାଲି ସେତିକି ନୁହେଁ ମାନୁଫାକ୍ଚରିଂ କ୍ଷେତ୍ରରେ ନ ରହିଲେ ମଧ୍ୟ ଡିଷ୍ଟ୍ରିବ୍ୟୁଶନ ନେଟ୍‌ୱର୍କ ଏବେ ବ୍ୟାପକ ରୂପ ଧାରଣ କରିଛି। ଅଟୋ ଡିଲର ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଯାହାଫଳରକି ଗ୍ରାହକଙ୍କ ପାଖରେ ଯାନ ପହଞ୍ଚି ପାରୁଛି। ଏ ସବୁ ଦୃଷ୍ଟିରୁ ଦେଖିଲେ ଅଟୋମୋବାଇଲ୍ ଶିଳ୍ପରେ ଯେଉଁମାନେ କ୍ୟାରିୟର ଗଢିବାକୁ ଚାହୁଁଛନ୍ତି ବର୍ତ୍ତମାନ ସମୟରେ ଢେର୍ ସୁଯୋଗ ରହିଛି ବୋଲି କୁହାଯାଇ ପାରେ।



# ଚାକିରି ଛାଡିବାକୁ ଚାହୁଁଥିଲେ...

ଚାକିରି ଛାଡ଼ିବା ଯେ ଭଲ ନୁହେଁ ତାହା ଭାବିବା ଭୁଲ୍। ଆବଶ୍ୟକ ସ୍ଥଳେ ଚାକିରି ଛାଡିବା ମଧ୍ୟ ଏକ ଉତ୍ତମ ନିଷ୍ପତ୍ତି ବୋଲି କୁହାଯାଇ ପାରେ। ଯେଉଁ ସଂସ୍ଥାରେ ନିଜର ପସନ୍ଦ, ରୁଚି, ନୀତି, ଆଦର୍ଶ ତଥା ସ୍ୱାଧୀନତା କ୍ଷୁଣ୍ଣ ହେଉଛି ସେଭଳି ସଂସ୍ଥାରୁ ଚାକିରି ଛାଡିବା ସପକ୍ଷରେ ନିଷ୍ପତ୍ତି ନେଲେ ତାହା ସ୍ୱାଗତଯୋଗ୍ୟ ବୋଲି କୁହାଯାଇ ପାରେ। ଯଦି ଆପଣ ନିଜ କର୍ମସ୍ଥଳୀକୁ ଛାଡ଼ିବା ପାଇଁ ଚାହୁଁଛନ୍ତି ତେବେ ଏଠାରେ ଆପଣଙ୍କ ପାଇଁ କେତୋଟି ଟିପ୍ସ...

- ଚାକିରି ଛାଡ଼ିବା ଦ୍ୱାରା ଆପଣଙ୍କୁ ପାଇଁ ଉଭୟ ଭଲ ଓ ମନ୍ଦ ସ୍ୱାଦ ଚାଖିବାକୁ ପଡିବ। ତେଣୁ ଏହାକୁ କେବେ ଭୁଲନ୍ତୁ ନାହିଁ।
- ସଂସ୍ଥା ଛାଡ଼ିବା ପୂର୍ବରୁ ନିଜର ସମସ୍ତ କାମକୁ ଯଥାସମ୍ଭବ ସମ୍ପୂର୍ଣ୍ଣ କରନ୍ତୁ। ସଂସ୍ଥା ସହିତ ଉତ୍ତମ ସମ୍ପର୍କ ରଖି ପରିଚାଳନାଗତ ଏବଂ ପାରିତୋଷିକଗତ ବିଚାରବିମର୍ଶ ଶେଷ କରନ୍ତୁ।



- କାହିଁକି ଚାକିରି ଛାଡିବା ପାଇଁ ଚାହୁଁଛନ୍ତି ଅନୁଷ୍ଠାନକୁ ଜଣାଇବାକୁ ଯଦି ଚାହୁଁ ନାହାନ୍ତି ତେବେ ସେଭଳି ସ୍ଥଳେ କିଛି ସନ୍ତୋଷଜନକ କାରଣ ଦର୍ଶାଇବାକୁ ଭୁଲନ୍ତୁ ନାହିଁ।
- ନିଜର ଅଭିଜ୍ଞତା ପାଇଁ ସଂସ୍ଥାଠାରୁ ପ୍ରମାଣପତ୍ର ଗ୍ରହଣ କରନ୍ତୁ।
- କିନ୍ତୁ ଏ ସବୁ ପୂର୍ବରୁ ଆପଣଙ୍କୁ ବହୁବାର ଚିନ୍ତା କରିବା ଉଚିତ ଯେ, ଆପଣ ଯେଉଁ ବିକଳ୍ପ ସଂସ୍ଥା ସମ୍ପର୍କରେ ଭାବୁଛନ୍ତି ତାହା ଆପଣଙ୍କ ପାଇଁ ଉଚିତ ହେବ କି ନାହିଁ।
- ନିଷ୍ପତ୍ତି ନେବା ସମୟରେ କୌଣସି ପ୍ରକାରେ ନିଜ ଭାବପ୍ରବଣତାକୁ ନିଜ ଚିନ୍ତା ଓ ଚେତନା ଶକ୍ତିଠାରୁ ଅଧିକ ସକ୍ରିୟ କରନ୍ତୁ ନାହିଁ। କାରଣ ଭାବପ୍ରବଣତା ହୁଏତ ଭୁଲ୍ ନିଷ୍ପତ୍ତି ଆଡ଼କୁ ଠେଲି ଦେଇ ପାରେ।
- ଯଦି ଆପଣ ସଂସ୍ଥା ଛାଡ଼ିବା ପାଇଁ ଦୃଢ଼ନିଶ୍ଚିତ ତେବେ ପରବର୍ତ୍ତୀ ପଦକ୍ଷେପ ପାଇଁ ନିଜକୁ ପ୍ରସ୍ତୁତ କରନ୍ତୁ। ନିଜ କ୍ୟାରିୟର ପ୍ରୋଫାଇଲ୍ ବା କରିକୁଲମ୍ ଭିଟାରେ ସଦ୍ୟତମ ଅଭିଜ୍ଞତାକୁ ସାମିଲ କରନ୍ତୁ। ଯେଉଁ ସ୍ଥାନରେ ପରିବର୍ତ୍ତନ ଚାହୁଁଛନ୍ତି ତାହାକୁ ଆବଶ୍ୟକ ମୁତାବକ ସଜାଡ଼ି ନିଅନ୍ତୁ।
- ସଂସ୍ଥା ଛାଡିବା ପୂର୍ବରୁ ବୈଧାନିକ ଭାବେ ନିଜ ବସ୍‌ଙ୍କ ସହ ସାକ୍ଷାତ କରନ୍ତୁ।
- ଆପଣଙ୍କ ସ୍ଥାନରେ ଯେଉଁ କର୍ମଚାରୀ ନିୟୋଜିତ ହେବେ ବା ଅତିରିକ୍ତ ଦାୟିତ୍ୱଗ୍ରହଣ କରିବେ ତାଙ୍କୁ କାର୍ଯ୍ୟ ସମ୍ପର୍କରେ ପ୍ରାଞ୍ଜଳ ଭାବେ ବୁଝାଇ ଦାୟିତ୍ୱ ହସ୍ତାନ୍ତର କରନ୍ତୁ।
- ନୂଆ ସଂସ୍ଥାରେ ଯୋଗ ଦେବା ପୂର୍ବରୁ କିଛି ଦିନ ଭ୍ରମଣରେ ସମୟ ଅତିବାହିତ କରନ୍ତୁ ବା ନିଜ ପରିବାରକୁ ସମୟ ଦିଅନ୍ତୁ।
- ନୂଆ ସଂସ୍ଥାରେ ଯୋଗ ଦେବା ପରେ ସେଠାରେ ହୁଏତ ପ୍ରାରମ୍ଭିକ ଅବସ୍ଥାରେ ଅସହଜବୋଧ ହୋଇପାରେ। କିନ୍ତୁ ଏହାକୁ ଖାପ ଖୁଆଇବା ପାଇଁ ଚେଷ୍ଟା କରିବା ଉଚିତ।

**ଶେଷରେ କୁହାଯାଇ ପାରେ ଆପଣଙ୍କ ନୂତନ ସଂସ୍ଥା ସବୁ ଦୃଷ୍ଟିରୁ ଆପଣଙ୍କ ପାଇଁ ପୂର୍ବାପେକ୍ଷା ଉତ୍କୃଷ୍ଟ ହୋଇଥିବା ଦରକାର। ବେତନ ଠାରୁ ଆରମ୍ଭ କରି ପଦବୀ ଏବଂ ଆନୁଷଙ୍ଗିକ ସହାୟତା ଆଦି କ୍ଷେତ୍ରରେ ଆପଣ ସନ୍ତୁଷ୍ଟ ହେଉଥିବା ଉଚିତ।**

## ଅନ୍ୟାନ୍ୟ ଖବର

# ବଜାରରେ ପୁଷ୍ପର ପଞ୍ଜାବୀ ଗରମ ମସଲା

ଭୁବନେଶ୍ୱର,୧୪-୯



ପୁଷ୍ପ ମସଲା ପକ୍ଷରୁ ପଞ୍ଜାବୀ ଗରମ ମସଲା ବଜାରକୁ ଆସିଛି। ଏହି ମସଲା ଲୋକଙ୍କ ଦ୍ୱାରା ବିଶେଷ ଭାବେ ଆଦୃତ ହେଉଥିବା କମ୍ପାନୀ ସୂଚନା ଦେଇଛି। ଏହା ୫୦ ଏବଂ ୧୦୦ ଗ୍ରାମ ବକ୍ସ ପ୍ୟାକେଟରେ ଉପଲବ୍ଧ। ଏଗୁଡିକର ଦାମ୍ ଯଥାକ୍ରମେ-୫ ଏବଂ ୧୦ ଟଙ୍କା ରହିଛି। ସେହିଭଳି କମ୍ପାନୀ ପକ୍ଷରୁ ଏହି ବର୍ଗରେ ୨୦୦ ଗ୍ରାମ ପାଉଚ୍ ପ୍ୟାକେଟ ମଧ୍ୟ ଉପଲବ୍ଧ ହେଉଛି। ଏଥିରେ ଶୁଦ୍ଧ ତଥା ଗୁଣବତ୍ତା ବିଶିଷ୍ଟ ମସଲା ରହିଛି ବୋଲି କମ୍ପାନୀ କହିଛି। ନୂଆ କୌଶଳ ଦ୍ୱାରା ଏହାକୁ ପ୍ରସ୍ତୁତ କରାଯାଇଛି। ଏହା ସମ୍ପୂର୍ଣ୍ଣ ଭାବେ ଶୁଖିଲା ତଥା ଷ୍ଟ୍ରଙ୍ଗ। ପ୍ରାୟ ସମସ୍ତ ତରକାରିରେ ଏହାକୁ ବ୍ୟବହାର କରାଯାଇ ପାରିବ। ଏହା ବାଦ କଚୋଡି, ସମୋସା ଭଳି ଅନ୍ୟ କେତେକ ବ୍ୟଞ୍ଜନରେ ଏହା ବ୍ୟବହାର ହୋଇ ପାରିବ ବୋଲି କମ୍ପାନୀର ନିର୍ଦ୍ଦେଶକ ସୁରାଣା କହିଛନ୍ତି।

## ଅନ୍ଧବିଶ୍ୱାସର କରୁଣ ପରିଣତି

# ଆରୋଗ୍ୟ ପାଇଁ ପୂଜାପାଠ, ପୋଡ଼ିଗଲେ ଦିବ୍ୟାଙ୍ଗ

ବାଲିଗୁଡା,୧୪।୯(ଡି.ଏନ୍.ଏ.)

କନ୍ଧମାଳ ଜିଲା ବାଲିଗୁଡ଼ା ଭଗାମୁଣ୍ଡା ସାହିର ଜଣେ ଦିବ୍ୟାଙ୍ଗ ୨ ବର୍ଷହେଲା ନିଜ ଶରୀର ଆରୋଗ୍ୟ କାମନାକରି ସ୍ଥାନୀୟ ମହାମାୟୀ ଠାକୁରାଣୀଙ୍କ ନିକଟରେ ଶରଣ ପଶିଥିଲେ। ତାଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ମନ୍ଦିର କମିଟି କର୍ମକର୍ତ୍ତା ତାଙ୍କୁ ମନ୍ଦିରରେ ରହିବାକୁ ସୁଯୋଗ ଦେଇଥିଲେ। ସେଠାରେ ରହି ସେ ଆରୋଗ୍ୟ କାମନା କରି ପୂଜାବିଧି ମାଧ୍ୟମରେ ଚିକିତ୍ସା ହୋଇଆସୁଥିଲେ। ଗତ ଶନିବାର ମହାମାୟୀ ମନ୍ଦିରରେ ପୂଜା ଚାଲିଥିବା ସମୟରେ ସ୍ୱପ୍ନାଦେଶ ଅନୁଯାୟୀ ଦିବ୍ୟାଙ୍ଗଙ୍କୁ ଗୋଡ଼ ଉପରକୁ ଓ ମୁଣ୍ଡ ତଳକୁ କରି ବନ୍ଧାଯାଇ ଝୁଣା ନିଆଁ ଧାସ ଦିଆଯାଉଥିଲା। ଏହି ସମୟରେ ସେ ପିନ୍ଧିଥିବା ଲୁଗାରେ ନିଆଁ ଲାଗି ପୋଡି ଯାଇଥିଲେ। ତୁରନ୍ତ ତାଙ୍କୁ ବାହାର କରାଯାଇ ମନ୍ଦିର ପରିସରରେ ରଖି ଘରୋଇ ଚିକିତ୍ସା କରାଯାଇଥିଲା। ଦିବ୍ୟାଙ୍ଗଙ୍କ ବଡ଼ଭାଇ ଘଟଣା ସମ୍ପର୍କରେ ଖବରପାଇ ମନ୍ଦିର ଆଗରେ ଯାଇ ଗାଳିଗୁଲଜ କରିବାପରେ ଘଟଣା ସାମ୍ନାକୁ ଆସିଥିଲା। ଏହା ଘଟିବା ସମୟରେ କିଛି ଦେଖଣାହାରି ଓ ଭକ୍ତ ଏହି ଦୃଶ୍ୟକୁ ନିଜ ମୋବାଇଲରେ ଉତ୍ତୋଳନ କରିଥିଲେ। ଏହି ଭିଡିଓ ଭାଇରାଲ ହେବାପରେ ଏଥିରେ ପୋଲିସ ହସ୍ତକ୍ଷେପ କରିଥିବା ଜଣାପଡ଼ିଛି। ଗୁରୁବାର ରାତିରେ ପୋଲିସ ମନ୍ଦିରରେ ପହଞ୍ଚି ପୋଡ଼ିଯାଇଥିବା ଦିବ୍ୟାଙ୍ଗଙ୍କୁ ଉଦ୍ଧାର କରି ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଦିବ୍ୟାଙ୍ଗଙ୍କୁ ମହାମାୟୀଙ୍କ ସ୍ୱାପ୍ନାଦେଶ ଥିଲା ଯେ, ସେ ଝୁଣା ନିଆଁରେ ଝୁଲିବା ପାଇଁ। ଏନେଇ ଦିବ୍ୟାଙ୍ଗ ଜଣକ ମନ୍ଦିର ସଭାପତିଙ୍କୁ ଜଣାଇଥିଲେ ବୋଲି କହିଛନ୍ତି। ନିଆଁରେ କେବଳ ଧାସ ବାଜିଛି, କିନ୍ତୁ ଦୀପ ଜଳାଯାଇଥିବା ଗରମ ବାଲିରେ ପଡ଼ି ମୋ ଦେହ ପୋଡ଼ିଛି ବୋଲି ଦିବ୍ୟାଙ୍ଗ ଜଣକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ସେପଟେ ଏକଥାରେ ସହମତି ଜଣାଇଛନ୍ତି ମନ୍ଦିର କମିଟି ସଭାପତି।



ନିଆଁରେ ଝୁଲି ରହିଥିବା ଦିବ୍ୟାଙ୍ଗ

# ଆବ୍ରିଭିଏଶନ




ଆମେ କେତେକ ଶିକ୍ଷାନୁଷ୍ଠାନକୁ ଏହାର ସମ୍ପୂର୍ଣ୍ଣ ନାମ ପରିବର୍ତ୍ତେ ସଂକ୍ଷିପ୍ତ ନାମରେ ଅଧିକ ଶୁଣିବାକୁ ପାଇଥାଉ। ସମ୍ପୂର୍ଣ୍ଣ ନାମ ଦୀର୍ଘ ହେଉ ଅବା ଅନ୍ୟକେତେକ କାରଣ ପାଇଁ ଏହା ସଂକ୍ଷେପରେ ବା ଆବ୍ରିଭିଏଶନ ଆକାରରେ ଗ୍ରହଣୀୟ ହୋଇଥାଏ। ଏଠାରେ ସେହିଭଳି କେତୋଟି ଅନୁଷ୍ଠାନର ଉଭୟ ପୂରା ନାମ ଏବଂ ସଂକ୍ଷିପ୍ତ ନାମ ପ୍ରଦାନ କରାଗଲା

**ନାଇଜର:** ନ୍ୟାଶନାଲ୍ ଇନଷ୍ଟିଚ୍ୟୁଟ୍ ଅଫ ସାଇନ୍ସ ଏଜୁକେଶନ ଆଣ୍ଡ୍ ରିସର୍ଚ୍ଚ
**ଆଇଜର:** ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଜୁକେଶନ ଆଣ୍ଡ୍ ରିସର୍ଚ୍ଚ
**ସିପେଟ୍:** ସେଣ୍ଟ୍ରାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ଲାଷ୍ଟିକ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍‌ନୋଲୋଜି
**ଆଇଆଇଟି:** ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି
**ଆଇଆଇଆଇଟି:** ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫରମେଶନ ଆଣ୍ଡ୍ ଟେକ୍‌ନୋଲୋଜି


ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
Rs. 18000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

**ଡ୍ରାଇଭର ଆବଶ୍ୟକ**
ନିଜର ସମ୍ପୂର୍ଣ୍ଣ Biodata ସହ ଯୋଗାଯୋଗ କରନ୍ତୁ।
ଆସନ୍ତା ତା୨୦।୦୯।୨୦୧୮ ରୁ ୨୨।୦୯।୨୦୧୮ ପର୍ଯ୍ୟନ୍ତ
M/s Poojarini Enterprisers
Brahmapur (Dibati) 42 Mouza, Cuttack
Phone No.- 9437119900 & 8917434268

**SECURITY JOB**
GISS ଆବଶ୍ୟକ କରୁଛି ୪୦ ଜଣ ସିକ୍ୟୁରିଟି ଗାର୍ଡ ଏବଂ ୫ ଜଣ ଗନ୍‌ମ୍ୟାନ୍। Qul.- 9th Pass & above, Height- 5'.6" & above, Age- 20 to 45 । ସ୍ଥାନ- ବାଙ୍କି, ତିଗିରିଆ, ଆଠଗଡ଼, ବଡ଼ମ୍ବା, ନରସିଂହପୁର, ଟାଙ୍ଗି, ଗୋବିନ୍ଦପୁର, ଚୌଦ୍ୱାର, ସାଲେପୁର, ଜଗତପୁର।
Contact: 9861744455, 9439167075

**URGENTLY REQUIRED**
1. Event Production Supervisor
2. Client Service (MBA Mandatory)
3. Creative Designer
4. Accountant
Contact: 9437809099 / 8917480552
email us: info@enter10live.com

**GRAND OPENING 100 VACANCY**
INDIA ର ସର୍ବବୃହତ୍ତ Publishing Industry ତାର Bhubaneswar ଓ Sambalpur କାର୍ଯ୍ୟାଳୟପାଇଁ ଉଭୟ MALE / FEMALE ମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଛି ।
ଯୋଗ୍ୟତା - 10th / +2 / +3. Monthly Income : Rs.10000/-, Age : Below 27 years ଆସନ୍ତା ୪ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ
BHUBANESWAR : 9437186335
SAMBALPUR : 9937323612

**OFFICE STAFF ଆବଶ୍ୟକ**
ଭୁବନେଶ୍ୱର Office ପାଇଁ ଯୋଗ୍ୟତା 10th/above ଥିବା ଯୁବକ ଯୁବତୀ ଆବଶ୍ୟକ। Age: (17-30) yrs. ରହିବାର ସୁବିଧା ଅଛି। Monthly Salary upto Rs.24000/-.
Contact: 9938414918

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. Monthly Salary upto Rs.25000/-.
Contact Immediately: Mob: 8763257042

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. ମାସିକ ଦରମା upto Rs.25000/-.
Part Time / Full Time
Contact: 9938676412

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ । ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 30,500/- ରୁ 75,500/- । ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର । ରହିବା + ଖାଇବା + ବୀମା
CONSULTANT 09319469228

**DRIVER REQUIRED**
12/14 ଚକିଆ Truck ଏବଂ Fly Ash Bulker ଚଳାଇବା ପାଇଁ ଅନ୍ୟୂନ 5 ବର୍ଷର Experience ଥିବା Driver ଆବଶ୍ୟକ।
Contact: 9078356411

**WANTED**
Indian/ Chinese **COOK** for Hotel at Puri.
Contact: 9776331667


ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।


**19 VACANCY IN MNC**
Qual.- 10th To Graduation
Age- (18 To 30) Yrs
Monthly Rs.8000/- To Rs.20000/- + Hostel free.
9937042198, 9937172198

A Division of Timber & Furniture unit required 4 Nos. Manager at BBSR.
Mob: 7381203300

**WANTED**
ଧରିତ୍ରୀ DHARITRI Oriya daily is looking for
**WEB DESIGNERS**
- The candidate would be responsible for designing and creating websites and web applications.
- Maintain current technical knowledge to support rapidly changing technology.
- Responsible to work closely with other development teams, to maintain, enhance existing websites and applications as well as to develop new ones.
- Proficiency in Photoshop, Illustrator or other visual design and wire-framing tools.
- Proficiency in HTML, CSS and JAVAScript for rapid prototyping.
- Proficiency in Search Engine Optimisation, Social Media tools and optimisation, Web Analytics and Monetisation.

Apply immediately to : recruitment@dharitri.com
Attractive salary commensurate with experience

**STEWART SCHOOL**
UNIT - 8, CRP SQUARE, BHUBANESWAR - 751012
**APPOINTMENT**
Applications are invited from candidates with requisite qualification and training to fill the following post of Assistant Teachers in Stewart School, Bhubaneswar

| Sl.No. | Subject | Qualification |
|---|---|---|
| 1. | Mathematics | M.Sc. in Mathematics with B.Ed. |
| 2. | Biology | M.Sc. in Botany / Zoology with B.Ed. |
| 3. | Pre - Primary & Primary Teacher | Requisite training with proficiency in English |

Interested candidates may send their applications with complete Bio-data and Photocopy of Certificates / Testimonials to the undersigned within five days from the publication of this advertisement.
Fluency in spoken English and experienced candidates will be preferred.
SECRETARY

## ସଂକ୍ଷେପରେ

### ସେନସେକ୍ସ ୩୮ ହଜାର ଟପିଲା



**ମୁମ୍ବାଇ,୧୪-୯:** ବିଏସ୍ଇ ସେନସେକ୍ସ ଶୁକ୍ରବାର ୩୮ ହଜାର ପଏଣ୍ଟ ଟପିଛି। ଟଙ୍କାର ମୂଲ୍ୟକୁ ନିୟନ୍ତ୍ରଣରେ ରଖିବା ଓ ବର୍ଦ୍ଧିତ ତେଲ ଦର ସଂକ୍ରାନ୍ତରେ ଏନ୍ଡିଏ ସରକାର ପଦକ୍ଷେପ ନେବାକୁ ଯାଉଥିବାରୁ ଶୁକ୍ରବାର ଦେଶର ଷ୍ଟକ୍ ବଜାରରେ ଏହାର ସକାରାତ୍ମକ ପ୍ରଭାବ ଦେଖିବାକୁ ମିଳିଥିଲା। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନସେକ୍ସ ୩୭୨.୬୮ ପଏଣ୍ଟ ବୃଦ୍ଧି ସହ ୩୮,୦୯୦.୬୪ ରେ ବନ୍ଦ ହୋଇଛି। ସେହିପରି ନିଫ୍ଟିରେ ୧୪୫.୩୦ ପଏଣ୍ଟ ବୃଦ୍ଧି ପରିଲକ୍ଷିତ ହୋଇଥିଲା ଏବଂ କାରବାର ଶେଷ ବେଳକୁ ଏହା ୧୧,୫୧୫.୨୦ରେ ପହଞ୍ଚିଥିଲା। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ହ୍ରାସ ପାଇବା ଏବଂ ଟ୍ରେଡ ୱାରକୁ ନେଇ ଆମେରିକା ଓ ଚାଇନା ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ କଥାବାର୍ତ୍ତା ଆରମ୍ଭ ହେବାକୁ ଯାଉଥିବାରୁ ଏହାର ପ୍ରଭାବ ମଧ ସକାରାତ୍ମକ ରହିଥିଲା।

### ଟଙ୍କାରେ ୩୪ ପଇସା ଉନ୍ନତି

**ମୁମ୍ବାଇ,୧୪-୯:** ଶୁକ୍ରବାର ଡଲାର ତୁଳନାରେ ଟଙ୍କାର ମୂଲ୍ୟରେ ୩୪ ପଇସା ଉନ୍ନତି ହୋଇଛି। ଏହା ଦିନର କାରବାର ଶେଷ ବେଳକୁ ୭୧.୮୪ରେ ପହଞ୍ଚିଛି। ଆର୍ଥିକ କ୍ଷେତ୍ରରେ ଅନେକ ସକାରାତ୍ମକ ସୂଚନା ଆସିବାରୁ ଟଙ୍କା ମୂଲ୍ୟରେ ଉନ୍ନତି ପରିଲକ୍ଷିତ ହୋଇଥିଲା। ଦିନର କାରବାର ବେଳେ ଏହା ଏକ ସମୟରେ ୭୧.୫୩ରେ ପହଞ୍ଚି ଯାଇଥିଲା। ରପ୍ତାନିକାରୀ ଏବଂ ବ୍ୟାଙ୍କଗୁଡିକ ପକ୍ଷରୁ ବ୍ୟାପକ ମାତ୍ରାରେ ଡଲାର ବିକ୍ରି ଯୋଗୁ ଟଙ୍କା ଦୃଢ଼ ହୋଇଥିଲା। ଆମେରିକାରେ ମୁଦ୍ରାସ୍ଫୀତି ବଢ଼ିବା କାରଣରୁ ସୁଧ ହାର ବୃଦ୍ଧିର ସମ୍ଭାବନା ହ୍ରାସ ପାଇବା ମଧ ଡଲାର ଚାହିଦାକୁ ହ୍ରାସ କରିଥିଲା। ଟଙ୍କାର ମୂଲ୍ୟ ସର୍ବକାଳୀନ ରେକର୍ଡ ଛୁଇଁ ୭୨.୯୧ରେ ପହଞ୍ଚିବା ପରେ ବୁଧବାର ୭୨.୧୮ରେ ବନ୍ଦ ହୋଇଥିଲା।

### ମ୍ୟାନେଜରଙ୍କୁ ଅଧିକ ପାରିଶ୍ରମିକ ପ୍ରଦାନ
### ସରକାରଙ୍କ ଅନୁମତି ନେବେନି ପବ୍ଲିକ ଲିମିଟେଡ କମ୍ପାନୀ

**ନୂଆଦିଲ୍ଲୀ,୧୪-୯:** ମ୍ୟାନେଜର ସ୍ତରରେ ଅଧିକାରୀଙ୍କୁ ନିର୍ଦ୍ଦିଷ୍ଟ ସୀମାଠାରୁ ଅଧିକ ଦରମା ଦେବା ବେଳେ ପବ୍ଲିକ୍ ଲିମିଟେଡ କମ୍ପାନୀଙ୍କୁ କେନ୍ଦ୍ର ସରକାରଙ୍କଠାରୁ ଅନୁମତି ନେବାକୁ ପଡୁଥିଲା। କିନ୍ତୁ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ଏବେ କମ୍ପାନୀ ଆଇନ ୨୦୧୩ରେ ଥିବା ନିୟମ କୋହଳ କରିଛନ୍ତି। ଏଣିକି ମ୍ୟାନେଜର ସ୍ତରରେ ଅଧିକାରୀଙ୍କୁ ନିର୍ଦ୍ଦିଷ୍ଟ ସୀମାଠାରୁ ଅଧିକ ବେତନ ଦେବା ଲାଗି ସରକାରଙ୍କ ଅନୁମତି ନେବାକୁ ପଡିବନି। ତେବେ ପ୍ରାଇଭେଟ କମ୍ପାନୀ ପାଇଁ ଏହା ଲାଗୁ ହେବ ନାହିଁ। ଉକ୍ତ ଆଇନାନୁଯାୟୀ ୨୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଥିବା କମ୍ପାନୀକୁ ପବ୍ଲିକ୍ ଲିମିଟେଡ କମ୍ପାନୀ ଭାବେ କୁହାଯିବ। ଉଭୟ ପବ୍ଲିକ ଏବଂ ପ୍ରାଇଭେଟ ଲିମିଟେଡ କମ୍ପାନୀ ଆଇନ ଅନୁଯାୟୀ ନିୟମରେ ବନ୍ଧା। ସେମାନେ ଏକ ନିର୍ଦ୍ଦିଷ୍ଟ ସୀମା ପରେ ମ୍ୟାନେଜରଙ୍କ ବେତନ ଓ ଭତ୍ତା ବୃଦ୍ଧି କରିପାରିବେ ନାହିଁ। ସରକାରୀ ତଥ୍ୟ ଅନୁଯାୟୀ ଦେଶରେ ଏବେ ୭୦ ହଜାର ପବ୍ଲିକ ଲିମିଟେଡ କମ୍ପାନୀ ସକ୍ରିୟ ରହିଛନ୍ତି। ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରି କୁହାଯାଇଛି ଯେ, ମ୍ୟାନେଜରମାନଙ୍କୁ କମ୍ପାନୀର ନେଟ୍ ଲାଭର ୧୧ ପ୍ରତିଶତ ପର୍ଯ୍ୟନ୍ତ ଅତିରିକ୍ତ ବେତନ ଦେଇହେବ। ଏଥିପାଇଁ ସ୍ୱତନ୍ତ୍ର ପ୍ରସ୍ତାବ ମାଧ୍ୟମରେ ଶେୟାର ଧାରକଙ୍କଠାରୁ ଅନୁମୋଦନ ନେବାକୁ ହେବ। ତେବେ ବ୍ୟାଙ୍କ, ଆର୍ଥିକ ସଂସ୍ଥା ଅଥବା ନନ୍ କନଭର୍ଟିବୁଲ ଡିବେଞ୍ଚର ଧାରକଙ୍କୁ ଋଣ ପ୍ରଦାନ କରାଯାଇ ନ ଥିଲେ ସେ କ୍ଷେତ୍ରରେ ଶେୟାରଧାରକଙ୍କ ସମ୍ମୁଖରେ ପ୍ରସ୍ତାବ ଉପସ୍ଥାପନ ପୂର୍ବରୁ ସରକାରଙ୍କଠାରୁ ଅନୁମତି ନେବାକୁ ପଡିବ। କେନ୍ଦ୍ର ସରକାର ଇଜ୍ ଅଫ୍ ଡୁଇଂ ବିଜନେସ, ମିନିମମ୍ ଗଭର୍ନମେଣ୍ଟ-ମ୍ୟାକ୍ସିମମ୍ ଗଭର୍ନାନ୍ସ ଉପରେ ଜୋର୍ ଦେଉଛନ୍ତି। ଏହି କାରଣରୁ ନିୟମ ମାନି ଚାଲୁଥିବା ପବ୍ଲିକ ଲିମିଟେଡ କମ୍ପାନୀଙ୍କ କାର୍ଯ୍ୟରେ ସରକାର ଅଯଥା ହସ୍ତକ୍ଷେପ କରିବାକୁ ଚାହାନ୍ତି ନାହିଁ। ଏହି ବିଜ୍ଞପ୍ତି ଜାରି ପରେ ମନ୍ତ୍ରଣାଳୟରେ ଅନୁମତି ଅପେକ୍ଷାରେ ଥିବା ସମସ୍ତ ଆବେଦନ ସ୍ୱତଃ କାର୍ଯ୍ୟକାରୀ ହୋଇଯିବ। ଏହାଦ୍ୱାରା ପବ୍ଲିକ ଲିମିଟେଡ କମ୍ପାନୀଗୁଡିକ ମ୍ୟାନେଜରମାନଙ୍କୁ ଅଧିକ ଭତ୍ତା ଆଦି ଦେଇପାରିବେ।

> ବିଶ୍ୱ ବାଣିଜ୍ୟ ସଂଗଠନରେ ସଂସ୍କାର ଆଣିବା ଲାଗି ଭାରତ ଅନ୍ୟ ସଦସ୍ୟ ରାଷ୍ଟ୍ରଗୁଡିକ ସହିତ ମିଳିତ ହୋଇ କାର୍ଯ୍ୟ କରିବ।
> **– ସୁରେଶ ପ୍ରଭୁ, କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ**



> ଆଧାରକୁ ସୁରକ୍ଷିତ ରଖିବା ଲାଗି ଭାରତୀୟ ଏକକ ପରିଚୟ କର୍ତ୍ତୃପକ୍ଷ(ୟୁଆଇଡିଏଆଇ) ପକ୍ଷରୁ ବହୁବିଧ ସୁରକ୍ଷା ବ୍ୟବସ୍ଥା କରାଯାଇଛି।
> **– ଅଜୟ ଭୂଷଣ ପାଣ୍ଡେ, ସିଇଓ, ୟୁଆଇଡିଏଆଇ**



# ଟଙ୍କାରେ ସ୍ଥିରତା ଲାଗି ୫ସୂତ୍ରୀ ଫର୍ମୁଲା

ନୂଆଦିଲ୍ଲୀ,୧୪-୯

**ଆର୍ଥିକ ସମୀକ୍ଷା ବୈଠକର ପ୍ରଥମ ଦିନ**
- ଅଣ ଜରୁରୀ ଆମଦାନୀରେ ଲାଗିବ କଟକଣା
- ମସଲା ବଣ୍ଡ୍ କଟକଣା ଉଠିଲା
- ଇସିବି ଜରିଆରେ ମାନୁଫାକଚରିଂ ସେକ୍ଟର ଋଣ ନେଇପାରିବେ
- ଏଫପିଆଇଙ୍କ ୨୦% କର୍ପୋରେଟ ବଣ୍ଡ୍ ସୀମା ଉଠିବ
- ଭିତ୍ତିଭୂମି ଋଣ ସର୍ତ୍ତର ସମୀକ୍ଷା କରାଯିବ

ଟଙ୍କାର ମୂଲ୍ୟରେ ସ୍ଥିରତା ଆଣିବା ତଥା ଏଥିଯୋଗୁ ଉତ୍ପନ୍ନ ଚଳନ୍ତି ଜମା ନିଅଣ୍ଟ(ସିଏଡି)କୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ୫ସୂତ୍ରୀ ଫର୍ମୁଲା ସ୍ଥିର କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ଆର୍ଥିକ ସମୀକ୍ଷା ବୈଠକ ଶେଷରେ କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍ଲୀ ଏ ସମ୍ପର୍କରେ ଘୋଷଣା କରିଛନ୍ତି।

ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଯୋଗ ଦେଇ ଜେଟ୍ଲୀ କହିଛନ୍ତି ଯେ, ଆର୍ଥିକ ସମୀକ୍ଷା ବୈଠକରେ ରିଜର୍ଭ ବ୍ୟାଙ୍କ ଗଭର୍ନର ଉର୍ଜିତ ପଟେଲ ପ୍ରଧାନମନ୍ତ୍ରୀଙ୍କୁ ଦେଶର ଆର୍ଥିକ ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ଚଳନ୍ତି ଜମା ନିଅଣ୍ଟ ପରିମାଣକୁ ହ୍ରାସ କରିବା, ଟଙ୍କାର ମୂଲ୍ୟକୁ ସ୍ଥିର କରିବା ଏବଂ ବିଦେଶୀ ମୁଦ୍ରା ପ୍ରବାହକୁ ବଢ଼ାଇବା ଲାଗି ସେ କେନ୍ଦ୍ର ସରକାରଙ୍କୁ କେତେକ ପରାମର୍ଶ ଦେଇଛନ୍ତି। ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ଜେଟ୍ଲୀ କହିଛନ୍ତି ଯେ, ସରକାର ରପ୍ତାନି ବୃଦ୍ଧି ଉପରେ ଅଧିକ ଜୋର୍ ଦେବା ସହିତ ଅଣ-ଜରୁରୀ ସାମଗ୍ରୀର ଆମଦାନୀ ଉପରେ ଅଙ୍କୁଶ ଲଗାଇବେ। ତେବେ କେଉଁ ପ୍ରକାର ସାମଗ୍ରୀ ଉପରେ କଟକଣା ଲାଗିବ ତାହା ସେ ସ୍ପଷ୍ଟ କରି ନାହାନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ମନ୍ତ୍ରଣାଳୟ ସହ ଆଲୋଚନା କରାଯିବା ପରେ ହିଁ ନିଷ୍ପତ୍ତି ନିଆଯିବ ଏବଂ ଏହା ବିଶ୍ୱ ବାଣିଜ୍ୟ ସଂଗଠନର ନିୟମ ଅନୁଯାୟୀ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅଶୋଧିତ ତେଲ ଆମଦାନୀ ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ଭିତ୍ତିଭୂମି ଋଣର ସର୍ତ୍ତ କୋହଳ କରିବା ଉପରେ ବିଚାର କରାଯିବ ବୋଲି ଜେଟ୍ଲୀ କହିଛନ୍ତି। ଏହି ବୈଠକରେ ସରକାର ମସଲା ବଣ୍ଡରେ ଥିବା କଟକଣାକୁ ପ୍ରତ୍ୟାହାର କରି ନେଇଛନ୍ତି। ଡଲାରରେ ବିଦେଶରେ ଜାରି କରାଯାଉଥିବା ଏହି ବଣ୍ଡ୍ ଜରିଆରେ ଭାରତୀୟ କମ୍ପାନୀମାନେ ନିବେଶ କରିଥାନ୍ତି। ଏହାଦ୍ୱାରା ଟଙ୍କାର ମୂଲ୍ୟ ହ୍ରାସ ପାଇଲେ ସେମାନେ ଆର୍ଥିକ ଦୃଷ୍ଟିରୁ କ୍ଷତିଗ୍ରସ୍ତ ହେଉଥିଲେ। ଏଣିକି ସେମାନେ ଟଙ୍କା ଆକାରରେ ଏହି ବଣ୍ଡ୍ ଜାରି କରିପାରିବେ। ଭାରତୀୟ ମସଲା ନାମରେ ଏହି ବଣ୍ଡର ନାମ ରଖାଯାଇଛି। ଜେଟ୍ଲୀ କହିଛନ୍ତି ଯେ, ବିଦେଶୀ ପୋର୍ଟଫୋଲିଓ ନିବେଶକମାନେ(ଏଫ୍‌ପିଆଇ) କର୍ପୋରେଟ ବଣ୍ଡ୍ ପୋର୍ଟଫୋଲିଓରେ ୨୦% ପର୍ଯ୍ୟନ୍ତ ନିବେଶ କରିପାରୁଥିଲେ। ଏବେ ଏହି ସୀମାକୁ ହଟାଇ ଦିଆଯିବ। ଭିତ୍ତିଭୂମି ଋଣ ଲାଗି ହେଜିଂକୁ ବାଧ୍ୟତାମୂଳକ କରାଯାଇଛି, ଯାହାର ସମୀକ୍ଷା କରାଯିବ। ଏହାଦ୍ୱାରା ମାନୁଫାକଚରିଂ ସେକ୍ଟର ଏକ୍ସଟରନାଲ କମର୍ସିଆଲ ବରୋଇଙ୍ଗ(ଇସିବି) ଜରିଆରେ ୧ବର୍ଷର ପରିପକ୍ୱତା ସହିତ ୫୦ ମିଲିୟନ ଡଲାର ପର୍ଯ୍ୟନ୍ତ ବାଣିଜ୍ୟିକ ଋଣ ନେଇ ପାରିବେ। ଅର୍ଥ ମନ୍ତ୍ରୀ କହିଛନ୍ତି ଯେ, ଅନ୍ୟ ଦେଶ ତୁଳନାରେ ଭାରତର ବିକାଶ ହାର ଅଧିକ। ଦେଶର ମୁଦ୍ରାସ୍ଫୀତି ଏକ ସୀମା ମଧ୍ୟରେ ରହୁଛି। ସମ୍ମିଳନୀରେ ଜେଟ୍ଲୀଙ୍କ ସହିତ ଅର୍ଥ ସଚିବ ହସମୁଖ ଅଧିଆ, ଆର୍ଥିକ ବ୍ୟାପାର ସଚିବ ସୁଭାଷ ଚନ୍ଦ୍ର ଗର୍ଗ ଏବଂ ଆର୍‌ବିଆଇ ଗଭର୍ନର ଉର୍ଜିତ ପଟେଲ ଉପସ୍ଥିତ ଥିଲେ। ଗର୍ଗ କହିଛନ୍ତି ଯେ, ସରକାର ନେଇଥିବା ୫ଟି ପଦକ୍ଷେପ ଯୋଗୁ ଦେଶର ଅର୍ଥନୀତିରେ ୮ରୁ ୧୦ ବିଲିୟନ ଡଲାର ପ୍ରଭାବ ପଡିବ। ଶନିବାର ମଧ ପ୍ରଧାନମନ୍ତ୍ରୀ ମୋଦି ଆର୍ଥିକ ସମୀକ୍ଷା କରିବେ।

## ୪୦ଟ୍ରେନରୁ ଫ୍ଲେକ୍ସି ଫେୟାର ପ୍ରତ୍ୟାହାର

ନୂଆଦିଲ୍ଲୀ,୧୪-୯

**ଯାତ୍ରୀ ଭଡା କମିବ**



ରେଳଯାତ୍ରୀଙ୍କ ଲାଗି ଖୁସିଖବର। ଭାରତୀୟ ରେଲୱେ ୪୦ଟି ପ୍ରିମିୟମ ଟ୍ରେନରୁ ଫ୍ଲେକ୍ସି ଫେୟାର ପ୍ରାଇସିଂ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛି। କେବଳ ଏତିକି ନୁହେଁ ଅବଶିଷ୍ଟ ୧୦୨ ପ୍ରିମିୟମ ଟ୍ରେନ ଯାତ୍ରୀଙ୍କଠାରୁ ଶେଷ ମୁହୂର୍ତ୍ତରେ ବୁକିଂ ବେଳେ ଭଡାରେ ୫୦% ଡିସ୍କାଉଣ୍ଟ ଦେବାକୁ ରେଲୱେ ଯୋଜନା ପ୍ରସ୍ତୁତ କରୁଛି। ଫଳରେ ଯାତ୍ରୀ ମାନେ କମ୍ ଭଡା ଗଣିବେ। ଏବେ ୬୦% ବୁକିଂ ହୋଇ ନ ଥିବା ଟ୍ରେନରେ ଯାତ୍ରୀଙ୍କଠାରୁ ଗ୍ରେଡ ଭିତ୍ତିରେ ଡିସ୍କାଉଣ୍ଟ ନେବାର ବ୍ୟବସ୍ଥା ରହିଛି। ୨୦% ଡିସକାଉଣ୍ଟ ମିଳୁଥିବା ଏହି ଯୋଜନାକୁ ୨୦୧୬ ସେପ୍ଟେମ୍ବର ୯ରେ ୪୪ ରାଜଧାନୀ, ୪୬ ଶତାବ୍ଦୀ ଏବଂ ୫୨ ଦୂରନ୍ତୋ ପ୍ରିମିୟମ ଟ୍ରେନରେ ଲାଗୁ କରାଯାଇଥିଲା। ରାଜଧାନୀ ଓ ଶତାବ୍ଦୀ ସମ୍ପୂର୍ଣ୍ଣ ଏସି ଟ୍ରେନ ହୋଇଥିବା ବେଳେ ଦୂରନ୍ତୋରେ ଉଭୟ ଏସି ଓ ସାଧାରଣ କୋଚ୍ ରହିଛି। ରେଳ ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି, ୫୦% ବ୍ୟବହାର ହେଉ ନ ଥିବା ରୁଟ୍‌ରେ ଏହି ଫ୍ଲେକ୍ସି ଫେୟାର ବ୍ୟବସ୍ଥାକୁ ପ୍ରତ୍ୟାହାର କରାଯିବ। ନିକଟରେ ସିଏଜି ତାଙ୍କର ସଦ୍ୟତମ ରିପୋର୍ଟରେ ଦର୍ଶାଇଥିଲେ ଯେ, ଫ୍ଲେକ୍ସିଫେୟାର ସ୍କିମ୍ ଯୋଗୁ ବିମାନଠାରୁ ଟ୍ରେନ ଯାତ୍ରା ମହଙ୍ଗା ହୋଇଛି। କେବଳ ଏତିକି ନୁହେଁ ରାଜଧାନୀ, ଶତାବ୍ଦୀ ଓ ଦୂରନ୍ତୋ ଏକ୍ସପ୍ରେସ ଭଳି ଟ୍ରେନରେ ୨ ଏସିର ୧୭% ଏବଂ ୩ ଏସିର ୫% ସିଟ୍ ଖାଲି ରହୁଛି। ଶତାବ୍ଦୀ ଟ୍ରେନରେ ଖାଲି ଥିବା ସିଟ୍ ସଂଖ୍ୟା ପ୍ରାୟ ୨୫% ବୋଲି ରିପୋର୍ଟରେ ଦର୍ଶାଯାଇଛି। ରେଲୱେ ୩ ଏସି ଯୋଗୁ ଭଲ ରୋଜଗାର କରୁଥିଲା। ଫ୍ଲେକ୍ସିଫେୟାର ଲାଗୁ ହେବା ପରେ ୨୦୧୬ ସେପ୍ଟେମ୍ବର ୯ରୁ ୨୦୧୭ ଜୁଲାଇ ୩୧ ମଧ୍ୟରେ ପ୍ରାୟ ୭ ଲକ୍ଷ ଯାତ୍ରୀ ଟ୍ରେନ ଯାତ୍ରାରୁ ଦୂରେଇ ଗଲେ ବୋଲି ଏଥିରେ ଦର୍ଶାଯାଇଥିଲା। ରେଲୱେ ଅଧିକାରୀ କହିଛନ୍ତି ଯେ, ଯାତ୍ରୀମାନଙ୍କୁ ରେଳଯାତ୍ରା ପ୍ରତି ଆକର୍ଷିତ କରିବା ଲକ୍ଷ୍ୟରେ ରେଲୱେ ପକ୍ଷରୁ ନୂତନ ବ୍ୟବସ୍ଥା ଆପଣାଯିବ। ଏହାଦ୍ୱାରା ଉଭୟ ଜାତୀୟ ପରିବହନକାରୀ ଓ ଯାତ୍ରୀ ଉପକୃତ ହେବେ।

### ଭାରତ ସମେତ ସମସ୍ତ ଦେଶକୁ ଆମେରିକାର ଚେତାବନୀ
## ନିଜ ରିସ୍କରେ ଇରାନରୁ ତେଲ କିଣ

ନୂଆଦିଲ୍ଲୀ,୧୪-୯



ପରମାଣୁ ଚୁକ୍ତିରୁ ଓହରିବା ପରେ ଇରାନ ବିରୋଧରେ ଆମେରିକା କଟକଣା ଲାଗୁ କରିଛି। ନଭେମ୍ବର ୪ରୁ ଏହା ସମ୍ପୂର୍ଣ୍ଣ ଭାବେ ଲାଗୁ ହୋଇଯିବ। ଇରାନ ବିରୋଧରେ କଟକଣାକୁ ଦୃଢ଼ତାର ସହ ଲାଗୁ କରାଯିବ ବୋଲି ଆମେରିକା କହିଛି।

ଆମେରିକା କଂଗ୍ରେସରେ ହାଜର ହୋଇ ସହାୟକ ବୈଦେଶିକ ମନ୍ତ୍ରୀ ତଥା ପ୍ରବାସୀ ଭାରତୀୟ ମନୀଷା ସିଂ କହିଛନ୍ତି ଯେ, ଇରାନ ବିରୋଧରେ ତାଙ୍କ ଦେଶ ଦୃଢ଼ତାର ସହ କଟକଣାକୁ ଲାଗୁ କରିବ। ଏଥିରେ ଯେଉଁ ଦେଶ ଆମେରିକାକୁ ସମର୍ଥନ ନ କରିବ ସେ ଦେଶ ବିରୋଧରେ ମଧ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଭାରତ ସମେତ ସମସ୍ତ ଦେଶକୁ କଟକଣା ପାଳନ କରିବାକୁ ଅନୁରୋଧ କରାଯାଇଛି। ଇରାନ ସହ ଯଦି ସେମାନେ ତେଲ କାରବାର କରନ୍ତି ସେଥିପାଇଁ ସେମାନେ ନିଜେ ଦାୟୀ ହେବେ। ନିଜ ରିସ୍କରେ ସେମାନେ ଇରାନ ସହ କାରବାର ଜାରି ରଖିବେ। ଆମେରିକା ସେମାନଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବ। କଟକଣାର ପ୍ରଭାବ ଯେ କେତେ ସୁଦୂରପ୍ରସାରୀ ତାହା ଆମେ ଇରାନକୁ ଜଣାଇ ଦେବାକୁ ଚାହୁଁ ବୋଲି ମନୀଷା କହିଛନ୍ତି। ଇରାନ ପ୍ରସଙ୍ଗରେ ଆମେରିକାର ମନୋଭାବ ଅଧିକ ଦୃଢ଼ ହେଉଛି। ତେବେ କଟକଣା କୋହଳ କରିବାକୁ ଲବି ଚଳାଇଥିବା ଭାରତ ଇତିମଧ୍ୟରେ ଇରାନରୁ ତେଲ କିଣିବା କମାଇ ଚାଲିଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ସେପ୍ଟେମ୍ବର ଓ ଅକ୍ଟୋବର ପାଇଁ ଇରାନରୁ ତେଲ କ୍ରୟ ପରିମାଣକୁ ଅଧା କରିବା ଲାଗି ତୈଳ କମ୍ପାନୀଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ଇରାନରୁ ଭାରତ ସର୍ବାଧିକ ପରିମାଣ ତେଲ କିଣିଥିବା ବେଳେ ସେପ୍ଟେମ୍ବର ଓ ଅକ୍ଟୋବରରେ ୧୨ ମିଲିୟନ ବ୍ୟାରେଲ ତେଲ କିଣିବାକୁ ନିଷ୍ପତ୍ତି ନିଆଯାଇଛି।

## ଅଗଷ୍ଟରେ ରପ୍ତାନି ୧୯.୨୧ ପ୍ରତିଶତ ବୃଦ୍ଧି

ନୂଆଦିଲ୍ଲୀ,୧୪-୯

ଅଗଷ୍ଟରେ ଦେଶର ରପ୍ତାନି ୩ ମାସର ସର୍ବାଧିକ ଅଭିବୃଦ୍ଧି ହାସଲ କରି ୨୭.୮୪ ବିଲିୟନ ଡଲାରରେ ପହଞ୍ଚିଛି, ଯାହା କି ପୂର୍ବ ବର୍ଷର ଏହି ସମୟଠାରୁ ୧୯.୨୧% ଅଧିକ। ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଜାରି ତଥ୍ୟ ଅନୁଯାୟୀ ଅଗଷ୍ଟରେ ପେଟ୍ରୋଲିୟମ ସାମଗ୍ରୀ, ଇଞ୍ଜିନିୟରିଂ, ଫାର୍ମା ଏବଂ ଜେମ୍ସ ଓ ଜୁଏଲେରୀ ରପ୍ତାନି ଅଧିକ ହୋଇଥିଲା। ରପ୍ତାନି ବଢ଼ିଥିଲେ ହେଁ ଆମଦାନୀ ମଧ ଅନୁରୂପ ଭାବେ ବଢ଼ିଛି। ଅଗଷ୍ଟରେ ଆମଦାନୀ ୨୫.୪୧ ହାରରେ ବଢି ୪୫.୨୪ ବିଲିୟନ ଡଲାରରେ ପହଞ୍ଚିଛି। ରପ୍ତାନି ବୃଦ୍ଧି ପାଇବା କାରଣରୁ ଦେଶର ବାଣିଜ୍ୟ ନିଅଣ୍ଟ ପରିମାଣ ୧୭.୩୯ ବିଲିୟନ ଡଲାରକୁ ହ୍ରାସ ପାଇଛି। ଗତ ବର୍ଷ ଏହି ସମୟରେ ନିଅଣ୍ଟ ପରିମାଣ ୧୨.୭୨ ବିଲିୟନ ଡଲାର ଥିଲା। ଜୁଲାଇରେ ଦେଶର ବାଣିଜ୍ୟ ନିଅଣ୍ଟ ପରିମାଣ ୫ ବର୍ଷର ସର୍ବାଧିକ ସ୍ତର ୧୮.୦୨ ବିଲିୟନ ଡଲାରରେ ପହଞ୍ଚି ଯାଇଥିଲା। ଆଲୋଚ୍ୟ ମାସରେ ଦେଶର ସୁନା ଆମଦାନୀ ୯୨.୭୨ ପ୍ରତିଶତକୁ ବୃଦ୍ଧି ପାଇ ୩.୬୪ ବିଲିୟନ ଡଲାର ହୋଇଛି।

### ଦେଶର ସଡ଼କରେ ଦୌଡିବ ବିଦେଶୀ କାର୍, ବାଇକ
## ନିୟମ କୋହଳ କଲେ ସରକାର

ନୂଆଦିଲ୍ଲୀ,୧୪-୯



ଏବେ ଦେଶରେ ବିଦେଶୀ କାର୍ ଓ ବାଇକ ଆଣିବା ସହଜ ହୋଇଛି। କେନ୍ଦ୍ର ସରକାର ଏଥିଲାଗି ନିୟମ କୋହଳ କରିଛନ୍ତି। ସଡ଼କ ପରିବହନ ମନ୍ତ୍ରଣାଳୟ ବିଦେଶୀ କାର୍ ଓ ବାଇକ ଆମଦାନୀରେ ଥିବା ବାଧାକୁ ଦୂର କରିଛନ୍ତି। ସରକାରଙ୍କ ପ୍ରଣୀତ ନୀତି ଅନୁଯାୟୀ ଏଣିକି ଅଟୋମୋବାଇଲ ନିର୍ମାତା କାର୍ ଅଥବା ବାଇକର ୨୫୦୦ ୟୁନିଟ ଭାରତ ଆଣିପାରିବେ। ସେହିପରି ଭାରି ବାହନ ନିର୍ମାଣକାରୀ କମ୍ପାନୀ ୫୦୦ ବସ୍ ଅଥବା ଟ୍ରକ ଆମଦାନୀ କରିପାରିବେ। ତେବେ ଏହି ସମସ୍ତ ବାହନରେ ଡାହାଣ ପାଖରେ ଷ୍ଟିଅରିଂ କଣ୍ଟ୍ରୋଲ ରହିବା ଆବଶ୍ୟକ ବୋଲି ସରକାର ସର୍ତ୍ତ ରଖିଛନ୍ତି। ଡାଇରେକ୍ଟର ଜେନେରାଲ ଅଫ୍ ଫରେନ୍ ଟ୍ରେଡ(ଡିଜିଏଫ୍‌ଟି) ପକ୍ଷରୁ ପ୍ରଣୀତ ନୀତି ଅନୁଯାୟୀ ୪୦ ହଜାର ଡଲାର( ୨୮ ଲକ୍ଷ ଟଙ୍କା)ପର୍ଯ୍ୟନ୍ତ ମୂଲ୍ୟର ବାହନ ଆମଦାନୀ କରିହେବ। ସେହିପରି ୮୦୦ସିସିରୁ ଅଧିକର ବାଇକ ଦେଶକୁ ଆଣି ହେବ। ତେବେ ଏହି ବାହନ ଉପରେ ଆମଦାନୀ ଶୁଳ୍କ ଏବଂ ଅନ୍ୟ ଡ୍ୟୁଟି ଲାଗୁ ହେବ। ସେହିପରି ୟୁରୋପ, ଜାପାନ ଓ ଅନ୍ୟ କେତେକ ରାଷ୍ଟ୍ର ଦ୍ୱାରା ଧାର୍ଯ୍ୟ ଅନ୍ତଃରାଷ୍ଟ୍ରୀୟ ମାନଦଣ୍ଡ ଆଧାରରେ ଦେଶରେ ଏହି ସମସ୍ତ ବିଦେଶୀ ବାହନର ପଞ୍ଜୀକରଣ କରାଯିବ। କେନ୍ଦ୍ରୀୟ ମୋଟର ଭେହିକିଲ୍ସ ନିୟମକୁ ଆଧାର କରି ଡିଜିଏଫ୍‌ଟି ପକ୍ଷରୁ ନିୟମ ପ୍ରଣୟନ କରାଯାଇଛି । ଏହାଦ୍ୱାରା ବିଦେଶୀ କାର୍, ବସ୍,ଟ୍ରକ ଓ ବାଇକ୍ ସ୍ୱଦେଶ ଆମଦାନୀ କରିବା ସହଜ ହେବ ବୋଲି ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି। ଏହାଦ୍ୱାରା ବିଦେଶରୁ ଇଲେକ୍ଟ୍ରିକ ଗାଡି ଆଣିବା ସହଜ ହେବ। ଫଳରେ ବିଦେଶୀ କମ୍ପାନୀ ମାନେ ଦେଶରେ ସେମାନଙ୍କ କାରଖାନା ପ୍ରତିଷ୍ଠା କରିପାରିବେ।

## ଭୁବନେଶ୍ୱରରେ ମାର୍କସ୍ ଆଣ୍ଡ ସ୍ପେନସର୍‌ର ପ୍ରଥମ ଷ୍ଟୋର

ଭୁବନେଶ୍ୱର,୧୪-୯(ବ୍ୟୁରୋ)

ଆଇକନିକ ବ୍ରିଟିଶ ରିଟେଲର ମାର୍କସ ଆଣ୍ଡ ସ୍ପେନସର(ଏମ୍ ଆଣ୍ଡ ଏସ୍) ଭୁବନେଶ୍ୱରର ଏସ୍ପ୍ଲାନେଡ ୱାନ ମଲ୍‌ଠାରେ ଏହାର ପ୍ରଥମ ଷ୍ଟୋର ଶୁଭାରମ୍ଭ କରିଛି। ଏହାକୁ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଜେମ୍ସ ମନ୍‌ସନ୍ ଏବଂ ବଲିଉଡ ଅଭିନେତ୍ରୀ ଦିଶା ପଟାନୀ ଉନ୍ମୋଚନ କରିଥିଲେ। ୬,୭୦୦ ବର୍ଗଫୁଟ ସ୍ଥାନରେ ଏହି ନୂଆ ଷ୍ଟୋର ଖୋଲିଛି। ଏଠାରେ ମାର୍କ ଆଣ୍ଡ ସ୍ପେନସରର ଗୁଣାବତ୍ତା ବିଶିଷ୍ଟ ପୁରୁଷ ଓ ମହିଳା ପୋଷାକ, କିଡସୱେର, ଲିଞ୍ଜରୀ ଭଳି ଅନ୍ୟାନ୍ୟ କଲେକ୍ସନ ଉପଲବ୍ଧ ହେବ। ଏହାର ଅତ୍ୟାଧୁନିକ କଲେକ୍ସନ ରେଞ୍ଜ ତଥା ମହିଳାଙ୍କ ପୋଷାକରେ ଏକ ପ୍ରିଣ୍ଟେଟ ଟି-ସାର୍ଟ ୫୯୯ ଟଙ୍କାରୁ ଆରମ୍ଭ। ପୁରୁଷ ବର୍ଗରେ ଟି-ସାର୍ଟର ପ୍ରାରମ୍ଭିକ ମୂଲ୍ୟ ୯୯୯ ଟଙ୍କା, କିଡସ ବର୍ଗରେ ଟପ୍‌ର ପ୍ରାରମ୍ଭିକ ମୂଲ୍ୟ ୩୯୯ ଟଙ୍କା। ବିୟୁଟି ପ୍ରଡକ୍ଟ ସହ ମହିଳାଙ୍କ ଲାଗି ବିସ୍ତୃତ ରେଞ୍ଜର ସାର୍ଟୱେର, ଡେନିମ, ଆଉଟୱେର ଭଳି ଅନ୍ୟାନ୍ୟ କଲେକ୍ସନ ରହିଛି।




### ■ମାଲ୍ୟାଙ୍କୁ ଋଣ ପ୍ରଦାନ
## ଅଧିକ ଖୋଳତାଡ଼ କରୁଛି ସିବିଆଇ

ନୂଆଦିଲ୍ଲୀ,୧୪-୯

**କିଛି ଅଧିକାରୀ ଗିରଫ ହେବେ**



ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କ କିଙ୍ଗଫିଶର ଏୟାର ଲାଇନ୍ସକୁ ଋଣ ପ୍ରଦାନରେ ହାତ ଥିବା ନେଇ ଅର୍ଥ ମନ୍ତ୍ରଣାଳୟର ଅଧିକାରୀଙ୍କ ଉପରେ ଏବେ ସିବିଆଇର ନଜର ପଡିଛି। କେଉଁ ଅଧିକାରୀମାନେ ମାଲ୍ୟାଙ୍କୁ ଋଣ ପ୍ରଦାନରେ ସହଯୋଗ କରିଥିଲେ ସେମାନଙ୍କୁ ଖୋଜି ବାହାର କରିବାକୁ ସିବିଆଇ ଏବେ ଅଣ୍ଟା ଭିଡିଛି। ଏହି ମାମଲାରେ ସିବିଆଇ ଏବେ ଅତିରିକ୍ତ ଚାର୍ଜଶିଟ୍ ଦାଖଲ କରିବାକୁ ବିଚାର କରୁଛି। ଉକ୍ତ ମାମଲାରେ ସିବିଆଇ ଏବେ ଅଧିକ ଖୋଳତାଡ ଆରମ୍ଭ କରିଛି। ଅର୍ଥ ମନ୍ତ୍ରଣାଳୟରୁ ଫାଇଲ ମଗାଇ ସିବିଆଇ ଏଗୁଡିକର ତନ୍ନ ତନ୍ନ ଯାଞ୍ଚ ଆରମ୍ଭ କରିଛି। ମାଲ୍ୟାଙ୍କ ବାସଭବନରୁ ଉଦ୍ଧାର ହୋଇଥିବା ଚିଠିପତ୍ର ଓ ଇ-ମେଲ ଆଦି ଏବଂ ଫାଇଲରୁ ମିଳିଥିବା ତଥ୍ୟକୁ ମିଳାଇବା ପରେ ଅର୍ଥ ମନ୍ତ୍ରଣାଳୟର ବହୁ ଅଧିକାରୀ ଏଥିରେ ସମ୍ପୃକ୍ତ ଅଛନ୍ତି ବୋଲି ସିବିଆଇର ସନ୍ଦେହ ଦୃଢ଼ୀଭୂତ ହୋଇଛି। ମାଲ୍ୟା ଓ କମ୍ପାନୀ ପରାମର୍ଶଦାତା ବିଶେଷ କରି ଏ.କେ.ରବି ନେଦୁନଗଡି, ହରିଶ ଭାଟ୍ ଏବଂ ଏ.ରଘୁନାଥନଙ୍କ ମଧ୍ୟରେ ହୋଇଥିବା ଚିଠିପତ୍ର ଓ ଇ-ମେଲ୍‌ର ଆଦାନ ପ୍ରଦାନ କାଗଜପତ୍ରକୁ କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସି ଜବତ କରିଥିଲା। ତତ୍କାଳୀନ ଯୁଗ୍ମ ସଚିବ(ବ୍ୟାଙ୍କିଙ୍ଗ) ଅମିତାଭ ବର୍ମାଙ୍କ ଭୂମିକାକୁ ନେଇ ସିବିଆଇ ଏବେ ଅଧିକ ଖୋଳତାଡ ଆରମ୍ଭ କରିଛି। ୨୦୦୮ରୁ ୨୦୧୩ ମଧ୍ୟରେ ମାଲ୍ୟା ସଂକ୍ରାନ୍ତରେ ପିଏମ୍ଓ, ଅର୍ଥ ମନ୍ତ୍ରଣାଳୟ, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏବଂ ପେଟ୍ରୋଲିୟମ ମନ୍ତ୍ରଣାଳୟ ମଧ୍ୟରେ ହୋଇଥିବା ଚିଠି ଆଦାନପ୍ରଦାନକୁ ମଧ ସିବିଆଇ ପରୀକ୍ଷା କରି ଦେଖୁଛି।

### କାର୍ଯ୍ୟାନୁଷ୍ଠାନରେ ବିଳମ୍ବ କରିନି ଏସ୍‌ବିଆଇ

ନୂଆଦିଲ୍ଲୀ,୧୪-୯: ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଏସ୍‌ବିଆଇ ବିଳମ୍ବ କରିନାହିଁ ବୋଲି ଶୁକ୍ରବାର କହିଛି। ସେ ବିଦେଶ ପଳାଇବା ପରେ ମୁଖ୍ୟ ଋଣପ୍ରଦାନକାରୀ ବ୍ୟାଙ୍କ ସୁପ୍ରିମକୋର୍ଟରେ ଆବେଦନ କରିଥିଲା ବୋଲି ମିଡିଆ ରିପୋର୍ଟ ପ୍ରକାଶ ପାଇବା ପରେ ବ୍ୟାଙ୍କ ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି। ମାଲ୍ୟା ୨୦୧୬ ମାର୍ଚ୍ଚ ୨ରେ ଦେଶ ଛାଡିଥିବା ବେଳେ ଏସ୍‌ବିଆଇ ସମେତ ଅନ୍ୟ ବ୍ୟାଙ୍କମାନେ ଏହାର ୪ ଦିନ ପରେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ।

### ମାଲ୍ୟାଙ୍କ ପଳାୟନରେ ପ୍ରଧାନମନ୍ତ୍ରୀଙ୍କ ହାତ: ରାହୁଲ

ମଦ ବ୍ୟବସାୟୀ ବିଜୟ ମାଲ୍ୟା ଲଣ୍ଡନ ପଳାଇବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସିଧାସଳଖ ହାତ ରହିଥିବା କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଟୁଇଟ୍ ଜରିଆରେ ଅଭିଯୋଗ କରିଛନ୍ତି। ସିବିଆଇ ସିଧାସଳଖ ପ୍ରଧାନମନ୍ତ୍ରୀଙ୍କୁ ରିପୋର୍ଟ କରୁଥିବାରୁ ତାଙ୍କ ନିର୍ଦ୍ଦେଶରେ ଲୁକ୍‌ଆଉଟ୍ ନୋଟିସକୁ ଦୁର୍ବଳ କରିଥିଲା। ଫଳରେ ମାଲ୍ୟା ଖସିଯିବାରେ ସଫଳ ହୋଇଥିଲେ।



ସ୍କ୍ରିଣ୍ଟ୍ କିଙ୍ଗ୍‌ରୁ ଫୁଟବଲ ଖେଳାଳି ବନିଥିବା ଉଷେନ ବୋଲ୍ଟଙ୍କୁ ଯଦି ଡିଫେନ୍ସରେ ଖେଳାଯାଏ ସେଥିରୁ ଫାଇଦା ମିଳିପାରିବ ।

–ଭିସେଣ୍ଟ ଡେଲ୍ ବୋସ୍କ, ସ୍ପେନ ଫୁଟ୍‌ବଲ କୋଚ୍



ଜଣେ ଖେଳାଳି ହିସାବରେ ସର୍ଦ୍ଦାର ସିଂଙ୍କ ନିକଟରେ ରହିଥିବା ଗୁଣ ଓ ଉତ୍ସର୍ଗୀକୃତ ମନୋଭାବ ତାଙ୍କୁ ଖେଳର ଜଣେ ଆମ୍ବାସାଡର ଭାବେ ଗଢିତୋଳିଛି ।

–ରାଜିନ୍ଦର ସିଂ, ହକି ଇଣ୍ଡିଆ ସଭାପତି

## ସଂକ୍ଷେପରେ

### ଭାରତ-ମାଳଦ୍ୱୀପ ଫାଇନାଲ ଆଜି

ଢାକା, ୧୪।୯ (ପି.ଟି.): ସାଉଥ୍ ଏସିଆନ ଫୁଟ୍‌ବଲ ଫେଡେରେଶନ (ସାଫ୍) କପ୍‌ର ଫାଇନାଲ ମ୍ୟାଚ ଶନିବାର ୭ଥର ଚାମ୍ପିୟନ ଭାରତ ଏବଂ ମାଲେସିଆ ମଧ୍ୟରେ ଖେଳାଯିବ। ଅପରାଜେୟ ଭାରତ ଫେଭରାଇଟ୍ ଦଳ ଭାବେ ପଡ଼ିଆକୁ ଓହ୍ଲାଇବ। ଭାରତୀୟ ଦଳରେ ଜଣକୁ ଛାଡ଼ିଦେଲେ ଅନ୍ୟମାନେ ୨୩ ବର୍ଷରୁ କମ୍ ଖେଳାଳି। ଗ୍ରୁପ୍ ପର୍ଯ୍ୟାୟରେ ଏହି ଦଳ ଶ୍ରୀଲଙ୍କା (୨-୦) ଏବଂ ଶନିବାରର ପ୍ରତିଦ୍ୱନ୍ଦ୍ୱୀ ମାଳଦ୍ୱୀପ (୨-୦) ପରାସ୍ତ କରି ସାରିଥିବାବେଳେ ସେମିଫାଇନାଲରେ ପାକିସ୍ତାନ (୩-୧)କୁ ହରାଇ ଦେଇଥିଲା। ଟୁର୍ଣ୍ଣାମେଣ୍ଟର ଏହା ହେଉଛି ୧୨ତମ ସଂସ୍କରଣ। ଗତଥରର ଚାମ୍ପିୟନ ଭାରତ ପଛକୁ ପଛ ତୃତୀୟ ଏବଂ ମୋଟ ଉପରେ ୮ମ ସଫଳତା ହାସଲ ଲକ୍ଷ୍ୟରେ ରହିଛି। ମାଳଦ୍ୱୀପ ଗତ ତିନୋଟି ସଂସ୍କରଣରେ ଫାଇନାଲ ଖେଳି ନାହିଁ। ପ୍ରତିଟି ଥର ସେମିଫାଇନାଲରେ ପରାସ୍ତ ହୋଇଛି। ଅନ୍ୟପକ୍ଷରେ ଏହି ଦଳ ୨୦୦୩ ବ୍ୟତୀତ ଅନ୍ୟ ୧୧ଟି ସଂସ୍କରଣ ଫାଇନାଲ ଖେଳିଛି। ଶେଷଥର ୨୦୦୯ରେ ସ୍ଥାନୀୟ ବଙ୍ଗବନ୍ଧୁ ଷ୍ଟାଡିୟମରେ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଫାଇନାଲରେ ଭାରତ ଓ ମାଳଦ୍ୱୀପ ପରସ୍ପରକୁ ଭେଟିଥିଲେ। ଅତିରିକ୍ତ ସମୟ ଖେଳ ସତ୍ତ୍ୱେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଭାରତ ପେନାଲ୍ଟି ଶୁଟ୍ ଆଉଟ ଜରିଆରେ ଫାଇନାଲ ମ୍ୟାଚ ଜିତିଥିଲା। ମାଳଦ୍ୱୀପକୁ ଯଦିଓ ଗ୍ରୁପ୍ ପର୍ଯ୍ୟାୟରେ ସଂଘର୍ଷ କରିବାକୁ ପଡ଼ିଥିଲା, ଏହି ଦଳକୁ ହେୟଜ୍ଞାନ କରିବା ଉଚିତ୍ ହେବନାହିଁ। ମାଳଦ୍ୱୀପ ସେମିଫାଇନାଲରେ ନେପାଳକୁ ୩-୦ ଗୋଲରେ ପରାସ୍ତ କରିଛି। ଫାଇନାଲ ମ୍ୟାଚ ଟାଇବ୍ରେକର ପର୍ଯ୍ୟାୟକୁ ଯାଉ ବୋଲି ଭାରତୀୟ ଦଳର କୋଚ୍ ଷ୍ଟିଫେନ୍ କନଷ୍ଟାଣ୍ଟିନ ଚାହୁ ନାହାନ୍ତି। ଖେଳାଳିମାନଙ୍କୁ ସେ କହିଛନ୍ତି, ଶନିବାର ମ୍ୟାଚରେ ଭଲ ଖେଳିଲେ ସମ୍ପୃକ୍ତ ଖେଳାଳିଙ୍କୁ ଏସିଆନ କପ୍ ପାଇଁ ଭାରତୀୟ ଦଳରେ ସୁଯୋଗ ମିଳିବ। ପାକିସ୍ତାନ ବିପକ୍ଷ ମ୍ୟାଚରେ ଦୁଇଟି ଗୋଲ ସ୍କୋର କରିଥିବା ମନଭୀର ସିଂଙ୍କ ଉପରେ ସମସ୍ତଙ୍କ ନଜର ରହିବ।

### ନେତୃତ୍ୱ ଛାଡ଼ିବା କାରଣ ସ୍ପଷ୍ଟ କଲେ ଧୋନୀ

ନୂଆଦିଲ୍ଲୀ,୧୪।୯: ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଦେଢ଼ ବର୍ଷ ପୂର୍ବେ ଦିନିକିଆ ଓ ଟି୨୦ ଦଳରେ ନେତୃତ୍ୱ ତ୍ୟାଗ କରିଥିଲେ। ଏହାର କାରଣ ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ସିଆଇଏସ୍ଏଫ୍) ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ ସ୍ପଷ୍ଟ କରିଛନ୍ତି। ଆଗାମୀ ୨୦୧୯ ବିଶ୍ୱକପ୍ ପୂର୍ବରୁ ବିରାଟ କୋହଲିଙ୍କୁ ଦଳ ଗଠନ କରିବା ଲାଗି ଯଥେଷ୍ଟ ସମୟ ପ୍ରଦାନ କରିବା ପାଇଁ ସେ ଚାହୁଁଥିଲେ। ‘‘ଅଧିନାୟକ ପଦରୁ ଇସ୍ତଫା ଦେଇଥିଲି, କାରଣ ମୁଁ ଚାହୁଁଥିଲି ପରବର୍ତ୍ତୀ ଅଧିନାୟକ (କୋହଲି)ଙ୍କୁ ୨୦୧୯ ବିଶ୍ୱକପ୍ ପୂର୍ବରୁ ଦଳ ଗଠନ କରିବା ପାଇଁ ଅଧିକ ସମୟ ମିଳୁ। ଏକ ଶକ୍ତିଶାଳୀ ଦଳ ଗଠନ ଓ ଖେଳାଳି ଚୟନ କରିବା ପାଇଁ ନୂଆ ଅଧିନାୟକଙ୍କୁ ଆବଶ୍ୟକ ସମୟ ଦେବା ଦରକାର। ମୋ ମତରେ ଠିକ୍ ସମୟରେ ହିଁ ମୁଁ ନେତୃତ୍ୱ ଛାଡ଼ିଛି’’ ବୋଲି ୨୦୧୧ ବିଶ୍ୱକପ୍ ଚାମ୍ପିୟନ ଅଧିନାୟକ ଧୋନୀ କହିଛନ୍ତି। ଉଲ୍ଲେଖଥାଉ କି, ଧୋନୀ ୨୦୧୪ ଡିସେମ୍ବରରେ ଟେଷ୍ଟ କ୍ରିକେଟରୁ ଅବସର ନେଇଥିଲେ। ଏହାପରେ ୨୦୧୭ ଜାନୁୟାରୀରେ ସେ ଦିନିକିଆ ଓ ଟି୨୦ ଦଳର ନେତୃତ୍ୱ ତ୍ୟାଗ କରିଥିଲେ।

# ବାଂଲାଦେଶ-ଶ୍ରୀଲଙ୍କା ଉଦ୍‌ଘାଟନୀ ମ୍ୟାଚ୍

## ଏସିଆ କପ୍ ଆଜିଠାରୁ

ଦୁବାଇ, ୧୪।୯(ପି.ଟି.)

ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି ଏସିଆ ମହାଦେଶର ସର୍ବବୃହତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଏସିଆ କପ। ବିଭିନ୍ନ ଦୃଷ୍ଟିକୋଣରୁ ଏହି ଟୁର୍ଣ୍ଣାମେଣ୍ଟ ବିଶେଷ ଗୁରୁତ୍ୱ ବହନ କରୁଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ବାଂଲାଦେଶ ଓ ଶ୍ରୀଲଙ୍କା ପରସ୍ପରକୁ ଭେଟିବେ। ଭାରତ ଓ ପାକିସ୍ତାନ ମୁକାବିଲା ଉପରେ ସାରା ବିଶ୍ୱର ନଜର ରହିଛି। ତେବେ ଟୁର୍ଣ୍ଣାମେଣ୍ଟରେ ଏହି ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଅତିକମ୍‌ରେ ଦୁଇଥର ଭେଟିବା ନିଶ୍ଚିତ ମନେହେଉଛି। ଗ୍ରୁପ୍ ପର୍ଯ୍ୟାୟରେ ଓ ପରେ ସୁପର-୪ ପର୍ଯ୍ୟାୟରେ ଦୁଇ ଦଳ ଭେଟିବାର ଯଥେଷ୍ଟ ସମ୍ଭାବନା ରହିଛି। ପୁଣି ଯଦି ଫାଇନାଲକୁ ଉଠନ୍ତି ଦେବେ ତୃତୀୟଥର ପାଇଁ ଦୁଇ ଦଳ ୨୮ ତାରିଖ ଦିନ ଖେଳାଯିବାକୁ ଥିବା ଫାଇନାଲରେ ମୁହାଁମୁହିଁ ହେବେ।

ନିୟମିତ ଅଧିନାୟକ ବିରାଟ କୋହଲିଙ୍କ ଅନୁପସ୍ଥିତିରେ ଭାରତ ଚାପରେ କିଭଳି ପ୍ରଦର୍ଶନ କରୁଛି ତାହା ଉପରେ ସମସ୍ତଙ୍କ ନଜର ରହିଛି। ସଦ୍ୟ ସମାପ୍ତ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଭାରତ ୪-୧ରେ ପରାସ୍ତ ହେବା ସହ ଇଂଲଣ୍ଡ ଗସ୍ତର ସମାପ୍ତି ଘଟିଥିଲା। ବ୍ୟସ୍ତ ବହୁଳ କାର୍ଯ୍ୟସୂଚୀ ଯୋଗୁ ତାଙ୍କୁ ବିଶ୍ରାମ ଦିଆଯାଇଛି। ୧୮ ତାରିଖ ମଙ୍ଗଳବାର ହଂକଂ ବିପକ୍ଷରୁ ଭାରତ ଅଭିଯାନ ଆରମ୍ଭ କରିବ। ଏହା ପରଦିନ ବୁଧବାର ପାକିସ୍ତାନକୁ ଭାରତ ଭେଟିବ। ଦିନିକିଆ ଫର୍ମାଟରେ ଜଣେ ବିଶ୍ୱସ୍ତରୀୟ ଖେଳାଳି ହୋଇଥିଲେ ମଧ୍ୟ ଅଧିନାୟକ ହିସାବରେ ରୋହିତ ଶର୍ମା ପରୀକ୍ଷା ସମ୍ମୁଖୀନ ହେବେ। ଗତ ଡିସେମ୍ବରରେ ସେ ଶ୍ରୀଲଙ୍କା ବିପକ୍ଷରେ ଭାରତର ନେତୃତ୍ୱ ନେଇ ସଫଳ ହୋଇଥିଲେ। କିନ୍ତୁ ସେତେବେଳେ ଶ୍ରୀଲଙ୍କା ଅପେକ୍ଷାକୃତ ଦୁର୍ବଳ ଥିଲା। ପାକିସ୍ତାନ ବିପକ୍ଷରେ ଭାରତ କିଭଳି ପ୍ରଦର୍ଶନ କରୁଛି ତାହା ଦେଖିବାକୁ ବାକି ରହିଲା। ପାକିସ୍ତାନ ଦଳରେ ବିଶ୍ୱସ୍ତରୀୟ ଦ୍ରୁତ ବୋଲର ମହମ୍ମଦ ଆମୀର, ଜଣେ ପ୍ରତିଭାସମ୍ପର୍ନ୍ନ ଅଲରାଉଣ୍ଡର ହାସନ ଅଲୀ, ଜଣେ ଉଚ୍ଚକୋଟୀର ଓପନର ଫକାର ଜମାନ ଓ ବାବର ଆଜମ ଓ ହାରିସ୍ ସୋହେଲଙ୍କ ଭଳି ପ୍ରତିଭା ସମ୍ପର୍ନ୍ନ ବ୍ୟାଟ୍ସମ୍ୟାନ ରହିଛନ୍ତି। ଟୁର୍ଣ୍ଣାମେଣ୍ଟରେ ଏକ ଦୃଢ ମିଡିଲ ଅର୍ଡର ସ୍ଥାପନ କରିବା ଓ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀଙ୍କ ପାଇଁ ଏକ ଠିକ୍ ବ୍ୟାଟିଂ ପୋଜିଶନ ବାହର କରିବା ହେଉଛି ଭାରତର ମୁଖ୍ୟ କାର୍ଯ୍ୟ।

ଗତକିଛି ବର୍ଷ ମଧ୍ୟରେ ବାଂଲାଦେଶ ଏସିଆ କପ୍‌ରେ ଉଚ୍ଚକୋଟୀର ପ୍ରଦର୍ଶନ କରିଛି। ଟ୨୦ ଫର୍ମାଟରେ ଖେଳାଯାଇଥିବା ଗତ ସଂସ୍କରଣରେ ବାଂଲାଦେଶ ଘରୋଇ ପରିବେଶରେ ଦମ୍ ଦେଖାଇ ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ୨୦୧୨ ସଂସ୍କରଣରେ ବାଂଲାଦେଶ ୫୦ ଓଭର ଫର୍ମାଟରେ ମଧ୍ୟ ଫାଇନାଲ ଖେଳିଥିଲା। ମାଶ୍ରାଫି ମୋର୍ତ୍ତାଜାଙ୍କ ନେତୃତ୍ୱରେ ବାଂଲାଦେଶ ଏଥର ମଧ୍ୟ ଭଲ ଖେଳିବ ବୋଲି ଆଶା କରାଯାଉଛି। ବାଂଲାଦେଶ ଦଳରେ ଏକାଧିକ ବିଶ୍ୱସ୍ତରୀୟ ଖେଳାଳି ରହିଛନ୍ତି।

ବିଭିନ୍ନ କାରଣରୁ ଶ୍ରୀଲଙ୍କା ଦଳରେ ଏକାଧିକ ସମସ୍ୟା ଥିବା ଭଳି ମନେ ହେଉଛି। ଦଳ ଏବେ ପରିବର୍ତ୍ତନର ପର୍ଯ୍ୟାୟ ଦେଇ ଗତି କରୁଛି। ତେବେ ଦୀର୍ଘ ସମୟ ହେବ ଶ୍ରୀଲଙ୍କା ଏହି ପର୍ଯ୍ୟାୟ ପାର କରିପାରି ନାହିଁ। ଦଳରେ ଆଞ୍ଜେଲୋ ମାଥ୍ୟୁସ୍, ଥିସାରା ପେରେରା, ଉପୁଲ ଥରଙ୍ଗାଙ୍କ ଭଳି ଅଭିଜ୍ଞ ଖେଳାଳିଙ୍କ ସମେତ ଅକିଳ ଧନଞ୍ଜୟ, ଦସୁନ ଶନକା ଓ କାସୁନ ରଜିଥାଙ୍କ ଭଳି ଯୁବ ପ୍ରତିଭାସମ୍ପର୍ନ୍ନ ଖେଳାଳି ରହିଛନ୍ତି। ସ୍ଥିର ପ୍ରଦର୍ଶନ ଉପରେ ଶ୍ରୀଲଙ୍କା ଧ୍ୟାନ ଦେବା ଆଶା କରାଯାଉଛି। ଆଫଗାନିସ୍ତାନ ଦଳରେ ଟି୨୦ ସୁପରଷ୍ଟାର ରସିଦ ଖାଁ, ମହମ୍ମଦ ଶାହଜାଦଙ୍କ ଭଳି ଖେଳାଳି ରହିଛନ୍ତି ଓ ଏହି ଦଳ ଭଲ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି। ସେହିପରି ଭାରତୀୟ ବାଂଶୋଭବ ଅଂଶୁମାନ ରଥଙ୍କ ନେତୃତ୍ୱରେ ହଂକଂ ପଡିଆକୁ ଓହ୍ଲାଇବ। ହଂକଂ ଦଳରେ ସେମି ପ୍ରଫେଶନାଲ କ୍ରିକେଟର ରହିଛନ୍ତି। ବାହାରୁ ଆସିଥିବା ଖେଳାଳିମାନେ ହଂକଂ ଦଳରେ ସାମିଲ ହୋଇଛନ୍ତି। ଅତିକମ୍‌ରେ ବିଜୟୀ ନ ହେଲେ ମଧ୍ୟ ସବୁ ଦଳକୁ ଟକ୍କର ଦେବା ଲକ୍ଷ୍ୟରେ ହଂକଂ ରହିଛି।

**ବାଂଲାଦେଶ ଦଳ:** ମଶ୍ରାଫି ମୋର୍ତ୍ତାଜା (ଅଧିନାୟକ), ତାମିମ ଇକବାଲ, ଲିଟନ କୁମାର ଦାସ, ମୁସଫିକର ରହିମ, ମହମୁଦୁଲ୍ଲା ରିୟାଦ, ମୋମିନୁଲ ହକ୍, ଅରିଫୁଲ ହକ୍, ମହମ୍ମଦ ମିଥୁନ, ମୁସ୍ତାଫିଜୁର ରହମାନ, ରୁବେଲ ହୋସେନ, ମେହିଦି ହାସନ ମିର୍ଜା,ମୋସାଡେକ ହୋସେନ, ନାଜମୁଲ ଇସ୍ଲାମ, ନାଜମୁଲ ହୋସେନ ଶାଣ୍ଟୋ ଓ ଅବୁ ହାଇଦର ରୋନୀ।

**ଶ୍ରୀଲଙ୍କା ଦଳ:** ଆଞ୍ଜେଲୋ ମାଥ୍ୟୁସ୍ (ଅଧିନାୟକ), କୁଶାଲ ପେରେରା, କୁଶାଲ ମେଣ୍ଡିସ୍, ଉପୁଲ ଥରଙ୍ଗା, ଥିସାରା ପେରେରା, ନିରୋଶାନ ଡିକ୍‌ୱେଲା, ଧନଞ୍ଜୟ ଡି ସିଲଭା, ଦସୁନ ସନକା, କାସୁନ ରଜିଥା, ଅକିଳ ଧନଞ୍ଜୟ, ଅମିଳା ଅପୋନ୍ସୋ, ଲସିଥ ମାଲିଙ୍ଗା, ଦୁଷ୍ମନ୍ତ ଚାମିରା, ଦିଲରୁୱାନ ପେରେରା ଓ ଶେହାନ ଜୟସୁରିୟା।




ଏସିଆ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଅଂଶଗ୍ରହଣକାରୀ ଦଳର ଅଧିନାୟକମାନେ।

### ଭାରତ ଏ’ବୋଲରଙ୍କୁ ୟୁଏଇ ପଠାଗଲା

ନୂଆଦିଲ୍ଲୀ, ୧୪।୯(ପି.ଟି.)

ଏସିଆ କପ୍‌ରେ ଟିମ୍ ଇଣ୍ଡିଆର ଭଲ ପ୍ରସ୍ତୁତି ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ୫ ଜଣ ଭାରତ ଏ’ ବୋଲରଙ୍କୁ ୟୁଏଇ ପଠାଇଛି। ନେଟ୍ସ ସେସନ୍‌ରେ ଦଳକୁ ଏହି ବୋଲରମାନେ ଅଭ୍ୟାସ ଅବସରରେ ସହାୟତା ପ୍ରଦାନ କରିବେ। ଏଥିରେ ୩ଜଣ ପେସର ଓ ୨ଜଣ ସ୍ପିନର ସାମିଲ ରହିଛନ୍ତି। ପେସରମାନେ ହେଲେ ମଧ୍ୟପ୍ରଦେଶର ଆଭେସ ଖାଁ, କର୍ଣ୍ଣାଟକର ଏମ୍. ପ୍ରସିଦ୍ଧ କ୍ରିଷ୍ଣା, ପଞ୍ଜାବର ସିଦ୍ଧାର୍ଥ କାଉଲ। ସେହିପରି ବାମହାତୀ ସ୍ପିନର ହେଲେ ଶାହାବାଜ ନଦୀମ ଓ ଲେଗ୍ ସ୍ପିନର ମୟଙ୍କ ଅଗ୍ରୱାଲ ଆଗାମୀ ୩ ଦିନ ପାଇଁ ନେଟ୍ସରେ ବୋଲିଂ କରିବେ। ଆଭେସଙ୍କୁ ବାଦ ଦେଲେ ବାକି ୪ଜଣ ବୋଲର ସଦ୍ୟ ସମାପ୍ତ ଚତୁଃରାଷ୍ଟ୍ରୀୟ ସିରିଜରେ ସାମିଲ ଥିଲେ। ଏହି ସିରିଜରେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ଏ ଦଳଗୁଡିକ ଅଂଶଗ୍ରହଣ କରିଥିଲେ। କାଉଲ ମଧ୍ୟ ୟୁକେ ଗସ୍ତରେ ସିନିୟର ଦଳରେ ସାମିଲ ଥିଲେ। ତେବେ ୧୯ ତାରିଖରୁ ବିଜୟ ହଜାରେ ଟ୍ରଫି ଆରମ୍ଭ ହେବାକୁ ଯାଉଥିବାରୁ ଏହି ବୋଲରମାନଙ୍କୁ ପୁଣି ସ୍ୱଦେଶ ଫେରାଇ ଦିଆଯିବ ବୋଲି କୁହାଯାଇଛି। ସବୁ ସ୍ଥାନରେ କ୍ୱାଲିଟି ନେଟ୍ସ ବୋଲର ମିଳି ନ ଥାନ୍ତି। ତେଣୁ ପ୍ରାକ୍ଟିସ୍ ସେସନରେ ସିନିୟର ଖେଳାଳିମାନେ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। କ୍ରମାଗତ ଦୁଇଟି ମ୍ୟାଚ୍ ଥିବାରୁ ଭୁବନେଶ୍ୱର କୁମାର ଓ ଯଶପ୍ରୀତ ବୁମରା ନେଟ୍ସରେ ବୋଲିଂ କରିବା ଠିକ୍ ହେବ ନାହିଁ। ଫଳରେ ଏହି ବୋଲରମାନଙ୍କୁ ୟୁଏଇ ପଠାଯାଇଛି।



ସିବିଏସ୍‌ଇ କ୍ଲଷ୍ଟର- ୨ ଟେବୁଲ୍ ଟେନିସ୍ ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ ଅବସରରେ ଖେଳାଳିଙ୍କ ସହ ଅତିଥି ପରିଚିତ ହେଉଛନ୍ତି।

## ସିବିଏସ୍‌ଇ କ୍ଲଷ୍ଟର-୨ ଟେବୁଲ୍ ଟେନିସ୍ ଆରମ୍ଭ

ଭୁବନେଶ୍ୱର, ୧୪।୯(ସ୍ପୋର୍ଟ୍ସ ବ୍ୟୁରୋ)

ବିକାଶ ଆବାସିକ ବିଦ୍ୟାଳୟ ପରିସରରେ ସିବିଏସ୍‌ଇ କ୍ଲଷ୍ଟର- ୨ ଟେବୁଲ୍ ଟେନିସ୍ ଚାମ୍ପିୟନଶିପ୍ ଶୁକ୍ରବାର ଆରମ୍ଭ ହୋଇଛି। ଏଥିରେ ୩ ରାଜ୍ୟ ଓଡିଶା, ପଶ୍ଚିମବଙ୍ଗ ଓ ଛତିଶଗଡର ୪୨ଟି ସ୍କୁଲ୍‌ରୁ ୧୦୬ଟି ଟିମ୍‌ରେ ୨୪୯ ଛାତ୍ରୀ ଛାତ୍ର ଭାଗ ନେଇଛନ୍ତି। ପ୍ରତିଯୋଗିତା ମୁଖ୍ୟତଃ ୧୪, ୧୭ ଓ ୧୯ବର୍ଷରୁ କମ୍ ବୟସ ବର୍ଗରେ ଅନୁଷ୍ଠିତ ହେଉଛି। ଥଙ୍ଗୋଲେଟ୍ ମାଟେ (ଆର୍‌ଓ, ସିବିଏସ୍‌ଇ, ଭୁବନେଶ୍ୱର) ମୁଖ୍ୟ ଅତିଥିଭାବେ ଯୋଗଦେଇ ପତାକା ଉତ୍ତୋଳନ କରି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀୟ ଅତିଥି ରୂପେ ଯୋଗଦେଇ ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସର ଶିକ୍ଷାବିଭାଗ ନିର୍ଦ୍ଦେଶକ ଭି.ଶ୍ରୀନିବାସ ବିକାଶ ଶିକ୍ଷାନୁଷ୍ଠାନର ପତାକା ଉତ୍ତୋଳନ କରିଥିଲେ। ସି.ଏଚ୍. ସୁନୀଲ୍ ପିଲାଇ, ପର୍ଯ୍ୟବେକ୍ଷକ ସିବିଏସ୍‌ଇ, ଭୁବନେଶ୍ୱର ଡିନ୍ ପୀତାମ୍ବର ଦାସ, ବିଜୟାଲକ୍ଷ୍ମୀ ଦାସ, ପ୍ରଧାନ ଅଧ୍ୟକ୍ଷା, ଭିଆରଏସ୍, ଖଣ୍ଡଗିରି, ଆର୍. ବିଜୟ କୁମାର, ପ୍ରଧାନ ଅଧ୍ୟକ୍ଷ, ଭିଏଚ୍‌ଜି, ଭୁବନେଶ୍ୱର, ଉପ ପ୍ରଧାନ ଅଧ୍ୟକ୍ଷ ଶିବ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ସର୍ବିୟାଠାରୁ ହାରିଲା ଭାରତ

ନୂଆଦିଲ୍ଲୀ, ୧୪।୯ (ପି.ଟି.)

ସର୍ବିୟାର ୧୯ ବର୍ଷରୁ କମ୍ ଫୁଟ୍‌ବଲ ଦଳ ବିପକ୍ଷ ପ୍ରଥମ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ଭାରତର ୧୯ ବର୍ଷରୁ କମ୍ ଦଳ ପରାଜୟ ବରଣ କରିଛି। ଏହି ମ୍ୟାଚ ସର୍ବୀୟ ସହର ଷ୍ଟାରା ପାଜାଭାଠାରେ ଖେଳାଯାଇଥିଲା। ଘରୋଇ ଦଳ ପକ୍ଷରୁ ବୋସିକ୍ ରାଡିଜୋଭ୍ (୩୦ତମ ମିନିଟ) ଓ ଆଲେକ୍‌ଜାଣ୍ଡର କୋଷ୍ଟିକ୍ (୮୨ତମ) ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଆସନ୍ତା ବର୍ଷ ଖେଳାଯିବାକୁଥିବା ୧୯ ବର୍ଷରୁ କମ୍ ଏସିଆନ ଚାମ୍ପିୟନଶିପ୍ ପାଇଁ ପ୍ରସ୍ତୁତିର ଏକ ଅଂଶ ବିଶେଷ ସ୍ୱରୂପ ଭାରତୀୟ ଦଳ ୟୁରୋପ ଟୁର୍‌ରେ ଯାଇଛି। ଭାରତର ୧୯ ବର୍ଷରୁ କମ୍ ଫୁଟ୍‌ବଲ ଦଳ ସର୍ବିୟା ୧୯ ବର୍ଷରୁ କମ୍ ଦଳ ସହିତ ଏହାର ଦ୍ୱିତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଏହି ଭେନ୍ୟୁରେ ଆସନ୍ତା ୧୭ ତାରିଖରେ ଖେଳିବ।

## ସ୍କୁଲ୍ସ ଓପନ ଚେସ୍: ଶାଶ୍ୱତ ଚାମ୍ପିୟନ

ଭୁବନେଶ୍ୱର, ୧୪।୯(କ୍ରୀଡ଼ା ପ୍ରତିନିଧି)

ପୁରୁଣା ଭୁବନେଶ୍ୱରସ୍ଥିତ ଲିଙ୍ଗରାଜ କ୍ଲବ ଆନୁକୂଲ୍ୟରେ କୈଳାସ ସଦନ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ୪ର୍ଥ ରାଜ୍ୟ ସ୍କୁଲ୍ସ ଓପନ ଚେସ୍‌ରେ ଭୁବନେଶ୍ୱର ସେଣ୍ଟ ଜୋସେଫ୍ସ ହାଇସ୍କୁଲର ଶାଶ୍ୱତ ସାହୁ ଚାମ୍ପିୟନ ହୋଇଛନ୍ତି। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ୬ ପଏଣ୍ଟ ପାଇଛନ୍ତି। ଅନ୍ୟ ଦୁଇ ପ୍ରତିଯୋଗୀ ପ୍ରଭାଂଶୁ ଦାସ ଓ ପ୍ରତ୍ୟୁଷ ମହାପାତ୍ର ମଧ୍ୟ ୬ ପଏଣ୍ଟ ଲେଖାଏ ପାଇଥିଲେ ହେଁ ବୁକୋଲ୍‌ଜରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓମ୍ ଆଦିତ୍ୟ ଖାଡ଼ଙ୍ଗା(୫.୫), ଅବିନାଶ ଆଚାର୍ଯ୍ୟ, ମିକୁନ ମିଶ୍ର, ଶୁଭମ୍ ଜ୍ୟୋତି ସାହୁ, ମହାବୀର ପାତ୍ର(ସମସ୍ତେ ୫ ପଏଣ୍ଟ ଲେଖାଏ), ଆଦର୍ଶ ଅନୁଭବ, ଅମ୍ରିତ ଶତପଥୀ, ଅଭିଜିତ ବିଶ୍ୱାଳ(୪.୫ ପଏଣ୍ଟ ଲେଖାଏ), ରୁକ୍ମଣ ସାହୁ, ଆସିତ୍ୟ ମହାନ୍ତି, ଦେବାଂଶୀ ଷଡ଼ଙ୍ଗୀ ଓ ଶୁଭସୁନ୍ଦର ବେହେରା(୪ ପଏଣ୍ଟ ଲେଖାଏ) ଶୀର୍ଷ ୧୫ସ୍ଥାନରେ ରହି ପୁରସ୍କୃତ ହୋଇଛନ୍ତି। ଏହା ବ୍ୟତୀତ ୮ ଓ ୧୦ ବର୍ଷରୁ କମ୍ ବର୍ଗର ଶ୍ରେଷ୍ଠ ୫ ଜଣ ବାଳିକା ବର୍ଗର ୪ ଏବଂ ୧୨ ଓ ୧୪ ବର୍ଷରୁ କମ୍ ବର୍ଗର ଶ୍ରେଷ୍ଠ ୩ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ୪ ଜଣ ଖେଳାଳିଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଦିଆ ଯାଇଥିଲା। ମେୟର ଅନନ୍ତ ନାରାୟଣ ଜେନା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଲିଙ୍ଗରାଜ କ୍ଲବର ସମ୍ପାଦକ ଅଜୟ କୁମାର ଦାଶ, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, କାର୍ଯ୍ୟକାରିଣୀ ସଦସ୍ୟ ଗଣେଶ ପାଲ୍, ପୂର୍ବତନ କର୍ପୋରେଟର ପ୍ରମୋଦ ମହାପାତ୍ର ଓ ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ରାଜ୍ୟ ସ୍କୁଲ୍ସ ଓପନ ଚେସ୍‌ର କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

## ବିଜୟବୀରଙ୍କୁ ସ୍ୱର୍ଣ୍ଣ

ଚାଙ୍ଗୱାନ(କୋରିଆ), ୧୪।୯(ପି.ଟି.)

ଚଳିତ ଅନ୍ତର୍ଜାତୀୟ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ (ଆଇଏସ୍ଏସ୍ଏଫ୍) ବିଶ୍ୱକପ୍‌ରେ ଭାରତୀୟ ଶୁଟରମାନଙ୍କର ଚମତ୍କାର ପ୍ରଦର୍ଶନ ଜାରି ରହିଛି। ସିନିୟର ଅପେକ୍ଷା ଜୁନିୟର ଶୁଟରମାନେ ଅଧିକ ସଫଳତା ଆଣିଛନ୍ତି। ବିଜୟବୀର ସିଦ୍ଧୁ ୨୫ ମି. ଷ୍ଟାଣ୍ଡାର୍ଡ ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏଥିସହ ଦଳଗତ ଇଭେଣ୍ଟରେ ମଧ୍ୟ ଭାରତ ଶୀର୍ଷ ସଫଳତା ପାଇଛି। ଏହାବାଦ୍ ସିନିୟର ବିଭାଗରେ ଗୁରପ୍ରୀତ ସିଂ ଷ୍ଟାଣ୍ଡାର୍ଡ ପିସ୍ତଲ ଇଭେଣ୍ଟରେ ରୌପ୍ୟ ପଦକ ଜିତିଛନ୍ତି। ଶୁଟରଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁ ପଦକ ତାଲିକାରେ ଭାରତ ୧୧ ସ୍ୱର୍ଣ୍ଣ ସହ ୩ୟ ସ୍ଥାନରେ ରହିଛି। ଭାରତ ଏ ପର୍ଯ୍ୟନ୍ତ ମୋଟ ୨୭ ପଦକ ଜିତିଛି। ଏହା ଟୁର୍ଣ୍ଣାମେଣ୍ଟ ଇତିହାସରେ ଭାରତୀୟ ଶୁଟରଙ୍କ ସଫଳତମ ପ୍ରଦର୍ଶନ।

ଜୁନିୟର ୨୫ ମି. ଷ୍ଟାଣ୍ଡାର୍ଡ ଯୋଗ୍ୟତା ପର୍ଯ୍ୟାୟରେ ସିଦ୍ଧୁ ୪ର୍ଥ ସ୍ଥାନ ହାସଲ କରି ପଦକ ରାଉଣ୍ଡରେ ପ୍ରବେଶ କରିଥିଲେ। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ସେ ସର୍ବାଧିକ ୫୭୨ ସ୍କୋର କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ତାଙ୍କ ପଛକୁ କୋରିଆନ ଲି ଗୁନହେୟୋକ (୫୭୦) ଓ ଚାଇନର ହାଓଜିଏ ଝୁ (୫୬୫) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ଅନ୍ୟ ଭାରତୀୟ ଶୁଟର ଆଦର୍ଶ ସିଂ ୪ର୍ଥ ସ୍ଥାନରେ ରହି ଅଳ୍ପକେ ପଦକରୁ ବଞ୍ଚିତ ରହିଛନ୍ତି। ଦଳଗତ ଇଭେଣ୍ଟରେ ସିଦ୍ଧୁ, ରାଜକାନ୍ୱର ସିଂ ସାନ୍ଧୁ ଓ ଆଦର୍ଶ ସିଂଙ୍କୁ ନେଇ ଗଠିତ ଭାରତୀୟ ଦଳ ପୋଡିୟମ୍‌ରେ ଶୀର୍ଷସ୍ଥାନ ଅଧିକାର କରିଛି। ତିନି ଭାରତୀୟ ଶୁଟର ମିଳିତ ୧୬୯୫ସ୍କୋର କରିଥିବାବେଳେ କୋରିଆ (୧୬୯୩) ଓ ଚେକ ଗଣତନ୍ତ୍ର (୧୬୭୪) ଯଥାକ୍ରମେ ୨ୟ ଓ ୩ୟ ସ୍ଥାନରେ ରହିଥିଲେ। ସିନିୟର ପ୍ରତିଯୋଗିତାରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ଗୁରପ୍ରୀତ ଷ୍ଟାଣ୍ଡାର୍ଡ ପିସ୍ତଲ ଇଭେଣ୍ଟରେ ୫୭୯ ସ୍କୋର କରି ରୌପ୍ୟ ପଦକ ନିଶ୍ଚିତ କରିଛନ୍ତି। ଅନ୍ୟପକ୍ଷରେ ସିନିୟର ଦଳଗତ ଇଭେଣ୍ଟରେ ଭାରତ ୪ର୍ଥ ସ୍ଥାନରେ ରହିଛି।

## ଭାରତ- ପାକିସ୍ତାନ ମ୍ୟାଚ୍ ଉପରେ ନଜର

ମାହେଲା ଜୟବର୍ଦ୍ଧନେ

ଏସିଆ କପ୍ ଏହି ମହାଦେଶରେ କ୍ରିକେଟର ଉନ୍ନତିରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି। ଚଳିତ ବର୍ଷ ଏହି ଟୁର୍ଣ୍ଣାମେଣ୍ଟରେ ଗୁରୁତ୍ୱ ଆହୁରି ବଢିଯାଇଛି। କାରଣ ପଞ୍ଚମ କ୍ରିକେଟ ପାୱାର ହାଉସ୍ ଭାବେ ଏବେ ଏହି ଅଞ୍ଚଳରେ ଆଫଗାନିସ୍ତାନ ଉଭା ହୋଇଛି। ଏକ ଦକ୍ଷ ତଥା ପ୍ରତିଭା ସମ୍ପନ୍ନ ଦଳ ଭାବେ ଆଫଗାନିସ୍ତାନ ଅନ୍ୟ ଦଳଗୁଡିକ ପ୍ରତି ଚ୍ୟାଲେଞ୍ଜ୍ ସୃଷ୍ଟି କରିଛି।

ଏହି ଟୁର୍ଣ୍ଣାମେଣ୍ଟରେ ନୂଆ ପ୍ରତିଭା ଚିହ୍ନଟ ଓ ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ପୁଣି ଏହା ନୂଆ ପ୍ରତିଭା ମଧ୍ୟ ଲୋକଲୋଚନକୁ ଆଣିବାରେ ସଫଳ ହୋଇଛି। ୨୦୦୯ରେ ପାକିସ୍ତାନରେ ବିସ୍ମୟ ସ୍ପିନର ଅଜନ୍ତା ମେଣ୍ଡିସ୍ ନିଜର ନିଆରା ଶୈଳୀରେ ପ୍ରତିପକ୍ଷ ଦଳକୁ ବେଶ୍ ସମସ୍ୟାରେ ପକାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥର ମଧ୍ୟ କେତେକ ନୂଆ ତାରକା ଉଭା ହେବେ ବୋଲି ମୋର ବିଶ୍ୱାସ ରହିଛି। ୨୦୧୯ ବିଶ୍ୱକପ ଆୟୋଜନ ହେବାକୁ ଆଉ ବେଶି ଦିନ ନ ଥିବା ବେଳେ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଉଥିବା ଦେଶଗୁଡିକ ନୂଆ ପ୍ରତିଭା ସୃଷ୍ଟି କରିବାରେ ଶେଷ ସୁଯୋଗ ହାସଲ କରିବେ।

ଉପମହାଦେଶର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମ୍ୟାଚ ଏହି ଟୁର୍ଣ୍ଣାମେଣ୍ଟରେ ସୁବବେଳେ ମୁଖ୍ୟ ଆକର୍ଷଣ ସାଜିଥାଏ। ଏଥର ମଧ୍ୟ ଏକ ରୋମାଞ୍ଚକ ମୁକାବିଲା ଦେଖିବାକୁ ମିଳିବ। ବୁଧବାର ଏହି ଦୁଇ କ୍ରିକେଟ ପାୱାର ହାଉସ ମୁକାବିଲାରେ ଅବତୀର୍ଣ୍ଣ ହେବେ। ଲକ୍ଷ ଲକ୍ଷ ପ୍ରଶଂସକ ଏହି ହାଇଭୋଲ୍ଟେଜ ମ୍ୟାଚ୍ ଦେଖିବାକୁ ବ୍ୟଗ୍ର ଅଛନ୍ତି। ଉଭୟ ଭାରତ ଓ ପାକିସ୍ତାନ ଫେଭରାଇଟ ବିବେଚିତ ହେଉଛନ୍ତି। ତେବେ ବିଦେଶରେ କୌଣସି ଦଳ ବେଶ୍ ପ୍ରଭାବ ବିସ୍ତାର କରିବାର ଦେଖାଯାଇ ନାହିଁ। ନିୟମିତ ଅଧିନାୟକ ବିରାଟ କୋହଲିଙ୍କୁ ବିଶ୍ରାମ ଦିଆଯାଇଛି। ତାଙ୍କ ଅନୁପସ୍ଥିତି ସତ୍ତ୍ୱେ ଭାରତୀୟ ଦଳରେ ଏକାଧିକ ମ୍ୟାଚ୍ ୱିନର ରହିଛନ୍ତି ଓ ଦଳ ବେଶ୍ ସନ୍ତୁଳିତ ମନେ ହେଉଛି।

ପାକିସ୍ତାନ ନିକଟରେ ଏକ୍ସ- ପାକ୍ଟର ବା ସ୍ୱତନ୍ତ୍ର ଗୁଣ ରହିଛି। ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଖେଳିବାରେ ପାକିସ୍ତାନ ଅଭିଜ୍ଞତା ଦୃଷ୍ଟିକୋଣରୁ ସମସ୍ତଙ୍କ ଆଗରେ ରହିବ। ଗତ ଏକ ଦଶନ୍ଧି ହେବ ପାକିସ୍ତାନ ପାଇଁ ଦ୍ୱିତୀୟ ଘର ସାବ୍ୟସ୍ତ ହୋଇଛି। ତେବେ ଏହା ପାକିସ୍ତାନ ପାଇଁ ସେତେଟା ଲାଭଦାୟକ ସାବ୍ୟସ୍ତ ହେବ ନାହିଁ। କାରଣ ୟୁଏଇର ଜଳବାୟୁ ତଥା ପରିସ୍ଥିତିରେ ଭାଗ ନେଉଥିବା ଅନ୍ୟଦେଶଗୁଡିକ ସହ ଯଥେଷ୍ଟ ସମାନତା ରହିଛି। ପାକିସ୍ତାନ ପୂର୍ବପରି ନିଜର ଦ୍ରୁତ ବୋଲରମାନଙ୍କ ଉପରେ ନିର୍ଭର କରିବ। ମିକ ଆର୍ଥରଙ୍କ ନେତୃତ୍ୱରେ ପାକିସ୍ତାନ ଦଳ ପୂରା ଲୟରେ ଥିବା ପରି ମନେ ହେଉଛି। ପୁଣି ଦଳର ଫିଲ୍ଡିଂରେ ଜବରଦସ୍ତ ଉନ୍ନତି ପରିଲକ୍ଷିତ ହୋଇଛି।

ଶ୍ରୀଲଙ୍କା ଦଳରେ ମଧ୍ୟ ପ୍ରତିଭା ସମ୍ପନ୍ନ ଖେଳାଳିମାନେ ରହିଛନ୍ତି। ଅଭିଜ୍ଞ ଲସିଥ ମାଲିଙ୍ଗା ମଧ୍ୟ ବହୁଦିନ ପରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ଓ ସଫଳତା ହାସଲ କରିବାକୁ ସେ ବେଶ୍ ବ୍ୟଗ୍ର ଅଛନ୍ତି। ଦଳଗତ ପ୍ରଦର୍ଶନ କଲେ ଶ୍ରୀଲଙ୍କା ଏହି ଟୁର୍ଣ୍ଣାମେଣ୍ଟରେ ଭଲ ପ୍ରଦର୍ଶନ କରିପାରିବ। ତେବେ ଦିନେଶ ଚାଣ୍ଡିମଲ ଓ ଦନୁଷ୍କା ଗୁଣଥିଲକା ଏହି ଟୁର୍ଣ୍ଣାମେଣ୍ଟରୁ ଓହରିଯିବା ଫଳରେ ଶ୍ରୀଲଙ୍କାକୁ ଝଟ୍‌କା ଲାଗିଛି।

ଚଳିତ ବର୍ଷ ପ୍ରାରମ୍ଭରେ ଅନୁଷ୍ଠିତ ନିଦାହାସ ଟ୍ରଫିରେ ବାଂଲାଦେଶ ବେଶ୍ ଚମତ୍କାର ପ୍ରଦର୍ଶନ କରିଥିଲା ଓ ସବୁ ଦଳକୁ ପରାସ୍ତ କରିବାର କ୍ଷମତା ରଖୁଛି ବୋଲି ପ୍ରମାଣ କରିଛି। ଏବେ ବାଂଲାଦେଶ ବେଶ୍ ଅଭିଜ୍ଞତା ହାସଲ କରିଛି। ଆଶାନୁରୂପ ପ୍ରଦର୍ଶନ କରିପାରିଲେ ବାଂଲାଦେଶ ଅନ୍ୟ ଦଳଗୁଡିକୁ ଚକ୍‌ମା ଦେଇପାରିବ ବୋଲି କୁହାଯାଇପାରେ। ଗତ ଦୁଇ ବର୍ଷ ହେବ ଆଫଗାନିସ୍ତାନ ଖେଳାଳିମାନେ ଆନ୍ତର୍ଜାତିକ କ୍ରିକେଟରେ ବେଶ୍ ପରିପକ୍ୱତା ପ୍ରଦର୍ଶନ କରିଛନ୍ତି। ଏହି ଦଳରେ କେତେଜଣ ମ୍ୟାଚ୍ ୱିନର ସ୍ପିନର ରହିଛନ୍ତି। ତେଣୁ ଆଫଗାନିସ୍ତାନକୁ ଏହି ଟୁର୍ଣ୍ଣାମେଣ୍ଟରେ ହେୟ ମଣି ହେବ ନାହିଁ।

କୋହଲିଙ୍କ ଅନୁପସ୍ଥିତି ଦଳ ପାଇଁ ଏକ ବଡ଼ କ୍ଷତି ବୋଲି କୁହାଯାଇପାରେ। ଟିମ ଇଣ୍ଡିଆ ପାଇଁ କୋହଲି ଫ୍ୟାକ୍ଟର କେତେ ଗୁରୁତ୍ୱପୂର୍ଣ୍ଣ ତାହା ସମସ୍ତଙ୍କୁ ଜଣା। ତେବେ ଟିମ ଇଣ୍ଡିଆ ମ୍ୟାନେଜମେଣ୍ଟ ଓ ଚୟନକର୍ତ୍ତା ତାଙ୍କୁ ବିଶ୍ରାମ ଦେବା ନିଷ୍ପତ୍ତିକୁ ସ୍ୱାଗତ କରାଯିବା ଉଚିତ୍। ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ପାଇଁ କୋହଲିଙ୍କ ଭଳି ଜଣେ କ୍ରିକେଟରଙ୍କ ପାଇଁ ବିଶ୍ରାମ ନିହାତି ଜରୁରୀ। **(ଗେମ୍ ପ୍ଲାନ୍)**

#WhatDrivesYou
EXIDE

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଏହି ଦଳର ଅନ୍ୟ କୌଣସି ଖେଳାଳି ଅପେକ୍ଷା ସାମ କୁରାନ ଆମ ଦଳ ପାଇଁ ସବୁଠାରୁ ବଡ଼ ବିପଦର କାରଣ ହୋଇଥିଲେ ।
–ରବି ଶାସ୍ତ୍ରୀ, ଭାରତୀୟ କ୍ରିକେଟ କୋଚ୍



ଏସିଆନ ଗେମ୍ସ ହେପ୍ଟାଥଲନ ସ୍ୱର୍ଣ୍ଣ ବିଜୟିନୀ ସ୍ୱପ୍ନା ବର୍ମନଙ୍କ କହିବା ଅନୁସାରେ ତାଙ୍କ ଲାଗି ଆଡିଡାସ କମ୍ପାନର ଜୋତା ବରାଦ କରାଯାଇଛି ।
–ନୀଲମ କାପୁର, ସାଇ ମହାନିର୍ଦ୍ଦେଶିକା



## ସଂକ୍ଷେପରେ

### ରାଇଜିଂ ଷ୍ଟାର, ଓଡ଼ିଶା ପୋଲିସ ବିଜୟୀ

କଟକ ଅଫିସ,୧୪।୯: ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ଶୁକ୍ରବାର ୨ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ରାଇଜିଂ ଷ୍ଟାର କ୍ଲବ ଓ ଓଡ଼ିଶା ପୋଲିସ ବିଜୟୀ ହୋଇଛନ୍ତି। ରାଇଜିଂ ଷ୍ଟାର କ୍ଲବ ୨-୦ ଗୋଲରେ ରାଧାରମଣକୁ ପରାସ୍ତ କରିଛି। ଦଳ ପକ୍ଷରୁ ଅନିଲ ସିନ୍ଦୂର ୪୩ତମ ଓ ସଞ୍ଜିତ ଖାରା ୮୦ତମ ମିନିଟରେ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ରାଇଜିଂ ଷ୍ଟୁଡେଣ୍ଟ ଓ ଓଡ଼ିଶା ପୋଲିସ ମଧ୍ୟରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍ ରୋମାଞ୍ଚକର ହୋଇଥିଲା। ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ୨୪ ତମ ମିନିଟରେ ସେକ୍ ଫରିଦ ପ୍ରଥମ ଗୋଲ ଦେଇଥିଲେ। ପରେ ଓଡ଼ିଶା ପୋଲିସର ନବୀନ ସୁନା ୩୨ତମ ଓ ପ୍ରମୋଦ କୁମାର ଦାସ ୩୪ତମ ମିନିଟରେ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିବା ଫଳରେ ପ୍ରଥମାର୍ଦ୍ଧର ଖେଳ ୨-୧ରେ ଶେଷ ହୋଇଥିଲା। ପରେ କୌଣସି ଗୋଲ ନ ହେବା ଯୋଗୁ ଓଡ଼ିଶା ପୋଲିସ ମ୍ୟାଚ୍‌କୁ ଜିତିଥିଲା ।

### ଡେଭିସ୍ କପ୍: ଭାରତ ୨-୦ରେ ପଛୁଆ

କ୍ରାଲଜେଭୋ (ସର୍ବିଆ), ୧୪।୯(ପି.ଟି.): ଏଠାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ସର୍ବିଆ ବିପକ୍ଷ ଡେଭିସ କପ୍ ୱାର୍ଲ୍ଡ ଗ୍ରୁପ୍ ପ୍ଲେ-ଅଫ୍ ଟାଇରେ ଭାରତ ୨-୦ ବ୍ୟବଧାନରେ ପଛରେ ପଡିଛି। ପ୍ରଥମ ସିଙ୍ଗଲ୍ସ ମ୍ୟାଚରେ ଲଢେଇ କରିଥିଲେ ମଧ ଭାରତର ରାମକୁମାର ରାମନାଥନ ସର୍ବିଆର ଲାସଲୋ ଜେରେଙ୍କଠାରୁ ୬-୩, ୪-୬, ୬-୭, ୨-୬ ମାରାଥନ ସେଟରେ ପରାସ୍ତ ହୋଇଛନ୍ତି। ଇନଡୋର କ୍ଲେ କୋର୍ଟରେ ବିଜୟୀ ହେବା ପାଇଁ ଜେରେଙ୍କୁ ୩ ଘଣ୍ଟା ୧୧ ମିନିଟ ସମୟ ଆବଶ୍ୟକ ହୋଇଥିଲା। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ଜେରେ ୮୬ତମ ସ୍ଥାନରେ ରହିଥିବା ବେଳେ ରାମକୁମାର ୧୩୫ତମ ସ୍ଥାନରେ ରହିଛନ୍ତି। ଏହା ପରେ ଭାରତର ପ୍ରାଜନେଶ ଗୁଣେଶ୍ୱରନ ଦ୍ୱିତୀୟ ସିଙ୍ଗଲ୍ସ ମ୍ୟାଚରେ ୫୬ ନମ୍ବର ଖେଳାଳି ଡୁସାନ ଲାଜୋଭିକ୍‌ଙ୍କଠାରୁ ୪-୬, ୩-୬, ୪-୬ ସେଟରେ ପରାସ୍ତ ହୋଇଛନ୍ତି। ଫଳରେ ଭାରତ ୨-୦ ପଛରେ ପଡିଛି।

### ଡିଆକ୍‌ଙ୍କ ବିରୋଧରେ ସାନି ଅଭିଯୋଗ



ପ୍ୟାରିସ, ୧୪।୯ (ଏଏଫ୍‌ପି): ଆଇଏଏଏଫ୍‌ର ପୂର୍ବତନ ସଭାପତି ଲାମିନୋ ଡିଆକ୍‌ଙ୍କ ବିରୋଧରେ ଫ୍ରେଞ୍ଚ କର୍ତ୍ତୃପକ୍ଷ ଆଉ ଏକ ଅଭିଯୋଗ ଆଣିଛନ୍ତି। ସ୍ପନସରଶିପ୍ ଓ ଟିଭି ସ୍ୱତ୍ୱାଧିକାର ପ୍ରଦାନ କ୍ଷେତ୍ରରେ ନିଜ ପୁଅ ସପକ୍ଷରେ ସେ ସୁପାରିସ କରିଥିଲେ। ୨୦୧୫ରେ ଫ୍ରାନ୍ସରେ ଗିରଫ ହେବା ପୂର୍ବରୁ ଡିଆକ୍ ୧୯୯୯ରୁ ଗ୍ଲୋବାଲ ଆଥଲେଟିକ୍ସ ପରିଚାଳନା ପରିଷଦର ମୁଖ୍ୟ ଭାବେ କାର୍ଯ୍ୟକରି ଆସୁଥିଲେ। ରୁଷିଆ ଡୋପିଙ୍ଗ ସ୍କାଣ୍ଡାଲକୁ ଘଣ୍ଟ ଘୋଡାଇବା ଲାଗି ସେ ଏବଂ ଆଇଏଏଏଫ୍‌ର ଅନ୍ୟ ଦୁଇ ଜଣ ଅଫିସିଆଲ ନିୟୁତାଧିକ ଡଲାର ଲାଞ୍ଚ ନେଇଥିବା ସେତେବେଳେ ଅଭିଯୋଗ ହୋଇଥିଲା। ଦୁର୍ନୀତି ନିରୋଧୀ ବିଚାରପତି ରେନଡ୍ ରୁଇମ୍‌ବେକ୍‌ଙ୍କ ନେତୃତ୍ୱରେ ଏକ ଟ୍ରିବ୍ୟୁନାଲ ଏହାର ତଦନ୍ତ ଚଳାଇବା ସହ ୮୫ ବର୍ଷୀୟ ଡିଆକ୍‌ଙ୍କୁ ଫ୍ରାନ୍ସ ଛାଡ଼ି ନ ଯିବା ଲାଗି ନିର୍ଦ୍ଦେଶ ଦେଇଥିଲା।

### ରୁଷିଆକୁ ୱାଡାର ସବୁଜ ସଂକେତ

ମଣ୍ଟ୍ରିଲ,୧୪।୯ (ଏଏଫ୍‌ପି): ଡୋପିଂ ପାଇଁ ସସ୍‌ପେଣ୍ଡ ହୋଇଥିବା ରୁଷିଆର ଡ୍ରଗ୍ସ ଟେଷ୍ଟିଂ ଅଥରିଟି ଉପରୁ ବାସନ୍ଦ ବ୍ୟବସ୍ଥା ଉଠିବାକୁ ଯାଉଛି ବୋଲି ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି (ୱାଡା) ତରଫରୁ ସୂଚନା ଦିଆଯାଇଛି। ୱାଡା କହିଛି ରୁଷିଆର ଆଣ୍ଟି ଡୋପିଂ ଏଜେନ୍ସି (ରୁସାଡା)କୁ ପୁନଃ କାର୍ଯ୍ୟକ୍ଷମ ଲାଗି ଅନୁମତି ଦେବା ଲାଗି ସ୍ୱାଧୀନ ଭାବେ କାର୍ଯ୍ୟକରୁଥିବା ଏହାର କମ୍ପ୍ଲିଆନ୍ସ ରିଭ୍ୟୁ କମିଟି (ସିଆରସି) ସୁପାରିସ କରିଛି। ଏଜେନ୍ସିର କାର୍ଯ୍ୟନିର୍ବାହୀ କମିଟି ବୈଠକ ଆସନ୍ତା ୨୦ ତାରିଖରେ ବସିବ। ଏଥିରେ ରୁଷିଆ ଉପରୁ ବାସନ୍ଦ ଉଠାଯିବା ସମ୍ପର୍କରେ ବିଧିବଦ୍ଧ ଘୋଷଣା କରାଯିବାର ସମ୍ଭାବନା ରହିଛି।

# ସେମିଫାଇନାଲ, ଫାଇନାଲ ଅନ୍‌ଲାଇନ୍ ଟିକେଟ ବିକ୍ରି ଆରମ୍ଭ

ଭୁବନେଶ୍ୱର, ୧୪।୯(କ୍ରୀଡ଼ା ପ୍ରତିନିଧି)

ହକି ବିଶ୍ୱକପ୍‌ର ଉଷ୍ମତା କ୍ରମେ ବଢ଼ିବାରେ ଲାଗିଛି। ପ୍ରତିଯୋଗିତା ଆରମ୍ଭ ପାଇଁ ଆଉ ମାତ୍ର ୭୫ଦିନ ସମୟ ରହିଛି। କଳିଙ୍ଗ ଷ୍ଟାଡିୟମରେ ଏହାର ଆୟୋଜନ ପାଇଁ ଭୁବନେଶ୍ୱର ପ୍ରସ୍ତୁତ ହେଉଥିବାବେଳେ ଆୟୋଜକଙ୍କ ପକ୍ଷରୁ ସେମିଫାଇନାଲ ଓ ଫାଇନାଲ ପାଇଁ ଅନ୍‌ଲାଇନ୍ ଟିକେଟ ବିକ୍ରି ଆରମ୍ଭ ହୋଇଛି। ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫଆଇଏଚ୍) ଓ ହକି ଇଣ୍ଡିଆ ପକ୍ଷରୁ ଶୁକ୍ରବାର ଏହା ଘୋଷଣା କରାଯାଇଛି। ବିଶ୍ୱକପର ୧୪ତମ ସଂସ୍କରଣ ନଭେମ୍ବର ୨୮ରୁ ଆରମ୍ଭ ହୋଇ ଡିସେମ୍ବର ୧୬ ପର୍ଯ୍ୟନ୍ତ ଚାଲିବ।

ଗତ ମେ' ମାସରେ ପୁଲ୍ ମ୍ୟାଚ ପାଇଁ ଅନ୍‌ଲାଇନ୍ ଟିକେଟ ବିକ୍ରି ଆରମ୍ଭ ହୋଇଥିଲା। ଯାହାକି ଏବେ ମଧ ଚାଲୁ ରହିଛି। ପୁଲ୍ ମ୍ୟାଚ ପାଇଁ ଇଷ୍ଟ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୨୦୦ ଏବଂ ନର୍ଥ ଓ ସାଉଥ୍ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୧୦୦ ଟଙ୍କା ଲେଖାଏ ରହିଛି। ମାତ୍ର ପ୍ରତିଯୋଗିତା ଆରମ୍ଭ ପାଇଁ ଆଉ ୭୫ ଦିନ ସମୟ ଥିବାରୁ ବିଶ୍ୱର ହକିପ୍ରେମୀମାନେ ଯେପରି ସହଜରେ ଟିକେଟ କିଣି ପାରିବେ ତାହାକୁ ଦୃଷ୍ଟିରେ ରଖି ନକ୍‌ଆଉଟ୍ ପର୍ଯ୍ୟାୟ ଟିକେଟ ବିକ୍ରି ଆରମ୍ଭ ହୋଇଛି। ଏହା ମଧ୍ୟରେ ସେମିଫାଇନାଲ, ଫାଇନାଲ ଏବଂ ୩ୟ ଓ ୪ର୍ଥ ସ୍ଥାନ ପାଇଁ କ୍ଲାସିଫିକେଶନ ମ୍ୟାଚ ସାମିଲ। ସେମିଫାଇନାଲ ଓ ଫାଇନାଲ ପାଇଁ ଇଷ୍ଟ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୨୫୦ ଟଙ୍କା ରହିଛି। ସେହିପରି ନର୍ଥ ଓ ସାଉଥ୍ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୧୫୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଟିକେଟ ଗୁଡ଼ିକ http://in.ticketgenie.in/buytickets/hockey-world-cup-୨୦୧୮ ରେ ଉପଲବ୍ଧ। ୨୮ ତାରିଖରେ ପ୍ରଥମ ଦିବସ ମ୍ୟାଚ ପାଇଁ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଛି। ପ୍ରଥମ ଦିନର ସମସ୍ତ ଅନ୍‌ଲାଇନ୍ ଟିକେଟ ବିକ୍ରି ହୋଇ ସାରିଥିବା ଏହାର ପ୍ରମାଣ।

ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳକୁ ୪ଟି ପୁଲ୍‌ରେ ବିଭକ୍ତ କରାଯାଇଛି। ପୁଲ୍ ପର୍ଯ୍ୟାୟରେ ପ୍ରତି ଦଳ ୩ଟି ଲେଖାଏ ମ୍ୟାଚ ଖେଳିବାର ସୁଯୋଗ ପାଇବେ। ନଭେମ୍ବର ୨୮ରୁ ଡିସେମ୍ବର ୯ ପର୍ଯ୍ୟନ୍ତ ୧୨ ଦିନଧରି ପୁଲ୍ ମ୍ୟାଚ ଖେଳାଯିବ। ପ୍ରତିପୁଲ୍‌ର ଶ୍ରେଷ୍ଠ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ। ଅବଶିଷ୍ଟ ୪ଟି ସ୍ଥାନ ପାଇଁ ଡିସେମ୍ବର ୧୦ ଓ ୧୧ରେ ୪ଟି କ୍ରସ୍ ଓଭର ମ୍ୟାଚ ଖେଳାଯିବ। ନକ୍‌ଆଉଟ୍ ମ୍ୟାଚ ୧୨ ତାରିଖରୁ ଆରମ୍ଭ ହେବ। ୧୨ ଓ ୧୩ ତାରିଖରେ କ୍ୱାର୍ଟର ଫାଇନାଲ, ୧୫ରେ ସେମିଫାଇନାଲ ଏବଂ ୧୬ରେ ୩ୟ/୪ର୍ଥ ସ୍ଥାନ ପାଇଁ କ୍ଲାସିଫିକେଶନ ଓ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ବିଶ୍ୱକପରେ ୧୯ ଦିନ ମଧ୍ୟରେ ମୋଟ ୩୬ଟି ମ୍ୟାଚ ଖେଳାଯିବ। ବିଶ୍ୱର ୩ ନମ୍ବର ବେଲଜିୟମ ଓ ୧୧ ନମ୍ବର କାନାଡ଼ା ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହେବ। ସେହିଦିନ ଆୟୋଜକ ତଥା ବିଶ୍ୱର ୫ ନମ୍ବର ଦଳ ଭାରତ ମଧ ୧୫ ନମ୍ବର ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ।



ପି.ଆର ଶ୍ରୀଜେଶ, ବୀରେନ୍ଦ୍ର ଲାକ୍ରା, କୋଚ୍ ହରେନ୍ଦ୍ର ସିଂ ଫାଇନାଲ ମ୍ୟାଚର ଟିକେଟ ଦେଖାଉଛନ୍ତି।

### ଅନ୍‌ଲାଇନ୍ ଟିକେଟ ମୂଲ୍ୟ

**ପୁଲ୍ ପର୍ଯ୍ୟାୟ**
- ଇଷ୍ଟ ଷ୍ଟାଣ୍ଡ ୨୦୦ ଟଙ୍କା
- ନର୍ଥ ଷ୍ଟାଣ୍ଡ ୧୦୦ ଟଙ୍କା
- ସାଉଥ୍ ଷ୍ଟାଣ୍ଡ ୧୦୦ ଟଙ୍କା

**ନକ୍‌ଆଉଟ ପର୍ଯ୍ୟାୟ**
- ଇଷ୍ଟ ଷ୍ଟାଣ୍ଡ ୨୫୦ ଟଙ୍କା
- ନର୍ଥ ଷ୍ଟାଣ୍ଡ ୧୫୦ ଟଙ୍କା
- ସାଉଥ୍ ଷ୍ଟାଣ୍ଡ ୧୫୦ ଟଙ୍କା

ନକ୍‌ଆଉଟ୍ ପର୍ଯ୍ୟାୟ ପାଇଁ ଅନ୍‌ଲାଇନ୍ ଟିକେଟ ବିକ୍ରି ଆରମ୍ଭ କରି ଖୁସି ଜାହିର କରିଛନ୍ତି ହକି ଇଣ୍ଡିଆ ସଭାପତି ରାଜିନ୍ଦର ସିଂ। ''ଭୁବନେଶ୍ୱରରେ ଓଡ଼ିଶା ହକି ବିଶ୍ୱକପ ପୂର୍ବରୁ ପୂରା ଦେଶରେ ହକି ମାହୋଲ ସୃଷ୍ଟି ଆମର ଲକ୍ଷ୍ୟ। ଦର୍ଶକମାନେ ଯେପରି କଳିଙ୍ଗ ଷ୍ଟାଡିୟମରେ ସେମାନଙ୍କର ପ୍ରିୟ ଦଳର ମ୍ୟାଚ ଦେଖିବାକୁ ସହଜରେ ଟିକେଟ ପାଇ ପାରିବେ ତାହାକୁ ଦୃଷ୍ଟିରେ ରଖି ଆମେ ଅନ୍‌ଲାଇନ୍ ଟିକେଟ ବିକ୍ରି ଆରମ୍ଭ କରି ଦେଇଛୁ। ୭୫ ଦିନ ପୂର୍ବରୁ ନକ୍‌ଆଉଟ ପାଇଁ ଅନ୍‌ଲାଇନ୍ ଟିକେଟ ବିକ୍ରି ଆରମ୍ଭର ଉଦ୍ଦେଶ୍ୟ ହେଉଛି ଖେଳାଳିଙ୍କ ପରିବାର, ବନ୍ଧୁ ଏବଂ ପ୍ରଶଂସକମାନେ ଭୁବନେଶ୍ୱର ଟ୍ରିପ୍ ପାଇଁ ଯୋଜନା କରିବାକୁ ପର୍ଯ୍ୟାପ୍ତ ସମୟ ପାଇପାରିବେ। ଟିକେଟର ମୂଲ୍ୟ ମଧ ବହୁତ କମ୍ ରଖା ଯାଇଛି। ଫଳରେ ହକିକୁ ଭଲ ପାଉଥିବା ଦର୍ଶକମାନେ ଷ୍ଟାଡିୟମରେ ଉପସ୍ଥିତ ରହି ଶ୍ରେଷ୍ଠ ଖେଳାଳିମାନଙ୍କ ଆକ୍ସନକୁ ଅତି ନିକଟରୁ ଦେଖିବାର ସୁଯୋଗ ପାଇପାରିବେ'' ବୋଲି ରାଜିନ୍ଦର ପ୍ରକାଶ କରିଛନ୍ତି।

### ରୋଡ୍ ଶୋ'

ODISHA HOCKEY MEN'S WORLD CUP BHUBANESWAR 2018

ହକି ବିଶ୍ୱକପ ପ୍ରତି ସଚେତନତା ଏବଂ ଏହାପ୍ରତି ଅଧିକରୁ ଅଧିକ ଲୋକଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଦେଶର ୧୭ଟି ସହରରେ ରୋଡ୍ ଶୋ' କରାଯିବାର ଯୋଜନା ରହିଛି। ଏହା ମଧ୍ୟରେ ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, କୋଲକାତା, ବେଙ୍ଗାଲୁରୁ ଓ ହାଇଦ୍ରାବାଦପରି ମେଟ୍ରୋପଲିଟାନ ସହର ଅନ୍ତର୍ଭୁକ୍ତ।

# ସର୍ଦ୍ଦାରଙ୍କୁ ହକି ଇଣ୍ଡିଆର ଶୁଭେଚ୍ଛା



ନୂଆଦିଲ୍ଲୀ,୧୪।୯(ପି.ଟି.)

ନିକଟରେ ଅନ୍ତର୍ଜାତୀୟ ହକିରୁ ଅବସର ନେଇଥିବା ପୂର୍ବତନ ଅଧିନାୟକ ସର୍ଦ୍ଦାର ସିଂଙ୍କୁ ହକି ଇଣ୍ଡିଆ (ଏଚ୍‌ଆଇ) ପକ୍ଷରୁ ଶୁକ୍ରବାର ଶୁଭେଚ୍ଛା ଦିଆଯାଇଛି। ସର୍ଦ୍ଦାର ଦୀର୍ଘ ୧୨ ବର୍ଷର କ୍ୟାରିୟରକୁ ଅନ୍ତ କରିଛନ୍ତି। ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ଓ ବିଶ୍ୱକପ୍ ଲାଗି ଘୋଷିତ ସମ୍ଭାବିତ ଦଳରୁ ବାଦ୍ ପଡ଼ିବା ପରେ ଏ ନିଷ୍ପତ୍ତି ନେଇଛନ୍ତି। ''ଖରାପ ଓ ଭଲ ସମୟରେ ମଧ ଦୃଢ଼ ଇଚ୍ଛାଶକ୍ତିର ଉଦାହରଣ ପାଲଟିଥିଲେ। ଜଣେ ଖେଳାଳି ଭାବେ ଦଳ ପ୍ରତି ଯୋଗଦାନ ତାଙ୍କୁ ହକିର ଏକ ସଚ୍ଚୋଟ ଦୂତ ବୋଲି ଦର୍ଶାଉଛି। ସେ ଯୁବ ଖେଳାଳିଙ୍କୁ ନିଜ ପ୍ରଦର୍ଶନ ଓ ନେତୃତ୍ୱ ନେବାର ଦକ୍ଷତା ଦ୍ୱାରା ପ୍ରେରିତ କରିଛନ୍ତି। ତାଙ୍କ ନେତୃତ୍ୱରେ ଦଳ ୨୦୧୪ ଏସିଆନ୍ ଗେମ୍ସ ଟାଇଟଲ ଜିତିଥିଲା। ତାଙ୍କ ସମୟରେ ଦଳର ର୍‍ୟାଙ୍କିଙ୍ଗ୍‌ରେ ଭାରତର ଉନ୍ନତି ଆସିଛି। ତାଙ୍କର ଏହି ସଫଳତା ଲାଗି ଏଚ୍‌ଆଇ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି ଏବଂ ତାଙ୍କ ଭବିଷ୍ୟତ ଲାଗି ଶୁଭ କାମନା ଦିଆଯାଉଛି'' ବୋଲି ଏଚ୍‌ଆଇ ସଭାପତି ରାଜିନ୍ଦର ସିଂ କହିଛନ୍ତି। ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସର୍ଦ୍ଦାର ଅବସର ସମ୍ପର୍କରେ ଘୋଷଣା କରିଛନ୍ତି। ଉଲ୍ଲେଖଥାଉ କି, ପୂର୍ବତନ ଅଧିନାୟକଙ୍କ ପ୍ରତିନିଧିତ୍ୱରେ ଦଳ ବହୁ ସଫଳତା ପାଇଥିଲା। ଏଥିରେ ୨୦୧୦ ଓ ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ, ୨୦୦୭ ଓ ୨୦୧୭ ଏସିଆ କପ୍ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ (୨୦୧୩), ୨୦୧୪ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ରହିଛି।

# ଜାପାନ ଓପନ: କିଡାମ୍ବି ଆଉଟ୍

ଟୋକିଓ,୧୪।୯(ପି.ଟି.)

ଭାରତୀୟ ପୁରୁଷ ସିଙ୍ଗଲ୍ସ ଖେଳାଳି କିଡାମ୍ବି ଶ୍ରୀକାନ୍ତ ଏଠାରେ ଚାଲିଥିବା ୭ ଲକ୍ଷ ଆମେରିକୀୟ ଡଲାର ପୁରସ୍କାର ରାଶି ବିଶିଷ୍ଟ ଜାପାନ ଓପନର କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛନ୍ତି। ତାଙ୍କ ପରାଜୟ ସହ ଚଳିତ ପ୍ରତିଯୋଗିତାରେ ଭାରତର ଅଭିଯାନ ଶେଷ ହୋଇଛି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚ୍‌ରେ ଶ୍ରୀକାନ୍ତ ୨୧-୧୯, ୧୬-୨୧, ୧୮-୨୧ ଗେମ୍‌ରେ କୋରିଆର ଲି ଡାଙ୍ଗ କେଉନଙ୍କଠାରୁ ପରାସ୍ତ ହୋଇଛନ୍ତି। ମୁକାବିଲାରେ ଉଭୟ ଶଟଲର ଏକ ଘଣ୍ଟା ୨୦ ମିନିଟ୍ ଧରି ଲଢ଼େଇ କରିଥିଲେ। ପ୍ରଥମ ଗେମ୍‌କୁ ଜିତିବା ସତ୍ତ୍ୱେ ପୂର୍ବତନ ଶୀର୍ଷ ର୍‍ୟାଙ୍କଧାରୀ ଖେଳାଳି ଶ୍ରୀକାନ୍ତ ପରବର୍ତ୍ତୀ ଦୁଇ ଗେମ୍‌ରେ ପରାଜିତ ହୋଇଥିଲେ। ଏଥିପୂର୍ବରୁ ସେ ପ୍ରି-କ୍ୱାର୍ଟର ରାଉଣ୍ଡରେ ଏସିଆନ ଗେମ୍ସ ଫାଇନାଲରେ ହଂକଂର ୱଙ୍ଗ ୱିଙ୍ଗ କି ଭିନସେଣ୍ଟଙ୍କ ଠାରୁ ମିଳିଥିବା ପରାଜୟର ପ୍ରତିଶୋଧ ନେଇଥିଲେ। ଏହା ବ୍ୟତୀତ ମନୁ ଅତ୍ରି ଓ ବି. ସୁମିତ ରେଡ୍ଡୀଙ୍କ ପୁରୁଷ ଡବଲ୍ସ ଯୋଡ଼ି ପ୍ରି-କ୍ୱାର୍ଟର ଫାଇନାଲ ରାଉଣ୍ଡ ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ଏମାନଙ୍କ ଭଳି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ଅନ୍ୟ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ପୂର୍ବରୁ ପରାଜିତ ହୋଇଥିଲେ।

# ଜୁନିୟର ଦଳରେ ପୁଅର ଚୟନ ଲାଗି ଇଞ୍ଜାମାମଙ୍କ ହସ୍ତକ୍ଷେପ

କରାଚୀ,୧୪।୯

ପୂର୍ବତନ ପାକିସ୍ତାନ କ୍ରିକେଟ ଦଳର ଅଧିନାୟକ ତଥା ବର୍ତ୍ତମାନ ଜାତୀୟ ଦଳର ମୁଖ୍ୟ ଚୟନକର୍ତ୍ତା ପଦରେ ଥିବା ଇଞ୍ଜାମାମ ଉଲ ହକଙ୍କ ନାମରେ ଜୁନିୟର ଚୟନ କମିଟି କାର୍ଯ୍ୟକାରିତାରେ ହସ୍ତକ୍ଷେପ ଅଭିଯୋଗ ହୋଇଛି। ତାଙ୍କ ପୁଅ ଇବ୍‌ତିସାମ ଉଲ ହକଙ୍କୁ ଜାତୀୟ ଜୁନିୟର ଦଳରେ ସାମିଲ କରିବା ଲାଗି ସେ ଚୟନକର୍ତ୍ତା ବାସିତ ଅଲିଙ୍କ ଉପରେ ଚାପ ପକାଉଛନ୍ତି। ଏ ନେଇ ଜୁନିୟର ଦଳର ଚୟନ କମିଟି ମୁଖ୍ୟ ଅବ୍‌ଦୁଲ କାଦିର ଦାବି କରିଛନ୍ତି। ଉଲ୍ଲେଖଥାଉ କି, ଇଞ୍ଜାମାମ, ଅଲି ଓ କାଦିର ଏକ ସମୟରେ ପାକିସ୍ତାନ ପାଇଁ ଖେଳୁଥିଲେ। ତେବେ ଉଭୟ ଇଞ୍ଜାମାମ ଓ ଅଲି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏପରି କି ପୂର୍ବତନ ଅଧିନାୟକ ଟୁଇଟରରେ ଲେଖିଛନ୍ତି, ମୋ ବିରୋଧରେ କରାଯାଇଥିବା ଅଭିଯୋଗ ଭିତ୍ତିହୀନ ଏବଂ ଏଥିରେ କୌଣସି ସତ୍ୟତା ନାହିଁ। ମୁଁ ଏହି ଘଟଣାକୁ ଗମ୍ଭୀରତା ସହ ନେଉଛି। ଏ ସମ୍ପର୍କରେ ପିସିବି ଅଧକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ।

■ ବିଜୟ ହଜାରେ ଟ୍ରଫି ପାଇଁ ଓଡ଼ିଶା ଦଳ ଘୋଷିତ

# ରଘୁନାଥ, ରାଜେଶ, ପ୍ରୀତ, ପପୁ ନୂଆ ମୁହଁ

କଟକ ଅଫିସ,୧୪।୯

ବିଜୟ ହଜାରେ ଟ୍ରଫି ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଶୁକ୍ରବାର ୧୫ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ଆସନ୍ତା ୧୯ ତାରିଖରୁ ଏହି ଟୁର୍ନାମେଣ୍ଟ ଆରମ୍ଭ ହେଉଥିବା ବେଳେ ୨୦ ତାରିଖରେ ଦିଲ୍ଲୀଠାରେ ମ୍ୟାଚ ଖେଳି ଓଡ଼ିଶା ଅଭିଯାନ ଆରମ୍ଭ କରିବ। ରେଭେନ୍ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୧ରେ ଗତ ୬ ତାରିଖରୁ ସମ୍ଭାବ୍ୟ ୨୦ ଜଣିଆ ଦଳକୁ ନେଇ ଅଭ୍ୟାସ ଜାରି ରହିଥିଲା। ଚୂଡ଼ାନ୍ତ ୧୫ ଜଣିଆ ଦଳରେ ୪ଜଣ ନୂଆ ଖେଳାଳି ସ୍ଥାନ ପାଇଛନ୍ତି। ଏମାନେ ହେଲେ ରଘୁନାଥ ମଲ୍ଲ, ରାଜେଶ ମହାନ୍ତି, ପ୍ରୀତ କନୱର ସିଂ ଚୌହ୍ୱାନ ଓ ପପୁ ରାୟ। ରାଜେଶ ମହାନ୍ତି ସମ୍ଭାବ୍ୟ ୨୦ ଜଣିଆ ଦଳରେ ରହିବା ପରେ ପରବର୍ତ୍ତୀ ସମୟରେ ତାଙ୍କ ବଦଳରେ ଆଶୁତୋଷ ଦାସଙ୍କୁ ନିଆଯାଇଥିଲା। ରାଜେଶ ୧୯ବର୍ଷରୁ କମ୍ ଏସିଆ କପ୍‌ରେ ଜାତୀୟ ଦଳରେ ସ୍ଥାନ ପାଇଥିବାରୁ ବିଜୟ ହଜାରେ ଟ୍ରଫିରେ ତାଙ୍କ ଖେଳିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ତେବେ ପ୍ରଥମ ୩ଟି ମ୍ୟାଚ୍ ନିମନ୍ତେ ସେ ଖେଳିବାର ସୁଯୋଗ ରହିଥିବାରୁ ତାଙ୍କୁ ଦଳରେ ନିଆଯାଇଛି ବୋଲି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଚୟନ କମିଟି ଅଧକ୍ଷ ବିଷ୍ଣୁଦେବ ମହାନ୍ତି ସୂଚନା ଦେଇଛନ୍ତି। ପ୍ରଥମ ୩ଟି ମ୍ୟାଚ୍ ନିମନ୍ତେ ଏହି ୧୫ ଜଣିଆ ଦଳ ଘୋଷଣା ହୋଇଥିବା ବେଳେ ଅଧିନାୟକ ଭାର ଗୋବିନ୍ଦ ପୋଦ୍ଦାର ବଜାୟ ରଖିଛନ୍ତି। ଦଳ ୧୭ ତାରିଖରେ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବ।

ରାଜେଶ ଧୂପର, ଅନୁରାଗ ଷଡ଼ଙ୍ଗୀ ଓ ରଘୁନାଥ ମଲ୍ଲ ଦଳର ଓପନିଂ ଦାୟିତ୍ୱ ସମ୍ଭାଳିବେ। ମିଡିଲ ଅର୍ଡର ବ୍ୟାଟିଂ ନିମନ୍ତେ ଅଧିନାୟକ ଗୋବିନ୍ଦ, ଅଲରାଉଣ୍ଡର ବିପ୍ଳବ ସାମନ୍ତରାୟ, ଶୁଭ୍ରାଂଶୁ ସେନାପତି, ଶାନ୍ତନୁ ମିଶ୍ର ରହିଛନ୍ତି। ପେସ୍ ବୋଲିଂ ଆଟାକ୍‌ରେ ଅଭିଜ୍ଞ ସୂର୍ଯ୍ୟକାନ୍ତ ପ୍ରଧାନ ଓ ଦୀପକ ବେହେରାଙ୍କ ସହିତ ଦେବବ୍ରତ ପ୍ରଧାନ ଓ ଦୁଇ ନୂଆ ମୁହଁ ପ୍ରୀତ କନୱର ଓ ରାଜେଶଙ୍କୁ ରଖାଯାଇଛି। ଉଇକେଟ କିପର ଭାବେ ସୁଜିତ ଲେଙ୍କାଙ୍କୁ ଦଳରେ ନିଆଯାଇଥିବା ବେଳେ ସ୍ପିନ ବୋଲିଂ ନିମନ୍ତେ ଅଭିଷେକ ରାଉତ ଓ ପପୁ ରାୟ ଦଳରେ ସାମିଲ ହୋଇଛନ୍ତି। ପ୍ରତ୍ୟେକ ମ୍ୟାଚ୍‌ରେ ଦଳ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବ ବୋଲି ଅଧିନାୟକ ଗୋବିନ୍ଦ କହିଛନ୍ତି। ବ୍ୟାଟିଂ କ୍ଷେତ୍ରରେ ଖେଳାଳିମାନଙ୍କ ମଧ୍ୟରେ ସମନ୍ୱୟ ଭଲ ରହିଲେ ଦଳ ଫାଇଦାରେ ରହିବ। ପୂର୍ବ ସିଜନ ତୁଳନାରେ ଆସନ୍ତା ସିଜନ୍‌ରେ ଓଡ଼ିଶାର ପ୍ରଦର୍ଶନ ଭଲ ରହିବ ବୋଲି ଗୋବିନ୍ଦ ଆଶାବ୍ୟକ୍ତ କରିଛନ୍ତି। ଗତ ସିଜନ୍‌ରେ ଓଡ଼ିଶା ଏଲିଟ୍ ଗ୍ରୁପ୍-ଏରେ ସ୍ଥାନ ପାଇଥିବା ବେଳେ ୬ଟି ମ୍ୟାଚ୍ ଖେଳି ମାତ୍ର ୨ଟିରେ ବିଜୟୀ ହୋଇଥିଲା। ଅନୁରାଗ ଷଡ଼ଙ୍ଗୀ ଓ ଗୋବିନ୍ଦ ପୋଦ୍ଦାରଙ୍କ ଅପରାଜିତ ଶତକ ବଳରେ ଓଡ଼ିଶା ଆସାମକୁ ୯ ଉଇକେଟରେ ହରାଇଥିଲା। ଗତ ସିଜନ୍‌ରେ ପଞ୍ଜାବକୁ ହରାଇ ଓଡ଼ିଶା ପ୍ରତିଯୋଗିତାରେ ବିପର୍ଯ୍ୟୟ ଘଟାଇଥିଲା। ଯୁବରାଜ ସିଂ, ହରଭଜନ ସିଂ, ମନଦୀପ ସିଂ, ଶୁଭମନ ଗିଲ, ସିଦ୍ଧାର୍ଥ କୌଲଙ୍କ ଭଳି ଅନ୍ତର୍ଜାତୀୟ ସ୍ତରର ଖେଳାଳି ରହିଥିବା ପଞ୍ଜାବ ଦଳକୁ ଓଡ଼ିଶା ୬୯ରନ୍‌ରେ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ଓଡ଼ିଶା ଅଧିନାୟକ ଗୋବିନ୍ଦ ପୋଦ୍ଦାର ୧୨୦ରନ୍‌ର ଇନିଂସ୍ ଖେଳିଥିଲେ। ହେଲେ ମ୍ୟାଚ୍‌କୁ ଜିତାଇବାରେ ସହାୟକ ହୋଇଥିଲେ ସ୍ପିନର ଧୀରଜ ସିଂ ଓ ରାଜକିଶନ ପଟେଲ। ଧୀରଜ ୫ ଓ ରାଜକିଶନ ୩ଟି ଉଇକେଟ ଦଖଲ କରି ପଞ୍ଜାବର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ପରବର୍ତ୍ତୀ ମ୍ୟାଚ ଗୁଡ଼ିକରେ ଓଡ଼ିଶାର ପ୍ରଦର୍ଶନ ଭଲ ନ ରହିବାରୁ ପ୍ରତିଯୋଗିତାରୁ ବାଦ୍ ପଡ଼ିଥିଲା।



ରଘୁନାଥ ମଲ୍ଲ



ରାଜେଶ ମହାନ୍ତି



ପ୍ରୀତ କନୱର ସିଂ ଚୌହ୍ୱାନ



ପପୁ ରାୟ

### ଓଡ଼ିଶାର ମ୍ୟାଚ୍

- ସେପ୍ଟେମ୍ବର ୨୦: ବନାମ ଆନ୍ଧ୍ରପ୍ରଦେଶ
- ସେପ୍ଟେମ୍ବର ୨୧: ବନାମ କେରଳ
- ସେପ୍ଟେମ୍ବର ୨୩ : ବନାମ ଉତ୍ତରପ୍ରଦେଶ
- ସେପ୍ଟେମ୍ବର ୨୬: ବନାମ ଦିଲ୍ଲୀ
- ସେପ୍ଟେମ୍ବର ୨୮ : ବନାମ ମଧ୍ୟପ୍ରଦେଶ
- ଅକ୍ଟୋବର ୨: ବନାମ ଛତିଶଗଡ଼
- ଅକ୍ଟୋବର ୪: ବନାମ ସୌରାଷ୍ଟ୍ର
- ଅକ୍ଟୋବର ୬: ବନାମ ହାଇଦ୍ରାବାଦ ।

### ଓଡ଼ିଶା ଦଳ

ଗୋବିନ୍ଦ ପୋଦ୍ଦାର(ଅଧିନାୟକ), ରାଜେଶ ଧୂପର, ଅନୁରାଗ ଷଡ଼ଙ୍ଗୀ, ରଘୁନାଥ ମଲ୍ଲ, ବିପ୍ଳବ ସାମନ୍ତରାୟ, ଶୁଭ୍ରାଂଶୁ ଶେଖର ସେନାପତି, ଶାନ୍ତନୁ ମିଶ୍ର, ସୁଜିତ ଲେଙ୍କା (ଉଇକେଟ କିପର), ସୂର୍ଯ୍ୟକାନ୍ତ ପ୍ରଧାନ, ଦୀପକ ରଞ୍ଜନ ବେହେରା, ଅଭିଷେକ ରାଉତ, ଦେବବ୍ରତ ପ୍ରଧାନ, ରାଜେଶ ମହାନ୍ତି, ପପୁ ରାୟ, ପ୍ରୀତ କନୱର ସିଂ ଚୌହ୍ୱାନ। କୋଚ୍:ରଶ୍ମିରଞ୍ଜନ ପରିଡ଼ା, ଫିଜିଓ: ଶୁଭକାନ୍ତ ସାହୁ, ଟ୍ରେନର: ମନୋଜ କୁମାର ବିଶ୍ୱାଳ, ମ୍ୟାନେଜର: ବିକାଶ ପ୍ରଧାନ।

### ଅଲ୍ ଓଡ଼ିଶା ୬-ରେଡ୍ ସ୍ନୁକର ଆରମ୍ଭ



ଭୁବନେଶ୍ୱର, ୧୪।୯(କ୍ରୀଡ଼ା ପ୍ରତିନିଧି)

ପଟିଆସ୍ଥିତ ୬ ପକେଟ୍ସ କ୍ଲବ ଆନୁକୂଲ୍ୟରେ ସର୍ବପ୍ରଥମ ଅଲ୍ ଓଡ଼ିଶା ୬-ରେଡ୍ ସ୍ନୁକର ଚାମ୍ପିୟନଶିପ୍ ଶୁକ୍ରବାର ଆରମ୍ଭ ହୋଇଛି। ୭ ଫ୍ରେମ୍ ବିଶିଷ୍ଟ ଲିଗ୍ ପର୍ଯ୍ୟାୟର ପ୍ରଥମ ଦିବସରେ ଜଗଦୀଶ ମହାନ୍ତି ୪-୦ରେ ଚନ୍ଦ୍ର ମହାନ୍ତିଙ୍କୁ, ଶାରଦା ବେହେରା ୪-୦ରେ କରଣ ଆରୋରାଙ୍କୁ, ତରୁଣ ପଟନାଏକ ୪-୨ରେ ଗୁଡ୍‌ୱିନ କୁଲୁଙ୍କୁ ପରାସ୍ତ କରିଛନ୍ତି। ତରୁଣ ଏକଦା ୦-୨ରେ ପଛୁଆ ଥିଲେ ହେଁ ସଫଳ ପ୍ରତ୍ୟାବର୍ତ୍ତନ କରି ମ୍ୟାଚକୁ ୪-୨ ଫ୍ରେମ୍‌ରେ ଜିତିଥିଲେ। ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ଜିତୁ ମହାପାତ୍ରଙ୍କ ବିପକ୍ଷରେ ଶୁଭ୍ରଜିତ ୱାକ୍‌ଓଭର ପାଇଥିବାବେଳେ ବିରାଜ ଦାସ ୪-୩ରେ ଉଭାସ ମହାପାତ୍ରଙ୍କୁ, ମାନସ ବେଉରା ୪-୧ରେ ରବି ରାଜଙ୍କୁ, ଜ୍ଞାନ ଦାସ ୪-୧ରେ ଚେତନ ଆନନ୍ଦଙ୍କୁ ଏବଂ ସୁମନ ପଟ୍ଟନାଏକ ୪-୦ ଫ୍ରେମ୍‌ରେ ଅନୁରାଗ ସାମନ୍ତଙ୍କୁ ପରାସ୍ତ କରିଛନ୍ତି।



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ

# ରେଳ ଧାରଣାରୁ ମହିଳାଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

**ଚୌଦ୍ୱାର, ୧୪।୯ (ଡି.ଏନ.ଏ.)**

ଚୌଦ୍ୱାର ଥାନା ଅନ୍ତର୍ଗତ ଶଙ୍କରପୁର ଘୋଷରା ନିକଟ ରେଳ ଧାରଣରୁ ଶୁକ୍ରବାର ତପସ୍ୱିନୀ ରାଉତ ନାମ୍ନୀ ଜଣେ ମହିଳାଙ୍କ ମୃତଦେହକୁ ଜିଆରପି ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମିଳିଥିବା ସୂଚନା ଅନୁଯାୟୀ, ସାଲେପୁର ଥାନା ଅଧୀନ କଇଁରପୁର ଗ୍ରାମର ଦୁଃଶାସନ ରାଉତଙ୍କ କନ୍ୟା ତପସ୍ୱିନୀ ୨୦୧୬ ଜୁଲାଇ ମାସରେ ଚୌଦ୍ୱାର ଥାନା ବଡସାମନ୍ତରାପୁର ପଞ୍ଚାୟତ ବଡପଦା ଗ୍ରାମର ରଞ୍ଜନ କୁମାର ରାଉତଙ୍କୁ ବିବାହ କରିଥିଲେ। ବିବାହ ବେଳେ ତପସ୍ୱିନୀଙ୍କ ପରିବାର ପକ୍ଷରୁ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଅଧିକ ଯୌତୁକ ଦାବିକରି ତପସ୍ୱିନୀଙ୍କୁ ଶାଶୁଘର ଲୋକେ ନିର୍ଯାତନା ଦେଉଥିଲେ। କିଛି ମାସ ହେବ ତପସ୍ୱିନୀ ବାପଘରେ ରହୁଥିବାବେଳେ ଗତ ୮ ଦିନ ହେବ ଶାଶୁଘରକୁ ଆସିଥିଲେ। ରଞ୍ଜନଙ୍କ ମା'ଙ୍କ କହିବାନୁଯାୟୀ, ଗତ ଗୁରୁବାର ରାତିରେ ରଞ୍ଜନ ଏକ ଘରୋଇ କାରଖାନାକୁ କାମ କରିବାକୁ ଯାଇଥିବାବେଳେ ତପସ୍ୱିନୀ ଖାଇସାରି ଶୋଇବା ଘରକୁ ଯାଇଥିଲେ। ଶୁକ୍ରବାର ସକାଳେ ତପସ୍ୱିନୀ ଶୋଇବା ଘରେ ନ ଥିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ପରେ ରେଳଧାରଣାରେ ତାଙ୍କ ମୃତଦେହ ପଡିଥିବା ଖବର ପାଇଥିଲୁ। ଅନ୍ୟପକ୍ଷରେ ତପସ୍ୱିନୀଙ୍କୁ ହତ୍ୟା କରାଯାଇ ରେଳଧାରଣାରେ ପକାଇ ଦିଆଯାଇଥିବା ସନ୍ଦେହ କରାଯାଉଛି ବୋଲି ଦୁଃଶାସନ ଚୌଦ୍ୱାର ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଅନ୍ୟପକ୍ଷରେ ଏହା ହତ୍ୟା ନୁହେଁ, ତପସ୍ୱିନୀଙ୍କ ପିଲା ନଷ୍ଟ ହୋଇଯିବାରୁ ତାଙ୍କ ମାନସିକ ସ୍ଥିତି ଭଲ ନ ଥିଲା। ଫଳରେ ସେ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା ତାଙ୍କ ଶାଶୁଘର ଲୋକେ କହିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଚୌଦ୍ୱାର ଥାନାଧିକାରୀ ଯତୀନ୍ଦ୍ର ନାଥ ସେଠୀ କହିଛନ୍ତି।

# ଡକାୟତି ଯୋଜନା: ୬ଗିରଫ

**ପିପିଲି, ୧୪।୯(ଡି.ଏନ୍.ଏ.)**

ଡକାୟତି ପାଇଁ ଯୋଜନା କରୁଥିବା ବେଳେ ପିପିଲି ପୋଲିସ ୬ଜଣଙ୍କୁ ଗିରଫ କରିବା ସହ ବୋମା ଏବଂ ଖଣ୍ଡା ଜବତ କରିଛି। ଗିରଫ ହୋଇଥିବା ଯୁବକମାନଙ୍କ ଘର ପୁରୀ ସଦର ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ସେମାନେ ହେଲେ ସନ୍ତୋଷ କୁମାର ବେହେରା, ଅମିତ ହରିଚନ୍ଦନ, ରାଜା ବେହେରା, ଚଗୁଲି ବେହେରା, ବିଜୟ ବେହେରା ଓ ଅଭି ବେହେରା। ଅଭିଯୁକ୍ତମାନେ ପିପିଲି ଦାଣ୍ଡମୁକୁନ୍ଦପୁର ବାଇପାସ୍ ରାସ୍ତାର ଏକ ନିଛାଟିଆ ସ୍ଥାନରେ ଏକ ଅଟୋ ଉପରେ ବସି ଡକାୟତି ଯୋଜନା କରୁଥିଲେ। ସେହି ସମୟରେ ରାତ୍ର ପାଟ୍ରୋଲିଂ କରୁଥିବା ପିପିଲି ଆଇଆଇସି ଶରତ କୁମାର ସାହୁ ସନ୍ଦେହରେ ଧରିବା ବେଳେ ଅଟୋ ସହ ଡ୍ରାଇଭର ଫେରାର ହୋଇଯାଇଥିଲା। ପରେ ୬ଜଣଙ୍କୁ ଥାନାକୁ ଆଣି ପଚରା ଉଚୁରା କରିବା ସହିତ ତାଙ୍କଠାରୁ ୨ଟି ଖଣ୍ଡା ଏବଂ ୨ଟି ବୋମା ଜବତ କରିଥିଲେ। ସେମାନଙ୍କ ନାମରେ ବିଭିନ୍ନ ଥାନାରେ ରାହାଜାନି, ଡକାୟତି ଏବଂ ଲୁଟ୍ ଭଳି ମାମଲା ରହିଛି। ସେମାନେ ବଡ଼ ଧରଣର ଡକାୟତି ଯୋଜନା କରିବାକୁ ପ୍ରସ୍ତୁତ ହେଉଥିଲେ ବୋଲି ଆଇଆଇସି ସାହୁ କହିଛନ୍ତି। ଏ ନେଇ ପିପିଲି ଥାନାରେ ନଂ୨୬୬/୧୮ରେଏକମାମଲାରୁଜୁହୋଇଛି।

**ବୋମା, ଖଣ୍ଡା ଜବତ**



# ବନ୍ଧୁକ ଦେଖାଇ ସ୍ତ୍ରୀଙ୍କୁ ହତ୍ୟା ଧମକ, ସ୍ୱାମୀ ଗିରଫ

**ନିମାପଡ଼ା,୧୪।୯(ଡି.ଏନ୍.ଏ.)**

ଚାରିଛକ ଫାଣ୍ଡି ବ୍ରହ୍ମକୁଣ୍ଡି ଗ୍ରାମର ଗିରଫ ହୋଇଥିବା ଦିଲୀପ ବେହେରା ନାମକ ଜଣେ ବ୍ୟକ୍ତିଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ସ୍ତ୍ରୀ ନିବେଦିତା ରାୟଙ୍କୁ ଯୌତୁକ ନିର୍ଯାତନା, ହତ୍ୟା ଧମକ ଓ କୋର୍ଟରୁ ମାମଲା ପ୍ରତ୍ୟାହାର କରିବା ଅଭିଯୋଗରେ ପୋଲିସ ସ୍ୱାମୀ ଦିଲୀପଙ୍କୁ ଗୁରୁବାର ଗିରଫ କରିଥିଲା। ପୋଲିସ ଅଭିଯୁକ୍ତ ଦିଲୀପଙ୍କ ବିରୋଧରେ ପୂର୍ବରୁ ୨୫/୨୭ ଆର୍ମ ଆକ୍ଟରେ କେସ ନଂ ୧୨୭/୧୮ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଘଟଣାଟି ଗତ୧୨/୫/୧୮ରେ ଘଟିଥିବାବେଳେ ଅଭିଯୁକ୍ତ ସ୍ୱାମୀ ଦୀର୍ଘଦିନ ଧରି ଫେରାର ରହିଥିଲେ। ଅଭିଯୋଗରୁ ଜଣାପଡିଛି ଯେ, ଯୌତୁକ ନିର୍ଯାତନା ସହି ନପାରି ସ୍ତ୍ରୀ ନିବେଦିତା ଦୀର୍ଘଦିନ ଧରି ତାଙ୍କ ବାପଘର ଚାରିଛକ ନିକଟସ୍ଥ ଭୋଦର ଗ୍ରାମରେ ରହୁଛନ୍ତି। ପରେ ତାଙ୍କ ସ୍ୱାମୀଙ୍କ ବିରୋଧରେ ଭରଣପୋଷଣ ପାଇଁ କୋର୍ଟରେ ମାମଲା ଦାୟର କରିଥିଲେ। ମାତ୍ର ସ୍ୱାମୀ ଦିଲୀପ ତା୧୨/୫ରିଖରେ ଶ୍ୱଶୁର ଘରେ ପହଞ୍ଚି ସ୍ତ୍ରୀଙ୍କୁ ମାଡ଼ ମାରି କୋର୍ଟରୁ ମାମଲା ପ୍ରତ୍ୟାହାର କରିବା ସହ ମୁଣ୍ଡରେ ବନ୍ଧୁକ ଲଗାଇ ହତ୍ୟା ଧମକ ଦେଇଥିଲେ। ଏପରିକି ରାସ୍ତାରେ ଯାତାୟାତ ସମୟରେ ହଇରାଣ ହରକତ କରିବା, ବାରମ୍ବାର ଶ୍ୱଶୁର ଘରେ ପହଞ୍ଚି ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଉଥିବା ନେଇ ସ୍ତ୍ରୀ ନିବେଦିତା ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି।









ଅଳ୍ପରେ କହୁଥିବା କଳାକୁ ଯିଏ ଆୟତ୍ତ କରିଛି, ସେ ଅନ୍ୟ ଉପରେ ଯଥାର୍ଥ ପ୍ରଭାବ ପକାଇପାରେ।

-ଜେ. ଏଡ୍‌ୱାର୍ଡସ



## ସଂକ୍ଷେପରେ

### ନଦୀରେ ବୁଡି ୩ ବର୍ଷର ଶିଶୁ ମୃତ

**ରଘୁନାଥପୁର, ୧୪ ।୯( ଡି.ଏନ.ଏ.):** ରଘୁନାଥପୁର ଥାନା ତଅଁରା ପଞ୍ଚାୟତସ୍ଥିତ ମୃତ କାଠଯୋଡି ନଦୀରେ ବୁଡି ସ୍ଥାନୀୟ ଅଞ୍ଚଳର ଏକ ୩ ବର୍ଷ ଶିଶୁର ଶୁକ୍ରବାର ମୃତ୍ୟୁ ଘଟିଛି। ମୃତ ଶିଶୁ ହେଲେ ଅମିୟ ଭଞ୍ଜଙ୍କ ପୁଅ ଚନ୍ଦ୍ରଶେଖର ଓରଫ ସିପୁନ। ସକାଳ ୮ଟାରେ ସିପୁନ୍ ଖେଳୁଥିବା ବେଳେ ଅଜାଣତରେ ଘର ପାର୍ଶ୍ୱରେ ଥିବା ମୃତ କାଠଯୋଡି ନଦୀରେ ଖସି ପଡିଥିଲା। ତେବେ ଘରଲୋକ ଖୋଜାଖୋଜି କରିବା ସମୟରେ ଗୋଡ ବାଜିବାରୁ ସିପୁନ୍‌କୁ ପାଣି ଭିତରୁ ଟେକି ଆଣିଥିଲେ। ତାଙ୍କୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇ ଯାଇଥିଲେ। ସେଠାରେ ଡାକ୍ତର ସିପୁନକୁ ମୃତ ଘୋଷଣା କରିଥିଲେ। ଅମିୟ ମଜୁରି ଲାଗି ପରିବାର ଚଳାଇଥାନ୍ତି। ଦୁଇଟି ପୁଅ ମଧ୍ୟରୁ ସିପୁନ ସାନପୁଅ। ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗାଁ ଲୋକ ଦାବି କରିଛନ୍ତି।

### ପଙ୍ଖାରେ ଝୁଲି ମହିଳାଙ୍କ ଆତ୍ମହତ୍ୟା

**ବାଙ୍କୀ,୧୪।୯(ବି.ପ୍ର.):** ବାଙ୍କୀ ଥାନା ଅଧୀନ ବାଉଁଶପୁଟ ପଞ୍ଚାୟତ ପାଲପୁଟ ଗ୍ରାମରେ ଗୁରୁବାର ରାତିରେ ଜଣେ ମହିଳା ପଙ୍ଖାରେ ଝୁଲି ଆତ୍ମହତ୍ୟା କରିଛନ୍ତି। ଶୁକ୍ରବାର ଖବର ପାଇ ବାଙ୍କୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ମୃତ ମହିଳା ହେଲେ ଗ୍ରାମର ବିଜୟ ଜେନାଙ୍କ ସ୍ତ୍ରୀ ଶୁଭଲକ୍ଷ୍ମୀ ଜେନା(୨୦)। ମୃତଦେହକୁ ମାଜିଷ୍ଟ୍ରେଟ୍ କିଶୋର ଚନ୍ଦ୍ର ଦାସଙ୍କ ଉପସ୍ଥିତିରେ ଜବତ କରାଯାଇ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ଅଣାଯାଇଥିଲା। ଏ ସମ୍ପର୍କରେ ବାଙ୍କୀ ଥାନା ଅଧିକାରୀ ସମୀର କୁମାର ପଣ୍ଡା କହିଛନ୍ତି, ଘରୋଇ କଳି ଯୋଗୁ ମହିଳା ଜଣଙ୍କ ବେକରେ ଲୁଗା ଗୁଡାଇ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ବାଙ୍କୀ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ-୨୨/୧୮) ରୁଜୁ କରିବା ସହ ବିଜୟଙ୍କୁ ଅଟକ ରଖି ପଚରା ଉଚରା କରୁଛି।

### ବ୍ଲକସ୍ତରୀୟ ଦକ୍ଷତାଭିତ୍ତିକ ଚୟନ ଶିବିର

**ବଡ଼ମ୍ବା,୧୪।୯(ଡି.ଏନ୍.ଏ):** ବେକାର ଯୁବତୀଯୁବକଙ୍କୁ ତାଲିମ୍ ଦେବାପାଇଁ ବଡ଼ମ୍ବା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଏକ ଦକ୍ଷତାଭିତ୍ତିକ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଦିନ ଦୟାଲ୍ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ଓଡ଼ିଶା ଜୀବିକା ମିଶନ ଆନୁକୂଲ୍ୟରେ ଆୟୋଜିତ ଶିବିରରେ ମୋଟ ୬୨୮ ଜଣ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୫୭୯ ଜଣ ବିଭିନ୍ନ ଦକ୍ଷତା ତାଲିମ ପ୍ରଦାନକାରୀ ସଂସ୍ଥା ସହ ଅନୁବନ୍ଧିତ ହୋଇଛନ୍ତି। ଶିବିରରେ ରାଜ୍ୟର ୨୧ଟି ବିଭିନ୍ନ ଦକ୍ଷତା ତାଲିମ୍ ପ୍ରଦାନକାରୀ ସଂସ୍ଥା ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ଅନୁସୂୟା ନାୟକ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ ଏବଂ ବିଡିଓ ସଦାନନ୍ଦ ସେଠୀ ଅତିଥିଭାବେ ଯୋଗ ଦେଇଥିଲେ। ବ୍ଲକ୍ ଜୀବିକାମିଶନ କାର୍ଯ୍ୟକ୍ରମ ଅଧିକାରିଣୀ ମୋନାଲିସା ତ୍ରିପାଠୀ ଏହାକୁ ପରିଚାଳନା କରିଥିଲେ।

### ଅଭିଭାବକ-ଶିକ୍ଷକ ସମ୍ମିଳନୀ

**ବାଙ୍କୀ,୧୪।୯(ବି.ପ୍ର.):** ଡମପଡା ବ୍ଲକ ଗୟଲବାଙ୍କ ଆଶ୍ରମ ବିଦ୍ୟାଳୟରେ ୨୦୧୮-୧୯ ଶିକ୍ଷାବର୍ଷ ନିମନ୍ତେ ଅଭିଭାବକ ଓ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶ୍ରୀନିବାସ ନାୟକ ଏଥିରେ ଯୋଗଦେଇ ଅତିଥି ପରିଚୟ ଦେବା ସହ ବିଦ୍ୟାଳୟର ବିବରଣୀ ପାଠ କରିଥିଲେ। ସହକାରୀ ଶିକ୍ଷକ ବିଶ୍ୱଜିତ୍ ପତ୍ରି ବୈଠକ ସଞ୍ଚାଳନ କରିଥିଲେ। ମୁଖ୍ୟଅତିଥି ଭାବେ ସରପଞ୍ଚ ପଦ୍ମିନୀ ସାହୁ ଓ ସମିତି ସଭ୍ୟ ସୁନୀଲ କୁମାର ସାହୁ ପ୍ରମୁଖ ଯୋଗଦେଇ ଆବାସିକ ଭାବେ ରହୁଥିବା ଛାତ୍ରୀମାନଙ୍କ ପାଠପଢ଼ା,ପରିବେଶ ଓ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ସମ୍ମାନିତ ଅତିଥିଭାବେ ସମାଜ ମଙ୍ଗଳ ଅଧିକାରିଣୀ ରଶ୍ମିରାଣୀ ଦାସ ଓ ସାମାଜିକ କର୍ମୀ ବିଷ୍ଣୁ ଚରଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ମମତା ଦେହୁରୀ ସଭାରେ ଅଧ୍ୟକ୍ଷତା କରିଥିଲେ। ସମାଜ ମଙ୍ଗଳ ଅଧିକାରିଣୀ ଦାସ ବିଦ୍ୟାଳୟର ବିକାଶ ପାଇଁ ଅଭିଭାବକ ଓ ଶିକ୍ଷକମାନଙ୍କର ସମନ୍ୱୟ ଓ ସହଭାଗିତା ଜରୁରୀ ବୋଲି ପରାମର୍ଶ ଦେଇଥିଲେ। ଅଞ୍ଜନା ପ୍ରଧାନ ଓ ସହକାରୀ ଶିକ୍ଷକ ଆସଫାତ୍ ଖାନ୍ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ୪ ଆନ୍ତଃ ଜିଲା ଡକାୟତ ଗିରଫ

**ମାହାଙ୍ଗା,୧୪।୯(ସ୍ୱ.ପ୍ର.)**



ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

- ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜବତ
- ବିଳମ୍ବିତ ରାତିରେ କରୁଥିଲେ ଚୋରି
- ବିଭିନ୍ନ ଥାନାରେ ରହିଛି ଏକାଧିକ ମାମଲା

ମାହାଙ୍ଗା ଥାନା ପୋଲିସ ଏକ ଆନ୍ତଃ ଜିଲା ଡକାୟତ ଦଳର ୪ଜଣଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହ ସେମାନଙ୍କ ନିକଟରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ସାଲେପୁର ଏସ୍‌ଡିପିଓ ପ୍ରଦ୍ୟୁମ୍ନ କୁମାର ଜେନା କହିଛନ୍ତି।

ପ୍ରକାଶଯୋଗ୍ୟ, ମାହାଙ୍ଗା ଥାନା ଅଧୀନ ଗୌଡ଼ଗୋପବଜାରର ବୈରାଗୀ ଚରଣ ସାମଲଙ୍କ ତେଜରାତି ଦୋକାନରୁ ଗତ ସୋମବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ତାଲା ଭାଙ୍ଗି ଚୋରି କରୁଥିଲେ। ଏହି ସମୟରେ ବୈରାଗୀ ଓ ଗ୍ରାମବାସୀ ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କୁ କାବୁ କରିଥିଲେ। ତେବେ ସେମାନେ ଖସି ଯାଉଥିବାବେଳେ ଖବର ପାଇ ମାହାଙ୍ଗା ପୋଲିସ ଆସି କାବୁ କରିଥିଲା। ପରେ ସେମାନଙ୍କୁ ଅଟକ ରଖି ପୋଲିସ ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ କାବୁ କରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଚଢ଼ାଉବେଳେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଅଞ୍ଚଳରୁ ଗୁରୁବାର ୨ ଜଣଙ୍କୁ କାବୁ କରାଯାଇଥିଲା। ଗିରଫ ଅଭିଯୁକ୍ତ ହେଲେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ପରିଅଙ୍ଗ ଗ୍ରାମର ସୁଜିତ କୁମାର ସାମଲ(୨୫), ନବଦିଆ ଗ୍ରାମର ଜ୍ଞାନ ରଞ୍ଜନ ସ୍ୱାଇଁ(୨୫), କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ବେଲାରି ନୂଆଗାଁର ସୂର୍ଯ୍ୟମଣି ଜେନା(୩୭) ଓ କଟକ ଜିଲା ନରସିଂହପୁର ଥାନା ଗିଲିଣ୍ଡା ଗ୍ରାମର ସଞ୍ଜୟ ଦେହୁରୀ (୪୦)। ଏମାନଙ୍କ ନିକଟରୁ ଲକ୍ଷାଧିକ ଟଙ୍କାର ମ୍ୟୁଜିକାଲ ଇନ୍‌ଷ୍ଟ୍ରୁମେଣ୍ଟ ଓ ତେଜରାତି ସାମଗ୍ରୀ ଜବତ କରାଯାଇଛି। ଏଥି ମଧ୍ୟରେ ୧୦୦୦ ୱାଟ୍‌ର ୨ଟି ଆହୁଜା ଆମ୍ପଲିଫାୟାର, ୭୦୦ ୱାଟ୍‌ର ୨ଟି ଆମ୍ପଲିଫାୟାର, ସାରପି ଲାଇଟ୍ ୨ଟି, ଅରଗାନ ୧ଟି, ଡିଜେ ମେଶିନ ୨ଟି, ପ୍ୟାଡ ୧ଟି, ଏସପି/ଡିଏସ.ପି-୨ଟି, କଡଲେସ ମାଇକ ସେଟ ୧ଟି, ରିଲେ ମେଶିନ ୧ଟି ଓ ହୋମ ଥିଏଟର ୧ଟି ସମେତ ବହୁ ତେଜରାତି ସାମଗ୍ରୀ ରହିଛି। ସେମାନେ ଯେଉଁ ଗାଡ଼ି ବ୍ୟବହାର କରୁଥିଲେ ସେ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ। ଗିରଫ ଅଭିଯୁକ୍ତଙ୍କ ନାମରେ କଟକ, ଜଗତ୍‌ସିଂହପୁର, ଯାଜପୁର ଓ କେନ୍ଦ୍ରାପଡା ଜିଲାର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ମାହାଙ୍ଗା ଥାନା ପୋଲିସ ମାମଲା ନଂ-୧୪୮, ୧୭୩ ଓ ୧୪୨/୧୮ ରୁଜୁ କରି ଏମାନଙ୍କୁ କୋର୍ଟଚାଲାଣ କରିଛି। ଏମାନେ ସାଧାରଣତଃ ତେଜରାତି ଦୋକାନ ଓ ମ୍ୟୁଜିକାଲ ଇନ୍‌ଷ୍ଟ୍ରୁମେଣ୍ଟକୁ ଗୁଡିକୁ ବିଳମ୍ବିତ ରାତିରେ ଦୋକାନ ତାଲା ଭାଙ୍ଗି ଚୋରି କରିଥାନ୍ତି। ପରେ ଏକ ୪ ଚକିଆ ଗାଡ଼ିରେ ଲଦି ନେଇଥାନ୍ତି। ଏମାନଙ୍କୁ ଧରିବା ପାଇଁ ମାହାଙ୍ଗା ଥାନା ଆଇଆଇସି ଯୁଗଳ କିଶୋର ଦାସଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇଥିଲା। ଏଥିରେ ଏସଆଇ ଶୁଭ୍ରାନ୍ତ କୁମାର ଜେନା, ଭଦ୍ରେଶ୍ୱର ଫାଣ୍ଡି ଅଧିକାରୀ ପବିତ୍ର ମହାରଣା, ଏଏସଆଇ ମନୋରଞ୍ଜନ ସାମଲ ଓ ହାପିଜ ଖାଁ ପ୍ରମୁଖ ଥିଲେ। ଜଗତ୍‌ସିଂହପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଚୋରି ସାମଗ୍ରୀ ଜବତ କରାଯାଇଛି। ମାହାଙ୍ଗା ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀରେ ଏସଡିପିଓ ଜେନା ଏହି ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଶୁଭାଂଶୁ ଶେଖର ପରିଡା ଓ ମାହାଙ୍ଗା ଥାନା ଆଇଆଇସି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବିକଚ ସାହିତ୍ୟ ସଂସଦର ସାମ୍ବତ୍ସରିକ ଉତ୍ସବ

**ବଡ଼ମ୍ବା,୧୪।୯(ଡି.ଏନ.ଏ.)**

ବଡ଼ମ୍ବା-ନରସିଂହପୁରର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ବିକଚ ସାହିତ୍ୟ ସଂସଦର ସାମ୍ବତ୍ସରିକ ଉତ୍ସବ ଓ ନୂଆଖାଇ ଭେଟଘାଟ ବଡ଼ମ୍ବାହାଟ ନିକଟ ଆଡ଼ିଆ ମହାଦେବଙ୍କ ପୀଠରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସଂସଦ ସଭାପତି କବି ଦୁର୍ଯ୍ୟୋଧନ ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ନିର୍ମଳ ଚନ୍ଦ୍ର ଶୁରଦେଓ ଯୋଗଦେଇ ବିକଚ ସାହିତ୍ୟ ସଂସଦ ଆଗାମୀ ଦିନରେ ଦିଗନ୍ତ ପ୍ରସାରୀ ହେବ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ବାଙ୍କୀ ମହୋତ୍ସବ ସ୍ମରଣିକା କମିଟି ସମ୍ପାଦକ କବି କୌଶିକ ନାୟକ, ସମ୍ମାନିତ ବକ୍ତା ନୟାଗଡ଼ ଜିଲା ଲେଖକ ପରିଷଦ ସଭାପତି ପ୍ରଧାନୀ ବୃନ୍ଦାବନ ମହାପାତ୍ର, ସମ୍ମାନିତ ଅତିଥି ବିକଚ କାର୍ଯ୍ୟକାରୀ ସଭାପତି କବି ଚନ୍ଦ୍ରଶେଖର ମହାନ୍ତି, ଆଇନଜୀବୀ ସୂର୍ଯ୍ୟନାରାୟଣ ମିଶ୍ର, ତ୍ରିଲୋଚନ ମହାପାତ୍ର ଓ ଖବରଦାତା ବିଦ୍ୟାଧର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ 'ସୁଜନେ ଆଦର ମିତ୍ର ପରି କବିତ୍ୱ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଶିକ୍ଷକ ବିନାୟକ ମିଶ୍ର ଓ କବି ପ୍ରସନ୍ନ କୁମାର ରାଉତ ଏହାକୁ ସଂଯୋଜନା କରିଥିଲେ। ବିକଚ ପରିଚାଳନା ସମ୍ପାଦକ ଦେବଦତ୍ତ ମଳୟ କୁମାର ବରାଳ ଅତିଥି ପରିଚୟ, ଅଭ୍ୟର୍ଥନା ସମିତି ଅଧ୍ୟକ୍ଷ ଶିବ ନାରାୟଣ ମିଶ୍ର ବିନୀତ ଆଭାସ, ବିକଚ ସମ୍ପାଦକ କଳିଙ୍ଗ କେଶରୀ ପ୍ରଧାନ ବିକଚ ସନ୍ଦେଶ ପାଠ କରିଥିଲେ। ଶେଷରେ ଦେବୀ ଭଗ୍ନାରିକା ଓ ମା' ସମଲେଇଙ୍କୁ ସ୍ମରଣ କରାଯାଇ ଆନନ୍ଦ ଉଲ୍ଲାସ ସହିତ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ କରାଯାଇଥିଲା। ବଡ଼ମ୍ବା, ନରସିଂହପୁର, ଆଠଗଡ଼, ଢେଙ୍କାନାଳ, କଣ୍ଟିଲୋ ଓ ବାଙ୍କୀ ଅଞ୍ଚଳର ଶତାଧିକ କବୟିତ୍ରୀ ଓ କବି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ସନାତନ ସ୍ୱାଇଁଙ୍କ ସମେତ ଅନୁଷ୍ଠାନର ସଦସ୍ୟ ପରିଚାଳନା କରିଥିଲେ।



ଉତ୍ସବରେ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ବିରଳ ପ୍ରଜାତିର ଲୁନାମଥ୍



ବିରଳ ଲୁନାମଥ।

**ବାଙ୍କୀ,୧୪।୯(ସ୍ୱ.ପ୍ର.)**

ବାଙ୍କୀ କଲେଜ ନିକଟ ରଣପୁର, ଚର୍ଚ୍ଚିକା, ଦୁର୍ଗାପୁର ଓ କୋଟଦ୍ୱାର ଗ୍ରାମରେ ବିରଳ ପ୍ରଜାତିର ଲୁନାମଥ୍ ଠାବ କରାଯାଇଛି। ବାଙ୍କୀ କଲେଜ ପ୍ରାଣୀବିଜ୍ଞାନ ବିଭାଗ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଏହାକୁ ଚିହ୍ନଟ କରିଛନ୍ତି। ଉକ୍ତ ପ୍ରଜାତି ଉପରେ ପ୍ରାଣୀବିଜ୍ଞାନ ତରଫରୁ ଅଧିକ ଗବେଷଣା କରିବା ପାଇଁ ବିଭାଗୀୟ ମୁଖ୍ୟ ଡ. କୃଷ୍ଣଚନ୍ଦ୍ର ରଥ ପ୍ରକାଶ କରିଛନ୍ତି।

## ସାପ କାମୁଡାରେ ଛାତ୍ର ମୃତ

**ମାହାଙ୍ଗା,୧୪।୯(ସ୍ୱ.ପ୍ର.)**

ସାପ କାମୁଡ଼ାରେ ମାହାଙ୍ଗା ଥାନା ଭଉଁରିଆ ପଞ୍ଚାୟତ ରାମକାପୁର ଗ୍ରାମର ସେକ୍ ନଜିମୁଦ୍ଦିନଙ୍କ ଏକମାତ୍ର ପୁତ୍ର ସେକ୍ ଅମିରଉଦ୍ଦିନ(୯)ଙ୍କ ଗୁରୁବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ସେ ରାତିରେ ଘରେ ଶୋଇଥିବାବେଳେ ଏକ ବିଷଧର ସାପ କାମୁଡି ଦେଇଥିଲା। ଫଳରେ ଅସୁସ୍ଥ ହେବାରୁ ପରିବାର ଲୋକେ ତାଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ବଡ଼ ମେଡିକାଲରେ ଆଇସିୟୁ ନ ମିଳିବାରୁ ଏକ ଘରୋଇ ଚିକିତ୍ସାଳୟକୁ ନିଆଯାଇଥିଲା। ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସେ ସ୍ଥାନୀୟ ସ୍କୁଲର ୪ର୍ଥ ଶ୍ରେଣୀ ଛାତ୍ର ଥିଲେ।

## ମାଗଣା ସ୍ୱାସ୍ଥ୍ୟ ଶିବିର

**ବାଙ୍କୀ,୧୪।୯(ସ୍ୱ.ପ୍ର.)**

ବାଙ୍କୀ ବ୍ଲକ ଗୋଳାଗଣ୍ଡ ପଞ୍ଚାୟତ ରଜିବ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଲୋକ ବିକାଶ ଫାଉଣ୍ଡେଶନ ଏବଂ ହାଇଟେକ୍ ମେଡିକାଲ କଲେଜ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିର ସାପ୍ତାହିକ ଖବରକାଗଜ ଭୋକିଲାପେଟ ସହଯୋଗରେ କରାଯାଇଛି। ଭୋକିଲାପେଟ ସମ୍ପାଦକ ସୁଧୀର କୁମାର ନାୟକ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ପ୍ରାଧ୍ୟାପକ ମନୋଜ ମହାପାତ୍ର ଯୋଗଦାନ କରି ଶିବିରର ସଫଳତା କାମନା କରିଥିଲେ। ସୁଦର୍ଶନ ସାହୁ, ଦୀପକ ସାମନ୍ତରାୟ, ସାରଙ୍ଗଧର ନାୟକ, ରଞ୍ଜନ ବେହେରା, ଦୁଷ୍ମନ୍ତ ମହାନ୍ତି, ଅଶୋକ ସୂତାର, କାଳନ୍ଦୀ ବେହେରା ଓ ଦିଗମ୍ବର ମହାରଣା ଶିବିର ପରିଚାଳନା କରିଥିଲେ।

## ଫାଷ୍ଟଫୁଡ୍ ଦୋକାନୀଙ୍କୁ ଗୁଳିମାଡ଼ ଘଟଣା

# ଘଟଣାସ୍ଥଳ ଦେଖିଲେ ପୋଲିସ କମିଶନର

**ଭୁବନେଶ୍ୱର, ୧୪।୯(ବ୍ୟୁରୋ)**

ପକୋଡା କିଣାକୁ କେନ୍ଦ୍ରକରି ଖଣ୍ଡଗିରି ଥାନା ତାଳବସ୍ତି ଛକରେ ଥିବା ଫାଷ୍ଟଫୁଡ୍ ଦୋକାନୀ ସ୍ମୃତିରଞ୍ଜନ ଧଳ ଓରଫ ନିଲୁଙ୍କୁ ଗୁରୁବାର ଦୁଇଜଣ ଦୁର୍ବୃତ୍ତ ଗୁଳି ମାଡ଼ କରିଥିଲେ। ଏଥିରେ ନିଲୁ ଆହତ ହୋଇଥିଲେ। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ରହିଛି। ଶୁକ୍ରବାର ସକାଳେ ପୋଲିସ ନିଲୁଙ୍କ ବୟାନ ରେକର୍ଡ କରିଛି। ଏହାସହ ପୋଲିସ କମିଶନର ସତ୍ୟଜିତ ମହାନ୍ତି ମଧ୍ୟ ଏହି ଘଟଣାକୁ ଗୁରୁତର ସହ ନେଇଛନ୍ତି। ମହାନ୍ତି ଶୁକ୍ରବାର ସକାଳେ ଉକ୍ତ ଫାଷ୍ଟଫୁଡ୍ ଦୋକାନକୁ ଯାଇ ଅନୁଧ୍ୟାନ କରିବା ସହ ସ୍ଥାନୀୟ ଲୋକଙ୍କୁ ପଚରାଉଚୁରା କରିଥିଲେ। ଗୁଳିମାଡ଼ କରିଥିବା ଯୁବକ ସ୍ଥାନୀୟ ଅଞ୍ଚଳର ବୋଲି ଜଣାପଡିଛି। ସେମାନଙ୍କୁ ମଧ୍ୟ ଚିହ୍ନଟ କରାଯାଇଛି। ଖୁବ୍ ଶୀଘ୍ର ଗିରଫ କରାଯିବ ପୋଲିସ କମିଶନର କହିଛନ୍ତି।

ଅନ୍ୟପକ୍ଷରେ ପୋଲିସ ଉକ୍ତ ଯୁବକଙ୍କ ଘରେ ଚଢାଉ କରିଥିଲେ ମଧ୍ୟ ସେମାନେ ଫେରାର ଅଛନ୍ତି। ସେମାନଙ୍କୁ ଧରିବା ପାଇଁ ପୋଲିସ ରାଜଧାନୀ ଉପକଣ୍ଠରେ ଚଢାଉ ଜୋରଦାର କରୁଛି। ଗୁଳିମାଡ଼ କରିଥିବା ଦୁଇ ଯୁବକଙ୍କ ନାମରେ ଖଣ୍ଡଗିରି ଥାନାରେ ଏକାଧିକ ମାମଲା ରହିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

ଏହି ଘଟଣା ପରେ ଉକ୍ତ ଅଞ୍ଚଳରେ ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି। ନିକଟରେ ମଦ ଦୋକାନ ଥିବାରୁ ମଦ୍ୟପଙ୍କ ପାଇଁ ଏହି ଫାଷ୍ଟଫୁଡ୍ ଦୋକାନ ନିକଟରେ ଆସର ଜମୁଛି। ତେଣୁ ଯେଉଁମାନେ ମଦ ଆଣି ଉକ୍ତ ଫାଷ୍ଟଫୁଡ ଦୋକାନରେ ପିଉଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ମଦ ଦୋକାନ ମାଲିକଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ କହିଛନ୍ତି। ସୂଚନାଯୋଗ୍ୟ, ଗୁରୁବାର ରାତି ପ୍ରାୟ ୯ଟାରେ ଦୁଇଜଣ ଯୁବକ ନିକଟସ୍ଥ ମଦ ଦୋକାନରୁ ମଦ କିଣିବା ପରେ ଉକ୍ତ ଫାଷ୍ଟଫୁଡ୍ ଦୋକାନକୁ ଯାଇଥିଲେ। ସେଠାରେ ଚିକେନ ପକୋଡ଼ା କିଣି ଖାଇଥିଲେ। ପରେ ସେମାନେ କଞ୍ଚା ଚିକେନ ଦେଖି ଦେବାକୁ କହିଥିଲେ। ସେଭଳି ଚିକେନ ପକୋଡ଼ା ନ ଥିବା ନିଲୁ କହିବାରୁ ସେମାନେ ତାଙ୍କୁ ଗାଳିଗୁଲଜ କରିବା ସହ ଦୋକାନରେ ଭଙ୍ଗାରୁଜା କରିଥିଲେ। ପରେ ଜଣେ ଯୁବକ ବନ୍ଧୁକ ବାହାର କରି ନିଲୁଙ୍କୁ ଗୁଳି ମାରିଥିଲେ। ପ୍ରଥମ ଗୁଳି ତାଙ୍କ ଦେହରେ ବାଜି ନ ଥିବା ବେଳେ ଦ୍ୱିତୀୟ ଗୁଳି ତାଙ୍କ ଡାହାଣ ହାତ କହୁଣିରେ ବାଜିଥିଲା।

## ରାନୀ କିନ୍ନରଙ୍କୁ ଭେଟିଲେ ଜିଲା ଆଇନସେବା ପ୍ରାଧିକରଣ ଚେୟାରମ୍ୟାନ

**କଟକ ଅଫିସ,୧୪।୯**

ଏସ୍‌ସିବି ମେଡିକାଲ ଟ୍ରମା ଆଇସିୟୁରେ ଚିକିତ୍ସାଧୀନ ରାନୀ କିନ୍ନରଙ୍କୁ ଭେଟିଛନ୍ତି ଜିଲା ଆଇନସେବା ପ୍ରାଧିକରଣ ଚେୟରାମ୍ୟାନ ଜଷ୍ଟିସ ସତ୍ୟନାରାୟଣ ମହାନ୍ତି। ପରେ ରାନୀଙ୍କ ଚିକିତ୍ସା ନେଇ ଡାକ୍ତରୀ ଟିମ୍ ସହ ମହାନ୍ତି ଆଲୋଚନା କରିଛନ୍ତି। ପାରାଲିଗାଲ ଭଲ୍ୟୁଣ୍ଟର ବିଭୂତି କୁମାର ରାଏ କହିଛନ୍ତି ରାନୀ ସମ୍ପୂର୍ଣ୍ଣ ସୁସ୍ଥ ହେବାପରେ ସେ ପୁଣି ଥରେ ନିଜକୁ ସ୍ୱାବଲମ୍ବୀ କରିପାରିବେ ବୋଲି ଜଷ୍ଟିସ ମହାନ୍ତି ଆଶ୍ୱାସନା ଦେଇଛନ୍ତି। ରାନୀ କିନ୍ନରଙ୍କ ପାଇଁ କଟକର କାଜଲ କିନ୍ନର ଏବଂ ଅନ୍ୟମାନେ ସହଯୋଗର ହାତ ବଢାଇଛନ୍ତି। ସୂଚନାଯୋଗ୍ୟ, ବୁଧବାର ଭଦ୍ରକରୁ ଭୁବନେଶ୍ୱର ଆସୁଥିବାବେଳେ ଯାଜପୁରଠାରେ ଟ୍ରେନରୁ ଗୋଡ ଖସିଯିବାରୁ ଗଳିପଡି ଗୁରୁତର ହୋଇଥିଲେ। ଚିକିତ୍ସା ଲାଗି ତାଙ୍କୁ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା।

## ମନ୍ଦିର, ମସଜିଦ୍‌ରେ ଚାରାରୋପଣ

**ଲଳିତଗିରି,୧୪।୯(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଗୋତରା ପଞ୍ଚାୟତ କାନପୁରସ୍ଥିତ ହନୁମାନ ମନ୍ଦିର ଓ ମସଜିଦ୍‌ରେ ଚାରାରୋପଣ କରାଯାଇଛି। ଅମରେନ୍ଦ୍ର ମହାନ୍ତିଙ୍କ ପ୍ରୟାସରେ ଆମ ମାହାଙ୍ଗା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମରେ ଯୋଗଦେଇ ଚାରାରୋପଣ ଓ ସଫେଇ କରିବା ସହ ଗ୍ରାମ ପରିକ୍ରମା କରି ଲୋକଙ୍କୁ ସଚେତନ କରାଇଥିଲେ। ଭାଗୀରଥି ସାହୁ, ଅଯୋଧ୍ୟା ନାୟକ ଓ ସରୋଜ ବାରିକ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ବେଲେଶ୍ୱରୀଙ୍କ ପୀଠରେ ନୂଆଖାଇ ପର୍ବ

**ନିଶ୍ଚିନ୍ତକୋଇଲି,୧୪।୯(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକର ପ୍ରସିଦ୍ଧ ଶକ୍ତିପୀଠ ମା' ବେଲେଶ୍ୱରୀଙ୍କ ପୀଠରେ ଶୁକ୍ରବାର ନୂଆଖାଇ ପର୍ବପାଳିତ ହୋଇଛି। ପ୍ରଭାତରୁ ମା' ବେଲେଶ୍ୱରୀଙ୍କ ଆଦ୍ୟ ପୂଜକ ସୁକଦେବ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ମା'ଙ୍କ ଯଥାବିଧି ଉପଚାର ପୂଜା କରାଯାଇ ନୂତନ ବସ୍ତ୍ର, ଧୂପ ଦୀପ ନୈବେଦ୍ୟ ଅର୍ପଣ କରାଯାଇଥିଲା। ନୈବେଦ୍ୟରେ ନୂଆ ଚୁଡା, ଘିଅ, ନଡିଆ, ଛେନା, କର୍ପୂର ମରିଚ ଓ ଅଦା ଦିଆଯାଇ ମା'ଙ୍କୁ ସ୍ୱତନ୍ତ୍ର ନୀତି ଭୋଗ ଅର୍ପଣ କରାଯାଇଥିଲା। ପରେ ଦେବେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ନୂଆଖାଇ ଭେଟଘାଟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ କ୍ଷୀରୋଦ ପଣ୍ଡା ଯୋଗଦେଇ ନୂଆଖାଇର ବିଶେଷତ୍ୱ ଓ ମା' ବେଲେଶ୍ୱରୀଙ୍କ ମହିମା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଶିକ୍ଷାବିତ କାର୍ତ୍ତିକ ଚନ୍ଦ୍ର ଦାସ ପଶ୍ଚିମ ଓଡ଼ିଶାର ନୂଆଖାଇ ପରମ୍ପରା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ନିବାସ ଚନ୍ଦ୍ର ଗାୟା, ରମେଶ ଚନ୍ଦ୍ର ସ୍ୱାଇଁ, ନିତ୍ୟାନନ୍ଦ ମହାପାତ୍ର, ଶୁକଦେବ ସ୍ୱାଇଁ, କେଳୁଚରଣ ପରିଡା, ବୀରକିଶୋର ନନ୍ଦ ଓ ପରିକ୍ଷିତ ରାଉତ ପ୍ରମୁଖ ଯୋଗଦେଇ ନୂଆଖାଇ ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ନାମାଚାର୍ଯ୍ୟ ବୈରାଗୀ ପଣ୍ଡା ଓ ତାଙ୍କ ସହକର୍ମୀଙ୍କ ସହାୟତାରେ ମା'ଙ୍କ ପୀଠରେ ନାମ ସଂକୀର୍ତ୍ତନ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ନାମାଚାର୍ଯ୍ୟ ପଣ୍ଡାଙ୍କୁ ମା' ବେଲେଶ୍ୱରୀ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉପସ୍ଥିତ ବହୁ ଶ୍ରଦ୍ଧାଳୁ ମା'ଙ୍କ ନୂଆ ଚୁଡା ନୈବେଦ୍ୟ ପ୍ରସାଦ ରୂପେ ପାଇ ଗୁରୁଜନଙ୍କୁ ଲଘୁଜନ ପ୍ରଣାମ କରିଥିଲେ। ଗୁରୁଜନ ସେମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# ଗୋରେଖନାଥ କୃଷକ ମହାସଂଘର ପ୍ରତିଭା ଚୟନ

**ରଘୁନାଥପୁର, ୧୪ ।୯( ଡି.ଏନ.ଏ.)**




ଉତ୍ସବରେ ଉପସ୍ଥିତ ଅତିଥିମାନେ।

କୃଷି ଭିତ୍ତିକ ପର୍ବ ନୂଆଖାଇ ଉପଲକ୍ଷେ ରଘୁନାଥପୁର ବ୍ଲକ ରେଢୁଆ ନୂଆଗଡସ୍ଥିତ ଗୋରେଖନାଥ କୃଷକ ମହାସଂଘ ପକ୍ଷରୁ ଶୁକ୍ରବାର ପ୍ରତିଭା ଚୟନ ଉତ୍ସବ ୨୦୧୮-୧୯ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ମହାସଂଘ ପକ୍ଷରୁ ୧୬ ସ୍କୁଲରୁ ଆସିଥିବା ଛାତ୍ରୀଛାତ୍ରଙ୍କୁ ନେଇ ଇଂରାଜୀ ଓ ଓଡ଼ିଆ ବକ୍ତୃତା ଏବଂ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ୮୧ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଆୟୋଜିତ ପୁରସ୍କାର ବିତରଣ ସଭାରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଶିଶୁ ସାହିତ୍ୟିକ ମହେଶ୍ୱର ମହାନ୍ତି ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ବୈଜ୍ଞାନିକ ଡା. ଫକୀର ଚରଣ ଦାସ, ସମ୍ମାନିତ ଅତିଥି ଭାବେ କୃଷି ବୈଜ୍ଞାନିକ ଡ. ବିଜୟ କୁମାର ସାହୁ, ଡ. କାର୍ତ୍ତିକ ଚନ୍ଦ୍ର ସାହୁ, କୃଷି ଅଧିକାରୀ ହିମାଂଶୁ କୁମାର ମହାପାତ୍ର, ଏସବିଆଇ ରିଜିଓନାଲ ମ୍ୟାନେଜର ଚନ୍ଦ୍ରଶେଖର ସାମନ୍ତରାୟ, ରାଜେଶ କୁମାର ସାହୁ ଓ ପ୍ରତିଭା ଚୟନ ଉତ୍ସବର ସମ୍ପାଦିକା ଗୀତା ରଥ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୧୦ ଜଣ ବ୍ୟକ୍ତିଙ୍କୁ ମହାସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାହିତ୍ୟିକ ଅଲେଖ ଚନ୍ଦ୍ର ବେହେରା ସଭା ପରିଚାଳନା କରିଥିଲେ। ଲିଭ ଆଣ୍ଡ ଲିଭର ସମ୍ପାଦକ କ୍ଷେତ୍ରମୋହନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାସଂଘର ସମ୍ପାଦକ ସୁଧୀର ରଞ୍ଜନ ବାରିକ ଧନ୍ୟବାଦ ଦେଇ ସଭା ଶେଷ କରିଥିଲେ। ସୀତାଂଶୁ ଜେନା, ନରେଶ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଆତ୍ମସଂଯମ, ସାଧନା ଓ ସେବା ଦ୍ୱାରା ହିଁ ମାନବ ସମାଜରେ ଶାନ୍ତି ଓ ଆନନ୍ଦ ଆସିଥାଏ।

-ସ୍ୱାମୀ ଚିଦାନନ୍ଦ



## ସଂକ୍ଷେପରେ

### ଶିଳାନ୍ୟାସ, ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ



**କଟକ ଅଫିସ,୧୪।୯:** ଚୌଦ୍ୱାର-କଟକ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ଦ୍ୱାରା କଟକ ସାଆନ୍ତସାହି ଅଞ୍ଚଳରେ କମ୍ୟୁନିଟି ହଲର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏଥିସହ ମଦନମୋହନ ମନ୍ଦିରର ପୁନରୁଦ୍ଧାର ଏବଂ ପିଠାପୁର ପୋଖରୀର ସୌନ୍ଦର୍ଯ୍ୟକରଣ ଶିଳାନ୍ୟାସ କରିଛନ୍ତି ବିଧାୟକ ବିଶ୍ୱାଳ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ରଞ୍ଜନ ବିଶ୍ୱାଳ, ସାଆନ୍ତସାହି ଅଧିକାରୀ ଧିରେନ୍ଦ୍ର କୁମାର ପ୍ରଧାନ, ସମ୍ପାଦକ ଦୟାନିଧି ରାଉତଙ୍କ ସମେତ ୨୪ନଂ. ୱାର୍ଡର ଅଞ୍ଚଳବାସୀ ଉପସ୍ଥିତ ଥିଲେ। ବିଧାୟକଙ୍କ ଉନ୍ନୟନ ପାଣ୍ଠିରୁ ୨୪ ଲକ୍ଷ ଟଙ୍କା ବ୍ୟୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା କର୍ପୋରେଟର ବିଶ୍ୱାଳ କହିଛନ୍ତି।

### ଅପହୃତା ନାବାଳିକା ଉଦ୍ଧାର

**କଟକ ସଦର, ୧୪।୯ (ଡି.ଏନ୍.ଏ.):** କିଶୋର ନଗର ଥାନା ଅଞ୍ଚଳରୁ ଅପହରଣ କରି ନିଆଯାଇଥିବା ନାବାଳିକାଙ୍କୁ ପୋଲିସ ଗୁରୁବାର ରାତିରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁରରୁ ଉଦ୍ଧାର କରିଥିଲା। ଏହି ନାବାଳିକା ରହୁଥିବା ଘରର ମାଲିକଙ୍କୁ ପଚରାଉଚରା କରିବା ପାଇଁ ପୋଲିସ ଥାନାରେ ଅଟକ ରଖିଛି। ଶୁକ୍ରବାର ନାବାଳିକାଙ୍କୁ କଟକ ବଡ ଡାକ୍ତରଖାନାରେ ଡାକ୍ତରୀମାଇନା କରାଯିବା ସହ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ହାଜର କରାଯାଇ ବୟାନ ରେକର୍ଡ କରାଯାଇଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୧୧୨/୧୮) ରୁଜୁ ହୋଇଥିଲା। ପୋଲିସ ସୂତ୍ରରୁ ପ୍ରକାଶ, ଗତ ୫ ତାରିଖରେ ନାବାଳିକା ଜଣକ ଘରକୁ ଫେରିବାବେଳେ ୨ ଜଣ ଯୁବକ ତାଙ୍କୁ ଜୋରଜବରଦସ୍ତି ଅପହରଣ କରି ଗାଡିରେ ନେଇଯାଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପରେ ପୋଲିସ ଚଢାଉବେଳେ ଅଭିଯୁକ୍ତ ଦ୍ୱୟ ଖସି ପଳାଇଥିଲେ।

### ନବ ନିର୍ମାଣ କୃଷକ ସଙ୍ଗଠନର ବୈଠକ

**କଟକ ସଦର, ୧୪।୯ (ଡି.ଏନ୍.ଏ.):** ନବ ନିର୍ମାଣ କୃଷକ ସଙ୍ଗଠନର ସାଧାରଣ ବୈଠକ କଟକ ସଦର ବ୍ଲକ ଅଧୀନ ଅଥଙ୍ଗାଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ଉପଦେଷ୍ଟା ଜଗଦୀଶ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ କୃଷିଜାତ ଦ୍ରବ୍ୟର ଉଚିତ ମୂଲ୍ୟ, ଚାଷୀ ସୁରକ୍ଷା ଆଇନ, ପେନ୍‌ସନ୍, ବୀମା ସୁବିଧା ଅକ୍ଟୋବର ମାସ ସୁଦ୍ଧା ରାଜ୍ୟ ସରକାର ଘୋଷଣା କରିବାକୁ ଦାବି କରାଯାଇଥିଲା। ଏହି ବୈଠକରେ ଅଜୟ ପଟ୍ଟନାୟକ, ରଶ୍ମିରଞ୍ଜନ ସ୍ୱାଇଁ, ଦେବୀପ୍ରସାଦ ମହାରଣା ଓ ରାମଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇଥିଲେ।

## ■ ରାସ୍ତାରୁ ମୃତଦେହ ଉଦ୍ଧାର ଘଟଣା

# ବାପା ଆଣିଲେ ହତ୍ୟା ଅଭିଯୋଗ

**■ମୃତକଙ୍କ ପରିଚୟ ମିଳିଲା**

**■ମୃତଦେହ ଚିହ୍ନଟ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର**

**ଖୁଣ୍ଟୁଣୀ,୧୪।୯(ଡି.ଏନ୍.ଏ.)**

ଖୁଣ୍ଟୁଣୀ ଥାନା ନିକଟସ୍ଥ ଜାତୀୟ ରାଜପଥରୁ ଗତ ବୁଧବାର ସକାଳେ ଉଦ୍ଧାର କରାଯାଇଥିବା ମୃତ ଯୁବକଙ୍କ ପରିଚୟ ମିଳିଛି। ସେ ହେଲେ ଚୌଦ୍ୱାର ମୁସଲିମ୍ ବସ୍ତିର ସେକ୍ ହନିଫ୍(୩୨)। ଶୁକ୍ରବାର ହନିଫ୍‌ଙ୍କ ବାପା ସେକ୍ ସହିଦ୍ କୌଣସି ସୂତ୍ରରୁ ଖବରପାଇ ଥାନାରେ ଏତଲା ଦେବାପରେ ପୋଲିସ ତାଙ୍କୁ କଟକ ବଡ଼ ମେଡିକାଲର ଶବ ସଂରକ୍ଷିତ ଗୃହକୁ ନେଇଥିଲା। ସେଠାରେ ଥିବା ମୃତଦେହ ତାଙ୍କ ପୁଅର ବୋଲି ସେ ଚିହ୍ନଟ କରିଥିଲେ। ପରେ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଜାତୀୟ ରାଜପଥ ଉପରୁ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଅଜଣା ଗାଡ଼ି ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ସ୍ଥାନୀୟ ଲୋକେ ପୋଲିସକୁ କହିଥିଲେ। ହେଲେ ମୃତବ୍ୟକ୍ତିଙ୍କ କୌଣସି ପରିଚୟ ନ ମିଳିବାରୁ ମୃତଦେହକୁ ପୋଲିସ ଏସ୍‌ସିବିର ଶବ ସଂରକ୍ଷିତ ଗୃହରେ ରଖିଥିଲା। ହନିଫଙ୍କୁ କେହି ଦୁର୍ବୃତ୍ତ ହତ୍ୟା କରି ରାଜପଥ ଉପରେ ଫିଙ୍ଗି ଦେଇଥିବା ସହିଦ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଖୁଣ୍ଟୁଣୀ ଥାନାଧିକାରୀ ସତ୍ୟବ୍ରତ ଲେଙ୍କା କୁହନ୍ତି, ହନିଫ୍ ନାଲ୍‌କୋରେ ଏକ ହୋଟେଲରେ କାମ କରୁଥିଲେ। ସେ କିଛିଦିନ ପୂର୍ବେ ତାଙ୍କ ଘରକୁ ଆସିଥିଲେ। ଗତ ୧୧ ତାରିଖ ରାତିରେ ସେ ନାଲ୍‌କୋକୁ ବସ୍‌ରେ ଯିବାବେଳେ ବାଟରେ ଖୁଣ୍ଟୁଣୀଠାରେ ଏକ ଢାବାରେ ଖାଇଥିଲେ। ହେଲେ ସେଠାରେ ଟଙ୍କା ଦିଆନିଆ ନେଇ ଗଣ୍ଡଗୋଳ ଘଟିଥିଲା। ୧୨ ତାରିଖ ସକାଳେ ରାଜପଥ ଉପରେ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ଖୁଣ୍ଟୁଣୀ ପୋଲିସକୁ ଖବର ଦେଇଥିଲେ। ପରେ ପୋଲିସ ମୃତଦେହ ଜବତ କରି ଏକ ଦୁର୍ଘଟଣାଜନିତ ମାମଲା(ନଂ.୧୦୯/୧୮) ରୁଜୁ କରିଥିଲା। ଦୁର୍ଘଟଣା ଜନିତ ମାମଲାକୁ ହତ୍ୟା ମାମଲାରେ ରୂପାନ୍ତରିତ କରାଯାଇଛି। ଅଧିକ ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ସତ ପଦାକୁ ଆସିବ ବୋଲି ଥାନାଧିକାରୀ ଲେଙ୍କା କହିଛନ୍ତି।



କଲାୟନ ଅନୁଷ୍ଠାନର ବାର୍ଷିକ ଉତ୍ସବରେ ପ୍ରକାଶ କୁମାର ରାଉତଙ୍କୁ ସମ୍ମାନିତ କରାଯାଉଛି।

## କଲାୟନର ବାର୍ଷିକ ଉତ୍ସବ

**କଟକ ଅଫିସ, ୧୪।୯**

କଟକ ବାଖରାବାଦସ୍ଥିତ ଗାନ୍ଧୀଭବନଠାରେ କଲାୟନ ଅନୁଷ୍ଠାନର ବାର୍ଷିକ ଉତ୍ସବ ଅବସରରେ ଶୁକ୍ରବାର ନୂଆଁଖାଇ ଭେଟ୍‌ଘାଟ୍ ଆଲୋଚନା, ସମ୍ବର୍ଦ୍ଧନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗାଳ୍ପିକ ସଂଗ୍ରାମ କେଶରୀ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଆଇନଜୀବୀ ଧରଣୀଧର ନାୟକ କହିଲେ, ମା'ମାନେ ଜଣେ ଜଣେ ଶିଳ୍ପୀ। ତାଙ୍କ ଦ୍ୱାରା ସନ୍ତାନର ଭବିଷ୍ୟତର ମୂଳଦୁଆ ପଡ଼ିଥାଏ। ବକ୍ତା ଚାରଣ ଲିଙ୍ଗରାଜ ପତି ପୌରାଣିକ କଥାବସ୍ତୁରୁ ଅନେକ ଶିକ୍ଷଣୀୟ କଥା ଅବତାରଣ କରିଥିଲେ। ପଣ୍ଡିତ ମନୋରଞ୍ଜନ ନନ୍ଦ, କବି ସୁଶାନ୍ତ ବଳ ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିବାବେଳେ କଲାୟନର ସମ୍ପାଦକ ସୁଶୀଲ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସାମାଜିକ କର୍ମୀ ଜୟନ୍ତ କୁମାର ବିଶ୍ୱାଳ ଓ ଅଭିନେତା ପ୍ରକାଶ କୁମାର ରାଉତଙ୍କୁ କଲାୟନ ସମ୍ମାନ-୨୦୧୮ ପ୍ରଦାନ କରାଯାଇଥିଲା। ନୃତ୍ୟଶିଳ୍ପୀ କଳ୍ପିତା ଶୁଭଲକ୍ଷ୍ମୀ, ସ୍ୱୟମ୍ ସତ୍ୟମ ଓ ସାଇ ସ୍ୱରୂପ ରାୟଙ୍କୁ ଯଥାକ୍ରମେ କଳିଙ୍ଗକନ୍ୟା ଓ କଳିଙ୍ଗପୁତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଭୀପ୍ସା କଳାକେନ୍ଦ୍ରର ନୃତ୍ୟଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଥିଲେ। ବାପି ସାର୍, ରଶ୍ମିତା ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ଶୁଭମ୍ ଦାସ ଓ ଶାନ୍ତିଲତା ସାହୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପାର୍ବତୀ ସାହୁ, କବି ବିଶ୍ୱନାଥ କର, ପ୍ରୀତିଛନ୍ଦା ନାୟକ, ଗୁରୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



କଟକ ସାରଳା ଭବନରେ ଶୁକ୍ରବାର ସାରଳା ସାହିତ୍ୟ ସଂସଦ ପକ୍ଷରୁ ଅନୁଷ୍ଠିତ ଜଷ୍ଟିସ୍ ରଙ୍ଗନାଥ ମିଶ୍ର ସ୍ମୃତିସଭାକୁ ସାହିତ୍ୟିକା ମନୋରମା ମହାପାତ୍ର ଉଦ୍‌ଘାଟନ କରୁଛନ୍ତି।

### ନୂଆଁଖାଇ ଭେଟ୍‌ଘାଟ୍

**କଟକ ଅଫିସ, ୧୪।୯:** ସାମାଜିକ ଅନୁଷ୍ଠାନ ସୁନାଦୁବ ପକ୍ଷରୁ ସ୍ଥାନୀୟ ବଙ୍ଗାଳିସାହିସ୍ଥିତ କେନ୍ଦ୍ରୀୟ କାର୍ଯ୍ୟାଳୟଠାରେ ନୂଆଁଖାଇ ଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସନ୍ନ୍ୟାସିନୀ ବିଦ୍ୟୁତ୍ କୁମାରୀ ଲାଲାଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ପୂର୍ବତନ ମହିଳା କମିଶନ ଅଧକ୍ଷା ନମିତା ପଣ୍ଡା ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ସୁଭାଷ ଚନ୍ଦ୍ର ସାହୁ ଯୋଗଦେଇ ନୂଆଁଖାଇ ଉତ୍ସବ ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ବବିତା ଦାସମହାପାତ୍ର ସ୍ୱାଗତ ଭାଷଣ, ଧର୍ମାନନ୍ଦ ବେହେରା ଅତିଥି ପରିଚୟ ପ୍ରଦାନ ଓ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ ବିବରଣୀ ପାଠ କରିବା ସହ ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ । ଶେଷରେ ନୂଆଚୁଡାରେ ପ୍ରସ୍ତୁତ ପ୍ରସାଦ ବଣ୍ଟନ କରାଯାଇଥିଲା। ଶୁଭ୍ରାଂଶୁ ମିଶ୍ର ଧନ୍ୟବାଦ ଦେଇଥିବାବେଳେ ସମସ୍ତ ସଭ୍ୟାସଭ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଏସ୍‌ସିବି ମେଡିକାଲ ସମ୍ମୁଖ ରାସ୍ତାରେ ଅସହାୟ ରୋଗୀ

**କଟକ ଅଫିସ, ୧୪।୯**

ଏସ୍‌ସିବି ମେଡିକାଲ ଆଉଟଡୋର ସମ୍ମୁଖ ରାସ୍ତାରେ ଗଡୁଛନ୍ତି ଜଣେ ଅସହାୟ ରୋଗୀ। ତାଙ୍କ ଡାହାଣ ଗୋଡ଼ରେ ବଡ଼ କ୍ଷତ ଚିହ୍ନ ରହିଥିବାବେଳେ ବୟସ ୪୦ରୁ ୫୦ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ଏହି ରୋଗୀଙ୍କ ଶରୀରରେ କେତେଖଣ୍ଡ ହାଡ଼ ରହିଛି ତାହା ଗଣିହେବା ପରି ମନେହେଉଛି। ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରୋଗୀ ଜଣକ ଖାଇବାକୁ ପିଇବାକୁ ନ ପାଇ ସେଠାରେ ପଡ଼ିଥିଲେ। ଖବରପାଇ ନ୍ୟାଶନାଲ ହ୍ୟୁମାନ ରାଇଟ୍‌ସ କାଉନସିଲ ଅଫ ଇଣ୍ଡିଆର କଟକ ଶାଖା ସଭାପତି କଳ୍ପତରୁ ଖୁଣ୍ଟିଆ, ରାଜ୍ୟ ସମ୍ପାଦକ ଅବଦୁଲ ବାରି, ଜିଲା ସଂଯୋଜକ ଶ୍ରୀମନ୍ତ ଆଚାର୍ଯ୍ୟ ଓ ରାଜଦୀପ ପରିଜା ପ୍ରମୁଖ ଶୁକ୍ରବାର ସମ୍ପୃକ୍ତ ରୋଗୀଙ୍କ ପାଖରେ ପହଞ୍ଚିଥିଲେ। ତେବେ ରୋଗୀ ଜଣଙ୍କ ନିଜର ଘର ଠିକଣା କିମ୍ବା ପରିଚୟ ଦେଇପାରୁନାହାନ୍ତି। ସେଠାରୁ ତାଙ୍କୁ ଉଦ୍ଧାର କରି କାଜୁଆଲ୍‌ଟିରେ ଭର୍ତ୍ତି କରିବା ସହ ଘଟଣା ସମ୍ପର୍କରେ କଟକ ଜିଲାପାଳ ଓ କେନ୍ଦ୍ରାଞ୍ଚଳ ଆର୍‌ଡିସିଙ୍କୁ ଅବଗତ କରାଇଥିଲେ। ସୂଚନାଥାଉ କି, ଏସ୍‌ସିବିରେ ଅପରିଚିତ ଓ ଅସହାୟ ରୋଗୀଙ୍କୁ ନେଇ ଅତୀତରେ ଅନେକ ଘଟଣା ଘଟିଛି। ଏପରି କି ଓଡ଼ିଶା ମାନବାଧିକାର କମିଶନ ଅଧକ୍ଷ ନିଜେ ମେଡିକାଲ ପରିଦର୍ଶନରେ ଆସି ଏହି ରୋଗୀମାନଙ୍କ ଦୁର୍ଦ୍ଦଶାକୁ ଦେଖିବା ପରେ ସରକାର ଓ ମେଡିକାଲ ପ୍ରଶାସନକୁ ଅନେକଗୁଡ଼ିଏ ନିର୍ଦ୍ଦେଶ ଦେଇଛନ୍ତି। ତଥାପି ପରିସ୍ଥିତିରେ କୌଣସି ସୁଧାର ଆସିପାରୁନାହିଁ। ଏ ସମ୍ପର୍କରେ ମେଡିକାଲ ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା କୁହନ୍ତି, ରୋଗୀଙ୍କ ସମ୍ପର୍କରେ ମୋ' ପାଖରେ କୌଣସି ଖବର ନାହିଁ। ତେବେ ମୁଁ ତୁରନ୍ତ ବୁଝୁଛି।

### ଚକ୍ଷୁ ଚିକିତ୍ସା ଶିବିର

**ଚୌଦ୍ୱାର, ୧୪।୯ (ଡି.ଏନ.ଏ.):** କଟକ ଜେପିଏମ୍ ରୋଟାରୀ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର ଶୁକ୍ରବାର ବଡସାମନ୍ତରାପୁର ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଖପାଖ ଅଞ୍ଚଳର ୧୦୮ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥି ମଧ୍ୟରୁ ୨୭ ଜଣଙ୍କୁ ମୋତିଆବିନ୍ଦୁ ଅପରେଶନ ପାଇଁ କଟକ ରୋଟାରୀ ଚିକିତ୍ସାଳୟକୁ ନିଆଯାଇଥିଲା। ରୋଟାରୀର ଶୁଭ୍ରଜିତ୍ ବେହେରା, ସୁଚିତ୍ରା ଖୁଣ୍ଟିଆ, ତୃପ୍ତିମୟୀ ପରିଡା ଓ ସୁଧାଂଶୁ ପଟ୍ଟନାୟକ ଶିବିର ପରିଚାଳନା କରିଥିଲେ।

## ନୂଆଁଖାଇ ଉତ୍ସବ ପାଳିତ




ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

**କଟକ ଅଫିସ, ୧୪।୯**

ଉତ୍କଳ ସମ୍ମିଳନୀ ଆନୁକୂଲ୍ୟରେ ନୂଆଁଖାଇ ଉତ୍ସବ ଶୁକ୍ରବାର କଟକ ତେଲେଙ୍ଗାବଜାରସ୍ଥ ରଘୁନାଥଜୀଉ ମନ୍ଦିରଠାରେ ପାଳିତ ହୋଇଛି। ସଭାପତି ଡା. ରବି ରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସଙ୍ଗଠନ ସମ୍ପାଦକ ନରସିଂହ ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ନୂଆଁଖାଇ କେବଳ କୃଷିଭିତ୍ତିକ ଗଣପର୍ବ ନୁହେଁ, ଏହା ସଂପ୍ରୀତି, ସଦ୍‌ଭାବନା ଓ ପ୍ରଭୁତ୍ୱର ପର୍ବ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ନବାନ୍ନ ଲାଗି ପ୍ରସାଦ ବିତରଣ କରାଯାଇଥିଲା। ନିଶିକାନ୍ତ ମିଶ୍ର, ରବୀନ୍ଦ୍ରନାଥ ମହାନ୍ତି, ରାଜକୁମାର ପୃଷ୍ଟି, ରମାକାନ୍ତ ମହାପାତ୍ର, ପୁଷ୍ପକାନ୍ତି ମହାନ୍ତି, ଭୁବନାନନ୍ଦ ମହାନ୍ତି, ବଂଶୀମୋହନ ଶତପଥୀ, ଶ୍ୟାମସୁନ୍ଦର ସାହୁ, ମାଧବ ମିଶ୍ର, ବିଚିତ୍ରାନନ୍ଦ ମିଶ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ମୁକେଶ ସୋନୀ ଧନ୍ୟବାଦ ଦେଇଥିଲେ।

## ସିଡିଏର ସମସ୍ତ ସେକ୍ଟରକୁ ଲିଜ୍ ହୋଲ୍ଡରୁ ମୁକ୍ତ ଦାବି

**କଟକ ଅଫିସ, ୧୪।୯**

୨୦୦୦ ମସିହାରେ ତତ୍କାଳୀନ ନଗର ଉନ୍ନୟନ ମନ୍ତ୍ରୀ ସମୀର ଦେଙ୍କ ଅମଳରେ ସିଡିଏ ଅଧୀନରେ ଥିବା ମହାନଦୀ ବିହାର ଅଞ୍ଚଳକୁ ଲିଜ୍ ହୋଲ୍ଡରୁ ଫ୍ରି ହୋଲ୍ଡ କରାଯାଇଥିଲା। ରାଜସ୍ୱ ବିଭାଗରୁ ଜମି ନେଇ କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ତାହାକୁ ଲୋକଙ୍କୁ ବଣ୍ଟନ କରିଥାନ୍ତି। ସ୍ୱରେଜ, ଡ୍ରେନେଜ, ରାସ୍ତା, ଲାଇଟ, ପାଣି ଭଳି ସମସ୍ତ ବ୍ୟବସ୍ଥା କରି ସାଧାରଣ ଲୋକଙ୍କୁ ଜମି ବଣ୍ଟନ ବ୍ୟବସ୍ଥା କରିଥାନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ମହାନଗର ନିଗମ (ସିଏମ୍‌ସି)କୁ ହସ୍ତାନ୍ତର କରିଥାନ୍ତି। ସିଏମ୍‌ସି ଲୋକଙ୍କଠାରୁ ଟିକସ ନେଇ ସମସ୍ତ ସର୍ବନିମ୍ନ ସୁବିଧାର ଦାୟିତ୍ୱ ନେଇଥାଏ। ସିଡିଏ, ସିଏମ୍‌ସିକୁ ଦାୟିତ୍ୱ ହସ୍ତାନ୍ତର କରିବା ପରେ ଆଉ କୌଣସି ଟିକସ ଲାଗୁ କରା ନ ଯିବାର ନିୟମ ରହିଛି। ସିଏମ୍‌ସି, ସିଡିଏର ସମସ୍ତ ଜମିର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇ ହୋଲ୍ଡିଂ ଟିକସ ଲାଗୁ କରିବା ପରେ ନିୟମାନୁଯାୟୀ ସିଡିଏ ଦେଇଥିବା ଲିଜ୍ ହୋଲ୍ଡରୁ ଫ୍ରି ହୋଲ୍ଡ ହେବାର ଆଇନ ରହିଛି। ହେଲେ ଆଜିପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ଏବଂ ସିଡିଏ ଏ କ୍ଷେତ୍ରରେ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏହାକୁ ନେଇ ଭାଜପା ପ୍ରଶ୍ନ ଉଠାଇଛି। ଦଳର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କଟକ ନଗର ଜିଲା ସଭାପତି ଲକ୍ଷ୍ମୀଧର ପ୍ରଧାନଙ୍କ ନେତୃତ୍ୱରେ ଭାଜପା ନଗର କାର୍ଯ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସିଡିଏର ସମସ୍ତ ସେକ୍ଟର ଜମିକୁ ରେଜିଷ୍ଟ୍ରେସନ କରି ଲିଜ ହୋଲ୍ଡରୁ ଫ୍ରି ହୋଲ୍ଡ କରା ନ ଗଲେ ଭାଜପା ପକ୍ଷରୁ ବ୍ୟାପକ ଆନ୍ଦୋଳନ ହେବ ବୋଲି ସମୀର ଦେ ଚେତାବନୀ ଦେଇଛନ୍ତି। ଏହି ବୈଠକରେ ଦଳର ସାଧାରଣ ସମ୍ପାଦକ ଦୟାନିଧି ଲେଙ୍କା, ସୌରଚନ୍ଦ୍ର ମହାପାତ୍ର, ଦେବାଶିଷ ଘୋଷ, ଗୀତାରାଣୀ ଦାସ, ସ୍ମୃତି ପଟ୍ଟନାୟକ, କଳ୍ପନା ପଟ୍ଟନାୟକ, ଚିତ୍ତରଞ୍ଜନ ଦାସ, ବିବେକ ନାୟକ, ଦିଲ୍ଲୀପ ଦାସ, ମନୋରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ସାରଳା ସାହିତ୍ୟ ସଂସଦ ଓ ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ ଶୁକ୍ରବାର କଟକ ସାରଳା ଭବନରେ ଅନୁଷ୍ଠିତ ନୁଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମକୁ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଉଦ୍‌ଘାଟନ କରୁଛନ୍ତି।

## ସାଂସ୍କୃତିକ ବିପ୍ଳବରେ ପରିଣତ ହୋଇଛି ନୂଆଁଖାଇ

**କଟକ ଅଫିସ, ୧୪।୯**




କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳା ଓ ବ୍ୟକ୍ତିବୃନ୍ଦ।

ନୂଆଁଖାଇ ପର୍ବ ଆଜି ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ସୀମିତି ହୋଇ ରହିନାହିଁ। ଓଡ଼ିଶାରେ ଏହା ଏକ ସାଂସ୍କୃତିକ ବିପ୍ଳବରେ ପରିଣତ ହୋଇଛି। ଏହି ପର୍ବର ମହାନ ପରମ୍ପରା ଭାଇଚାରା ସୃଷ୍ଟି କରିଚାଲିଛି। ନୂଆଁଖାଇ ପର୍ବର ବିଶେଷ ଗୁରୁତ୍ୱ ରହିଛି ବୋଲି ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଶୁକ୍ରବାର ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ନୂଆଖାଇ ଉତ୍ସବ ଓ ବନ୍ଧୁମିଳନରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ଏଥିରେ ଅତିଥି ଭାବେ ଯୋଗଦେଇ କବି ଡ. ହୁସେନ ରବି ଗାନ୍ଧୀ ଓଡ଼ିଶାର ବୈଚିତ୍ର୍ୟମୟ ଇତିହାସ ଓ ସାଂସ୍କୃତିକ ପରମ୍ପରା ସମ୍ପର୍କରେ ଉଲ୍ଲେଖ କରିଥିଲେ। ସ୍ତମ୍ଭକାର ଅରୁଣ କୁମାର ପଣ୍ଡା ଜୀବନ ସହ ଯୋଡ଼ିହୋଇ ରହିଥିବା ପର୍ବ ନୂଆଁଖାଇକୁ ବିଭିନ୍ନ ଦିଗରୁ ବିଚାର କରିଥିଲେ। ଅନୁବାଦକ ରଘୁନାଥ ମହାପାତ୍ର, ସାହିତ୍ୟିକ ତଥା ଅଧ୍ୟାପକ ନୃସିଂହ ଚରଣ ମଲ୍ଲିକ, କବି ମନୋଜ କୁମାର ମେହେର ଯୋଗଦେଇଥିଲେ। ଗଜେନ୍ଦ୍ର କୁମାର ପାଣି, ତ୍ରିଲୋଚନ ମହାକୁଳ, ରବୀନ୍ଦ୍ର କୁମାର ସେଠୀ, ବିଦ୍ୟୁତ୍ କୁମାରୀ ଲାଲା, ଦୀନବନ୍ଧୁ ସାହୁ, ଅଧ୍ୟାପକ ଆଦିତ୍ୟ ପ୍ରତାପ ଧଳ, ସୁକାନ୍ତି ମହାନ୍ତି, ଅମିତା ବେହେରା ନୂଆଖାଇ ସମ୍ପର୍କରେ ବକ୍ତବ୍ୟ ରଖିଥିବାବେଳେ ଏ ସମ୍ପର୍କରେ କବିତା ପାଠ କରିଥିଲେ ପୁଷ୍ପକାନ୍ତି ମହାନ୍ତି, ବନଲତା ସିଂହ ଓ ସରୋଜିନୀ ମିଶ୍ର ପଣ୍ଡା। ଅନୁଷ୍ଠାନର କାର୍ଯ୍ୟନିର୍ବାହିକା ସମିତି ସଭ୍ୟା ମୀନାକ୍ଷୀ ଦେବୀ ଉତ୍ସବରେ ସଭାପତିତ୍ୱ କରିଥିବାବେଳେ ସାଧାରଣ ସମ୍ପାଦକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଉତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ। ସଙ୍ଗଠନ ସମ୍ପାଦକ ଜୀବନାନନ୍ଦ ଅଧିକାରୀ ଧନ୍ୟବାଦ ଦେଇଥିଲେ। ବ୍ରହ୍ମାନନ୍ଦ ମହାନ୍ତି, ଡା. ଯୁଧିଷ୍ଠିର ପଣ୍ଡା, ଇଂ. ଦୁଃଶାସନ ବାରିକ, ରାଜକୁମାର ପୃଷ୍ଟି, ସୁକୁମାର ସାମଲ, ଅଶ୍ୱିନୀ କୁମାର ସେଠୀ, ନାରାୟଣୀ ସିଂହ, ଉତ୍ତମ ଚରଣ ପ୍ରଧାନ, ପ୍ରଦୀପ୍ତ କିଶୋର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

## ୨ ପ୍ରକଳ୍ପ ନିର୍ମାଣରେ ବିଳମ୍ବ

**ମୈତ୍ରୀ ସଂସଦ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି**

**କଟକ ଅଫିସ, ୧୪।୯**

ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଯଥା ସର୍ଦ୍ଦାର ବଲ୍ଲଭ ଭାଇ ସ୍ନାତକୋତ୍ତର ଶିଶୁରୋଗ ପ୍ରତିଷ୍ଠାନ (ଶିଶୁଭବନ) ପରିସର ମଧ୍ୟରେ ୭ ମହଲା (ଜି+୬) ବିଶିଷ୍ଟ ନୂତନ କୋଠା ଓ ଗୋପାଳପୁର ବସ୍ ଟର୍ମିନାଲ ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ। ଏଥିପାଇଁ ରାଜ୍ୟ ସରକାର କିମ୍ବା ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ନିଆ ନ ଯିବାରୁ ଏହି ଦୁଇଟି ପ୍ରକଳ୍ପର ଟେଣ୍ଡର ପ୍ରକ୍ରିୟା ଏ ପର୍ଯ୍ୟନ୍ତ ଶେଷ ହୋଇପାରିଲା ନାହିଁ। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ସାମାଜିକ ଅନୁଷ୍ଠାନ ମୈତ୍ରୀ ସଂସଦ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଚିଠି ଲେଖାଯାଇଛି। ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି, ଶିଶୁଭବନର ନୂତନ କୋଠା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ନ ହୋଇ ଏହା ବର୍ତ୍ତମାନ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ସଚିବଙ୍କ ନିକଟରେ ଅନୁମୋଦନ ପାଇଁ ପଡ଼ିରହିଛି। ଏ ସମ୍ପର୍କରେ ଇଞ୍ଜିନିୟର ଇନ୍ ଚିଫ୍ (ସିଭିଲ)ଙ୍କ ଅଫିସ୍‌ର ସୂଚନା ଅଧିକାରୀଙ୍କ ଚିଠିରୁ ସ୍ପଷ୍ଟ ହେଉଛି। ୨୦୧୬ ଫେବୃୟାରୀ ୩ ତାରିଖରେ ଶିଶୁଭବନ ପରିସରରେ ନୂତନ କୋଠା ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିପାଇଁ ୧.୧୨୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି କାର୍ଯ୍ୟରେ ଅହେତୁକ ବିଳମ୍ବ ଘଟୁଥିବାରୁ ଶିଶୁଭବନକୁ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଗୁରୁତର ଶିଶୁରୋଗୀ ଉକ୍ତ ହସ୍ପିଟାଲରେ ରହି ଚିକିତ୍ସା ହେବା ପାଇଁ ଶଯ୍ୟାର ଅଭାବ ପରିଲକ୍ଷିତ ହେଉଛି। ଅନ୍ୟପକ୍ଷରେ କଟକ ବାଦାମବାଡ଼ିସ୍ଥିତ ବସ୍‌ଷ୍ଟାଣ୍ଡରେ କ୍ରମାଗତ ଭାବେ ବସ୍ ସଂଖ୍ୟା ବଢିବା ସଙ୍ଗେ ସଙ୍ଗେ ଯାତ୍ରୀମାନଙ୍କ ସଂଖ୍ୟା ମଧ୍ୟ ବଢିବାରେ ଲାଗିଛି। ଫଳରେ ବସ୍ ରହିବା ଓ ଯାତ୍ରୀମାନଙ୍କର ଯାତାୟାତ ପାଇଁ ସ୍ଥାନର ଅଭାବକୁ ଲକ୍ଷ୍ୟ କରି ରାଜ୍ୟ ସରକାର କଟକ ଉପକଣ୍ଠ ଗୋପାଳପୁରଠାରେ ଏକ ଅତ୍ୟାଧୁନିକ ବସ୍ ଟର୍ମିନାଲ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ୪୨ ଏକର ୪୬୦ ଡେସିମିଲ ସରକାରୀ ଜାଗା ବାଣିଜ୍ୟ ଓ ପରିବହନ ବିଭାଗକୁ ହସ୍ତାନ୍ତର କରିଥିଲେ। ବାଣିଜ୍ୟ ଓ ପରିବହନ ବିଭାଗ ଉକ୍ତ ଜାଗା ଅଧିଗ୍ରହଣ କରିବାର ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ବସ୍ ଟର୍ମିନାଲ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟାରେ ବିଳମ୍ବ ଘଟୁଛି। ଉକ୍ତ ଜାଗାକୁ ଆବଦ୍ଧ କରିବା ପାଇଁ ପାଚେରି ନିର୍ମାଣ ନ ହେବାରୁ ଏହା ଜବରଦଖଲକାରୀଙ୍କୁ ଜବରଦଖଲ କରିବାକୁ ଉତ୍ସାହିତ କରୁଛି। ଶିଶୁରୋଗୀ ଓ ଜନସାଧାରଣଙ୍କ ଯାତାୟାତରେ ନାହିଁ ନ ଥିବା ଅସୁବିଧାକୁ ଦେଖିବା ପରେ ଓ ରାଜ୍ୟ ସରକାର ଏବଂ ରାଜ୍ୟ ସରକାରଙ୍କ ଅଧିକାରୀମାନେ ଉପରୋକ୍ତ ଦୁଇଟିଯାକ ପ୍ରକଳ୍ପର ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ କରୁଥିବାରୁ ମୈତ୍ରୀ ସଂସଦର ସଭାପତି ତଥା ଆଇନଜୀବୀ ଅଜୟ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖିଛନ୍ତି।



ଅନ୍ତରରେ କହୁଥିବା କଳାକୁ ଯିଏ ଆୟତ୍ତ କରିଛି, ସେ ଅନ୍ୟ ଉପରେ ଯଥାର୍ଥ ପ୍ରଭାବ ପକାଇପାରେ।

-ଜେ. ଏଡ୍‌ୱାର୍ଡସ



## ■ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ

# ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ



ଡାକ୍ତରଙ୍କ ପାଖରେ ରୋଗୀଙ୍କ ଭିଡ।

- ବହିର୍ବିଭାଗରେ ୪ ସ୍ଥାନରେ ୨ ଡାକ୍ତର
- ଶିଶୁ ବିଭାଗରେ ଜଣେ ଡାକ୍ତରଙ୍କୁ ୨୫୦ ରୋଗୀ
- ଡାକ୍ତର ଅଭାବରୁ ଶବ ବ୍ୟବଚ୍ଛେଦରେ ବିଳମ୍ବ
- ଘଣ୍ଟା ଘଣ୍ଟା ଅପେକ୍ଷା କରି ଫେରିଲେ ରୋଗୀ

**ଖୋର୍ଦ୍ଧା ଅଫିସ,୧୪।୯:** ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍‌ଏଚ୍), ଖୋର୍ଦ୍ଧାରେ ଶୁକ୍ରବାର ଅବ୍ୟବସ୍ଥା ଯୋଗୁ ଅଧିକାଂଶ ରୋଗୀ ଚିକିତ୍ସା ହେବାକୁ ଆସି ଘଣ୍ଟା ଘଣ୍ଟା ଅପେକ୍ଷା କରି ହଟହଟା ହୋଇ ଫେରିଛନ୍ତି। ଏହାର ଓପିଡି କାଜୁଆଲିଟି(ବହିର୍ବିଭାଗ)ରେ ଛୁଟିରେ ରହୁଥିବା ଡାକ୍ତରଙ୍କ ସ୍ଥାନରେ ଅନ୍ୟ ଡାକ୍ତରଙ୍କୁ ନିୟୋଜିତ କରାଯାଉ ନ ଥିବାରୁ ରୋଗୀ ଓ ସମ୍ପର୍କୀୟଙ୍କୁ ଅପଦସ୍ଥ ହେବାକୁ ପଡ଼ିଛି। ସେହିପରି ଓପିଡି କାଜୁଆଲିଟିରେ ଆବଶ୍ୟକ ଡାକ୍ତର ନ ଥିବାରୁ ଶବ ବ୍ୟବଚ୍ଛେଦ ହେବାରେ ବିଳମ୍ବ ହେଉଛି। ମୃତକଙ୍କ ପରିବାରର ସଦସ୍ୟମାନଙ୍କୁ ବ୍ୟବଚ୍ଛେଦ ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡ଼ିଛି। ପୁଣି ଶିଶୁ ବିଭାଗରେ ୨ ଡାକ୍ତର ସ୍ଥାନରେ ଜଣେ ଡାକ୍ତର ଥିବାରୁ ୨୫୦ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ସେବା ଦେବା କାଠିକର ପାଠ ହୋଇପଡ଼ିଥିଲା। ମିଳିଥିବା ସୂଚନା ଅନୁସାରେ, ଜିଲା ମୁଖ୍ୟ ଚିକିତ୍ସାଳୟର ଓପିଡି କାଜୁଆଲିଟିରେ ୪ ଜଣ ଡାକ୍ତର ରହିବାକୁ ନିୟମ ରହିଛି। ହେଲେ ଏଠାରେ ଶୁକ୍ରବାର ୪ ସ୍ଥାନରେ ୨ଜଣ ଡାକ୍ତର ଉପସ୍ଥିତ ଥିଲେ। ଅନୁପସ୍ଥିତ ଡାକ୍ତରଙ୍କ ସ୍ଥାନରେ ଅନ୍ୟ ଡାକ୍ତର ଆସି କାର୍ଯ୍ୟରେ ଯୋଗଦେଇ ନ ଥିଲେ। ସେହିପରି ଶିଶୁ ବିଭାଗରେ ୩ ଜଣ ଡାକ୍ତର ଅଛନ୍ତି। ପ୍ରତିଦିନ ୨ ଜଣ ଲେଖାଏ ଡ୍ୟୁଟି କରିବାର ରହିଛି। ହେଲେ ଜଣେ ଶିଶୁରୋଗ ବିଶେଷଜ୍ଞ କେବଳ ଡ୍ୟୁଟି କରିଥିଲେ। ଅନ୍ୟ ଜଣେ ଅନୁପସ୍ଥିତ ଥିଲେ। ଅନୁପସ୍ଥିତ ଡାକ୍ତରଙ୍କ ସ୍ଥାନରେ ମଧ୍ୟ କେହି ନିୟୋଜିତ ନ ଥିଲେ। ଏଣୁ ଶୁକ୍ରବାର ପୂର୍ବାହ୍ନ ୮ଟାରୁ ୧୨ଟା ପର୍ଯ୍ୟନ୍ତ ଓପିଡି କାଜୁଆଲିଟି ଓ ଶିଶୁ ବିଭାଗରେ ରୋଗୀସେବା ଏକପ୍ରକାର ବନ୍ଦ ହୋଇପଡ଼ିଥିଲା। ଶବ ବ୍ୟବଚ୍ଛେଦରେ ଏହାର ପ୍ରଭାବ ପଡ଼ିଥିଲା। ଓପିଡି କାଜୁଆଲିଟିରେ ୨ଜଣ ଡାକ୍ତର ୫୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ସେବା ଯୋଗାଇବା କାଠିକର ପାଠ ହୋଇପଡ଼ିଥିଲା। ଏ ନେଇ ବୋଲଗଡର ସୀତା ପ୍ରଧାନ କୁହନ୍ତି, ମୋର ଜଣେ ସମ୍ପର୍କୀୟଙ୍କ ଦେହ ଖରାପ ଯୋଗୁ ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲି। ସକାଳ ୭ଟାରୁ ୧୨ ଟା ପର୍ଯ୍ୟନ୍ତ ଅପେକ୍ଷା କରି ରହିଥିଲେ ହେଁ ରୋଗୀ ଦେଖାଇବା ସମ୍ଭବ ହେଲାନାହିଁ। ସେବା ନ ମିଳିବା ଜାଣିବା ପରେ ବାଧହୋଇ ଚିକିତ୍ସାଳୟରୁ ଫେରି ବେସରକାରୀ ଭାବେ ବାହାରେ ଚିକିତ୍ସା କରି ଫେରିଲି। ଜଟଣୀର ମଧୁସ୍ମିତା ଲେଙ୍କା କୁହନ୍ତି, ମୋର ବର୍ଷକ ପୁଅର ଜ୍ୱର ହୋଇଥିଲା। ଡାକ୍ତରଙ୍କୁ ଦେଖା କରିବା ସମ୍ଭବ ହେଲା ନାହିଁ। ଟିକେଟ କରି ଲାଇନରେ ରହିଲି। ହେଲେ ଡାକ୍ତର ଅପରାହ୍ନ ୧ଟାରେ ଘରକୁ ଚାଲିଯାଇଥିଲେ ମଧ୍ୟ ପାଳି ପଡ଼ିଲା ନାହିଁ।

### ଡେଙ୍ଗୁ ପରୀକ୍ଷଣ କେନ୍ଦ୍ରରେ ତାଲା

ଜିଲା ମୁଖ୍ୟ ଚିକିତ୍ସାଳୟର ଡେଙ୍ଗୁ ପରୀକ୍ଷଣ କେନ୍ଦ୍ରରେ ୨ ଦିନ ହେଲା ତାଲା ଝୁଲୁଛି। ରୋଗୀ ପରୀକ୍ଷଣ ନ ହେବାରୁ ଗୁରୁବାର ଓ ଶୁକ୍ରବାର ଦୁଇଦିନ ହେଲା ଉତ୍ତେଜନା ଦେଖାଦେଇଛି। ଗୁରୁବାର ଶରଧାପୁର ଅଞ୍ଚଳର କିଛି ଜ୍ୱର ରୋଗୀ ଡେଙ୍ଗୁ ପରୀକ୍ଷଣ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସି ସେବା ପାଇ ନ ଥିଲେ। ପରୀକ୍ଷଣ ନ ହେବାରୁ ତାଲା ଝୁଲିବାର କାରଣ ପଚାରିଥିଲେ। ହେଲେ ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ଏ ନେଇ ସ୍ଥାନୀୟ ଲୋକେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବଗତ କରାଇଥିଲେ। ତେବେ ଗୁରୁବାର ଅଭିଯୋଗ ପରେ ଶୁକ୍ରବାର ଡେଙ୍ଗୁ ପରୀକ୍ଷଣ କେନ୍ଦ୍ରରୁ ତାଲା ଖୋଲି ନ ଥିଲା। ବରଂ ରୋଗୀ ବେଶି ହଇରାଣ ହୋଇଥିଲେ। ଅନ୍ୟପକ୍ଷେ ଖୋର୍ଦ୍ଧା ଜିଲାରେ ଏବେ ଡେଙ୍ଗୁରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି। ଜ୍ୱର ଭଲ ନ ହେଲେ ସମସ୍ତେ ଡେଙ୍ଗୁ ଭୟରେ ରୋଗର ପରୀକ୍ଷା ପାଇଁ ପରୀକ୍ଷଣ କେନ୍ଦ୍ରରେ ଭିଡ ଜମାଉଛନ୍ତି। ସେପଟେ ପରୀକ୍ଷଣ କେନ୍ଦ୍ରରେ ତାଲା ଦେଖି କିଛି ରୋଗୀ ମୁହଁ ଫେରାଉଛନ୍ତି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଭାରତି ଭୂଷଣ ବରାଳ କୁହନ୍ତି, ଡେଙ୍ଗୁ ପରୀକ୍ଷଣ ଯନ୍ତ୍ର ଖରାପ ହୋଇଯାଇଛି। ଏହାର ମରାମତି ପାଇଁ ଟଙ୍କା ଡିପୋଜିଟ ଶେଷ ହୋଇଛି। ଖୁବ୍‌ଶୀଘ୍ର ମରାମତି ହେବାର ସମ୍ଭାବନା ରହିଛି। ଓପିଡି କାଜୁଆଲିଟି ଓ ଶିଶୁ ବିଭାଗରେ ଡାକ୍ତରଙ୍କ ଅନୁପସ୍ଥିତି ଯୋଗୁ ସ୍ୱାସ୍ଥ୍ୟସେବାରେ ଅବ୍ୟବସ୍ଥା ନେଇ କହିଲେ ତଦନ୍ତ କରି ପଦକ୍ଷେପ ନିଆଯିବ।

## ସଂକ୍ଷେପରେ

### ରାସ୍ତା ନିର୍ମାଣକୁ ବିରୋଧ କରି ୮ ଗିରଫ

**ଖୋର୍ଦ୍ଧା ଅଫିସ,୧୪।୯:** ସାରୁଅ ଶିଳ୍ପାଞ୍ଚଳରୁ ଜୟମଙ୍ଗଳ ଶିଳ୍ପାଞ୍ଚଳକୁ ନିର୍ମାଣ ହେବାକୁ ଥିବା ରାସ୍ତା କାର୍ଯ୍ୟକୁ ବିରୋଧ କରି ସାରୁଅ ଗାଁର ୮ଜଣ ଗିରଫ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ଜୟମଙ୍ଗଳ ଗ୍ରାମବାସୀ ସରକାରୀ ଜମିକୁ ଶିଳ୍ପାଞ୍ଚଳ ରାସ୍ତା କାର୍ଯ୍ୟରେ ବ୍ୟବହାର କରିବାକୁ ବିରୋଧ କରୁଛନ୍ତି। ତେବେ ପୋଲିସ ଉପସ୍ଥିତିରେ ଶୁକ୍ରବାର ରାସ୍ତା ନିର୍ମାଣ ହେବାକୁ ଜମି ଚିହ୍ନଟ ହୋଇଥିଲା। ଗ୍ରାମବାସୀ ବିରୋଧ କରିବାରୁ ଜୟମଙ୍ଗଳ ଗାଁର ବାଇନ ମହାପାତ୍ର, ଲକ୍ଷ୍ମଣ ବଡଜେନା, ରାଜା ହରିଚନ୍ଦନ, ବିଜୟ ଜେନା, ରମେଶ ହରିଚନ୍ଦନ, ଗଙ୍ଗାଧର ବରାଳ, ବ୍ରଜ ମହାପାତ୍ର, ରଣଜିତ କର ପ୍ରମୁଖ ଗିରଫ ହୋଇଛନ୍ତି। ଏହି ଘଟଣାରେ ଇଫ୍‌କୋ ପକ୍ଷରୁ ଅଭିଯୋଗ ହେବା ପରେ ଦଫା ୩୯୪, ୩୫୩, ୫୦୬, ୩୪ ଆଇପିସିରେ ନଂ. ୩୫୮/୧୮ରେ ୧୪ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି।

### 'କବି ହେଉଛନ୍ତି କାବ୍ୟ ଜଗତର ପ୍ରଜାପତି'

**ବୋଲଗଡ଼, ୧୪।୯ (ଡି.ଏନ.ଏ.):** ବୋଲଗଡ଼ ବ୍ଲକ ଚମ୍ପାଇଲୋଇଠାରେ କବି ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନନ୍ତ ଚରଣ ସ୍ମୃତି ସଂସଦ ପକ୍ଷରୁ ଗୁରୁବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖବରଦାତା ଉମାଶଙ୍କର ପ୍ରସାଦ ପୌରୋହିତ୍ୟ କରିଥିଲେ। ସାମାଜିକ କର୍ମୀ ଶରତ ଚନ୍ଦ୍ର ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, କବିମାନଙ୍କ କଲମମୁନରୁ ସୃଷ୍ଟି ହୋଇଥାଏ କାଳଜୟୀ କାବ୍ୟକବିତା। କବି ହେଉଛନ୍ତି କାବ୍ୟ ଜଗତର ପ୍ରଜାପତି ବୋଲି ମୁଖ୍ୟବକ୍ତା ତଥା ଖୋର୍ଦ୍ଧା ଜିଲା ଏସ୍‌ଡିପିଓ ଯୁଗଳ କିଶୋର ଦାସ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରକୃତିବନ୍ଧୁ ଧନେଶ୍ୱର ବିଧାର, ଶିବ ନାରାୟଣ ମିଶ୍ର, ମନୋଜ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା କବିତା ଆସର। ଉତ୍ସବରେ ଲୋକକଳା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସମ୍ବର୍ଦ୍ଧନା ଉତ୍ସବରେ ସତ୍ୟନାରାୟଣ ପ୍ରଧାନ, ଦୀପକ ପାହାଡ଼ସିଂହ, ସୂର୍ଯ୍ୟନାରାୟଣ ମହାନ୍ତି, ଲୋହିତ ନାରାୟଣ ମହାପାତ୍ର, ଶ୍ୟାମସୁନ୍ଦର ଜେନା, ଶରତ ଚନ୍ଦ୍ର ବାରିକ, ପ୍ରସନ୍ନ ସ୍ୱାଇଁ, ପ୍ରସନ୍ନ ପାଇକରାୟ ଓ କବୟିତ୍ରୀ ରମାମଣି ଚମ୍ପତିରାୟ ପ୍ରମୁଖ ପ୍ରତିଭାମାନଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

### ଦୁଇବର୍ଷ ହେଲା କାର୍ଯ୍ୟାଦେଶ ମିଳିଛି, କାମ ହେଉନି



**ଖୋର୍ଦ୍ଧା ଅଫିସ,୧୪।୯:** ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ନାରୁଣୀ ପଞ୍ଚାୟତ ସୁନାଖଳା ଗ୍ରାମ୍ୟ ରାସ୍ତାଠାରୁ କଦମ୍ବ ଗଛ ପର୍ଯ୍ୟନ୍ତ ପଶ୍ଚିମ ପାର୍ଶ୍ୱ ବସ୍ତି ରାସ୍ତା ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ କଂକ୍ରିଟ ରାସ୍ତା ପାଇଁ ଅଢ଼େଇ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ମିଳିଛି। କାର୍ଯ୍ୟାଦେଶ ୨ ବର୍ଷ ହେଲା ମିଳିଥିଲେ ମଧ୍ୟ ଏଯାବତ କାମ ଆରମ୍ଭ ହୋଇପାରୁନି। ଏଭଳିସ୍ଥଳେ ବର୍ଷାଜଳ ରାସ୍ତାରେ ପ୍ରବାହିତ ହୋଇ ରାସ୍ତା ଖାଲଖମାରେ ପରିଣତ ହୋଇଛି। ଗାଁଲୋକ ରାସ୍ତା କାମ ପାଇଁ ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟକୁ ଦୌଡୁଥିଲେ ମଧ୍ୟ ସୁଫଳ ମିଳୁନି।

### କ୍ରୀଡ଼ା ଶିକ୍ଷକଙ୍କ ଅକାଳ ବିୟୋଗ

**ଟାଙ୍ଗୀ (ଖୋର୍ଦ୍ଧା), ୧୪।୯ (ଡି.ଏନ.ଏ.):** ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ କୁହୁଡ଼ି ଜନତା ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ବିନୋଦ ବିହାରୀ ବିଶ୍ୱାଳଙ୍କ ଅକାଳ ବିୟୋଗ ହୋଇଯାଇଛି। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ବୁଧବାର ତାଙ୍କର ଦେହାନ୍ତ ପରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ବିଶ୍ୱାଳଙ୍କ ନିଜ ଗ୍ରାମ ବଡପାରୀଠାରେ ଶବ ସତ୍କାର କରାଯାଇଛି। ଚାକିରି ଆରମ୍ଭ କରି ସେ ଦୀର୍ଘଦିନ ଧରି କୋରାପୁଟ ଜିଲାରେ କାର୍ଯ୍ୟକରିବା ପରେ କିଛି ବର୍ଷ ପୂର୍ବରୁ ଏଠାକୁ ବଦଳି ହୋଇ ଆସିଥିଲେ ।

## ଡ୍ରେନର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ

# ୪ନଂ. ୱାର୍ଡକୁ ୩ ନଂ. ଦର୍ଶାଇ ଚାଲିଛି କାର୍ଯ୍ୟ



ଡ୍ରେନ କାମ ଚାଲିଛି।

**ଖୋର୍ଦ୍ଧା ଅଫିସ,୧୪।୯**

ଖୋର୍ଦ୍ଧା ଜିଲା ବାଲୁଗାଁ ଏନଏସିର ୪ନଂ. ୱାର୍ଡରେ ଚାଲୁ ରହିଥିବା ୨ଟି ଡ୍ରେନ କାର୍ଯ୍ୟରେ ସରକାରୀ ନୀତି ନିୟମ ମୁତାବକ ନିର୍ମାଣ ଉପକରଣ ବ୍ୟବହାର କରାଯାଉ ନ ଥିବା ଅଭିଯୋଗ ହୋଇଛି। ଡ୍ରେନ ନିର୍ମାଣରେ ନିମ୍ନମାନର ସିମେଣ୍ଟ ବ୍ୟବହାର ହେଉଛି। ବାଲି ବଦଳରେ ଡଷ୍ଟ ଗୁଣ୍ଡର ବ୍ୟବହାର କରାଯାଉଛି। ଲୁହା ରଡ ବି ଭଲ କମ୍ପାନୀର ନୁହେଁ ବୋଲି ଅଭିଯୋଗ ରହିଛି। ଡ୍ରେନର କାର୍ଯ୍ୟ ନିମ୍ନମାନର ହେଉଥିବାବେଳେ ଅଭିଯୋଗ କଲେ ସୁଫଳ ମିଳୁନି। ଏଣୁ ଡ୍ରେନର ସ୍ଥାୟିତ୍ୱ ନେଇ ସ୍ଥାନୀୟ ବାସିନ୍ଦା ପ୍ରଶ୍ନ ଉଠାଇଛନ୍ତି। ୪ନଂ. ୱାର୍ଡ ଗାନ୍ଧୀ ଛକଠାରୁ ଶଙ୍କର୍ଷଣ ରଥଙ୍କ ପର୍ଯ୍ୟନ୍ତ ଚିଲିକା ରୋଡ ମୁଖ୍ୟ ନାଳର ମରାମତି ଓ ପୁନରୁଦ୍ଧାର ପାଇଁ ୧୩ ଲକ୍ଷ ୫୦ ହଜାର ୧୧୦ଟଙ୍କା ମଞ୍ଜୁର ହୋଇଛି। ସେହିପରି ୪ନଂ. ୱାର୍ଡ ଶଙ୍କର୍ଷଣ ରଥଙ୍କ ଘରଠାରୁ କାଳିଜାଈ ମୋଟର ଆସୋସିଏଶନ ଅଫିସ ପର୍ଯ୍ୟନ୍ତ ୨୧, ୨୭ ହଜାର ୬୩୩ ଟଙ୍କା ମଞ୍ଜୁର ହୋଇଛି। କିନ୍ତୁ ନାମଫଳକରେ ୨୧ ଲକ୍ଷ ୨୭, ୬୩୩ ଟଙ୍କାର କାର୍ଯ୍ୟକୁ ୱାର୍ଡ ନଂ. ୩ ଦର୍ଶାଯାଇଛି। ଲେଖାରେ ତ୍ରୁଟି ରହିଛି ନାଁ ଜାଣିଶୁଣି ତ୍ରୁଟି କରାଯାଇଛି ତାହା ତଦନ୍ତ ସାପେକ୍ଷ।

## ଛାତ ଉପରେ ବେଆଇନ ହୋର୍ଡିଂ

# ୧୭ ସଂସ୍ଥାକୁ ୧୩.୬ ଲକ୍ଷ ଡିମାଣ୍ଡ ନୋଟ୍

**ଭୁବନେଶ୍ୱର, ୧୪।୯(ବ୍ୟୁରୋ)**

ଛାତ ଉପରେ ବେଆଇନ୍ ଭାବେ ବିଜ୍ଞାପନ ହୋର୍ଡିଂ ମାରିଥିବା ୧୭ ସଂସ୍ଥାକୁ ବିଏମ୍‌ସି ୧୩.୬ ଲକ୍ଷ ଟଙ୍କାର ଡିମାଣ୍ଡ୍ ନୋଟ୍(ଦେୟ ଦାବି) କରିଛି। ୭ଦିନ ଭିତରେ ଉକ୍ତ ସଂସ୍ଥାଗୁଡିକ ବିଏମ୍‌ସି ନିକଟରେ ଟଙ୍କା ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଧାରିତ ସମୟରେ ଟଙ୍କା ଦାଖଲ ନ କଲେ ଓଡ଼ିଶା ପବ୍ଲିକ୍ ଡିମାଣ୍ଡ୍ ରିକଭରି(ଓପିଡିଆର) ଆକ୍ଟ-୧୯୬୨ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଏମ୍‌ସି ଚେତାଇ ଦେଇଛି। ବିଏମ୍‌ସି ଡିମାଣ୍ଡ୍ ନୋଟ ଜାରି କରିଥିବା ୧୭ ସଂସ୍ଥା ହେଲେ ଜାଭା ଟେକ୍ନୋକ୍ରାଟ୍, ସିପ୍ରା ଏକାଡେମୀ, କଳିଙ୍ଗ ଏକାଡେମୀ, ଅରିହନ୍ତ ଏକାଡେମୀ, ଆଇବିଟି, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଆବାକସ୍, ବେଟା, ଷ୍ଟୁଡିଓ-୧୧, ପ୍ରଜ୍ଞା, ଚାଣକ୍ୟ, ଦିଶା, କେନ୍‌ସଫ୍ଟ, ଡିଏଭି ପବ୍ଲିକ୍ ସ୍କୁଲ ପଳାଶପଲ୍ଲୀ, ଏନ୍‌ଆଇସିଇଟି, କମ୍ପିଟିଭ୍ ପଏଣ୍ଟ ଏବଂ ଏଣ୍ଡିଏଭର। ବିଏମ୍‌ସି ରାଜସ୍ୱ ଅତିରିକ୍ତ ଡେପୁଟି କମିଶନର ଶ୍ରୀମନ୍ତ ମିଶ୍ର କୁହନ୍ତି, ମୁଖ୍ୟତଃ ହକି ବିଶ୍ୱ କପ୍‌କୁ ଲକ୍ଷ୍ୟ କରି ବିଏମସି ୪୦ କି.ମି. ରାସ୍ତା ପାର୍ଶ୍ୱରେ ଥିବା ଛାତଘର ଉପରୁ ବେଆଇନ୍ ହୋର୍ଡିଂ କାଢିବ। ସହରରେ ମାଳମାଳ ହୋର୍ଡିଂ ଲଗାଯିବା ଦ୍ୱାରା ଆକାଶର ଶୋଭା ବିଖଣ୍ଡିତ ହେଉଛି। ସୂଚନାଯୋଗ୍ୟ, ବିଏମ୍‌ସି ଆଡ୍‌ଭର୍ଟାଇଜମେଣ୍ଟ ରେଗୁଲେଶନ-୨୦୦୬ ଅନୁସାରେ ୧୦୦ ବର୍ଗଫୁଟ(ଲମ୍ବ ଏବଂ ଓସାର)ର ବିଜ୍ଞାପନ ହୋର୍ଡିଂକୁ ବିଏମ୍‌ସି କର୍ମଚାରୀ ହଟାଇଲେ ୫୦୦୦ ଟଙ୍କା ଏବଂ ତା'ଠାରୁ ବଡ଼ ହୋର୍ଡିଂ ହଟାଇଲେ ୭୦୦୦ ଟଙ୍କା ନିଆଯିବ।

# ବିଜେଡି କର୍ମୀ ସମ୍ମିଳନୀ

**ଟାଙ୍ଗୀ(ଖୋର୍ଦ୍ଧା),୧୪।୯(ଡି.ଏନ.ଏ.)**

ଚିଲିକା ନିର୍ବାଚନ ମଣ୍ଡଳୀର ଜରିପଡ଼ା ପଞ୍ଚାୟତସ୍ତରୀୟ ବିଜେଡି କର୍ମୀସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର କାର୍ତ୍ତିକେଶ୍ୱର ବଜାର ନିକଟସ୍ଥ ପଡିଆରେ ଏହା ଆୟୋଜିତ ହୋଇଥିଲା। ବ୍ଲକ ବିଜେଡି ସଭାପତି ଦେବେନ୍ଦ୍ର ସାମନ୍ତସିଂହାର, ଯୁବ ବିଜେଡି ସଭାପତି ମହେଶ ବିଶ୍ୱାଳ, ଏମ୍‌ପି ପ୍ରତିନିଧି ରମେଶ ମହାପାତ୍ର, ଜରିପଡ଼ା ପଞ୍ଚାୟତ ସଭାପତି ଦାମୋଦର ଜେନା, ବିଜୟ ବଳିୟାରସିଂହ, ବସନ୍ତ ପ୍ରଧାନ, ପଦ୍ମଚରଣ ବେହେରା, ଭିକାରୀ ବେହେରା ଓ ୫ ନଂ ଜୋନ୍ ଆବାହକ ଅର୍ଜୁନ ବିଶ୍ୱାଳ ପ୍ରମୁଖ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ପାଇଁ ମତାମତ ରଖିଥିଲେ। ଏହି ଅବସରରେ ରଘୁନାଥ ପ୍ରଧାନ, ମନୋରଞ୍ଜନ ବଳବନ୍ତରାୟ ଓ ଗଙ୍ଗାଧର ମାନସିଂହ ପ୍ରମୁଖ ୫୦ ଜଣ ଭାଜପା ଯୁବକର୍ମୀ ବିଜେଡିରେ ଯୋଗଦେଇଥିଲେ। ହାଟବରଡ଼ି ପଞ୍ଚାୟତ ବିଜେଡି ସଭାପତି ପ୍ରଫୁଲ୍ଲ ବେହେରା ଧନ୍ୟବାଦ ଦେଇଥିଲେ ।



ବିଜେଡିର କର୍ମୀ ସମ୍ମିଳନୀରେ ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁ ଓ ଅନ୍ୟମାନେ।

### ଶତାୟୁଙ୍କୁ ସମ୍ବର୍ଦ୍ଧନା

**ଟାଙ୍ଗୀ(ଖୋର୍ଦ୍ଧା),୧୪।୯ (ଡି.ଏନ.ଏ.)**

କୁହୁଡ଼ି ଛଅଗଡ଼ର ଆରାଧ୍ୟ ଠାକୁର ଶ୍ରୀ ଶ୍ରୀ ଚଣ୍ଡୀହରଦେବଙ୍କ ମୁଖ୍ୟପୂଜକ ତଥା ସମାଜସେବୀ ଧୋବା ରଣାଙ୍କ ଜନ୍ମ ଶତବାର୍ଷିକ ଉପଲକ୍ଷେ ବୁଧବାର ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। କୁହୁଡ଼ି ଛଅଗଡର, ପାରିଓରଡ଼, ବଡ଼ପାରୀ, ଜରିପଡ଼ା, ସୋରଣ ଓ ବଜାଗଡ଼ର ଅନେକ ବିଶିଷ୍ଟ ବ୍ୟକ୍ତି ଓ ଜନସାଧାରଣ ଏହି ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇଥିଲେ । ପାରିଓରଡର ଯୁଧିଷ୍ଠିର ପ୍ରଧାନ ଓ କୁହୁଡ଼ିର ଲକ୍ଷ୍ମୀଧର ତରାଶଙ୍କ ଦ୍ୱାରା ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଶ୍ରୀବତ୍ସ ପରିଡ଼ା ଅଧ୍ୟକ୍ଷତା କରିଥିଲେ। ଲଲାଟକେଶରୀ ମଙ୍ଗରାଜ, ଟାଙ୍ଗୀ ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମଣ ଶ୍ରୀଚନ୍ଦନ, ବିଜେଡି ନେତା ମନୋଜ କୁମାର ମାନସିଂହ, ଶରତ କୁମାର ବଡଜେନା, ସଞ୍ଜୟ ମହାପାତ୍ର, ସୂର୍ଯ୍ୟନାରାୟଣ ସେଠ ଓ ନାରାୟଣ ରଣା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ୧୦୩ ବର୍ଷ ବୟସରେ ପଦାର୍ପଣ କରିଥିବା ରଣାଙ୍କୁ ସମ୍ବର୍ଦ୍ଧନା ଦେବା ପରେ ଏକ ଶୋଭାଯାତ୍ରାରେ ଚଣ୍ଡେଶ୍ୱର ଗ୍ରାମ ପରିକ୍ରମା କରାଯାଇଥିଲା ।

# ବିଘ୍ନରାଜଙ୍କ ଭସାଣି ଉତ୍ସବ



ଗଣେଶ ମୂର୍ତ୍ତି ଭସାଣି ବେଳର ଦୃଶ୍ୟ।

**କୃଷ୍ଣପ୍ରସାଦ,୧୪।୯(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ଶ୍ରୀଗଣେଶ ଭସାଣି ଯାତ୍ରା ଅନୁଷ୍ଠିତ ହୋଇଛି । ଗଣେଶ ଚତୁର୍ଥୀ ପାଳନ ପରେ ଶୁକ୍ରବାର ବିଭିନ୍ନ ଅଞ୍ଚଳରେ ବିଘ୍ନରାଜଙ୍କର ଭସାଣି ଉତ୍ସବ ଆନନ୍ଦ ଓ ଉଲ୍ଲାସରେ ପାଳନ କରାଯାଇଛି। ଡିଆକୁଦା ଯୁବକ ସଂଘ ଶ୍ରୀଗଣେଶଙ୍କୁ ଡିଆକୁଦା, ସାହାବାଜପୁର, ମଳେଶ୍ୱରୀ ଏବଂ ମାଲୁଦ ଆଦି ଅଞ୍ଚଳକୁ ସୁସଜ୍ଜିତ ଗାଡ଼ିରେ ପରିକ୍ରମା କରାଇଥିଲେ। ବିଭିନ୍ନ ସ୍ଥାନରେ ଭସାଣି ବେଳେ ଶ୍ରଦ୍ଧାଳୁମାନେ ଗଣପତିଙ୍କୁ ଦର୍ଶନ କରିବା ପରେ ଚିଲିକାରେ ବିସର୍ଜନ କରାଯାଇଥିଲା।

# ଗୋପୀନାଥ ମନ୍ଦିରରେ ଶ୍ରୀମଦ୍ ଭାଗବତ ସପ୍ତାହ ଆରମ୍ଭ



ଉତ୍ତରାୟଣୀ ମନ୍ଦିରକୁ ଯାଉଥିବା କଳସ ଶୋଭାଯାତ୍ରା।

**ଜଟଣୀ,୧୪।୯(ଡି.ଏନ.ଏ.)**

ଜଟଣୀସ୍ଥିତ ଗୋପୀନାଥ ମନ୍ଦିର ପରିସରରେ ଶୁକ୍ରବାରଠାରୁ ଶ୍ରୀମଦ୍ ଭାଗବତ ସପ୍ତାହ କଥା ଆରମ୍ଭ ହୋଇଛି। ଏହା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଉତ୍ତରାୟଣୀ ମନ୍ଦିରରୁ ଏକ କଳସ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ବୃନ୍ଦାବନରୁ ଆସିଥିବା ପଣ୍ଡିତ ସୁରେଶ ଚନ୍ଦ୍ର ଶାସ୍ତ୍ରୀ ଦୈନିକ ଭାଗବତ ଉପରେ ପ୍ରବଚନ ଦେଉଛନ୍ତି।

### ବ୍ଲକ୍‌ସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

**ଟାଙ୍ଗୀ (ଖୋର୍ଦ୍ଧା), ୧୪।୯ (ଡି.ଏନ.ଏ.)**

ଟାଙ୍ଗୀ ବ୍ଲକ୍‌ସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ବୁଧବାର ବଳରାମଦେବ ବିଦ୍ୟାପୀଠ ପରିସରରେ ହୋଇଯାଇଛି। ୯ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ଶିଳ୍ପବିପ୍ଳବ -୪.୦ ଶୀର୍ଷକ ଆଲୋଚନାଚକ୍ରରେ ବିଭିନ୍ନ ପ୍ରତିଯୋଗୀଙ୍କ ମଧ୍ୟରୁ ବଳରାମ ଦେବ ବିଦ୍ୟାପୀଠର ଶୁଭରାଜ ପ୍ରଧାନ ପ୍ରଥମ, ବଡପାରୀ ନୋଡ଼ାଲ ହାଇସ୍କୁଲର ବିକାଶ ପଲାଇ ଦ୍ୱିତୀୟ, କମାଗୁରୁ ନୋଡ଼ାଲ ହାଇସ୍କୁଲର ସନ୍ତୋଷ କୁମାର ଗଜେନ୍ଦ୍ର ଓ ଟାଙ୍ଗୀ ବାଳିକା ଉଚ୍ଚ ବିଦ୍ୟାଳୟର ଜ୍ୟୋତିର୍ମୟୀ ପଟ୍ଟନାୟକ ଯୁଗ୍ମ ତୃତୀୟ ଭାବରେ ପୁରସ୍କୃତ ହୋଇଥିଲେ। ପ୍ରଥମସ୍ଥାନ ଅଧିକାର କରିଥିବା ଶୁଭରାଜ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ବିଚାରକ ରୂପେ ବିଜ୍ଞାନ ଶିକ୍ଷକ ପ୍ରତାପ କୁମାର ପୃଷ୍ଟି, ବିଜ୍ଞାନ ଶିକ୍ଷକ ବିଚିତ୍ରାନନ୍ଦ ମହାପାତ୍ର ଯୋଗ ଦେଇଥିଲେ। ଉତ୍ସବରେ ଟାଙ୍ଗୀ ଗୋଷ୍ଠୀ ଶିକ୍ଷାଧିକାରୀ ସୁରେନ୍ଦ୍ର କୁମାର ମଙ୍ଗରାଜ ଅଧ୍ୟକ୍ଷତା କରିଥିବା ବେଳେ ଅତିଥି ରୂପେ ଯୋଗ ଦେଇଥିଲେ ବିଦ୍ୟାଳୟର ପ୍ରଧାନଶିକ୍ଷକ ତ୍ରିନାଥ ଦାସ ଓ ଟାଙ୍ଗୀ ବାଳିକା ହାଇସ୍କୁଲ ପ୍ରଧାନ ଶିକ୍ଷକ ସନ୍ତୋଷ ଚନ୍ଦ୍ର କର। ଧନ୍ୟବାଦ ଦେଇଥିଲେ ଶିକ୍ଷୟିତ୍ରୀ ମାନସୀ ପରିଡ଼ା।

# ଜଙ୍ଘିଆ ପଲ୍ଲୀ ଉତ୍ସବ - ୨୦୧୮



ଜଙ୍ଘିଆ ପଲ୍ଲୀ ଉତ୍ସବରେ ଅନୁଷ୍ଠିତ ଓଡ଼ିଶୀ ନୃତ୍ୟ।

**ନିରାକାରପୁର,୧୪।୯(ଡି.ଏନ.ଏ.)**

ନିରାକାରପୁର ପଞ୍ଚାୟତସ୍ଥ ଜଙ୍ଘିଆ (ଖୋର୍ଦ୍ଧା), ବାଲଗାଡ଼ିଆର ଓଁ ଶ୍ରୀ ଯୁବ ପରିଷଦ ପକ୍ଷରୁ ଜଙ୍ଘିଆ ପଲ୍ଲୀ ଉତ୍ସବ-୨୦୧୮ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବାଲିଗାଡ଼ିଆର ବାସନ୍ତୀ କ୍ଲବ୍ ପଡିଆରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧାର ପୂର୍ବତନ ବିଧାୟକ ଜ୍ୟୋତିନ୍ଦ୍ର ନାଥ ମିତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ମଙ୍ଗୁଳୀ ଜେନା ଓ କେଳୁ ଚରଣ ଜଗଦେବ ମଞ୍ଚାସୀନ ହୋଇ ପଲ୍ଲୀ ଉତ୍ସବର ମହତ୍ୱ ସମ୍ବନ୍ଧରେ କହିଥିଲେ। ଏହା ଦ୍ୱାରା ସାହିତ୍ୟ, ସଂସ୍କୃତି ଓ ଲୋକକଳା ଉଜ୍ଜୀବିତ ହେବା ସହ କିପରି ମନୋରଞ୍ଜନ ଧର୍ମୀ ହୋଇଥାଏ ସେ ସମ୍ବନ୍ଧରେ ମତାମତ ପ୍ରକାଶ ପାଇଥିଲା। କୃଷ୍ଣଚନ୍ଦ୍ର ନରେନ୍ଦ୍ର ସଭାପତି, ବିଶ୍ୱଭୂଷଣ ଛୋଟରାୟ ସଂଯୋଜକ ଓ ସୌମେନ୍ଦ୍ର ସାମନ୍ତରାୟ ଉପସ୍ଥାପକ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବୃଦ୍ଧାଙ୍କ ପାଇଁ ସରକାରୀ ଯୋଜନା ଅପହଞ୍ଚ

# ଘର ନାହିଁ, ଭିକ୍ଷାରେ ବିତୁଛି ଜୀବନ



ସୁଭଦ୍ରା ମଣ୍ଡଳ।

**ନିରାକାରପୁର,୧୪।୯(ଡି.ଏନ୍.ଏ.)**

କେନ୍ଦ୍ର ଓ ରାଜ୍ୟ ସରକାର ବାସହରା ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କାଘର ଯୋଜନା କରିଛନ୍ତି। ତେବେ ତଳିଆ ଅଧିକାରୀ ଓ କୁଜିନେତାଙ୍କ ଚାଟୁକାର ପାଲଟିଥିବା ଲୋକଙ୍କୁ ଯେତେ ଭାଇ ସେତେଜଣଙ୍କୁ ପେଲି ଗୁଞ୍ଜି ଆବାସ ଯୋଗାଇ ଦିଆଯାଉଛି। କିନ୍ତୁ ଗରିବ ଓ ପ୍ରକୃତ ହିତାଧିକାରୀମାନେ ଗାଁ ଠାରୁ ବ୍ଲକ, ବ୍ଲକଠାରୁ ଜିଲା କାର୍ଯ୍ୟାଳୟ ବୁଲି ବୁଲି ନୟାନ୍ତ ହେଉଥିଲେ ମଧ୍ୟ ଘରଟିଏ ଯୋଗାଇଦେବା ନିମନ୍ତେ ତାଙ୍କ କଥାକୁ କେହି କର୍ଣ୍ଣପାତ କରୁ ନ ଥିବା ବାରମ୍ବାର ଅଭିଯୋଗ ହେଉଛି । ବୁଧବାର ନିରାକାରପୁର ବଜାରରେ ଜଣେ ବୃଦ୍ଧା ମୁଣ୍ଡ ଫଟା ଟାଣ ଖରାରେ ବଙ୍କୁଲିବାଡ଼ିଟିଏ ଧରି ଭିକ୍ଷା ମାଗୁଥିବା ଦେଖିବାକୁ ମିଳିଛି। ସେ ହେଲେ ଟାଙ୍ଗୀ ବ୍ଲକ ସୁନ୍ଦରପୁର ପଞ୍ଚାୟତ ସୁନ୍ଦରପୁର ଗ୍ରାମର ସୁଭଦ୍ରା ମଣ୍ଡଳ (୯୧) । ତାଙ୍କୁ କୌଣସି ସରକାରୀ ସୁବିଧା ମିଳିନାହିଁ ବୋଲି କହିଥିଲେ। ମୋର ପୁଅମାନେ ପଚାରୁନାହାନ୍ତି। ମୁଁ ଝିଅ ପାଖରେ ରହୁଛି। ହେଲେ ଝିଅର ଅବସ୍ଥା ପୂରା ଖରାପ ଥିବାରୁ ମୁଁ ଭିକ୍ଷା କରିବାକୁ ବାଧ ହେଉଛି ବୋଲି ସେ କହିଥିଲେ। ଆମେ ଗରିବ ଲୋକ, ଆମକୁ ସରକାରୀ ସୁବିଧା କିଏ ଦେବ ବୋଲି ସେ ପ୍ରଶ୍ନ ପଚାରିଥିଲେ। ଏହି ଖବର ପାଇ ଟାଙ୍ଗୀ ବ୍ଲକ ଜନଜାଗରଣ ମହାମେଣ୍ଟର ସଭାପତି ବିପିନ କୁମାର ଜୟସିଂହ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ କିଛି ଖାଇବାକୁ ଦେବା ସହ ଅର୍ଥ ସାହାଯ୍ୟ କରି ଆସ ମା' ତୁମକୁ ବୃଦ୍ଧ ଆଶ୍ରମରେ ରଖିଦେବି ବୋଲି କହିଥିଲେ। ତେବେ ମୁଁ ମୋ ଝିଅକୁ ପଚାରିକି ଆସିବା ପରେ ରହିବି ବୋଲି ବୃଦ୍ଧା କହିଥିବା ଜୟସିଂହ ସୂଚନା ଦେଇଛନ୍ତି। ଏ ନେଇ ଟାଙ୍ଗୀ ବ୍ଲକ ଅଧିକାରୀ ଭାସ୍କର ରଇତଙ୍କୁ ପଚାରିବା ପରେ ସେ କହିଥିଲେ, ଭିକ୍ଷାବୃତ୍ତି କରୁଥିବା କଥା ଆମେ ଶୁଣିଛୁ। ତାଙ୍କ ଗାଁ ଲୋକଙ୍କୁ ବୃଦ୍ଧାଙ୍କ ବିଷୟରେ ପଚାରିଲେ ଆମେ କେହି ତାକୁ ଚିହ୍ନିନୁ ବୋଲି କହୁଛନ୍ତି। ସେ ବୃଦ୍ଧାଙ୍କୁ ଅଟକାଇ ତାଙ୍କ ଠିକଣା ବୁଝିବେ ବୋଲି କହିଥିଲେ। ଅନେକ ଲୋକ ଘର ଖଣ୍ଡେ କିମ୍ବା ସରକାରୀ ସୁବିଧା ପାଉ ନ ଥିବା ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ବିଡିଓ ସେମାନଙ୍କ କଥା ଶୁଣୁ ନ ଥିବା ବାରମ୍ବାର ଅଭିଯୋଗ ହେଉଛି। ଆବାସ ଯୋଜନାରେ ଦୁର୍ନୀତି ଘଟଣା ଯଦି କିଛି ଗଣମାଧ୍ୟମରେ ପ୍ରକାଶିତ ହେଲା ତେବେ ବ୍ଲକରୁ ତଦନ୍ତକାରୀ ଦଳ ଲୋକଦେଖାଣିଆ ଆସୁଛନ୍ତି ଓ କିଛି ଲେଖାଲେଖି କରି ଚାଲିଯାଉଛନ୍ତି। ତାପରେ ସେଗୁଡ଼ିକ ଫାଇଲର ନାଲି ଫିତା ତଳେ ଚାପି ହୋଇ ରହିଯାଉଛି। ଯାହାଫଳରେ ସରକାର ଏମାନଙ୍କ ଯୋଗୁ ବଦନାମ ହେଉଛନ୍ତି। ଏହାକୁ ଉଚ୍ଚସ୍ତରୀୟ ଓ ଭିଜିଲାନ୍ସ ତଦନ୍ତ ନିମନ୍ତେ ବୁଦ୍ଧିଜୀବୀ ତଥା ଜନଜାଗରଣ ମହାମେଣ୍ଟ ସଭାପତିଙ୍କ ପକ୍ଷରୁ ଦାବି ହେଉଛି।



ଆତ୍ମସଂଯମ, ସାଧନା ଓ ସେବା ଦ୍ୱାରା ହିଁ ମାନବ ସମାଜରେ ଶାନ୍ତି ଓ ଆନନ୍ଦ ଆସିଥାଏ।

-ସ୍ୱାମୀ ଚିଦାନନ୍ଦ



# ଜଟଣୀର ପ୍ରସିଦ୍ଧ ଗଣେଶ ପୂଜା



ସୀତାରାମ ଛକରେ ପୂଜା ପାଉଥିବା ଗଣେଶଙ୍କ ମୃଣ୍ମୟ ମୂର୍ତ୍ତି।



ଗୋପବନ୍ଧୁ ବଜାର।



ଥାନା ଛକ।



ରାଜା ବଜାର।



ଖୁଦୁପୁର ଛକ।



ଟ୍ରାଫିକ୍ କଲୋନୀ ରନିଂରୁମ୍ ଛକ।



ହରିଭାଇନା ଛକ।



ଜଟଣୀ: ମାଛ ମାର୍କେଟ।



ଜଟଣୀ: ମହୁଲଗୁଡ଼ିଆ ଛକ।



ଜଟଣୀ: ଗୋଲେଇ ମାର୍କେଟ।

## ଗଣେଶ ମହୋତ୍ସବ: ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ ମନ ମୋହିଲା

ଜଟଣୀ,୧୪।୯(ଡି.ଏନ.ଏ)

ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ଉତ୍ସବର ଶୁକ୍ରବାର ଦ୍ୱିତୀୟ ଦିନରେ ବହୁ ଜନସମାଗମ ହୋଇଥିଲା। ବିଭିନ୍ନ ପୂଜା ପେଣ୍ଡାଲଗୁଡ଼ିକରେ ଗହଳି ପରିଲକ୍ଷିତ ହୋଇଥିଲା। ସ୍ଥାନୀୟ ଶରତ ପାଇକରାୟ ଷ୍ଟାଡିୟମ ପରିସରରେ କଳିଙ୍ଗ ଯୁବ ପରିଷଦ ପକ୍ଷରୁ ଆୟୋଜିତ ଜଟଣୀ ଗଣେଶ ମହୋତ୍ସବ ପେଣ୍ଡାଲରେ ବିଭିନ୍ନ ପାରମ୍ପରିକ ନୃତ୍ୟ ପରିବେଷିତ ହୋଇଥିଲା। ଦ୍ୱିତୀୟ ଦିନ ଉତ୍ସବରେ ମହିଳା ଶିଶୁକଲ୍ୟାଣ ବିଭାଗର ଜଏଣ୍ଟ ସେକ୍ରେଟାରୀ ଧରଣୀଧର ନନ୍ଦ, ହାସ୍ୟ ଅଭିନେତା ଜୀବନ ପଣ୍ଡା, ମଧୁଲିକା ପତ୍ରିକାର ସମ୍ପାଦିକା ମଧୁମିତା ପରିଡ଼ା, ସାମାଜିକ କର୍ମୀ ପ୍ରୀତିଚ୍ଛନ୍ଦା ଧଳ, ସୁରଜ ପାଇକରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ନୃତ୍ୟଶ୍ରୀ ଓ ବିଶ୍ୱରୂପା ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ଲୋକଙ୍କ ମନ ଛୁଇଁ ନେଇଥିଲା। ଏଠାରେ ହୋଇଥିବା ମିନାବଜାର, ସର୍କସ, ବିଭିନ୍ନ ମନୋରଞ୍ଜନ ଧର୍ମୀ ଖେଳ ନିକଟରେ ପ୍ରବଳ ଗହଳି ହୋଇଥିଲା। ସେହିପରି ଖୁଦୁପୁର ଛକରେ ହୋଇଥିବା ମହୋତ୍ସବ ପରିସରରେ ଅନେକ ଜନସମାଗମ ହୋଇଥିଲା। ପୋଲିସ କମିଶନର ସତ୍ୟଜିତ ମହାନ୍ତି ବିଭିନ୍ନ ପୂଜା ପେଣ୍ଡାଲ ବୁଲି ରାତିରେ ଶାନ୍ତି ଶୃଙ୍ଖଳା ପରିସ୍ଥିତିର ତଦାରଖ କରିଥିଲେ।



ଜଟଣୀ ଗଣେଶ ମହୋତ୍ସବରେ ମଞ୍ଚାସୀନ ଅତିଥି।



ମହୋତ୍ସବରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।



ଖୋର୍ଦ୍ଧା ସହରର ବାସେଳୀସାହିରେ ପୂଜା ପାଉଥିବା ଗଣେଶଙ୍କ ମୂର୍ତ୍ତି।



ଗଡ଼ମଣତିରି ଗଣେଶ ମୂର୍ତ୍ତି।



ଗୁରୁଜଙ୍ଗ ଦିୱାନ ସାହି।



ଜାମୁସାହି ଜରିପୁଟ।




ଦଳେଇପୁଟରେ ପୂଜା ପାଉଥିବା ଗଣେଶଙ୍କ ମୃଣ୍ମୟ ମୂର୍ତ୍ତି।



ଅନ୍ତରରେ କହୁଥିବା କଳାକୁ ଯିଏ ଆୟତ୍ତ କରିଛି, ସେ ଅନ୍ୟ ଉପରେ ଯଥାର୍ଥ ପ୍ରଭାବ ପକାଇପାରେ।

-ଜେ. ଏଡ୍‌ୱାର୍ଡସ



## ସଂକ୍ଷେପରେ

### ଏସ୍‌ସିବି ମେଡିକାଲ ସମ୍ମୁଖ ରାସ୍ତାରେ ଅସହାୟ ରୋଗୀ

କଟକ ଅଫିସ, ୧୪।୯

ଏସ୍‌ସିବି ମେଡିକାଲ ଆଉଟଡୋର ସମ୍ମୁଖ ରାସ୍ତାରେ ଗଡୁଛନ୍ତି ଜଣେ ଅସହାୟ ରୋଗୀ। ତାଙ୍କ ଡାହାଣ ଗୋଡ଼ରେ ବଡ଼ କ୍ଷତ ଚିହ୍ନ ରହିଥିବାବେଳେ ବୟସ ୪୦ରୁ ୫୦ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ଏହି ରୋଗୀଙ୍କ ଶରୀରରେ କେତେଖଣ୍ଡ ହାଡ଼ ରହିଛି ତାହା ଗଣିହେବା ପରି ମନେହେଉଛି। ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରୋଗୀ ଜଣକ ଖାଇବାକୁ ପିଇବାକୁ ନ ପାଇ ସେଠାରେ ପଡ଼ିଥିଲେ। ଖବରପାଇ ନ୍ୟାଶନାଲ ହ୍ୟୁମାନ ରାଇଟ୍ସ କାଉନସିଲ ଅଫ ଇଣ୍ଡିଆର କଟକ ଶାଖା ସଭାପତି କଳ୍ପତରୁ ଖୁଣ୍ଟିଆ, ରାଜ୍ୟ ସମ୍ପାଦକ ଅବଦୁଲ ବାରି, ଜିଲା ସଂଯୋଜକ ଶ୍ରୀମନ୍ତ ଆଚାର୍ଯ୍ୟ ଓ ରାଜଦୀପ ପରିଜା ପ୍ରମୁଖ ଶୁକ୍ରବାର ସମ୍ପୃକ୍ତ ରୋଗୀଙ୍କ ପାଖରେ ପହଞ୍ଚିଥିଲେ। ତେବେ ରୋଗୀ ଜଣଙ୍କ ନିଜର ଘର ଠିକଣା କିମ୍ବା ପରିଚୟ ଦେଇପାରୁନାହାନ୍ତି। ସେଠାରୁ ତାଙ୍କୁ ଉଦ୍ଧାର କରି କାଜୁଆଲ୍‌ଟିରେ ଭର୍ତ୍ତି କରିବା ସହ ଘଟଣା ସମ୍ପର୍କରେ କଟକ ଜିଲାପାଳ ଓ କେନ୍ଦ୍ରାଞ୍ଚଳ ଆର୍‌ଡିସିଙ୍କୁ ଅବଗତ କରାଇଥିଲେ। ସୂଚନାଥାଉ କି, ଏସ୍‌ସିବିରେ ଅପରିଚିତ ଓ ଅସହାୟ ରୋଗୀଙ୍କୁ ନେଇ ଅତୀତରେ ଅନେକ ଘଟଣା ଘଟିଛି। ଏପରିକି ଓଡ଼ିଶା ମାନବାଧିକାର କମିଶନ ଅଧକ୍ଷ ନିଜେ ମେଡିକାଲ ପରିଦର୍ଶନରେ ଆସି ଏହି ରୋଗୀମାନଙ୍କ ଦୁର୍ଦ୍ଦଶାକୁ ଦେଖିବା ପରେ ସରକାର ଓ ମେଡିକାଲ ପ୍ରଶାସନକୁ ଅନେକଗୁଡିଏ ନିର୍ଦ୍ଦେଶ ଦେଇଛନ୍ତି। ତଥାପି ପରିସ୍ଥିତିରେ କୌଣସି ସୁଧାର ଆସିପାରୁନାହିଁ। ଏ ସମ୍ପର୍କରେ ମେଡିକାଲ ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା କୁହନ୍ତି, ରୋଗୀଙ୍କ ସମ୍ପର୍କରେ ମୋ' ପାଖରେ କୌଣସି ଖବର ନାହିଁ। ତେବେ ମୁଁ ତୁରନ୍ତ ବୁଝୁଛି।

### ଅପହୃତା ନାବାଳିକା ଉଦ୍ଧାର

କଟକ ସଦର, ୧୪।୯ (ଡି.ଏନ୍.ଏ.): କିଶୋର ନଗର ଥାନା ଅଞ୍ଚଳରୁ ଅପହରଣ କରି ନିଆଯାଇଥିବା ନାବାଳିକାଙ୍କୁ ପୋଲିସ ଗୁରୁବାର ରାତିରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁରରୁ ଉଦ୍ଧାର କରିଥିଲା। ଏହି ନାବାଳିକା ରହୁଥିବା ଘରର ମାଲିକଙ୍କୁ ପଚରାଉଚରା କରିବା ପାଇଁ ପୋଲିସ ଥାନାରେ ଅଟକ ରଖିଛି। ଶୁକ୍ରବାର ନାବାଳିକାଙ୍କୁ କଟକ ବଡ ଡାକ୍ତରଖାନାରେ ଡାକ୍ତରୀମାଇନା କରାଯିବା ସହ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ହାଜର କରାଯାଇ ବୟାନ ରେକର୍ଡ କରାଯାଇଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୧୧୨/୧୮) ରୁଜୁ ହୋଇଥିଲା। ପୋଲିସ ସୂତ୍ରରୁ ପ୍ରକାଶ, ଗତ ୫ ତାରିଖରେ ନାବାଳିକା ଜଣକ ଘରକୁ ଫେରିବାବେଳେ ୨ ଜଣ ଯୁବକ ତାଙ୍କୁ ଜୋରଜବରଦସ୍ତି ଅପହରଣ କରି ଗାଡିରେ ନେଇଯାଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପରେ ପୋଲିସ ଚଢାଉବେଳେ ଅଭିଯୁକ୍ତ ଦ୍ୱୟ ଖସି ପଳାଇଥିଲେ।

### ବିଘ୍ନରାଜଙ୍କ ଭସାଣି

କୃଷ୍ଣପ୍ରସାଦ,୧୪।୯(ଡି.ଏନ୍.ଏ.)-ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ଶ୍ରୀଗଣେଶ ଭସାଣି ଯାତ୍ରା ଅନୁଷ୍ଠିତ ହୋଇଛି । ଗଣେଶ ଚତୁର୍ଥୀ ପାଳନ ପରେ ଶୁକ୍ରବାର ବିଭିନ୍ନ ଅଞ୍ଚଳରେ ବିଘ୍ନରାଜଙ୍କର ଭସାଣି ଉତ୍ସବ ଆନନ୍ଦ ଓ ଉଲ୍ଲାସରେ ପାଳନ କରାଯାଇଛି। ଡିଆକୁଦା ଯୁବକ ସଂଘ ଶ୍ରୀଗଣେଶଙ୍କୁ ଡିଆକୁଦା, ସାହାବାଜପୁର, ମଲେଶ୍ୱରୀ ଏବଂ ମାଲୁଦ ଆଦି ଅଞ୍ଚଳକୁ ସୁସଜ୍ଜିତ ଗାଡ଼ିରେ ପରିକ୍ରମା କରାଇଥିଲେ। ବିଭିନ୍ନ ସ୍ଥାନରେ ଭସାଣି ବେଳେ ଶ୍ରଦ୍ଧାଳୁମାନେ ଗଣପତିଙ୍କୁ ଦର୍ଶନ କରିବା ପରେ ଚିଲିକାରେ ବିସର୍ଜନ କରାଯାଇଥିଲା।

■ ଫାଷ୍ଟଫୁଡ୍ ଦୋକାନୀଙ୍କୁ ଗୁଳିମାଡ଼ ଘଟଣା

# ଅଭିଯୁକ୍ତ ଚିହ୍ନଟ, ଚଢ଼ାଉ ଜୋରଦାର

**ଘଟଣାସ୍ଥଳ ଦେଖିଲେ ପୋଲିସ କମିଶନର**

ଭୁବନେଶ୍ୱର, ୧୪।୯(ବ୍ୟୁରୋ)

ପକୋଡା କିଣାକୁ କେନ୍ଦ୍ରକରି ଖଣ୍ଡଗିରି ଥାନା ତାଳବସ୍ତି ଛକରେ ଥିବା ଫାଷ୍ଟଫୁଡ୍ ଦୋକାନୀ ସ୍ମୃତିରଞ୍ଜନ ଧଳ ଓରଫ ନିଲୁଙ୍କୁ ଗୁରୁବାର ଦୁଇଜଣ ଦୁର୍ବୃତ୍ତ ଗୁଳି ମାଡ଼ କରିଥିଲେ। ଏଥିରେ ନିଲୁ ଆହତ ହୋଇଥିଲେ। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ରହିଛି। ଶୁକ୍ରବାର ସକାଳେ ପୋଲିସ ନିଲୁଙ୍କ ବୟାନ ରେକର୍ଡ କରିଛି। ଏହାସହ ପୋଲିସ କମିଶନର ସତ୍ୟଜିତ ମହାନ୍ତି ମଧ୍ୟ ଏହି ଘଟଣାକୁ ଗୁରୁତର ସହ ନେଇଛନ୍ତି। ମହାନ୍ତି ଶୁକ୍ରବାର ସକାଳେ ଉକ୍ତ ଫାଷ୍ଟଫୁଡ୍ ଦୋକାନକୁ ଯାଇ ଅନୁଧ୍ୟାନ କରିବା ସହ ସ୍ଥାନୀୟ ଲୋକଙ୍କୁ ପଚରାଉଚୁରା କରିଥିଲେ। ଗୁଳିମାଡ଼ କରିଥିବା ଯୁବକ ସ୍ଥାନୀୟ ଅଞ୍ଚଳର ବୋଲି ଜଣାପଡିଛି। ସେମାନଙ୍କୁ ମଧ୍ୟ ଚିହ୍ନଟ କରାଯାଇଛି। ଖୁବ୍ ଶୀଘ୍ର ଗିରଫ କରାଯିବ ପୋଲିସ କମିଶନର କହିଛନ୍ତି।

ଅନ୍ୟପକ୍ଷରେ ପୋଲିସ ଉକ୍ତ ଯୁବକଙ୍କ ଘରେ ଚଢାଉ କରିଥିଲେ ମଧ୍ୟ ସେମାନେ ଫେରାର ଅଛନ୍ତି। ସେମାନଙ୍କୁ ଧରିବା ପାଇଁ ପୋଲିସ ରାଜଧାନୀ ଉପକଣ୍ଠରେ ଚଢାଉ ଜୋରଦାର କରୁଛି। ଗୁଳିମାଡ଼ କରିଥିବା ଦୁଇ ଯୁବକଙ୍କ ନାମରେ ଖଣ୍ଡଗିରି ଥାନାରେ ଏକାଧିକ ମାମଲା ରହିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଏହି ଘଟଣା ପରେ ଉକ୍ତ ଅଞ୍ଚଳରେ ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି। ନିକଟରେ ମଦ ଦୋକାନ ଥିବାରୁ ମଦ୍ୟପଙ୍କ ପାଇଁ ଏହି ଫାଷ୍ଟଫୁଡ୍ ଦୋକାନ ନିକଟରେ ଆସର ଜମୁଛି। ତେଣୁ ଯେଉଁମାନେ ମଦ ଆଣି ଉକ୍ତ ଫାଷ୍ଟଫୁଡ ଦୋକାନରେ ପିଉଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ମଦ ଦୋକାନ ମାଲିକଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ କହିଛନ୍ତି।

ସୂଚନାଯୋଗ୍ୟ, ଗୁରୁବାର ରାତି ପ୍ରାୟ ୯ଟାରେ ଦୁଇଜଣ ଯୁବକ ନିକଟସ୍ଥ ମଦ ଦୋକାନରୁ ମଦ କିଣିବା ପରେ ଉକ୍ତ ଫାଷ୍ଟଫୁଡ୍ ଦୋକାନକୁ ଯାଇଥିଲେ। ସେଠାରେ ଚିକେନ ପକୋଡ଼ା କିଣି ଖାଇଥିଲେ। ପରେ ସେମାନେ କଞ୍ଚା ଚିକେନ ଦେଖି ଦେବାକୁ କହିଥିଲେ। ସେଭଳି ଚିକେନ ପକୋଡ଼ା ନ ଥିବା ନିଲୁ କହିବାରୁ ସେମାନେ ତାଙ୍କୁ ଗାଳିଗୁଲଜ କରିବା ସହ ଦୋକାନରେ ଭଙ୍ଗାରୁଜା କରିଥିଲେ। ପରେ ଜଣେ ଯୁବକ ବନ୍ଧୁକ ବାହାର କରି ନିଲୁଙ୍କୁ ଗୁଳି ମାରିଥିଲେ। ପ୍ରଥମ ଗୁଳି ତାଙ୍କ ଦେହରେ ବାଜି ନ ଥିବା ବେଳେ ଦ୍ୱିତୀୟ ଗୁଳି ତାଙ୍କ ଡାହାଣ ହାତ କହୁଣିରେ ବାଜିଥିଲା।



ପୁରୀ ଶ୍ରୀମନ୍ଦିର ସିଂହଦ୍ୱାରଠାରେ ଅନୁଷ୍ଠିତ ଋଷିପଞ୍ଚମୀ ଭଜନ ସମାରୋହ କାର୍ଯ୍ୟକ୍ରମରେ ଶିଳ୍ପୀ ଇପ୍‌ସିତା ପଣ୍ଡା ଭଜନ ପରିବେଷଣ କରୁଛନ୍ତି ।

■ ଚକନାଳୀରେ ପ୍ରୋଜେକ୍ଟକୁ ରାସ୍ତା ନେଲେ ବିଲଡ଼ର

## କାର୍ଯ୍ୟାନୁଷ୍ଠାନ ନ ନେଲେ ରାଜରାସ୍ତାକୁ ଓହ୍ଲାଇବୁ

ପୁରୁଣା ଭୁବନେଶ୍ୱର, (ଡି.ଏନ.ଏ) ୧୪।୯

ରାଜଧାନୀ ପରେ ଏବେ ଉପକଣ୍ଠ ସବୁଜ ଉର୍ବର ଜମି ଉପରେ ବିଲଡ଼ରଙ୍କ ଆଖି। ବର୍ଷକ ତଳେ ମଧୁର ଜଳ ମତ୍ସ୍ୟ ଗବେଷଣା କେନ୍ଦ୍ର (ସିଫା) ନିକଟ ଦିନଓଦ୍ଧାରଣ ଜେନା ସାହି ମୌଜାର ଚାଷ ଜମି କିଣାବିକା କରି ସେଠାରେ କଂକ୍ରିଟ ଗୃହ ନିର୍ମାଣ ସରିଛି। ଏବେ ନିକଟସ୍ଥ ଲକ୍ଷ୍ମୀନାରାୟଣପୁର ମୌଜା ଚାଷ ଜମିରେ ଲୋଲୁପ ଦୃଷ୍ଟି ପଡ଼ିଛି। ୬ ମାସ ପୂର୍ବରୁ ଆରମ୍ଭ ହୋଇଥିବା ଚାଷ ଜମିର ପ୍ରାୟ ୧୨ ଏକର କିଣାବିକା ସରିଲାଣି। ପ୍ରଥମେ ଗ୍ରୀନ୍ ଜୋନ୍‌ରେ ୟେଲୋ ଜୋନ ପ୍ରୋଜେକ୍ଟ ପ୍ରଶ୍ନବାଚୀ। ଦ୍ୱିତୀୟ ପ୍ରୋଜେକ୍ଟର ଆଶ୍ରୟ ନେଇଛନ୍ତି। ୮ ଫୁଟ ଓସାର ଥିବା ଚକନାଳୀ ଉପରେ ରାସ୍ତା ନିର୍ମାଣ ସହ ଲୋକଙ୍କୁ ଭୁତାଇବା ପାଇଁ ୨ଟି କଂକ୍ରିଟ ନଳ ନାମକୁ ମାତ୍ର ପୋତି କାମ ଆଗେଇଛନ୍ତି। କିଛିଦିନ ପରେ ଏଠାରେ ଜାଗା କିଣି ଘର ନିର୍ମାଣ କରିବାକୁ ଥିବା ବ୍ୟକ୍ତି ଗ୍ରାମର ଚାଷ ଉପରେ ନିର୍ଭର କରୁଥିବା ଚାଷୀଙ୍କ ମଧ୍ୟରେ ହେବ ମାରପିଟ୍। ସେତେବେଳେ ପୋଲିସ ପ୍ରଶାସନ ଚୁପ୍ ହୋଇ ନାଟ ଦେଖିବାଟା ସାର ହେବ। ଏଭଳି କାର୍ଯ୍ୟକଳାପକୁ ବିରୋଧ କରିବାକୁ ଗ୍ରାମବାସୀ ଅଣ୍ଟା ଭିଡ଼ିଛନ୍ତି। ପୂର୍ବରୁ ଏଭଳି ପ୍ରୋଜେକ୍ଟ ଏଠାରେ ଦୀର୍ଘସ୍ଥାୟୀ ହେଲେ ଜଳ ନିଷ୍କାସିତ ହୋଇ ନ ପାରି ଗାଁ ବୁଡ଼ିବା ନିଶ୍ଚୟ। ଗ୍ରାମବାସୀ ଏ ନେଇ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳଙ୍କୁ ପତ୍ର ମାଧ୍ୟମରେ ଜଣାଇଥିଲେ। ହେଲେ ଫଳ ଶୁନ। କାହା ପ୍ରରୋଚନାରେ ବିଲ୍‌ଡ଼ର ଉର୍ବର ଜମିରେ ପ୍ରୋଜେକ୍ଟ କରୁଛନ୍ତି ତାହା ସନ୍ଦେହ ଘେରରେ ରହିଛି। ଏପଟେ ଚକନାଳୀକୁ ପୋତି ରାସ୍ତା ନେବା ପରେ ଗ୍ରାମବାସୀ ପ୍ରଶାସନଠାରୁ ଆସ୍ଥା ହରାଇଛନ୍ତି। ୫୦ ଏକର ଜମିରେ ଜଳ ପ୍ଲାବିତ କରିବାକୁ ଏଠାରେ ବସା ଯାଇଥିବା ଏଲଆଇ ପଏଣ୍ଟର କ୍ଷତିପୂରଣ ଦେବ କିଏ। ଏଠାରେ କାର୍ଯ୍ୟ କରୁଥିବା ବାଲିକପିଳନାଥ ପାଣି ପଞ୍ଚାୟତ ସମିତି ସମ୍ପାଦକ ଗୋବର୍ଦ୍ଧନ ମଲିକ କୁହନ୍ତି, କିଏ କ'ଣ କରୁଛନ୍ତି ଆମର ଯାଆସ ନାହିଁ। ତେବେ ଚକନାଳୀରେ କୌଣସି କଂକ୍ରିଟ ରାସ୍ତା କରିବାକୁ ଆମେ ଦେବୁନାହିଁ। ଏହାର ଘୋର ବିରୋଧ କରାଯିବ। ସ୍ଥାନୀୟ ସରପଞ୍ଚ ଶୁଭାଶିଷ ରଥ କୁହନ୍ତି, ଚକନଳୀ ଉପରେ ରାସ୍ତା ନିର୍ମାଣ ଚାଷୀଙ୍କ ସ୍ୱାର୍ଥହାନୀ । ତେବେ ଏ ନେଇ ଖବର ନ ଥିଲେ ହେଁ ସତ୍ୟାସତ୍ୟ ହେଲେ ବିରୋଧ ହେବ। ପୁରୀ ଉପଜିଲାପାଳ ଭବତାରଣ ସାହୁ କୁହନ୍ତି, ଏ ନେଇ ଆମ ପାଖରେ ଅଭିଯୋଗ ନାହିଁ। ବିଡ଼ିଓଙ୍କୁ ଯୋଗାଯୋଗ କରନ୍ତୁ। ସମସ୍ୟାର ସମାଧାନ ନ ହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ର ।

## ଲିଟିଲ୍‌ଷ୍ଟାର ଗ୍ରୁପ ପକ୍ଷରୁ ଦକ୍ଷତାବିକାଶ କର୍ମଶାଳା

ନିମାପଡ଼ା,୧୪।୯(ଡି.ଏନ୍.ଏ.)

ନିମାପଡ଼ା ସ୍ଥିତ ଶିଶୁ ବିକାଶ ଅନୁଷ୍ଠାନ ଲିଟିଲ୍ ଷ୍ଟାର ଗ୍ରୁପ ପକ୍ଷରୁ ଶୁକ୍ରବାର ଏକ ଦକ୍ଷତାବିକାଶ କର୍ମଶାଳା ଓ ପୁରସ୍କାର ବିତରଣ ସମାରୋହ ସିଦ୍ଧାର୍ଥ ଏକାଡେମୀଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ନିମାପଡ଼ା କଲେଜର ଅଧ୍ୟାପକ ଡ.ପ୍ରଣବ ସ୍ୱାଇଁ, ମାନସ ସ୍ୱାଇଁ, ସୁବ୍ରତ ମହାନ୍ତ, ମଙ୍ଗଳା କଲେଜର ପରିଚାଳନା ନିର୍ଦ୍ଦେଶକ ଚିନ୍ତାମଣି ବରାଳ, ଲିଟିଲ ଷ୍ଟାର ଗ୍ରୁପର ସମ୍ପାଦକ ସୁମନ୍ତ ମହାରଣା ପ୍ରମୁଖ ଯୋଗଦେଇ ସ୍କୁଲ କଲେଜ ଛାତ୍ରୀଛାତ୍ରମାନଙ୍କୁ ଦକ୍ଷତା ବିକାଶ ଓ ଉତ୍ତମ ଚରିତ୍ର ଗଠନ ଦିଗରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଯୁବ ପ୍ରଶାସକ କଲ୍ୟାଣ ସୌରଭ ଦାଶ, ସଂଗୀତଗୁରୁ ଅଶୋକ ବେହେରା, କବି ରଶ୍ମିରଞ୍ଜନ ସାହୁଙ୍କ ସମେତ ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଛାତ୍ରୀଛାତ୍ର ମୋନାଲିସା ପ୍ରଧାନ, ସ୍ୱର୍ଣ୍ଣଲତା ଓଝା, ଅଙ୍କିତା ଆଚାର୍ଯ୍ୟ, ବିଜୟଲକ୍ଷ୍ମୀ ମହାରଣା, ରାକେଶ ପରିଡ଼ା, ସ୍ମୃତିରଞ୍ଜନ ତ୍ରିପାଠୀଙ୍କ ସମେତ ୧୮ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ଗ୍ରୁପ ପକ୍ଷରୁ ପୁରସ୍କାର, ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ବହୁ ଶିକ୍ଷାବିତ୍, ଅଧ୍ୟାପକ, ଶିକ୍ଷକ, ଛାତ୍ରୀଛାତ୍ରମାନେ ଯୋଗଦେଇ ଥିଲେ। ଲିଟିଲ ଷ୍ଟାର ଗ୍ରୁପର ଏହି କାର୍ଯ୍ୟକ୍ରମକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ।

### ଚୋରା ମଦ ବିକ୍ରି ଅଭିଯୋଗରେ ଜଣେ ଗିରଫ

ଗୋପ, ୧୪।୯(ଡି.ଏନ୍.ଏ.)

ନୟାହାଟ ଫାଣ୍ଡି ସ୍ଥିତ ଦୁର୍ଗେଶ୍ୱର ଗ୍ରାମର ପ୍ରହଲ୍ଲାଦ ଖୁଣ୍ଟିଆ ନାମକ ଜଣେ ବ୍ୟକ୍ତି ଚୋରା ମଦ ବିକୁଥିବା ଅଭିଯୋଗରେ ଗିରଫ ହୋଇଛି। କୌଣସି ସୂତ୍ରରୁ ଖବର ପାଇ ଗୋପ ଥାନା ଏସ୍‌ଆଇ ସ୍ୱର୍ଣ୍ଣପ୍ରଭା ଜେନା, ନୟାହାଟ ଫାଣ୍ଡି ଏଏସ୍‌ଆଇ ଗଙ୍ଗାଧର ସାହୁ ସଦଳବଳ ଘଟଣାସ୍ଥଳେ ପହଞ୍ଚି ଅଭିଯୁକ୍ତ ଖୁଣ୍ଟିଆଙ୍କୁ ଗିରଫ କରିଥିଲେ। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ନୟାହାଟ ଫାଣ୍ଡି ପାଖରେ ଖୁଲମ୍‌ଖୁଲା ବେଆଇନ୍ ଭାବରେ ଦେଶୀ ମଦ ବିକ୍ରୟ କରାଯାଉଥିବାବେଳେ ଫାଣ୍ଡି ଅଧିକାରୀ ନୀରବ ରହିବା ଭଳି ଅଭିଯୋଗ ହୋଇଛି। ଏସ୍‌ପି ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରାଯାଇଛି।

## ଗୋପବନ୍ଧୁଙ୍କ ଜନ୍ମପୀଠରେ ସାଇକେଲ ଶୋଭାଯାତ୍ରୀଙ୍କୁ ସମ୍ବର୍ଦ୍ଧନା





ଗୋପବନ୍ଧୁ ପୀଠରେ ପହଞ୍ଚିଥିବା ସାଇକେଲ ଶୋଭାଯାତ୍ରା ଦଳ ।

ସାକ୍ଷୀଗୋପାଳ, ୧୪।୯(ଡି.ଏନ୍.ଏ.)

ମଦମୁକ୍ତ ଓଡ଼ିଶା ଗଠନ, ମା' ମାଟି ଓ ମାତୃଭାଷାର ସୁରକ୍ଷା ସଚେତନତା ବାର୍ତ୍ତାନେଇ ବାଲେଶ୍ୱର ଜିଲାର ବାଲିଆପାଳ ବାଘାଯତୀନ ସ୍ମୃତି ପରିଷଦର ୮୦ ଜଣ ସ୍ୱେଚ୍ଛାସେବୀ ଗତ ୧୦ ତାରିଖରୁ ସାଇକେଲ ଶୋଭାଯାତ୍ରାରେ ବାହାରି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଜନ୍ମପୀଠ ସୁଆଣ୍ଡୋ ଗ୍ରାମରେ ଗୁରୁବାର ପହଞ୍ଚିଥିଲେ। ସେଠାରେ ଗୋପବନ୍ଧୁ ସ୍ମୃତି ପରିଷଦର ସଭାପତି ଧୀରେନ୍ଦ୍ର ନାଥ ଦାସ ଶୋଭାଯାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ବାଘାଯତୀନ ପରିଷଦର ସଭାପତି ଅରବିନ୍ଦ ବେହେରାଙ୍କୁ ଏହି ଅବସରରେ ଉତ୍ତରୀୟ, ଗୋପବନ୍ଧୁଙ୍କ ଫଟୋଚିତ୍ର ଓ କାରା କବିତା ପୁସ୍ତକ ପ୍ରଦାନ କରାଯାଇଥିଲା। ଷଠୀଘରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ସେମାନେ ଅନ୍ୟତମ ସ୍ୱାଧିନତା ସଂଗ୍ରାମୀ ବକ୍ସି ଜଗବନ୍ଧୁଙ୍କ ଜନ୍ମପୀଠ ବ୍ରହ୍ମଗିରୀ ବ୍ଲକର ଗଡରୋଡଙ୍ଗ ଗ୍ରାମକୁ ଯାତ୍ରା କରିଥିଲେ। ଗତ ଚାରିବର୍ଷ ଧରି ଏହି ଅନୁଷ୍ଠାନ ଓଡିଶାର ବିଭିନ୍ନ ସ୍ଥାନରେ ରହିଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ପୀଠ ସତ୍ୟବାଦୀ, ଇଞ୍ଚୁଡି, ଇରମ, ତୁଡି ଗାଡିଆ ଓ କୁସୁମିତ ଆଦି ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ କରିଥିବା ସଭାପତି ବେହେରା କହିଛନ୍ତି।

## ବାଲିଗୁଆଳିରେ ସ୍ୱାସ୍ଥ୍ୟ ଶିବିର

ପୁରୀ ଅଫିସ,୧୪।୯:

ପୁରୀ ସଦର ବାଲିଗୁଆଳି ସ୍ଥିତ ମଧୁସୂଦନ ଯୁବକ ସଂଘ ପକ୍ଷରୁ ଗଣପତି ଉତ୍ସବ ଅବସରରେ ଶୁକ୍ରବାର ପୂଜା ମଣ୍ଡପ ନିକଟରେ ଏକ ଦୁଇ ଦିନିଆ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଜ୍ୟୋତି ପ୍ରକାଶ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉପଜିଲାପାଳ ଭବତାରଣ ସାହୁ, ହାଇଟେକ କଲେଜ ଉପାଧ୍ୟକ୍ଷ ସବିର ଅଲ୍ଲୀ, ପ୍ରିୟଙ୍କା ଦେବୀ ସେବିତା କଲେଜର ଅଧକ୍ଷା ଦୁଃଖ ଦେଈ, ବାଲିଗୁଆଳି ଗ୍ରାମର ସଭାପତି ପର୍ଶୁରାମ ପ୍ରଧାନ, ସଂଘ ସଭାପତି ଅକ୍ଷୟ ପ୍ରଧାନ, ଆଇନଜୀବୀ ଚିନ୍ମୟ ଦାଶ ଓ ସୁଧାଂଶୁ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଶିବିରରେ ଶତାଧିକ ଲୋକଙ୍କ ବିଭିନ୍ନ ରୋଗର ଚିକିତ୍ସା କରାଯାଇଥିଲା।



ସ୍ୱାସ୍ଥ୍ୟ ଶିବିରରେ ଜଣେ ମହିଳା ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି ।

### ଗୋଷ୍ଠୀ ସଂଘର୍ଷ ଘଟଣାରେ ଜଣେ ଗିରଫ

ଖୋର୍ଦ୍ଧା ଅଫିସ,୧୪।୯:

ଖୋର୍ଦ୍ଧା ଟାଉନ ଥାନା ଜାଗୁଲେଇପାଟଣାରେ ଗୁରୁବାର ରାତିରେ ଘଟିଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ପୋଲିସ ଦୁର୍ଗାମାଧବ ପ୍ରଧାନ(୨୮) ନାମକ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଜାମିନି ନାମଞ୍ଜୁର ହେବାରୁ ଦୁର୍ଗାମାଧବ ଖୋର୍ଦ୍ଧା ସବ ଜେଲକୁ ଯାଇଛନ୍ତି। ଗୁରୁବାର ରାତି ପ୍ରାୟ ସାଢ଼େ ୧୦ଟାରେ ଗୋଷ୍ଠୀ ସଂଘର୍ଷ ଘଟି ଉଭୟ ଦଳର ୧୦ଜଣ ଆହତ ହୋଇଥିଲେ। ଏମାନଙ୍କ ମଧ୍ୟରୁ ୨ଜଣ ଗୁରୁତର ହୋଇ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିଲେ। ଗାଁର ମହେନ୍ଦ୍ର ପାଲଟାସିଂଙ୍କ ଅଭିଯୋଗକ୍ରମେ ପୋଲିସ ଦଫା ୩୪୧, ୩୨୩, ୩୨୪, ୫୦୬, ୩୦୭, ୩୯୪, ୩୪ ଆଇପିସିରେ ନଂ. ୩୫୬/୧୮ରେ ୧୪ଜଣଙ୍କ ନାରେ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ଦୁର୍ଗାମାଧବ ଗିରଫ ହୋଇଛନ୍ତି। ତେବେ ଗୁନ ପ୍ରଧାନଙ୍କ ପାଲଟା ଅଭିଯୋଗକ୍ରମେ ପୋଲିସ ନଂ. ୩୫୭/୧୮ରେ ୧୭ ଜଣଙ୍କ ନାରେ ଅନୁରୂପ ମାମଲା ରୁଜୁ କରିଛି।

## ବ୍ରହ୍ମଗିରିରେ ବୃଦ୍ଧିପାଉଛି ନିଶା କାରବାର

ବ୍ରହ୍ମଗିରି, ୧୪।୯(ଡି.ଏନ୍.ଏ.)–

ବ୍ରହ୍ମଗିରି ଥାନା ଅଞ୍ଚଳରେ ବ୍ୟାପକ ଚୋରା ମଦ ଓ ଗଞ୍ଜେଇ କାରବାର ବୃଦ୍ଧିପାଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଛି। ଗାଁ ଗହଳି ଠାରୁ ଆରମ୍ଭ କରି ବଜାର ପର୍ଯ୍ୟନ୍ତ ଖୁଲମ ଖୁଲା ଚାଲିଛି ମଦ ଓ ଗଞ୍ଜେଇ କାରବାର। ଏପରି କି ପାନ ଦୋକାନ ଏବଂ ଜଳଖିଆ ଦୋକାନରେ ମଧ୍ୟ ଚାଲିଛି ବେଆଇନ୍ ଗଞ୍ଜେଇ ବେପାର । ୫ଟଙ୍କାରେ ମିଳୁଛି ହାତ ପ୍ରସ୍ତୁତ ଗଞ୍ଜେଇ ସିଗାରେଟ୍। ସଞ୍ଜ ନଇଁଲେ ମଦୁଆଙ୍କ ଆଡ୍ଡା ଜମୁଛି । ରାସ୍ତାରେ ସୁରକ୍ଷାରେ ଯାତାୟାତ କରିବା ପାଇଁ ଲୋକମାନେ ଉଚିତ ମଣୁନାହାନ୍ତି। ପୋଲିସ ଚଢାଉ କରି ଅନେକ ସମୟରେ ବେଆଇନ ମଦ କାରବାର ରୋକିବାକୁ କାର୍ଯ୍ୟାନୁଷ୍ଠାନ ନେଉଥିବା ବେଳେ ଅବକାରୀ ବିଭାଗ କାଁ ଭାଁ ଲୋକ ଦେଖାଣିଆ ଚଢାଉ କରୁଥିବା ସାଧାରଣରେ ଆଲୋଚନା ହେଉଛି।

## 'ଶିକ୍ଷକ ସମନ୍ୱୟ ସମିତିକୁ ସୁଦୃଢ଼ କରାଯିବ'

ଗୋପ, ୧୪।୯(ଡି.ଏନ୍.ଏ.)

ଗ୍ରାମାଞ୍ଚଳରେ ଗୁଣାତ୍ମକ ଶିକ୍ଷାକୁ କିପରି ଆଗକୁ ନିଆଯିବ ଏବଂ ଶିକ୍ଷକ ସଂଗଠନକୁ ସୁଦୃଢ଼ କରାଯିବ ସେ ନେଇ ଶୁକ୍ରବାର ଗୋପ ବ୍ଲକରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତିର ସଭାପତି ଶିବଦତ୍ତ ନାୟକ ସଭାପତିତ୍ୱ କରି ଉପସ୍ଥିତ ଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଏହି ବାର୍ତ୍ତା ଦେଇଥିଲେ। ଷୋଳପୁର ସ୍ଥିତ ମା'ଚର୍ଚ୍ଚିକାୟୀଙ୍କ ପୀଠରେ ଏହି ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପୁରୀ ଜିଲା ନିମ୍ନମାଧ୍ୟମିକ ଶିକ୍ଷକ ସଂଘର ସଭାପତି ସୁଶାନ୍ତ କୁମାର ନାୟକ ଅତିଥି ଭାବେ ଯୋଗ ଦେଇଥିବାବେଳେ ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତି ସାଧାରଣ ସମ୍ପାଦକ ସତ୍ୟନାରାୟଣ ସାହୁ, କାର୍ଯ୍ୟକାରୀ ସଭାପତି ଗୋପବନ୍ଧୁ ପଣ୍ଡା, ସେକ୍ ମକସୁଦ୍ ହୁସେନ୍, ଉପଦେଷ୍ଟା ଯୁବରାଜ ବିଶ୍ୱାଳ, ଦୟାନିଧି ବେହେରା, ଜୟଦେବ ବେହେରା, ଯୁଗ୍ମ ସମ୍ପାଦକ ସୁଦର୍ଶନ ମିଶ୍ର, ଉପସଭାପତି ରାଜକିଶୋର ଜେନା ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକମାନଙ୍କର ଥିବା ବିଭିନ୍ନ ସମସ୍ୟା ଯଥା ଏମ୍‌ଏସ୍‌ପି, ଭବିଷ୍ୟନିଧି ପାଣ୍ଠି, ୨ପ୍ରତିଶତ ମହଙ୍ଗା ଭତ୍ତା ସମେତ ବକେୟା ଥିବା ପାଉଣା, ଅନ୍ୟାନ୍ୟ ଭତ୍ତା ନୂତନ ପେନ୍‌ସନ୍ ଯୋଜନା ସମେତ ବିଭିନ୍ନ ବର୍ଗର ଶିକ୍ଷକମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହାର ସମାଧାନ ଦିଗରେ କି କି ପଦକ୍ଷେପ ନିଆଯାଇ ପାରିବ ସେ ସମ୍ପର୍କରେ ଉପସ୍ଥିତ ଥିବା ଶିକ୍ଷକମାନଙ୍କ ମତାମତ ନିଆଯାଇଥିଲା। ଏଥି ସହ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ଉପରେ ବିଶଦ୍ ଭାବେ ଆଲୋଚନା କରାଯିବା ସହ ଉନ୍ନତମାନର ଶିକ୍ଷାଦାନ କରି ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ରୂପେ ଗଢ଼ି ତୋଳିବାକୁ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ପୁରୀ ଜିଲା ସଭାପତି ନାୟକ ପରାମର୍ଶ ଦେଇଥିଲେ। ଏମ୍‌ଏସ୍‌ପି କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଅନ୍ୟାନ୍ୟ ସମସ୍ୟାଗୁଡ଼ିକ ଖୁବ୍‌ଶୀଘ୍ର ସମାଧାନ ପାଇଁ ସଂଘ ପକ୍ଷରୁ ବ୍ଲକ ଶିକ୍ଷାଧିକାରୀଙ୍କ ସହ ଆଲୋଚନା କରାଯିବ ବୋଲି ସଭାପତି ନାୟକ କହିଥିଲେ। ଏହି କାର୍ଯ୍ୟକ୍ରମରେ ୨ଶହରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଦେଇଥିଲେ।

■ ଛାତ ଉପରେ ବେଆଇନ ହୋର୍ଡିଂ

# ୧୭ ସଂସ୍ଥାକୁ ୧୩.୬ ଲକ୍ଷ ଦେୟ ଦାବି

**୭ଦିନରେ ଟଙ୍କା ଦାଖଲ କରିବାକୁ ନିର୍ଦ୍ଦେଶ**

ଭୁବନେଶ୍ୱର, ୧୪।୯(ବ୍ୟୁରୋ)

ଛାତ ଉପରେ ବେଆଇନ୍ ଭାବେ ବିଜ୍ଞାପନ ହୋର୍ଡିଂ ମାରିଥିବା ୧୭ ସଂସ୍ଥାକୁ ବିଏମ୍‌ସି ୧୩.୬ ଲକ୍ଷ ଟଙ୍କାର ଡିମାଣ୍ଡ ନୋଟ୍(ଦେୟ ଦାବି) କରିଛି। ୭ଦିନ ଭିତରେ ଉକ୍ତ ସଂସ୍ଥାଗୁଡିକ ବିଏମ୍‌ସି ନିକଟରେ ଟଙ୍କା ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଧାରିତ ସମୟରେ ଟଙ୍କା ଦାଖଲ ନ କଲେ ଓଡ଼ିଶା ପବ୍ଲିକ୍ ଡିମାଣ୍ଡ ରିକଭରି (ଓପିଡିଆର) ଆକ୍ଟ-୧୯୬୨ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଏମ୍‌ସି ଚେତାଇ ଦେଇଛି।

ବିଏମ୍‌ସି ଡିମାଣ୍ଡ୍ ନୋଟ ଜାରି କରିଥିବା ୧୭ ସଂସ୍ଥା ହେଲେ ଜାଭା ଟେକ୍ନୋକ୍ରାଟ୍, ସିପ୍ରା ଏକାଡେମୀ, କଳିଙ୍ଗ ଏକାଡେମୀ, ଅରିହନ୍ତ ଏକାଡେମୀ, ଆଇବିଟି, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଆବାକସ୍, ବେଟା, ଷ୍ଟୁଡିଓ-୧୧, ପ୍ରଜ୍ଞା, ଚାଣକ୍ୟ, ଦିଶା, କେନ୍‌ସଫ୍ଟ, ଡିଏଭି ପବ୍ଲିକ୍ ସ୍କୁଲ ପଳାଶପଲ୍ଲୀ, ଏନ୍‌ଆଇସିଇଟି, କଗ୍ନିଟିଭ୍ ପଏଣ୍ଟ୍ ଏବଂ ଏଣ୍ଡିଭରେ। ବିଏମ୍‌ସି ରାଜସ୍ୱ ଅତିରିକ୍ତ ଡେପୁଟି କମିଶନର ଶ୍ରୀମନ୍ତ ମିଶ୍ର କୁହନ୍ତି, ମୁଖ୍ୟତଃ ହକି ବିଶ୍ୱ କପ୍‌କୁ ଲକ୍ଷ୍ୟ କରି ବିଏମସି ୪୦ କି.ମି. ରାସ୍ତା ପାର୍ଶ୍ୱରେ ଥିବା ଛାତଘର ଉପରୁ ବେଆଇନ୍ ହୋର୍ଡିଂ କାଢିବ। ସହରରେ ମାଳମାଳ ହୋର୍ଡିଂ ଲଗାଯିବା ଦ୍ୱାରା ଆକାଶର ଶୋଭା ବିଖଣ୍ଡିତ ହେଉଛି। ସୂଚନାଯୋଗ୍ୟ, ବିଏମ୍‌ସି ଆଡ୍‌ଭର୍ଟାଇଜମେଣ୍ଟ ରେଗୁଲେଶନ-୨୦୦୬ ଅନୁସାରେ ୧୦୦ ବର୍ଗଫୁଟ (ଲମ୍ବ ଏବଂ ଓସାର)ର ବିଜ୍ଞାପନ ହୋର୍ଡିଂକୁ ବିଏମ୍‌ସି କର୍ମଚାରୀ ହଟାଇଲେ ୫୦୦୦ ଟଙ୍କା ଏବଂ ତା'ଠାରୁ ବଡ଼ ହୋର୍ଡିଂ ହଟାଇଲେ ୭୦୦୦ ଟଙ୍କା ନିଆଯିବ।



ବେଆଇନ ହୋର୍ଡିଂ ଉଚ୍ଛେଦ କରାଯାଉଛି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୫ ସେପ୍ଟେମ୍ବର, ୨୦୧୮



ଆତ୍ମସଂଯମ, ସାଧନା ଓ ସେବା ଦ୍ୱାରା ହିଁ ମାନବ ସମାଜରେ ଶାନ୍ତି ଓ ଆନନ୍ଦ ଆସିଥାଏ।

-ସ୍ୱାମୀ ଚିଦାନନ୍ଦ



## ସଂକ୍ଷେପରେ

### ମଦ ମୁକ୍ତ ଓଡ଼ିଶା ଆହ୍ୱାନ ବ୍ରହ୍ମଗିରିରେ ପହଞ୍ଚିଲା ସାଇକେଲ ଶୋଭାଯାତ୍ରା

ବ୍ରହ୍ମଗିରି, ୧୪।୯(ଡି.ଏନ୍.ଏ.): ଶହୀଦ ବାଘାଯତୀନଙ୍କର ଶହେତମ ବଳିଦାନ ଦିବସ ୨୦୧୫ମସିହା ସେପ୍ଟେମ୍ବର ୧୦ତାରିଖରେ ବାଲେଶ୍ୱର ବାଲିଆପାଳର ବାଘାଯତୀନ ସ୍ମୃତି ପରିଷଦ ପକ୍ଷରୁ ଆରମ୍ଭ ହୋଇଥିବା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଚତୁର୍ଥ ବର୍ଷରେ ପହଞ୍ଚିଛି। ଏ ନେଇ ଗତ ୧୦ତାରିଖରୁ ସ୍ମୃତିପରିଷଦ ପକ୍ଷରୁ ଆରମ୍ଭ ହୋଇଥିବା ସାଇକେଲ ଯୋଗେ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମ ଶୁକ୍ରବାର ବ୍ରହ୍ମଗିରିରେ ପହଞ୍ଚିଛି। 'ମା', ମାଟି, ମାତୃଭାଷାକୁ ସମ୍ମାନ, ମଦ ମୁକ୍ତ ଓଡିଶାର ଆହ୍ୱାନ' ନେଇ ଶତାଧିକ ସାଇକେଲ ଯାତ୍ରୀ ରାଜ୍ୟର କୋଣେ ଅନୁକୋଣେ ପହଞ୍ଚି ଯୁବ ପିଢି ତଥା ଜନସାଧାରଣଙ୍କୁ ସଚେତନ କରାଉଛନ୍ତି। ଏନେଇ ବାଘାଯତୀନ ସ୍ମୃତି ପରିଷଦର ସଭାପତି ଅରବିନ୍ଦ ବେହେରା କୁହନ୍ତି, ନିଜର ତଥା ସମାଜରେ ମା' ମାନଙ୍କୁ ସମ୍ମାନ କରିବା, ମାଟିକୁ ସୁରକ୍ଷା ଦେବା, ମାତୃଭାଷାର ବହୁଳ ଉପଯୋଗ କରି ମାତୃଭାଷାର ଟେକ ରଖିବା, ଯେଉଁ ବୀର ଶହୀଦମାନଙ୍କ ବଳିଦାନରେ ଆମେ ନିଜକୁ ସ୍ୱାଧୀନ ବୋଲି ଗର୍ବ କରୁଛେ ତାଙ୍କୁ ମନେ ପକାଇବା ସହିତ ତାଙ୍କ ବିଷୟରେ ଜାଣିବା, ଜନସାଧାରଣ ତୈଳ ଦରରେ ଅତିଷ୍ଠ ହୋଇପଡିଥିବା ବେଳେ ତୈଳ ଖର୍ଚ୍ଚ କାଟ କରିବା ଓ ସାଇକେଲରେ ଯାତାୟାତ କରି ନିଜକୁ ସୁସ୍ଥ ସବଳ ରଖି ଏକ ସୁଖମୟ ଜୀବନ ଯାପନ କରିବା, ସମାଜରେ ନିଶା କବଳିତ ଅସହାୟ ଭଉଣୀ ଭାଇମାନଙ୍କୁ ସଚେତନ କରାଇବା ପାଇଁ ବାଘାଯତୀନ ସ୍ମୃତି ପରିଷଦ ପକ୍ଷରୁ ଏହି ସାଇକେଲ ରାଲି ଆୟୋଜନ କରାଯାଇଛି। ଚଳିତ ବର୍ଷ ସାଇକେଲ ରାଲି ୧୦ ତାରିଖରୁ ବାଲିଆପାଳରୁ ବାହାରି ଚଷାଖଣ୍ଡ, ବାଲେଶ୍ୱର, କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ତାରାତାରିଣୀ, ଚିଲିକା, ପୁରୀ, ଅତିବଡୀ ଜଗନ୍ନାଥ ଦାସ ପୀଠ, ବ୍ରହ୍ମଗିରିର ଅଲାରନାଥ ପୀଠ, ଗଡରୋଡଙ୍ଗର ବକ୍ସି ଜଗବନ୍ଧୁ ଉଆସରେ ପରିକ୍ରମା କରିବ।

### ପୂର୍ବତନ ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କାକଟପୁର, ୧୪।୯(ଡି.ଏନ୍.ଏ.): ଶ୍ରେଷ୍ଠ ବିଧାୟକ ସମ୍ମାନରେ ସମ୍ମାନିତ ହୋଇଥିବା ପୂର୍ବତନମନ୍ତ୍ରୀ ସୁରେନ୍ଦ୍ରନାଥ ନାୟକଙ୍କୁ କାକଟପୁର, ଅସ୍ତରଙ୍ଗ, କୋଣାର୍କ ଏବଂ ଗୋପ ଅଞ୍ଚଳର ବିଜେଡି କର୍ମୀ ଏବଂ କାକଟପୁର ସଚେତନ ନାଗରିକ ପରିଷଦ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲାପରିଷଦ ସଭ୍ୟ ପଞ୍ଚାନନ ସ୍ୱାଇଁ, ମତ୍ସ୍ୟଜୀବୀ ସଂଘ ନେତା ପ୍ରସନ୍ନ କୁମାର ବେହେରା, ଯାଦବ ସଂଘ ନେତା ଶୋଭାକର ବେହେରା, ଭରତ ପଣ୍ଡା, ଅଭୟ ସେଠୀ, ରୁଦ୍ରପ୍ରସାଦ ସ୍ୱାଇଁଙ୍କ ନେତୃତ୍ୱରେ ୨ହଜାରରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ଉପସ୍ଥିତ ଥିଲେ। ପ୍ରଥମେ ତାଙ୍କୁ ଏକ ମୋଟର ସାଇକେଲ ଶୋଭାଯାତ୍ରାରେ ପାଛୋଟି ଅଣାଯାଇଥିଲା। ଏହି ଅବସରରେ ନାୟକ ଏଭଳି ସମ୍ମାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ସେ ସରକାରଙ୍କଠାରୁ ପାଇଥିବା ପୁରସ୍କାର ଅର୍ଥ ୭୫ହଜାର ଟଙ୍କାକୁ କେରଳ ବନ୍ୟା ପୀଡିତଙ୍କ ପାଇଁ ଦାନ କରିଥିବା ସୂଚନା ଦେଇଥିଲେ।



ପୁରୀ ଅଶୋକ ଗାଣପତ୍ୟ ସମିତି ଦ୍ୱାରା ନିର୍ମିତ ଆକର୍ଷଣୀୟ ତୋରଣ।



ପୁରୀ ବଳଗଣ୍ଡି ଗଣପତି ସଂଘ ଦ୍ୱାରା ପ୍ରସ୍ତୁତ ଚିତ୍ତାକର୍ଷକ ତୋରଣ।



ପୁରୀ ମୋତିଚାନ୍ଦ ବଜାରେ ନିର୍ମିତ ତୋରଣ।

■ ସମସ୍ୟା ଘେରରେ ଏମ୍‌ସିଏଚ

# ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ଘେରିଲେ ରୋଗୀଙ୍କ ସମ୍ପର୍କୀୟ

ପୁରୀ ଅଫିସ, ୧୪।୯:

ସମସ୍ୟା ଘେରରେ ରହିଛି ପ୍ରସୂତି ଓ ଶିଶୁ ଯତ୍ନ କେନ୍ଦ୍ର(ଏମସିଏଚ)। ଏହାର ପ୍ରତିବାଦରେ ପ୍ରସୂତି ୱାର୍ଡରେ ଚିକିତ୍ସାଧୀନ ରୋଗୀଙ୍କ ସମ୍ପର୍କୀୟମାନେ ଶୁକ୍ରବାର ସକାଳେ ସିଡିଏମଓଙ୍କ କାର୍ଯ୍ୟାଳୟକୁ ଘେରାଉ କରି ଧାରଣା ଦେଇଥିଲେ। ମେଡିକାଲ ଫାଣ୍ଡି ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସତ୍ତ୍ୱେ ବିଫଳ ହୋଇଥିଲା। ଖବରପାଇ ସିଡିଏମଓ ଭାସ୍କର ସାମନ୍ତରାୟ ପହଞ୍ଚି ଧାରଣାରତ ଲୋକଙ୍କ ସହ ଆଲୋଚନା କରିଥିଲେ। ପସୂତି ୱାର୍ଡରେ ବିଭିନ୍ନ ସମସ୍ୟା ନେଇ ରୋଗୀଙ୍କ ସମ୍ପର୍କୀୟଙ୍କ ସହ ଆଲୋଚନା କରିଥିଲେ। ପର୍ଯ୍ୟାୟ କ୍ରମେ ଏହି ୱାର୍ଡର ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପରେ ସିଡିଏମଓ ଏମସିଏଚର ପ୍ରତ୍ୟେକ ୱାର୍ଡ ବୁଲି ରୋଗୀଙ୍କ ସହ ଆଲୋଚନା କରିଥିଲେ। ଡ୍ୟୁଟିରେ ଥିବା ନର୍ସ ଏବଂ ମେଡିକାଲ କର୍ମଚାରୀଙ୍କୁ ରୋଗୀଙ୍କୁ ଭଲ ବ୍ୟବହାର କରିବା ଲାଗି ତାଗିଦ୍ କରିଥିଲେ।

**ୱାର୍ଡ ବୁଲିବେ ଡାକ୍ତର:** ପ୍ରସୂତି ଓ ଶିଶୁ ଯତ୍ନ କେନ୍ଦ୍ର(ଏମସିଏଚ)ରେ ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୱାର୍ଡକୁ ଡାକ୍ତରମାନେ ନିୟମିତ ଭାବେ ଆସୁନାହାନ୍ତି। କୌଣସି ଶିଶୁର ସ୍ୱାସ୍ଥ୍ୟ ଖରାପ ହେଲେ ଡାକ୍ତର ଅଥବା ନର୍ସ ଆସୁନାହାନ୍ତି। ୫ ଓ ୬ ତାଲାରେ ରହୁଥିବା ରୋଗୀ ଶିଶୁଙ୍କୁ ଧରି ଶିଡିରେ ୨ତାଲାକୁ ଆସୁଛନ୍ତି। ଏନେଇ ସିଡିଏମଓ ସାମନ୍ତରାୟ କହିଛନ୍ତି ଯେ, ଏଣିକି କୌଣସି ମହିଳା ତାଙ୍କ ଶିଶୁଙ୍କୁ ଧରି ଡାକ୍ତରଙ୍କ ପାଖକୁ ଯିବାକୁ ପଡିବ ନାହିଁ। ଡାକ୍ତରମାନେ ୱାର୍ଡକୁ ଯାଇ ପିଲାଙ୍କୁ ଦେଖିବେ, ତାହାର ବ୍ୟବସ୍ଥା କରାଯିବ।

**ନୂତନ ପ୍ରସୂତି ଓ ଶିଶୁ ଓପିଡି ଖୋଲାଯିବ:** ଅନେକ ସମୟରେ ଶିଶୁଙ୍କ ଚିକିତ୍ସା ଲାଗି ବାହାରୁ ଆସୁଥିବା ରୋଗୀଙ୍କ ସମ୍ପର୍କୀୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡାକ୍ତର ରାଉଣ୍ଡରେ ଥିବା ସମୟରେ ଶିଶୁଙ୍କୁ ଧରି ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଏଣୁ ଶିଶୁଙ୍କ ଚିକିତ୍ସାରେ ସୁବିଧା ଲାଗି ଏମସିଏଚ କୋଠା ତଳ ମହଲାରେ ପ୍ରସୂତି ଓ ଶିଶୁ ଦୁଇଟି ଅଲଗା ଓପିଡି ଖୋଲିବା ଯୋଜନା ରହିଛି। ତାହା ଖୁବ୍‌ଶୀଘ୍ର କରାଯିବ ବୋଲି ସିଡିଏମଓ କହିଛନ୍ତି।

**ଡାକ୍ତରଙ୍କୁ ତାଗିଦ୍ କରାଯିବ:** ରୋଗୀଙ୍କୁ ଅନେକ ସମୟରେ ଡାକ୍ତର ଏବଂ ନର୍ସମାନେ ଦୁର୍ବ୍ୟବହାର କରୁଥିବା ନେଇ କେତେଜଣ ରୋଗୀ ସିଡିଏମଓଙ୍କ ନିକଟରେ ଅଭିଯୋଗ କରିଥିଲେ। ମେଡିକାଲ କର୍ମଚାରୀ ଏବଂ ଡାକ୍ତର କୌଣସି ରୋଗୀଙ୍କୁ ଯେପରି ଦୁର୍ବ୍ୟବହାର ନ କରିବେ ଏବଂ ରୋଗୀଙ୍କ ଅଭିଯୋଗ ପ୍ରତି ଗୁରୁତ୍ୱ ଦେବେ ସେଥିପ୍ରତି ନିର୍ଦ୍ଦେଶ ଦିଆଯିବ ବୋଲି ସିଡିଏମଓ ସାମନ୍ତରାୟ କହିଥିଲେ।

**ସୁବ୍ୟବସ୍ଥିତ ହେବ ପାନୀୟ ଜଳ ବ୍ୟବସ୍ଥା:** ଏମସିଏଚରେ ଗତ କିଛିମାସ ଧରି ପାନୀୟ ଜଳ ସମସ୍ୟା ଲାଗି ରହିଥିବା ନେଇ ଅନେକ ରୋଗୀ ସିଡିଏମଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଶୌଚାଳୟକୁ ପାଣି ଆସୁନି। ଆକ୍ୱାଗାର୍ଡ ଅଚଳ ହୋଇପଡିଛି। ଫଳରେ ରୋଗୀ ପାଇଁ ଓପିଡିକୁ ଦୌଡୁଛନ୍ତି ବୋଲି ଅଭିଯୋଗରେ ସିଡିଏମଓ ସାମନ୍ତରାୟ କହିଲେ ଯେ, ଏହାର ସ୍ଥାୟୀ ସମାଧାନ ଲାଗି ଯୋଜନା କରାଯାଉଛି।

**ଅଭିଯୋଗ କଲେ, କଟକ ସ୍ଥାନାନ୍ତର କରାଯାଉଛି:** ଅନେକ ସମୟରେ ଡାକ୍ତର ଓ ନର୍ସମାନେ ଚିକିତ୍ସାରେ ଅବହେଳା କରୁଥିବା ନେଇ ଅଭିଯୋଗ ବଢ଼ିବାରେ ଲାଗିଛି। ପ୍ରସୂତି ଓ ଶିଶୁ ୱାର୍ଡରେ ଡାକ୍ତରମାନେ ୱାର୍ଡକୁ ଆସୁନାହାନ୍ତି। ଏହାର ପ୍ରତିବାଦ କଲେ, ଗୁରୁତର ରୋଗୀଙ୍କୁ କଟକ ସ୍ଥାନାନ୍ତର କରାଯାଉଛି ବୋଲି କେତେଜଣ ରୋଗୀଙ୍କ ସମ୍ପର୍କୀୟ ସିଡିଏମଓଙ୍କୁ ଜଣାଇଥିଲେ। ଏଭଳି ସମସ୍ୟା ଉପୁଜିଲେ, ସିଧାସଳଖ ତାଙ୍କୁ ଫୋନ କରି ଜଣାଇବା ଲାଗି ସିଡିଏମଓ ସେମାନଙ୍କୁ ପରାମର୍ଶ ଦେଇଥିଲେ।

### ୱାର୍ଡ ବୁଲିଲେ, ରୋଗୀଙ୍କ ସମସ୍ୟା ବୁଝିଲେ ସିଡିଏମ୍‌ଓ



ରୋଗୀଙ୍କ ସମ୍ପର୍କୀୟମାନେ ସିଡିଏମ୍‌ଓଙ୍କ ଅଫିସକୁ ଘେରାଉ କରିଛନ୍ତି।

# ଏଏସ୍‌ଆଇ କାର୍ଯ୍ୟାଳୟ ଆଗରେ ଧାରଣା



ଏଏସ୍‌ଆଇ କାର୍ଯ୍ୟାଳୟ ଆଗରେ ଶ୍ରମିକମାନେ ଧାରଣା ଦେଇଛନ୍ତି।

ପୁରୀ ଅଫିସ, ୧୪।୯:

ଶ୍ରୀମନ୍ଦିର ମରାମତି କାମରେ ନିୟୋଜିତ ଶ୍ରମିକମାନେ ଶୁକ୍ରବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ସ୍ଥାୟୀ ନିଯୁକ୍ତି ଏବଂ ସେମାନଙ୍କୁ ଏଏସ୍‌ଆଇ କାର୍ଯ୍ୟରେ ନିୟୋଜିତ କରୁ ବୋଲି ଦାବି କରି ଶ୍ରମିକମାନେ ସ୍ଥାନୀୟ ଏଏସ୍‌ଆଇ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଏଏସ୍‌ଆଇ କର୍ମଚାରୀ ଓ ଶ୍ରମିକ ସଂଘ ପୁରୀ ଉପମଣ୍ଡଳ ଉପସଭାପତି ସନ୍ତୋଷ ପଟ୍ଟନାୟକ କହିଛନ୍ତି ଯେ, ଏଏସ୍‌ଆଇ ଅଧୀନରେ ଶ୍ରମିକମାନେ ୧୦ରୁ ୧୫ ବର୍ଷ ହେଲା କାମ କରିଆସୁଛନ୍ତି। କିନ୍ତୁ ବିନା କାରଣରେ ଏବଂ ନୋଟିସ ନ ଦେଇ ଗତ ୧ ତାରିଖରୁ ଶ୍ରମିକଙ୍କୁ ଛଟେଇ କରାଯାଇଛି। ଶ୍ରୀମନ୍ଦିରର ମରାମତି ଓ ରକ୍ଷଣାବେକ୍ଷଣ ଠିକା ସଂସ୍ଥା ଦ୍ୱାରା ସମ୍ପାଦନ କରିବା ଏବଂ ଏହି ସଂସ୍ଥା ଅଧୀନରେ କାମ କରିବାକୁ ଶ୍ରମିକମାନଙ୍କୁ ଏଏସ୍‌ଆଇ ବାଧ୍ୟ କରୁଛି। ଆଉଟ୍‌ସୋର୍ସିଂ ଆଳ ଦେଖାଇ ଶ୍ରୀମନ୍ଦିର ମରାମତି କାମରେ ନିୟୋଜିତ ପ୍ରାୟ ୩୮ ଜଣଙ୍କୁ ଛଟେଇ କରାଯାଇଛି। ଗତ ଅଗଷ୍ଟ ୪ରେ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ସୁବାସ ନାୟକ କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ସାକ୍ଷାତ କରି ଏ ବିଷୟରେ ଅବଗତ କରାଇଥିଲେ। ଏହାର ସ୍ଥାୟୀ ପ୍ରତିକାର କରିବା ଲାଗି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ହେଲେ କେତେଜଣ ଅଫିସର କେତେଜଣ ଠିକାଦାରଙ୍କ ସହ ମିଶି ଏହାକୁ ଘରୋଇକରଣ କରିବା ପାଇଁ ମସୁଧା ଚଳାଇଛନ୍ତି, ଯେଉଁଥିପାଇଁ ଆମ୍ଭମାନଙ୍କ ଜୀବିକା ବିପଦକୁ ଠେଲି ହୋଇଯିବାର ସମ୍ଭାବନା ସୃଷ୍ଟି ହୋଇଛି। ତେଣୁ ଦୀର୍ଘ ୧୫ ବର୍ଷ ଧରି କାମ କରୁଥିବା ଅସ୍ଥାୟୀ ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି, ଠିକା ସଂସ୍ଥା ବଦଳରେ ଶ୍ରମିକଙ୍କୁ ଏଏସ୍‌ଆଇ ପୂର୍ବଭଳି କାମରେ ନିୟୋଜିତ କରିବାକୁ ପଟ୍ଟନାୟକ ଦାବି କରିଛନ୍ତି।



ପୁରୀ ଡା'ର ଗଣେଶଙ୍କ ପାଖରେ ଶୁକ୍ରବାର ଅନନ୍ୟା କଳାମନ୍ଦିର ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି।

# ପୂର୍ବ ଶତ୍ରୁତାରୁ ଅଟୋଚାଳକଙ୍କୁ ଆକ୍ରମଣ

ନିମାପଡ଼ା,୧୪।୯(ଡି.ଏନ୍.ଏ.)

ନିମାପଡ଼ା ଥାନା ବାସନାଳ-ନିମାପଡ଼ା ରାସ୍ତାର ଦଅଁରା ଛକ ନିକଟରେ ଶୁକ୍ରବାର ରାତିରେ ଜଣେ ଦୁର୍ବୃତ୍ତ ଏକ ଅଟୋଚାଳକଙ୍କୁ କଟୁରିରେ ହାଣି ୨ହଜାର ଟଙ୍କା ଲୁଟି ନେଇ ଚମ୍ପଟ ମାରିଛନ୍ତି। ଆକ୍ରମଣରେ ଅଟୋଚାଳକ ଜଣଙ୍କ ଗୁରୁତର ଭାବେ ଆହତ ହୋଇ ନିମାପଡ଼ା ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି। ଫଳରେ ତାଙ୍କର ଡାହାଣ ହାତ ଓ ଆଙ୍ଗୁଠିରେ ଗଭୀର କ୍ଷତ ହୋଇଥିବାରୁ ଅବସ୍ଥା ସଂକଟାପନ୍ନ ହୋଇପଡିଛି। ଆହତ ଅଟୋଚାଳକ ହେଲେ ବାଲିପାଟଣା ଥାନା ସୁମୁଦି ଗ୍ରାମର ରାଜକିଶୋର ସ୍ୱାଇଁ। ପୂର୍ବଶତ୍ରୁତା ଓ ବିବାଦ ଯୋଗୁ ରାଜକିଶୋରଙ୍କ ଉପରେ ଏହି ଆକ୍ରମଣ ହୋଇଥିବା ନେଇ ତାଙ୍କ ପୁଅ ସରୋଜ ସ୍ୱାଇଁ, ସମ୍ପର୍କୀୟ ସୁବ୍ରତ ସ୍ୱାଇଁ, ଗୁଲୁଚରଣ ସ୍ୱାଇଁ କହିଛନ୍ତି। ସୂଚନା ଅନୁଯାୟୀ, ଅଟୋଚାଳକ ରାଜକିଶୋର ବନମାଳୀପୁରରୁ ୫ଜଣ ଯାତ୍ରୀଙ୍କୁ ନେଇ ନିମାପଡ଼ା ଥାନା ବାମନାଳ ଅଞ୍ଚଳକୁ ଭଡାରେ ଆସି ପୁନଶ୍ଚ ରାତିରେ ଫେରିବା ବେଳେ ୩ଟି ବାଇକରେ ୬ଜଣ ଦୁର୍ବୃତ୍ତ ତାଙ୍କ ପିଛା କରିଥିଲେ। ତନ୍ମଧ୍ୟରୁ ୫ଜଣ ବ୍ୟକ୍ତି ବାଇକ୍ ନିକଟରେ ଥିବାବେଳେ ସୁମୁଦିଗ୍ରାମର ରାଜୀବଲୋଚନ ସ୍ୱାଇଁ ଦଅଁରା ଛକ ନିକଟରେ ଅଟୋ ଅଟକାଇ ଚାଳକ ରାଜକିଶୋରଙ୍କୁ ହାଣି ଟଙ୍କା ଲୁଟିନେଇ ଅନ୍ୟମାନଙ୍କ ସହ ଖସି ପଳାଇଥିଲେ। ରିପୋର୍ଟ ଲେଖାଯିବା ବେଳକୁ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନଥିବା ଜଣାପଡିଛି।

# କବିତାରେ ପ୍ରାଣର ଭାବ ଆବଶ୍ୟକ

ପୁରୀ ଅଫିସ, ୧୪।୯:

ହୃଦୟର ଭାଷା କୁହେ କବିତା। କବିତା ଗୀତରେ ହେଉକି ଭାଷାରେ ହେଉ, ଦରଦରେ ହେଉ ଅବା ଦରଜରେ ହେଉ ଏଥିରେ ପୂରା ପ୍ରାଣର ଭାବ ରହିବା ଆବଶ୍ୟକ। କବି ମଣିଷଟିଏ ଦରଦୀ ହୃଦୟକୁ କବିତା ମାଧ୍ୟମରେ ଯୋଡ଼ିବାର ପ୍ରୟାସ କରିବା ଦରକାର ବୋଲି ମତପ୍ରକାଶ ପାଇଛି। ଶ୍ରୀପର୍ଣ୍ଣା ପ୍ରକାଶନୀ ପକ୍ଷରୁ ଶୁକ୍ରବାର ହୋଟେଲ ନାୟକ ବିଚ୍ ରିସର୍ଟରେ କବି କୈଳାସ ରାୟଙ୍କ କବିତା ପୁସ୍ତକ ତୁମେ କେଉଁଠି ଈଶ୍ୱର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କବି ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହରିହର ମିଶ୍ର ପୁସ୍ତକକୁ ଉନ୍ମୋଚନ କରି କହିଥିଲେ, ପରମ୍ପରା ନ ଭାଙ୍ଗିଲେ ନୂଆ ସୃଷ୍ଟି ହୁଏ ନାହିଁ। ପାଠକୀୟ ଅନୁଭୂତି ଏବଂ କବି ଅନୁଭୂତି ମିଶିଗଲେ କବିତା ରଚନା ସଫଳ ହୁଏ। କବି ଉମାକାନ୍ତ ମହାପାତ୍ର ପ୍ରକାଶକୀୟ ଅଭିବ୍ୟକ୍ତି ପ୍ରକାଶ କରିଥିଲେ। ପୁସ୍ତକର ରଚୟିତା କବି ରାୟ କହିଥିଲେ, ନିଜ ଭିତରେ ମଣିଷ ଈଶ୍ୱରୀୟ ମହାଭାବର ସନ୍ଧାନ କରିପାରିଲେ ହିଁ ସବୁରି ଭିତରେ ଈଶ୍ୱରୀୟ ଦର୍ଶନ କରିପାରିବ। ଏହି ସମାରୋହରେ ଡ. ବଳରାମ ଦାସ, ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ଡ. ଦିଲୀପ କୁମାର ସ୍ୱାଇଁ, କବି ମଧୁସୂଦନ ଦାସ, ଅଧ୍ୟାପକ ଜନ୍ମେଜୟ ଦ୍ୱିବେଦୀ, କବି ଲକ୍ଷ୍ମୀକାନ୍ତ ତ୍ରିପାଠୀ, ପବିତ୍ର ମୋହନ ଦାଶ ପ୍ରମୁଖ ଓଡ଼ିଆ କବିତାର ଗୀତି, ପ୍ରକୃତି, ଆଙ୍ଗିକ ଓ ଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ କବି ଚିନ୍ମୟ ବିବେକ ଏବଂ ଦେବୀ ପ୍ରସାଦ ମହାପାତ୍ର ସଂଯୋଜନା କରିଥିଲେ। କବି ସନ୍ନ୍ୟାସୀ ନାୟକ, କ୍ରିଷ୍ଣା ମହାପାତ୍ର, ସର୍ବାଣି ଦାସ, କାମଦେବ ମହାରଣା ପ୍ରମୁଖ ତୁମେ କେଉଁଠି ଈଶ୍ୱର ପୁସ୍ତକରେ ସ୍ଥାନିତ କବିତା ପାଠ କରିଥିଲେ।



ଅତିଥିମାନେ 'ତୁମେ କେଉଁଠି ଈଶ୍ୱର' କବିତା ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

# ବିଦ୍ୟୁତ୍ ସମସ୍ୟା ସମାଧାନ ଦାବିରେ ରାସ୍ତାରୋକୋ

ପୁରୀ ଅଫିସ, ୧୪।୯:

ବିଦ୍ୟୁତ୍ ସମସ୍ୟା ସମାଧାନ ଦାବିରେ ପୁରୀ ସଦର ବ୍ଲକ ନୀଳଚକ୍ର ନଗର ବାସିନ୍ଦା ଶୁକ୍ରବାର ପୂର୍ବାହ୍ନ ୧୧ଟାରୁ ଏକ ଘଣ୍ଟା ଧରି ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥକୁ ଚାରିନଳା ସ୍ଥିତ ସବ୍ ଷ୍ଟେଶନ ନିକଟରେ ଅବରୋଧ କରିଥିଲେ। ଫଳରେ ଉଭୟ ପଟୁ ଯାନବାହନ ଅଟକି ରହିଥିଲା। ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପୁରୀ ଆସୁଥିବା ଯାତ୍ରୀମାନେ ଚାରିନଳା ନିକଟରେ ଓହ୍ଲାଇ ଚାଲି ଚାଲି ଯାଇଥିଲେ। ସଦର ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା।

ବିଦ୍ୟୁତ୍ ସମସ୍ୟା ନେଇ ସକାଳ ୯ଟାରେ ଶତାଧିକ ସାହି ବାସିନ୍ଦା ଚାରିନଳା ସ୍ଥିତ ସେସୁ କାର୍ଯ୍ୟାଳୟକୁ ଆସିଥିଲେ। କାର୍ଯ୍ୟାଳୟ ନିକଟରେ ପ୍ରାୟ ଦୁଇଘଣ୍ଟା ପର୍ଯ୍ୟନ୍ତ ରହିଥିଲେ ହେଁ କେହି କର୍ମଚାରୀ ଆସି ନ ଥିଲେ। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲେ। ଉତ୍ତେଜିତ ସାହି ବାସିନ୍ଦା କାର୍ଯ୍ୟାଳୟ ଆଗରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ତୁରନ୍ତ ବିଦ୍ୟୁତ୍ ସମସ୍ୟା ସମାଧାନ କରା ନ ଗଲେ, ଆଗାମୀ ଦିନରେ ସେସୁ ମୁଖ୍ୟ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସାହି ବାସିନ୍ଦା ଚେତାବନୀ ଦେଇଛନ୍ତି।

ନୀଳଚକ୍ର ନଗର ୱାର୍ଡ ସଭ୍ୟ କୁନା ଚରଣ ବାରିକ କୁହନ୍ତି, ଗତ ଏକ ସପ୍ତାହ ଧରି ଉକ୍ତ ଅଞ୍ଚଳରେ ବିଦ୍ୟୁତ୍ ସମସ୍ୟା ଲାଗି ରହିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଟ୍ରାନ୍ସଫର୍ମରରେ ଯାନ୍ତ୍ରିକ ତ୍ରୁଟି ରହିଥିବା ଦର୍ଶାଇ ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ଚୁପ ବସିଛନ୍ତି। ଏହାର ସ୍ଥାୟୀ ସମାଧାନ ଦାବିରେ ଏହି ରାସ୍ତାରୋକୋ କରାଯାଇଥିଲା। ଏ ନେଇ ସେକ୍ସନ ଇଞ୍ଜିନିୟର ଏବଂ ସେସୁ କାର୍ଯ୍ୟାଳୟରେ ଅଭିଯୋଗ କରାଯାଇଛି। ପ୍ରତିଦିନ କେବଳ ଦୁଇରୁ ତିନି ଘଣ୍ଟା ବିଦ୍ୟୁତ୍ ରହୁଛି। ସନ୍ଧ୍ୟା ହେଲେ ଲୋ ଭୋଲଟେଜ୍‌ଜନିତ ସମସ୍ୟା ରହୁଛି। ବୋଲି ବାରିକ କହିଛନ୍ତି।



ନୀଳଚକ୍ର ନଗରବାସୀ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।